◆ RNI REGD NO: 42041/83 ◆ www.sakalaepaper.com ◆ /sakalanews ◆ /sakalanews ◆ www.thesakala.in



ଧ୍ୟାୟେ ନିତ୍ୟଂ ମହେଶଂ ରଜତଗିରିନିଭଂ ଚାରୁଚନ୍ଦ୍ରାବତଂସଂ,
ରତ୍ନାକଳ୍ପୋଜ୍ୱଳାଙ୍ଗଂ ପରଶୁ ମୃଗବରା ଭୀତି ହସ୍ତଂ ପ୍ରସନ୍ନଂ ।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-230 ◆SUNDAY ◆15 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୩୦ ◆ରବିବାର ◆୧୫ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)

ପ୍ରମୋଦ ଭଗତଙ୍କୁ ୬ଷ୍ଠ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍

■ ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ବାହାରିନରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବିଶ୍ୱ ଚାମ୍ପିଅନସିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ଚାମ୍ପିଅନ ହୋଇଛନ୍ତି । ପୁରୁଷ ବ୍ୟାଡ଼ମିଣ୍ଟନର ଏସଏଲ୍-୩ ବର୍ଗର ଫାଇନାଲରେ ପ୍ରମୋଦ ୨୧-୧୨, ୨୧-୧୮ ସିଧାସଳଖ ଗେମରେ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମ୍ରାନଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୩୭ ବର୍ଷୀୟ ପ୍ରମୋଦଙ୍କ ଏହା କ୍ରମାଗତ ୪ର୍ଥ ଓ ମୋଟ୍ ଉପରେ ୬ଷ୍ଠ ପାରା ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍ । ଏସଏଲ୍-୩ ବର୍ଗରେ ପ୍ରଭାବ ବିସ୍ତାର କରିଥିବା ପ୍ରମୋଦ



ଏଥିପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨ ଓ ୨୦୨୪ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଷଷ୍ଠ ବିଶ୍ୱ ଟାଇଟଲ୍ ସହ ପ୍ରମୋଦ ଚୀନର କିମ୍ବଦନ୍ତୀ ଖେଳାଳି ଲିନ୍ ଡାନଙ୍କୁ ଟପିଛନ୍ତି । ଲି ତାଙ୍କ କ୍ୟାରିୟରରେ ପାଞ୍ଚଥର ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍ ହାସଲ କରିଥିଲେ । ଅପରପକ୍ଷରେ ସୁକାନ୍ତ କଦମଙ୍କୁ ସାଥୀ କରି ପ୍ରମୋଦ ଏଠାରେ ପୁରୁଷ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ଫଳରେ ଏହି ପାରା ବିଶ୍ୱ ଚାମ୍ପିଅନସିପରେ ପ୍ରମୋଦ ଦୁଇଟି ଟାଇଟଲ୍ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି ।

ଟି-୨୦ ବିଶ୍ୱକପ୍

ଭାରତ-ପାକିସ୍ତାନ ହାଇ-ଭୋଲଟେଜ୍ ଟକ୍କର ଆଜି

■ କଲମ୍ବୋ, ୧୪।୨ (ଏଜେନ୍ସି): ଶ୍ରୀଲଙ୍କାର କଲମ୍ବୋସ୍ଥିତ ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ୨୦୨୬ ଟି-୨୦ ବିଶ୍ୱକପ୍‌ର ମହାମୁକାବିଲା ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ତାକାଲି ଅନୁଷ୍ଠିତ ହେବ । ଗ୍ରୁପ୍-ଏ'ରେ ଖେଳାଯିବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ଉଭୟ ଦଳ ୨ଟି ଲେଖାଏଁ ମ୍ୟାଚ୍ ଜିତି ମହାଲଢ଼େଇ ଲାଗି ପ୍ରସ୍ତୁତ ହୋଇଯାଇଛନ୍ତି । କଲମ୍ବୋର ମନ୍ଥର ପିଚ୍‌ରେ ଭାରତର ତାରକା ବ୍ୟାଟର ଓ ପ୍ରଭାବ ବିସ୍ତାର କରିଥିବା ପାକିସ୍ତାନୀ ସ୍ପିନରଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହେବାର ସମ୍ଭାବନା ରହିଛି । ଏହି ମ୍ୟାଚ୍‌କୁ ନେଇ ସାରା ବିଶ୍ୱର କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଭରି ରହିଛି । ତେବେ ଏହି ମ୍ୟାଚ୍‌ରେ ବର୍ଷା ବାଧା ସୃଷ୍ଟି କରିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଟି-୨୦ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ଭାରତ ଓ ପାକିସ୍ତାନ ମୋଟ୍



୮ ଥର ଭେଟାଭେଟି ହୋଇଥିଲା ବେଳେ ଏଥିମଧ୍ୟରୁ ଭାରତ ୭ଟିରେ ଜିତିଥିଲା ବେଳେ ପାକିସ୍ତାନ ମାତ୍ର ଗୋଟିଏ ମ୍ୟାଚ୍ ଜିତିଛି । ▶ପୃଷ୍ଠା-୭

ବ୍ରିଟେନ ଓ ୟୁରୋପୀୟ ନେତାଙ୍କ ଦାବି

ବିରୋଧୀ ଦଳ ନେତାଙ୍କୁ ବିଷ ଦେଇ ମାରିଥିଲେ ପୁଟିନ

■ ଲଣ୍ଡନ, ୧୪।୨ (ଏଜେନ୍ସି): ଚୀନ ଓ ଉତ୍ତର କୋରିଆରେ ବିରୋଧୀର ନେତାମାନଙ୍କୁ ରାସ୍ତାରୁ ହଟାଇବା ପାଇଁ ଏକଛତ୍ରବାଦୀ ନେତା ଯେଉଁ ଉପାୟ ଅବଲମ୍ବନ କରନ୍ତି ରୁଷିଆରେ ମଧ୍ୟ ରାଷ୍ଟ୍ରପତି ପୁଟିନ ଠିକ୍ ସେହି ପନ୍ଥା ଆପଣାଇଛନ୍ତି । ରୁଷରେ ବିରୋଧୀ ଦଳ ନେତା



ଜେଲ୍‌ରେ ଦିଆ ଯାଇଥିଲା 'ଡାର୍ଟ ଫ୍ରଗ୍ ଟକ୍ସିନ'

ଆଲେକ୍ସି ନଭଲେନିଙ୍କୁ ରାଷ୍ଟ୍ରପତି ପୁଟିନ ଜେଲ୍‌ରେ ବିଷ ଦେଇ ହତ୍ୟା କରାଇବା ଘଟଣାରୁ ଏହାର ପ୍ରମାଣ ମିଳୁଛି । ନଭଲେନିଙ୍କୁ ମାରିବା ପାଇଁ ଜେଲ୍‌ରେ ତାଙ୍କୁ ଏକ ବିଷ ଇଞ୍ଜେକ୍ସନ ଦିଆଯାଇଥିଲା । ଏହି ବିଷକୁ ଦକ୍ଷିଣ ଆମେରିକାରେ ଦେଖା ଯାଉଥିବା ବିଷାକ୍ତ 'ଡାର୍ଟ ଫ୍ରଗ'ଠାରୁ ବିକଶିତ କରାଯାଇଥିଲା । ବ୍ରିଟେନ ଏବଂ ଏହାର ୟୁରୋପୀୟ ସହଯୋଗୀ ରାଷ୍ଟ୍ରଙ୍କ ପକ୍ଷରୁ ଏଭଳି ଦାବି କରାଯାଇଛି । ଏହା ରୁଷ ରାଷ୍ଟ୍ରପତିଙ୍କ କ୍ରୂର ରୂପକୁ ପଦାରେ ପକାଇ ଦେଇଛି ବୋଲି କୁହାଯାଉଛି । ନଭଲେନିଙ୍କ ମୃତ୍ୟୁର ଦୁଇ ବର୍ଷ ପରେ ପୁଣି ଏହି ପ୍ରସଙ୍ଗ ତାଜା ହୋଇଯାଇଛି । ନିଜ ବିରୋଧୀଙ୍କୁ ରୁଷ ରାଷ୍ଟ୍ରପତି କେମିତି ରାସ୍ତାରୁ ହଟାଇ ଦିଅନ୍ତି ଏହା ତାହାର ଜ୍ୱଳନ୍ତ ଉଦାହରଣ ▶ପୃଷ୍ଠା-୭

ସେଚ ବିକାଶକୁ କ୍ୟାବିନେଟ ମୋହର

■ ଭୁବନେଶ୍ୱର, ୧୪।୨ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୪ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏହି ପ୍ରସ୍ତାବ ମଧ୍ୟରେ ୩ଟି ଜଳସମ୍ପଦ ବିଭାଗର ପ୍ରସ୍ତାବ ଥିବା ବେଳେ ଅନ୍ୟଟି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ଅନ୍ତର୍ଭୁକ୍ତ ରହିଛି । ଜଳସମ୍ପଦ ବିଭାଗର ୩ଟି ପ୍ରସ୍ତାବ ଦ୍ୱାରା ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧୀନରେ ସାଳନ୍ଦୀ ବାମ ମୁଖ୍ୟ କେନାଲରେ ଭୂତଳ ପାଇପଲାଇନ ବ୍ୟବସ୍ଥା ଦ୍ୱାରା ବିତରଣ ପ୍ରଣାଳୀର ୩ଟି ପ୍ୟାକେଜ ନିର୍ମାଣକୁ ଅନୁମୋଦନ ମିଳିଛି । ଏହାଦ୍ୱାରା ବାଲେଶ୍ୱର ଜିଲ୍ଲାର ମୋଟ ୧୫୮୬୭ ହେକ୍ଟର ଚାଷଜମିକୁ ଜଳସେଚିତ କରାଯାଇପାରିବ । ଏଥିପାଇଁ ୩୫୯ କୋଟି ୭୭ ଲକ୍ଷ ୧୨ ହଜାର ୬୪୬ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି ।

ବୈଠକ ଶେଷ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ଏକ ବୃହତ ଜଳସେଚନ ପ୍ରକଳ୍ପ ଯେଉଁଥିରେ ବୈତରଣୀ ନଦୀ ଉପରେ ଆନନ୍ଦପୁର ବ୍ୟାରେଜ ଓ ଏହାର ବିତରଣ ପ୍ରଣାଳୀ ର ନିର୍ମାଣ ଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ▶ପୃଷ୍ଠା-୭

୪ ପ୍ରସ୍ତାବକୁ ମଞ୍ଜୁରୀ

- ସାଳନ୍ଦୀ ବାମ ମୁଖ୍ୟ କେନାଲରେ ଭୂତଳ ପାଇପଲାଇନ ବ୍ୟବସ୍ଥା ଦ୍ୱାରା ନିର୍ମାଣ ହେବ ୩ ବିତରଣ ପ୍ରଣାଳୀ
- ଖର୍ଚ୍ଚ ହେବ ୩୫୯ କୋଟି ୭୭ ଲକ୍ଷ ଟଙ୍କା
- ବାଲେଶ୍ୱର ଜିଲ୍ଲାର ୧୫୮୬୭ ହେକ୍ଟର ଜମିରେ ପହଞ୍ଚିବ ପାଣି
- ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ରେଡିଓଗ୍ରାଫର ସେବା (ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬କୁ ଅନୁମୋଦନ

ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ

ବଜେଟ ଆକାର ଛୁଇଁବ ୩.୧୦ ଲକ୍ଷ କୋଟି !


■ ଭୁବନେଶ୍ୱର, ୧୪।୨ (ସମିସ): ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ପ୍ରଥମେ ରାଜ୍ୟ ମନ୍ତ୍ରୀ ପରିଷଦ ଏବଂ ପରେ କ୍ୟାବିନେଟ୍ ବୈଠକରେ ପ୍ରାୟ ୩.୧୦ ଲକ୍ଷ କୋଟିର ପୂର୍ଣ୍ଣାଙ୍ଗ ବଜେଟ ଚିଠା ପ୍ରସ୍ତାବ ଉପରେ ମୋହର ବାଜିଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ । ଆସନ୍ତା ୧୭ ତାରିଖରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ । ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ । ଏଥିସହ ମାର୍ଚ୍ଚ ୩୧ ତାରିଖରେ ଗୃହରେ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ ହେବା ସହ ବଜେଟ ଗୃହର ▶ପୃଷ୍ଠା-୭

୨୦ରେ ବଜେଟ, ମାର୍ଚ୍ଚ ୩୧ରେ ବ୍ୟୟମଞ୍ଜୁରୀ ବିଧେୟକ

ଅଧିକାରୀଙ୍କ ଉପରେ କେନ୍ଦ୍ର ଲଗାଇବ ଅଙ୍କୁଶ

ଅବସରର ୨୦ ବର୍ଷ ଯାଏଁ ଛାପି ପାରିବେନି ପୁସ୍ତକ

■ ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ଏମଏମ୍ ନରବାଣେଙ୍କ ଅପ୍ରକାଶିତ ପୁସ୍ତକକୁ ନେଇ ଭାରତୀୟ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ କେନ୍ଦ୍ର ସରକାର ଅବସରପ୍ରାପ୍ତ ଅଧିକାରୀଙ୍କ ପୁସ୍ତକ ପ୍ରକାଶନ ନେଇ ନୂଆ ଗାଇଡଲାଇନ୍ସ ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି । ତିନି ଦିନ ତଳେ ପ୍ରତିରକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ବୈଠକରେ ଏସଂପର୍କରେ ବିଚାରବିମର୍ଶ ହୋଇଛି । ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ସେନା ଅଧିକାରୀମାନେ ଅବସର ନେବାର ୨୦ ବର୍ଷ ପର୍ଯ୍ୟନ୍ତ ପୁସ୍ତକ ପ୍ରକାଶ କରିବା ଉପରେ କଟକଣା ଜାରି କରାଯାଇପାରେ । ଏବେ ଏଭଳି କୌଣସି ଗାଇଡଲାଇନ୍ସ ନଥିବା ବେଳେ ଜାତୀୟ ସୁରକ୍ଷା ଓ ସେନାବାହିନୀର ସ୍ୱାର୍ଥ ଦୃଷ୍ଟିରୁ ଏହା ଜରୁରୀ ହୋଇପଡ଼ିଛି । ଏଭଳି ଯୋଜନା ନେଇ ପ୍ରାଥମିକ ସ୍ତରରେ ଆଲୋଚନା ହୋଇଛି । ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଏହା ଉପରେ ଅଧିକ ବିଚାରବିମର୍ଶ କରାଯିବ ବୋଲି ସେ କହିଛନ୍ତି । କେନ୍ଦ୍ର ସରକାରଙ୍କର ଆଉ ଜଣେ ଅଧିକାରୀ କହିଛନ୍ତି ଯେ ସେନା- ଧିକାରୀଙ୍କ ଭଳି କେନ୍ଦ୍ର ସରକାରଙ୍କ ବରିଷ୍ଠ ପଦପଦବୀରେ ଥିବା ଅଧିକାରୀଙ୍କ ପାଇଁ ମଧ୍ୟ ଏଭଳି ଗାଇଡଲାଇନ୍ସ ପ୍ରସ୍ତୁତ କରାଯିବ । ଅବସର ପରେ ପୁସ୍ତକ ପ୍ରକାଶନ ଉପରେ ୨୦ ବର୍ଷର 'କୁଲିଂ-ଅଫ୍- ପିରିୟଡ୍' ଲାଗୁ କରିବାକୁ ସରକାର ଚିନ୍ତା କରୁଛନ୍ତି । ଏଥିପାଇଁ ଅଫିସିଆଲ ସିକ୍ରେଟ୍ ଆଇନରେ ଆବଶ୍ୟକ ସଂଶୋଧନ କରାଯିବ । ଅବସରପ୍ରାପ୍ତ ସେନା ▶ପୃଷ୍ଠା-୭



ଚୌଦ୍ୱାର ଜେଲରୁ ବିହାରୀ କଏଦୀ ଫେରାର୍ ମାମଲା

ବୃନ୍ଦାବନରୁ ଧରାହେଲା ମଧୁକାନ୍ତ

■ ଭୁବନେଶ୍ୱର, ୧୪।୨ (ସମିସ): ଚୌଦ୍ୱାର ସର୍କଲ ଜେଲରୁ ଚମ୍ପଟ ମାରିଥିବା ଦୁର୍ଦ୍ଦାନ୍ତ ବିହାରୀ କଏଦୀ ମଧୁକାନ୍ତ ରାଣା ପୁଲିସ ହାତରେ ଧରାପଡ଼ିଛି । ବୃନ୍ଦାବନର ଏକ ମଠରେ ସେ ଲୁଚିଥିଲା ବେଳେ ପୁଲିସ ଛଦ୍ମବେଶରେ ତାକୁ ଧରିଛି । ମଧୁକାନ୍ତ ଦିଲ୍ଲୀ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ମିଜୋରାମ, ନାଗାଲାଣ୍ଡ ଏବଂ ଆସାମ୍ ଭଳି ରାଜ୍ୟ ବୁଲିବା ପରେ ଉତ୍ତରପ୍ରଦେଶର ବୃନ୍ଦାବନରେ ଲୁଚିଥିଲା । ତେବେ ଜେଲରୁ ତା' ସହ ଫେରାର୍ ହୋଇଥିବା ଅନ୍ୟ ସହଯୋଗୀ ଅଭିଯୁକ୍ତ ରାଜା ସାହାଣୀ ଏବେ ବି ଫେରାର୍ ରହିଛି । ପୁଲିସ ସେବା ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର୍ ଡ. ଏସ୍. ଦେବଦତ୍ତ ସିଂ ଆଜି ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି ।

୨୦୨୫ ମସିହାରେ ଯାଜପୁର ପାଣିକୋଇଲି ଥାନା ଅଞ୍ଚଳରେ ଘଟିଥିବା ଏକ ଡକାୟତି ମାମଲାରେ ଗିରଫ ହୋଇଥିବା ମଧୁକାନ୍ତ ଓ ରାଜା ଚୌଦ୍ୱାର ସର୍କଲ ଜେଲରେ ଥିଲେ । ଅକ୍ଟୋବର ୨ ତାରିଖରେ ଉଭୟ ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିଲା । ଏନେଇ ଚୌଦ୍ୱାର ଥାନାରେ ଏକ ମାମଲା ରୁଜୁ ହୋଇଥିଲା ।

ପୁଲିସ ସୂଚନା ମୁତାବକ, ଜେଲରୁ ଚମ୍ପଟ ମାରିବା ପରେ ଏହି ଦୁଇ ଅଭିଯୁକ୍ତ ଏକ ଜଳାଶୟରେ କିଛି ସମୟ ପାଇଁ ଲୁଚି ରହିଥିଲେ । କାହାରି ଯେପରି ସନ୍ଦେହ ନ ହେବ, ସେଥିପାଇଁ ପାଣି ଭିତରେ ବୁଡ଼ି ରହିଥିଲେ । ପରେ ଏକ ପାଦଚଲା ରାସ୍ତାରେ ନିକଟସ୍ଥ ରେଳ ଷ୍ଟେସନ୍‌କୁ ଯାଇଥିଲେ । ସେଠାରୁ ଟ୍ରେନ୍ ଯୋଗେ ସେମାନେ ପ୍ରଥମେ ପୁରୀ ପଳାଇଥିଲେ । ପୁରୀରେ ଗୋଟିଏ ଦିନ ରହିବା ପରେ ଦିଲ୍ଲୀ ପଳାଇଥିଲେ । ଦିଲ୍ଲୀରେ ପହଞ୍ଚିବା ପରେ ରାଜା ନେପାଳ ପଳାଇଥିବା ବେଳେ ମଧୁକାନ୍ତ ଦେଶର ଏକାଧିକ ସ୍ଥାନ ଘୂରି ବୁଲୁଥିଲା । ଏପଟେ, ଅଭିଯୁକ୍ତଦ୍ୱୟଙ୍କୁ ଧରିବା ପାଇଁ କମିସନରେଟ୍ ପୁଲିସ ଏକ ସ୍ୱତନ୍ତ୍ର ଅଣ୍ଡର-କଭର୍ ଟିମ୍ ଗଠନ କରିଥିଲା । ଏହି ଟିମ୍‌କୁ ଉତ୍ତର ଭାରତ ଶୈଳୀରେ ହିନ୍ଦୀ କହିବାକୁ ତାଲିମ୍ ଦିଆଯାଇଥିଲା । ଏହି ▶ପୃଷ୍ଠା-୭



- ମଠରେ କେୟାରଟେକର୍ ବେଶରେ ଲୁଚିଥିଲା
- ଛଦ୍ମବେଶରେ ଯାଇ ମାଡ଼ିବସିଲା ଓଡ଼ିଶା ପୁଲିସ
- ନେପାଳକୁ ଖସି ଯାଇଛି ଫେରାର୍ ଅଭିଯୁକ୍ତ ରାଜା

ଚୋର ସନ୍ଦେହରେ ଯୁବକଙ୍କୁ ହତ୍ୟା

■ ଭଞ୍ଜନଗର, ୧୪।୨ (ସମିସ): ମରିଗଲା ମାନବିକତା । ଚୋର ସନ୍ଦେହରେ ଯୁବକଙ୍କୁ ଗାଁ ଦାଣ୍ଡରେ ଯୁବକଙ୍କୁ ପିଟିପିଟି ମାରିଦେଲେ । ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅଧୀନ ସାର୍ଦ୍ଦୁଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏପରି ଏକ ଲୋମଟାଙ୍କୁରା ଘଟଣା ଘଟିଛି । ମୃତକ ହେଲେ, ଜି. ଉଦୟଗିରି ଥାନା ଅନ୍ତର୍ଗତ କୁର୍ମିଙ୍ଗିଆ ଗାଁର ବେଣୁଧର ପ୍ରଧାନ (୫୪) । ଗାଁ ଲୋକେ ବେଣୁଧରଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରାତି ସାରା ନିସ୍ତୁକ ମାଡ଼ ମାରିଥିଲେ । ଆଜି ସକାଳୁ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଭଞ୍ଜନଗର ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ ୧୪୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏହି ଘଟଣାରେ ପୁଲିସ ୩୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କୁ ଉଠାଇ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଆଗକୁ ଏହି ମାମଲାରେ ଆହୁରି ଅନେକ ଗିରଫ ହେବେ ବୋଲି ଭଞ୍ଜନଗର ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି ।

ସୂଚନାନୁସାରେ, ଜି. ଉଦୟଗିରି ଥାନା ଅନ୍ତର୍ଗତ କୁର୍ମିଙ୍ଗିଆ ଗାଁର ବେଣୁଧର ପ୍ରଧାନ ଓ ତାଙ୍କର କିଛି ସହଯୋଗୀ ଶୁକ୍ରବାର ରାତିରେ ସାର୍ଦ୍ଦୁଳ ଗ୍ରାମର ସୁଶାନ୍ତ ଗୌଡ଼ଙ୍କ ଘରେ ପଶିଥିଲେ । କେହି ନଥିବାର ସୁଯୋଗ ନେଇ ସେମାନେ ଘର ଆସବାବପତ୍ର ଏଣେତେଣେ ଫୋପାଡ଼ିବା ସହ ଟଙ୍କା, ସୁନା ଖୋଜୁଥିଲେ । ଏତିକିବେଳେ, ଗାଁ ଲୋକେ ▶ପୃଷ୍ଠା-୭

ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରାତି ସାରା ପିଟିଲେ

୨୦ ଗିରଫ, ଗାଁରେ ପୁଲିସ ମୁତୟନ

ସହରୀ ଭିତ୍ତିଭୂମି ବିକାଶକୁ କେନ୍ଦ୍ର କ୍ୟାବିନେଟ୍‌ର ମୋହର

ଲକ୍ଷେ କୋଟିର ସହାୟତା ପାଣ୍ଠି

■ ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ (ୟୁସିଏଫ) ଶୁଭାରମ୍ଭକୁ ମଞ୍ଜୁରୀ ମିଳିଛି । ଏହା ମାଧ୍ୟମରେ କେନ୍ଦ୍ର ସରକାର ଲକ୍ଷେ କୋଟି ଟଙ୍କାର ସହାୟତା ପ୍ରଦାନ କରିବେ । ମାର୍କେଟ-ଲିଙ୍କ୍‌ଡ ସହରୀ ଭିତ୍ତିଭୂମି ବିକାଶ ଏବଂ ଆଗାମୀ ୫ ବର୍ଷ ମଧ୍ୟରେ ୪ ଲକ୍ଷ କୋଟିର ପାଣ୍ଠି ନିବେଶକୁ ପ୍ରୋତ୍ସାହନ ଦେବା ଏହାର ଲକ୍ଷ୍ୟ । ଏବେ ବିକାଶ ପାଇଁ ଆଉ ମଞ୍ଜୁରିପ୍ରାପ୍ତ ବଜେଟକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ପ୍ରକଳ୍ପ ମୂଲ୍ୟର ସର୍ବନିମ୍ନ ୫୦ ପ୍ରତିଶତ ବଜାରରୁ ସଂଗ୍ରହ କରାଯାଇଥିଲେ, ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ ପାଇଁ କେନ୍ଦ୍ରୀୟ ସହାୟତା ଯୋଗାଇ ଦିଆଯିବ । ଏହି ପାଣ୍ଠି ଜରିଆରେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସହରାଞ୍ଚଳରେ ମୋଟ ୪ ଲକ୍ଷ କୋଟି ନିବେଶ କରାଯିବ । ଏହା ଅନୁଦାନ-ଆଧାରିତ ଆର୍ଥିକ ସହାୟତାରୁ ବଜାର ଆଧାରିତ, ସଂସ୍କାର-ମୁଖୀ ଏବଂ ପରିଣାମ ଅଭିମୁଖୀ ଭିତ୍ତିଭୂମି ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ ।

ୟୁସିଏଫ ଉଚ୍ଚମାନର ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣ ପାଇଁ ବଜାର ଅର୍ଥ, ଘରୋଇ ଅଂଶଗ୍ରହଣ ଏବଂ ନାଗରିକ-କୈନ୍ଦ୍ରିକ ସଂସ୍କାରକୁ ଉପଯୋଗ କରିବ । ସ୍ଥିର, ▶ପୃଷ୍ଠା-୭

ଚର୍ଚ୍ଚାରେ କେନ୍ଦ୍ରାପଡ଼ାର ନୂଆଗାଁ ଅଙ୍ଗନବାଡ଼ି

ହଟିଲା ଭେଦଭାବର ପାଚେରି

ସୋମବାରରୁ ଅଙ୍ଗନବାଡ଼ିକୁ ଆସିବେ ଶିଶୁ

■ ରାଜନଗର, ୧୪।୨ (ସମିସ): ଗାଁରୁ ଦିଲ୍ଲୀ ପର୍ଯ୍ୟନ୍ତ ବିବାଦ ଓ ବିତର୍କ ପରେ ଶେଷରେ ହଟିଛି ଜାତିଆଣକୁ ନେଇ ମୁଣ୍ଡ ଟେକିଥିବା ଭେଦଭାବର ପାଚେରି । ଜିଲ୍ଲା ପ୍ରଶାସନ, ପୁଲିସ ଓ ମହିଳା କମିସନଙ୍କ ମଧ୍ୟସ୍ଥତା ପରେ ସାମାଜିକ କୁପ୍ରଥାକୁ ନାପସନ୍ଦ କରିବା ସହ ସୋମବାରଠାରୁ ନିଜ ନିଜର ପିଲାମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରକୁ ପଠାଇବା ପାଇଁ ସହମତ ହୋଇଛନ୍ତି । ଆଜି ଏଭଳି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳରେ ଦେଖିବାକୁ ମିଳିଛି ।

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ଘଡିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ଜାତିଗତ ଭେଦଭାବ ପ୍ରସଙ୍ଗ କେବଳ ଓଡିଶା ନୁହେଁ; ଜାତୀୟ ରାଜନୀତିରେ ଚର୍ଚ୍ଚା ସୃଷ୍ଟି କରିଥିଲା । ଦିନେ କି ଦୁଇ ଦିନ ନୁହେଁ; ଦୀର୍ଘ ୮୬ ଦିନ ହେଲା ଅଙ୍ଗନବାଡି କେନ୍ଦ୍ରକୁ ପଢିବାକୁ କୋମଳମତି ଶିଶୁମାନଙ୍କୁ ଛଡ଼ା ଯାଉ ନ ଥିଲା । ଅନୁସୂଚିତ ଜାତିର ଯୁବତୀ ଶର୍ମିଷ୍ଠା ସେଠୀ ୨୦୨୫ ମସିହା ନଭେମ୍ବର ୨୦ ତାରିଖରେ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ପାଇବା ଦିନଠାରୁ ଏଭଳି ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା । ଶିଶୁମାନେ ପଢିବାକୁ ଆସୁ ନ ଥିବା ବେଳେ ସହାୟିକାଙ୍କ ହାତରୁ ଗର୍ଭବତୀ, ପ୍ରସୂତି ଓ ଶିଶୁ ଖାଦ୍ୟ ▶ପୃଷ୍ଠା-୭





- ରାଜ୍ୟସଭାରେ ଖଡ଼୍‌ଗେଙ୍କ ଉଦ୍‌ବେଗ ପରେ ତତ୍ପରତା
- ଏକାଠି ବସି ଖାଇଲେ ସହାୟିକାଙ୍କ ହାତରନ୍ଧା
- ଭେଦଭାବ ଭୁଲି ବିକାଶ ପାଇଁ ନେଲେ ଶପଥ



ସକାଳ
THE SAKALA

ସମ୍ବଲପୁର
www.sakalaepaper.com

ଆଜି ଏମ୍‌ସିଏଲ୍ ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ

ହୀରାକୁଦ ଡାଇକ୍‌ରେ ଦୌଡ଼ିବେ ଦଶ ହଜାର ପ୍ରତିଯୋଗୀ

ସମ୍ବଲପୁର, ୧୪।୨(ସମିସ)

ରବିବାର ଏମ୍‌ସିଏଲ୍ ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୧୦ ହଜାର ସଂଖ୍ୟାରେ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ବାହାର ଦେଶରୁ ପ୍ରାୟ ୩୦ରୁ ଅଧିକ ପ୍ରତିଯୋଗୀ ଏଥିରେ ସାମିଲ ହେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଏମ୍‌ସିଏଲ ଏଚ୍‌ଆର ନିର୍ଦ୍ଦେଶକ କେଶବ ରାଉ କହିଛନ୍ତି। ମାରାଥନ ହୀରାକୁଦ ଲେଫ୍ଟ ଡାଇକ ଠାରୁ ଆରମ୍ଭ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମାରାଥନକୁ ଫ୍ଲାଗ ଅଫ୍ କରିବେ। ଏମ୍‌ସିଏଲ ପକ୍ଷରୁ ଆୟୋଜିତ ଏହି ମାରାଥନରେ ପ୍ରତିଯୋଗୀ ସଂଖ୍ୟା



ଅଧିକ ରହିବ। ତେଣୁ ସୁରକ୍ଷା ଦୃଷ୍ଟିରୁ ରବିବାର ଜେମାଦାରପାଲି ଓ ବାମ ଡାଇକ ରାସ୍ତାରେ ସାଧାରଣ ଲୋକଙ୍କ ପାଇଁ ଯାତାୟତ ବନ୍ଦ ରହିବ। ହାଫ୍ ମାରାଥନ(୨୧ କିଲୋମିଟର) ଭୋର ସକାଳ ୫ଟାରେ ରିପୋର୍ଟିଂ ରହିଥିବା ବେଳେ ଫ୍ଲାଗ ଅଫ୍ ୫.୪୫ରେ ହେବ। ସେହିପରି ୧୦ କିମି ୬.୩୦, ୫କିମି ୭.୧୫ ଓ ୧୫. କିମି ୮ରେ ଫ୍ଲାଗ ଅଫ ହେବ। ଦଶ ହଜାର ପ୍ରତିଯୋଗୀଙ୍କ ଯିବା ଆସିବା ପାଇଁ ଏମସିଏଲ ପକ୍ଷରୁ ବସର ବ୍ୟବସ୍ଥା କରାଯାଇଛି। ଅଇଁଠାପାଲି, ଲକ୍ଷ୍ମୀଟକିଜ, କ୍ଷେତରାଜପୁର ଷ୍ଟେସନ, ସିଟି ଷ୍ଟେସନ, ଆ କଟାପାଲି, ବୁର୍ଲା ବସ୍‌ଷ୍ଟାଣ୍ଡ ହୀରାକୁଦ ବସ୍‌ଷ୍ଟାଣ୍ଡ, ଜିଲ୍ଲାପାଳ କାର୍ଯ୍ୟାଳୟ, ଜାଗୃତିବିହାର ଓ ଆନନ୍ଦ ବିହାର ଠାରୁ ବସ୍ ଛାଡ଼ିବାର ବ୍ୟବସ୍ଥା କରାଯାଇଛି। ସମସ୍ତ ପ୍ରତିଯୋଗୀଙ୍କୁ ମାରାଥନ ପରେ ଉକ୍ତ ପଏଣ୍ଟରେ ଛଡାଯିବ। ସମସ୍ତ ପ୍ରତିଯୋଗୀଙ୍କ ଡାକ୍ତରୀପରୀକ୍ଷା ମଧ୍ୟ କରାଯିବ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଏମ୍‌ସି କମିଶନର ରୋହନ କ୍ଷେତ୍ରୀ, ଏଡିଏମ ଅଶୋକ ଭୋଇ, ଅତିରିକ୍ତ ଏସ୍‌ପି ଅଜୟ ମିଶ୍ର ଓ ବୁର୍ଲା ଏସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ।

■ ହ୍ୱାଟ୍‌ସଆପ୍‌ରେ ଅଶ୍ଳୀଳ ଫଟୋ ଘଟଣା

ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି

ସମ୍ବଲପୁର, ୧୪।୨ (ସମିସ) : ସମ୍ବିଧାନ ପ୍ରଣେତା ବାବାସାହେବ ଡ. ବିଆର୍ ଆମ୍ବେଦକର, ହିନ୍ଦୁ ଧର୍ମର ଦେବାଦେବୀ ତଥା ଖ୍ରୀଷ୍ଟ ଧର୍ମର କ୍ରସ୍‌କୁ ଅଶ୍ଳୀଳ ଫଟୋରେ ଏଡିଟିଂ କରି ହ୍ୱାଟସଆପ୍ ଗ୍ରୁପ୍‌ରେ ଛାଡ଼ିଥିବା ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛି ଭୀମ ଆର୍ମି। ଆଜି ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣ କହିଛନ୍ତି ଯେ, ଗତ ଗୁରୁବାର ଗୋଟିଏ ହ୍ୱାଟ୍‌ସଆପ୍ ଗ୍ରୁପ୍ ଗଠନ କରି ସେଥିରେ ଅଶ୍ଳୀଳ ଫଟୋ ଜରିଆରେ ବାବାସାହେବ ଡ. ଆମ୍ବେଦକରଙ୍କ ସହ ହିନ୍ଦୁ ଦେବାଦେବୀଙ୍କୁ ଅପମାନିତ କରାଯାଇଛି। ଏହା ଭକ୍ତ ଓ ଅନୁଗାମୀ ମାନଙ୍କ ହୃଦୟରେ କୁଠାରଘାତ କରିଛି। ଏଭଳିଆ ବ୍ୟକ୍ତି ସମାଜ ପାଇଁ ବିପଦ। ତେଣୁ ପୁଲିସ ଯଥାଶୀଘ୍ର ଏହି ଘଟଣାରେ ସମ୍ପୃକ୍ତ



ଥିବା ଅପରାଧିକ ତତ୍ତ୍ୱକୁ ଗିରଫ କରିବାସହ ଏହି ଘଟଣା ପଛରେ ଥିବା ହିଂସା ସୃଷ୍ଟି ମନୋବୃତ୍ତି ବିଶିଷ୍ଟ ଲୋକଙ୍କ ପର୍ଦ୍ଦାଫାଶ କରୁ। ହ୍ୱାଟ୍‌ସଆପ୍ ଗ୍ରୁପ୍ ଖୋଲି ଏଭଳି ଅପରାଧିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଭୀମ ଆର୍ମି ଆନ୍ଦୋଳନର ପନ୍ଥା ଆପଣେଇବାକୁ ବାଧ୍ୟ ହେବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ବିକାଶ ବୌଦ୍ଧ, ସମ୍ବଲପୁର ଜିଲ୍ଲା ଉପସଭାପତି ଟିଙ୍କୁ କୁମାର ଜଗତ, ଯୁବ ସଭାପତି ରୋଶନ ଆଜାଦ, ସଂଖ୍ୟାଲଘୁ ସଭାପତି ଟିଙ୍କୁ କରାଳି ମଞ୍ଚାସୀନ ଥିଲେ।

୨ ବର୍ଷ ଧରି ପାଳିତ ହେବ ହୀରକ ଜୟନ୍ତୀ

ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି କରିବ ଆଲୁମ୍‌ନି ସଂଘ

ସମ୍ବଲପୁର, ୧୪।୨ (ସମିସ) : ୨୦୨୬ ଓ ୨୦୨୭ ଦୁଇ ବର୍ଷ ଧରି ହୀରକ ଜୟନ୍ତୀ ପାଳନ କରିବାକୁ ଯାଉଥିବା ଦେଶର ଅନ୍ୟତମ ପୁରାତନ ଆଇନ ମହାବିଦ୍ୟାଳୟ ସମ୍ବଲପୁରର ଲଜପତ ରାୟ ଆଇନ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଆଉଥରେ ପୁରାତନ



ଛାତ୍ର ସଂଘ ଦାବି କରିବ। ପୂର୍ବରୁ ଏହି ଦାବି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କଠାରେ ଉପସ୍ଥାପନ କରାଯାଇଥିଲା। ତେବେ, ପ୍ରତିଶ୍ରୁତି ପରେ ବି ଏହା ଆଜି ପର୍ଯ୍ୟନ୍ତ ପୂରଣ ହୋଇ ପାରିନାହିଁ। ଚଳିତବର୍ଷ ହୀରକ ଜୟନ୍ତୀ ପାଳନ ଅବସରରେ ଏହି ଦାବି ଆଉଥରେ କରିବା ପାଇଁ ହୀରକ ଜୟନ୍ତୀ ସଂଯୋଜକ ତଥା ବରିଷ୍ଠ ସଭ୍ୟଙ୍କ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଆଲୁମ୍‌ନି ସଂଘ ସଭାପତି ସତ୍ୟ ନାରାୟଣ ପଣ୍ଡା, ସମ୍ପାଦକ ଦୁର୍ଗା ପାଢ଼ୀ, ବରିଷ୍ଠ ସଭ୍ୟ ସୁରେଶ୍ୱର ମିଶ୍ର, ପ୍ରମୋଦ ରଥ, ସିପ୍ରା ମହାନ୍ତି, ବିଜିତେନ୍ଦ୍ରିୟ ପ୍ରଧାନ, ଅଶ୍ୱିନୀ ପାଢ଼ୀ, ଚନ୍ଦ୍ର ମହାନ୍ତି, ପ୍ରକାଶ ଶତପଥି, ଲକ୍ଷ୍ମୀ ପଟେଲ, ସଞ୍ଜୀବ ପ୍ରଧାନ, ରମାକାନ୍ତ ଶତପଥୀ, ଅରୁଣ କୁମାର, ବନ୍ଦିତା ମିଶ୍ର, ରବି ପୂଜାରୀ ପ୍ରମୁଖ ୧୫ ଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ସ୍ଥାନୀୟ ସାଂସଦ, ବିଧାୟକଙ୍କୁ ଭେଟି ଗୌରବମୟ ୬୦ ବର୍ଷରେ ପଦାର୍ପଣ କରିଥିବା ସମ୍ବଲପୁର ଲଜପତ ରାୟ ଆଇନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦାବି ଉପସ୍ଥାପନା କରିବ। ବର୍ତ୍ତମାନ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବଲାଙ୍ଗିର ଆଇନ ମହାବିଦ୍ୟାଳୟ ସମେତ କଳାହାଣ୍ଡି, ବରଗଡ଼, ନୂଆପଡ଼ା, ଝାରସୁଗୁଡ଼ା ଆଇନ ମହାବିଦ୍ୟାଳୟକୁ ସମ୍ବଲପୁର ଆଇନ ମହାବିଦ୍ୟାଳୟ ଅଧୀନରେ ରଖିବା ପାଇଁ ଦାବି କରାଯିବ ବୋଲି ହୀରକ ଜୟନ୍ତୀ ସଂଯୋଜକ କମିଟି ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଗତ ୮ ଓ ୧୨ ଫେବୃଆରୀ ଅନୁଷ୍ଠିତ ସଂଯୋଜକ ବୈଠକ ଏବଂ ସ୍ୱତନ୍ତ୍ର ସଭାରେ ସଭାପତି ସତ୍ୟ ନାରାୟଣ ପଣ୍ଡା ସଭାପତିତ୍ୱ କରିଥିଲେ। ଆବାହକ ସମ୍ପାଦକ ଦୁର୍ଗା ପାଢ଼ୀ ଦୀର୍ଘ ଦୁଇବର୍ଷ ଧରି ଯେଉଁ କାର୍ଯ୍ୟକ୍ରମ ସହ ହୀରକ ଜୟନ୍ତୀ ପାଳନ କରାଯିବ ତାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ହୀରକ ଜୟନ୍ତୀ ସକାଶେ ୬୦ ଜଣ ସଂଯୋଜକଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯାଇଛି। କଲେଜର ପୁରାତନ ଛାତ୍ର ତଥା ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ନ୍ୟାୟାଧୀଶଗଣ ଉପଦେଷ୍ଟା ମଣ୍ଡଳୀର ନିମନ୍ତ୍ରିତ ସଦସ୍ୟ ରହିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ମୁଖ୍ୟ ପୃଷ୍ଠପୋଷକ ଅଛନ୍ତି। ହୀରକ ଜୟନ୍ତୀ ସମାରୋହରେ ସାମାଜିକ, ସଂସ୍କୃତି, ଶିକ୍ଷା ବିଶେଷକରି ଆଇନ ଶିକ୍ଷା ଓ ବିଷୟ ନେଇ ଅନେକ ଗୁଡ଼ିଏ ଜାତୀୟ ଓ ରାଜ୍ୟସ୍ତରୀୟ ସେମିନାର, କର୍ମଶାଳା ଆୟୋଜନ କରାଯିବ। ଏକ ଜାତୀୟ ମୁଟ୍ କୋର୍ଟ ଆୟୋଜନ କରାଯିବ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଆଇନ ମହାବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ସ୍କୁଲ ଓ କଲେଜସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ସରିଥିବାବେଳେ ଗୀତ, ନାଚ, ବକ୍ତୃତା ଓ ଅନ୍ୟ ପ୍ରତିଯୋଗିତା ପର୍ଯ୍ୟାୟକ୍ରମେ ଆୟୋଜିତ ହେବ। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ହୀରକ ଜୟନ୍ତୀ ସମାରୋହରେ ପୁରସ୍କୃତ କରାଯିବ।

କେନ୍ଦୁପତ୍ର କର୍ମଚାରୀ ସଂଘର ରେଞ୍ଜ କମିଟି ବୈଠକ

ସମ୍ବଲପୁର, ୧୪।୨ (ସମିସ) : କେନ୍ଦୁପତ୍ର କର୍ମଚାରୀ ସଂଘ ସମ୍ବଲପୁର ଡିଭିଜନ ପକ୍ଷରୁ ଧମା, ସିଣ୍ଡୋଲ, ଯାଲୋଇ ଓ ଉଲୁଣ୍ଡା ରେଞ୍ଜ କମିଟି ପକ୍ଷରୁ ଏକ ପ୍ରତିନିଧିସ୍ତରୀୟ ବୈଠକ ଅଇଁଲାଛଟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଭିଜନ ସମ୍ପାଦକ ଗୋକୁଳ ମେହେର ସଭାପତିତ୍ୱ କରିଥିଲେ। ଏଥିରେ କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୨୦, ୨୧ ଓ ୨୭ ତାରିଖ ସମସ୍ତ ରେଞ୍ଜ ଅଫିସ ଓ ଡିଏଫ୍‌ଓ (କେନ୍ଦୁପତ୍ର)ଙ୍କ ଅଫିସ ସମ୍ମୁଖରେ ଧାରଣା ଦେବାକୁ ଦିଆଯାଇଥିବା ଆହ୍ୱାନରେ ବହୁସଂଖ୍ୟାରେ ଯୋଗଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନାରେ ରେଞ୍ଜ ସମ୍ପାଦକବୃନ୍ଦ ପ୍ରଶାନ୍ତ ଦୀପ, ରମେଶ ମାହାର, ଅନନ୍ତ ଦାସ ଓ ଚୈତନ୍ୟ ହୋତାଙ୍କ ସମେତ ସୁବାସ ମିଶ୍ର, ମହେନ୍ଦ୍ର ମହାଲିଙ୍ଗ, ଅନାଦି ମିର୍ଦ୍ଧା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

୨୫୦ ବୋତଲ କଫ୍‌ସିରପ ଜବତ, ୨ ଗିରଫ



ସମ୍ବଲପୁର, ୧୪।୨ (ସମିସ): ବରେଇପାଲି ଥାନା ପୁଲିସ ବେଆଇନ କଫ୍‌ସିରପ ବିକ୍ରି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବରେଇପାଲି ଥାନା ଗୋପାଳପାଲିର ମନିଶ ସାହୁ(୨୯) ଓ ଧନୁପାଲି ଥାନା ଗୋବିନ୍ଦତୋଲାର ଚିଣ୍ଟୁ ଦାଶ ଓରଫ ଚିନ୍ମୟ(୨୯)। ପୁଲିସ ସେମାନଙ୍କ ନିକଟରୁ ୨୫୦ ବୋତଲ କଫସିରପ ଜବତ କରିଛି।

ଟବଲାକୁ ନିଶାମୁକ୍ତ କରିବାକୁ ଅଣ୍ଟା ଭିଡ଼ିଲେ ମହିଳା

ସମ୍ବଲପୁର, ୧୪।୨ (ସମିସ) : ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକର ଟବଲା ଗ୍ରାମରେ ମହିଳାମାନେ ମଦବିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି। ଆଜି ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମାନେ ଏକ ରାଲିରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଟବଲା ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି। ସମ୍ପ୍ରତି ନିଶା କାରବାର ବୃଦ୍ଧି ପାଇଥିବାବେଳେ ମୁଖ୍ୟତଃ ଯୁବପିଢ଼ି ପ୍ରଭାବିତ ହେଉଛନ୍ତି। ଗ୍ରାମରେ ଅପରାଧ ପ୍ରବୃତ୍ତି ମଧ୍ୟ ବୃଦ୍ଧି ପାଇଛି। ମହିଳାମାନେ ଗ୍ରାମ ପରିକ୍ରମା କରି ନିଶା କାରବାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଗର୍ଜିଥିଲେ। ଗ୍ରାମକୁ ନିଶାମୁକ୍ତ ଓ ସୁରକ୍ଷିତ କରିବାପାଇଁ ଗ୍ରାମରେ ମଦ, ଗଞ୍ଜେଇ, କୋରେକ୍ସ ଆଦି କଫସିରପ୍ ବିକ୍ରୟ କଲେ ଆଇନ ଅନୁଯାୟୀ ଦଣ୍ଡ ଭୋଗିବେ ଚେତାବନୀ ଦେଇଥିଲେ।



‘ଅଜ୍ଞତା, ଜଡ଼ତା ଓ ଭୟରୁ ମୁକ୍ତି ଦିଏ ଗୁରୁ-ଶିଷ୍ୟର ସମ୍ପର୍କ’

ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ସମ୍ବଲପୁର, ୧୪।୨ (ସମିସ) : ସରକାରୀ ମହିଳା ମହାବିଦ୍ୟାଳୟ ଓ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ଡ. ମୁରଲୀଧର ମାଝୀ ଏବଂ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଲୋକସଂସ୍କୃତି ଗବେଷକ ତଥା ସାହିତ୍ୟିକ ଡ. ଶ୍ୟାମସୁନ୍ଦର ଧର ଯୋଗ ଦେଇଥିଲେ। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଡ. ମାଝୀ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ନିଜ ଜୀବନର ଲକ୍ଷ୍ୟ ସ୍ଥିର କରିବା ସହ ସଦାସର୍ବଦା କର୍ମ ତତ୍ପର ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଡ. ଧର କହିଥିଲେ ଯେ, ଭାରତୀୟ ପରମ୍ପରାରେ ଗୁରୁଶିଷ୍ୟର ସମ୍ପର୍କ ପବିତ୍ରତମ। ଏହି ସମ୍ପର୍କ ହେଉଛି ଏକ ବିଶେଷ ମୁକ୍ତି, ଅଜ୍ଞତା, ଜଡ଼ତା ଓ ଭୟରୁ ମୁକ୍ତି ପ୍ରଦାନ କରିଥାଏ। ଏହି ଅବସରରେ ମହାବିଦ୍ୟାଳୟର ‘ନ୍ୟୁଜ ଲେଟର’ ଏବଂ ମହାବିଦ୍ୟାଳୟ ମୁଖପତ୍ର ‘ଭାସ୍ୱତୀ’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ପ୍ରଶାନ୍ତ ପ୍ରଧାନଙ୍କ ପ୍ରକାଶିତ ପୁସ୍ତକ ‘ଇଣ୍ଡିଆନ ଫେଡେରାଲିଜମ୍ ଇନ୍ ଟ୍ରାନଜିସନ : କନ୍‌ଫ୍ଲିକ୍ଟ, କୋପରେସନ ଆଣ୍ଡ ଗଭର୍ଣ୍ଣାନ୍ସ’ ମୁଖ୍ୟଅତିଥିଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ମହାବିଦ୍ୟାଳୟର ଛାତ୍ରୀନିବାସ ପାଇଁ ନିଜ ଘରକୁ ଉତ୍ସର୍ଗ କରିଥିବା ଓ ଗରିବ ଛାତ୍ରୀଙ୍କ ପାଠପଢ଼ା



ପାଇଁ ଅର୍ଥଦାନ କରିଥିବା ମହିୟସୀ ମହିଳା ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉଚ୍ଚ ମାଧମିକ ବିଦ୍ୟାଳୟସ୍ତରରେ ଖୁସି ସାହା, ସ୍ନାତକସ୍ତରରେ ଅଫ୍‌ସାନା ଖାତୁନ୍ ଓ ସ୍ନାତକୋତ୍ତର ସ୍ତରରେ ଶ୍ରୁତିରେଖା ଆଚାର୍ଯ୍ୟଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବରେ ପୁରସ୍କୃତ କରାଯାଇଥିଲା। ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହୋଦୟାଙ୍କ ଦ୍ୱାରା ‘ଆପଦା ମିତ୍ର’ ଭାବେ ସମ୍ମାନିତ ଛାତ୍ରୀ ଖୁସବୁ ଜୟପୁରିଆଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ସଂସଦର ଉପଦେଷ୍ଟା ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଟ୍ୟ ସଂସଦର ଉପସଭାପତି ପ୍ରଫେସର ଅଖିଳ ବିଶାଳ ଧନ୍ୟବାଦ ଅର୍ପଣ ଏବଂ ପ୍ରଫେସର ଭୋଜରାଜ ରୋହିଦାସ ସଭା ସଞ୍ଚାଳନ କରିଥିଲେ। ଛାତ୍ରୀମାନଙ୍କର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନ ମୋହି ନେଇଥିଲା। ସମ୍ବଲପୁରୀ ତଥା ବିଭିନ୍ନ ପ୍ରଦେଶର ଲୋକନୃତ୍ୟ ଓଡ଼ିଶୀ, ରୋବଟିକ୍ ଡେନ୍‌ସ ଓ ବିଭିନ୍ନ ଭାଷାର ସଙ୍ଗୀତ ଗାନ ଭଳି ସମୁଦାୟ ୩୦ଟି ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରଫେସର ସମିତା ଆଚାର୍ଯ୍ୟ, ଡଃ ଭାରତୀ ମିଶ୍ର, ଅଧ୍ୟାପିକା ବବିତା ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ଆର୍ତ୍ତତ୍ରାଣ ସୁନା, ଗୋପାଳ ନାୟକ ଏବଂ ସୁରେନ୍ଦ୍ର ବାଗ ଛାତ୍ରୀଙ୍କ ସହାୟତାରେ ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ପ୍ରସ୍ତୁତ କରିଥିଲେ। ଏହି ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀ, ପୂର୍ବତନ ଛାତ୍ରୀ ସଂସଦ, ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ତଥା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଉତ୍ସବ ଆୟୋଜନରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ

ସମ୍ବଲପୁର, ୧୪।୨ (ସମିସ) : ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଆଜି ପୂର୍ବାହ୍ନରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଡ. ଉମାଚରଣ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ



ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ଗୀତାଞ୍ଜଳି ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଭୋଇ ତାଙ୍କ ସ୍ୱାଗତ ବକ୍ତବ୍ୟରେ ପିଏମଶ୍ରୀ ଉତ୍ସବ ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ, ଉତ୍ତମ ଚରିତ୍ର ଗଠନ, ସୁଦୃଢ଼ ଭାରତ ନିର୍ମାଣ ତଥା ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଫେସର ପତି ଭାରତର ସମୃଦ୍ଧ ଜ୍ଞାନ ପରମ୍ପରା ଓ ନୂତନ ଶିକ୍ଷାନୀତି ୨୦୨୦ରେ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ ଏବଂ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଲୋକିତା ଦାଶ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ଅବସରରେ ଜିଲ୍ଲାସ୍ତରୀୟ ଛାୟା ସଂସଦ ଆୟୋଜିତ ହୋଇଥିଲା। ଏଥିରେ ପିଏମଶ୍ରୀ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ୧୪ଟି ପିଏମଶ୍ରୀ ହାଇସ୍କୁଲର ୬୨୩ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ପଢ଼ିବା ଗଢ଼ିବା ଓଡ଼ିଶା, ସକ୍ଷମ କେନ୍ଦ୍ର, ଧନ୍ଦାମୂଳକ ଶିକ୍ଷା, ଆକାଂକ୍ଷୀ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଜିଜ୍ଞାସା, କୌଶଳୀ, ସାହିତ୍ୟ ସୃଜନୀ, କ୍ରୀଡାଙ୍ଗନ, ଖାଦ୍ୟପେୟ ଆଦି ବିଭିନ୍ନ ଷ୍ଟଲରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଓ ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ସମଗ୍ର ଶିକ୍ଷାର ଯୋଜନା ସଂଯୋଜକ ପୁରୁଷୋତ୍ତମ ପ୍ରହରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ଆଲୋଚନାଚକ୍ର

ସମ୍ବଲପୁର, ୧୪।୨ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ବାଣିଜ୍ୟ ବିଭାଗ ପକ୍ଷରୁ ଶନିବାର ‘ବଜେଟ୍ ୨୦୨୬’ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବାଣିଜ୍ୟ ବିଭାଗର ଅଧ୍ୟାପକ ଡଃ କ୍ଷୀରୋଦ ଚନ୍ଦ୍ର ମହାରଣା ସ୍ୱାଗତ ଭାଷଣ ପ୍ରଦାନ



କରିବାସହ ଚଳିତ ୨୦୨୬ ବଜେଟ୍‌ର ଗୁରୁତ୍ୱ ଓ ଏହାର ଆର୍ଥିକ ପ୍ରଭାବ ବିଷୟରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଜିଏମ୍‌ୟୁ ଅର୍ଥନୀତି ବିଭାଗର ସହକାରୀ ଅଧ୍ୟାପକ ଡଃ ପ୍ରିୟଦର୍ଶୀ ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଜେଟ୍ ୨୦୨୬ର ମୁଖ୍ୟ ଆକର୍ଷଣ, ଦ୍ରବ୍ୟ ଓ କର ବ୍ୟବସ୍ଥା, ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଏହାପରେ ଛାତ୍ରଛାତ୍ରୀମାନେ ବଜେଟ୍ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ନିଜ ନିଜ ନିବନ୍ଧ ଉପସ୍ଥାପନ କରିଥିଲେ। ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ଡଃ ପ୍ରିୟବ୍ରତ ପଣ୍ଡା ଓ ସହକାରୀ ଅଧ୍ୟାପକ ସୁବାସ ଚନ୍ଦ୍ର ଝାଙ୍କର ବଜେଟ୍ ଉପରେ ନିଜ ମତାମତ ରଖିଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପିକା ଡଃ ପୂଜାବାଇ କେଓଟ୍, ଅରୁଣା ଶର୍ମା, ସରୋଜା ମେହେର, ଝାନ୍‌ସିରାଣୀ ପରିଡ଼ା, ଶୁଭେଚ୍ଛା ନାୟକ, ଅଧ୍ୟାପକ ଡଃ ମୁକେଶ ଶର୍ମା, ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପକ ଡଃ ଜ୍ଞାନରଞ୍ଜନ ବଳ, ବିକାଶ କୁମାର ସେଠୀ ତଥା ଅଧ୍ୟାପକ ଅମ୍ରିଶ୍ ପ୍ରତାପ ସିଂହ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ସ୍ନାତକ, ସ୍ନାତକୋତ୍ତର ଓ ଗବେଷକ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

ଓଏସ୍‌ଓୟୁରେ ଏବେ ବି.ଏଡ୍. ଓ ‘ଶିକ୍ଷା’ରେ ସ୍ନାତକୋତ୍ତର ପାଠ୍ୟକ୍ରମ

ବିଶ୍ୱବିଦ୍ୟାଳୟ ପାଇଲା ଜାମିଆ ମିଲିଆ ଇସ୍‌ଲାମିଆର ସ୍ୱୀକୃତି

ସମ୍ବଲପୁର, ୧୪।୨ (ସମିସ)

ଓଡ଼ିଶାରେ ଶିକ୍ଷକ ଶିକ୍ଷାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଜାମିଆ ମିଲିଆ ଇସଲାମିଆ ସମ୍ବଲପୁରର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ରେ ବି.ଏଡ୍. ଏବଂ ଶିକ୍ଷାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଶିକ୍ଷଣ ପାଇଁ ସହାୟତା କେନ୍ଦ୍ର (ଏଲ୍‌ଏସ୍‌ସି) ଖୋଲିବାକୁ ଅନୁମୋଦନ କରିଛି। ଓଡ଼ିଶାର ଆଶାୟୀ ବି.ଏଡ୍. ପ୍ରାର୍ଥୀମାନଙ୍କୁ ସମର୍ଥନ କରିବା ଏବଂ ଗୁଣାତ୍ମକ ଶିକ୍ଷକ ଶିକ୍ଷାର ସୁବିଧା ବୃଦ୍ଧି କରିବା ପାଇଁ, ଓଏସ୍‌ଓୟୁ ଶୈକ୍ଷିକ ସହଯୋଗ ପାଇଁ ଜାମିଆ ମିଲିଆ ଇସଲାମିଆ ସହିତ ଯୋଗାଯୋଗ କରିଛି। ଶିକ୍ଷାର୍ଥୀ ସହାୟତା କେନ୍ଦ୍ରର ଅନୁମୋଦନ ରାଜ୍ୟ ସାରା ଛାତ୍ରଛାତ୍ରୀମାନଙ୍କୁ ଏକ ପ୍ରତିଷ୍ଠିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ବି.ଏଡ୍. ଏବଂ ଏମ୍.ଏ. (ଶିକ୍ଷା) କାର୍ଯ୍ୟକ୍ରମ ପଢ଼ିବା ପାଇଁ ଅତ୍ୟନ୍ତ ଆବଶ୍ୟକ ସୁଯୋଗ ପ୍ରଦାନ କରିବ। ଯେପର୍ଯ୍ୟନ୍ତ ଓଏସ୍‌ଓୟୁ ବି.ଏଡ୍. କାର୍ଯ୍ୟକ୍ରମ ପ୍ରଦାନ କରିବା ପାଇଁ ସ୍ୱାଧୀନ ଅନୁମୋଦନ ପାଇନାହିଁ, ଏହି ଶୈକ୍ଷିକ ହସ୍ତକ୍ଷେପ ପଦକ୍ଷେପ ଗୁଣାତ୍ମକ ପାଠ୍ୟକ୍ରମ, ଶୈକ୍ଷିକ ମାର୍ଗଦର୍ଶନ ଏବଂ ସଂସ୍ଥାଗତ ସହାୟତାର ସୁବିଧା ସୁନିଶ୍ଚିତ କରି ଶିକ୍ଷକ ଆଶାୟୀମାନଙ୍କୁ ବହୁତ ଲାଭ ଦେବ। ଏହି ଅବସରରେ, ଜାମିଆ ମିଲିଆ ଇସଲାମିଆ, ନୂଆଦିଲ୍ଲୀର ଦୂରତା ଏବଂ ଅନଲାଇନ୍ ଶିକ୍ଷା କେନ୍ଦ୍ର (ସିଡିଓଏଲ୍)ର ଡିନ୍ ପ୍ରଫେସର ଏମ୍. ମୋଶାହିଦ୍ ଅହମ୍ମଦ



ରିଜଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତାଙ୍କ ସହିତ ଓଏସଓୟୁର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ; ଓଏସଓୟୁର କୁଳସଚିବ ଡକ୍ଟର ଚିତ୍ତରଞ୍ଜନ ସାହୁ; ଓଏସଓୟୁର ସ୍କୁଲ ନିର୍ଦ୍ଦେଶକ ପ୍ରଫେସର ଅଲତାଫ ଖାନ; ପିଏମ୍‌ଆଇଏଏସ୍‌ଇ, ସମ୍ବଲପୁରର ପ୍ରଫେସର (ଡକ୍ଟର) ଗରୁଡଧ୍ୱଜ ବାରିକ, ଅବସରପ୍ରାପ୍ତ ଅଧ୍ୟକ୍ଷ ବ୍ରହ୍ମପୁର ଡକ୍ଟର ଶ୍ରୀକାନ୍ତ ପାଇକରାୟ, ପିଏମ୍‌ଆଇଏଏସ୍‌ଇ, ସମ୍ବଲପୁରର ସହକାରୀ ପ୍ରଫେସର ଡକ୍ଟର ବୃନ୍ଦାବନ ମେହେର ପ୍ରମୁଖ ଯୋଗ ଦେଇଥିଲେ।

ମହା ଶିବରାତ୍ରି ସ୍ୱତନ୍ତ୍ର

ଶିବରାତ୍ରି ପାଇଁ ଚଳଚଞ୍ଚଳ ସରଣ୍ଡା ଅଷ୍ଟଶମ୍ଭୁ ଶୈବ ପୀଠ

ବିଶ୍ୱେଶ୍ୱର ପୀଠରୁ ବର୍ଷକୁ ଥରେ ଶିବରାତ୍ରି ଦିନ ବାହାରନ୍ତି ହରଗୌରୀ

ଅତାବିରା, ୧୪।୨(ସମିସ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ସରଣ୍ଡାରେ ବାବା ବିଶ୍ୱେଶ୍ୱରଙ୍କ ପୀଠ ରହିଛି। ପଶ୍ଚିମ ଓଡ଼ିଶାର ଅଷ୍ଟଶମ୍ଭୁ ଶୈବପୀଠ ମଧ୍ୟରେ ବାବା ବିଶ୍ୱେଶ୍ୱରଙ୍କ ପୀଠର ମହିମା ସ୍ୱତନ୍ତ୍ର। ପୁଣି ଜାନୁଆରୀ ୨୬ରେ ଏହି ପୀଠରେ ଦେଶର ବିଭିନ୍ନ ପ୍ରାନ୍ତରରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରତିକୃତିରେ ୧୨ଟି ମନ୍ଦିର ଏକାଠି କରି ପ୍ରତିଷ୍ଠା ସମ୍ପୂର୍ଣ୍ଣ କରାଯାଇଛି। ଏହା ବିଶ୍ୱେଶ୍ୱର ପୀଠର ମହିମା ଓ ଶୋଭାକୁ ଦ୍ୱିଗୁଣିତ କରିଛି। ଫଳରେ ମହା ଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇ ପଡ଼ିଛି ସରଣ୍ଡା ଅଷ୍ଟଶମ୍ଭୁ ଶୈବ ପୀଠ। ମହା ଶିବରାତ୍ରି ମେଳା ବାବା ବିଶ୍ୱେଶ୍ୱରଙ୍କର ପ୍ରମୁଖ ପର୍ବ ତଥା ଯାତ୍ରା ମହୋତ୍ସବ। ଏହି ଦିନ ବାବାଙ୍କ ଦର୍ଶନ ପାଇଁ ଭୋରରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଜମେ। ସନ୍ଧ୍ୟା ୫ରୁ ଉଜାଗର ଥିବା ଭକ୍ତ ମାନସିକ ଦୀପ ଜାଳି ଚାରି ପ୍ରହର ପୂଜାପାଠ ସହ ଆଳତି କରିଥାନ୍ତି। ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଲା ପରେ ଭକ୍ତମାନେ ଉଜାଗର ଶେଷ କରନ୍ତି। ଏହି ଉପଲକ୍ଷେ ଆୟୋଜିତ ମେଳାରେ ବ୍ୟବସାୟୀ ନାନା କିସମର ପସରା ଖୋଲନ୍ତି। ଶ୍ରଦ୍ଧାଳୁମାନେ ଦେବ ଦେବ ମହାଦେବଙ୍କ ଦର୍ଶନ ସହିତ ମେଳାର ମଜା ଉଠାଇଥାନ୍ତି।

ଇତିହାସ ଆଇନା

ଅବିଭକ୍ତ ସମ୍ବଲପୁରର ପ୍ରଥମ ରାଜା ଥିଲେ ପାଟଣା ରାଜବଂଶୀୟ ବଳରାମ ଦେବ। ୧୫୫୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଜ୍ୟେଷ୍ଠ ଭ୍ରାତା ନରସିଂହ ଦେବଙ୍କଠାରୁ ଭାଗ ସୂତ୍ରରେ ସେତେବେଳେ ସେ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରିଥିବା ଜନଶ୍ରୁତିରୁ ଜଣାପଡେ। ସେହି ସମୟରେ ବରଗଡ଼ ଥିଲା ତାଙ୍କ ପ୍ରମୁଖ ସାମରିକ କେନ୍ଦ୍ର। ପରବର୍ତ୍ତି ସମୟରେ ଚୌହାନ ମାନଙ୍କ ଆଗମନରୁ ସମ୍ପୃକ୍ତ ଅଞ୍ଚଳରେ କଳା, ସ୍ଥାପତ୍ୟର ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା। ଯଦିଓ ଚୌହାନ ରାଜାମାନେ ଦେବୀ ମା' ସମଲେଇଙ୍କୁ ପୂଜା କରୁଥିଲେ, ପରେ ବିଭିନ୍ନ ସ୍ଥାନରେ ଶିବ ମନ୍ଦିର ନିର୍ମାଣ କରାଇଥିଲେ ବୋଲି ଲୋକକଥାରୁ ଜଣାପଡ଼େ। ଏଭଳି ଭାବେ ପଶ୍ଚିମ ଓଡ଼ିଶାରେ ଅଷ୍ଟଶମ୍ଭୁ ପୀଠ ସମ୍ବଲପୁର ଜିଲ୍ଲା ହୁମାର ବାବା ବିମଳେଶ୍ୱର, ମାନେଶ୍ୱରର ମାନଧାତା ବାବା, ବରଗଡ଼ ଜିଲ୍ଲା ସରଣ୍ଡାର ବିଶ୍ୱେଶ୍ୱର, ସୋର୍ଣ୍ଣାର ସ୍ୱପ୍ନେଶ୍ୱର, ଗାଇସୀମାର ବରାଡ଼ ବାଲୁଙ୍କେଶ୍ୱର, ନୀଳଜୀର ନୀଳକଣ୍ଠେଶ୍ୱର, ଅମ୍ବାଭୋନାର କେଦାରନାଥ ଏବଂ ଦେଓଗାଁର ବୈଦ୍ୟନାଥ ବାବାଙ୍କ ମନ୍ଦିର ଗଢ଼ି ଉଠିଥିଲା।

ମନ୍ଦିର ନିର୍ମାଣ

ଅଷ୍ଟଶମ୍ଭୁ ପୀଠ ମଧ୍ୟରୁ ହୁମାର ବିମଳେଶ୍ୱର ବାବା ଶିବ ମନ୍ଦିର ସମ୍ବଲପୁର ରାଜା ବଳିଆର ସିଂହଙ୍କ ଦ୍ୱାରା ୧୬୬୭ରୁ ୧୬୫୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ନିର୍ମାଣ ହୋଇଥିଲା। ସରଣ୍ଡାର ବିଶ୍ୱେଶ୍ୱର ଶୈବପୀଠ ସହ ବାକି ୭ଟି ମନ୍ଦିର ୧୬୯୫ରୁ ୧୭୬୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ରାଜାଙ୍କ ଦେୱାନ ଦକ୍ଷିଣରାୟଙ୍କ ଦ୍ୱାରା ନିର୍ମାଣ ହୋଇଥିଲା। ଯାହାକି ଶିବପ୍ରସାଦ ଦାଶଙ୍କ ଦ୍ୱାରା ରଚିତ 'ସମ୍ବଲପୁର ଇତିହାସ' ୧୯୬୨ ମସିହା ସଂସ୍କରଣର ୨୭୨ପୃଷ୍ଠାରେ ଉଲ୍ଲେଖ ରହିଛି।

ପରିବେଶ

ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର ପରିବେଶ ଅବର୍ଣ୍ଣନୀୟ। ପ୍ରାୟ ୧୧ ଡିସିମିଲ ପରିମିତ ଜମି ଅଞ୍ଚଳରେ ଗଢ଼ି ଉଠିଥିବା ଏହି ମନ୍ଦିରକୁ ଘେରି ରହିଛି ସବୁଜ ବନାନୀ। ପାଖରେ ରହିଥିବା ପୁଷ୍କରିଣୀ (ଦେଉଳ ବନ୍ଧ ଓ କଟା) ଓ ୫୩ ନମ୍ବର ସମ୍ବଲପୁର-ବରଗଡ଼ ଜାତୀୟ ରାଜପଥ ମନ୍ଦିର ଆକର୍ଷଣକୁ ଦ୍ୱିଗୁଣିତ କରୁଛି। ତେବେ ମନ୍ଦିର ପରିସରରେ ଥିବା କନିଅର, ଚମ୍ପା ଫୁଲର ମହକରେ ମହକୁ ଥିବା ମନ୍ଦିର ପରିସର ଏବେ ଉନ୍ନୟନ କାର୍ଯ୍ୟ ସକାଶେ ନୀରବି ଯାଇଛି। ହେଲେ ପ୍ରକୃତିର କାରୁକାର୍ଯ୍ୟ ଅନନ୍ୟ ରୂପ ଭରି ଦେଇଛି। ଅନ୍ୟ ପଟେ ଭାରତର ବିଭିନ୍ନ ପ୍ରାନ୍ତରରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରତିକୃତିରେ ୧୨ ଟି ମନ୍ଦିର ନବ ନିର୍ମିତ ହୋଇ ଏଇ ନିକଟରେ ପ୍ରତିଷ୍ଠିତ ହୋଇ ସାରିଛି। ଯାହାକି ଦେଶରେ ଗୋଟିଏ ସ୍ଥାନରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବାର ସୁଯୋଗ ସୃଷ୍ଟି କରିଛି। ତେବେ ଏହି ଶୈବ ପୀଠରେ ଥିବା ବିଶ୍ୱେଶ୍ୱର ବାବାଙ୍କ ମୁଖ୍ୟ ମନ୍ଦିରଟି ୩ ଭାଗରେ ବିଭକ୍ତ। ମୁଖ୍ୟ ମନ୍ଦିର ବିମାନ, ଦ୍ୱିତୀୟ ଜଗମୋହନ ଏବଂ ତୃତୀୟ ନାଟ ମନ୍ଦିର ଅର୍ଥାତ୍ ମୁଖଶାଳା। ପ୍ରାରମ୍ଭରେ ଦେବଦେବ ମହାଦେବଙ୍କ ବାହନ ବୃଷଭଙ୍କ ମୂର୍ତ୍ତି ଦଣ୍ଡାୟମାନ ଅବସ୍ଥାରେ ରହିଛନ୍ତି। ସେହିପରି ମନ୍ଦିରର ସାମ୍ନାରେ ଗରୁଡ ସ୍ତମ୍ଭ ରହିଥିବା ବେଳେ ବାବାଙ୍କ ଡାହାଣରେ ମାଁ ପାର୍ବତୀ, ବାମରେ ବାବା ଭୈରବ, ଦୁଇଟି ବୀର ବଜରଙ୍ଗୀ ହନୁମାନ ମନ୍ଦିର ଗଢ଼ି ଉଠିଛି।







ଜନଶ୍ରୁତିରେ ରାଜାଙ୍କ ଘୋଡ଼ା

ବିଶ୍ୱେଶ୍ୱର ମନ୍ଦିର ନିର୍ମାଣ ସମୟରେ ଯାନବାହନ ଚଳାଚଳ ନ ଥିଲା। ଘୋଡା ସବାରରେ ତତ୍କାଳୀନ ରାଜା ପାଟଣା ଯାତାୟାତ କରୁଥିଲେ। ଦିନେ ତତ୍କାଳୀନ ଚୌହାନ ବଂଶୀୟ ରାଜା ପାଟଣାରୁ ସମ୍ବଲପୁର ଫେରୁଥିବା ସମୟରେ ହଠାତ୍ ଘୋଡାଟି ବର୍ତ୍ତମାନ ଶିବ ଲିଙ୍ଗ ରହିଥିବା ସ୍ଥାନରେ ଅଟକି ଯାଇଥିଲା। ଯେତେ ଚେଷ୍ଟା କଲେ ବି ଘୋଡାଟି ଆଗକୁ ନ ବଢ଼ିବାରୁ ରାଜା ଆଚମ୍ବିତ ହୋଇ ସେହି ସ୍ଥାନ ଖୋଳାଇବା ପରେ ସେଠାରେ ଶିବଲିଙ୍ଗ ଆବିର୍ଭାବ ହୋଇଥିଲା। ଖୋଳିବା ସମୟରେ ଶିବଲିଙ୍ଗଟି କୋଦାଳରେ ବାଜି କ୍ଷତାକ୍ତ ହୋଇଥିଲା। ସେହି କୋଦାଳ ବାଜି କ୍ଷତ ଚିହ୍ନଟି ଏବେ ବି ବାରିହୋଇ ପଡୁଛି। ତତ୍କାଳୀନ ରାଜାଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ମଧ୍ୟ ଏଠାରେ ମନ୍ଦିର ନିର୍ମାଣ କରାଇ ଥିଲେ ବୋଲି ଲୋକକଥାରୁ ଜଣାପଡେ।

ପର୍ବପର୍ବାଣୀ

ଏଠି ବାରମାସରେ ତେରପର୍ବ ପାଳନ କରାଯାଏ। ଶ୍ରାବଣ ମାସରେ ବୋଲବମ ଭକ୍ତଙ୍କ ଲମ୍ବାଧାଡିରେ ମନ୍ଦିର ପରିସର ଏକ ଭିନ୍ନ ପରିବେଶ ସୃଷ୍ଟି କରିଥାଏ। ବୋଲବମ ଧ୍ୱନିରେ କମ୍ପିଉଠେ ମନ୍ଦିର ପରିସର। କାର୍ତ୍ତିକ ମାସରେ ମହିଳା ଭକ୍ତମାନେ ମାସ ଯାକ ହବିଷ କରି ପାହାନ୍ତିଆରୁ ପୂଜାପାଠ କରିଥାନ୍ତି। ଏହା ସହିତ ମାଘ, କାର୍ତ୍ତିକ ପୂର୍ଣ୍ଣମୀ ପାଳନ ସହିତ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ତେବେ ଶ୍ରାବଣ ମାସର ପ୍ରତ୍ୟେକଟି ଦିନ ଏଠାରେ ଭକ୍ତମାନେ ଜଳାଭିଷେକ, ରୁଦ୍ରାଭିଷେକ ହୋମ ଯଜ୍ଞ କରିଥାନ୍ତି। ଏଥିପାଇଁ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଥାଏ। ହେଲେ ମହାଶିବରାତ୍ରି ବାବାଙ୍କ ମୁଖ୍ୟ ପର୍ବ। ମହା ଶିବରାତ୍ରି ଫାଲ୍ଗୁନ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ଦିନ ପାଳନ କରାଯାଇଥାଏ। ମହା ଶିବରାତ୍ରି ମେଳାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସାମୂହିକ ଦୀପରେ ମନ୍ଦିର ଝଲସି ଉଠିଥାଏ।

ବର୍ଷକୁ ଦିନେ ବାହାରନ୍ତି ବାବା ଚନ୍ଦ୍ରଶେଖର

ବର୍ଷକୁ ଦିନକ ପାଇଁ ବିଶ୍ୱେଶ୍ୱର ଶୈବ ପୀଠରୁ ବାବା ଚନ୍ଦ୍ରଶେଖର ମାଁ ପାର୍ବତୀଙ୍କ ସହ ହରଗୌରୀ ବେଶରେ ବାହାରକୁ ବାହାରି ସବୁ ଘର ସମ୍ମୁଖରେ ପୂଜା ପାଆନ୍ତି ଆଉ ଦର୍ଶନ ଦିଅନ୍ତି। ବାବା ଚନ୍ଦ୍ରଶେଖର ଶିବରାତ୍ରି ଦିନ ହିଁ ଗୋଟିଏ ବେଳ ସରଣ୍ଡା ଗ୍ରାମ୍ୟ ନଗର ପରିକ୍ରମାରେ ବିଜେ କରନ୍ତି। ଶିବରାତ୍ରି ଦିନ ସକାଳ ୧୧ଟାରୁ ବାବା ଚନ୍ଦ୍ରଶେଖରଙ୍କୁ ଏକ ସ୍ୱତନ୍ତ୍ର ସୁସଜ୍ଜିତ ରଥରେ ଆସୀନ କରାଇ ଶୋଭାଯାତ୍ରାରେ ନିଆଯାଏ। ବାବା ଚନ୍ଦ୍ରଶେଖରଙ୍କୁ ସରଣ୍ଡା, କଟାପାଲି, ମୁରଲିଟିକ୍ରା ଆଦି ସ୍ଥାନକୁ ନିଆଯାଏ। ପ୍ରତି ଘର ସମ୍ମୁଖରେ ଲିପାପୋଛା, ଝୋଟି, କଳସ ସ୍ଥାପନ କରି ବାବାଙ୍କ ଗୋଡଧୁଆ ସହ ପୂଜାର୍ଚ୍ଚନାରେ ଭଗବାନ ଓ ଭକ୍ତଙ୍କ ଅନାବିଳ ପ୍ରେମ ପରିଲକ୍ଷିତ ହୁଏ। ଗ୍ରାମ୍ୟ ପରିକ୍ରମା ସାରି ସନ୍ଧ୍ୟା ୬ ଟାରେ ବାବା ଫେରି ଆସନ୍ତି ବିଶ୍ୱେଶ୍ୱର ପୀଠକୁ। ଆଉ ତା ପରେ ଆରମ୍ଭ ହୁଏ ମହାଶିବରାତ୍ରି ଜାଗର ମେଳାର ପ୍ରହର ପୂଜା।

ମନ୍ଦିର ପରିଚାଳନା କମିଟି

ସରଣ୍ଡା ବିଶ୍ୱେଶ୍ୱର ମନ୍ଦିର ପରିଚାଳନା ପାଇଁ ଏକ କମିଟି ରହିଛି। କମିଟିରେ ସଚ୍ଚିଦାନନ୍ଦ ମିଶ୍ର ସଭାପତି, ବିନୋଦ ମେହେର ସମ୍ପାଦକ, ପ୍ରମୋଦ ମହାପାତ୍ର କୋଷାଧ୍ୟକ୍ଷ, ରାଧେଶ୍ୟାମ ମହାପାତ୍ର ଉପସଭାପତି, କୁବେର ପ୍ରଧାନ ସହସମ୍ପାଦକ, ଦାରାସିଂ ମହାପାତ୍ର ସହ କୋଷାଧ୍ୟକ୍ଷ ରହିଛନ୍ତି। ସେହିପରି ମହାଶିବରାତ୍ରି ମେଳା ପରିଚାଳନା ପାଇଁ ମନୋଜ ମହାପାତ୍ର, ଅନ୍ତର୍ଯାମୀ ମହାପାତ୍ର, ମଧୁସୂଦନ ମହାପାତ୍ର, ଝସକେତନ ମହାପାତ୍ର, ଶଶୀ ମହାପାତ୍ର, ବୃଷଭ ମେହେର, ତରଣୀ ମହାପାତ୍ର, ମଧୁ ମହାପାତ୍ର, ଶ୍ୟାମସୁନ୍ଦର ପଧାନ, ଶ୍ରୀକାନ୍ତ ସିଂହଦେଓ ପ୍ରମୁଖ ସଭ୍ୟ ଅଛନ୍ତି। ପ୍ରଚାର ପ୍ରସାର ଆବାହକ ଭାବେ ସାମ୍ବାଦିକ ଯୁଧିଷ୍ଠିର ମହାପାତ୍ରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।

ଅବସ୍ଥିତି/କେମିତି ପହଞ୍ଚିବା

ଏହି ପୀଠକୁ ପହଞ୍ଚିବା ପାଇଁରେଳ ଓ ସଡକ ପଥର ସୁବିଧା ରହିଛି। ଦକ୍ଷିଣ-ପୂର୍ବ ରେଳପଥରେ ଅତାବିରା ରେଳ ଷ୍ଟେସନରୁ ଏବଂ ସଡ଼କ ପଥର ବରଗଡ଼ ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥର ବରଗଡ଼ ଜିଲ୍ଲା ମୁଖ୍ୟାଳୟରୁ ପୂର୍ବ ଦିଗକୁ ୨୧ କିଲୋମିଟର ସମ୍ବଲପୁର ପଟକୁ ଏବଂ ସମ୍ବଲପୁରରୁ ୨୭ କିଲୋମିଟର ପଶ୍ଚିମକୁ ଗଲେ ଅତାବିରା ଗୋଡଭଗା ମଧ୍ୟସ୍ଥଳ ସରଣ୍ଡା ମନ୍ଦିର ଛକରେ ଓହ୍ଲାଇଲେ ଏହି ପୀଠ ପାଦଦେଶରେ ପହଞ୍ଚିହୁଏ।

ଚଳିତ ବର୍ଷ ଶିବରାତ୍ରି ପୂଜାପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ମଧ୍ୟରେ ଅନ୍ୟତମ ଶୈବପୀଠ ସରଣ୍ଡାରେ ବିରାଜିତ ମହାପ୍ରଭୁ ଶ୍ରୀଶ୍ରୀ ବିଶ୍ୱେଶ୍ୱରଙ୍କ ମହା ଶିବରାତ୍ରି ଓ ଜାଗର ମହୋତ୍ସବ ପାଳନ ନିମନ୍ତେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୂଜାନୀତି କାର୍ଯ୍ୟ ନିର୍ଘଣ୍ଟ ସ୍ଥିରୀକୃତ କରାଯାଇଛି। ଫାଲଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଇଂରାଜୀ ଫେବୃଆରୀ ୧୫ ତାରିଖ ରବିବାର ଦିନ ମହା ଶିବରାତ୍ରି ନୀତି ଅନୁଯାୟୀ ପାଳନ ହେବ। ଶିବରାତ୍ରି ଦିନ ପାହାନ୍ତିଆ ୩ଟା ସମୟରେ ସମସ୍ତ ନୀତିକାନ୍ତି କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ଭକ୍ତଙ୍କୁ ବାବା ବିଶ୍ୱେଶ୍ୱର ଦର୍ଶନ ଦେବେ। ସକାଳ ୧୦ଟା ୧୦ ମିନିଟରେ ପୀଠରୁ ବାବା ଚନ୍ଦ୍ରଶେଖର ଓ ମାତା ପାର୍ବତୀ ହରଗୌରୀ ବେଶରେ ଗ୍ରାମ୍ୟ ପରିକ୍ରମା ପାଇଁ ବାହାରିବେ। ସନ୍ଧ୍ୟା ୬ ଟା ସମୟରେ ବାବା ଗ୍ରାମ୍ୟ ପରିକ୍ରମା ସାରି ପୀଠକୁ ପହଞ୍ଚିବା ପରେ ବିଶ୍ୱେଶ୍ୱର ବାବାଙ୍କ ଜାଗର ପର୍ବ ପୂଜାବିଧି ଆରମ୍ଭ ହେବ। ପୂଜା ପାଇଁ ଗ୍ରାମ୍ୟ ପୁରୋହିତ ପଣ୍ଡିତ ରାକେଶ ମିଶ୍ରଙ୍କ ଦ୍ୱାରା ସନ୍ଧ୍ୟାଧୂପ ଆଳତି ପରେ ୬ ଟାରୁ ପରଦିନ ସୋମବାର ପାହାନ୍ତିଆ ୩ଟା ମଧ୍ୟରେ ଠାକୁରଙ୍କ ୪ ପ୍ରହର ପୂଜା ଅନୁଷ୍ଠିତ ହେବ। ପ୍ରତି ପ୍ରହରରେ ୧୦୮ ଦୀପ ଆଳତି ଅର୍ପଣ କରାଯିବ। ହୋମ ପୂର୍ଣ୍ଣାହୁତି ସରିବା ପରେ ସୋମବାର ପାହାନ୍ତିଆ ୩ଟା ୪୨ ମିନିଟ ସମୟରେ ମହା ଜାଗର ଦୀପ ଉତ୍ଥାପନ ହେବ। ମନ୍ଦିର ପରିକ୍ରମା କରି ମନ୍ଦିର ଶିଖକୁ ପ୍ରଥମେ ମହାଦୀପ ଚଢ଼ିବ। ତାପରେ ମାନସିକ କରି ଦୀପ ଜାଳିଥିବା ହଜାର ହଜାର ଭକ୍ତମାନେ ଦୀପ ଚଢ଼ାଇବେ।

ମହାଶିବରାତ୍ରି ଉଜାଗର ମେଳା ରବିବାର ଦିନ ପାହାନ୍ତିଆ ୩ ଟାରେ ମନ୍ଦିର ଦ୍ୱାର ଖୋଲାଯାଇ ପାଲି ପୂଜକଙ୍କ ପ୍ରଥମେ ବାବା ବିଶ୍ୱେଶ୍ୱରଙ୍କୁ ଗଙ୍ଗା ଜଳରେ ସ୍ନାନ କରାଇ ବିଧିମୁତାବକ ପୂଜାର୍ଚ୍ଚନା କରିବେ। ପରେ ଭକ୍ତଙ୍କ ଦର୍ଶନର ଲାଗି ଦ୍ୱାର ଖୋଲାଯିବ। ପୂର୍ବାହ୍ନରେ ବିଶ୍ୱେଶ୍ୱର ବାବାଙ୍କ ପୀଠରୁ ବାବା ଚନ୍ଦ୍ରଶେଖର ମାଁ ପାର୍ବତୀଙ୍କ ସହ ହରଗୌରୀ ବେଶରେ ସରଣ୍ଡା ଗ୍ରାମ୍ୟ ପରିକ୍ରମା ପାଇଁ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରିବେ। ଏଥିରେ ବରପାଲି ଖେମେସରାର ଘୁଙ୍ଗୁରା ବାଦ୍ୟ ସାଂସ୍କୃତିକ ଅନୁଷ୍ଠାନ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ବାବା ଚନ୍ଦ୍ରଶେଖର ଗ୍ରାମ୍ୟ ପରିକ୍ରମା କରି ଫେରିବା ପରେ ସନ୍ଧ୍ୟା ୬ ଟାରେ ଚାରି ପ୍ରହର ପୂଜା ଆରମ୍ଭ ହେବ। ପ୍ରତି ପ୍ରହର ପୂଜାପାଠ ପରେ ୧୦୮ ଆଳତି ଅର୍ପଣ କରାଯିବ। ଚାରିପ୍ରହର ପୂଜା ପରେ ହୋମ ପୂର୍ଣ୍ଣାହୁତି ପଡ଼ି ପାହାନ୍ତିଆ ୨ ଟା ୪୫ ମିନିଟରେ ମହାଦୀପ ମନ୍ଦିର ଶିଖକୁ ଉଜାଗର ମହା ଦୀପ ଚଢ଼ିଲା ପରେ ଭକ୍ତମାନେ ମଧ୍ୟ ନିଜ ନିଜ ମାନସିକ ଦୀପ ଚଢ଼ାଇବେ। ରବିବାର ଅପରାହ୍ଣ ୨ ଟାରେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ନିଶାନଭଙ୍ଗା ଗାଁର ସମୀର ବିଶ୍ୱାଳ ଓ ଖୁଣ୍ଟମିଣ୍ଡା ପତ୍ରାପାଲି ଗାଁର ଟିକେତ୍ ସାହୁଙ୍କ ସଙ୍କୀର୍ତ୍ତନ ଏବଂ ରାତ୍ରି ୯ ଟାରୁ ବରପାଲି କାଇଁଶିର ଗାଁର ସଞ୍ଜୁରାଣୀ ସାହୁ ଓ ଭଟଲି କାଶିପାଲି ଗାଁର ପୂଜାରାଣୀ ବିଶିଙ୍କ ମହିଳା କୀର୍ତ୍ତନ ଦଳ ଭଜନ କୀର୍ତ୍ତନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।

ସେମାନେ ଯାହାକୁହନ୍ତି....

ବାବାଙ୍କ ପୀଠକୁ ନୂତନ ସରକାର ଦୃଷ୍ଟି ଦିଅନ୍ତୁ

ବିଶ୍ୱେଶ୍ୱର ବାବାଙ୍କ ମହିମା ସର୍ବବିଦିତ। ପ୍ରତ୍ୟହ ଏଠାକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ଏହି ଶୈବପୀଠ ପର୍ଯ୍ୟଟନ ବିଭାଗର ଦୃଷ୍ଟି ପଡ଼ି ନ ଥିଲେ ବି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ନବ ପ୍ରତିଷ୍ଠିତ ହୋଇଛି। ତେବେ ବର୍ତ୍ତମାନ ନୂଆଁ କରି ସରକାରକୁ ଆସିଥିବା ରାଜ୍ୟ ସରକାର ଆମ ମନ୍ଦିରକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଲେ ଲୋକେ ବିଶେଷ ଉପକୃତ ହେବେ।

ସଚ୍ଚିଦାନନ୍ଦ ମିଶ୍ର, ସଭାପତି, ମନ୍ଦିର ପରିଚାଳନା କମିଟି, ସରଣ୍ଡା

ବାବାଙ୍କ ଆଶୀର୍ବାଦରୁ ସବୁ ସୁରୁଖୁରୁରେ ଚାଲିଛି

ବାବା ବିଶ୍ୱେଶ୍ୱରଙ୍କ କୃପା ଅପାର। ୩ଶହ ବର୍ଷରୁ ଉର୍ଦ୍ଧର ସମୟ ହେଲା ବିଶ୍ୱେଶ୍ୱର ଆସ୍ଥା ଓ ବିଶ୍ୱାସର ଦେବତା ପାଲଟିଛନ୍ତି। ଏହି ପୀଠକୁ ଯିଏ ଆସିଛି, ସିଏ ଭଲ ଅନୁଭୂତି ନେଇ ଫେରିଛି। ବାବାଙ୍କ ଆଶୀର୍ବାଦରୁ ସବୁକିଛି ସୁରୁଖୁରୁରେ ଚାଲିଛି।

ମନୋଜ ମହାପାତ୍ର, ସଂଯୋଜକ ପୂଜା କମିଟି, ସରଣ୍ଡା

ସମସ୍ତଙ୍କ ପାଇଁ ଭୋଗର ବ୍ୟବସ୍ଥା

ଆମ ଏହି ମନ୍ଦିରଟି ଷୋଡଷ ଖ୍ରୀଷ୍ଟାବ୍ଦରୁ ତିଆରି ହୋଇଛି। ଭକ୍ତ ମାନଙ୍କର ବିଶ୍ୱାସ ଥିବାରୁ ଶିବରାତ୍ରି ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ଏଠାରେ ଶିବରାତ୍ରି ଦିନ ଭକ୍ତମାନଙ୍କୁ ସକାଳ ୫ ଟାରୁ ଖେଚୁଡ଼ି ଭୋଗ ଓ ମଧ୍ୟାହ୍ନରେ ଅନ୍ନ ଭୋଗ ଦେବାର ବ୍ୟବସ୍ଥା କରାଯାଇଛି।

ବିନୋଦ ମେହେର, ସମ୍ପାଦକ, ମନ୍ଦିର ପରିଚାଳନା କମିଟି

ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଜନ ସହଯୋଗ ଲୋଡ଼ା

ସରଣ୍ଡାର ବିଶ୍ୱେଶ୍ୱର ବାବା ଏବଂ ସୋର୍ଣ୍ଣାର ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିରରେ ମହା ଶିବରାତ୍ରି ବେଳେ ବହୁ ଭିଡ ପରିଲକ୍ଷିତ ହୋଇଥାଏ। ଏହାକୁ ଆଖି ଆଗରେ ରଖି ଶାନ୍ତି ଶୃଙ୍ଖଳାରେ ଭକ୍ତଙ୍କ ଦର୍ଶନ ଓ ମେଳାର ସଫଳ ସମାପନ ପାଇଁ ସ୍ୱତନ୍ତ୍ର ସ୍କାର୍ଡ ଗଠନ କରାଯାଇଛି। ଜନସାଧାରଣ ଓ ଭକ୍ତ ଏ ଦିଗରେ ସହଯୋଗ କରିବେ ବୋଲି ଆଶା କରୁଛି। ଉଭୟ ମନ୍ଦିରରେ ଜଣେ ଏସ. ଆଇଙ୍କ ନେତୃତ୍ୱରେ ଗୋଟିଏ ଲେଖାଏଁ ସେକ୍ସନ ଫୋର୍ସ ମୁତୟନ କରାଯାଇଛି।

ପ୍ରକାଶ କର୍ଣ୍ଣ, ଆଇଆଇସି, ଅତାବିରା ଥାନା, ଅତାବିରା

ଭାରସାମ୍ୟ ହରାଇ ଓଲଟିଲା ହାଇୱା



ରେଢ଼ାଖୋଲ, ୧୪।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ କଦଳୀଗଡ଼ ପଞ୍ଚାୟତ ଅଧୀନ ପଣ୍ଡକିମାଲ ସ୍କୁଲ ଛକ ନିକଟରେ ଏକ ପାଉଁଶ ବୋଝେଇ ହାଇୱା ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ବୌଦ୍ଧ ୧୫୩(ବି) ଜାତୀୟ ରାଜପଥ ରାସ୍ତାର ପଣ୍ଡଖିମାଲ ସ୍କୁଲ ଛକ ନିକଟରେ ଭାରସାମ୍ୟ ହରାଇ ଏକ ପାଉଁଶ ବୋଝେଇ ହାଇୱା ଗାଡ଼ି ଓଲଟି ପଡ଼ିଥିଲା। ଏଥିରେ ହାଇୱା ଚାଳକ ଆହତ ହୋଇନଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ରେଢ଼ାଖୋଲ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

ଖଲିଆପାଲିରେ ବିଜେଡିର କର୍ମୀ ସମ୍ମିଳନୀ

ଦହିତା, ୧୪।୨(ସମିସ): ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅଧୀନ ଖଲିଆପାଲିରେ ପଦ୍ମପୁର ବିଜୁ ଜନତା ଦଳ ପକ୍ଷରୁ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ କର୍ମକର୍ତ୍ତା ମାନଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ପାକ୍ସ ସଭାପତି ମହେଶ୍ୱର ପୁରୀ, ଜିଲ୍ଲା ବିଜେଡି ସମ୍ପାଦକ ସିଦ୍ଧାର୍ଥ ମିଶ୍ର, ବ୍ଲକ ବିଜେଡି ସଭାପତି ଦୁଷ୍ମନ୍ତ ପଟେଲ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରଶାନ୍ତ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ପୂର୍ଣ୍ଣିମା ରଣା ଏବଂ ସରପଞ୍ଚ, ସମିତି ସଭ୍ୟ, ସମସ୍ତ ପଞ୍ଚାୟତ ସଭାପତିଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



କେଶାଇବାହାଲରେ ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

କୁଚିଣ୍ଡା, ୧୪।୨(ସମିସ): ଗତ ୨୦୧୯ ମସିହାରେ ଜମ୍ମୁ କାଶ୍ମୀରରେ ଆତଙ୍କବାଦୀ ଘଟଣାରେ ଭାରତୀୟ ସେନାର ମୋଟ ୪୦ ଜଣ ଯବାନ ସହିଦ ହୋଇଥିଲେ। ଦେଶ ପାଇଁ ନିଜ ଜୀବନ ଦେଇଥିବା ଉକ୍ତ ଯବାନଙ୍କ ଉଦ୍ଦେଶ୍ୟରେ ବାମରା ବ୍ଲକ କେଶାଇବାହାଲ ବସଷ୍ଟାଣ୍ଡ ଛକ ନିକଟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବିଭୁତି ଭୂଷଣ ପତି ଏବଂ ସୁଶୀଲ କିସାନଙ୍କ ସଂଯୋଜନାରେ ଗୋଲକ ବିହାରୀ ଗୁରୁ, ଡାକ୍ତର ସ୍ୱସ୍ତିକ ପଟେଲ, ପ୍ରାକ୍ତନ ଶିକ୍ଷକ ଦିଲିପ ରାୟ, ମଧୁସୂଦନ ପ୍ରଧାନ, ପଣ୍ଡିତ ସୁରେଶ ଶର୍ମା, ଚନ୍ଦ୍ରଭାନୁ ସେଠ, ଋଷିକେଶ ଶର୍ମା, ରାମ କିସାନ, ରାଜା ଦ୍ୱିବେଦୀ, ହର୍ଷ ଶର୍ମା, ସମେତ ଶତାଧିକ ସାମିଲ ହୋଇଥିଲେ।

ଗୌରପୁରୀ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କଲେ ବିଧାୟିକା

ପାଇକମାଳ, ୧୪।୨(ସମିସ): ପାଇକମାଳ ବ୍ଲକ ଗୌରପୁରୀରେ ଏକ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ମଣ୍ଡପର ଉଦ୍‌ଘାଟନ କରିଥିଲେ। ବିଧାୟକ ପାଣ୍ଠିରୁ ନିର୍ମିତ କଲ୍ୟାଣ ମଣ୍ଡପ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟିକା ପ୍ରତିନିଧି ହୃଦାନନ୍ଦ ବାରିକ, ଜିଲ୍ଲା ଉପସଭାପତି ଟାଇଲ ଚନ୍ଦ୍ର ଭୋଇ, ବିଜେଡି ଯୁବ ସଭାପତି ଗୌତମ ସିଂ, ପଞ୍ଚାୟତ ସଭାପତି ନନ୍ଦଲାଲ ବରିହା ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ଜମନକିରା, ୧୪।୨(ସମିସ): ଜମନକିରା ବ୍ଲକ ଧୁଡ଼ିପାଲି ପଞ୍ଚାୟତ ରଜାମୁଣ୍ଡା ସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏହି ଅବକାଶରେ ଶିକ୍ଷା କେନ୍ଦ୍ରର ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ପରିବେଶବିତ ତଥା ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ସୌଭାଗ୍ୟ କୁମାର ପଟେଲ, ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟା ପ୍ରଭାବତୀ ବେହେରା, ଭୂମି ଦାତ୍ରୀ ରତ୍ନ ମଞ୍ଜରୀ ଚୌଧୁରୀ, ଧୁଡ଼ିପାଲି ହାଇ ସ୍କୁଲର ପ୍ରଧାନଶିକ୍ଷକ ଦୋଳ ଗୋବିନ୍ଦ ସାହୁ, ଚନ୍ଦିନୀମାଲ ହାଇ ସ୍କୁଲର ପ୍ରଧାନଶିକ୍ଷକ କମଳଲୋଚନ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଡିସି ପଟେଲ, ମାୟାଧର କାଲୋ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଦିବାକର ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ବିଭୂତି ଭୂଷଣ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ପୁଲୱାମା ସହିଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୧୪।୨ (ସମିସ)

୨୦୧୯ରେ ଆଜିର ଦିନରେ ପୁଲୱାମାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ବାର୍ଷିକୀକୁ 'କଳା ଦିବସ'ର ଅଂଶ ଭାବରେ ଗୋଶାଳାସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର, ସମ୍ବଲପୁରରେ ପାଳନ କରାଯାଇଥିଲା। ଏହି ସମାରୋହରେ ଗ୍ରୁପ୍ ସେଣ୍ଟରର ଡେପୁଟି ଇନ୍ସପେକ୍ଟର ଜେନେରାଲ ଦିଲୀପ ସିଂହ ଅମ୍ବେଶ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସମସ୍ତ ଅଧିକାରୀ, ଅଧୀନସ୍ଥ ଅଧିକାରୀ ଏବଂ ସୈନିକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡେପୁଟି ଇନ୍ସପେକ୍ଟର ଜେନେରାଲ ତାଙ୍କ ବକ୍ତବ୍ୟରେ ୧୪ ଫେବୃଆରୀ, ୨୦୧୯ରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ହୋଇଥିବା କାପୁରୁଷ ଆତ୍ମଘାତୀ ଆକ୍ରମଣରେ ସହିଦ ହୋଇଥିବା ୪୦ ଜଣ ସାହସୀ ସୈନିକଙ୍କ ଅତୁଳନୀୟ ସାହସ, ସମର୍ପଣ ଏବଂ ସର୍ବୋଚ୍ଚ ବଳିଦାନକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ, ସହିଦମାନଙ୍କୁ ସଲାମ ଏବଂ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଦୁଇ ମିନିଟ୍ ନୀରବ ପାଳନ କରାଯାଇଥିଲା ଏବଂ ରାଷ୍ଟ୍ରର ଅଖଣ୍ଡତା ଏବଂ ସୁରକ୍ଷା ପ୍ରତି ସର୍ବଦା ସମର୍ପିତ ରହିବାର ପ୍ରତିଜ୍ଞା ପୁନରାବୃତ୍ତି କରାଯାଇଥିଲା।



ପ୍ରୟାସ ପରିବାର

୨୦୧୯ ମସିହା ଆଜି ଦିନରେ ଜାମ୍ମୁ କାଶ୍ମୀରର ପୁଲୱାମାଠାରେ ଗୁଟେ ଆତଙ୍କବାଦୀ ଆକ୍ରମଣରେ ଭାରତର ୪୦ ଜଣ ସିଆର୍‌ପିଏଫ୍ ଯବାନ ସହିଦ ହୋଇଥିଲେ। ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ଲାଗି ସାହସୀ ସୈନିକଙ୍କ ବଳିଦାନ ଆମ ଆଗାମୀ ପିଢ଼ିକୁ ମାତୃଭୂମିର ସେବା କରିବାକୁ ପ୍ରୋତ୍ସାହନ କରିବ। ଭାରତୀୟ ସେନାର ବଳିଦାନକୁ ପ୍ରୟାସ ପରିବାର ସମ୍ବଲପୁର ପକ୍ଷରୁ ସଲାମ ଜଣାଇବାସହ ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ମାନସ ରଞ୍ଜନ ବକ୍ସି, ସ୍ୱଙ୍ଗଜିତ ପଟ୍ଟନାୟକ, ରାଜ କୁମାର ଜାଲ, ଅଭୟ ପ୍ରଧାନ, ସୁପ୍ରିତ ଠେଲା, ବିପୁଳ ସାହୁ, ନମିତା ପାଣ୍ଡେ, ରିଣ୍ଟି ପାଢ଼ୀ, ଶୁଭମ୍ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

ପଶ୍ଚିମାଞ୍ଚଳ ଏକତା ମଞ୍ଚ

ଫେବୃଆରୀ ୧୪ ତାରିଖରେ ପୁଲୱାମାରେ ହୋଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣର ଘଟଣାକୁ କଳା ଦିବସ ଭାବେ ପାଳନ କରାଯିବା ସହ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସହିଦ ମାନଙ୍କ ସ୍ମୃତିରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚର ରାଜେଶ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚର ସଦସ୍ୟା ସଦସ୍ୟଙ୍କ ସହ ସମ୍ବଲପୁରୀ ଡେରାରେ ସମ୍ବଲପୁରୀ ନୃତ୍ୟ ଶିକ୍ଷା କରୁଥିବା ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ କାନ୍ତୀ ମେହେର, ଲଳିତା ଭୋଇ, ସୁଦାମ ମେହେର, ମୀନା ନାଏକ, ରାହୁଲ ଗୁପ୍ତା, ଅମିତ ଦାସ, ରବି ନାରାୟଣ ପଣ୍ଡା, ଆବାହକ ଭବାନୀଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ଭୀମଭୋଇ କଲେଜରେ ପଦାର୍ଥ ବିଜ୍ଞାନ ବିଭାଗର ସମ୍ମାନ

ରେଢ଼ାଖୋଲ, ୧୪।୨ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟଠାରେ ଶନିବାର ଦିନ ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ ଏକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି।



ଏଥିରେ ଚନ୍ଦ୍ରପୃଷ୍ଠକୁ ଚନ୍ଦ୍ରଯାନର ପୁନଃଭ୍ରମଣ ଶୀର୍ଷକ ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରସନ୍ନ କୁମାର ମିଶ୍ର, ପ୍ରାଧ୍ୟାପକ ସନ୍ତୋଷ କୁମାର ଦାଶ ଏବଂ ପ୍ରାଧ୍ୟାପକ ସତିଶ ପଟେଲ ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇଥିଲେ। ଅତିଥି ମାନେ ଚନ୍ଦ୍ରଯାନର ଚନ୍ଦ୍ରପୃଷ୍ଠକୁ ପୁନଃଭ୍ରମଣ ସମ୍ପର୍କରେ ଆଲୋଚନା କରିଥିଲେ। ଚନ୍ଦ୍ରଯାନର ଦକ୍ଷିଣ ମେରୁରେ ଅବତରଣ ଦ୍ୱାରା ମହାକାଶ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଭାରତ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ପରିବେଶ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂ ଏବଂ ପ୍ରାଧ୍ୟାପକ ଅକ୍ଷୟ କୁମାର କର ଯୋଗଦେଇ ମହାବିଦ୍ୟାଳୟରେ ବିଭିନ୍ନ ବିଭାଗ ତରଫରୁ ନିୟମିତ ସମ୍ମାନ ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଆବାହକ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ।


ଆଜି ମହାଶିବରାତ୍ରି; ଶିବାଳୟରେ ପ୍ରସ୍ତୁତି ଶେଷ

ଜାଗର ମେଳା ପାଇଁ ୧ ହଜାରରୁ ଊର୍ଦ୍ଧ୍ୱ ଦୋକାନକୁ ଅନୁମତି





ମୁଖ୍ୟ ଆକର୍ଷଣ ସାଜିବ ଜଳପରି ସୋ'



ରାଉରକେଲା, ୧୪।୨(ସମିସ)

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସଠାରେ ଜାଗର ମେଳା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଶିବରାତ୍ରି ତଥା ଜାଗର ପାଳିତ ହେବାକୁ ଥିବା ବେଳେ ଉକ୍ତ ଦିନ ଠାରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ମେଳା ଅନୁଷ୍ଠିତ ହେବ। ଏହି କ୍ରମରେ ମେଳା ପଡ଼ିଆ ଚଳଚଞ୍ଚଳ ହୋଇ ଉଠିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ବ୍ୟବସାୟୀମାନେ ମେଳାରେ ବ୍ୟବସାୟ କରିବାକୁ ରାଉରକେଲାରେ ପହଞ୍ଚିଛନ୍ତି। ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ଠାରୁ ବ୍ୟବସାୟୀମାନେ ଫର୍ମ ସଂଗ୍ରହ କରିଥିବା ଜଣାପଡ଼ିଛି। ସେମାନଙ୍କୁ ମେଳା ପଡ଼ିଆରେ ଦୋକାନ ଲଗାଇବା ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସ୍ଥାନ ଚିହ୍ନଟ କରାଯାଇଛି। ସମସ୍ତ ବ୍ୟବସାୟୀ ସେମାନଙ୍କ ଦୋକାନ ଲଗାଇବାର ବ୍ୟବସ୍ଥାରେ ଲାଗି ପଡ଼ିଛନ୍ତି। ୧ ହଜାରରୁ ଊର୍ଦ୍ଧ୍ୱ ଦୋକାନୀଙ୍କ ସ୍ଥାନ ଚିହ୍ନଟ କରାଯାଇ ସେମାନଙ୍କୁ ଦୋକାନ ଲଗାଇବା ପାଇ ଅନୁମତି ପ୍ରଦାନ କରାଯାଇ ସାରିଛି। ମେଳାରେ ଭିଡକୁ ଦୃଷ୍ଟିରେ ରଖି ପ୍ରତି ଦୋକାନ ଲାଇନରେ ୨୦ ଫୁଟ ରାସ୍ତା ଫାଙ୍କା ରଖାଯାଇଛି। ବିଭିନ୍ନ ଖାଦ୍ୟ ସାମଗ୍ରୀ, କପଡ଼ା, ଲୁହା ସାମଗ୍ରୀ, ଫାଷ୍ଟ ଫୁଡ୍, ଘର ସାଜସଜ୍ଜା ସାମଗ୍ରୀ, ହୋଟେଲ, ମିନା ବଜାର ସମେତ ଅନ୍ୟ ଦୋକାନ ପଡ଼ିବ ବୋଲି କୁହାଯାଇଛି। ଏଥିରେ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ ସମେତ ପଶ୍ଚିମ ଓଡ଼ିଶାରୁ ବ୍ୟବସାୟୀମାନେ ଦୋକାନ ଲଗାଇବେ। ମେଳାରେ ଦୋକାନୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ମୁଖ୍ୟ ଆକର୍ଷଣ ଜଳପରି ରହିବ। ଏହା ସହ ଅନ୍ୟ ଟୁରାଟୁରା, ବ୍ରେକ ଡ୍ୟାନ୍ସ, ଅକ୍ଟୋପସ ଡ୍ରାଗନ, ଚାନ୍ଦତାରା ଭଳି ଦୋଳି ଶିଶୁ ଓ ପିଲାଙ୍କୁ ଆକର୍ଷିତ କରିବ। ଅନ୍ୟପଟେ ବାଲୁଙ୍କେଶ୍ୱର ଏବଂ ଚନ୍ଦ୍ରଶେଖର ମହାଦେବ ମନ୍ଦିର ସହ ଏଠାରେ ଥିବା ଅନ୍ୟ ଦେବୀଦେବାଳୟ ଗୁଡିକୁ ରଙ୍ଗ କରିବା ସହ ଆଲୋକ ବ୍ୟବସ୍ଥା କରାଯାଇଛି। ବ୍ରାହ୍ମଣୀ ନଦୀରେ ଭକ୍ତଙ୍କ ସୁରକ୍ଷା ପାଇଁ ସେଠାରେ ବ୍ୟାରିକେଡର ବ୍ୟବସ୍ଥା କରାଯିବା ସହ ମନ୍ଦିରକୁ ପ୍ରବେଶ ପାଇଁ ମଧ୍ୟ ବ୍ୟାରିକେଡ କରାଯିବାର ସମସ୍ତ ବ୍ୟବସ୍ଥା କରାଯାଇଛି। ମେଳାରେ ଟ୍ରାଫିକ ପରିଚାଳନା ଏବଂ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଆବଶ୍ୟକ ପୁଲିସ ଫୋର୍ସଙ୍କ ସହ ସିଭିଲ ଡିଫେନ୍ସର ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ଅଗ୍ନି ନିରାପତ୍ତାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ ମେଳାରେ ନିୟନ୍ତ୍ରଣ କକ୍ଷ ବ୍ୟବସ୍ଥା କରାଯାଇଛି। ଏହାସହ ମେଳାରେ ଅସ୍ଥାୟୀ ଚିକିତ୍ସା ଶିବିର ସହ ମେଡିକାଲ ଷ୍ଟାଫ, ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ସେହିପରି ସହରର ସମସ୍ତ ଶିବାଳୟରେ ମହାଶିବରାତ୍ରି ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କୌଣସି ଅସୁବିଧା ସୃଷ୍ଟି ନହୁଏ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଅପରପକ୍ଷେ ହନୁମାନ ବାଟିକା, ସଙ୍କଟ ମୋଚନ ମନ୍ଦିର, ଏଫସିଆଇ ଲୋକନାଥ ଶିବ ମନ୍ଦିର, ତରକେରା ଧବଳେଶ୍ୱର ମନ୍ଦିର, ସେକ୍ଟର-୩ ସ୍ଥିତ ଜଗନ୍ନାଥ ମନ୍ଦିର, ବିଶ୍ରା ଡାହାର ମନୋକାମନା ସିଦ୍ଧି ହନୁମାନ ମନ୍ଦିର, ଶ୍ୟାମ ମନ୍ଦିର, ଶିବାଜୀ ମାର୍ଗ ଶିବ ମନ୍ଦିର, ପାୱାର ହାଉସ୍ ନ୍ୟାସନାଲ କ୍ଲବ୍ ନିକଟସ୍ଥ ଆଖଣ୍ଡଳମଣୀ ଶିବ ମନ୍ଦିର, ଉଦିତନଗର ଆଖଣ୍ଡଳମଣୀ ଶିବ ମନ୍ଦିର, ପାନପୋଷ ଜଗନ୍ନାଥ, କଳିଙ୍ଗ ବିହାର ପାହାଡ ଆଖଣ୍ଡଳମଣୀ ମନ୍ଦିର ସମେତ ଅନ୍ୟ ଶିବାଳୟରେ ମହାଶିବରାତ୍ରି ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜଣାପଡ଼ିଛି।

୨୦୦ ହୋମଗାର୍ଡଙ୍କ ସହ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ



ରାଉରକେଲା, ୧୪।୨(ସମିସ): ରାତି ପାହିଲେ ମହା ଶିବରାତ୍ରି ଥିବା ବେଳେ ଏଥିପାଇଁ ଶୈବ୍ୟ ପୀଠ ବେଦବ୍ୟାସରେ ମହା ଶିବରାତ୍ରି ଏବଂ ଜାଗର ମେଳା ପାଇଁ ୧୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହାଛଡା ୨୦୦ରୁ ଊର୍ଦ୍ଧ୍ୱ ହୋମ୍ ଗାର୍ଡ ଏବଂ ଟ୍ରାଫିକ ପୁଲିସ ମଧ୍ୟ ମୁତୟନ କରାଯାଇଛି। ଏଥିପାଇଁ ଆଜି ରାଉରକେଲା ପୁଲିସ ପକ୍ଷରୁ ବେଦବ୍ୟାସରେ ବ୍ରିଫିଂ କରାଯାଇଥିଲା। ବ୍ରାହ୍ମଣୀ ନଦୀ କୂଳରେ ଥିବା ଏହି ଶୈବ ପୀଠରେ ରବିବାର ଦେବଦେବ ମହାଦେବଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ନେଇ ଅନୁମାନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଏବଂ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ମନ୍ଦିରର ପୁନରୁଦ୍ଧାର କାମ ଚାଲିଥିବାରୁ ଦର୍ଶନ ପାଇଁ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଚଳିତ ବର୍ଷ ମନ୍ଦିରର ସମ୍ମୁଖ ଦ୍ୱାର ଦେଇ ଶ୍ରଦ୍ଧାଳୁ ବାଲୁଙ୍କେଶ୍ୱର ମନ୍ଦିରରେ ଦର୍ଶନ କରିବେ। ଭୋର୍ ୩ ଟାରୁ ମନ୍ଦିର ଦ୍ୱାର ଖୋଲାଯିବ। ରାତି ୨ ଟା ବେଳେ ମହାଦୀପ ଉଠିବ। ଜିଲ୍ଲାପାଳ ଚନ୍ଦ୍ରଶେଖର ମନ୍ଦିରରେ ମହାଦୀପ ଉଠାଇବେ ଏବଂ ରାଉରକେଲା ଏସପି ବାଲୁଙ୍କେଶ୍ୱର ମନ୍ଦିରରେ ମହାଦୀପ ଉଠାଇବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ମହାଶିବରାତ୍ରି ଉପଲକ୍ଷେ ଏଠାରେ ୧୫ ଦିନ ପାଇଁ ମେଳା ଲାଗିଛି। ମେଳାର ସବୁଠାରୁ ବଡ ଆକର୍ଷଣ ଥାଏ ବିଭିନ୍ନ ପ୍ରକାରର ଦୋଳି ଖେଳ। ଚଳିତ ବର୍ଷ ପ୍ରାୟ ୧୦ ପ୍ରକାରର ଦୋଳି ଖେଳ ଉପଲବ୍ଧ ଅଛି। ଏବେ ଦୋଳି ସହ ବିଭିନ୍ନ ଆମୋଦ ପ୍ରମୋଦ ସାମଗ୍ରୀ ଲଗାଯାଇଛି। ଶାନ୍ତି ଶୃଙ୍ଖଳା ସହ ମହାଶିବରାତ୍ରି ପାଳନ ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

କାର୍-ବାଇକ୍ ମୁହାଁମୁହିଁ ଧକ୍କା; ମାଛ ବେପାରୀ ମୃତ

ବଣାଇଁ, ୧୪।୨(ସମିସ): ବଣାଇଁ ଉପଖଣ୍ଡ ମହୁଲପଦା ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ (୧୦ କ) ର ମୁଚୁରୀନାଳି ନିକଟରେ କାର୍ ଧକ୍କାରେ ଜଣେ ମାଛ ବେପାରୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ବାରକୋଟ ଥାନା ମେକସନପୁର ଗ୍ରାମର ନନ୍ଦ ପାତ୍ର (୪୧) ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ନନ୍ଦ ଆଜି ବାରକୋଟ ବ୍ରାହ୍ମଣୀ ନଦୀରୁ ଝରାମାନଙ୍କ ଠାରୁ ମାଛ ସଂଗ୍ରହ କରି ନିଜ ବାଇକ୍ ଯୋଗେ ସକାଳୁ ଖୁଣ୍ଟଗାଁ ସାପ୍ତାହିକ ହାଟକୁ ମାଛ ବିକିବାକୁ ଆସିଥିଲେ। ହାଟ ସାରି ସନ୍ଧ୍ୟାରେ ଘରକୁ ଫେରିବାବେଳେ ବାରକୋଟ ଥାନା ଅଞ୍ଚଳର କେତେକ ଯୁବକ ଏକ କାରରେ ମହୁଲଡିହା ଅଭିମୁଖେ ଆସୁଥିବା ବେଳେ ନନ୍ଦଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମାଛ ବ୍ୟବସାୟୀ ବାଇକ୍ ସହ ରାସ୍ତା ଉପରେ ଛିଟିକି ପଡ଼ିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କାର ଚାଳକ ଓ ବସିଥିବା ଯୁବକମାନେ ଗାଡି ଛାଡି ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଖବରପାଇ ଲହୁଣୀପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ଯୁବତୀଙ୍କୁ ଦୁଷ୍କର୍ମ; ଯୁବକ ଗିରଫ

ରାଉରକେଲା, ୧୪।୨(ସମିସ): ଜନୈକା ୧୯ ବର୍ଷୀୟା ଯୁବତୀଙ୍କୁ ଦୁଷ୍କର୍ମ କରି ୫ ମାସର ଗର୍ଭବତୀ କରିବା ଅଭିଯୋଗରେ ଜଣେ ଯୁବକକୁ ବିରମିତ୍ରପୁର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପିଡିତା ଯୁବତୀ ବିରମିତ୍ରପୁର ଥାନାରେ ଅଭିଯୋଗ କରିବା ପରେ ବିହାର ଭାଗଲପୁର ଅଞ୍ଚଳର ୩୪ ବର୍ଷୀୟ ସତ୍ୟ ପ୍ରକାଶ ସିଂ ନାମକ ଅଭିଯୁକ୍ତକୁ ଗିରଫ କରି ବିରମିତ୍ରପୁର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ଗିରଫ ଅଭିଯୁକ୍ତ ସୁନ୍ଦରଗଡ଼ ଜିଲ୍ଲାର କଲୁଙ୍ଗା ଅଞ୍ଚଳରେ ଏକ ଘରୋଇ କାରଖାନାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ପଡ଼ିତା ଯୁବତୀଙ୍କ ସହ ପରିଚୟ ହୋଇଥିଲା। ପରେ ସେ ବିବାହର ପ୍ରଲୋଭନ ଦେଖାଇ ପିଡିତା ଯୁବତୀକୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି।

ପୁଲ୍‌ୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ରାଉରକେଲା, ୧୪।୨(ସମିସ): ୨୦୧୯ ଫେବୃଆରୀ ୧୪ ତାରିଖରେ ସଂଘଠିତ ହୋଇଥିବା ପୁଲୱାମା ଆତଙ୍କବାଦ ଆକ୍ରମଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ ଏବଂ ସହିଦ ହୋଇଥିବା ୪୦ ଜଣ ଦିବଙ୍ଗତ ସୈନିକମାନଙ୍କ ଅମର ଆତ୍ମାର ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପାଇଁ ରାଷ୍ଟ୍ରୀୟ ଚେତନାଶୀଳ କୋଏଲନଗର ଡ଼ି ବ୍ଲକର ନିବାସୀ ବିଶିଷ୍ଟ ସମାଜସେବୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟୁଲତା ପୃଷ୍ଟି, ମମତା ଦାସ, ଇନ୍ଦିରାବତୀ ଲୋହାର, ବିଭୂତି ଭୂଷଣ ଦାସ, ସିଦ୍ଧାନ୍ତ ସିଂହ, ପ୍ରଦୀପ କୁମାର ସାହୁ, ଦୀପକ ସାହୁ, ସୁସ୍ମିତା ବାରା, ଶୁଭଦର୍ଶନୀ ପାଲ, ଅନିତା ଅମ୍ବାଡ଼ି, ସୀମା ପଟ୍ଟନାୟକ, ନେହା ନାଗ, ସ୍ନେହଲତା ସାହୁ, ହେମନ୍ତ ନାୟକ, ସୁଶୀଳା ନାୟକ ଉପସ୍ଥିତ ଥିଲେ। ଲତିକା ପଟ୍ଟନାୟକ ଆତଙ୍କବାଦ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ। ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

ବଣାଇଁ: ୨୦୧୯ ଫେବୃଆରୀ ୧୪ରେ ପୁଲୱାମା ଆକ୍ରମଣରେ ସହିଦ ହୋଇଥିବା ବୀର ଜବାନଙ୍କୁ ବଣାଇଁର ଯୁବଗୋଷ୍ଠୀ ଓ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଏହି ଅବସରରେ ସହିଦ୍‌ମାନଙ୍କ



ଉଦ୍ଦେଶ୍ୟରେ ମହମବତି ଜଳାଇ ଏକ ଶୋଭାଯାତ୍ରା ଦେଓଗାଁ ଛକରୁ ବାହାରି ବଣାଇଁ ମୁଖ୍ୟ ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଅଭିଷେକ ବ୍ରହ୍ମ, ରାମଚନ୍ଦ୍ର ସାହୁ, ଗିରିଧାରୀ ସାହୁ, କ୍ଷମାକର ସାଥୁଆ, ଗୁଣ ପାତ୍ର, ରାଜୁ ସାହୁଙ୍କ ସହ ବଣାଇଁର ବହୁ ଯୁବକ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ।

ଡାଲମିଆ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

କୁତ୍ରା, ୧୪।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ଶନିବାର ୪୮ ତମ ବାର୍ଷିକ କ୍ରୀଡା ଉତ୍ସବ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଜିତେନ୍ଦ୍ର କୁମାର ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ ଭଳି ଅନେକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କ୍ରୀଡା କାର୍ଯ୍ୟକ୍ରମଟିକୁ ଅନୀତା କିଷାନ, ରୋଜି କାଲୋ, ତରୁଣ ହୁଇକା, କ୍ୟାପଟେନ ହମ୍ମିଦ, ଗଣେଶ ମହାକୁଲ, ଏନଏସଏସ, ଏନସିସି ଛାତ୍ରଛାତ୍ରୀମାନେ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁତ୍ରା (ଖ) ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ ଯୋଗଦେଇଥିଲେ। ଶେଷରେ ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



'ଜେଜେ ବାପା-ଜେଜେ ମା' ସମ୍ମିଳନୀ



ରାଉରକେଲା, ୧୪।୨(ସମିସ): ସ୍ଥାନୀୟ ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ 'ଜେଜେବାପା-ଜେଜେମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମ୍ମାନିତ ଜେଜେମା ରେବତୀବାଳା ଦାସ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜେଜେବାପା ଓ ଜେଜେମା ପରିବାରର ଶକ୍ତି ଓ ଅନୁଭବର ଭଣ୍ଡାର, ସେମାନଙ୍କ ମାର୍ଗଦର୍ଶନ ଶିଶୁମାନଙ୍କୁ ସଂସ୍କାରୀ କରିବାରେ ସାହାଯ୍ୟ କରିଥାଏ ବୋଲି କହିଥିଲେ। ଏଥିସହ ବର୍ତ୍ତମାନର ଆଧୁନିକ ଯୁଗରେ ଟେଲିଭିଜନର ଅପସଂସ୍କୃତି ଠାରୁ ଦୂରେଇ ରହି ଭଲ ଗୁଣଗୁଡ଼ିକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଉପସଭାପତି ଚନ୍ଦନଲାଲ ଅଗ୍ରୱାଲ, କୋଷାଧ୍ୟକ୍ଷ ବସନ୍ତ କୁମାର ତନ୍ତୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଲୋଚନା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ବାଟିକାର ପ୍ରମୁଖ ସସ୍ମିତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପସ୍ଥିତ ସମସ୍ତ ଜେଜେବାପା ଓ ଜେଜେମାଙ୍କୁ ବିଦ୍ୟାଳୟ ପକ୍ଷରୁ 'ମାନପତ୍ର' ଦେଇ ସମ୍ମାନିତ କରାଯାଇଥିଲା। ଶକୁନ୍ତଳା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

'ଓଡ଼ିଆ କାବ୍ୟ କବିତାରେ ବସନ୍ତର ବାସ୍ନା' ଆଲୋଚନାଚକ୍ର

ରାଉରକେଲା, ୧୪।୨(ସମିସ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମାଧବ ନଗର ଶାଖା ଓ ରାଉରକେଲା କଲେଜର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱ, ନଗର ଶାଖାର ସଭାପତି ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶଙ୍କ ଆବାହକତ୍ୱ, ଅଧ୍ୟାପିକା ପ୍ରିୟଙ୍କା ପଲେଇଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ଆରଏସପିର ପ୍ରାକ୍ତନ ମହାପ୍ରବନ୍ଧକ ଡ. ଶକ୍ତିପ୍ରସାଦ ସାମନ୍ତରାୟ ମୁଖ୍ୟଅତିଥି, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାର ଓଡ଼ିଆ ବିଭାଗର ମୁଖ୍ୟ ଡ. ସୁଷମା ମୋଦୀ ସ୍ୱତନ୍ତ୍ର ଅତିଥି, 'ସୁନାଫୁଲ' ପତ୍ରିକାର ସମ୍ପାଦକ ସୁନିଲ କୁମାର ମହାନ୍ତି ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ 'ଓଡ଼ିଆ କାବ୍ୟ କବିତାରେ ବସନ୍ତର ବାସ୍ନା' ସମ୍ପର୍କରେ ଆଲୋଚନା କରିଥିଲେ। ଶାଖାର ସଭାପତି ଶିକ୍ଷାବିତ୍ ଶ୍ରୀ ଦାଶ କାର୍ଯ୍ୟକ୍ରମର ପ୍ରାକ୍ କଥନ ସହ 'ମ୍ୟାଚିଂ' ସମ୍ପର୍କରେ ଏକ ଅଣୁ ଗଳ୍ପ ପାଠ କରିଥିଲେ। ଗାଳ୍ପିକା କ୍ଷୀରେଶ୍ୱରୀ କିଷାନ 'ବସନ୍ତ ବିଧୁର' ଶୀର୍ଷକ ଗଳ୍ପ ପାଠ କରିଥିଲେ। ସ୍ୱତନ୍ତ୍ର ଅତିଥି ଡ. ମୋଦୀ କାର୍ଯ୍ୟକ୍ରମର ଉପସଂହାର କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ସୁମନ୍ତ ଉପାଧ୍ୟାୟ ସଭାପତିତ୍ୱ କରିଥିବା ବେଳେ କବି ନିରୁପମା ପତି ଓ ନଗର ଶାଖାର ସମ୍ପାଦିକା ଅଳକା ମହାନ୍ତିଙ୍କ ସଂଯୋଜନାରେ ସତ୍ୟବ୍ରତ ଦାସ, କୁଞ୍ଜବିହାରୀ ରାଉତ, ବ୍ରହ୍ମାନନ୍ଦ ପାଢ଼ୀ, ପ୍ରତାପ କୁମାର ପଣ୍ଡା, ଆରସୀ ସେନାପତି, ଶ୍ରୀଧର ସୁନା, ଆଶୁତୋଷ ଜ୍ୟୋତିଷୀ, ସଞ୍ଜୀବ ଭୋଇ, ପ୍ରତାପରୁଦ୍ର ତ୍ରିପାଠୀ, ମୋନାଲି କିଷାନ, ତ୍ରିଲୋଚନ ସ୍ୱାଇଁ, କରୁଣାକର ପାଟ୍ଟଶାଣୀ, ଗଙ୍ଗାଧର ପଣ୍ଡା, ସୁମନ୍ତ ଉପାଧ୍ୟାୟ, ନିରୁପମା ପତି ଓ ଅଳକା ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ସହ ସଂଗଠନ ସମ୍ପାଦକ ଗଙ୍ଗାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଉପେନ୍ଦ୍ରନାଥ ଦାଶ, ଜଗନ୍ନାଥ ରାଉତ, ସୁସ୍ମିତା ମହାପାତ୍ର, ପୂର୍ଣ୍ଣିମା ସାଏ, ରେଶ୍ମା କୁଜୁର, ମୀନାଦୁଲାରୀ ପଣ୍ଡା, ଭୂମିକା ସିଂ, ରିୟା ହାସିନା ଲାକ୍ରା, ଶିବାନୀ କେରକେଟ୍ଟା, ରାଜଲକ୍ଷ୍ମୀ ଆଚାର୍ଯ୍ୟ, ପ୍ରତିମା କୁମାରୀ ପାତ୍ର, କୈଳାଶ ଚନ୍ଦ୍ର ମାହାଳି ପ୍ରମୁଖ ଉପସ୍ଥିତ ଥିଲେ।



ଦୀପିକା ଇସ୍ପାତ ଶିକ୍ଷା ସଦନରେ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ କିଟ୍ ପ୍ରଦାନ



ରାଉରକେଲା, ୧୪।୨(ସମିସ): ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାପିତ ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନରେ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ପାଇଁ ପରାମର୍ଶ ଏବଂ କିଟ୍ ପ୍ରଦାନ କରାଯାଇଛି। ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଉତ୍ସବରେ ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ସ୍ମିତା ଗିରି, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ ଓ ନବନୀତା ପାଲଚୌଧୁରୀ, ସମ୍ପାଦିକା ସାରିକା କୁମାର, ଡିଏମଏସ ପରିଚାଳନା କମିଟିର ସଦସ୍ୟା ତଥା ସ୍ୱେଚ୍ଛାସେବୀ, ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଲେଙ୍କା ଏବଂ ବିଦ୍ୟାଳୟର ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ସ୍ନାକ୍ସ ପ୍ୟାକେଟ୍ ସହିତ କାର୍ଡ ବୋର୍ଡ ଏବଂ ଲେଖା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ। ପରୀକ୍ଷା ସମୟରେ ବିଷୟଗୁଡ଼ିକର ଅନ୍ତିମ ପ୍ରସ୍ତୁତି ଓ ସଂଶୋଧନ ଏବଂ ପ୍ରଶ୍ନପତ୍ରର ଉତ୍ତର ପାଇଁ ଉତ୍ତମ ଆଭିମୁଖ୍ୟ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ସମୁଦାୟ ୮୮ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷର ଦଶମ ବୋର୍ଡ ପରୀକ୍ଷା ଦେବେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତି ଗୌଡ ଓ ମୀନାକ୍ଷୀ, ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଆତିଫା ସଂଯୋଜନା କରିଥିଲେ।

ଏନ୍‌ଆଇଟି-ଓଏମ୍‌ସି ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର

ରାଉରକେଲା, ୧୪।୨(ସମିସ)



ରାଉରକେଲା ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଏନ୍‌ଆଇଟି) ଓଏମ୍‌ସି ବୃତ୍ତିଗତଙ୍କ ସଂରଚିତ କ୍ଷମତା ନିର୍ମାଣ, ବୈଷୟିକ ଉନ୍ନତ ଦକ୍ଷତା ଏବଂ ପରିଚାଳନାଗତ ବିକାଶରେ ସହଯୋଗ କରିବା ପାଇଁ ଓଡ଼ିଶା ଖଣି ନିଗମ ଲିମିଟେଡ୍ (ଓଏମସି) ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏହି ବୁଝାମଣାପତ୍ର ମିଳିତ ଗବେଷଣା, ନବସୃଜନ, ଡିଜିଟାଇଜେସନ୍ ଏବଂ କାର୍ଯ୍ୟକ୍ଷମ ଅପ୍ଟିମାଇଜେସନ୍ ପଦକ୍ଷେପକୁ ସମର୍ଥନ କରେ। ବୁଝାମଣାପତ୍ର ସ୍ୱାକ୍ଷର ସହିତ ସମନ୍ୱୟ ରଖି 'ଖଣିଜ ସମ୍ବଳ ପରିଚାଳନା : ବୈଷୟିକ, ନିୟାମକ ଏବଂ ରଣନୈତିକ ଅନ୍ତର୍ଦୃଷ୍ଟି' ଉପରେ ଏକ ତିନି ଦିନିଆ ନିରନ୍ତର ବୃତ୍ତିଗତ ବିକାଶ (ସିପିଡି) କାର୍ଯ୍ୟକ୍ରମ ଗତ ୧୨ ତାରିଖରୁ ଆରମ୍ଭ ହୋଇ ଆଜି ଉଦଯାପିତ ହୋଇଛି। ପୃଥିବୀ ଏବଂ ବାୟୁମଣ୍ଡଳୀୟ ବିଜ୍ଞାନ ବିଭାଗ ପ୍ରଫେସର ଏସ୍‌କେ ଏମ୍ ଏକ୍ରିନୁଦ୍ଦିନ୍ ଏବଂ ଏନ୍‌ଆଇଟିଆର୍‌ର ପ୍ରାକ୍ତନ ଛାତ୍ର ପ୍ରଫେସର ଏଚ୍‌ବି ସାହୁ ଏହାର ସଂଯୋଜନା କରିଥିଲେ। ଏହି ଅବସରରେ ଏନ୍‌ଆଇଟି ରାଉରକେଲା ପକ୍ଷରୁ ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଏବଂ ଓଏମସି ପକ୍ଷରୁ ନିର୍ଦ୍ଦେଶକ (ମାନବସମ୍ପଦ) ଆଲୋକ କୁମାର ପାଲ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ବୁଝାମଣାପତ୍ର ବିଷୟରେ ଏନଆଇଟି ନିର୍ଦ୍ଦେଶକ (ଏଚଆର) ଆଲୋକ କୁମାର ପାଲ କହିଛନ୍ତି, ଓଏମସି ଲୁହା ଖଣିଜ ପଦାର୍ଥ, ବକ୍ସାଇଟ୍, କ୍ରୋମ୍ ଏବଂ ଫେରୋକ୍ରୋମ୍ ଭଳି ପ୍ରମୁଖ ଖଣିଜ ପଦାର୍ଥ ନିଷ୍କାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଯାହା ଭାରତର ମୁଖ୍ୟ ଖଣିଜ-ଭିତ୍ତିକ ଶିଳ୍ପଗୁଡ଼ିକୁ ସମର୍ଥନ କରେ। ବୁଝାମଣାପତ୍ର ସ୍ୱାକ୍ଷର କରି ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି, ଆବଧିକ ସାରଣୀରୁ ଏପରି ଏକ ଖଣିଜ ଉପାଦାନର ନାମ ଦେବା କଷ୍ଟକର ଯାହା ଓଡ଼ିଶାରେ ମିଳୁନାହିଁ। ଆମର ଅଞ୍ଚଳ ଲୁହା ଖଣିଜ, ବକ୍ସାଇଟ୍, କୋଇଲା, ମାଙ୍ଗାନିଜ୍, କ୍ରୋମାଇଟ୍, ଗ୍ରାଫାଇଟ୍, ଡୋଲୋମାଇଟ୍, ବିରଳ ପୃଥିବୀ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଖଣିଜ ପଦାର୍ଥରେ ଆଶୀର୍ବାଦପ୍ରାପ୍ତ। ଏପରିକି ପଶ୍ଚିମ ଓଡ଼ିଶା, ସମ୍ପଦରେ ସମୃଦ୍ଧ ଏବଂ ଧାତୁ ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବା ସତ୍ତ୍ୱେ ଏହି ଅଞ୍ଚଳ ସମାନ ଗତିରେ ବିକଶିତ ହୋଇନାହିଁ। ଏହି ବୁଝାମଣାପତ୍ର ଅଧୀନରେ ରାଉରକେଲା ଖଣି ଇଞ୍ଜିନିୟରିଂ ଏବଂ ପୃଥିବୀ ଏବଂ ବାୟୁମଣ୍ଡଳୀୟ ବିଜ୍ଞାନ ଭଳି ଏହାର ବିଶେଷ ବିଭାଗ ମାଧ୍ୟମରେ ଓଏମସି ବୃତ୍ତିଗତମାନଙ୍କୁ ସମର୍ଥନ କରିବ। ଏହି ସହଯୋଗ ଖଣି କାର୍ଯ୍ୟର ଅପ୍ଟିମାଇଜେସନ୍ ପାଇଁ କୃତ୍ରିମ ବୁଦ୍ଧିମତ୍ତା, ଭୂ-ସଂଖ୍ୟାନ, ଖଣି ସ୍ୱୟଂଚାଳିତକରଣ ଏବଂ ଡିଜିଟାଲ୍ ସମାଧାନ ଭଳି ଉଦୀୟମାନ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବ। ଏହି ବୁଝାମଣାପତ୍ରରେ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ, ରଣନୈତିକ ଚିନ୍ତାଧାରା ଉପରେ କର୍ମଶାଳା, ପ୍ରକଳ୍ପ ପରିଚାଳନା, ଆର୍ଥିକ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ଏବଂ କଷ୍ଟୋମାଇଜଡ୍ ପରିଚାଳନା ବିକାଶ କାର୍ଯ୍ୟକ୍ରମ (ଏମଡିପି) ପାଇଁ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

ସକାଳ THE SAKALA

ନିର୍ବାହୀ ଅଧିକାରୀ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କଲେ ପୌରାଧ୍ୟକ୍ଷା

- ସାମ୍ବାଦିକ ସମ୍ମିଳନୀରେ ବିଜେଡି କର୍ମକର୍ତ୍ତା ଓ ପୌରାଧ୍ୟକ୍ଷାଙ୍କ ସ୍ପଷ୍ଟୀକରଣ
- ୭ ଦିନରେ ଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ଝାରସୁଗୁଡ଼ା, ୧୪।୨(ସମିସ)



ଝାରସୁଗୁଡ଼ାର ଏକ ଘରୋଇ ହୋଟେଲରେ ଜିଲ୍ଲା ବିଜେଡି ଏବଂ ଝାରସୁଗୁଡ଼ା ପୌରପରିଷଦର ପୌରାଧ୍ୟକ୍ଷା ଏବଂ କାଉନସିଲର ମାନଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଝାରସୁଗୁଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ ପୌରାଧ୍ୟକ୍ଷାଙ୍କୁ ମାନସିକ ନିର୍ଯାତନା ଦେବା ସହିତ ଦସ୍ତଖତ ପାଇଁ ଚାପ ପକାଉଥିବା ନିଜେ ପୌରାଧ୍ୟକ୍ଷା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଭାଜପା ଅଭିଯୋଗ କରୁଥିବା ସମସ୍ତ ତଥ୍ୟ ଭିତ୍ତିହୀନ ଏବଂ ପୌରାଧ୍ୟକ୍ଷା ସମସ୍ତ କାର୍ଯ୍ୟଗୁଡିକ ପୌର ଆଇନ ମଧ୍ୟରେ କରିଛନ୍ତି ବୋଲି କୁହାଯାଇଛି । ଦୁର୍ନୀତିରେ ଲିପ୍ତ ଥିବା ଝାରସୁଗୁଡ଼ା ପୌର ପରିଷଦର ଇଓଙ୍କ ବିରୋଧରେ ଯଦି ଆସନ୍ତା ଏକ ସପ୍ତାହ ମଧ୍ୟରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ପୌର ପରିଷଦ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଜିଲ୍ଲା ବିଜେଡି ପକ୍ଷରୁ କୁହାଯାଇଛି ।

ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, କାଉନସିଲର ନବନୀତ କୌର, ବିଜେଡି ଯୁବ ସଭାପତି ରୁବିନ ପାଣ୍ଡେ ପ୍ରମୁଖ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ । ଭାଜପା ପକ୍ଷରୁ ପୌରାଧ୍ୟକ୍ଷାଙ୍କ ନାମରେ କରାଯାଇଥିବା ଅଭିଯୋଗ ଗୁଡିକ ଭିତ୍ତିହୀନ ବୋଲି କହିଥିଲେ । ଏହି ଅବସରରେ ଜେଇମ ପୋର୍ଟାଲ୍ ମାଧ୍ୟମରେ କ୍ରୟ କରାଯାଇଥିବା ଗୋଷ୍ଠୀ ଶୌଚାଳୟ, ସାଧାରଣ ଶୌଚାଳୟ, ଆସ୍ପିରେସ୍ନାଲ୍ ଶୌଚାଳୟ, ଏଲଇଡି ପ୍ରଦର୍ଶନୀ ବୋର୍ଡ ଏବଂ ଫଗିଂ ମେସିନ୍ ଆଦିର କ୍ରୟ ତଥା ସ୍ଥାପନ ପ୍ରକ୍ରିୟା ସରକାରୀ ଇ-ମାର୍କେଟ୍ ମାଧ୍ୟମରେ କରାଯାଇଛି ବୋଲି କୁହାଯାଇଥିଲା । ଭାରତ ସରକାରଙ୍କ ଅଗଷ୍ଟ ୨୦୧୬ ନିର୍ଦ୍ଦେଶାବଳୀ ଅନୁଯାୟୀ ସାମଗ୍ରୀ କ୍ରୟ ଏବଂ ପେମେଣ୍ଟ କରିବା ପାଇଁ ପୌର ଯନ୍ତ୍ରୀ ଏବଂ ଇଓଙ୍କୁ ସରକାରଙ୍କ ପକ୍ଷରୁ ବାୟର୍ ପାସୱାର୍ଡ ପ୍ରଦାନ କରାଯାଇଛି । ଜିଇଏମର ନିୟମ ଓ ସର୍ତ୍ତାବଳୀ ପାଳନ କରିବା ପାଇଁ କେବଳ ପୌର ଯନ୍ତ୍ରୀ ଏବଂ ନିର୍ବାହୀ ଅଧିକାରୀ ହିଁ ଦାୟୀ । ଏଣୁ ଏହି କ୍ରୟ ପ୍ରକ୍ରିୟାରେ ଚେୟାରମ୍ୟାନ୍ଙ୍କର କୌଣସି ଭୂମିକା ନଥିବାରୁ ତାଙ୍କର ସମ୍ପୃକ୍ତିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରାଯାଉଛି ।

ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପାର୍କର ବିକାଶ କାର୍ଯ୍ୟ ପୌରପାଳିକା ଦ୍ୱାରା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ସମ୍ପାଦିତ ହୋଇଛି । ତତ୍କାଳୀନ ଜିଲ୍ଲାପାଳଙ୍କ ଦ୍ୱାରା ଏହାର ସୁପାରିଶ କରାଯାଇଥିଲା । ଏହି ପ୍ରକଳ୍ପର ଅଟକଳ ଏବଂ ବିସ୍ତୃତ ପ୍ରକଳ୍ପ ବିବରଣୀ ଆଇଏଲଡବ୍ଲ୍ୟୁ ବା ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହୋଇଛି । ନବ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପ୍ରକ୍ରିୟାରେ ମଧ୍ୟ ସ୍ୱଚ୍ଛତା ସମ୍ପର୍କିତ ସ୍ପଷ୍ଟୀକରଣ ବିଜେଡି କର୍ମକର୍ତ୍ତା ଓ କାଉନସିଲର ଦେଇଥିଲେ । ଦାଣ୍ଡି ଯାତ୍ରା, ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ଓଡ଼ିଶା ସରକାରଙ୍କ ମୁକ୍ତା ଯୋଜନାର ନିର୍ଦ୍ଦେଶାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ସମ୍ପାଦିତ ହୋଇଛି । ଯୋଜନାର ନିୟମ ଅନୁସାରେ ସ୍ଥାନୀୟ ଶ୍ରମିକ ଓ ଗୋଷ୍ଠୀଗତ ସମ୍ପୃକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି । ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ବ୍ୟକ୍ତିଗତ ନିଷ୍ପତ୍ତି ନୁହେଁ ବରଂ ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କରାଯାଇଛି । ଏହି କାର୍ଯ୍ୟର ତଦାରଖ ପୌର ଯନ୍ତ୍ରୀ ଏବଂ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ହୋଇଛି । ସମସ୍ତ କାର୍ଯ୍ୟ ସରକାରୀ ପୋର୍ଟାଲ ଏବଂ ପ୍ରଚଳିତ ଟେଣ୍ଡର ନିୟମ ମାଧ୍ୟମରେ ହୋଇଥିବାରୁ ଏଥିରେ କୌଣସି ପ୍ରକାରର ଅନିୟମିତତା ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ବିଜେଡି କହିଛି । ଅମୃତ ଯୋଜନା ଅଧୀନରେ ଲଗାଯାଇଥିବା ଗାର୍ଡେନ ବେଞ୍ଚ ପାଇଁ ପିସ୍ ପିଛା ୨୨ ହଜାର ଟଙ୍କା ମୂଲ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଦର । ଏଥିରେ କୌଣସି ମନଇଚ୍ଛା ମୂଲ୍ୟ ଧାର୍ଯ୍ୟ କରାଯାଇ ନାହିଁ । କୌଣସି କାର୍ଯ୍ୟ ଟେଣ୍ଡର କିମ୍ବା କୋଟେସନ୍ ମାଧ୍ୟମରେ କରାଗଲେ ସମସ୍ତ ଆର୍ଥିକ ନିୟମାବଳୀର କଠୋର ଅନୁପାଳନ ତଦାରଖ ପୌର ଯନ୍ତ୍ରୀ ଏବଂ ଇଓଙ୍କ କାମ । ଏହା ସହିତ ସମସ୍ତ ସାମଗ୍ରୀ କ୍ରୟ ଏବଂ କାର୍ଯ୍ୟ ସମ୍ପାଦନ ପ୍ରସ୍ତାବ କାଉନସିଲ୍ ବୈଠକରେ ଗୃହୀତ ହୋଇଛି । ସମସ୍ତ କାଉନସିଲରଙ୍କ ସମେତ ଭାଜପା କାଉନସିଲର ମଧ୍ୟ ଏହି ପ୍ରସ୍ତାବଗୁଡିକୁ ଅନୁମୋଦନ କରିଛନ୍ତି । କାର୍ଯ୍ୟ ସମ୍ପାଦନ ସମୟରେ ଭାଜପାର କୌଣସି କାଉନସିଲର ଅଭିଯୋଗ କରି ନଥିଲେ ।

ଏହାଛଡ଼ା ଆର୍ଥିକ ଅନିୟମିତତା ଅଭିଯୋଗ ଅନୁଯାୟୀ କାଉନସିଲରମାନେ ଗଣମାଧ୍ୟମରେ ଝାରସୁଗୁଡ଼ା ମନ୍ଦିର ପାଇଁ ୧.୫୭ କୋଟି ଟଙ୍କାର କାର୍ଯ୍ୟ ସମ୍ପାଦନ ବିଷୟରେ ଦର୍ଶାଇଥିଲେ । ସେତେବେଳେ ଜଣାପଡ଼ିଥିଲା ଯେ ଗତ ନଭେମ୍ବର ୨୦ରେ ଡିଟିସିଏନ-୪୫୫୯ ରେ ଉଲ୍ଲେଖ ଥିବା ଝାରସୁଗୁଡ଼ା ମନ୍ଦିର ନାମକ କୌଣସି ସ୍ଥାନ ବାସ୍ତବରେ ନାହିଁ । ଏହା ଝାରସୁଗୁଡ଼ା ବାସିନ୍ଦାଙ୍କୁ ବିଭ୍ରାନ୍ତ କରୁଛି ଏବଂ ଇଓ ମାନସରଞ୍ଜନ ମଲ୍ଲିକଙ୍କ ମିଥ୍ୟା ବିଲ୍ ମାଧ୍ୟମରେ ସରକାରୀ ଅର୍ଥ ଆତ୍ମସାତ କରିବାର ମନ୍ଦ ଉଦ୍ଦେଶ୍ୟକୁ ପ୍ରମାଣିତ କରୁଛି । ପୌରାଧ୍ୟକ୍ଷା ରାନୀ ହାତୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, "ମୁଁ ବିଜେଡି ଦଳର ସଦସ୍ୟା ହୋଇଥିବାରୁ, ବର୍ତ୍ତମାନର ନିର୍ବାହୀ ଅଧିକାରୀ କୌଣସି ଆପତ୍ତି ନକରି ସମସ୍ତ ଫାଇଲରେ ସ୍ୱାକ୍ଷର କରିବାକୁ ମୋତେ ସବୁବେଳେ ଧମକ ଦେଉଛନ୍ତି । ମୁଁ ଜଣେ ଅନୁସୂଚିତ ଜାତି ମହିଳା ଚେୟାରମ୍ୟାନ୍ ଏବଂ ରାଜନୀତିରେ ପ୍ରଥମଥର ପାଇଁ ଆସିଥିବାରୁ, ସେ ମୋତେ ସବୁବେଳେ ମାନସିକ ନିର୍ଯାତନା ଦେବା ସହ ଚାପ ପ୍ରୟୋଗ କରୁଛନ୍ତି ।" ବିଜେଡି କର୍ମକର୍ତ୍ତା ଓ କାଉନସିଲର ମାନେ ପ୍ରେସମିଟରେ କହିଛନ୍ତି ଯେ ଆର୍ଥିକ କାରବାର ଏବଂ ନିୟମ ପାଳନ କରିବା ପାଇଁ ପୌରଯନ୍ତ୍ରୀ ଏବଂ ନିର୍ବାହୀ ଅଧିକାରୀ ଆଇନତଃ ଦାୟୀ । ତେଣୁ ଯଦି କୌଣସି ତ୍ରୁଟି ହୋଇଥାଏ, ତେବେ ସେମାନେ ହିଁ ଦାୟୀ ରହିବେ । ଅଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଆଧାରହୀନ । ଏହାପରେ ଜିଲ୍ଲା ପ୍ରଶାସନ ଆଗାମୀ ଏକ ସପ୍ତାହ ମଧ୍ୟରେ ଇଓଙ୍କ ଉପରେ ଅଭିଯୋଗ ହୋଇଥିବା ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପୌର ପରିଷଦ ସମ୍ମୁଖରେ ଧାରଣା ଦିଆଯିବା ସହିତ ଆନ୍ଦୋଳନ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ପୌରାଧ୍ୟକ୍ଷା ରାନୀ ହାତୀ, ଜିଲ୍ଲା ଯୁବ ବିଜେଡି ସଭାପତିରୋବିନ ପାଣ୍ଡେ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଶିବାଶିଷ ପଟ୍ଟନାୟକ, ରଘୁମଣି ପଟେଲ, ପ୍ରତାପ ନନ୍ଦ, ରବି ସିଂ, ପିଣ୍ଟୁ ପାଢ଼ୀ, ଅଶୋକ ଦାସ, ଆଲୋକ ତ୍ରିପାଠୀ, କାଉନସିଲର ନବନିତ୍ କୋର, ନିତୁରାନି ସାହା, ଗୀତାଞ୍ଜଳି ପଣ୍ଡା, ଝରଣା ଭୋଇ, ପ୍ରତିମା ଭଇଁସାଲ ପ୍ରମୁଖ ଉପସ୍ଥିତ ଥିଲେ ।

ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ପ୍ରସ୍ତୁତି

ଝାରସୁଗୁଡ଼ା, ୧୪।୨(ସମିସ): ଜିଲ୍ଲା କାର୍ଯ୍ୟାଳୟ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଝାରସୁଗୁଡ଼ା ଆନୁକୂଲ୍ୟରେ ଚଳିତ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷା ଓ ଯୁକ୍ତ ଦୁଇ ପରୀକ୍ଷାର ସଠିକ ପରିଚାଳନା ପାଇଁ ଜିଲ୍ଲା କାର୍ଯ୍ୟାଳୟର ଡିଏମଏଫ ହଲ୍‌ରେ ଓରିଏଣ୍ଟସନ୍ କାର୍ଯ୍ୟକ୍ରମ ହୋଇଯାଇଛି । ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡ଼ତିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲିଲିମା ଲଳିତା ବାର୍ଲା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିରୋଜ ପଟେଲ ଯୋଗ ଦେଇ ପରୀକ୍ଷାଗୁଡିକର ସୁପରିଚାଳନା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶାବଳୀ ଅନୁସାରେ ଶାନ୍ତି ଶୃଙ୍ଖଳାର ପରୀକ୍ଷା ପରିଚାଳନା ପାଇଁ ମାର୍ଗଦର୍ଶନ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଡ.ଗଡ଼ତିଆ ପରୀକ୍ଷା କେନ୍ଦ୍ରଗୁଡିକର ଆନୁଷଙ୍ଗିକ ବ୍ୟବସ୍ଥା ଓ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାର ଯୁକ୍ତ ଦୁଇ ପରୀକ୍ଷା କେନ୍ଦ୍ର ପାଇଁ ୧୮ ଜଣ ଲେଖାଏଁ ଅଧୀକ୍ଷକ ଓ ପର୍ଯ୍ୟବେକ୍ଷକ ରହିଛନ୍ତି । ସେହିପରି ମାଟ୍ରିକ ପରୀକ୍ଷା ପାଇଁ ଜିଲ୍ଲାର ପାଇଁ ୪୦ଟି ପରୀକ୍ଷା କେନ୍ଦ୍ର ପାଇଁ ଅଧୀକ୍ଷକ ଓ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି । ଏହାସହିତ ୨୨ଟି ଡେସ୍ପାଚ୍ ଟିମ୍‌ର ଅଧିକାରୀମାନେ ସେମାନଙ୍କର ପରୀକ୍ଷା ପରିଚାଳନା ସମ୍ବନ୍ଧୀୟ ଦ୍ୱନ୍ଦ୍ୱ ଦୂର କରିଥିଲେ । ପ୍ରକାଶ ଥାଉ କି ଏବର୍ଷ ଜିଲ୍ଲାରେ ମୋଟ୍ ୬୪୦୧ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଛନ୍ତି । ପରୀକ୍ଷାଗୁଡିକର ସୁପରିଚାଳନା ତଥା ଜରୁରୀକାଳୀନ ସହାୟତା ପାଇଁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍‌ର ବ୍ୟବସ୍ଥା କରାଯାଇଛି । ଏହା ସହିତ କପି ରୋକିବା ପାଇଁ ଦୁଇଟି ଜିଲ୍ଲା ସ୍ତରୀୟ ଓ ଗୋଟିଏ ରାଜ୍ୟ ସ୍ତରୀୟ ସ୍କ୍ୱାଡ ଗଠନ କରାଯାଇଛି ।

- ଅନ୍ତର୍ଜାତୀୟ ମହିଳା ଦିବସ

ମହିଳା ସଶକ୍ତୀକରଣ ଓ ସୁରକ୍ଷା ଉପରେ ଗୁରୁତ୍ୱ

ଝାରସୁଗୁଡ଼ା, ୧୪।୨(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ଅବସରରେ ଝାରସୁଗୁଡ଼ା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କାର୍ଯ୍ୟଶାଳା ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ତିଆ ସ୍ୱାଗତ ଭାଷଣରେ ମହିଳା ସଶକ୍ତିକରଣକୁ ଏକ ନିରନ୍ତର ସାମାଜିକ ଆନ୍ଦୋଳନ ଭାବେ ଅଭିହିତ କରିଥିଲେ । କାର୍ଯ୍ୟଶାଳାରେ ବିଭିନ୍ନ କ୍ଷେତ୍ରରୁ ଆସିଥିବା ବିଶେଷଜ୍ଞମାନେ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ ମହିଳାମାନଙ୍କ ବିକାଶ ଓ ସୁରକ୍ଷା ଉପରେ ମତାମତ ଦେଇଥିଲେ । ଲିଗାଲ୍ ଏମ୍ପାନେଲ୍ଡ଼ ଆଡଭୋକେଟ୍ ବି.ନାଗେଶ୍ୱରୀ ମହିଳାଙ୍କ ଆଇନଗତ ଅଧିକାର ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ସଚେତନତା ସୃଷ୍ଟି କରିଥିଲେ । ସେହାତା ଏନଜିଓର ନିର୍ଦ୍ଦେଶକ ଆନନ୍ଦିନୀ ପାଢ଼ୀ ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନ ଓ ସାମାଜିକ ନେତୃତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ପୁଲିସ ପ୍ରଶାସନ ପକ୍ଷରୁ ଡିଏସପି ମାଡାମ୍ ହସଦା ମାଣ୍ଡା ମହିଳା ସୁରକ୍ଷା ଓ ଅପରାଧ ନିବାରଣ ସମ୍ପର୍କରେ ସୂଚନା ଦେଇଥିଲେ । ସେହିପରି ଚାଇଲ୍ଡ଼ ୱେଲଫେୟାର କମିଟିର ଅଧ୍ୟକ୍ଷ ଆଶିଷ ପଣ୍ଡା ଶିଶୁ ସୁରକ୍ଷା ଓ ପରିବାର ମୂଲ୍ୟବୋଧ ଏବଂ ଓଏଲଏମର ଡିପିଏମ ପୁଷ୍ପଶ୍ରୀ ନାୟକ ମହିଳା ସ୍ୱୟଂ ସହାୟତା ଗୋଷ୍ଠୀ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବାକୁ କହିଥିଲେ । ସଦର ସୁରକ୍ଷା ଅଧିକାରୀ ମୀନାକ୍ଷୀରାଜ ଏକ ସମାନତାମୂଳକ ସମାଜ ଗଠନ ପାଇଁ ସମସ୍ତଙ୍କୁ ସଙ୍କଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ । ପିଓ କମ୍ ପିଓ ଯାଜ୍ଞସେନୀ ମହାନନ୍ଦ ସଭା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଜିଲ୍ଲା ସଂରକ୍ଷକ ଲିଲେଶ୍ୱର ସାହୁ ଓ ଜିଲ୍ଲା ହବ୍‌ର ସମସ୍ତ କର୍ମଚାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏଥିରେ ବହୁ ସଂଖ୍ୟାରେ ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ଶିବ ମନ୍ଦିର ପ୍ରାଙ୍ଗଣରେ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା



ରିଆମାଳ, ୧୪।୨(ସମିସ): ରିଆମାଳ ବ୍ଲକ ଅଧୀନ ନାଉଲିପଡ଼ା ଶିବ ମନ୍ଦିର ପ୍ରାଙ୍ଗଣରେ ସନ୍ଧ୍ୟାରେ ମହାଶିବରାତ୍ରି ଉପଲକ୍ଷେ ଶନିବାର ୧୨ ତମ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାର ଅଡିସନ୍ ରାଉଣ୍ଡ ଆରମ୍ଭ ହୋଇଯାଇଛି । ମନ୍ଦିର କମିଟିର ପୂର୍ବତନ ସଭାପତି ହୃଷୀକେଶ ପ୍ରଧାନ ମୁଖ୍ୟ ଅତିଥି ଭାବେ ନୃତ୍ୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ସମାଜସେବୀ ଲୋକନାଥ ପ୍ରଧାନ, ମନ୍ଦିର କମିଟି ସଭାପତି ଗୋକୁଳ ଚନ୍ଦ୍ର ପ୍ରଧାନ, ସମ୍ପାଦକ କୌଶିକ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ ପାତ୍ର, କଳା ଶିକ୍ଷକ ଚନ୍ଦ୍ରଭାନୁ ଜ୍ୟୋତିଷ ଓ ନାଟ୍ୟ ନିର୍ଦ୍ଦେଶକ ମିଳନ ପ୍ରଧାନ ବିଚାରକ କାର୍ଯ୍ୟ ସମ୍ପାଦନ କରିଥିଲେ । ଶିକ୍ଷକ ପ୍ରହ୍ଲାଦ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ନୃତ୍ୟ ପ୍ରତିଯୋଗିତା କମିଟି ସଭାପତି ପ୍ରଶାନ୍ତ ପ୍ରଧାନ ଓ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଅଲେଖ ମହାପାତ୍ର, ସୌଭାଗ୍ୟ ପ୍ରଧାନ, ସାଇ ଅଭିଜିତ ପ୍ରଧାନ, ଅଜିତ ପ୍ରଧାନ, ମୁନୁ ପ୍ରଧାନ, ପୁପୁନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅଡିସନ୍ ରାଉଣ୍ଡରୁ ଆସନ୍ତା କାଲି ଫାଇନାଲ ରାଉଣ୍ଡକୁ ୨୦ ଜଣ ପ୍ରତିଯୋଗୀ ଉତ୍ତୀର୍ଣ୍ଣ ହେବେ । ଫାଇନାଲ ରାଉଣ୍ଡର ପ୍ରଥମ ପ୍ରତିଯୋଗୀଙ୍କୁ ୫ ହଜାର ଅର୍ଥରାଶି ସହିତ ଟ୍ରଫି ଓ ଦ୍ୱିତୀୟ ପ୍ରତିଯୋଗୀଙ୍କୁ ୪ ହଜାର ଅର୍ଥରାଶି ସହିତ ଟ୍ରଫି ଏବଂ ତୃତୀୟ ପ୍ରତିଯୋଗୀଙ୍କୁ ୩ ହଜାର ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯିବ । ଦେବଗଡ଼, ଅନୁଗୋଳ, ରେଢ଼ାଖୋଲ, ସମ୍ବଲପୁର, ବଣେଇ, ଅଞ୍ଚଳରୁ ନୃତ୍ୟ ପ୍ରତିଯୋଗୀ ମାନେ ପ୍ରତିଯୋଗିତାରେ ଭାଗ ନେଇଥିବା ଜଣାପଡ଼ିଛି ।

ଚତୁର୍ଥ ଜିଲ୍ଲାସ୍ତରୀୟ ଚୟନ କମିଟି ବୈଠକ

ଝାରସୁଗୁଡ଼ା, ୧୪।୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଏବଂ ଏହାର ବିଭିନ୍ନ ଆନୁଷଙ୍ଗିକ ଉପାଦାନ ଅଧୀନରେ ଚତୁର୍ଥ ଜିଲ୍ଲା ସ୍ତରୀୟ ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲାର ମତ୍ସ୍ୟ ଚାଷୀଙ୍କ ଉନ୍ନତି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ସହ ଅନୁମୋଦନ ପ୍ରଦାନ କରାଯାଇଛି । ଏଥିରେ ମତ୍ସ୍ୟ ପୋଖରୀ ଯୋଜନା (ଓ ଓ ଓଓ) ଅଧୀନ ୪ଟି ପ୍ରସ୍ତାବ, ୬ଟି ବାୟୋଫ୍ଲକ୍ ଟ୍ୟାଙ୍କ ବିଶିଷ୍ଟ ୧ଟି ୟୁନିଟ୍, ୧୯ଟି ମତ୍ସ୍ୟ ପାଳନ ଯନ୍ତ୍ରପାତି ଏବଂ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ୪ଟି ପୋଷ୍ଟ-ହାର୍ଭେଷ୍ଟ ପରିବହନ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ ଓ ଚାଷୀଙ୍କ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନୂତନ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଝାରସୁଗୁଡ଼ାର ଏକତାଲି ଏବଂ ଲଖନପୁରର ବାଘମୁଣ୍ଡାଠାରେ ମତ୍ସ୍ୟ ଜାଆଁଳ ପାଳନ ଫାର୍ମର ଉନ୍ନତିକରଣ ପାଇଁ ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିବାକୁ କୁହାଯାଇଛି । ଏହାବ୍ୟତୀତ ଲଖନପୁର ବ୍ଲକ ଅଞ୍ଚଳର ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ପାଇଁ ସୋଲାର ଡ୍ରାୟର୍ ମାଧ୍ୟମରେ ଶୁଖୁଆ ପ୍ରସ୍ତୁତି ପ୍ରକଳ୍ପ ଏବଂ ଲଚିପାଲି ଗାଁରେ ନର୍ସରୀ ଟ୍ୟାଙ୍କର ପୁନରୁଦ୍ଧାର ସହ ଏକ ଫିସ୍ ଲ୍ୟାଣ୍ଡିଂ ସେଣ୍ଟର ନିର୍ମାଣ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଉପସ୍ଥିତ ରହି ବିଭିନ୍ନ ଯୋଜନାର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

- ଝାରସୁଗୁଡ଼ା ଜିଲ୍ଲାରେ ବିକାଶର ନୂଆ ରୋଡମ୍ୟାପ୍

ଉଚ୍ଚପ୍ରାଥମିକତା ସମ୍ପନ୍ନ ପ୍ରକଳ୍ପ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୧୪।୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୬ ତାରିଖରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉଚ୍ଚସ୍ତରୀୟ ଆଭାସୀ ସମୀକ୍ଷା ବୈଠକ ପୂର୍ବରୁ ଜିଲ୍ଲା ଯୋଜନା ଓ ସମୀକ୍ଷା ୟୁନିଟ୍ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଏବଂ ମୁଖ୍ୟ ଶାସନ ସଚିବଙ୍କ ଦକ୍ଷ ମାର୍ଗଦର୍ଶନରେ 'ସମୃଦ୍ଧ ଓଡ଼ିଶା ୨୦୩୬'ର ଦୂରଦୃଷ୍ଟିସମ୍ପନ୍ନ ଲକ୍ଷ୍ୟ ହାସଲ କରିବା ବୈଠକର ମୂଳ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ, ବିମାନବନ୍ଦର, କ୍ରୀଡ଼ା, ସଡକ ଭିତ୍ତିଭୂମି ଏବଂ ଜଳସେଚନ ଭଳି ପ୍ରମୁଖ କ୍ଷେତ୍ରରୁ ୨୫ଟି ଉଚ୍ଚପ୍ରାଥମିକତା ବିଶିଷ୍ଟ ପ୍ରକଳ୍ପ ଚିହ୍ନଟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଏକ ସ୍ୱଷ୍ଟ ରଣନୀତି ପ୍ରସ୍ତୁତ କରିବା ସହ ଏହାର ନିୟମିତ ସମୀକ୍ଷା କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସାମାଜିକ ବିକାଶ କ୍ଷେତ୍ରରେ ସ୍ୱାସ୍ଥ୍ୟସେବା, ମାତୃ ଓ ଶିଶୁ ମୃତ୍ୟୁ ହାର ହ୍ରାସ, ଟିବି ନିରାକରଣ ଅଭିଯାନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଏବଂ ଖାଲଖମା ମୁକ୍ତ ରାସ୍ତା ନିର୍ମାଣ ଉପରେ ଜିଲ୍ଲାପାଳ ସ୍ୱତନ୍ତ୍ର ଗୁରୁତ୍ୱାରୋପ କରିଛନ୍ତି । ଏଥିସହ ସମସ୍ତ ନିର୍ମାଣାଧୀନ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକର କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ କହିଛନ୍ତି । ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲାର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୧୪।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଶନିବାର ସଂସ୍କୃତି ଭବନ ପରିସରରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର ଏବଂ ଏମବିକେ ମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆର୍ଥିକ ସାକ୍ଷରତାର ଆବଶ୍ୟକତା ଓ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ସେ ମତବ୍ୟକ୍ତ କରିଥିଲେ । ଝାରସୁଗୁଡ଼ା ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ଭାରତ ସରକାରଙ୍କ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ଏହାସହ ପୋଷ୍ଟାଲ ଇନସୁରାନ୍ସ ପିଏଅଭିନବ ସାହୁ ଡାକ ବୀମାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଅଧିକାରୀ ସୁମିତ ପ୍ରମାଣିକ ସାଇବର ଅପରାଧରୁ ସୁରକ୍ଷିତ ରହିବାର ଉପାୟ ବତାଇଥିଲେ । ଷ୍ଟେଟ ବ୍ୟାଙ୍କର ଆର୍ଥିକ ସାକ୍ଷରତା ପରାମର୍ଶଦାତା ମୁକୁନ୍ଦ ମାଝୀ ବେଆଇନ ଚିଟଫଣ୍ଡ ସଂସ୍ଥାରେ ଅର୍ଥ ବିନିଯୋଗ କରିବାର ଅପକାରିତା ଓ ସେଥିରୁ ଦୂରେଇ ରହିବା ପାଇଁ ସଚେତନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଓଏଲଏମର ଡିପିଏମ ପୁଷ୍ପାଶୀ ନାୟକ ଆର୍ଥିକ ସାକ୍ଷରତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଏବଂ ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

କଲ୍ୟାଣକାରୀ ଯୋଜନା ସମ୍ପର୍କିତ କର୍ମଶାଳା

ଦେବଗଡ଼, ୧୪।୨(ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ମେରା ଯୁବା ଭାରତ ଦେବଗଡ଼ ପକ୍ଷରୁ ଆଡସ ପଞ୍ଚାୟତ ସଭାଗୃହରେ କଲ୍ୟାଣକାରୀ ଯୋଜନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମେରା ଯୁବା ଭାରତ ଦେବଗଡ଼ର ସଂଯୋଜକ ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଡସ ପଞ୍ଚାୟତର ସରପଞ୍ଚ ନାଜର ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ଗୋଲ ବଦନ ବିଶ୍ୱାଳ, ଡାକସେବା ବିଭାଗର ପୋଷ୍ଟମାଷ୍ଟର ନାରାୟଣ ସାହୁ, ଦୂରଦର୍ଶନର ଜିଲ୍ଲା ପ୍ରତିନିଧି ସୁଜାତା ସାହୁ, ଅଭିବୃଦ୍ଧି କୃଷକ ଉତ୍ପାଦକ ସଂଘର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅସିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆୟୁଷ୍ମାନ ଭାରତ ଯୋଜନା, ମୁଦ୍ରା ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଦକ୍ଷତା ବିକାଶ ନିମନ୍ତେ ବିଭିନ୍ନ ପ୍ରକାର ତାଲିମ୍ ପ୍ରଦାନ, ସ୍ୱାବଲମ୍ବୀ ହେବା ନିମନ୍ତେ ଅନେକ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ସହିତ ବିଭିନ୍ନ ପ୍ରକାରର ସରକାରୀ ଯୋଜନା କିପରି ଲୋକାଭିମୁଖୀ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ୬୦ ଜଣ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସୁଧାଂଶୁ ସ୍ୱାଇଁ, ହୃଷୀକେଶ ସାହୁ, ଶୋଭା ପ୍ରଧାନ ଓ ପ୍ରଭାସିନି ନାଗ ପ୍ରମୁଖ ସହଯୋଗ କରିଥିଲେ ।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କୃଷି ଓ କୃଷକ କଲ୍ୟାଣ ପାଇଁ ବୈଠକ

ଝାରସୁଗୁଡ଼ା, ୧୪।୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ୨ଟି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ପ୍ରଥମ ବୈଠକରେ ଜିଲ୍ଲାସ୍ତରୀୟ ମନିଟରିଂ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ଖରିଫ ୨୦୨୫) ଏବଂ ଡିଜିଟାଲ କ୍ରପ୍ ସର୍ଭେ ଓ ଫାର୍ମର ରେଜିଷ୍ଟ୍ରି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଖରିଫ ୨୦୨୫ ପାଇଁ ଧାନ ଓ ଅଣଧାନ ଫସଲ କାଟିବା ପରୀକ୍ଷଣ (ସିସିଇ) ଏବଂ ଶରତ କାଳୀନ ଋତୁ ପାଇଁ ବିଏଲଟିସି ଦ୍ୱାରା ଅନୁମୋଦିତ ଚାଷ ଜମିର କ୍ଷେତ୍ରଫଳକୁ ଅନୁମୋଦନ କରାଯାଇଥିଲା । ଏହାବ୍ୟତୀତ ଡିଜିଟାଲ କ୍ରପ୍ ସର୍ଭେର ଗୁଣବତ୍ତା ଓ ଦୈନିକ ଅଗ୍ରଗତିର ସମୀକ୍ଷା କରିବା ସହ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ନିୟମିତ ଭାବେ ବ୍ଲକ ସ୍ତରୀୟ କମିଟି ବୈଠକ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ଏକ ବୈଠକରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍‌କେୟୁୱାଇ)ର ସଫଳରୂପାୟନ ନେଇ ଜିଲ୍ଲା ସ୍ତରୀୟ କମିଟିରେ ପର୍ଯ୍ୟାଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନନ୍ଦଙ୍କ ସମେତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ ଏବଂ ଏପିକଲ୍‌ର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଯୋଜନା ଅଧୀନରେ ଆସିଥିବା ମୋଟ ୬ଟି ପ୍ରକଳ୍ପକୁ ଜିଲ୍ଲାପାଳ ଯାଞ୍ଚ କରି କାର୍ଯ୍ୟକ୍ଷମ କରିବା ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି । ଜିଲ୍ଲାର କୃଷକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ କୃଷି ଭିତ୍ତିକ ସେକ୍ଟରରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଏବଂ କୃଷି ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋପ କରିଛନ୍ତି ।

ଜିଲ୍ଲାସ୍ତରୀୟ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ସଚେତନତା ଶିବିର

ଝାରସୁଗୁଡ଼ା, ୧୪।୨(ସମିସ): ଜିଲ୍ଲା ଡିଏମଏଫ୍ ପ୍ରେକ୍ଷାଳୟ ପରିସରରେ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ଅଧୀନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଓଏଲଏମର ଡିପିଏମ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବରିଷ୍ଠ ନାଗରିକ ସଂଘର ପ୍ରତିନିଧିମାନେ, ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ 'ହେଲ୍ପଏଜ୍ ଇଣ୍ଡିଆ'ର କର୍ମଚାରୀମାନେ ବରିଷ୍ଠ ନାଗରିକଙ୍କ କଲ୍ୟାଣ ଉପରେ ଆଲୋଚନା କରିଥିଲେ । ସଭାରେ ଅତିଥିମାନେ ଏହି ଯୋଜନାର ବିଭିନ୍ନ ସୁଫଳ, ମୁଖ୍ୟ ଉଦ୍ଦେଶ୍ୟ ଏବଂ ପଞ୍ଜୀକରଣ ପ୍ରକ୍ରିୟା ସମ୍ପର୍କରେ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇବା ସହ ସଚେତନ କରିଥିଲେ । ବିଶେଷ କରି ବୃଦ୍ଧବୃଦ୍ଧାମାନଙ୍କ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟରକ୍ଷା ଏବଂ ସମ୍ମାନଜନକ ଜୀବନଯାପନ ଉପରେ ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା । ଶେଷରେ ଯୋଜନାର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗ, ସାମାଜିକ ସଂସ୍ଥା ଏବଂ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ମିଳିତ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା ।

ପ୍ରେମ ଦିବସ ଶିକ୍ଷା ଘଟଣା: ଅଭିଯୁକ୍ତ ଶିକ୍ଷକକୁ ଜେଲ୍

ଦେବଗଡ଼, ୧୪।୨(ସମିସ)





କୁଣ୍ଢେଇଗୋଲା ସରକାରୀ ବିଦ୍ୟାଳୟରେ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକଙ୍କ ଭାଲେଣ୍ଟାଇନ ଦିବସ ପାଠପଢ଼ା ଓ ଛାତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ ଘଟଣାରେ ଅଭିଯୁକ୍ତ ଶିକ୍ଷକ ତପନ ମିଶ୍ରଙ୍କୁ ଗତକାଲି ଠାରୁ ଥାନାରେ ଅଟକ ରଖିବା ପରେ ଆଜି କୁଣ୍ଢେଇଗୋଲା ଥାନା ପୁଲିସ କୋର୍ଟ ଚାଲାଣ କରିଛି । ଜାମିନ ଆବେଦନର ଶୁଣାଣି ପାଇଁ ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ମଧୁମିତା ମହାନ୍ତି ଆସନ୍ତା ୧୭ ତାରିଖ ଧାର୍ଯ୍ୟ କରିଛନ୍ତି । ଏହାପରେ ଅଭିଯୁକ୍ତ ବିଜ୍ଞାନ ଶିକ୍ଷକ ତପନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡ଼ିଛି ।

ପୀଡିତା ନାବାଳିକା ଛାତ୍ରୀର ମା'ଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ତପନଙ୍କ ବିରୁଦ୍ଧରେ କୁଣ୍ଢେଇଗୋଲା ଥାନାରେ ପକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଛି । ପୂର୍ବରୁ ଗତ ୨୦୨୧ ମସିହାରେ ମଧ୍ୟ ଅଭିଯୁକ୍ତ ଶିକ୍ଷକ ବିରୁଦ୍ଧରେ ବୁଢ଼ାପାଳ ସ୍କୁଲର ଜଣେ ଅଭିଭାବକଙ୍କ ରିପୋର୍ଟ ଆଧାରରେ କୁଣ୍ଢେଇଗୋଲା ଥାନାରେ ପକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା । ଅଭିଯୁକ୍ତ ସ୍କୁଲରେ ଛାତ୍ରୀଙ୍କୁ ବିଜ୍ଞାନ ବଦଳରେ ଭାଲେଣ୍ଟାଇନ ସପ୍ତାହରେ ପ୍ରେମ ଦିବସ, ହଗ ଡେ ଓ ଚକୋଲେଟ ଡେ'ର ବ୍ୟବହାରିକ ଶିକ୍ଷା ଦେଉଥିଲେ । ଛାତ୍ରୀ ମାନେ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଶିକ୍ଷକ ନାଲି ଆଖି ଦେଖାଉଥିବା ପୀଡିତା ଛାତ୍ରୀ ଅଭିଯୋଗ କରିଛନ୍ତି । ଘଟଣା ସମ୍ପର୍କରେ ଜଣା ପଡ଼ିବା ପରେ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ବୈଠକ ବସିଥିଲା । ଅଭିଯୁକ୍ତ ଶିକ୍ଷକଙ୍କ ଯୋଗୁଁ ବିଦ୍ୟାଳୟର ଛାତ୍ରୀ ସୁରକ୍ଷିତ ନ ଥିବା ଦର୍ଶାଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ତାଙ୍କୁ ଅପସାରଣ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରେ ଦାବି କରାଯାଇଥିଲା । ସେହିପରି ଏହି ଘଟଣାକୁ ନେଇ ଗତକାଲି କୁଣ୍ଢେଇଗୋଲାରେ ଉତ୍ତେଜନା ଦେଖାଦେଇଥିଲା । ଅଭିଭାବକ ଓ ସ୍କୁଲର ଛାତ୍ରଛାତ୍ରୀ ଅଭିଯୁକ୍ତ ବିଜ୍ଞାନ ଶିକ୍ଷକ ତପନ ମିଶ୍ର ଓ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି କିଷାନଙ୍କ ବଦଳି ଦାବି କରି ସ୍କୁଲ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଉତ୍ତେଜନାକୁ ଦୃଷ୍ଟିରେ ରଖି ଗତକାଲି ବିଦ୍ୟାଳୟ ପରିସରରେ କୁଣ୍ଢେଇଗୋଲା ଥାନା ପୁଲିସ ପକ୍ଷରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା ।

ରିଜର୍ଭ ପୁଲିସ ପକ୍ଷରୁ ରକ୍ତଦାନ ଶିବିର, ୫୫ ୟୁନିଟ୍ ସଂଗ୍ରହ

ଦେବଗଡ଼, ୧୪।୨(ସମିସ): ଜିଲ୍ଲା ପୁଲିସ ପକ୍ଷରୁ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ସମୁଦାୟ ୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଦେବଗଡ଼ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର ମୁଖ୍ୟ ଅତିଥି ଭାବେ ଶିବିରର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର ଓ ଆଦର୍ଶ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଉପସ୍ଥିତ ଥିଲେ । ପୁଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ସମାଜସେବା ପାଇଁ ଉଦାହରଣ ସୃଷ୍ଟି କରିବା ଲକ୍ଷରେ ପୁଲିସ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି । ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ମଧ୍ୟ ଶିବିରର ଲକ୍ଷ୍ୟ ରହିଥିଲା । ଆଗକୁ ଜିଲ୍ଲାର ପ୍ରତ୍ୟେକ ଥାନା ଏବଂ ଫାଣ୍ଡି ଅଞ୍ଚଳରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରକାଶ କରିଥିଲେ । ଶିବିରରେ ରିଜର୍ଭ ପୁଲିସ କର୍ମଚାରୀ ଓ ଗୃହରକ୍ଷୀ ପ୍ରମୁଖ ରକ୍ତଦାନ କରିଥିଲେ ।

୧୯ ରୁ ଚାଲିବ ହାଓଡ଼ା-ଜୁନାଗଡ଼ ଇସ୍ପାତ ଏକ୍ସପ୍ରେସ୍

ଭବାନୀପାଟଣା, ୧୪ ।୨(ସମିସ)

୧୯ ରୁ ଚାଲିବ ହାୱାଡା-ଜୁନାଗଡ଼ ଇସ୍ପାତ ଏକ୍ସପ୍ରେସ୍। ଏନେଇ ଇଷ୍ଟକୋଷ୍ଟ ରେଲୱେ, ଭୁବନେଶ୍ୱର ପକ୍ଷରୁ ସମ୍ବଲପୁର ଡିଭିଜନର ସିନିୟର ଡିସିଏମଙ୍କୁ ଚିଠି ଯୋଗେ ଜଣାଇ ଦିଆଯାଇଛି। ଏହି ଇସ୍ପାତ ଟ୍ରେନ୍‌କୁ ଆସନ୍ତା ୧୯ରେ ଜୁନାଗଡ଼ ରେଲଷ୍ଟେସନରେ ଅପରାହ୍ନ ୩ଟା ରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଉଦ୍‌ଘାଟନ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ଇସ୍ପାତ ଟ୍ରେନ୍ ଟିଟିଲାଗଡ଼ରୁ ତିନି ଦିନ ଜୁନାଗଡ଼କୁ ସମ୍ପ୍ରସାରଣ କରାଯିବ। ଏହି ଟ୍ରେନ୍ ଟିଟିଲାଗଡ଼ ରୁବାହାରି କେସିଙ୍ଗା, କାଣ୍ଡେଲ, ରୁପ୍ରା, ନର୍ଲା, ଲାଞ୍ଜିଗଡ଼, ଦେଇ ଭବାନୀପାଟଣା ଦେଇ ଜୁନାଗଡ଼ରେ ପହଞ୍ଚିବ। ଇସ୍ପାତ ଏକ୍ସପ୍ରେସ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣକୁ ସ୍ୱାଗତ କରିଛି କଳାହାଣ୍ଡି ରେଳ ଯାତ୍ରୀ ସଂଘ। ଗତ ୨୦୧୪ ମସିହାରୁ ସଂଗଠନ ଏହି ସମ୍ପ୍ରସାରଣ ପାଇଁ ରେଳ ମନ୍ତ୍ରଣାଳୟ ନିକଟରେ କ୍ରମାଗତ ଭାବେ ଦାବି କରାଯାଇ ଆସୁଥିଲା। ରେଳ ଭବନଠାରେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରାଯାଇଥିଲା। ଦୀର୍ଘଦିନର ଦାବିକୁ ବିଚାରକୁ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିଥିବାରୁ ସଂଘ ତରଫରୁ ରେଳ ବିଭାଗ ନିକଟରେ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ସମ୍ପ୍ରସାରଣ ଦ୍ୱାରା ଦେଶର ପୂର୍ବାଞ୍ଚଳ ବିଶେଷ କରି କଳାହାଣ୍ଡି, ନୂଆପଡ଼ା ଭଳି କେବିକେ ଜିଲ୍ଲା ତଥା କଳାହାଣ୍ଡି ଓ କୋଲକାତା ସହିତ ସିଧା ସଳଖ ରେଳ ଯୋଗାଯୋଗ ହେବ। ଏହାଦ୍ୱାରା ବିଭିନ୍ନ ବ୍ୟବସାୟ, ବାଣିଜ୍ୟ ଓ ଯାତାୟତ ବ୍ୟବସ୍ଥାରେ ଉନ୍ନତି ଆସିବା ସହ ଅଞ୍ଚଳର ଅର୍ଥନୈତିକ ବିକାଶ ହେବ ଏବଂ ହଜାର ହଜାର ଯାତ୍ରୀଙ୍କ ପାଇଁ ଯାତ୍ରା ସୁଗମ ହେବ ବୋଲି କଳାହାଣ୍ଡି ରେଳ ଯାତ୍ରୀ ସଂଘର ସଭାପତି ଡ. ଭବାନୀଶଙ୍କର ନିଆଲ ପ୍ରକାଶ କରିଛନ୍ତି। ଏନେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇବା ସହିତ ପୂର୍ବାଞ୍ଚଳ ରେଳ ସଂଯୋଗରେ ଇସ୍ପାତ ଏକ୍ସପ୍ରେସ ସମ୍ପ୍ରସାରଣ ଏକ ମାଇଲଖୁଣ୍ଟ ସାଜିବ ବୋଲି ସଂଘର ଅଧକ୍ଷ ଡ. ଭବାନୀଶଙ୍କର ନିଆଲଙ୍କ ସହିତ ସଂଘର କର୍ମକର୍ତ୍ତା ନିରୋଜ ପଟ୍ଟନାୟକ, ପରମାନନ୍ଦ ମାଝୀ, ଦେବୀପ୍ରସାଦ ସିନ୍ଦୁର, ପ୍ରଦୀପ କୁମାର ଦାସ, ବଣ୍ଟି ଅଗ୍ରୱାଲ, ହିମାଂଶୁ ଶେଖର ବରାଡ଼, ହୃଷିକେଶ ମିଶ୍ର, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ସୁଶୀଲ କୁମାର ବାଗ, ପ୍ରମୋଦ ଜୈନ ପ୍ରମୁଖ ପ୍ରକାଶ କରିଛନ୍ତି।



କଳାହାଣ୍ଡି ରେଳଯାତ୍ରୀ ସଂଘର ସ୍ୱାଗତ
କୋଲକତା -କଳାହାଣ୍ଡି ସିଧାସଳଖ ଯୋଗାଯୋଗ

ଝାମୁଯାତ୍ରା ପାଇଁ ଚଣ୍ଡୀଙ୍କ ଉଲଗନ ଦିଆ ସମ୍ପନ୍ନ

କର୍ଲାମୁଣ୍ଡା, ୧୪ ।୨(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ମାଁ ତାରିଣୀ ଅଷ୍ଟଚଣ୍ଡୀ ଶୈବଶକ୍ତି ପୀଠରେ ଚୈତ୍ର ମାସରେ ହେବାକୁ ଥିବା ମାଁ ତାରିଣୀ ଅଷ୍ଟଚଣ୍ଡୀଙ୍କ ଝାମୁଯାତ୍ରା ଉପଲକ୍ଷେ ମାଁ ଅଷ୍ଟଚଣ୍ଡୀଙ୍କ ଉଲଗନ ଦିଆ ତଥା ଭୂମିପୂଜା, ବାନା ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଘଣ୍ଟ ଶଙ୍ଖ ନିଶାନ, ବାଜା ସହ ଗ୍ରାମର ମାଁ ତାରିଣୀ ଅଷ୍ଟଚଣ୍ଡୀ ଶୈବଶକ୍ତି ପୀଠ ରୁ ରିଷିଡା ନୀଳକଣ୍ଠେଶ୍ୱର ଶିବମନ୍ଦିର ପର୍ଯ୍ୟନ୍ତ ନଗର ପରିକ୍ରମା ସହିତ ଅଷ୍ଟଚଣ୍ଡୀଙ୍କ ଉଲଗନ ଦିଆ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସେବାୟତ ରଞ୍ଜନ ରଣା, ମହେନ୍ଦ୍ର ପ୍ରଧାନୀ, ହୃଦାନନ୍ଦ ମଲ୍ଲିକ, ମଣ୍ଟୁ ରଣା, ମାକଣ ପ୍ରଧାନୀ, ସୁର୍ଯ୍ୟମଣି ରଣା, ବୃହସ୍ପତି ରଣା, ଶେଷଦେବ ରଣା, କମିଟି ସଭାପତି କୈଳାସ କୁମୁରା, ଲମ୍ବୋଦର ରଣା, ମାଧବ ମାଝୀ, ରାଧେଶ୍ୟାମ ପଟ୍ଟନାୟକ, ଶିବମନ୍ଦିର ପରିଚାଳନା କମିଟି ସଭାପତି କରୁଣାକର ରଣା, ସମ୍ପାଦକ ଦୁଷ୍ମନ୍ତ ଲେଙ୍କା, କମ୍ବୁପାଣି ସାହୁ, ସୋନୁ ରଣା ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ଚୈତ୍ର ମାସରେ ୭ ଦିନ ବ୍ୟାପୀ ମାଁ ଅଷ୍ଟଚଣ୍ଡୀ ତାରିଣୀଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ କରାଯାଇଛି



କିଡିଙ୍ଗ ବାବା ଜଳେଶ୍ୱରଙ୍କ ଶିବରାତ୍ରି ପାଇଁ କଳସ ଯାତ୍ରା

ଲାଞ୍ଜିଗଡ଼, ୧୪ ।୨(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ରୋଡ୍ ପଞ୍ଚାୟତ ସ୍ଥିତ କିଡିଙ୍ଗ ଗାଁର ପ୍ରସିଦ୍ଧ ବାବା ଜଳେଶ୍ୱରଙ୍କ ଶିବରାତ୍ରି ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାବା ଜଳେଶ୍ୱରଙ୍କ ପୀଠରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ପୋଖରୀରେ ପହଞ୍ଚି ଦେବମନ୍ତ୍ର ପାଠ ସହିତ ବହୁ ସଂଖ୍ୟକ ଶିବଭକ୍ତ ପାରମ୍ପରିକ ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନ ସହ ପୁଣି ବାବା ଜଳେଶ୍ୱର ମନ୍ଦିର ପରିସରରେ ପହଞ୍ଚି ଥିଲେ। ଏଥିରେ ହରି ଶବର କର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ମୁଖ୍ୟପୂଜକ ବିଶ୍ୱନାଥ ଶବର ପୂଜାର୍ଚ୍ଚନା କରିଥିଲେ। ଏଥିରେ ସେବାୟତ କୈଳାସ ଶବର, ଅନ୍ତ ଶବର, ସ୍ନେହଲତା ବଗର୍ତ୍ତୀ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଏଥିରେ ପରିଚାଳନା କମିଟି ସଭାପତି ଗୋପାଳ ଦାସ ମହାନନ୍ଦ, ସମ୍ପାଦକ ନିଲେଶ କୁମାର ନାଗ, ଉପସଭାପତି ଦଶରଥ ଶବର, ସହ ସମ୍ପାଦକ ଗୁଣନିଧି ଛତ୍ରିଆ, କୋଷାଧକ୍ଷ ଜିତାମିତ୍ର ଶବର ଓ ସମସ୍ତ ଉପଦେଷ୍ଟା ମଣ୍ଡଳୀଙ୍କ ନେତୃତ୍ୱରେ ପରିଚାଳନା କମିଟି ସମସ୍ତ ସଦସ୍ୟ, ଗ୍ରାମବାସୀ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ସହଯୋଗ କରୁଛନ୍ତି। ତେବେ ରବିବାର ବାବା ଜଳେଶ୍ୱରଙ୍କ ମହା ଶିବରାତ୍ରି ପାଳନ କରାଯିବ ମଧ୍ୟ ରାତ୍ରିରେ ମହାଦୀପ ଉଠିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ଲାଞ୍ଜିଗଡ଼ ବ୍ଲକ ବିଭିନ୍ନ ଶିବ ମନ୍ଦିରରେ ଶିବରାତ୍ରି ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ସନାତନ ଧର୍ମ ସମନ୍ୱୟ ବିଶ୍ୱଶାନ୍ତି ମହାଯଜ୍ଞ



କର୍ଲାମୁଣ୍ଡା, ୧୪ ।୨(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଖଲିଆପାଲିସ୍ଥିତ ସ୍ୱପ୍ନେଶ୍ୱର ଶିବମନ୍ଦିରଠାରେ ବୈଦିକ ସନାତନ ଧର୍ମ ସମନ୍ୱୟ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଠାରୁ ଆରମ୍ଭ ହୋଇଯାଇଛି। ଏଥିରେ ଜୋରାଡ଼ବରା ମଣ୍ଡଳ ଆଞ୍ଚଳିକ ବ୍ରାହ୍ମଣ ସମାଜ ସଭାପତି ଚିତ୍ରସେନ ଦାସଙ୍କ ଆବାହକତ୍ୱରେ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ଖଲିଆପାଲି ଓ ରେଗଡ଼ା ତଥା କର୍ଲାମୁଣ୍ଡା ବ୍ଲକ, ନର୍ଲା ବ୍ଲକ, କେସିଙ୍ଗା ବ୍ଲକ, ମ.ରମପୁର ବ୍ଲକ ଅଞ୍ଚଳବାସୀଙ୍କ ସହଯୋଗରେ ଅନୁଷ୍ଠିତ ମହାଯଜ୍ଞରେ ରେ ବୈଦିକ ମହାଯଜ୍ଞ, ଗାୟିତ୍ରୀ ଯଜ୍ଞ, ଚଣ୍ଡୀପାଠ, ଅଲେଖ ଯଜ୍ଞ, ହନୁମାନ ମହାଯଜ୍ଞ, ଏକଲକ୍ଷ ମହାମନ୍ତ୍ର ଜପ, ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ, ଦୀପଯଜ୍ଞ, ଅନ୍ନଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ ଭଳି କାର୍ଯ୍ୟକ୍ରମ ଗୁଡ଼ିକରେ ୩୦ ଜଣ କର୍ତ୍ତା ରହିଥିବା ବେଳେ ପଞ୍ଚକୁଣ୍ଡୀୟ ମହାଯଜ୍ଞର ମୁଖ୍ୟପୂଜକ ଭାବେ ସୁମନ୍ତ ଷଡ଼ଙ୍ଗୀ ରହିଛନ୍ତି। ସେହିପରି ଅନ୍ୟାନ୍ୟ ଯଜ୍ଞକୁଣ୍ଡରେ ଜୋରାଡ଼ବରା ଆଞ୍ଚଳିକ ବ୍ରାହ୍ମଣ ସମାଜ କର୍ମକର୍ତ୍ତାମାନେ ପୂଜକ ଭାବେ ରହିଛନ୍ତି। ଭଗବତ ପାରାୟଣ ଜ୍ଞାନଯଜ୍ଞରେ ବ୍ୟାସ ଭାବେ ଇପ୍ସିତ ମିଶ୍ର ଓ ପ୍ରବଚକ ଭାବେ ପଣ୍ଡିତ ଅଜିତ କୁମାର ଦାସ ରହିଛନ୍ତି। ଆବାହକ ଚିତ୍ରସେନ ଦାସ ସୂଚନା ଦେଇଛନ୍ତି।

ମହାଶିବରାତ୍ରି ପାଇଁ ଶୈବପୀଠ ଚଳଚଞ୍ଚଳ

କଳମପୁର, ୧୪ ।୨(ସମିସ): ମହାଶିବରାତ୍ରି ଜାଗର ଉତ୍ସବ ପାଳନ ପାଇଁ କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳର ସମସ୍ତ ଶୈବପୀଠ ଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ଏ ପରିପ୍ରେକ୍ଷୀରେ ଦେବାଳୟ ପରିଚାଳନା କମିଟି ଗୁଡ଼ିକ ବ୍ୟାପକ ବ୍ୟବସ୍ଥା କରିଛନ୍ତି, ଅଞ୍ଚଳର କଳମପୁର ଶୈବପୀଠ, ବିରିପୁର, ପୋଟେସ, ପାତ୍ରବସା, ହାରାମାଳ, ବଡକୁଟ୍ଟ, ମାଠିଆ ଡଙ୍ଗରି, କର୍ମେଲ ଡଙ୍ଗରିଗୁଡ଼ା, ଦେପୁର ଆଦି ଶୈବପୀଠରେ ଶ୍ରଦ୍ଧାଳୁମାନଙ୍କ ବିପୁଳ ଜନ ସମାଗମ ହେବାର ସମ୍ଭାବନା ରହିଛି। ଏହି ଉପଲକ୍ଷେ ପୋଟେସ ଓ ବଡକୁଟ୍ଟ ଶିବ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ନିମନ୍ତେ ଆଜି କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

କଂଗ୍ରେସ ପକ୍ଷରୁ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

କର୍ଲାମୁଣ୍ଡା, ୧୪ ।୨(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡ଼ା ପଞ୍ଚାୟତ ବିଜାପାଟିଠାରେ କଂଗ୍ରେସର ନବ ନିଯୁକ୍ତ କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ସଭାପତି ଜଳନ୍ଧର ନାଏକ, ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲ, ମ.ରାମପୁର ବ୍ଲକ ସଭାପତି ରୁଦ୍ର ପ୍ରତାପ ସିଂହ, କଂଗ୍ରେସ ନାରୀନେତ୍ରୀ ମାଣିକ୍ୟ ସୁନା, ମାହେନ୍ଦ୍ରି ସାହୁ, ରାଜକୁମାରୀ ସରାଫଙ୍କ ସମେତ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ ଭାବେ ନିଯୁକ୍ତ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ସଭାପତି ସୁରେଶ ଚୌଧୁରୀ, ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ରାଜକିଶୋର ମିଶ୍ର (ରାଜୁ), ଜିଲ୍ଲା ସମ୍ପାଦକ ଅରବିନ୍ଦ ଚୌଧୁରୀ (କାଳିଆ)ଙ୍କୁ କର୍ଲାମୁଣ୍ଡା କଂଗ୍ରେସ କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

କେସିଙ୍ଗା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

କେସିଙ୍ଗା, ୧୪ ।୨(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ୧୯୮୧ ମସିହାରେ ଆରମ୍ଭ ହୋଇଥିବା କେସିଙ୍ଗା ମହାବିଦ୍ୟାଳୟ ଶନିବାର ତାର ୪୫ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳନ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷ ମହାବିଦ୍ୟାଳୟର ସାମଗ୍ରିକ ବିକାଶ ସନ୍ତୋଷଜନକ ବୋଲି କହିଥିବା ବେଳେ ପରୀକ୍ଷାଫଳ ଏବଂ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଭାବରେ କେସିଙ୍ଗା ନଗରପାଳ ନୃପ ରାଜ ଯାଦବ ଯୋଗଦାନ କରି ଥିବା ବେଳେ ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଦୀପ କୁମାର ରଥ ଯୋଗଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ରାକେଶ କୁମାର ବିଶି ମଞ୍ଚ ପରିଚାଳନା କରିଥିବାବେଳେ ଧନ୍ୟବାଦ୍ ଅର୍ପଣ କରିଥିଲେ ଅଶ୍ୱନୀ କୁମାର ପଟ୍ଟନାୟକ।



ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ



କୋକସରା, ୧୪ ।୨(ସମିସ): କୋକସରା ବ୍ଲକ ସଦର ମହକୁମାସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ସୁରକ୍ଷା ଶିବିର ଉଦ୍‌ଘାଟିତ ହୋଇଛି। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ସୁବ୍ରତ କୁମାର ବେହେରା, ଜଗନ ଚନ୍ଦାନି, ଅଧ୍ୟାପିକା କନକ ମଞ୍ଜୁରୀ ବେହେରା, ଶୁଭଶ୍ରୀ ସାହୁ, ବେଦମତି ବାରିକ ଓ ପ୍ରଶିକ୍ଷିକା ପ୍ରିୟଦର୍ଶିନୀ ବେହେରା ଉପସ୍ଥିତ ରହିଥିଲେ। ଏହି କ୍ରମରେ ଆଜିର କର୍ମମୟ ଜୀବନରେ ମହିଳାଙ୍କୁ ବିଭିନ୍ନ କ୍ଷେତ୍ରରେ ଆତ୍ମରକ୍ଷା ସୁରକ୍ଷା ପାଇଁ ସବୁବେଳେ ସୁରକ୍ଷା ବଳୟ ମଧ୍ୟରେ ରହିବା ଓ ନିଜର ସୁରକ୍ଷା ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଜରୁରୀ ବୋଲି କହିଥିଲେ। ଏହି ଶିବିର ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରଶିକ୍ଷଣ ଶିବିରରେ ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନେ ଉପସ୍ଥିତ ଥିଲେ।

କୁଣ୍ଡାବନ୍ଧ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେସିଙ୍ଗା, ୧୪।୨ (ସମିସ): ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ, କୁଣ୍ଡାବନ୍ଧ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଅତିଥିମାନେ ଯୋଗଦେଇ ବିଦ୍ୟାଳୟର ସଫଳତା ଓ ପ୍ରତିଭାକୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ଭାବରେ ରାଧାକାନ୍ତ ଛତ୍ରୀ ଜିଲ୍ଲା ଶିକ୍ଷାଧିକାରୀ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ ହେମସାଗର ମହାନନ୍ଦ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଥିଲେ। ସମ୍ମାନିତ ଅତିଥି ଭାବରେ ଆନନ୍ଦ କୁମାର ବେହେରା, ସମୀର କୁମାର ବେହେରା, କେଶବଚନ୍ଦ୍ର ବିଶାଳ ସନ୍ତୋଷ କୁମାର କର, ଡୋଳାମଣି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବା ସହ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ରଥ ଉପସ୍ଥିତ ଥିଲେ।



ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ

କଳମପୁର, ୧୪ ।୨(ସମିସ): ବିଶ୍ୱ ବିଦ୍ୟାଳୟର କଳମପୁର ଉପସେବାକେନ୍ଦ୍ର ଠାରେ ମହାଶିବରାତ୍ରି ଜୟନ୍ତୀ ପାଳିତ ହୋଇଯାଇଛି। ସେବାକେନ୍ଦ୍ର ସଞ୍ଚାଳିକା ବିକେ ରୋଜିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବ୍ରହ୍ମାକୁମାରୀଜ୍ ଭଳି ସଂସ୍ଥା ସମଗ୍ର ବିଶ୍ୱସ୍ତରରେ ଈଶ୍ୱରୀୟ ଶାନ୍ତିର ସନ୍ଦେଶ ଦେଇ ଲୋକଙ୍କ ଭିତରେ ଏକ ସକାରାତ୍ମକ ବିଚାର ଧାରା ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବରେ ସୁରେନ୍ଦ୍ର କୁମାର ନାଏକ, ପରମାନନ୍ଦ ଠାକୁର, ଯୋଗ ଶିକ୍ଷକ ଚନ୍ଦ୍ରଶେଖର ସାହୁ, ପୁଲିସ ଇନ୍ସପେକ୍ଟର ଶିବ ଶଙ୍କର ମହାନ୍ତି ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଶୁଭେନ୍ଦୁ କୁମାର ପଣ୍ଡା ଯୋଗଦେଇ ଏଇ ସଂସ୍ଥା ମାନବ ଜୀବନରେ ଶ୍ରେଷ୍ଠ ଚରିତ୍ର ନିର୍ମାଣ ତଥା ସମସ୍ତଙ୍କ ଭିତରେ ଏକ ଶୁଭକାମନାର ଚିନ୍ତନ କରିବାର ଶିକ୍ଷା ପ୍ରଦାନ କରିଚାଲିଛି। ଏନେଇ ଜନ ମାନସରେ ଏକ ସକାରାରକ ବିଚାର ସୃଷ୍ଟି ହେଉଛି ନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଭ୍ରାତା ପ୍ରେମାଲାଲ ଶର୍ମା ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଦାସିଗାଁ ସରପଞ୍ଚ ପ୍ରମୋଦିନୀ ପ୍ରହରାଜ ଏବଂ ଭଉଣୀ ମନିଷା ତିଲକ ଚନ୍ଦନ ଏବଂ ପୁଷ୍ପଗୁଚ୍ଛ ଦ୍ୱାରା ସମସ୍ତଙ୍କୁ ଅଭିବାଦନ ଜଣାଇଥିଲେ। ବିକେ ଶଙ୍କର୍ଷଣ ଭାଇ ସଂଯୋଜନା କରିଥିବା ବେଳେ ରୋଜି ଭଉଣୀ ଅତିଥିମାନଙ୍କୁ ଈଶ୍ୱରୀୟ ଉପହାର ପ୍ରଦାନ କରିଥିଲେ। ସୁଧୀର ଭାଇଜୀ ଆଶୀର୍ବଚନ ସହ ସମସ୍ତଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ।

ଶୁକଲିମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ



ନୂଆପଡ଼ା/କୋମନା, ୧୪ ।୨(ସମିସ): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶୁକୁଳିମୁଣ୍ଡିରେ ଦୁଇ ଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଇଓ ଇନ୍ଦ୍ରମଣୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ଗାଁର ଗହଁଟିଆ ବାସୁଦେବ ଶବର ଏବଂ ଝାଙ୍କର ଅମେତ ବରିହା ଯୋଗ ଦେଇ ମଶାଲ ସ୍ଥାପନ କରିଥିଲେ। ପରେ ବରିଷ୍ଠ ସମାଜସେବୀ ଶଙ୍କର ଅଗ୍ରୱାଲ କ୍ରୀଡ଼ା ଶୁଭାରମ୍ଭ କରିଥିଲେ। ମଞ୍ଚରେ ସିଆରସିସି ଦିଲୀପ କୁମାର ଶବର, ଆରଆଇ ଅଜିତ କୁମାର ନାୟକ, ସରପଞ୍ଚ ସନ୍ତୋଷିନୀ ସୁନା ଓ କଂଗ୍ରେସର କିଷାନ ସେଲ ଅଧ୍ୟକ୍ଷ ଇଶାକ ମହମ୍ମଦ ଉପସ୍ଥିତ ଥିଲେ। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶୋଭାକର ପ୍ରଧାନ ଓ ସହ ଶିକ୍ଷୟିତ୍ରୀ ପ୍ରମିଳା ଶବରଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଜିଲ୍ଲା ପରିଷଦ ସଭ୍ୟ ଅବନୀରଞ୍ଜନ ଯୋଷୀ, କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୀତା ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋମନା ଭକ୍ତବନ୍ଧୁ ବୁଢ଼େକ, ବିଭୁତିଭୂଷଣ ସାମଲଙ୍କ ସମେତ ସାମ୍ବାଦିକ ସଂଘ 'ଜାନ୍'ର ସଭାପତି ଘନଶ୍ୟାମ ଭୋଇ, ସମ୍ପାଦକ ରତନ କେତକୀ, ସଂଯୋଜକ ଅଶ୍ୱିନୀ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

ଅଧପନ୍ତରିଆ ପଡ଼ିଛି ଓଭରହେଡ୍ ଟାଙ୍କି

୪ ବର୍ଷହେଲା ଅନେଇଛନ୍ତି ଲୋକେ

ମ.ରାମପୁର, ୧୪ ।୨(ସମିସ)

ସରକାର ପ୍ରତ୍ୟକ ଘରକୁ ପାନୀୟଜଳ ଯୋଗାଣ ପାଇଁ ବିଭିନ୍ନ ଯୋଜନାରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଗାଁମାନଙ୍କରେ ଓଭରହେଡ଼ ପାଣି ଟାଙ୍କି ନିର୍ମାଣ କରୁଛନ୍ତି। ହେଲେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ନିର୍ମାଣ କାମ ଠିକ ସମୟରେ ସମ୍ପୂର୍ଣ୍ଣ ନ ହୋଇ ଅଧପନ୍ତରିଆ ହୋଇ ପଡ଼ିରହିଛି। ଯାହା ଫଳରେ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା ସହ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛନ୍ତି। କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ଡମ୍ବ କରଲାଖୁଣ୍ଟା ପଞ୍ଚାୟତର ଫଟାମୁଣ୍ଡା ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ଏକ ଓଭରହେଡ ପାଣି ଟାଙ୍କି ନିର୍ମାଣ କାମ ଆରମ୍ଭ ହୋଇଥିଲା। ହେଲେ ଆଜିକୁ ୪ ବର୍ଷ ବିତିଯାଇଥିଲେ ହେଁ ନିର୍ମାଣ କାମ ସାରିବାର ନାଁ ଧରୁନି। ହେଲେ ଫଟାମୁଣ୍ଡା ଗ୍ରାମବାସୀ ଏବେ ବସୁଧା ପ୍ରକଳ୍ପ ପାଣିର ଅପେକ୍ଷାରେ ଅଛନ୍ତି। ସରକାରଙ୍କ ଜନକଲ୍ୟାଣ ଯୋଜନା ବସୁଧା ଯୋଜନା ଲୋକଙ୍କ କାମରେ କେବେ ଆସିବ ଚିନ୍ତାରେ ଅଞ୍ଚଳବାସୀ। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକାରୀ ଓ ଜିଲ୍ଲା ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ। ଠିକାଦାର ନିର୍ମାଣ କାମ ଅଧପନ୍ତରିଆ କରି ଛାଡି ଦେଇଥିବା ଅଭିଯୋଗ ହେଉଛି। ଫଟାମୁଣ୍ଡା, ଡମ୍ବ କର୍ଲାଖୁଣ୍ଟା, ପାଜିବାହାଲି ଗାଁକୁ ଜଳ ଯୋଗାଣ ହେବାକୁ ଥିବାବେଳେ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇ ପାରୁନହିଁ। ତେଣୁ ପାନୀୟଜଳ ଯୋଗାଣକୁ ନେଇ ଚିନ୍ତାରେ ଅଞ୍ଚଳବାସୀ। ତା ସହିତ ଯାହା ବି ନିର୍ମାଣ କାମ ହୋଇଛି ତାହା ମଧ୍ୟ ନିମ୍ନମାନର ହୋଇଥିବାରୁ ସିମେଣ୍ଟ ଖଣ୍ଡ ଖସୁଥିବା ଦେଖିବାକୁ ମିଳୁଛି। ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ବିନୋଦ ସିଂହଙ୍କ ଅନୁପସ୍ଥିତିରେ ନିର୍ମାଣ କାମ ଚାଲୁଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଦେଖିବାକୁ ମିଳୁଛି। ଠିକାଦାର ମନମୁତାବକ ନିମ୍ନମାନର କାମ କରିବା ସହ ଅଧପନ୍ତରିଆ କରି ଆଉ ଦେଖା ଦେଉନଥିବା ଅଭିଯୋଗ ହେଉଛି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ପାନୀୟଜଳର ଆବଶ୍ୟକତା ଥିବା ବେଳେ ଅଧପନ୍ତରିଆ ନିର୍ମାଣ କାମ ଅଞ୍ଚଳବାସୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରାଜେଶ କୁମାର ଗଡ଼ନାୟକଙ୍କୁ ପଚାରିବାରୁ ଏହାର ଅନୁଧ୍ୟାନ କରି ସମାଧାନ କରିବାକୁ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।



ହରିଶଙ୍କରରେ ରାତି ୧୧ଟାରେ ଉଠିବ ମହାଦୀପ



ଖପ୍ରାଖୋଲ, ୧୪।୨(ସମିସ): ବଲାଙ୍ଗିର ଜିଲ୍ଲା ତଥା ଓଡ଼ିଶାର ପ୍ରମୁଖ ଶୈବ ପୀଠ ହରିଶଙ୍କର ମନ୍ଦିରରେ ମହାଶିବରାତ୍ରି ପାଳନ ହେବ। ରାତି ୧୧ଟାରେ ମହାଦୀପ ଉଠିବ। ମନ୍ଦିର ମ୍ୟାନେଜର ଗୁପ୍ତେଶ୍ୱର କୁଅଁର ଏହି ସୂଚନା ଦେଇଛନ୍ତି। ହରିଶଙ୍କର ମନ୍ଦିର ଏକ ପ୍ରମୁଖ ଶୈବ ପୀଠ। ଏଠାକୁ ନିତିଦିନ ହଜାର ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ଧବଳେଶ୍ୱରଙ୍କ ପୂଜାର୍ଚ୍ଚନା କରିଥାନ୍ତି। ମହାଶିବରାତ୍ରି ପାଳନ ଉପଲକ୍ଷେ ହଜାର ହଜାର ଭକ୍ତ ବାବାଙ୍କ ଦର୍ଶନ ଲାଭ କରି ପାପନାଶିନୀ ଝରଣାରେ ବୁଡ଼ ପକାଇଥାନ୍ତି। ସେହିପରି କନ୍ଧରାଭଟା ତ୍ରିଲିଙ୍ଗେଶ୍ୱର ଜଳମହାଦେବ ମନ୍ଦିରରେ ରାତି ୭ଟାରେ ମହାଦୀପ ଉଠିବ ବୋଲି ପୂଜା କମିଟି ତରଫରୁ ସୂଚନା ମିଳିଛି।

ଅସୁରଦୁଲି ଶିବରାତ୍ରି ପାଇଁ କଳସ ଶୋଭାଯାତ୍ରା



ବଲାଙ୍ଗିର, ୧୪।୨(ସମିସ): ପୁଇଁନ୍ତଲା ବ୍ଲକ ଦଶପୁର ପଞ୍ଚାୟତ କୁଟେନପାଲି ଗ୍ରାମ ଅସୁରଦୁଲି ପାହାଡ଼ସ୍ଥିତ ବାବା ସିଦ୍ଧେଶ୍ୱରଙ୍କ ମନ୍ଦିରରେ ଷଷ୍ଠ ଶିବରାତ୍ରି ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅସୁରଦୁଲି ପୋଖରୀରୁ ଗ୍ରାମର ମହିଳାମାନେ କଳସ ଧରି ଗ୍ରାମ ପରିକ୍ରମା ପୂର୍ବକ ଶୋଭାଯାତ୍ରାରେ ବାହାରିଥିଲେ। ରବିବାରଠାରୁ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। କଳସ ଶୋଭାଯାତ୍ରାରେ ପୂଜକ ଭାବେ କୁନା ବେଜ, ଶେଷଦେବ ବେଜ, ମନ୍ଦିର ପୂଜକ ଲାଲୁ ଥାନାପତି କାର୍ଯ୍ୟ ତୁଲାଇଥିଲେ। ୪ ଦିନ ଧରି ହେବାକୁ ଥିବା ଏହି ନାମଯଜ୍ଞରେ କୁଟେନପାଲି ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରୁଛନ୍ତି।

ଜାଗର ଯାତ୍ରା ପାଇଁ କଳସ ଶୋଭାଯାତ୍ରା

ବୌଦ୍ଧ, ୧୪।୨(ସମିସ): ବୌଦ୍ଧ ବ୍ଲକ ତାଳସରଡା ପଞ୍ଚାୟତ ଅଧୀନ ମାନେଶ୍ୱର ଗ୍ରାମର ଶ୍ରୀ ଶ୍ରୀ ମାନେଶ୍ୱର ମହାଦେବ ସିଦ୍ଧ ଶୈବ ପୀଠରେ ପବିତ୍ର ମହାଶିବରାତ୍ରି ଜାଗର ଯାତ୍ରା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ନିକଟସ୍ଥ ଜାମୁଁ ନାଳରେ ପୂଜାର୍ଚ୍ଚନା ପରେ ଗଙ୍ଗାମାତାଙ୍କୁ ଆବହନ କରାଯାଇଥିଲା। ଏହାପରେ ଗ୍ରାମବାସୀ ଜଳ ଭର୍ତ୍ତି କଳସ ଧରି ନାମ ସଙ୍କୀର୍ତ୍ତନ ଏବଂ ପାରମ୍ପରିକ ବାଦ୍ୟ ସହ ମନ୍ଦିର ଅଭିମୁଖେ ଶୋଭାଯାତ୍ରାରେ ଆସିଥିଲେ। କଳସ ଗୁଡ଼ିକୁ ମନ୍ଦିର ପରିସରରେ ସ୍ଥାପନ କରାଯାଇଥିଲା। ରିବିବାର ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ ହେବ। ସନ୍ଧ୍ୟାରେ ମହାଦେବଙ୍କ ଅଭିଷେକ ଏବଂ ମହାପୂଜା ସମାପ୍ତ ପରେ ମଧରାତ୍ରିରେ ମହାଦୀପ ଉଠିବ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ଭର୍ତ୍ସନା



ମୁରିବାହାଲ, ୧୪।୨ (ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ମୁଖ୍ୟାଳୟରେ କଂଗ୍ରେସ ପକ୍ଷରୁ ଚା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁରିବହାଲ୍ ବ୍ଲକ କଂଗ୍ରେସ ସଭାପତି ଗିରିଧାରୀ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଚା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ପିସିସି ଉପସଭାପତି ତଥା କଂଗ୍ରେସର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ବଲାଙ୍ଗୀର ଜିଲ୍ଲା ସଭାପତି ଅନିଲ ମେହେର ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଚାଷୀ ମରଣା ନୀତି, ଟାଟା ପାୱାରର ସ୍ମାର୍ଟ ମିଟର, ମନରେଗା ନାଁ ପରିବର୍ତ୍ତନକୁ ବିରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲଖନା ସରପଞ୍ଚ ସଦାନନ୍ଦ ଦୀପ, ଯଦୁପତି ଅଗସ୍ତି, ବିଭୀଷଣ ତାଣ୍ଡି, ଜିତେନ ହାତୀ, ପୂର୍ଣ୍ଣ ମାଝୀ, ଗୁଲମେର ସିଂ, ବିଷ୍ଣୁ ସାହୁ, ଚୁଡ଼ାମଣି ରନା, ସତ୍ୟବାନନାଗ, ମାଧବ ସାହୁ, ଗୋପିନାଥ ସେଟ, ନରେନ୍ଦ୍ର ବନଛୋରଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କ ସମସ୍ୟା ସରୁନି

ଧାନବିକ୍ରି ଚିନ୍ତାରେ ବଡ଼ଚାଷୀ, ଡିବିଟି ଦେଉଛି ଦୁଃଖ

ବଲାଙ୍ଗିର, ୧୪।୨(ସମିସ)

ବଢୁଛି ଚାଷୀଙ୍କ ସମସ୍ୟା; ତାଲିକା ସରିବାକୁ ବସିଛି ଟାର୍ଗେଟ

ଧାନ ବିକ୍ରି ପାଇଁ ବେପାରୀ ଖୋଜୁଛି ବଡ଼ଚାଷୀ

ରାଜ୍ୟ ବାହାର ବ୍ୟାଙ୍କରେ ଜମା ହେଉଛି ଟଙ୍କା

ମେସେଜ ଦେଖି କେବଳ ଚାଷୀ ଖୁସି ହେଉଛି

ବଲାଙ୍ଗିର ଜିଲ୍ଲାରେ ଧାନକିଣା ଅବ୍ୟବସ୍ଥାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛି। ଗୋଟିଏ ପଟେ ଧାନକିଣା ବ୍ୟବସ୍ଥିତ ଭାବେ ଚାଲିଥିବା ଯୋଗାଣ ବିଭାଗ କହୁଛି। ବାସ୍ତବ ଚିତ୍ର ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ ରହିଛି। ପ୍ରତିଦିନ ଚାଷୀ କିଭଳି ଭାବେ ଧାନବିକ୍ରିରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାର ଚିତ୍ର ସାମ୍ନାକୁ ଆସୁଛି। ଚାଷୀ ଶୋଷଣ ଓ ହଇରାଣର ବିକଳ ଚିତ୍ର ତାଲିକା ଦିନକୁ ଦିନ ବଢ଼ିବାରେ ଲାଗିଛି। ଚାଷୀଙ୍କ ଧାନବିକ୍ରି ଟଙ୍କା ଅନ୍ୟ ରାଜ୍ୟ ଆକାଉଣ୍ଟରେ ଜମା ହେଉଛି। ଟଙ୍କା ଉଠାଇବାକୁ ଯାଇ ଚାଷୀଙ୍କ ମୃତ୍ୟୁ ଘଟୁଛି। ଏତାପରେ ତାଙ୍କ ପରିବାର ଲୋକେ ଧାନ ବିକିବା ପାଇଁ କଲବଲ ହେଉଛନ୍ତି। ସେହିଭଳି ବଡ଼ଚାଷୀ ମଧ୍ୟ ଧାନବିକ୍ରି ଲାଗି କିଭଳି ହଇରାଣ ହେଉଛନ୍ତି ତାହାର ଚିତ୍ର ମଧ୍ୟ ବର୍ତ୍ତମାନ ସାମ୍ନାକୁ ଆସିଛି। ସାମଗ୍ରିକ ଭାବେ କହିବାକୁ ଗଲେ ଜିଲ୍ଲାରେ ଧାନକିଣା କେବଳ ବ୍ୟବସ୍ଥିତ ଭାବେ କାଗଜପତ୍ରରେ ଚାଲିଛି। ବାସ୍ତବରେ କିନ୍ତୁ ଅନେକ ଦୁର୍ଭାଗ୍ୟଜନକ ସ୍ଥିତି ରହିଛି।

ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅଙ୍କରିଆପଦର ଗାଁର ଚାଷୀ ପ୍ରସନ୍ନ ବାରିକଙ୍କ ଗାଁ ଗୌନ୍ତିଆ। ତାଙ୍କର ବହୁ ପରିମାଣର ଜମି ରହିଛି। ଅଞ୍ଚଳର ସେ ଜଣେ ବଡ଼ ଚାଷୀ। ତେବେ ଚଳିତ ଖରିଫରେ ଧାନ ବିକିବା ପାଇଁ ସେ ପଞ୍ଜିକରଣ କରିଥିଲେ। ତାଙ୍କର ସମୁଦାୟ ୨୫୦ କ୍ୱିଣ୍ଟାଲ ଧାନ ବିକିବା ପାଇଁ ଅନୁମତି ରହିଛି। ବର୍ତ୍ତମାନ ସୁଦ୍ଧା ସେ ଦୁଇଟି ଟୋକନରେ ପ୍ରାୟ ଦେଢ ଶହ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। ତାଙ୍କର ସବୁତକ ଧାନ ବିକିବା ପାଇଁ ତାଙ୍କୁ ଆହୁରି ୪ଟି ଟୋକନର ଆବଶ୍ୟକତା ରହିଛି। ଜିଲ୍ଲା ପାଇଁ ଆସିଥିବା ଟାର୍ଗେଟର ପ୍ରାୟ ୯୫ ପ୍ରତିଶତ ଧାନ ବିଭାଗ କିଣିସାରିଥିବା ଯୋଗାଣ ଅଧିକାରୀ କହିଛନ୍ତି। ତେବେ ବର୍ତ୍ତମାନ ସମ୍ପୃକ୍ତ ଚାଷୀ ଜଣକ ପ୍ରଶାସନ ଉପରୁ ଭରସା ଉଠାଇ ନିଜ ଉଦ୍ୟମରେ କମ୍ ଦରରେ ହେଲେ ବି ଧାନ ବିକିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଦେଢଶହ କ୍ୱିଣ୍ଟାଲରୁ ଅଧିକ ହେଲେ ବୋନସ ଟଙ୍କା ଦେବାକୁ ସରକାର ମନା କରିଛନ୍ତି। ଏହାପରେ ଆଉ ମଣ୍ଡିରେ ଧାନ ବିକିବାକୁ ଜଗି ରହିବା ବଦଳରେ ଅନ୍ୟ କାହାକୁ କମ୍ ଦରରେ ହେଲେ ବି ଧାନ ବିକିବା ଉଚିତ ବୋଲି ସେ କହିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ଟୋକନ ଧାନ କିଣାଯାଇଛି। ଆହୁରି ଟୋକନର ଧାନ ବିକ୍ରି କରିବା ଆଗକୁ ଅସମ୍ଭବ ଲାଗୁଛି। ଏଣୁ ସେ ଏବେ ଧାନ ବିକିବା ଚିନ୍ତାରେ ରହିଛନ୍ତି। କେବଳ ଏହି ଜଣେ ଚାଷୀ ନୁହଁନ୍ତି; ଜିଲ୍ଲାରେ ଏହିଭଳି ହଜାର ହଜାର ବଡଚାଷୀ ରହିଛନ୍ତି; ଯେଉଁମାନେ ନିଜ ଧାନ ରଖି ଏବେ ବିକ୍ରି କରିବା ଚିନ୍ତାରେ ରହିଛନ୍ତି। ତେବେ କେତେ ଚାଷୀ ରହିଛନ୍ତି, କେତେ ଧାନ ସେମାନଙ୍କ ପାଖରେ ମହଜୁଦ ରହିଛି ସେ ନେଇ ଡିଆରସିଏସଙ୍କ ପାଖରେ କୌଣସି ସ୍ପଷ୍ଟ ସୂଚନା ନାହିଁ। ବାସ୍ତବ ଚିତ୍ର ଯଦି ଦେଖାଯାଏ ଏବେ ବି ଅନେକ ଚାଷୀଙ୍କ ପାଖରେ ହଜାର ହଜାର ବସ୍ତା ଧାନ ରହିଛି; କିନ୍ତୁ ଜିଲ୍ଲାକୁ ଆସିଥିବା ପ୍ରାୟ ୪୫ ଲକ୍ଷ କ୍ୱିଣ୍ଟାଲ ଧାନ ଟାର୍ଗେଟ ପୂରଣ ହେବାକୁ ବସିଛି। ତେବେ କାହା ଧାନରେ ଟାର୍ଗେଟ ପୂରଣ ହୋଇଛି ତାହା ଏବେ ସବୁଠାରୁ ବଡ ପ୍ରଶ୍ନ। ଅନ୍ୟପକ୍ଷରେ ଦୁମଦୁମିର ଜଣେ ଯୁବ ଚାଷୀଙ୍କ ଧାନକିଣା ଟଙ୍କା ଅଚଳ ଆକାଉଣ୍ଟରେ ପଡ଼ିଥିବା ଖବର ସାମ୍ନାକୁ ଆସିଥିଲା। ସେହିପରି କୁଶଙ୍ଗ ଗାଁର ଜଣେ ଯୁବ ଚାଷୀ ୩୦ କ୍ୱିଣ୍ଟାଲ ଧାନ ବିକିଥିବା ବେଳେ ପ୍ରାୟ ଏକ ଲକ୍ଷ ଟଙ୍କା ଛତିଶଗଡ଼ରେ ଥିବା ଏକ ପୁରୁଣା ଆକାଉଣ୍ଟରେ ଜମା ହୋଇଛି। ଏହିଭଳି ଅନେକ ଚାଷୀଙ୍କ ଧାନବିକ୍ରି ଟଙ୍କା ଅନ୍ୟ ରାଜ୍ୟ ଆକାଉଣ୍ଟରେ ଜମା ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଚଳିତ ବର୍ଷ ଧାନ ବିକ୍ରି କରିବା ପରେ ଅନେକ ଚାଷୀଙ୍କ ଖାତାକୁ କେବଳ ବୋନସ ଟଙ୍କା ଜମା ହୋଇଛି। ଏମ୍ଏସ୍‌ପି ଟଙ୍କା ଜମା ହୋଇ ନ ଥିବା ଭଳି ଅଭିଯୋଗ ମଧ୍ୟ ବଲାଙ୍ଗିର ଜିଲ୍ଲାରୁ ସାମ୍ନାକୁ ଆସିଛି। ତେବେ ଏନେଇ ବଲାଙ୍ଗିର ଡିଆରସିଏସ ପ୍ରମୋଦ ବରିହାଙ୍କୁ ପଚାରିବାରୁ ରାଜ୍ୟସ୍ତରରୁ ଟୋକନ ଜେନେରେଟ କରାଯାଉଛି। କେତେ ବଡ ଚାଷୀ ଅଛନ୍ତି, କେତେ ଧାନ ବିକିଲେ, କେତେ ବଳକା ରହିଛି ସେ ନେଇ ତାଙ୍କ ପାଖରେ ସ୍ପଷ୍ଟ ତଥ୍ୟ ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ ଯେଉଁ ବ୍ୟାଙ୍କ ଆକାଉଣ୍ଟ ଡିବିଟି ହୋଇଛି ସେହି ଆକାଉଣ୍ଟରେ ଟଙ୍କା ଜମା ହେଉଛି। ଜମା ହୋଇଥିବା ଟଙ୍କା ଚାଷୀଙ୍କୁ ସେହି ଆକାଉଣ୍ଟରୁ ହିଁ ଉଠାଇ ହେବ। ଯଦି ଆଉ ଟଙ୍କା ଜମା ହେବାର ଅଛି ତେବେ ଚାଷୀ ବ୍ୟାଙ୍କକୁ ଯାଇ ମାନୁଆଲ ଡିବିଟି ଆକାଉଣ୍ଟ ପରିବର୍ତ୍ତନ କରିପାରିବେ ବୋଲି ସେ କହିଛନ୍ତି। ଏଥିରେ ବିଭାଗର କିଛି ଦୋଷ ନାହିଁ କି ସେ କିଛି ସହାୟତା କରିପାରିବେ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଥିଠଲେ। ତେବେ କୃଷିମନ୍ତ୍ରୀଙ୍କ ଜିଲ୍ଲାରେ ଚାଷୀଙ୍କ ପାଇଁ ସମସ୍ୟା ଧାନଚାଷ କରିବାରୁ ବଳି ଧାନବିକ୍ରି ବ୍ୟବସ୍ଥା ବଳି ଯାଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଅନେକ ଚାଷୀ ବିଭାଗୀୟ ସହାୟତା ନ ପାଇ ଅସହାୟ ହୋଇପଡ଼ିଥିବା ଅଭିଯୋଗ କରିଛନ୍ତି।

■ ଦେଓଗାଁ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା

ଶିକ୍ଷକଙ୍କୁ ମାଡ଼, ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର

ଅଭିଯୋଗ ସତ୍ତ୍ୱେ ଦୁର୍ବୃତ୍ତକୁ ଗିରଫ କରୁନି ପୁଲିସ

ପ୍ରତିବାଦରେ ୨ ଦିନ ହେଲା ବିଦ୍ୟାଳୟ ବନ୍ଦ

ସଇଁତଲା, ୧୪।୨(ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଦେଓଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି। ସ୍କୁଲର ଜଣେ କାର୍ଯ୍ୟରତ ଶିକ୍ଷକଙ୍କୁ ମାଡ଼ ମରାଯିବା ସହ ଜୀବନରେ ମାରିଦେବାକୁ ଧମକ ଦିଆଯାଇଛି। ସେହିଭଳି ଜଣେ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଦୁର୍ବ୍ୟବହାର କରାଯାଇଛି। ଏ ନେଇ ଟିକ୍ରାପଡ଼ା ଫାଣ୍ଡିରେ ଶିକ୍ଷକ ଲଳିତ ସାହୁ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିଛି; ହେଲେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଏହି ଘଟଣାକୁ ନେଇ ୨ ଦିନ ହେଲା ବିଦ୍ୟାଳୟରେ ତାଲା ପଡ଼ିଛି। ଏଣୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ମଧ୍ୟ ବନ୍ଦ ହୋଇଛି। ଏଣୁ ଛାତ୍ରଛାତ୍ରୀ ଓ ଅଭିଭାବକ ଆନ୍ଦୋଳନ ଲାଗି ସଜବାଜ ହେଉଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୧୩୮ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ପ୍ରଧାନ ଶିକ୍ଷକଙ୍କ ସମେତ ୪ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ରହିଛନ୍ତି। ଗତ ୧୧ ତାରିଖ ଅପରାହ୍ଣରେ ଶିକ୍ଷକ ଲଳିତ ସାହୁ ସ୍କୁଲରେ ପାଠ ପଢ଼ାଉଥିଲେ। ଏହି ସମୟରେ ଗାଁର ଆକାଶ ନାଗ ନାମକ ଜଣେ ଯୁବକ ସ୍କୁଲ ପାଚେରି ଡେଇଁ ଭିତରକୁ ପଶିବା ପରେ ଲଳିତଙ୍କୁ ୫ ହଜାର ଟଙ୍କା ମାଗିଥିଲେ। ଲଳିତ ମନା କରିବାରୁ ତାଙ୍କ ମୁହଁକୁ ମାଡ଼ ମାରିଥିଲେ। ପରେ ଶିକ୍ଷୟିତ୍ରୀ ପ୍ରିୟଙ୍କା ବାରିକଙ୍କୁ ମଧ୍ୟ ୨ ହଜାର ଟଙ୍କା ମାଗିଥିଲା। ସେ ମଧ୍ୟ ମନା କରିବାରୁ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣା ନେଇ ଟିକ୍ରାକ୍ରାପଡ଼ା ଫାଣ୍ଡିରେ ଲିଖିତ ଅଭିଯୋଗ ସତ୍ତ୍ୱେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଏନେଇ ଫାଣ୍ଡି ଅଧିକାରୀ ଗୋପାଳ କୃଷ୍ଣ କୁମୁତାଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇଛି। ଖୁବ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୨୦୨୩ରେ ମଧ ଏହି ଯୁବକ ଜଣକ ଶିକ୍ଷକ ଲଳିତଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇଥିଲେ।

ଏକ୍ସପାୟାର ମଦ ବିକ୍ରି ଅଭିଯୋଗରେ ବାର୍‌ରେ ଚଢ଼ଉ

ବଲାଙ୍ଗିର, ୧୪।୨(ସମିସ): ବଲାଙ୍ଗିର ସହରରେ ଥିବା ଏକ ବାରରେ ଏକ୍ସପାୟାରୀ ମଦ ବିକ୍ରି ହେଉଛି। ଏଭଳି ଅଭିଯୋଗ ହେବା ପରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇଛି। ଚଢଉ ସମୟରେ ବାରରେ ଏକ୍ସପାୟାରୀ ମଦ ରହିଥିବା ଜଣାପଡ଼ିଥିଲା। ଏହାପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅବକାରୀ ବିଭାଗ ଉପ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ବଲାଙ୍ଗିର ରେଳଷ୍ଟେସନ ପାଖରେ ଥିବା ଇନ୍ଦ୍ରପ୍ରସ୍ଥ ହୋଟେଲରେ ଥିବା ବାର୍‌ରେ କିଛି ଦିନ ତଳେ ବ୍ୟବହାର ଅବଧି ତାରିଖ ସରିଯାଇଥିବା ମଦ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ବିଭିନ୍ନ ସୂତ୍ରରୁ ଏ ନେଇ ଖବର ପାଇବା ପରେ ଅବକାରୀ ବିଭାଗର ଟିମ୍ ବାର୍‌ରେ ଚଢଉ କରିଥିଲା। ସେଠାରେ ୩୦ ପେଟି ଏକ୍ସପାୟାର ବିଅର ରହିଥିବା ବିଭାଗ ଜାଣିବାକୁ ପାଇଥିଲେ। ଏଥିପାଇଁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ୫୦ ହଜାର ଟଙ୍କାର ଜରିମାନା କରାଯାଇଥିବା ଅବକାରୀ ବିଭାଗ ଉପ ନିର୍ଦ୍ଦେଶକ ସୀତାକାନ୍ତ ମୁଦୁଲି କହିଛନ୍ତି। କିଛି ମାସ ତଳେ ସୋନପୁରରେ ଥିବା ସରକାରୀ ମଦ ଗୋଦାମରୁ ଏହି ମଦ ଉଠିଥିଲା। ଏକ୍ସପାୟାର ହେବା ପରେ ଏନେଇ ଅବକାରୀ ବିଭାଗକୁ ସୂଚନା ଦେବା କଥା; କିନ୍ତୁ ତାହା ହୋଇ ନାହିଁ। ବର୍ତ୍ତମାନ ପ୍ରଶ୍ନ ଉଠୁଛି କେବଳ ଏହି ବାରରେ ଏକ୍ସପାୟାର ମଦ ଥିଲା ନା ଆଉ କେଉଁଠି ବି ଅଛି। ଏହି ମଦ କେତେ ଦିନ ହେଲା ବିକ୍ରି ହୋଇଛି ସେନେଇ ଅବକାରୀ ବିଭାଗ ଯାଞ୍ଚ କରିବା ପାଇଁ ଜରୁରି ହୋଇ ପଡ଼ିଛି।

ଓଷ୍ଟାର ସ୍ୱତନ୍ତ୍ର ବୈଠକ

ବୀରମହାରାଜପୁର, ୧୪।୨(ସମିସ): ବୀରମହାରାଜପୁର ବ୍ଲକ ଜଟେସିଂହା ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଙ୍ଘ, ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ଓଷ୍ଟା ବ୍ଲକ ସଭାପତି ଚନ୍ଦ୍ରମଣି ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପଦେଷ୍ଟା ସଭ୍ୟ ତଥା ଓଷ୍ଟାର ବରିଷ୍ଠ ସଂଗଠକ ଭୂଷଣ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଓଷ୍ଟା ସଭାପତି ଅଖୋଜ ପଧାନ, ସମ୍ପାଦକ ସୁଶୀଲ କୁମାର ବିଶି ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ଓଷ୍ଟା ସଂଗଠନକୁ ଦୃଢ କରିବାକୁ ଉପସ୍ଥିତ ଶିକ୍ଷକମାନଙ୍କୁ ଆହ୍ୱାନ କରିଥିଲେ। ପୂର୍ବତନ ବ୍ଲକ ସମ୍ପାଦକ ତ୍ରିପୁରାରୀ ରଥ ମଞ୍ଚାସୀନ ଥିଲେ। ଶେଷରେ ବ୍ଲକ ସମ୍ପାଦକ ବ୍ରଜମୋହନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ପଡୋଶୀ ବ୍ଲକ ଉଲୁଣ୍ଡା ସମ୍ପାଦକ ପ୍ରହଲ୍ଲାଦ ସାହୁ ଓ ଉପସଭାପତି ପଙ୍କଜ ଖମାରି ଯୋଗଦେଇଥିଲେ। ଏହି ସଭାରେ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୪୦ ଜଣ ଶିକ୍ଷକ ଯୋଗ ଦେଇଥିଲେ।

ବାନାଗ୍ନି ପ୍ରତିରୋଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ, ୧୪।୨(ସମିସ): ଖପ୍ରାଖୋଲ ବ୍ଲକ ହରିଶଙ୍କର ବନ ବିଭାଗର ଡାକ ବଙ୍ଗଳାରେ ବନ ବିଭାଗ ଓ ଆର୍‌ସିଡ଼ିସିର ମିଳିତ ଉଦ୍ୟମରେ ବନାଗ୍ନି ପ୍ରତିରୋଧ ଓ ଜଙ୍ଗଲଜାତ ଖାଦ୍ୟ ପରମ୍ପରା



ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆର୍‌ସିଡିସି ଜିଲ୍ଲା ସଂଯୋଜକ ଶମ୍ଭୁ ପ୍ରସାଦ ସାହୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ସମ୍ମାନୀତ ଅତିଥି ରୂପେ ଜିଲ୍ଲା ଜଙ୍ଗଲ ସୁରକ୍ଷା ଫୋରମ୍ ଆବାହନ କୁଳ ମଣି ସାହୁ, ଗନ୍ଧମାର୍ଦ୍ଦନ ସୁରକ୍ଷା ଆହ୍ୱାନ କମିଟି ଆବାହକ ଟେକେନ୍ଦ୍ର ଜାଲ, ପରିବେଶ କର୍ମୀ ଅଭୟ ତ୍ରିପାଠୀ, ନାନ୍ଦୁପଲା ସରପଞ୍ଚ ନିଲେନ୍ଦ୍ରୀ ପୁଝାରୀ, ଭାନପୁର ସରପଞ୍ଚ ରିନା ଜାଲ, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାନାଗ୍ନି ପ୍ରତିରୋଧ ସମ୍ପର୍କରେ ଅତିଥିମାନେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସେହିପରି ଜଙ୍ଗଲଜାତ ଦ୍ରବ୍ୟ, ପାରମ୍ପାରିକ ଖାଦ୍ୟ ଅଭ୍ୟାସ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଖପ୍ରାଖୋଲ ବନପାଳ ସୁଧିର ଜେନା, ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣି ବେହେରା, ରେଙ୍ଗାଲି ବନପାଳ ବିପିନ ସହୁ, ପ୍ରମୋଦା ସେଠ୍, ଆର୍‌ସିଡିସି ବ୍ଲକ ସଂଯୋଜକ ମିତାଞ୍ଜଳି ମିଶ୍ର, ନାରାୟଣ ସାହୁଙ୍କ ସମେତ ବନ ସୁରକ୍ଷା ସମିତି ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବନ ବିଭାଗ କର୍ମଚାରୀ, କେନ୍ଦୁପତ୍ର କର୍ମଚାରୀ ଉପସ୍ଥିତ ଥଲେ। ଦେବରାଜ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଇକୋ ଟୁରିଜିମରେ ସାମିଲ ହେଲା ପଥରଗଡ଼

ବଲାଙ୍ଗିର/ଲୋଇସିଂହା, ୧୪।୨(ସମିସ)



ଜଳାଶୟରେ ଜଳକ୍ରୀଡ଼ା ଓ ଚାରିପଟେ ହେବ ପାର୍କ

ପ୍ରକଳ୍ପ ପାଇଁ ୧ କୋଟି ଟଙ୍କାର ଅନୁଦାନ

ପାହାଡ଼, ଜଙ୍ଗଲ କୋଳରେ ରହିଛି ପଥରଗଡ଼ ଡ୍ୟାମ୍

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ପଥରଗଡ଼ର ନବକଳେବର ହେବ। ପ୍ରକୃତିକୋଳରେ ଏହି ଜଳାଶୟରେ ଜଳକ୍ରୀଡ଼ା ଆରମ୍ଭ ହେବ। ଏହି ପ୍ରକଳ୍ପକୁ ଇକୋ ଟୁରିଜିମରେ ସାମିଲ କରାଯାଇଛି। ଏଥିପାଇଁ ୧କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଶନିବାର ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବଲାଙ୍ଗିର ଜିଲ୍ଲା ଆଗଲପୁର ଓ ଲୋଇସିଂହା ବ୍ଲକ ସୀମାରେ ପଥରଗଡ଼ ରହିଛି। ଚାରିଆଡ଼େ ପାହାଡ, ଜଙ୍ଗଲ। ମଝିରେ ଏକ ବଡ଼ ଜଳାଶୟ ରହିଛି। ପ୍ରତିବର୍ଷ ବଣଭୋଜି କରିବା ପାଇଁ ଏହି ସ୍ଥାନକୁ ଶହ ଶହ ଲୋକ ଆସିଥାନ୍ତି। ତେବେ ଏହାକୁ ଇକୋ ଟୁରିଜିମ ସାଇଟରେ ସାମିଲ କରି ବୋଟିଂ, ପାର୍କ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଥିଲା। ବନ ବିଭାଗ ପକ୍ଷରୁ ଏନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ଆନୁସାଙ୍ଗିକ ବ୍ୟବସ୍ଥା କରାଯିବା ସହ ଏକ ପାର୍କ ନିର୍ମାଣ ଯୋଜନା କରାଯାଇଛି। ଜଳାଶୟରେ ଜଳକ୍ରୀଡା ପାଇଁ ବିଭିନ୍ନ ପ୍ରକାର ବୋଟ୍‌ର ମଧ ବ୍ୟବସ୍ଥା କରାଯିବ। ଏହା ସହିତ ଏହି ସ୍ଥାନକୁ ଯିବା ପାଇଁ ରହିଥିବା ରାସ୍ତା ଉନ୍ନତିକରଣ ସହ ଆଲୋକୀକରଣ ବ୍ୟବସ୍ଥା କରାଯିବ। ଡିଏଫଓ ଅଜିତ ବିଶିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଏସିଏଫ ମାନସ ରଞ୍ଜନ ବେହେରା, ରେଞ୍ଜର ଆନନ୍ଦ ବିଶି, ଫରେଷ୍ଟର ବାବୁଲା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପକୁ ନଅଗାଁ(ଖ)-ସାନଟିକାରୁ ରାସ୍ତା ରହିଛି। ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବ ବୋଲି ଡିଏଫଓ ଶ୍ରୀ ବିଶି କହିଛନ୍ତି। ସେହିପରି ଏହିଭଳି ଟିଟିଲାଗଡ଼ ମାଥନପଲା ଡ୍ୟାମ୍ ଓ ପାଟଣାଗଡ଼ ମେହେରକଣ୍ଡାକୁ ମଧ ଇକୋ ଟୁରିଜିମରେ ସାମିଲ କରିବା ପାଇଁ ପ୍ରକଳ୍ପ ଞ୍ଜୁର ହୋଇଛି। ଏଥିପାଇଁ ଅନୁଦାନ ମଞ୍ଜୁର ହୋଇଛି।

ପଞ୍ଚ ଦିବସୀୟ ପ୍ରବୋଧନ ତାଲିମ ଉଦ୍‌ଯାପିତ



କଣ୍ଟାବାଞ୍ଜି, ୧୪।୨(ସମିସ): ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୪ ଓ ନୂତନ ପାଠ୍ୟ ପୁସ୍ତକ ସଞ୍ଚାଳନ ନିମନ୍ତେ ପଞ୍ଚ ଦିବସୀୟ ବ୍ଲକସ୍ତରୀୟ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ପାଇଁ ଦିଗଦର୍ଶନ ଉପରେ ଆଧାରିତ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମ ୯ ତାରିଖରେ କଣ୍ଟାବାଞ୍ଜି ବାଳକ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଗୌତମ ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ। ନୂତନ ଶିକ୍ଷାନୀତି ଅନୁସାରେ ଦକ୍ଷତା ଭିତ୍ତିକ ନୂତନ ପାଠ୍ୟ ପୁସ୍ତକ ପ୍ରସ୍ତୁତି ହୋଇ ସାରିଛି; ଯାହାକି ଚଳିତ ଶିକ୍ଷା ବର୍ଷ ବିଦ୍ୟାଳୟଗୁଡ଼ିକରେ ପ୍ରଚଳିତ ହେବ। ତେଣୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ସାଧନକର୍ମୀ ସୁରେଶ ରାଉତ, ଅଞ୍ଜଳି ମାଝୀ, ମମତା ପଣ୍ଡା ପ୍ରମୁଖ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଉପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୦୦ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରଛନ୍ତି। ଉଦ୍‌ଯାପନୀ ଦିବସରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ, ଅନୁପ ଦାଶ, ଗୁରୁପ୍ରସାଦ ଛତ୍ରିଆ, ଧନ ସିଂ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ପାଠ୍ୟ ପୁସ୍ତକ କିପରି ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିବ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟ ସାଧିତ ହୋଇପାରିବ ତାହା ସମସ୍ତଙ୍କ ଗୁରୁ ଦାୟିତ୍ୱ ବୋଲି ଅତିଥିମାନେ ମତ ଦେଇଥିଲେ।

ସକାଳ
THE SAKALA
ରବିବାର
୧୫ ଫେବୃଆରୀ, ୨୦୨୬

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତେନ୍ତୁଳିଖୁଣ୍ଟି, ୧୪।୨(ସମିସ): ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଦହଣା ଗ୍ରାମର ଏକ ଘର ମଧ୍ୟରୁ ଜଣେ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଛି। ଯୁବକଙ୍କ ନାମ ଶୁଭମ ବେହେରା (୨୭)। ଗତ ରାତିରେ ଶୁଭମ୍ ଖାଇ ସାରି ଘର ମଧ୍ୟରେ ଶୋଇବାକୁ ଯାଇଥିଲେ। ଶୁଭମଙ୍କ ମା' ଓ ଭଉଣୀ ଗାଁରେ ନଥିଲେ। ଶୁଭମ ବାରିକ କାମ କରୁଥିବା ଯୋଗୁଁ ସକାଳୁ ଅନେକ ଲୋକ ଫୋନ କରିବା ସହ ଘରକୁ ଯାଇ କବାଟ ବଡେଇ ଡାକ ପକେଇଥିଲେ। ତଥାପି କବାଟ ଫିଟିନଥିଲା। ପୂର୍ବାହ୍ଣ ୧୦ଟା ପର୍ଯ୍ୟନ୍ତ କବାଟ ଫିଟିନଥିବା ଯୋଗୁଁ ପଡ଼ିଶା ଘରେ ରହୁଥିବା ସମ୍ପର୍କୀୟ ମଧ୍ୟ ଡାକ ପକେଇଥିଲେ। ଏହାପରେ ଘର ପଛ ପଟୁ କବାଟ ତାଡି ଭିତରକୁ ଯାଇ ଦେଖିଲା ବେଳକୁ ଶୁଭମ୍‌ର ମୃତଦେହ ଏକ ଗାମୁଛା ସାହାଯ୍ୟରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଶୁଭମଙ୍କ ଭଉଣୀ ତେନ୍ତୁଳିଖୁଣ୍ଟି ଥାନାକୁ ଅବଗତ କରିବା ପରେ ପୁଲିସ ପହଞ୍ଚି ଶବ ଉଦ୍ଧାର କରିଥିଲା। ଏହାପରେ ପୁଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ତେନ୍ତୁଳିଖୁଣ୍ଟି ଥାନା କେଶ ନଂ ୨/୨୬ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଏଏସଆଇ ଭରତ ମାଝୀ କେସ୍‌ର ତଦନ୍ତ କରୁଛନ୍ତି।

ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସ



ସେମିଳିଗୁଡ଼ା, ୧୪।୨(ସମିସ): କୋରାପୁଟ ଜିଲ୍ଲାର ସୁନାବେଡା ମଣ୍ଡଳ ବିଜେପି ତରଫରୁ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସ ଉପଲକ୍ଷେ ସେମିଳିଗୁଡା ପ୍ରେସ୍ କ୍ଲବ୍ ପରିସରରେ କାର୍ଯ୍ୟକ୍ରମ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଟୁନା ଖରା, ବକ୍ତା ଭାବେ ପୂର୍ବତନ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ଜେନା, ଉପସଭାପତି ଗୋବିନ୍ଦ କଣ୍ଡା, ଉପସଭାପତି ଲକ୍ଷ୍ମୀ ଖରା, ସାଧାରଣ ସମ୍ପାଦକ ସୀମାଞ୍ଚଳ ପାତ୍ର, କୋଷାଧ୍ୟକ୍ଷ ସୁଧୀର କୁମାର ପଟ୍ଟନାୟକ, ସମ୍ପାଦକ ସୁରେନ୍ଦ୍ର ନାୟକ, ସାଇ ପ୍ରସାଦ ଖୁଣ୍ଟିଆ, ବାଙ୍ଗାରି ଉମାଶଙ୍କର, ରୀନା ନାୟକ, ସୁବାସିନୀ ସାହାଣୀ, ରାହୁଲ କଣ୍ଡା, ପ୍ରଭାସ ପାତ୍ର, ସନ୍ତୋଷ ରେଡ଼ି, ହିମାଂଶୁ ମହାଳିକ, ଆଦିତ୍ୟ ହନ୍ତାଳ, ଗୋବିନ୍ଦ ନାୟକ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଶିବିର



ମାଥିଲି, ୧୪।୨(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ମେକ୍କା ଗ୍ରାମପଞ୍ଚାୟତରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ପୂଜାରୀଙ୍କ ନେତୃତ୍ୱରେ ବିଭାଗୀୟ କର୍ତ୍ତୃପକ୍ଷ ତଥା ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ବିଏସଏସଓ ସଞ୍ଜୟ କୁମାର ସାମଲ, କର୍ମଚାରୀ ଜଗନ୍ନାଥ ବଟେ, ନିର୍ବାହୀ ଅଧିକାରୀ, ସାଗର ମହାନ୍ତି, ନାଏବ ସରପଞ୍ଚ, ବରିଷ୍ଠ ନେତା ସମାଜସେବୀ ତଥା ବିଜେଡି ସଭାପତି ସଦାଶିବ ପୂଜାରୀ, ସମସ୍ତ ଜନ ପ୍ରତିନିଧି, ୱାର୍ଡମେମ୍ବର, ସୋସିଆଲ ୱାର୍କର, ସମସ୍ତଙ୍କର ସହଯୋଗରେ ମେକ୍କା ଗ୍ରାମପଞ୍ଚାୟତର ୧୦୦ରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କ ମଧୁବାବୁ ପେନସନ ପାଇଁ ଆବେଦନ କରାଯାଇଛି। ଏନେଇ ମେକ୍କା ସରପଞ୍ଚ ହିତାଧିକାରୀଙ୍କ ସହ ଆଲୋଚନା କରି ବିଭାଗୀୟ ବ୍ଲକ କର୍ତ୍ତୃପକ୍ଷ ସହ ହସ୍ତକ୍ଷେପ ଲୋଡିବେ ଏବଂ ଯଥାଶୀଘ୍ର କିପରି ସମସ୍ତେ ହିତାଧିକାରୀ ମଧୁବାବୁ ପେନସନ ପାଇ ପାରିବେ ସେଦିଗରେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

ଆରବିଆଇର ଆର୍ଥିକ ସାକ୍ଷରତା ସପ୍ତାହ

ନବରଙ୍ଗପୁର, ୧୪।୨(ସମିସ): ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ଆର୍ଥିକ ସାକ୍ଷରତା ସପ୍ତାହ ଫେବୃଆରୀ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ 'କେୱାଇସି ସୁରକ୍ଷିତ ବ୍ୟାଙ୍କିଂ ଆଡକୁ ପ୍ରଥମ ପଦକ୍ଷେପ' ବିଷୟ ବସ୍ତୁ ଉପରେ ପାଳନ କରାଯାଇଛି। ଏହି ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଓଡ଼ିଶାର ସମସ୍ତ ଜିଲ୍ଲାରେ ବିଭିନ୍ନ ଆର୍ଥିକ ସାକ୍ଷରତା ଶିବିର ଆୟୋଜନ କରାଯାଉଛି। ଏହି ପରିପେକ୍ଷୀରେ ନବରଙ୍ଗପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଟୋ ତଥା ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରତ୍ୟେକ ଗ୍ରାମ ମାନଙ୍କରେ ବିଶେଷ କରି କେୱାଇସି ଉପରେ ସଚେତନତାର



ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ୫ ଦିନ ଧରି ଲିଡ୍ ବ୍ୟାଙ୍କ, ସମସ୍ତ ବ୍ୟାଙ୍କ, ଏବଂ ଧାନ ଫାଉଣ୍ଡେସନ ସିଏଫଏଲ ପକ୍ଷରୁ ପ୍ରତିଦିନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ଆର୍ଥିକ ଯୋଜନା କିପରି ପ୍ରସ୍ତୁତି କରିବା, ସଞ୍ଚୟ, ନିବେଶ, ବୀମା, ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଙ୍ଗ, ବିଭିନ୍ନ ପ୍ରକାର ଠକେଇ, ଋଣ, ଏବଂ ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା, ମନି ମୂଲ, ପେନସନ ତଥା ବ୍ୟାଙ୍କ ଜମା ଖାତାରେ କେୱାଇସିର ଗୁରୁତ୍ୱ ଏବଂ ଆବଶ୍ୟକତା ଉପରେ ସଚେତନ କରାଇଥିଲେ। ମୁଖ୍ୟତଃ ଏହି କାର୍ଯ୍ୟକ୍ରମ ମୁଖ୍ୟ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଗୋପାଳ କୃଷ୍ଣ ପଣ୍ଡା, ଏଫଏଲସି ତନ୍ମୟ ଦାସ, ବ୍ୟାଙ୍କ ଶାଖା ପରିଚାଳକ, ଧାନ ଫାଉଣ୍ଡେସନର ସିଏଫଏଲ କୋର୍ଡିନେଟର, ଆସୋସିଏଟଙ୍କ ମିଳିତ ପ୍ରୟାସରେ ସଫଳ ଭାବରେ ଅନୁଷ୍ଠିତ ହୋଇଥିଲା। ଶେଷ ଦିନରେ ଆରବିଆଇ ଏଲଡିଓ ଜସନ ସୋରେନ ଜିଲ୍ଲାରେ ଅନୁଷ୍ଠିତ ଦୁଇଟି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯେଉଁ ଥିରେ ୨୦୦ରୁ ଅଧିକ ହିତାଧିକାରୀ ଉପସ୍ଥିତ ଥିଲେ।

ନୂତନ ଏନ୍‌ଏସିର ୱାର୍ଡ ଗଠନ

ବିଷମ କଟକ ରାଜନୀତି ଚଳଚଞ୍ଚଳ


ବିଷମ କଟକ, ୧୪।୨(ସମିସ)



ନୂତନ ଏନ୍‌ଏସିର ୱାର୍ଡ ଗଠନକୁ ନେଇ ବିଷମ କଟକ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ଏବେ ସବୁ ରାଜନୈତିକ ଦଳ ମଧ୍ୟରେ ଅଙ୍କ କଷାକଷି ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଘୋଷିତ ନବ ଗଠିତ ବିଷମ କଟକ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାଚନ ପାଇଁ ବିଗୁଲ୍ ବାଜିବା ପରେ ରାଜନୀତି ବିଶେଷଜ୍ଞଙ୍କ ମହଲରେ ଅକଳନ ଆରମ୍ଭ ହୋଇଯାଇଛି। ପ୍ରଥମ କରି ବିଷମ କଟକ ବ୍ଲକର ସଦର ପଞ୍ଚାୟତକୁ ଏବଂ ରତାଟିକ୍ରି ଗ୍ରାମକୁ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦର ଘୋଷଣା ହୋଇଥିବା ବେଳେ ଏହାର ସୀମା ନିର୍ଦ୍ଧାରଣ କରାଯାଇଛି। ମୋଟ ୧୦ ହଜରେ ୧୫୦ ଭୋଟରଙ୍କୁ ନେଇ ପ୍ରଥମ କରି ୧୧ଟି କାଉନ୍‌ସିଲ ଗଠନ ପାଇଁ ରାୟଗଡ଼ା ଜିଲ୍ଲାପାଳଙ୍କ ପକ୍ଷରୁ ବିଜ୍ଞପ୍ତି ନଂ ତା ୧୧।୨।୨୦୨୬ରେ ଘୋଷଣା କରାଯାଇଛି। ରାଜ୍ୟ ସରକାରଙ୍କ ମ୍ୟୁନିସିପାଲଟି ଆକ୍ଟ-୧୯୫୦, ଓଡ଼ିଶା ଆକ୍ଟ ଧାରଣାଙ୍କ ୨୩/୧୯୫୦, ସବ୍‌ରୁଲ୍(୧) ୨- ଆଧାରରେ ସୀମା ନିର୍ଦ୍ଧାରଣ ଓ ସଂଗ୍ରକ୍ଷଣ ସିଟ୍ ଓ ୱାର୍ଡ ପୁନଃର୍ଗନ ଅନୁଯାୟୀ ଜିଲ୍ଲାପାଳ ୧୧ଟି ୱାର୍ଡ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ସୀମା ସମ୍ପର୍କର ଘୋଷଣା କରିଥିବା ବେଳେ ଏ ସମ୍ପର୍କରେ ବିଜ୍ଞପ୍ତି ଘୋଷଣା କରି ଜନସାଧାରଣଙ୍କ ଅଭିଯୋଗ ଆହ୍ୱାନ କରିଛନ୍ତି। ଏହି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଭୋଟର ସଂଖ୍ୟା ୧୦୧୫୦ ରହିଥିବା ବେଳେ ୧୧ ୱାର୍ଡ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୧ଟି ୱାର୍ଡ ମଧ୍ୟରୁ ୧ନମ୍ବର ୱାର୍ଡ ଆଦିବାସୀ ମହିଳା ପାଇଁ ସଂଗ୍ରକ୍ଷିତ ରହିଥିବା ବେଳେ ୨ ନମ୍ବର ୱାଁର୍ଡ ଆଦିବାସୀ, ୩ନମ୍ବର ୱାର୍ଡ ଅନୁସୂଚୀତ ଜାତି, ୪ନମ୍ବର ୱାର୍ଡ ପଛୁଆବର୍ଗ ମହିଳା, ୫ନମ୍ବର ୱାର୍ଡ ପଛୁଆବର୍ଗ, ୬, ୭, ୮ନମ୍ବର ୱାର୍ଡ ଅଣସଂଗ୍ରକ୍ଷିତ ମହିଳା, ୧୧ ନମ୍ବର ୱାର୍ଡ ଅନୁସୂଚୀତ ଜାତିଙ୍କ ପାଇଁ ସଂଗ୍ରକ୍ଷିତ ରହିଥିବା ବେଳେ ୯ ଏବଂ ୧୦ ନମ୍ବର ୱାର୍ଡ ଅଣ ସଂରକ୍ଷିତ ବର୍ଗ ରହିଛି। ସୀମା ନିର୍ଦ୍ଧାରଣ ଓ ୱାର୍ଡ ଗଠନ ସମ୍ପର୍କରେ ଯଦି କୌଣସି ଅଭିଯୋଗ ଥାଏ, ତେବେ ବିଜ୍ଞପ୍ତି ପ୍ରକାଶ ପାଇବାର ୧୦ ଦିନ ମଧ୍ୟରେ ପ୍ରଶାସନର ଦୃଷ୍ଟିକୁ ଆଣିବା ପାଇଁ ନିର୍ଦ୍ଦେଶ ରହିଛି। ଏହାପରେ କୌଣସି ଅଭିଯୋଗକୁ ଗ୍ରହଣ କରାଯିବ ନାହିଁ ବୋଲି ଚିଠିରେ ସ୍ୱଷ୍ଟ ଉଲ୍ଲେଖ ରହିଛି। ତେବେ ବିଷମ କଟକ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ କେଉଁ ବର୍ଗପାଇଁ ସଂରକ୍ଷିତ ରହିବ ନା ଅଣସଂରକ୍ଷିତ ହେବ ସେ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ବିଷମ କଟକ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷକୁ ନେଇ ବିଭିନ୍ନ ରାଜନୈତିକ ଦଳରେ ଅଙ୍କକଷା ଆରମ୍ଭ ହୋଇଥିବା ଜଣାଯାଇଛି। ବିଷମ କଟକ ବ୍ଲକର ବିଷମ କଟକ ସଦର ପଞ୍ଚାୟତ ଏବଂ ଝିଗିଡି ଗ୍ରାମପଞ୍ଚାୟତର ରତାଟିକ୍ରି ଗ୍ରାମକୁ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ହୋଇଥିବା ବେଳେ ୱାର୍ଡ ଗଠନ ନେଇ ବିଜ୍ଞପ୍ତି ଜାରି ହୋଇଛି। ୱାର୍ଡ ଗଠନ ପରେ ପଞ୍ଚାୟତ ସରପଞ୍ଚ ପଦ କାଏମ ରହିବ ନାଁ ରଦ୍ଦ ହେବ ସେ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସ୍ୱଷ୍ଟ ସୂଚନା ମିଳିପାରିନାହିଁ।

ନବରଙ୍ଗପୁର ଡିଗ୍ରୀ କଲେଜରେ କ୍ୟାମ୍ପସ୍ ନିଯୁକ୍ତି

ନବରଙ୍ଗପୁର, ୧୪।୨(ସମିସ): ନବରଙ୍ଗପୁର ଡିଗ୍ରୀ କଲେଜର କ୍ୟାରିଅର କାଉନସେଲିଂ ସେଲ୍‌ଫ ଓ ପିନାକଲ୍ ହ୍ୟୁମାନ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱରଙ୍କ ସହଯୋଗରେ ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ଏକ ସଫଳ କ୍ୟାମ୍ପସ୍ ନିଯୁକ୍ତି ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ଅଭିଯାନରେ ନବରଙ୍ଗପୁର ଡିଗ୍ରୀ କଲେଜ, ବିଦ୍ୟାର୍ଥୀ ଡିଗ୍ରୀ କଲେଜ, ମହିଳା ଡିଗ୍ରୀ କଲେଜ ଓ ବିଦ୍ୟାନିକେତନ ଡିଗ୍ରୀ କଲେଜର ୫୦ ଜଣ ଶେଷ ବର୍ଷର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଚାକିରି ସୁଯୋଗ ପ୍ରଦାନ କରିବା ଓ ତାଙ୍କର ନିଯୁକ୍ତି ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ନବରଙ୍ଗପୁର ଡିଗ୍ରୀ କଲେଜର ଅଧ୍ୟକ୍ଷ ଡି.ଗୋବିନ୍ଦା ରାଓ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ସଫଳତା ପାଇଁ ଦକ୍ଷତା, ଆତ୍ମବିଶ୍ୱାସ ଓ



ସକାରାତ୍ମକ ମନୋଭାବ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ପିନାକଲ୍ ହ୍ୟୁମାନ୍ ରିସୋର୍ସ ପ୍ରାଲିର ଟ୍ରେନିଂ ଓ ପ୍ଲେସମେଣ୍ଟ ମ୍ୟାନେଜର ସି. ଶେଖର ନାୟକ ଏବଂ ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ, ନବରଙ୍ଗପୁର ଶାଖାର ପ୍ରବନ୍ଧକ ଦୀପକ କୁମାର ବେହେରା ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ। ଆପ୍ଟିଚ୍ୟୁଡ୍ ପରୀକ୍ଷା, ବ୍ୟକ୍ତିଗତ ସାକ୍ଷାତକାର ଓ ଆଲୋଚନା ମାଧ୍ୟମରେ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଜିତେନ୍ଦ୍ର କୁମାର ରଥ, ଭୌତିକ ବିଜ୍ଞାନ ଅଧ୍ୟାପକ, ଡଃ ଜହାଙ୍ଗିର ମହମ୍ମଦ, ଭୌତିକ ବିଜ୍ଞାନ ଅଧ୍ୟାପକ ଏବଂ ମିସ୍ ବିଜେୟତା ସୁନାଧର, ବାଣିଜ୍ୟ ଅଧ୍ୟାପିକା ସଫଳତାର ସହିତ ସଂଯୋଜନା ଓ ପରିଚାଳନା କରିଥିଲେ।

ଜିଲ୍ଲାସ୍ତରୀୟ କ୍ରୀଡ଼ା ସମ୍ମିଳନୀ

ଉମରକୋଟ, ୧୪।୨(ସମିସ): ସ୍ଥାନୀୟ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏବଂ ଉନ୍ନତ କ୍ରୀଡା ସଂସ୍କୃତି ବିକଶିତ କରିବା ନିମନ୍ତେ ଯୁବ ବ୍ୟବସାୟ ଏବଂ କ୍ରୀଡା ମନ୍ତ୍ରଣାଳୟ, ଭାରତର ସରକାରଙ୍କ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ କ୍ରୀଡା ସମ୍ମିଳନୀ ୨୦୨୬ ଜିଲ୍ଲା ଯୁବ ଅଧିକାରୀ ବି. ରମେଶଙ୍କ ଅଧ୍ୟକ୍ଷତାରେ ଦୁଇ ଦିନ ଧରି ଉମରକୋଟର ସଂଗ୍ରାମୀ ରବି ସିଂ ମାଝୀ କ୍ରୀଡା ଛାତ୍ରାବାସ ଠାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ୟାବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପୌରାଧ୍ୟକ୍ଷା ରାଧା ଭତ୍ରା, ସାଂସଦ ପ୍ରତିନିଧି ରାମ ନାୟକ, ବରିଷ୍ଠ



ସମାଜସେବୀ ରମେଶ ସାହୁ, ଜିଲ୍ଲା ହକି ସମ୍ପାଦକ ଦୁର୍ଗା ପ୍ରସାଦ ମଲ୍ଲିକ, ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଅଶୋକ କୁମାର ସାହୁ, ଜିଲ୍ଲା ସମ୍ପାଦକ ଇଣ୍ଡୋର କୃଷ୍ଣ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ଟେନିସ ବଲ କ୍ରିକେଟ ସମ୍ପାଦକ ଅବିନାଶ କୁମାର ନାୟକ, କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ରୀଡାରେ କୃତିତ୍ୱ ହାସଲ କରିଥିବା କ୍ରୀଡ଼ାବିତ ମାନଙ୍କୁ ପୁରସ୍କୃତ କରିବା ସହ ୪ସ୍ପୋର୍ଟ୍ସ କ୍ଲବ ମାନଙ୍କୁ ସ୍ପୋର୍ଟସ୍ କିଟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ସଙ୍ଘର ମହିଳା ସମ୍ପାଦିକା ଚନ୍ଦନା ମଲ୍ଲିକ ପରିଚାଳନା କରିଥିଲେ।

ମହାଦେଇପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୋରାପୁଟ, ୧୪।୨(ସମିସ): ମହାଦେଇପୁଟ ଆଶ୍ରମ ତଥା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ। ନମିତା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ



ଅତିଥି ଭାବେ ସାଂସଦ ପ୍ରତିନିଧି ବିରୋଜ କୁମାର ବେନ୍ୟା, କୋରାପୁଟ ବ୍ଲକ ଉପାଧ୍ୟକ୍ଷ ଶିବ ଗୋଲାରୀ, ମହାଦେଇପୁଟ ସରପଞ୍ଚ ଗୋପୀନାଥ ମୁଦୁଲି, ନାଏବ ସରପଞ୍ଚ ପଦ୍ମିନୀ ଡଙ୍ଗରୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ରାକେଶ ରଞ୍ଜନ ବିଶାଳ, ମଙ୍ଗଳ ସାମ୍ପ୍ରସାରଣ ଅଧିକାରୀ ଦୀପକ କୁମାର ନାୟକ, ପଣସପୁଟ ଆଞ୍ଚଳିକ ସାଧନ ସଂଯୋଜକ ସୁଧାଂଶୁ ଶେଖର ମହାନ୍ତି, ଏସଏମସି ସଭାପତି ଘନଶ୍ୟାମ ଗୌଡ଼ ଓ ବିଶିଷ୍ଟ କୃଷିବିତ ସୁରେନ୍ଦ୍ର ମଣ୍ଡି ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ହରେକୃଷ୍ଣ ମହାରଣା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଜ୍ଞାନ ପ୍ରଦର୍ଶନୀ, ଆକାଂକ୍ଷୀ ମେଳା, ଶିକ୍ଷଣ ସାମଗ୍ରୀ, ଚିତ୍ରାଙ୍କନ ପ୍ରଦର୍ଶନୀ ପ୍ରଭୃତି ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, କୁଇଜ୍, ପ୍ରବନ୍ଧ ଲିଖନ, ଦେଶନୋବୋଧ ସଙ୍ଗୀତ, ବକ୍ତୃତା ପ୍ରଭୃତି ଆୟୋଜିତ ହୋଇ ଅତିଥିଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୋଗେଶ ଖରା, ମହେନ୍ଦ୍ର ସେଠି, କେ.ଜ୍ୟୋତି, କାର୍ତ୍ତିକ ଚନ୍ଦ୍ର ନାୟକ, ସୌମିତ୍ରୀ ସାହୁ, ବିଷ୍ଣୁପ୍ରିୟା ସାହୁ, ସ୍ମିତା ବିଜିତା ମହାନ୍ତି ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜୟପୁର, ୧୪।୨(ସମିସ) : ଜୟପୁର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୧୧୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ବିଶ୍ୱ ରଞ୍ଜନ ଗୌଜ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ପ୍ରଥମେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସଭା କାର୍ଯ୍ୟକ୍ରମରେ



ଅତିଥି ମାନେ ନିଜର ଅଭିଭାଷଣ ପ୍ରଦାନ ସହିତ ବିଦ୍ୟାଳୟର ଗର୍ବଗୌରବ ବିଷୟରେ କହିଥିଲେ। ଛାତ୍ରଛାତ୍ରୀଙ୍କ କୃତିତ୍ୱ ବିଷୟରେ ପ୍ରଶଂସା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁବର୍ଣ୍ଣ ଖିଲ ଓ ପାପିତା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବ ଓ ବିଦ୍ୟାଳୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଏବଂ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଦେବେନ୍ଦ୍ର କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

ବିକ୍ରମଦେବ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ବିଜ୍ଞାନ ବିଭାଗ

'ସମାଜ ପାଇଁ ଏଆଇ ପ୍ରଭାବ' ଜାତୀୟ ସେମିନାର



ଜୟପୁର, ୧୪।୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗ ପକ୍ଷରୁ ସ୍ଥାନୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଦିନକିଆ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ସେମିନାରରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ.ଦେବୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ସ୍ନାତକୋତ୍ତର କାଉନ୍‌ସିଲର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ନିଜ ବକ୍ତବ୍ୟରେ ଆଧୁନିକ ଯୁଗରେ ଏ.ଆଇର ଆବଶ୍ୟକତା, ପ୍ରଭାବ ଏବଂ ଏହାର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ସେହିପରି ବୈଷୟକି ଅଧିବେଶନରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଅବସରପ୍ରାପ୍ତ ପ୍ରଫେସର ମାନସ ରଞ୍ଜନ ପାତ୍ର, ଏବଂ ସମ୍ମାନିତ ବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ବିଶେଷଜ୍ଞ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ଯୋଗଦେଇ ନିଜ ବକ୍ତବ୍ୟରେ ଏଆଇ ମିଶନ ଭାରତ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଆତ୍ମନିର୍ଭର ଭାରତରେ ସମାଜ ପାଇଁ ଏଆଇ ନୀତିଶାସ୍ତ୍ର ଏବଂ ବିଶ୍ୱାସ ଉପରେ ସମସ୍ତ ପ୍ରୟୋଗ କରାଯାଉଛି ବୋଲି ଆଲୋଚନ କରାଯାଇଥିଲା। ସେହିପରି ବର୍ତ୍ତମାନ ବିପ୍ଳବୀ ବିଶ୍ୱରେ ଏଆଇକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ସେହିପରି ଦିନିକିଆ ଏହି ସେମିନାରରେ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ସେମିନାର ସଂଯୋଜକ ଭାବେ ସନ୍ତୋଷ ପଣ୍ଡା ବ୍ୟବହାରିକ ପ୍ରୟୋଗକୁ ନେଇ ବୁଝାଇଥିଲେ। ମଡରେଟର ପ୍ରଣତି ବ୍ରହ୍ମା ସ୍ୱାଗତ ବକ୍ତବ୍ୟ ଦେବା ସହିତ ଏ.ଆଇ ଭବିଷ୍ୟତକୁ ଉତ୍ସାହିତ କରିବ ବୋଲି କହିଥିଲେ। ଶେଷରେ ବିଭାଗୀୟ ସଚିବାଳୟର କର୍ମଚାରୀ ଆୟୁଷ ପାଣିଗ୍ରାହୀ ଅନ୍ତିମ ଭାଷଣ ପ୍ରଦାନ କରିଥିଲେ। ଶେଷରେ ନିବେଦିତା ପାତ୍ର ଏବଂ ସଙ୍ଗୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଇନ୍ଦ୍ରାବତୀ ବନ୍ଧ ସୁରକ୍ଷାରେ ଅବହେଳା

ତାଲା ମାରି ଅଚିନ୍ତାରେ ପ୍ରଶାସନ

ତେନ୍ତୁଳିଖୁଣ୍ଟି, ୧୪।୨(ସମିସ)

ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ଅନ୍ତର୍ଗତ ଦେଓପାଲି ଡ୍ୟାମ୍ ବନ୍ଧ ସୁରକ୍ଷାକୁ ନେଇ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ସ୍ୱର୍ଣ୍ଣକାତର ଅଞ୍ଚଳର ସୁରକ୍ଷାକୁ ଭଗବାନଙ୍କ ଭରସାରେ ଛାଡ଼ି ଅଚିନ୍ତାରେ ପ୍ରକଳ୍ପ ଅଧିକାରୀ ରହିଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ଦେଓପାଲି ସ୍ଥିତ ଇନ୍ଦ୍ରାବତୀ ମୁଖ୍ୟ ବନ୍ଧ ଫାଟକରେ ସୁରକ୍ଷା କର୍ମୀ ଜଗି ରହିବା ସହ ଭିତରକୁ ପ୍ରବେଶ ପାଇଁ ଅନୁମତି ପତ୍ର ଦେଖି ଡ୍ୟାମ ପରିଦର୍ଶନରେ ପର୍ଯ୍ୟଟକ ଯାଉଥିଲେ। କିନ୍ତୁ କିଛି ମାସ ଧରି ଅନୁମତି ପତ୍ର ବଦଳରେ ପ୍ରଶାସନ ଅବଗତରେ ସାମାନ୍ୟ କିଛି ଅର୍ଥ ଟିକଟ ଦର ଧାର୍ଯ୍ୟ କରି ଡ୍ୟାମ ଭିତରକୁ ଛାଡୁଥିଲେ ସୁରକ୍ଷା କର୍ମୀ। କିନ୍ତୁ ବର୍ତ୍ତମାନ ତମାମ ବ୍ୟବସ୍ଥା ବ୍ୟତୀତ ଡ୍ୟାମ ସୁରକ୍ଷାରେ ବ୍ୟାପକ ଅବ୍ୟବସ୍ଥା ଘଟୁଥିବା ଅଭିଯୋଗ ହେଉଛି। ଫାଟକରେ ତାଲା ମାରି କେହି ଦୃଶ୍ୟମାନ ହେଉନଥିବା ବେଳେ ଲୋକେ ଫାଟକ ଡେଇଁ ଡ୍ୟାମ ଭିତରକୁ ଅବାଧ ପ୍ରବେଶ କରୁଥିବା ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଛି। ପର୍ଯ୍ୟଟକ ମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା ପରେ ନିରାଶ ହୋଇ ଫେରୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଉଛି। ସରକାର ଆଉଟ୍‌ସୋର୍ସିଂ ଉଚ୍ଛେଦ କରିବା ପରେ ବେଶ କିଛି ମାସ ହେବ ବିନା ପାରିଶ୍ରମିକରେ ସୁରକ୍ଷା କର୍ମୀ ମାନେ କାର୍ଯ୍ୟ କରୁଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ବିଶେଷ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।



ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ସେମିଳିଗୁଡ଼ା, ୧୪।୨(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସୀ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା (ଏନଏସଏସ)ର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରର ମୂଳ ଲକ୍ଷ୍ୟ ସ୍ନାତକ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମ କ୍ଷମତାକୁ ବିକଶିତ କରାଇବା। ଛାତ୍ରୀମାନେ ଯେକୌଣସି ବିପଦପୂର୍ଣ୍ଣ ପରିସ୍ଥିତିର ମୁକାବିଲା କରିବାକୁ ସକ୍ଷମ ହେବେ ଏବଂ ନିଜର ଆତ୍ମବିଶ୍ୱାସ ବୃଦ୍ଧି କରିପାରିବେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଯୁବ କର୍ମଶାଳା ଓ ସେମିନାର ମାଧ୍ୟମରେ ମହିଳା ସଶକ୍ତୀକରଣ କିପରି ସମ୍ଭବ, ସେ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ପୋଲିସ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ସହିତ ସିଧାସଳଖ ସମନ୍ୱୟ ରଖି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ ହେବ। ଛାତ୍ରୀମାନେ ଆଇନଗତ ଅଧିକାର ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନ ହେବା ସହିତ କୌଣସି ବିପଦର ସମ୍ମୁଖୀନ ହେଲେ କିପରି ତୁରନ୍ତ ସହାୟତା ପାଇପାରିବେ, ସେ ବିଷୟରେ ମଧ ପ୍ରଶିକ୍ଷଣ ଦିଆଯିବ। ଶିବିରରେ ଦୁଇ ପ୍ରଶିକ୍ଷକ ମମତା ଚୌଧୁରୀ ଓ ସୁରଞ୍ଜିତା ଜାନୀ ଛାତ୍ରୀମାନଙ୍କୁ ଆଠ ଦିନ ଧରି ଆତ୍ମରକ୍ଷାର ବିଭିନ୍ନ କୌଶଳ ପ୍ରଦର୍ଶନ କରିବେ ଏବଂ ବ୍ୟବହାରିକ ତାଲିମ ପ୍ରଦାନ କରିବେ। ଆଜି ମଧ ସେମାନେ ଡେମୋ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାଙ୍କ ମଧ୍ୟରୁ ରମେଶ ମଲ୍ଲିକ, ରୋନାଲି ନାୟକ, ପିଙ୍କି ଗୋୟେଲ, ଦେବଲିନା ସାହା, ସ୍ନିଗ୍ଧା ପଟ୍ଟନାୟକ, ଅମିଶା ପାଢ଼ୀ, ଜ୍ୟୋତ୍ସ୍ନା ଦାସ, ଶୁଭେନ୍ଦୁ ମୋହନ ମିଶ୍ର, ଅର୍ଚ୍ଚନା ବିଷୋୟୀ, ଚନ୍ଦନ, ବିଜୟ ଲକ୍ଷ୍ମୀ ଦଳେଇ, ରୋହିଣୀ ଶିରିକା, ରୁଢାଇ ମୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ପୁଲୱାମା ସହିଦଙ୍କ ସ୍ମୃତିରେ ରକ୍ତଦାନ ଶିବିର

୭୫ ୟୁନିଟ୍ ରକ୍ତ ସଂଗୃହୀତ

ରାୟଗଡ଼ା, ୧୪।୨(ସମିସ)

ରାୟଗଡ଼ାର ଆବଦୁଲ କଲାମ ଫାଉଣ୍ଡେସନ ଓ ବଜରଙ୍ଗ ଦଳ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସଦର ମହାକୁମା ସ୍ଥିତ ୪ର୍ଥ ବାଟାଲିୟନ ସିଆରପିଏଫ ହେଡ୍ କ୍ୱାର୍ଟର୍ସ ପରିସରରେ ବୀର ସହିଦ ଯବାନମାନଙ୍କ ସ୍ମୃତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ୨୦୧୯ ମସିହା ଫେବୃଆରୀ ୧୪ ତାରିଖରେ ପୁଲୱାମା ଠାରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ଦେଶ ପାଇଁ ଜୀବନ ବଳିଦାନ ଦେଇଥିବା ବୀର ସହିଦ ଜବାନମାନଙ୍କୁ ଏହି ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଯାଇଥିଲା। ଏହି ରକ୍ତଦାନ



ଶିବିରରେ ୪ର୍ଥ ବାଟାଲିଅନ୍‌ର ଜବାନମାନେ ଓ ସାଧାରଣ ଲୋକ ଉତ୍ସାହର ସହିତ ଭାଗ ନେଇ ସହିଦ ଜବାନମାନଙ୍କ ବଳିଦାନକୁ ସ୍ମରଣ କରିଥିଲେ। ସହିଦମାନଙ୍କ ଅପୂର୍ବ ବଳିଦାନକୁ ସ୍ମରଣ କରି ମାନବ ସେବା ଓ ସମାଜ ସେବାର ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିବିରକୁ ସିଆରପିଏଫ ୪ର୍ଥ ବାଟାଲିୟନର କମାଣ୍ଡେଣ୍ଟ ଫିରୋଜ କୁଜୁର ଉଦଘାଟନ କରିଥିଲେ। ରକ୍ତଦାନ ଶିବିରରେ ଓଡ଼ିଶା ରକ୍ତ କେନ୍ଦ୍ରର ଡାକ୍ତର ଗୌତମ ପଟ୍ଟନାୟକ, ଭି.କିଶୋର କୁମାର, ଉମାକାନ୍ତ ମିଶ୍ର, ଶଙ୍କର ତାଡିଙ୍ଗି, ଚିନ୍ମୟ ପରିଛା, ଲିଲୁ ବେହେରା, ବର୍ଷା ହିମିରିକା ଓ ସଙ୍ଗୀତ ସୁନା ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ଶିବିରରୁ ସମୁଦାୟ ୭୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ସିଆରପିଏଫ କମାଣ୍ଡେଣ୍ଟ ଶ୍ରୀ କୁଜୁର, ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ପ୍ରଭାକର ଉପାଧ୍ୟାୟ, ସଞ୍ଜୟ କୁମାର ରାଉତ, ଡେପୁଟି କମାଣ୍ଡେଣ୍ଟ ମୁକେଶ ସିଂ, ବରିଷ୍ଠ ମେଡିକାଲ ଅଫିସର ଚନ୍ଦ୍ର ଶେଖର ପଟେଲ, ଏପିଜେ ଅବଦୁଲ କାଲାମ ଫାଉଣ୍ଡେସନର ମୁଖ୍ୟ ବୋଗିଲା ରାଜେଶ କୁମାର, ବଜରଙ୍ଗ ଦଳର ଜିଲ୍ଲା ସହ ସଂଯୋଜକ ଶସ୍ୟଜ୍ୟୋତି ବେହେରା, କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘର ସମ୍ପାଦକ କେ କ୍ରୀଷ୍ଣା ରାଓ, କୋଷାଧକ୍ଷ ଏସ ସୁଧାକର, ବି ତ୍ରିନାଥ, ବି ଜନାର୍ଧନ, ବି ରାମାରାଓ, ଗେମ୍ସ ଇନ୍‌ଷ୍ଟିଚ୍ୟୁଟ ମୁଖ୍ୟ ଏଭିଏସ ଗିରି, ଏପିଜେ ଅବଦୁଲ କାଲାମ ଫାଉଣ୍ଡେସନର ଦିନେଶ ବର୍ମା, ପୁଆଲା ନରସିଂହ, ଅଶୋକ ବାରିକ, ଅମୃଜ ବାଲାଜୀ, ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ ଉପ ସଭାପତି ପ୍ରମୁଖ ରକ୍ତଦାତା ମାନଙ୍କୁ ସାଧୁବାଦ ଜଣାଇଥିଲେ।

ମାତୃ-ପିତୃ ଦିବସ ପାଳିତ



ଗୁଡାରୀ, ୧୪।୨(ସମିସ): ଆଶାରାମଜୀ ବାପୁଙ୍କ ଦ୍ୱାରା ମାତୃ-ପିତୃ ପୂଜନ ଦିବସ ଶନିବାର ଦିନ ଗୁଡାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଳିତ ହୋଇଯାଇଛି। ଫେବୃଆରୀ ୧୪ ତାରିଖକୁ ଭାଲେଣ୍ଟାଇନ୍ ଡେ ପରିବର୍ତ୍ତେ ମାତୃ-ପିତୃ ପୂଜନ ଦିବସ ରୂପେ ନିଜ ପିଲାମାନେ ମା ବାପାଙ୍କୁ ପୂଜନ କରିବା ଆବଶ୍ୟକ ବୋଲି ଆଶାରାମ ବାପୁଙ୍କ ଆବାହକ ନାରାୟଣ ସାବତ କହିଥିଲେ। ଶିଶୁ ମନ୍ଦିର ଶ୍ରେଣୀ କକ୍ଷରେ ୪୦ ଜଣ ଛାତ୍ରଛାତ୍ରୀ ମାନଙ୍କର ମାତାପିତା ଯୋଗ ଦେଇଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ବାପା ମା'ଙ୍କ ପାଖରେ ବସି ପୂଜନ କରିଥିଲେ। ଏଥିରେ ଶିଶୁ ମନ୍ଦିର ସମସ୍ତ ଗୁରୁଜୀ ଗୁରୁମା ତଥା ପ୍ରଧାନଆଚାର୍ଯ୍ୟ ଦିଲିପ ସାହୁ, ବିଦ୍ୟାଳୟ ସଭାପତି କୃଷ୍ଣସାହୁ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିବା ଦେଖିବାକୁ ମିଳିଛି।

ବାଲି, ପଥର ଓ ଗୋଡ଼ି ପାଇଁ ଲୋକେ ହନ୍ତସନ୍ତ, ପ୍ରଶାସନ ନିରବ କାହିଁକି?

ଗୁଡାରୀ, ୧୪।୨(ସମିସ): ଦିନକୁ ଦିନ ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଲୋକ ସଂଖ୍ୟା ବଢ଼ିବା ସହ କୋଠାବାଡି ନିର୍ମାଣ କାମ ବଢ଼ିବାର ଲାଗିଛି। ଏମିତିରେ ନାଳବାଲିର ଅବଧି ଶେଷ ହୋଇଥିବା ବେଳେ ନଦୀ ବାଲି ଯୋଗାଣ କୋର୍ଟ କଚେରି ମାମଲାରେ ଫସିକି ରହିଛି। ଏହି ବାଲି ଟେଣ୍ଡର ଖଣିଜ ବିଭାଗ କେବେ ବାହାର କରିବ ତାହା ସ୍ପଷ୍ଟ ଜଣା ପଡୁ ନ ଥିବା ବେଳେ ସହରରେ ରାତି ଅଧିଆ ବାଲି ଚୋରା ଚାଲାଣ ଦିନକୁ ଦିନ ଏତେ ବଢ଼ିବାରେ ଲାଗିଛି, ତାହା କାହାକୁ ଅଛପା ନାହିଁ। ଏହାକୁ ରୋକିବା ପାଇଁ କୌଣସି ପଦକ୍ଷେପ ନିଆ ଯାଉନାହିଁ। ଅନ୍ୟପଟେ ୨୦୨୩ ମସିହାରୁ ସହରକୁ ପଥର (କ୍ୱାରୀ)ର ଅବଧି ଶେଷ ହୋଇଥିଲେ ମଧ୍ୟ ଏଥିପ୍ରତି ଖଣିଜ ବିଭାଗ କୌଣସି ଟେଣ୍ଡର ବାହାର ନ କରିବା ଫଳରେ ଘର ନିର୍ମାଣ ଲୋକେ ବହୁ ହନ୍ତସନ୍ତ ହେଉଛନ୍ତି। ସରକାରୀ ସ୍ତରରେ ଆସୁଥିବା କୋଠା ହେଉକି ସାଧାରଣ ଲୋକଙ୍କ ଆବାସ ଯୋଜନା ଏଥିପାଇଁ ପଥର ଗୁଡି ଆବଶ୍ୟକ। ଏଣୁ ପ୍ରାୟ ୨୦ କିମି ଦୂରରୁ ଗୋଡି ପଥର ଚଢ଼ା ଦରରେ ଆଣି ଘର ନିର୍ମାଣ କରିବାକୁ ପଡୁଛି ବୋଲି ଘର ନିର୍ମାଣ କରୁଥିବା ମାଲିକ କହିଛନ୍ତି। ଜିଲ୍ଲା ଖଣିଜ ବିଭାଗର ଅଧିକାରୀ ରାଜେନ୍ଦ୍ରଙ୍କ କହିବା ଅନୁସାରେ କାରା ସିଂ ପାଖରେ ଥିବା ପଥର କ୍ୱାରୀ ଅବଧି ଶେଷ ହୋଇଛି। ଏହା ଆଉ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। କାରଣ ଏହି ପଥର କ୍ୱାରୀ ରାସ୍ତା ଠାରୁ ୭୦ମି ଦୂରରେ ରହିଛି। ଯାହାକି ଆଖପାଖ ଅଞ୍ଚଳର ଜମି, ପଶୁପକ୍ଷୀ, ଲୋକଙ୍କ ଯାତାୟତ ଉପରେ ଯଥେଷ୍ଟ ପ୍ରଭାବ ପକାଇବ। ଏଣୁ ଏହାକୁ



ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଆଗାମି ଦିନରେ ଜନବସତି ଠାରୁ ଦୂରସ୍ଥାନରେ ପଥର କ୍ୱାରୀକୁ ଦେଖି ଟେଣ୍ଡର କରାଯିବ ବୋଲି କହିବା ସହ ରାଉତ ଗଡ଼ା ବିର୍ସା ନାଳର ବାଲି ଟେଣ୍ଡର ମାସକ ମଧ୍ୟରେ କରାଯିବ ବୋଲି କହିଛନ୍ତି। ଏସବୁ ସରକାରୀସ୍ତରରେ କେବେ କାର୍ଯ୍ୟକ୍ଷମ ହେଉଛି ତାହା ସାଧାରଣରେ ଦେଖିବାକୁ ବାକି ରହିଛି।

ଯୁବ ସମ୍ବଳ କେନ୍ଦ୍ରକୁ ଉଦ୍‌ଘାଟନ କଲେ ଜିଲ୍ଲାପାଳ

ରାୟଗଡ଼ା, ୧୪।୨(ସମିସ): ରାୟଗଡ଼ା ଜିଲ୍ଲାର ଗ୍ରାମାଞ୍ଚଳ ଓ ଆଦିବାସୀ ଯୁବତୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଜେ.କେ.ପେପର୍ ମିଲର ସାମାଜିକ ସଂଗଠନ 'ସ୍ୱର୍ଶ' ସୋସିଆଲ୍ ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯୁବ ସମ୍ବଳ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ରକୁ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ କୁମାରୀ ସ୍ୱର୍ଣ୍ଣଲତା ରାଉତ, ସ୍ୱତନ୍ତ୍ର ଅତିଥି ଭାବେ ରାୟଗଡ଼ା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅର୍ଚ୍ଚନା



ପଟ୍ଟନାୟକ ଏବଂ ଜେ.କେ.ପେପର୍ ମିଲ୍‌ର ବାଣିଜ୍ୟିକ ବିଭାଗ ଉପ-ସଭାପତି ବିଶ୍ୱଜିତ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଶ (ଜେ.କେ. ପେପର୍ ସିଏସ୍‌ଆର)ର ପରିଚାଳକ ଆଦିତ୍ୟ ପଟ୍ଟନାୟକ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଏହି ଯୁବ ସମ୍ବଳ କେନ୍ଦ୍ର ବିଶେଷ କରି ଜିଲ୍ଲାର ଅବହେଳିତ ତଥା ଆର୍ଥିକ ଅନଗ୍ରସର ପରିବାରର ୫୦ ଜଣ ଆକାଂକ୍ଷୀ ଶିକ୍ଷିତ ଯୁବତୀଙ୍କୁ ମାଗଣାରେ ବ୍ୟାଙ୍କିଙ୍ଗ୍, ଏସ୍ଏସ୍‌ସି, ରେଳବାଇ, ଓ ଓଏସଏସଏସସି ଏବଂ ପୋଲିସ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିବ। ୯ ମାସ ଧରି ଚାଲିବାକୁ ଥିବା ଏହି ପାଠ୍ୟକ୍ରମରେ ଗଣିତ, ସାଧାରଣ ଜ୍ଞାନ, ଇଂରାଜୀ, ଓଡ଼ିଆ ବ୍ୟାକରଣ ଏବଂ କମ୍ପ୍ୟୁଟର ଶିକ୍ଷା ସହିତ ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ନିଯୁକ୍ତି କାର୍ଯ୍ୟାଳୟର କନିଷ୍ଠ ନିଯୁକ୍ତି ଅଧିକାରୀ ସନ୍ତୋଷ ନନ୍ଦ, ଅଧ୍ୟାପିକା ଶାନ୍ତିଲତା ଓ ଅଧ୍ୟାପକ ରମ୍ୟ ରଞ୍ଜନ ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସ୍ୱର୍ଶ ସୋସିଆଲ୍ ଫାଉଣ୍ଡେସନ୍ ଟିମ୍ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି କେନ୍ଦ୍ର ଆଗାମୀ ଦିନରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପିଲାଙ୍କ ମଧ୍ୟରେ ଥିବା ସୁଯୋଗର ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

● ଡଙ୍ଗରଗମ୍ବାରୀ ଗାଁକୁ ପହଞ୍ଚିପାରୁନି ମୌଳିକ ସୁବିଧା

ଶିକ୍ଷା ଓ ସ୍ୱାସ୍ଥ୍ୟ ସାତସପନ, ଚୁଆ ପାଣିକୁ ଭରସା

ଗୁଡ଼ାରି, ୧୪।୨(ସମିସ): ଗୁଡାରୀ ବ୍ଲକର ଅନେକ ଗ୍ରାମ ଅଛି, ଯେଉଁଠିକୁ ରାଜ୍ୟ ସରକାରଙ୍କ କୌଣସି ଯୋଜନା ପହଞ୍ଚି ପାରିନାହିଁ। ଏମିତିରେ ଏକ ସମସ୍ୟା ବହୁଳ ଗାଁ ହେଉଛି ରାୟଗଡ଼ା ଜିଲ୍ଲା ଗୁଡ଼ାରି ବ୍ଲକ କର୍ଲାଘାଟି ପଞ୍ଚାୟତର ଡଙ୍ଗର ଗମ୍ବାରୀ ଗ୍ରାମ। ଏଠାକାର ଗ୍ରାମବାସୀ କୌଣସି ପ୍ରକାରର ମୌଳିକ ସୁବିଧା ନପାଇ ଏକ ଜଙ୍ଗଲି ଜୀବନ ବିତାଉଛନ୍ତି। ପାହାଡ଼ ତଥା ଜଙ୍ଗଲ ଘେରରେ ଥିବା ଏହି ଗାଁରେ ପ୍ରାୟ ୪୦ ପରିବାର ବସବାସ କରୁଛନ୍ତି। ଏହି ଗାଁକୁ ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ ତଥା ବିଶୁଦ୍ଧ ପାନୀୟ ଜଳ ଭଳି ଅନେକ ସମସ୍ୟା ଲାଗି ରହିଛି। ଡଙ୍ଗର ଗମ୍ବାରୀ ଗାଁକୁ ଯିବାକୁ ହେଲେ ପେଣ୍ଡିଲି ପଞ୍ଚାୟତର ଢେପାଗୁଡ଼ା ଠାରୁ ୫ କିଲୋମିଟର ପାହାଡ଼ିଆ ଜଙ୍ଗଲ ରାସ୍ତାରେ ଚାଲି ଚାଲି ଯିବାକୁ ପଡ଼ିଥାଏ। ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ନଥିବାରୁ



ଗର୍ଭବତୀ କିମ୍ବା ଜରୁରୀ ରୋଗୀଙ୍କୁ ବିପଦ ସଂକୁଳ ଅବସ୍ଥାରେ ଖଟିଆରେ ବୋହି ଢେପାଗୁଡ଼ା ମେଡିକାଲ ନେବାକୁ ପଡୁଛି। ଏମିତିରେ ପିଲାଙ୍କ ସ୍କୁଲ୍ କିମ୍ବା ପ୍ରାକ୍ ଶିକ୍ଷା ନିମନ୍ତେ କିତାଡ଼ାମ୍ବ ଗ୍ରାମକୁ ଘାଟିରେ ଚଲା ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ତେଣୁ ଗ୍ରାମବାସୀ ସେବାଶ୍ରମ ବିଦ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ଗାଁକୁ ସରକାରଙ୍କ ତରଫରୁ କୌଣସି ଜଳ ଯୋଗାଣ ବ୍ୟବସ୍ଥା କରାଯାଇନାହିଁ। ଏଣୁ ଏମାନଙ୍କ ନାଳ ପାଣି ହିଁ ସାହା ଭରସା। ବର୍ଷା, ଶୀତ ଋତୁରେ ନାଳ ପାଣିରେ ଜୀବନ ବିତୁଛି। ଗ୍ରୀଷ୍ମ ଋତୁ ଆସିଲେ ପାଣି ମୁନ୍ଦାଏ ପାଇଁ ହନ୍ତସନ୍ତ ହେବା ଦେଖିବାକୁ ମିଳିଛି। ପ୍ରବଳ ଗ୍ରୀଷ୍ମ ପ୍ରଭାବ ଯୋଗୁଁ ଝରଣା ପାଣି ଶୁଖିଯିବା ଫଳରେ ବାଧ ହୋଇ ନାଳରେ ଚୁଆ ଖୋଳି ପାଣି ପାଉଛନ୍ତି। ଦୂଷିତ ପାଣି ବ୍ୟବହାର କରି ସେଠାକାର ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ବିଜୁଳି କହିଲେ କିଛି ଘରେ ସୋଲାର ଲାଇଟ୍ ଲାଗିଥିବା ବେଳେ ଅନେକଙ୍କ ଘରେ ସୋଲାର ଖରାପ ହୋଇପଡ଼ିଲାଣି। ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରେ ମାତ୍ର ୮ ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। ପକ୍କା ରାସ୍ତା ନଥିବାରୁ ପିଡିଏସ ସାମଗ୍ରୀ ଏବଂ ଭତ୍ତା ପାଇଁ କର୍ଲାଘାଟି ପଞ୍ଚାୟତ କାର୍ଯ୍ୟାଳୟକୁ ଚାଲି ଚାଲି ଯିବାକୁ ପଡୁଛି। ଉପସ୍ଥିତ ଗରିବ ଗୁରବା ଲୋକମାନେ କହିଛନ୍ତି କେବଳ ନିର୍ବାଚନ ସମୟରେ ନେତା, କର୍ମୀ ଭୋଟ ପାଇଁ ଗାଁରେ ପହଞ୍ଚି ମାଳମାଳ ପ୍ରତିଶୃତି ଦେଉଛନ୍ତି। ପରେ କାହାର ଦେଖା ମିଳୁନଥିବା କହିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମସ୍ତ ସମସ୍ୟାର ସମାଧାନ କରିବା ନିମନ୍ତେ ଗ୍ରାମବାସୀ ଅନୁରୋଧ କରିଛନ୍ତି।

ଭଗବାନଙ୍କ ସ୍ୱପ୍ନାଦେଶ!


ଦୁଆର ମୁହଁରେ ମନ୍ଦିର ତୋଳିଲେ ମା'ପୁଅ

ନନ୍ଦପୁର, ୧୪।୨(ସମିସ): ବିଶ୍ୱାସ ଓ ଆସ୍ଥା ଆଗରେ ସବୁ ଫିକା ପଡେ। ସେଭଳି ଏକ ଘଟଣା ଘଟିଛି ନନ୍ଦପୁର ବ୍ଲକ ସଦର ମହକୁମା ସ୍ଥିତ ଗୌଡ ସାହିରେ। ଜଣେ ବିଧବା ମହିଳାଙ୍କ ପୁଅ ସ୍ୱପ୍ନାଦେଶ ପାଇ ନିଜ ଘର ଦୁଆର ମୁହଁରେ ମନ୍ଦିର ତୋଳିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ଖବର ପାଇ ସକାଳ ପ୍ରତିନିଧି ତ୍ରିନାଥ ଖରା ଘଟଣାସ୍ଥଳରେ ପହଞ୍ଚି ଏ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ।



ସୂଚନା ଅନୁସାରେ ନନ୍ଦପୁର ବ୍ଲକ ସଦର ମହକୁମା ସ୍ଥିତ ଗୌଡସାହିର ଜଣେ ଗରିବ ବିଧବା ମହିଳା ମଞ୍ଜୁ ଶବର ୭ ବର୍ଷରୁ ଅଧିକ ହେବ ସ୍ୱାମୀଙ୍କ ଦେହାନ୍ତ ପରେ ପୁଅ ମନୋଜ ଶବର ଓ ଝିଅ ପ୍ରିୟଙ୍କା ଶବରଙ୍କୁ ନେଇ ନିଃସହାୟ ଜୀବନ ଅତିବାହିତ କରୁଛନ୍ତି। ଗତ ଏକ ବର୍ଷରୁ ଅଧିକ ହେବ ତାଙ୍କ ପୁଅକୁ ପ୍ରତିଦିନ ରାତିରେ ନୃସିଂହନାଥ ସ୍ୱପ୍ନରେ ଆସି 'ମୁଁ ତୋ ଦୁଆର ମୁହଁରେ ଅଛି, ମତେ ଉଦ୍ଧାର କର' ବୋଲ ସ୍ୱପ୍ନାଦେଶ କରୁଥିଲେ। ଏହି ସ୍ୱପ୍ନ ଦିନେ କି ଦୁଇ ଦିନ ନୁହେଁ, ବରଂ ଅନେକ ରାତିରେ ପୁଅକୁ ସ୍ୱପ୍ନରେ ଭଗବାନ ଦେଖା ଦେଉଥିଲେ। ସ୍ୱପ୍ନାଦେଶ ଏପରି ଆସେ ବୋଲି ସେ ଗରିବ ପରିବାର ଜାଣିନଥିଲେ। ଦିନେ ସ୍ୱପ୍ନରେ ମିଳିଥିବା ଇଙ୍ଗିତ କ୍ରମେ ଦୁଆର ମୁହଁରେ ଏକ ଗଛ ମୂଳରେ ମାଟି ଦୁଇଭାଗ ହୋଇଥିବା ଦେଖିବାକୁ ପାଇଥିଲେ। ଠାକୁର ପୁଣି ସ୍ୱପ୍ନାଦେଶ ଦେଲେ, ଏଠାରେ ଅଛ ଉଦ୍ଧାର କର। ଶେଷରେ ସାହି ପଡ଼ିଶାଙ୍କ ସହ ବ୍ରାହ୍ମଣଙ୍କୁ ଡ଼ାକି ପୂଜା ଅର୍ଚ୍ଚନା କରି ସେହି ସ୍ଥାନ ଖୋଳା ଆରମ୍ଭ ହେଲା। ଆଠ ଦଶ ଫୁଟ ଖୋଳିବା ପରେ ସେହିଠାରୁ ପଥର ରୂପି ସ୍ୱୟଂ ଠାକୁର ନୃସିଂହନାଥଙ୍କ ଏକ ପ୍ରତିମୂର୍ତ୍ତି ଉଦ୍ଧାର କରାଯାଇଥିଲା। ପରେ ସେମାନେ ନିଜ ଘର ଅଗଣା ଚଉଁରା ମୂଳେ ରଖି ଦୈନିକ ପୂଜା କଲେ। ହେଲେ ଠାକୁର ପୁଣି ସ୍ୱପ୍ନାଦେଶରେ ମନ୍ଦିର ତୋଳିବାକୁ କହିଲେ। ଗରିବ ବିଧବା ମା ନିଜସ୍ୱ ଉଦ୍ୟମରେ ଭକ୍ତସାଲବେଗ ସମୁଦ୍ର କୂଳରେ ବାଲି ରଥ ନିର୍ମାଣ ପରି ନିଜ ଘର ଦୁଆର ମୁହଁରେ ଠାକୁରଙ୍କ ଲାଗି ଏକ ଛୋଟ ମନ୍ଦିର ତୋଳି ପ୍ରତିଷ୍ଠା କରିଛନ୍ତି। ଆଜିର ଦିନରେ ଆଶ୍ଚର୍ଯ୍ୟ ଓ ବିଶ୍ୱାସହୀନ ହୋଇଥିଲେ ହେଁ ଏହା ସତ। ମନୋଜ ଶବର ନନ୍ଦପୁର ସିନ୍ଦେ୍ଧଦେବି କନିଷ୍ଠ ମହାବିଦ୍ୟାଳୟର ଛାତ୍ର ରହିଥିବା ବେଳେ ବର୍ତ୍ତମାନ ମନ୍ଦିର ପ୍ରତିଷ୍ଠା ପରେ ମନ୍ଦିର ସେବାରେ ନିୟୋଜିତ ଅଛନ୍ତି।

ପି ଶୁକୁମାରିଙ୍କ ପରଲୋକ



ଗୁଣୁପୁର, ୧୪।୨(ସମିସ): ଗଜପତି ଜିଲ୍ଲା କାଶିନଗର ବ୍ଲକ ଖାଣ୍ଡବା ପଞ୍ଚାୟତର ଉଲ୍ଲାଭଦ୍ରା ଗ୍ରାମର ଧର୍ମପରାୟଣା ମହିଳା ପି ଶୁକୁମାରୀ (୭୬)ଙ୍କ ପରଲୋକ ଘଟିଛି। ସେ ସାମ୍ବାଦିକ ପି ନାଗଭୂଷଣ ରାଓଙ୍କ ମାତା। ତାଙ୍କ ମୃତ୍ୟୁରେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁଧିର ଦାସ, ବରିଷ୍ଠ ନେତା ପୂର୍ବତନ ରାଜ୍ୟସଭା ସାଂସଦ ଏନ ଭାସ୍କର ରାଓ, କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲ୍ଲାକା, ବିଜେପି ଜିଲ୍ଲା ସଭାପତି ଗୋପି ଆନନ୍ଦ, ରାୟଗଡ଼ା ଜିଲ୍ଲା ବିଜେପି ପ୍ରଭାରି କେ ନାରାୟଣ ରାଓ, ବିଜେଡି ନେତା ଅଶ୍ୱିନି ଗମାଙ୍ଗ, ବାଲି ଗମାଙ୍ଗ, ବିଷ୍ଣୁ ପଣ୍ଡା, ବରିଷ୍ଠ ଓକିଲ ରାଜେନ୍ଦ୍ର ପ୍ରସାଦ ସାହୁ, ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼, ପୌର ପରିଷଦ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।

ନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ନନ୍ଦପୁର, ୧୪।୨(ସମିସ): ନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଭଲ ପାଠପଢ଼ା ସହ ଛାତ୍ର ଜୀବନକୁ ଶୃଙ୍ଖଳିତ ଓ ସମୟପାଯୋଗୀ କରିବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ା, ଏକ୍ସବୋର୍ଡ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସ୍ୱାଇଁ, ସହକାରୀ ଶିକ୍ଷୟତ୍ରୀ ଜୟନ୍ତୀବାଳା ନାୟକ, ନନ୍ଦପୁର ଗ୍ରାମପଞ୍ଚାୟତ ସରପଞ୍ଚ ସାଜେନ୍ତି କ୍ରିସାନି, ସିଆରସିସି ରାମକୃଷ୍ଣ ପାଢ଼ି, ବିଦ୍ୟାଳୟ ପରିଚାଳନା ସଭାନେତ୍ରୀ ଏନ ଭେଙ୍କଟ ଲକ୍ଷ୍ମୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅତିଥିମାନେ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀ ମାନଙ୍କୁ ନିଜ ମୂଲ୍ୟବାନ ସମୟ ନଷ୍ଟ ନ କରି ଶିକ୍ଷା ଗ୍ରହଣ ଉପରରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଠପଢ଼ା, ବ୍ଲକ ତଥା ଜିଲ୍ଲାସ୍ତରରେ ସୁନାମ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କ ବିବରଣୀ ତଥା ବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତି ଅତିଥିମାନଙ୍କୁ ଅବଗତ କରାଇଥିଲେ। ଶେଷରେ ବିଦ୍ୟାଳୟ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସିଆର୍‌ସିସି ନିରଞ୍ଜନ ମହାନନ୍ଦିଆ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ଟିପର ଧକ୍କାରେ ଜଣେ ମୃତ

ମାଥିଲି, ୧୪।୨(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଉଦୁଲିବେଡା ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଆହତ ହୋଇଛି।



ସୂଚନା ଅନୁଯାୟୀ ମାଲକାନଗିରିରୁ ଜୟପୁରକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ଜିଲ୍ଲା ସଦରରୁ ଗୋବିନ୍ଦପାଲି ଅଭିମୁଖେ ଏକ ଚିପ୍ସ ବୋଝେଇ ଟିପର ଯାଉଥିବା ସମୟରେ ମାଥିଲି ଥାନା ଅନ୍ତର୍ଗତ ଉଦୁଲିବେଡା ନିକଟରେ ଏକ ମୋଟର ସାଇକେଲକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଘଟଣା ସ୍ଥଳରେ ହିଁ ମୋଟର ସାଇକଲରେ ଥିବା ଦୁଇଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିଲେ। ଆହତଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ତେବେ ମୃତକ ଜଣକ ମାଥିଲିବ୍ଲକ ସଦର ଉପରସାହିର କେଶବ ଗୌଡ(୨୮) ବୋଲି ଜଣାପଡ଼ିଛି। ମୃତକ ଜଣେ ଶ୍ରମିକ ଶ୍ରେଣୀର ହୋଇଥିବା ବେଳେ ପରିବାର ଆଇନ ରୋଜଗାରିଆ ଓ ସାହାରା ଥିଲେ। ତାଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ପ୍ରତିପୋଷଣ ପାଇଁ କ୍ଷତିପୂରଣ ଯୋଗାଇବା ଦେବା ଦାବିରେ ଉତ୍ୟକ୍ତ ଲୋକେ ୩୨୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ମାଥିଲି ପୁଲିସ ପହଞ୍ଚି ଉକ୍ତ ଟିପରକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲା। ଏହା ସହ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ମାଥିଲି ଥାନା ଅଧିକାରୀଣୀ ଦୀପାଞ୍ଜଳି ପ୍ରଧାନ ପ୍ରକାଶ କରିଛନ୍ତି।

ମାଲକାନଗିରି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ମାଲକାନଗିରି, ୧୪।୨(ସମିସ)

ମାଲକାନଗିରି ଜିଲ୍ଲା ସଦରରେ ଥିବା ମାଲକାନଗିରି ମହାବିଦ୍ୟାଳୟରେ ଆଜି ୪୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ବାରିକଙ୍କ ଅଧ୍ୟକ୍ଷତା ଓ ଆବାହକ ସୁଶାନ୍ତ ମାଝିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାମାରି ଟାଙ୍ଗୁଲ, ପୌର ପରିଷଦ ସାଂସଦ ପ୍ରତିନିଧି ବିଜୟ ମହାରଣା, ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ତଥା ସାମ୍ବାଦିକ ଅଶୋକ ମିଶ୍ର, ମାଲକାନଗିରି ୟୁନିଅନ ଅଫ ଜର୍ନାଲିଷ୍ଟର ସଭାପତି ଦେବ ପ୍ରସାଦ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥି ମାନଙ୍କୁ ଏକ ସୁନ୍ଦର ଶୋଭାଯାତ୍ରାରେ ଆଣି ସ୍ୱାଗତ କରିବା ପରେ ଜଗତ ନାଥ ଜଗନ୍ନାଥଙ୍କ ତୈଳଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ବାରିକ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ ସହ



ଅନୁଷ୍ଠାନର ବିଭିନ୍ନ ଆବଶ୍ୟକତା ବିଷୟରେ ଅତିଥି ମାନଙ୍କୁ ଅବଗତ କରାଇଥିଲେ। ପରେ ମୁଖ୍ୟ ଅତିଥି ଶ୍ରୀ ମାଡକାମୀ ଛାତ୍ର ଛାତ୍ରୀଙ୍କୁ ସେମାନଙ୍କ ଲକ୍ଷ, ଭବିଷ୍ୟତ ଓ ଗୁରୁଙ୍କୁ ସର୍ବଦା ସମ୍ମାନ କରି ତାଙ୍କୁ ଅନୁସରଣ କରଣବାକୁ ପରମର୍ଶ ଦେଇଥିଲେ। ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷ୍ୟା ଶ୍ରୀମତୀ ଟାଙ୍ଗୁଲ ମଧ୍ୟ ଯୁବ ପିଢୀଙ୍କ ଲକ୍ଷ ଓ ଛାତ୍ର ଜୀବନର ଶୃଙ୍ଖଳା ବିଷୟରେ ଉଦବୋଧନ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମାଲକାନଗିରି ମହବିଦ୍ୟାଳୟ ଅନେକ ଘାତ ପ୍ରତିଘାତ ଦେଇ ଆଜି ୪୫ ବର୍ଷରେ ପଦାର୍ପଣ କରିଥିବା ବେଳେ ଏହାକୁ ଆଜି ଯାଏଁ ସମ୍ପୂର୍ଣ୍ଣ ରୂପେ ସରକାରୀ ମାନ୍ୟତା ମିଳି ନଥିବା ଏବଂ ଏଠାରେ ପିଜି ପାଠ୍ୟକ୍ରମ ପାଇଁ ସୁବିଧା ନଥିବାରୁ ଛାତ୍ର ଛାତ୍ରୀ ନାନା ସମସ୍ୟା ଭୋଗୁଥିବାରୁ କିପରି ଏହା ସମ୍ଭବ ହୋଇ ପାରିବ ସେନେଇ ବିଧାୟକ ଓ ସରକାର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ଉପସ୍ଥାପନ କରିଥିଲେ। ଏହା ସହ ଶ୍ରୀ ମିଶ୍ର ନିଜେ ଏହି ମହାବିଦ୍ୟାଳୟର ଜଣେ ପୂର୍ବତନ ଛାତ୍ର ହୋଇଥିବାରୁ ନିଜର ଛାତ୍ର ଜୀବନ ଓ ମହାବିଦ୍ୟାଳୟ ପ୍ରତି ସମସ୍ତ ଛାତ୍ର ଛାତ୍ରୀଙ୍କ ରହିଥିବା କର୍ତ୍ତବ୍ୟ ବିଷୟରେ ପ୍ରକାଶ କରିଥିଲେ। ସେହିପରି ଶ୍ରୀ ଦାସ ମଧ ମହାବିଦ୍ୟାଳୟର ବିକାଶ, ଛାତ୍ରଛାତ୍ରୀଙ୍କ ପାଇଁ ରହିଥିବା ଅନ୍ୟାନ୍ୟ ଆବଶ୍ୟକତା ଓ ଆଗାମୀ ଦିନରେ ଅନୁଷ୍ଠାନକୁ ସରକାରୀ ମାନ୍ୟତା ମିଳିବା ଦିଗରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ସମସ୍ୟାର ସମାଧାନ ପାଇଁ ସେ ତାଙ୍କ ପାଣ୍ଠିରୁ ଦେଇଥିବା ଅର୍ଥର ସୁବିନୋଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପରେ ପରେ ଛାତ୍ର ଛାତ୍ରୀଙ୍କ ନେଇ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ର ସଂସଦର ପରମର୍ଶଦାତା ବି ଜି ରାଓ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରମୋଦ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, ଉମେଶ ଚନ୍ଦ୍ର ରାଉତ, ଟୁକୁନା ପ୍ରସାଦ ବଡ୍ଡ, ପ୍ରମେୟ କୁମାର ମହାନ୍ତି, ତପନ କୁମାର ବେହେରା, ବିଘ୍ନେଶ୍ୱର ବିଡିସିକା, ଅଧ୍ୟାପିକା ପ୍ରେମରେଖା ଭତରା, ବିଜୟ ଲକ୍ଷ୍ମୀ ସେଠୀ, ଲିପ୍‌ସା ରାଣୀ ନାୟକ, ସୁଧାଂଶୁ ମାଳିନୀ ପରିଡ଼ା ପ୍ରମୁଖଙ୍କ ସହ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ପରେ ସଂଧ୍ୟା ସମୟରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

ସକାଳ THE SAKALA

ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର

ହତ୍ୟା ସନ୍ଦେହ, ଜଣକୁ ଅଟକ ରଖି ପୁଲିସର ତଦନ୍ତ

ଛେଣ୍ଡିପଦା,୧୪ ।୨(ସମିସ)

ବାଗଡ଼ିଆ ଥାନା ଭେଜିଡିହ ଗାଁ ନିକଟ ଜାତୀୟ ରାଜପଥ ୧୪୩-ବି ପାର୍ଶ୍ୱରୁ ଶୁକ୍ରବାର ରାତି ୯ଟାରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ହେଲେ ବାଗଡ଼ିଆ ଦେହୁରୀ ସାହିର ତୁଷାରକାନ୍ତ ଦେହୁରୀ। ତୁଷାରକାନ୍ତ ନିଜ ମା'ଙ୍କୁ ହତ୍ୟା ଅଭିଯୋଗରେ ୨୦୨୨ରେ ଗିରଫ ହୋଇ ନିକଟରେ ଜେଲରୁ ଫେରିଥିଲେ। ତାଙ୍କ ମୃତଦେହ ଉଦ୍ଧାର ପରେ ଏ ନେଇ ବିଭିନ୍ନ ଚର୍ଚ୍ଚା ଚାଲିଛି। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ କେହି ଛୁରୀ ଭୁସି ହତ୍ୟା କରିଥିବା ସନ୍ଦେହ କରାଯାଉଛି।

କିଛିଦିନ ତଳେ ତୁଷାର ବାଗଡ଼ିଆ ଥାନା ଭେଜିଡିହ ଗାଁର ରବୀନ୍ଦ୍ର ନାଏକଙ୍କ ଘରେ ରହୁଥିଲେ। ତୁଷାର ମା'ଙ୍କୁ ମାରି ଜେଲ ଯାଇଥିବା ବେଳେ ରବୀନ୍ଦ୍ର ନାଏକ ମଧ୍ୟ କୌଣସି ଅପରାଧରେ ଜେଲ ଯାଇଥିଲେ। ସେଠାରେ ଉଭୟଙ୍କ ପରିଚୟ ହୋଇଥିଲା। ତେବେ ଶୁକ୍ରବାର ଭେଜିଡିହ ଗାଁ ନିକଟ ରାସ୍ତା ପାର୍ଶ୍ୱରେ ମୃତଦେହ ପଡ଼ିଥିବା ବେଳେ ସେହି ବାଟ ଦେଇ ଯାଉଥିବା କିଛି ଲୋକ ଏହା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ଛାନଭିନ ଚଳାଇଛି।



ପ୍ରାଥମିକ ତଦନ୍ତରୁ ତାଙ୍କୁ କେହି ଧାରୁଆ ଅସ୍ତ୍ରରେ ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ତୁଷାରଙ୍କ ପେଟ ଓ ମୁହଁରେ ଗଭୀର କ୍ଷତ ରହିଛି। ଶନିବାର ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରୁଥିବା ବେଳେ ତୁଷାରଙ୍କ ଭାଇଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପୁଲିସ ତଦନ୍ତ ଚଳାଇଛି। ମୃତକଙ୍କ ଭାଇଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁକରି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ ଟିମ୍ ରିପୋର୍ଟ ଆସିବା ପରେ ଅଧିକ ତଥ୍ୟ ଜଣାପଡ଼ିବ ଏବଂ ଖୁବଶୀଘ୍ର ହତ୍ୟାକାରୀକୁ ଗିରଫ କରାଯିବ ବୋଲି ପୁଲିସ କହିଛି।

ଓଲଟିଲା ଗ୍ୟାସ ଟ୍ୟାଙ୍କର

● ଗାଡ଼ି ଛାଡ଼ି ଡ୍ରାଇଭର-ହେଲପର ଫେରାର

ଛେଣ୍ଡିପଦା,୧୪ ।୨(ସମିସ): ଜରପଡ଼ା ଛକ ନିକଟରେ ଶୁକ୍ରବାର ବିଳମ୍ବିତ ଏକ ଗ୍ୟାସ ଟ୍ୟାଙ୍କର ଓଲଟିପଡ଼ିଛି। ଛତିଶଗଡ଼ରୁ ଅନୁଗୋଳ ଅଭିମୁଖେ ଆସୁଥିବା ଏହି କମ୍ପ୍ରେସଡ୍ ବାୟୋ ଗ୍ୟାସ୍ ଟ୍ୟାଙ୍କର ଜରପଡ଼ା ଛକ ନିକଟ ପେଟ୍ରୋଲ ପମ୍ପ ପଖରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଜରପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ପାଖ ରାସ୍ତା ଅବରୋଧ କରିବା ସହ ଦମକଳ ବାହିନୀକୁ ଖବର ଦେଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ସତର୍କତା ସହ ଗାଡ଼ି ଉଦ୍ଧାର କରିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଏକ କିଲୋମିଟର ପର୍ଯ୍ୟନ୍ତ କାହାକୁ ଛଡ଼ା ଯାଉନାହିଁ। ବିଦ୍ୟୁତ ସରବରାହ ମଧ୍ୟ ବନ୍ଦ ରହିଛି। ଟ୍ୟାଙ୍କରରେ ବିପଦପୂର୍ଣ୍ଣ ତଥା ଦହନଶୀଳ ଗ୍ୟାସ୍ ଥିବାରୁ ଦୁଇଟି ଦମକଳ ଆସି ଗାଡ଼ିକୁ ଜଗି ରହିଛନ୍ତି। ଅଗ୍ନିକାଣ୍ଡ ଭୟ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ସେହିପରି ଟ୍ୟାଙ୍କର ଓଲଟିବା କାରଣରୁ କୌଣସି ବିପଦ ଆଶଙ୍କା ରହିଛି କି ନାହିଁ ସେ ନେଇ ଟେକ୍ନିକାଲ ଟିମ ଯାଞ୍ଚ କରୁଛି।

କଳମଛୁଇଁ ଅଞ୍ଚଳରୁ ୧୧ ସିଏଫ୍‌ଟି କାଠ ଜବତ



ଅନୁଗୋଳ,୧୪ ।୨(ସମିସ): ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତାଳଚେର ରେଞ୍ଜ ଅଧିକାରୀ ଶୁକ୍ରବାର ଅପରାହ୍ନରେ ସଦଳବଳ କଳମଛୁଇଁ ଗ୍ରାମ ବାଉଁଶଗାଡ଼ିଆ ସାହିରେ ଚଢ଼ଉ କରି ଏକ ପରିତ୍ୟକ୍ତ ଘରୁ ୧୧ ସିଏଫ୍‌ଟି ଚୋରାକାଠ ଜବତ କରିଛନ୍ତି। ଜବତ କାଠ ମଧ୍ୟରେ ୩୨ଟି ଶାଗୁଆନ ପଟା ୮ଟି ଶାଗୁଆନ ଖୁଣ୍ଟି, ଗୋଟିଏ ଅଧାଗଢ଼ା ଖଟ, ୧୨ଟି ଜାମୁପଟା ରହିଛି। ଜବତ ସାମଗ୍ରୀକୁ ତାଳଚେର ରେଞ୍ଜ ଅଫିସକୁ ନିଆଯାଇଛି। ରେଞ୍ଜ ଅଫିସର ଚାରୁଲତା ନାୟକ, ଫରେଷ୍ଟର ଜଲି ଦେହୁରୀ, ଅରୁଣ ଦେହୁରୀ, ଫରେଷ୍ଟ ଗାର୍ଡ ଆଦିକନ୍ଦ ପ୍ରଧାନ, ସାଗରିକା ଦାଶ, ତ୍ରୈଲୋକ୍ୟ ରାଉତ ଏବଂ ଗଜସାଥୀମାନେ ଚଢ଼ଉରେ ସାମିଲ ଥିଲେ।

୨ ବାଇକ ଧକ୍କା; ଜଣେ ମୃତ, ଜଣେ ଗୁରୁତର

ପାଲଲହଡ଼ା,୧୪ ।୨(ସମିସ): ୪୯ ନମ୍ବର ଜାତୀୟରାଜପଥ ପାଲଲହଡ଼ା ଥାନା ଫଂପଣ୍ଡ ନିକଟରେ ଶନିବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖମାର ଥାନା ଓଡ଼ଶ ଗ୍ରାମର ଅକ୍ଷୟ ପ୍ରଧାନ ଓ ଗୁରୁତର ଆହତ ଯୁବକ ହେଲେ ବିହାର ଔରାଙ୍ଗାବାଦର ରୋହିତ କୁମାର ସିଂ। ଦୁର୍ଘଟଣା ପରେ ଦମକଳ ବାହିନୀ ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅକ୍ଷୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ରୋହିତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ଏ ନେଇ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ ସୂଚନା ଦେଇଛନ୍ତି।

ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ସାଇକଲ ଯାତ୍ରା



କିଶୋରନଗର,୧୪ ।୨(ସମିସ): ବିଶ୍ୱ ଯୁବକେନ୍ଦ୍ର ଓ ହଣ୍ଡପା ବନାଞ୍ଚଳ ତରଫରୁ ଦୁଇଦିନିଆ ସାଇକଲ ଯାତ୍ରା ଇଛାପୁର ଶିବ ମନ୍ଦିରଠାରୁ ଆରମ୍ଭ ହୋଇଛି। ଏ ଯାତ୍ରା କଣ୍ଢେଇକୋଳିଆ, ଜାମୁନାଳି, ଗାଁ ବଇଣ୍ଡା, ହଣ୍ଡପା ଓ ଲୁହାମୁଣ୍ଡା ପଞ୍ଚାୟତ ୨୬ ଗ୍ରାମ ଭ୍ରମଣ କରି ଲୋକଙ୍କୁ ନିଆଁ ଦାଉରୁ ଜଙ୍ଗଲ ଓ ଜୀବଜନ୍ତୁଙ୍କୁ ସୁରକ୍ଷା କରିବାକୁ ସଚେତନ କରିବ। ବର୍ତ୍ତମାନ ମହୁଲ ଓ କେନ୍ଦୁପତ୍ର ସଂଗ୍ରହ ପାଇଁ ଜଙ୍ଗଲ ପୋଡ଼ି ଆରମ୍ଭ ହେବ। ଏଥିଯୋଗୁଁ ପକ୍ଷୀ, ଜୀବଜନ୍ତୁ, ଔଷଧୀୟ ବୃକ୍ଷ, ଗୁଳ୍ମ ଆଦି ନଷ୍ଟ ହେଉଥିବା ନଜରକୁ ଆସୁଛି। ବନାଗ୍ନି ନିୟନ୍ତ୍ରଣରେ ବନ ସଂରକ୍ଷଣ ସମିତି, ଗ୍ରାମ କମିଟି ଓ ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଛି। ବିଶ୍ୱ ଯୁବକେନ୍ଦ୍ର ସଭାପତି ବସନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ନରିନ୍ଦ୍ର କୁମାର ଗମାଙ୍ଗ, ବନପାଳ ଆଲୋକ ମିଶ୍ର, ଲିଙ୍ଗରାଜ ମିଶ୍ର, ଇଛାପୁର ଗ୍ରାମ ସଭାପତି ଜେନାମଣି ସାହୁ, ସଭ୍ୟ ଅର୍ଜୁନ ସାହୁ, ଭାଗୀରଥି ସାହୁ, ଲୋକନାଥ ସାହୁଙ୍କ ସମେତ ବନବିଭାଗ କର୍ମକର୍ତ୍ତା, ଗ୍ରାମବାସୀ, ବିଶ୍ୱ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସାଇକଲ ଯାତ୍ରାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଯାତ୍ରା ପରିଚାଳନା କରିଥିଲେ। ପୂଜା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ୱାସ୍ଥ୍ୟ ସଚେତନତା ଓ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ





ଅନୁଗୋଳ,୧୪ ।୨(ସମିସ): ଅଗ୍ରଣୀ ଏନ୍‌ଜିଓ ଚେତନା ମିଶନ ଫାଉଣ୍ଡେସନ ଦ୍ୱାରା ମହାଧରପୁର ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା ଓ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚେତନା ମିଶନର ପ୍ରତିଷ୍ଠାତ୍ରୀ ବାଣୀ ଦେବ ଉଭୟ କର୍ମଶାଳା ସମ୍ପର୍କରେ ଅବଗତ କରାଇଥିଲେ।

ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ "ସ୍ୱାସ୍ଥ୍ୟ ସଖୀ' ମାଧ୍ୟମରେ ନାଲକୋ ଡାକ୍ତରଖାନାର ଅବସରପ୍ରାପ୍ତ ଡାକ୍ତର ସୁଷମା ଚୌଧୁରୀଙ୍କ ଦ୍ୱାରା ଛାତ୍ରୀମାନଙ୍କ ନିମନ୍ତେ ମାସିକ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ କରାଯାଇଥିଲା। ମାସିକ ଋତୁସ୍ରାବ ମହିଳା ଶରୀର ଦ୍ୱାରା ଭବିଷ୍ୟତ ମାତୃତ୍ୱ ନିମନ୍ତେ ପ୍ରାକ୍ ପ୍ରସ୍ତୁତି ଓ ଏହା ସମ୍ପୂର୍ଣ୍ଣ ପ୍ରାକୃତିକ ଶାରୀରିକ ପ୍ରକ୍ରିୟା। ଏଥିନିମନ୍ତେ ଶରୀରରେ ହେଉଥିବା ପ୍ରକ୍ରିୟାକୁ ଭିଡିଓ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଛାତ୍ରୀମାନଙ୍କୁ ଶରୀରର ଯତ୍ନ, ପରିଚ୍ଛନ୍ନତା ଓ ସୁଷମ ଖାଦ୍ୟର ଆବଶ୍ୟକତା ଇତ୍ୟାଦି ବିଷୟରେ ଅବଗତ କରାଯାଇଥିଲା। ଏହି ସମୟରେ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସରଳ ଉପଚାର ବିଷୟରେ ବୁଝାଯାଇଥିଲା। ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ରୀମାନେ ନିଜ ସନ୍ଦେହ ଦୂର କରିଥିଲେ। ସ୍ୱାବଲମ୍ବୀ କାର୍ଯ୍ୟକ୍ରମ ମାଧ୍ୟମରେ ବାଣୀ ଦେବ ଛାତ୍ରମାନଙ୍କୁ ବୁଝାଇଥିଲେ ଯେ ଆର୍ଥିକ ସ୍ୱାଧୀନତା ସହଜ ଓ ଉତ୍ତମ ଜୀବନ ନିମନ୍ତେ ଅତ୍ୟନ୍ତ ଜରୁରୀ। ଶିକ୍ଷା ସମାପ୍ତି ପରେ ନିଜସ୍ୱ ଉଦ୍ୟମରେ ଆତ୍ମନିର୍ଭର ହେବା ନିମନ୍ତେ ପ୍ରତ୍ୟେକେ ଚେଷ୍ଟା କରିବା ଉଚିତ। ଏହାଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧିପାଏ। ଦେଶର ଆର୍ଥିକ ପ୍ରଗତି ହୁଏ। ସ୍ୱଳ୍ପ ନିବେଶରେ ଉତ୍ତମ ରୋଜଗାରର ବିଭିନ୍ନ ପନ୍ଥା ଓ ସରକାରଙ୍କ ଦ୍ୱାରା ଦିଆଯାଉଥିବା ତାଲିମଗୁଡ଼ିକ ବିଷୟରେ ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମଣ କୁମାର ବେହେରା, ବିଇଓ ଅଶୋକ କୁମାର ପ୍ରଧାନ, ବଡ଼କେରା ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର ବିଶ୍ୱାଳଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

ଜିଲ୍ଲାସ୍ତରୀୟ 'ରାଗି ଲଡୁ' ବଣ୍ଟନ ଶୁଭାରମ୍ଭ



ଅନୁଗୋଳ,୧୪ ।୨(ସମିସ): ଶିଶୁମାନଙ୍କ ପୁଷ୍ଟିସାଧନ ନିମନ୍ତେ ଅନୁଗୋଳ ଜିଲ୍ଲାସ୍ତରୀୟ ପାଇଲଟ୍ 'ରାଗି ଲଡୁ' ବଣ୍ଟନ କାର୍ଯ୍ୟକ୍ରମ ଛେଣ୍ଡିପଦାଠାରେ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ଶିଶୁମାନଙ୍କୁ ଅପପୁଷ୍ଟିରୁ ରକ୍ଷା ଏବଂ ସ୍ଥାନୀୟ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ମାଣ୍ଡିଆ ବା ରାଗି ଭଳି ପାରମ୍ପରିକ ଶସ୍ୟର ବ୍ୟବହାର କରିବାକୁ କହିଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାର ୪୭୫ଟି ଅଙ୍ଗନବାଡ଼ି କେନ୍ଦ୍ରର ୧୦,୫୭୩ ଶିଶୁଙ୍କୁ ସ୍ୱାସ୍ଥ୍ୟକର ମାଣ୍ଡିଆ ଲଡୁ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣିଙ୍କ ସମେତ ମିଶନ ଶକ୍ତି ମହିଳା, ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

ସ୍ୱୟଂ ସହାୟକ ଗୋଷ୍ଠୀ ବିରୋଧରେ ଅଭିଯୋଗ



ପାଲଲହଡ଼ା,୧୪ ।୨(ସମିସ): ପାଲଲହଡ଼ା ବ୍ଲକ ପବିତ୍ରପୁର ପଞ୍ଚାୟତ ହରିପୁର ଗାଁ ପୋଖରୀରେ ମାଛ ଜାଆଁଳ ଛାଡ଼ିବାରେ ଲକ୍ଷାଧିକ ଟଙ୍କା ଦୁର୍ନୀତି ହୋଇଛି। ଏ ନେଇ ପଞ୍ଚାୟତର ୬ ମହିଳା ଗୋଷ୍ଠୀକୁ ଅଣଦେଖା କରାଯାଇଥିବା ଶୁକ୍ରବାର ହରିପୁର ଗାଁର ୬ ମହିଳା ଗୋଷ୍ଠୀ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ଭେଟି ମା' ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ ମା' ବୃନ୍ଦାବତୀ ମହିଳା ଗୋଷ୍ଠୀ ଓ ଅନ୍ୟ ୬ ଗୋଷ୍ଠୀ ମିଶି ୨୦୨୪ରେ ପୋଖରୀ ନିଲାମ ନେଇଥିଲେ। ମାଛ ଜାଆଁଳ ଛାଡ଼ିବା ପାଇଁ ମା' ବୃନ୍ଦାବତୀ ଗୋଷ୍ଠୀ ସହ ଅନ୍ୟ ୬ ଗୋଷ୍ଠୀ ମଧ୍ୟ ସାମିଲ ହେଇଥିଲେ। ସମସ୍ତେ ପୋଖରୀରେ ମିଳିମିଶି ଜାଆଁଳ ଛାଡ଼ିବେ କିନ୍ତୁ ସବ୍‌ସିଡି ମା' ବୃନ୍ଦାବତୀ ମହିଳା ଗୋଷ୍ଠୀକୁ ଯିବ ଏବଂ ତାହାକ ସମସ୍ତେ ଭାଗକରି ନେବେ ବୋଲି ସ୍ଥିର ହୋଇଥିଲା। କିନ୍ତୁ ବର୍ତ୍ତମାନ ମା' ବୃନ୍ଦାବତୀ ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକା ସବୁ ଟଙ୍କା ହଡ଼ପ କରି ନେଇଛନ୍ତି। ସାମୂହିକ ନିଷ୍ପତ୍ତିକୁ ମାନୁନାହାନ୍ତି। ସେହିପରି ପୋଖରୀରେ ମାଛଙ୍କୁ ଦାନା ଦିଆଯାଉ ନ ଥିବା ବେଳେ ଏ ବାବଦ ମିଥ୍ୟା ବିଲ୍ କରି ଟଙ୍କା ହଡ଼ପ କରାଯାଉଛି। ତେଣୁ ମା' ବୃନ୍ଦାବତୀ ଗୋଷ୍ଠୀର ନିଲାମକୁ ରଦ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ମତ୍ସ୍ୟ ଅଧିକାରୀ ଆକାଶ କୁମାର ନାଏକ କହିଛନ୍ତି, କୌଣସି ଅନିୟମିତତା ହେଇନାହିଁ। ଏ ପର୍ଯ୍ୟନ୍ତ ମା' ବୃନ୍ଦାବତୀ ଗୋଷ୍ଠୀକୁ ଟଙ୍କାଟିଏ ମଧ୍ୟ ଦିଆଯାଇନାହିଁ। ମା' ବୃନ୍ଦାବତୀ ଗୋଷ୍ଠୀର ସଭାନେତ୍ରୀ ପୁଷ୍ପାଞ୍ଜଳି ସାହୁ କହିଛନ୍ତି, ଆମେ ନିଜ ହାତରୁ ଖର୍ଚ୍ଚ କରି ମାଛ ଜାଆଁଳ ଓ ଦାନା ଆଣିଛୁ। ଏ ପର୍ଯ୍ୟନ୍ତ ଆମେ ଟଙ୍କାଟେ ପାଇନୁ। ଆମ ନାଁରେ ଆସିଥିବା ଅଭିଯୋଗ ମିଥ୍ୟା ବୋଲି ସେ କହିଛନ୍ତି।

ପୁରୁଣାଗଡ଼ ମଦନମୋହନଙ୍କ ଦାନହୁଣ୍ଡି ଖୋଲିଲା




ଅନୁଗୋଳ,୧୪ ।୨(ସମିସ): ଅନୁଗୋଳ ବ୍ଲକ ପୁରୁଣାଗଡ଼ସ୍ଥିତ ମଦନମୋହନ ମନ୍ଦିରର ଦାନହୁଣ୍ଡି ଖୋଲାଯାଇ ଗଣତି ହୋଇଛି। ଶନିବାର ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା। ହୁଣ୍ଡିରୁ ୪୮,୯୧୦ ଟଙ୍କା, ୧୦ ଗ୍ରାମ ସୁନା, ୪୦ ଗ୍ରାମ ରୁପା ବାହାରିଥିଲା। ଏହି ଟଙ୍କା, ସୁନା ଓ ରୁପା ବିକ୍ରୟରୁ ଉପଲବ୍ଧ ଟଙ୍କା ମନ୍ଦିର ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ଓ କିଛି ଟଙ୍କା ସେବାୟତଙ୍କ ଦରମା ବାବଦ ଖର୍ଚ୍ଚ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଏହି ହୁଣ୍ଡି ଖୋଲା ସମୟରେ ଅତିରିକ୍ତ ତହସିଲଦାର ମିନାର୍ଭା ନାୟକ, ସୁପରଭାଇଜର ବ୍ରଜବନ୍ଧୁ ସାହୁ, ଚମ୍ପତିମୁଣ୍ଡା ଆର୍‌ଆଇ ଯୁଗଳ କିଶୋର ନାୟକ, ବନ୍ତଳା ଥାନାଧିକାରୀ, ମନ୍ଦିର ଉନ୍ନୟନ କମିଟି ସଭାପତି କୁମୁଦ ଚନ୍ଦ୍ର ପଣ୍ଡା, ସମ୍ପାଦକ ସୁନୀଲ ଦଳବେହେରା, ସଭ୍ୟ ସନାତନ ସାହୁ, ସୂର୍ଯ୍ୟାନନ୍ଦ ସିଂହ, ପ୍ରସନ୍ନ ସାହୁ, ବିଦ୍ୟାଧର ଚିନରା, ପ୍ରଦୀପ ମିଶ୍ର, ଯଶୋବନ୍ତ ବେହେରା, ପୁପୁନ ଖୁଣ୍ଟିଆ, ଟିକନ ମହାନ୍ତି, ଅଞ୍ଜନ ପ୍ରଧାନ, ମଧୁସୂଦନ ଚିନରା ଓ ମନ୍ଦିର ନିର୍ବାହୀ ଅଧିକାରୀ ରବିନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ବିଷିରୀ ଯାତ୍ରା ଉଦ୍‌ଯାପିତ



ପାଲଲହଡ଼ା,୧୪ ।୨(ସମିସ): ପାଲଲହଡ଼ା ବ୍ଲକ ପେଚାମୁଣ୍ଡି ପଞ୍ଚାୟତ ପେଚାମୁଣ୍ଡି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବିଷିରୀଙ୍କ ଯାତ୍ରାର ଖନ୍ଦାଶାଳ ପୂଜା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମା' ବିଷିରୀଙ୍କ ଆଶୀର୍ବାଦ ନେବା ସହ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଆୟୋଜିତ ସଭାକୁ ସମ୍ବୋଧିତ କରି ପଞ୍ଚାୟତରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ଗ୍ରାମରେ ଏକ କୋଠଘର ନିର୍ମାଣ ପାଇଁ ବିଧାୟକ ହାତପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ବରିଷ୍ଠ ନେତା ଲିଙ୍ଗରାଜ ଦାସ, ପଞ୍ଚାନନ ସାହୁ, ବିଜେପି ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ରଣିଆକଟା ଓଏଭିର ବାର୍ଷିକ ଉତ୍ସବ



କିଶୋରନଗର,୧୪ ।୨(ସମିସ): ରଣିଆକଟା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅରୋରା ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସୌମ୍ୟ ପଲ୍ଲବ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ମୁଖ୍ୟବକ୍ତା ରୂପେ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ରୂପେ ବିଡିଓ ସୁବ୍ରତ କୁମାର ବେହେରା, ତହସିଲଦାର ବିକ୍ରମ କେଶରୀ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦଯୋଗୀ, ଜିଜ୍ଞାଂଶୁ, ସକାରାତ୍ମକ ହେବାକୁ ଆହ୍ୱାନ ଦେଇଥିଲେ। ଛାତ୍ରଛାତ୍ରୀ ନମ୍ବର ପଛରେ ନ ଧାଇଁ ଜ୍ଞାନ ଆହରଣ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଞ୍ଜଳି ହୋତା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ରାଜେନ୍ଦ୍ର ରେଡ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତୁଳେଶ୍ୱର ବେହେରାଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଇଅର ପୁରସ୍କାର ପ୍ରଦାନ କରାଯାଇଥିଲା।

ମା' ହିଙ୍ଗୁଳା ଯାତ୍ରା ଓ ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ

ଗଣମାଧ୍ୟମକୁ ବାରଣ ନେଇ ପ୍ରଶ୍ନବାଚୀ

ତାଳଚେର,୧୪ ।୨(ସମିସ)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ଅନୁଷ୍ଠିତ ହୋଇଛି। ବୈଠକରେ ତାଳଚେର ଉପଜିଲ୍ଲାପାଳ ତଥା ହିଙ୍ଗୁଳା ଟ୍ରଷ୍ଟ ବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ସମୀର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ତାଳଚେର ରାଜାସାହେବ ବିଜୟେନ୍ଦ୍ର ଚନ୍ଦ୍ର ଦେବ, ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ, ତାଳଚେର ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ, ତାଳଚେର ବିଡିଓ ସୁଶାନ୍ତ କୁମାର ବରାଳ, ତହସିଲଦାର ଆଲଫା ଜେନାଙ୍କ ପ୍ରମୁଖଙ୍କ ସମେତ ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ଉପସ୍ଥିତ ଥିଲେ। ମା'ଙ୍କ ଯାତ୍ରା ଆସନ୍ତା ମାର୍ଚ୍ଚ ୩୧ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୮ରେ ଶେଷହେବ ବୋଲି ରାଜଗୁରୁ ପଙ୍କଜ ଲୋଚନ ପତି ପଞ୍ଜିକା ଗଣନା କରି ସ୍ଥିର କରିଥିଲେ। ଟ୍ରଷ୍ଟବୋର୍ଡ ପକ୍ଷରୁ ଏମ୍‌ସିଏଲ୍‌ର ବିଭିନ୍ନ କ୍ଷେତ୍ରକୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯିବା ସହ ଯାତ୍ରା ଆରମ୍ଭର ଯଥେଷ୍ଟ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗାଡ଼ି ପାର୍କିଂସ୍ଥଳରୁ ମନ୍ଦିର ଓ ମା'ଙ୍କ ଉଭାସ୍ଥଳ ପର୍ଯ୍ୟନ୍ତ ପାଲ ଟେଣ୍ଟ କରାଯିବ। ଶ୍ରଦ୍ଧାଳୁଙ୍କ ନିମନ୍ତେ ବିଶ୍ରାମ କକ୍ଷ, ଅସ୍ଥାୟୀ ଶୌଚାଳୟ, ପ୍ରାଥମିକ ସ୍ୱାସ୍ଥ୍ୟ ଉପଚାର କେନ୍ଦ୍ର ଆଦି ନିର୍ମାଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ମନ୍ଦିର ଓ ଉଭାସ୍ଥଳରେ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ଲଗାଯିବା ସହ ସମସ୍ତ କାର୍ଯ୍ୟକଳାପ ନିରୀକ୍ଷଣ କରାଯିବ। ମନ୍ଦିର ସମ୍ମୁଖ ରାସ୍ତାକୁ ଓସାରିଆ କରାଯିବା ସହ ମନ୍ଦିରକୁ ସଂଯୋଗ କରୁଥିବା ଅନ୍ୟ ରାସ୍ତାଗୁଡ଼ିକ ଯୁଦ୍ଧକାଳୀନ ଭିତିରେ ମରାମତି କରିବାକୁ ଉପଜିଲ୍ଲାପାଳ ଜେନା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଚଳିତ ବର୍ଷ ମା' ହିଙ୍ଗୁଳାଙ୍କ ପାଟବରୀ ଉତ୍ସବ ହିଙ୍ଗୁଳା ଯାତ୍ରା ଦିନ ଅନୁଷ୍ଠିତ ହେଉଥିବାରୁ ସେଥିପାଇଁ ସ୍ୱତନ୍ତ୍ର ପୂଜାବିଧି କରାଯିବ ବୋଲି ରାଜଗୁରୁ ପତି କହିଥିଲେ। ମନ୍ଦିର, ଯାତ୍ରାସ୍ଥଳ, ଉଭାସ୍ଥଳରେ ଚବିଶ ଘଣ୍ଟିଆ ବିଦ୍ୟୁତ ଯୋଗାଣ ପାଇଁ ଏମସିଏଲ, ଟିପିସିଓଡିଏଲକୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିସହ ମନ୍ଦିର ଚତୁଃପାର୍ଶ୍ୱରେ ଲାଗିଥିବା ଅଚଳ ସୋଲାର ଲାଇଟଗୁଡ଼ିକୁ ତୁରନ୍ତ ମରାମତି କରିବାକୁ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରାସ୍ଥଳୀରେ ୯ ଦିନ ବ୍ୟାପୀ ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ରାଜ୍ୟର କୋଣ ଅନୁକୋଣରୁ ପ୍ରତିଷ୍ଠିତ କଳାକାରଙ୍କ ସହ ସ୍ଥାନୀୟ କଳାକାରଙ୍କୁ ମଧ୍ୟ ଏହି ମଞ୍ଚରେ ନୃତ୍ୟ ପରିବେଷଣ କରିବାର ସୁଯୋଗ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନ୍ ମୋହନ ଗଡ଼ନାୟକ, ମୁରଲୀଧର ସାହୁ, ରାଜେନ୍ଦ୍ର କୁମାର ସିଂହ, ଅରୁଣ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସଞ୍ଜୟ କୁମାର ସାହୁ, ପ୍ରତାପ ସାମଲ, ଗଗନ ବିହାରୀ ସାହୁ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା, ଏମ୍‌ସିଏଲ୍ ଭୁବନେଶ୍ୱରୀ କ୍ଷେତ୍ର ମହାପ୍ରବନ୍ଧକ ଅଜୟ କୁମାର ସିଂହ, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏସ୍‌ଭି ଯୋଶୀ, କେନ୍ଦ୍ରୀୟ କର୍ମଶାଳାର ମହାପ୍ରବନ୍ଧକ ଆରଆର ନାୟକ, ଭରତପୁର କ୍ଷେତ୍ର ମହାପ୍ରବନ୍ଧକ ଦିବ୍ୟଜୀବନ ସି, ତାଳଚେର କ୍ଷେତ୍ର ମହାପ୍ରବନ୍ଧକ କେବି ଚୌଧୁରୀ, ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁଙ୍କ ସମେତ ଉପଖଣ୍ଡ ପ୍ରଶାସନ, ପୁଲିସ ପ୍ରଶାସନ, ଅଗ୍ନିଶମ ଅଧିକାରୀ, ଏମ୍‌ସିଏଲ୍‌ର ସମସ୍ତ ପଦାଧିକାରୀ, ତାଳଚେର କୋଇଲା ଖଣିରେ କାର୍ଯ୍ୟରତ ସମସ୍ତ ଶ୍ରମିକ ସଂଗଠନର ପଦାଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ତଥା ବିଭିନ୍ନ ସବ୍ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

ତେବେ ଯାତ୍ରାର ପ୍ରଚାର ପ୍ରସାର ଦାୟିତ୍ୱକୁ ପ୍ରତିବର୍ଷ ସୁଚାରୁରୂପେ ତୁଲାଉଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଚଳିତବର୍ଷ ପ୍ରସ୍ତୁତି ବୈଠକକୁ ଡକା ନ ଯିବାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ସମସ୍ତ ଗଣମାଧ୍ୟମକୁ ଉପଜିଲ୍ଲାପାଳଙ୍କ ଲୋକସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ମିଡିଆ ଗ୍ରୁପ୍ ମାଧ୍ୟମରେ ଜଣାଇ ଦିଆଗଲା ଯେ ୧୩ ତାରିଖ ବୈଠକ ପରେ ପ୍ରସ୍ତୁତି ବୈଠକ ସମ୍ପର୍କରେ ଅନ୍ୟ ଦିନରେ ଜଣାଇ ଦିଆଯିବ ବୋଲି କୁହାଯାଇଛି। ଅନ୍ୟପଟେ କାହିଁକି ଓ କାହା ଇଙ୍ଗିତରେ ଗଣମାଧ୍ୟମକୁ ବୈଠକରୁ ଦୂରେଇ ରଖାଗଲା ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଟ୍ରଷ୍ଟ ବୋର୍ଡର କିଛି ମନ୍ଦ ଉଦ୍ଦେଶ୍ୟ ରହିଥିବା ଚର୍ଚ୍ଚା ଜୋର ଧରିଛି। ତାଳଚେର ପରି ସ୍ଥାନରେ ଅର୍ଥର ଅଭାବ ନ ଥିବା ବେଳେ ମା' ହିଙ୍ଗୁଳା ପୀଠର ନିର୍ମାଣାଧୀନ ମନ୍ଦିର କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇପାରିଲା ନାହିଁ। ଟ୍ରଷ୍ଟ ବୋର୍ଡର ହିସାବକିତାବ ଉପରେ ଅନେକଙ୍କ ସନ୍ଦେହ ଥିବା ବେଳେ ଏହାକୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମୀକ୍ଷା କରାଯାଉନାହିଁ। ପୁରୀର ଏତେବଡ଼ ମନ୍ଦିର ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଦୀର୍ଘ ବର୍ଷ ପୂର୍ବରୁ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ଏହାର ଯଥେଷ୍ଟ ଆଗରୁ ଆରମ୍ଭ ହୋଇଥିବା ହିଙ୍ଗୁଳା ପୀଠର ଉନ୍ନତୀକରଣ କାର୍ଯ୍ୟ ଧିମେଇ ଯିବାର କାରଣ ଲୁଚାଇବାକୁ ଟ୍ରଷ୍ଟ ବୋର୍ଡ ଚାହୁଁଛି କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଟ୍ରଷ୍ଟ ବୋର୍ଡର ଏପରି ହୀନ ଉଦ୍ୟମକୁ ସାଧାରଣରେ ନାପସନ୍ଦ କରାଯାଇଛି। ତୁରନ୍ତ ଟ୍ରଷ୍ଟ ବୋର୍ଡ ଏହାର ସ୍ପଷ୍ଟୀକରଣ ଦେବାକୁ ଦାବି ହୋଇଛି।



କାର୍ବନ ଫ୍ୟାକ୍ଟ୍ରି ସମ୍ମୁଖ ଧାରଣା ପ୍ରତ୍ୟାହୃତ

ପାରାଦୀପ,୧୪।୨(ସମିସ)

පାରାଦୀପ ପୋର୍ଟ ଏଣ୍ଡ ଡକ୍ ମଜଦୁର ୟୁନିୟନ ବ୍ୟାନରରେ ପାରାଦୀପ କାର୍ବନ ଫ୍ୟାକ୍ଟ୍ରି ସମ୍ମୁଖରେ ଚାଲିଥିବା ଶ୍ରମିକମାନଙ୍କ ଧାରଣା ଦୀର୍ଘ ୪୫ ଘଣ୍ଟା ପରେ ପ୍ରତ୍ୟାହୃତ ହୋଇଛି। ଶ୍ରମିକମାନଙ୍କ ବିଭିନ୍ନ ଦାବି ନେଇ କମ୍ପାନୀ କର୍ତ୍ତୃପକ୍ଷ ଶେଷରେ ଶ୍ରମିକ ସଂଘ ସହ ଆଲୋଚନା କରି ଦାବି ଗୁଡିକ ମାନି ନେବା ସହିତ ଏକ ଚୁକ୍ତିନାମାର ପୁନଃ ନବୀକରଣ କରିଛନ୍ତି। ଏହି ଚୁକ୍ତିନାମା ଅନୁଯାୟୀ ଶ୍ରମିକମାନଙ୍କର ବେତନରେ ୪୫ ଶତକଡ଼ା ବୃଦ୍ଧି ହୋଇଥିବା ଜଣାପଡିଛି। ସୂଚନା ଯୋଗ୍ୟକି ପାରାଦୀପ କ୍ୟାଲ୍ସିନର କମ୍ପାନୀରେ ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟରତ ଥିବା ବେଳେ ସେମାନଙ୍କୁ ଉଚିତ ସମୟରେ ଦରମା ନ ଦେବା, ଶ୍ରମିକ ମାନଙ୍କୁ ୬୦ ବର୍ଷ ପରିବର୍ତ୍ତେ ୫୮ ବର୍ଷ ବୟସରେ ଅବସର ଦେବା, ଅବସର ସମୟରେ ଅବସରକାଳୀନ ଭତ୍ତା ପ୍ରଦାନ ନ କରିବା, ପୂର୍ବ ଚୁକ୍ତିନାମାକୁ ନବୀକରଣ ନ କରିବା ସହ ବିଭିନ୍ନ ଆନୁସଙ୍ଗିକ ଭତ୍ତା ପ୍ରଦାନ ନ କରିବା ଆଦି ଦାବିକୁ ନେଇ ପାରାଦୀପ ପୋର୍ଟ ଏଣ୍ଡ ଡକ୍ ମଜଦୁର ୟୁନିୟନ ମାଧ୍ୟମରେ କମ୍ପାନୀକୁ ବାରମ୍ବାର ଦାବି ଜଣାଇଆସୁଥିଲେ। କିନ୍ତୁ ତାହା ପୂରଣ ନ କରିବାରୁ ଶ୍ରମିକମାନେ କାର୍ଯ୍ୟବନ୍ଦ କରି କମ୍ପାନୀ ଫାଟକ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଶେଷରେ କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକ ସଂଘ ନେତୃମଣ୍ଡଳୀ ସହ ଶ୍ରମିକମାନଙ୍କୁ ନେଇ ଦୀର୍ଘ ସମୟ ଆଲୋଚନା ପରେ ସମାଧାନର ସୂତ୍ର ବାହାର କରିଥିଲେ। ମୁଖ୍ୟତଃ ଶ୍ରମିକମାନଙ୍କ ବେତନରେ ୪୫ ଶତକଡା ଅଭିବୃଦ୍ଧି ଓ ଅନେକ ଆନୁସଙ୍ଗିକ ଭତ୍ତା ବାବଦକୁ କମ୍ପାନୀ କର୍ତ୍ତୃପକ୍ଷ ଚୁକ୍ତିନାମା ନବୀକରଣରେ ଦସ୍ତଖତ କରିବା ପରେ କମ୍ପାନୀ ଫାଟକ ଆଗରେ ଚାଲିଥିବା ଧାରଣା ଉଠିଯାଇଛି। ଶ୍ରମିକ ମାନଙ୍କ ଏହି ବିଜୟକୁ ନେଇ ଶ୍ରମିକ ମାନେ ସର୍ବ ଭାରତୀୟ ଶ୍ରମିକ ନେତା ତଥା ପାରାଦୀପ ପୋର୍ଟ ଏଣ୍ଡ ଡକ୍ ମଜଦୁର ୟୁନିୟନର ସଭାପତି ତନ୍ମୟ କୁମାର ଜେନା, ଉପସଭାପତି ରବିନାରାୟଣ ଦାସ, ସାଧାରଣ ସମ୍ପାଦକ ସନାତନ ବେହେରାଙ୍କୁ କୃତଜ୍ଞତା ଜ୍ଞାପନ କରିଥିବା ଅଭିଷେକ ନାୟକ, ବିନୟ ସେନାପତି, ସୁବାଷ ଚନ୍ଦ୍ର ବେହେରା, ସୁଜିତ ମଣ୍ଡଳ ପ୍ରମୁଖ ପ୍ରକାଶ କରିଛନ୍ତି।



ଇଫ୍‌କୋରେ ସମୀକ୍ଷା କଲେ ମୁଖ୍ୟ ସଚିବ



ପାରାଦୀପ,୧୪।୨(ସମିସ): ପାରାଦୀପକୁ ଗସ୍ତରେ ଆସିଥିବା ମୁଖ୍ୟ ସଚିବ ଅନୁ ଗର୍ଗ ଇଫ୍‌କୋ ପାରାଦୀପ ୟୁନିଟର ବୋର୍ଡ ରୁମରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ଇଫକୋ ପାରାଦୀପ ୟୁନିଟ୍‌ର ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ସେ ପ୍ରମୁଖ ଶିଳ୍ପ, ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଏବଂ ଇଫକୋ ପାରାଦୀପ, ପିପିଏଲ୍ ପାରାଦୀପ, ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ଏଏନ୍/ଏନ୍‌ଏସ୍ ଏବଂ ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ଶିଳ୍ପ ୟୁନିଟ୍ ପରି ଶିଳ୍ପଗୁଡ଼ିକ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଗୁଡ଼ିକର ସମୀକ୍ଷା କରିଥିଲେ। ମୁଖ୍ୟ ସଚିବ ସଡ଼କ ସଂଯୋଗୀକରଣ, ସହରାଞ୍ଚଳ ବିକାଶ, ହସ୍ପିଟାଲ ଭିତ୍ତିଭୂମି, ନୂତନ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ଏବଂ ପାରାଦୀପରେ ପ୍ରସ୍ତାବିତ ବିମାନବନ୍ଦର ସମେତ ପ୍ରମୁଖ ବିକାଶମୂଳକ ପଦକ୍ଷେପ ଗୁଡ଼ିକର ସମୀକ୍ଷା କରିଥିଲେ। ଶିଳ୍ପଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ସେମାନଙ୍କର ତ୍ୱରିତ ସମାଧାନ ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଯାହା ପାରାଦୀପର ସାମଗ୍ରୀକ ଶିଳ୍ପ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲା। ଏଥିରେ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଇଫକୋ ପାରାଦୀପ ୟୁନିଟ୍ ମୁଖ୍ୟ ପିକେ ମହାପାତ୍ର ଏବଂ ସମସ୍ତ ୟୁନିଟ୍ ଶିଳ୍ପ ମୁଖ୍ୟ ଉପସ୍ଥିତ ଥିଲେ।

ରାଜ୍ୟସ୍ତରୀୟ ଦିବାରାତ୍ରୀ ଭଲିବଲ ଟୁର୍ଣ୍ଣାମେଣ୍ଟ



ଜଗତସିଂହପୁର,୧୪।୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣା ସ୍ଥିତ ଆଶ୍ରମପାଟଣା ଭଲିବଲ ୟୁନିଅନ ଏବଂ ପ୍ରଫୁଲ ପାଠାଗାର ମିଳିତ ଆନୁକୂଲ୍ୟରେ ୩୩ତମ ରାଜ୍ୟସ୍ତରୀୟ ଦିବାରାତ୍ର ଉଭୟ ବାଳକ ବାଳିକା ବର୍ଗର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ସମ୍ମାନିତ ଅତିଥି ଭାବେ ଖଇରଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ଲିପକ କୁମାର ସାହୁ, ଆଶ୍ରମପାଟଣା ଭଲିବଲ ୟୁନିଅନର ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ଦାଶ, ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀ, ବଂଶୀଧର ଆଚାର୍ଯ୍ୟ, ବିଜୟ କୁମାର ପତି, ସୁରେନ୍ଦ୍ର କୁମାର ରାୟ, ଅଧିବକ୍ତା ବଳରାମ ରଥ, ପ୍ରଶାନ୍ତ କୁମାର ଦାଶ, ଡାକ୍ତର ସରୋଜକାନ୍ତ ବାରିକ, ରଶ୍ମିରଞ୍ଜନ ବେହେରା, ପ୍ରଦୀପ୍ତ କିଶୋର ସାହୁ ଆଦି ଯୋଗ ଦେଇଥିଲେ। ଶେଷରେ ବାଳିକା ବର୍ଗର ଭଲିବଲ ଟୁର୍ଣ୍ଣାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହି ବାଳିକା ବର୍ଗ ଟୁର୍ଣ୍ଣାମେଣ୍ଟରେ ଆଶ୍ରମପାଟଣା ଭଲିବଲ ୟୁନିଅନ, ଓଡିଶା ପୁଲିସ ମଧ୍ୟରେ ଉଦ୍‌ଘାଟନ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହାପରେ ପାରାଦୀପ ପୋର୍ଟ ଅଥରିଟି ଏବଂ କେନ୍ଦ୍ରାପଡା ମଧ୍ୟରେ ମୁକାବିଲା ହୋଇଥିଲା। ଏହି ଖେଳକୁ ରେଫରୀ ଗୁରୁ ପ୍ରସାଦ ପତି ଏବଂ ବିଶ୍ୱଜିତ ଦାସ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚରେ ଆଶ୍ରମପାଟଣା ଭଲିବଲ ୟୁନିଅନକୁ ହରାଇ ଓଡିଶା ପୁଲିସ ବାଳିକା ବର୍ଗର ଚାମ୍ପିଅନ ହୋଇଛି। ଖେଳ ଆରମ୍ଭ ପୂର୍ବରୁ ଆଶ୍ରମ ପାଟଣା ଭଲିବଲ ୟୁନିଅନର ପୂର୍ବତନ ଖେଳାଳି ବିରଞ୍ଚି ନାରାୟଣ ଦାସ ଏବଂ ଦେବକାନ୍ତ ମିଶ୍ରଙ୍କ ବିୟୋଗ ହେତୁ ଏକ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା।

ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ବସନ୍ତ ସାହିତ୍ୟ ଆସର



ଜଗତସିଂହପୁର,୧୪।୨(ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ଚାଟରା ସ୍ଥିତ ଅଳକା ଆଶ୍ରମ ପରିସରରେ ବସନ୍ତ ସାହିତ୍ୟ ଆସର ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ଅଜୟ କୁମାର ବେହେରା, ଉମାକାନ୍ତ ନାୟକ ଓ ଗାଳ୍ପିକ ପୂର୍ଣ୍ଣ ମିଶ୍ର ପ୍ରମୁଖ ଯୋଗ ଦେଇ ଜୀବନ ଗଠନରେ ସାହିତ୍ୟ ଶୀର୍ଷକରେ ଆଲୋଚନା କରିଥିଲେ। ଏଥିରେ ନାଟ୍ୟକାର ଗଣେଶ ମହାନ୍ତି, କବି ପରୀକ୍ଷିତ ମହାନ୍ତି, ପଞ୍ଚାନନ ପୋଲାଇ ପ୍ରମୁଖ ଯୋଗଦେଇ ବସନ୍ତ ସାହିତ୍ୟ ଆସର ଆୟୋଜନର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ପରେ ପରିଷଦର କୋଷାଧ୍ୟକ୍ଷ ପୂର୍ଣ୍ଣ ମିଶ୍ରଙ୍କ ସଂଯୋଜନାରେ କବି ଗଣେଶ ମହାନ୍ତି, ପରୀକ୍ଷିତ ମହାନ୍ତି, ପଞ୍ଚାନନ ପୋଲାଇ, ରଞ୍ଜିତ ଦାସ, ରବୀନ୍ଦ୍ର କୁମାର ବେହେରା, ଶେଷଦେବ ଛୋଟରାୟ, ଚୌଧୁରୀ ସୌମେନ୍ଦ୍ର ମହାପାତ୍ର, ଅଜୟ କୁମାର ବାରିକ, ବଂଶୀଧର ବେହେରା, ପରୀକ୍ଷିତ ମହାନ୍ତି, ସବ୍ୟସାଚୀ ତ୍ରିପାଠୀ ପ୍ରମୁଖ ସ୍ୱରଚିତ କବିତା ଓ ସନ୍ତୋଷ ଦାସ କ୍ଷୁଦ୍ର ଗଳ୍ପ ପାଠ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଉମାକାନ୍ତ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପରିଷଦର ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ବହିରା ଓ ପରୀକ୍ଷିତ ମହାନ୍ତି ଗଳ୍ପ ଓ କବିତାଗୁଡିକର ସମୀକ୍ଷା କରିଥିଲେ। ପରିଶେଷରେ ବଂଶୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ପାରାଦୀପ, ୧୪।୨ (ସମିସ): ପାରାଦୀପ ପୌରପାଳିକାର ବିଭିନ୍ନ ୱାର୍ଡରେ ଆଜି ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଉଦ୍‌ଘାଟନ କରିଛନ୍ତି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ପ୍ରଥମେ ପୋର୍ଟ ବଣିକ ସଙ୍ଘ ନିକଟରେ ନୂତନ କରି ନିର୍ମାଣ ହୋଇଥିବା କମ୍ୟୁନିଟି ସେଣ୍ଟର୍ ଏବଂ ଗୋଷ୍ଠୀ ଶୌଚାଳୟର ଉଦ୍‌ଘାଟନ କରିବା ସହ ମା’ ଦୁର୍ଗାଙ୍କ ମନ୍ଦିର ପରିସରରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଏବଂ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ସେହିପରି ପାରାଦୀପ ପୌରପାଳିକା ଅନ୍ତର୍ଗତ ଷଣ୍ଢକୁଦ ଠାରେ ୧୭, ୧୮ ଓ ୧୯ ନମ୍ବର ୱାର୍ଡକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଜନସାଧାରଣଙ୍କ ଯାତାୟତ ସହଜ ଓ ସୁଗମ ହୋଇପାରିବ। ଏହାଦ୍ୱାରା ଗ୍ରାମୀଣ ସଡ଼କ ଭିତ୍ତିଭୂମି ସୁଦୃଢ ହେବା ସହିତ ପାରାଦୀପ ଉପକଣ୍ଠରେ ରହିଥିବା ଢିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ସହିତ ଅନେକ ଗାଁ’ ତଥା ପଞ୍ଚାୟତର ବିକାଶରେ ଏହି ରାସ୍ତା ସହାୟକ ହେବ। ଆଜିର ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପୌରନିର୍ବାହୀ ଅଧିକାରୀ, ଅଭିଷେକ ପଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂ, କାଉନସିଲର ସୁବ୍ରତ ପ୍ରଧାନ ଓ ବିଭିନ୍ନ ୱାର୍ଡର ପାରିଷଦ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।

ଶାସନ ଅଳାଭର ଉଚ୍ଚ ବିଦ୍ୟାଳୟ
୩୬ ବର୍ଷ ପରେ ଏକାଠି ହେଲେ ଛାତ୍ରଛାତ୍ରୀ



ଜଗତସିଂହପୁର,୧୪।୨(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ଶାସନ ଅଳାଭର ଉଚ୍ଚ ବିଦ୍ୟାଳୟର ପ୍ରଥମ ବ୍ୟାଚ୍ (୧୯୮୭ରୁ୧୯୯୦) ପୁରାତନ ଛାତ୍ରଛାତ୍ରୀ ଦୀର୍ଘ ୩୬ ବର୍ଷ ପରେ ଏକତ୍ରିତ ହୋଇ ପୁରୁଣା ସ୍ମୃତି ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରିଛନ୍ତି। ଏରସମା ବ୍ଲକ ପଦ୍ମପୁର ପଞ୍ଚାୟତ ସ୍ଥିତ ପର୍ଯ୍ୟଟନ ସ୍ଥଳୀ ଶିଆଳି ଠାରେ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଏହି ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ପୁରାତନ ଛାତ୍ରଛାତ୍ରୀ ଗଗନ ବିହାରୀ ଶତପଥୀ, ଜିତେନ୍ଦ୍ର ଶତପଥୀ, ରୁଶେନ୍ଦ୍ର କୁମାର ସାହୁ, ତ୍ରିଲୋଚନ ଶତପଥୀ, ପ୍ରବୋଧ କୁମାର ମହାନ୍ତି, ପ୍ରମୋଦ କୁମାର ଶତପଥୀ, ସରୋଜ କୁମାର ଦାସ, ବିପିନି ବିହାରୀ ରାଉତ, ବିଶ୍ୱକଲ୍ୟାଣୀ ନାୟକଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। ପ୍ରଥମେ ଶାସନ ଅଳାଭର ଉଚ୍ଚ ବିଦ୍ୟାଳୟ ଠାରେ ସମସ୍ତେ ଏକତ୍ରିତ ହୋଇ ଶିଆଳି ଅଭିମୁଖେ ଯାତ୍ରା କରିଥିଲେ। ଗୋଟିଏ ଯାଗାରେ ସମସ୍ତେ ଭେଟଘାଟ ହେବା ସହିତ ଅତୀତ ଓ ବର୍ତ୍ତମାନର ସ୍ମୃତି ଏବଂ ସୁଖଦୁଃଖ ପରସ୍ପରକୁ ବାଣ୍ଟିଥିଲେ।

ଉତ୍କଳ କଳା ବିକାଶ କେନ୍ଦ୍ର ଉଦ୍‌ଘାଟିତ



ଜଗତସିଂହପୁର/ବାଲିକୁଦା,୧୪।୨ (ସମିସ): ଶିକ୍ଷା, ସଂସ୍କୃତି ଏବଂ ସାହିତ୍ୟ କ୍ଷେତ୍ରରେ ସମଗ୍ର ଓଡ଼ିଶାରେ ଜଗତସିଂହପୁର ଜିଲ୍ଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି କଳା ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଜିଲ୍ଲାର କୋଣ ଅନୁକୋଣରେ ପ୍ରତିଷ୍ଠା ହୋଇଛି ସାହିତ୍ୟ ଏବଂ ସାଂସ୍କୃତିକ ଅନୁଷ୍ଠାନ। ଏହି କ୍ରମରେ ଜିଲ୍ଲାର ବାଲିକୁଦା ବ୍ଲକ୍ ଅନ୍ତର୍ଗତ ବୋରିକିନା ଠାରେ ଆଉ ଏକ ନୂତନ ସାଂସ୍କୃତିକ ଅନୁଷ୍ଠାନ ଉତ୍କଳ କଳା ବିକାଶ କେନ୍ଦ୍ରର ଶୁଭାରମ୍ଭ ହୋଇଛି। ସଙ୍ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର, ଚିତ୍ରକଳା ଓ ଅଭିନୟର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଉତ୍କଳ କଳାବିକାଶ କେନ୍ଦ୍ର ବୋରିକିନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଜ୍ୟୋତିପ୍ରକାଶ ନାୟକଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ବାଲିକୁଦା ବ୍ଲକ୍ ୩ ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ରୁନିଲତା ବେହେରା, ବିଦ୍ୟାଧର ସାମଲ, ଆଇନଜୀବୀ ବୀରନାରାୟଣ ପାତ୍ର, ଅନନ୍ତ ଚରଣ ଦାସ, ସମୀର କୁମାର ଦାଶ, ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ପ୍ରକାଶ ଚନ୍ଦ୍ର ସାହୁ, ପର୍ଶୁରାମ ସ୍ୱାଇଁ, ସୁଜିତ୍ କୁମାର ବେହେରା, କେଦାର ପାତ୍ର, ଗଗନ କୁମାର ରାଉତ, ବିଚିତ୍ର ରଞ୍ଜନ ସାହୁ, ନାରାୟଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅଞ୍ଚଳର ଅଧ୍ୟୟନରତ ବିଦ୍ୟାର୍ଥୀମାନଙ୍କୁ ଦକ୍ଷ କଳାକାର ଭାବେ ଗଢ଼ି ତୋଳିବା ଏବଂ ସେମାନଙ୍କୁ ଲୋକଲୋଚନକୁ ଆଣିବା ଉତ୍କଳ କଳା ବିକାଶ କେନ୍ଦ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ମତପ୍ରକାଶ କରିଥିଲେ। ଆସନ୍ତା ସପ୍ତାହଠାରୁ ପ୍ରତ୍ୟେକ ଶନିବାର ଓ ରବିବାର ସଙ୍ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର, ଚିତ୍ରକଳା ଓ ଅଭିନୟରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ବହୁ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଯିବ ବୋଲି ସ୍ଥିର କରାଯାଇଛି। ଉତ୍କଳ କଳା ବିକାଶ କେନ୍ଦ୍ରର ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

ଢିଙ୍କିଆ ଚାରିଦେଶର ସ୍ୱାର୍ଥ
ଶିଳ୍ପ ମନ୍ତ୍ରୀଙ୍କୁ ସ୍ପଷ୍ଟୀକରଣ ମାଗିଲା ଏରସମା କଂଗ୍ରେସ

ପାରାଦୀପ, ୧୪।୨ (ସମିସ)



ଶିଳ୍ପ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଣ୍ଡା ମାଡ଼ କରିବାକୁ ଧମକ ଦେଲା ଏରସମା କଂଗ୍ରେସ। ଆଜି ଏରସମା ସ୍ୱପ୍ନଜିତ ମଣ୍ଡପରେ ଏରସମା କଂଗ୍ରେସ ପକ୍ଷରୁ ଅୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଚେତାବନୀ ଦେଇଛନ୍ତି କଂଗ୍ରେସ ଜିଲ୍ଲାପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ ଓ ଅନ୍ୟ ନେତୃବୃନ୍ଦ। ସେମାନଙ୍କ ଅଭିଯୋଗ ଅନୁଯାଇ ଗତ କିଛି ଦିନ ତଳେ ଢିଙ୍କିଆ ଗ୍ରସ୍ତରେ ପିସିସି ସଭାପତି ଭକ୍ତ ଚରଣ ଦାସ ଆସିଥିଲେ। ଲୋକ ମାନଙ୍କୁ ନ୍ୟାୟ ଦେବା ଦାବିରେ କଂଗ୍ରେସ ପ୍ରତିବାଦ ସଭା କରିଥିବା ବେଳେ ଶିଳ୍ପମନ୍ତ୍ରୀ ଆମକୁ ଗଣମାଧ୍ୟମରେ କଟାକ୍ଷ କରିଛନ୍ତି। ବିରୋଧୀ ପ୍ରଗତିକୁ ସହ୍ୟ କରି ପାରୁ ନଥିବା ସେ କହୁଥିବା ବେଳେ ଏଠାରେ କେତେଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦେଇଛନ୍ତି, ଜଙ୍ଗଲ ଜମିକୁ ଗ୍ରାମ ସଭା କରାନଯାଇ କମ୍ପାନୀ ହାତକୁ ଟେକି ଦିଆଯାଇଛି, ନିରୀହ ପଶୁ ହରିଣ ମାନଙ୍କୁ ପ୍ରତିଦିନ ହତ୍ୟା କରାଯାଉଛି, ଗଛ କାଟି ପ୍ରଦୂଷଣକୁ ନିମନ୍ତ୍ରଣ କରାଯାଉଥିବା ବେଳେ ୧୫ ଦିନ ମଧ୍ୟରେ ଏହାର ଜାବାବ ନ ଦେଲେ କଂଗ୍ରେସ ପକ୍ଷରୁ ସାରା ରାଜ୍ୟରେ ଶିଳ୍ପ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯାଇ ଅଣ୍ଡା ମାଡ଼ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଶିଳ୍ପ ମନ୍ତ୍ରୀ ସ୍ପଷ୍ଟୀକରଣ ଦିଅନ୍ତୁ କେତେଜଣ ତିନି ପଞ୍ଚାୟତରୁ ଆଇଟିଆଇ, ଡିପ୍ଲୋମା, ବିଟେକରେ ସ୍ଥାୟୀ ନିଯୁକ୍ତି ପାଇଛନ୍ତି। ଶିଳ୍ପ ହେଲେ ସରକାରୀ ବିଧି ବ୍ୟବସ୍ଥାରେ ଯେଉଁ ଆଇନ ପାଳନ କରାଯାଏ ଢିଙ୍କିଆ, ନୂଆଗାଁ ଓ ଗଡ କୁଜଙ୍ଗରେ ତାହା ପାଳନ କରାଯାଉଛି କି ବୋଲି ସେ ପ୍ରଶ୍ନ ପଚାରିଛନ୍ତି। ଶିଳ୍ପ ମନ୍ତ୍ରୀ କହିବା ଅନୁଯାୟୀ ଏଠି ଶିଳ୍ପ ହେଲେ ବିକାଶ ହେବ। ଠିକ ଅଛି, କିନ୍ତୁ ଜେଏସଡବ୍ଲୁ କମ୍ପାନୀ ପାଇଁ ଲକ୍ଷାଧିକ ଗଛ, ବନ୍ୟ ଜନ୍ତୁଙ୍କୁ ବଳି ପକାଇ ପରିବେଶକୁ ଧ୍ୱଂସ କରାଯାଇ ଏଠି ପ୍ରକୃତିର ଯେଉଁ ବିନାଶ ଘଟିବ ସେଥିପାଇଁ ଶିଳ୍ପ ମନ୍ତ୍ରୀ ଦାୟୀ ରହିବେ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଜୁଡିସିଆଲ୍ କପ୍; ଜିଲ୍ଲା ଓକିଲ ସଂଘ ଚାମ୍ପିଅନ


ଜଗତସିଂହପୁର,୧୪।୨(ସମିସ)



ଜିଲ୍ଲା ଓକିଲ ସଂଘ ଜଗତସିଂହପୁର ଆନୁକୂଲ୍ୟରେ ଜୁଡିସିଆଲ୍ କପ୍ -୨୦୨୬ ନବାପାଟଣାସ୍ଥିତ ନନ୍ଦାବ୍ରତ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜୁଡିସିଆଲ୍ ଅଫିସର୍ସ ଇଲେଭେନ୍, ଜିଲ୍ଲା ଓକିଲ ସଂଘ ଜଗତସିଂହପୁର, କୁଜଙ୍ଗ ଓକିଲ ସଂଘ ଓ ଜୁଡିସିଆଲ୍ ଷ୍ଟାଫ୍ ଇଲେଭେନ୍ ମୋଟ ଚାରିଟି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ଓକିଲ ସଂଘ ଜଗତସିଂହପୁର ଚାମ୍ପିଅନ ହୋଇଥିବା ବେଳେ ଜୁଡିସିଆଲ୍ ଷ୍ଟାଫ୍ ଇଲେଭେନ୍ ରନସ୍‌ର୍ ଅପ୍ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରି ଜୁଡିସିଆଲ୍ ଷ୍ଟାଫ୍ ଇଲେଭେନ୍ ୧୦ ଓଭରରେ ୮୦ ରନ୍ ସଂଗ୍ରହ କରିଥିବା ବେଳେ ଜିଲ୍ଲା ଓକିଲ ସଂଘ ଶେଷ ବଲ୍‌ରେ ଏହି ମ୍ୟାଚକୁ ରୋମାଞ୍ଚକର ଭାବେ ଜିତି ନେଇଥିଲା। ଜିଲ୍ଲା ଓକିଲ ସଂଘର ବଳଦେବ ପ୍ରସାଦ ରଥ ଫାଇନାଲ୍ ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହେବା ସଙ୍ଗେ ସଙ୍ଗେ ମ୍ୟାନ୍ ଅଫ୍ ଦି ସିରିଜ୍ ମଧ୍ୟ ହୋଇଥିଲେ। ସେହିପରି ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଜୁଡିସିଆଲ୍ ଷ୍ଟାଫ୍ ଇଲେଭେନ୍‌ର ଶୁଭ୍ରଜିତ୍ ଜେନା ଓ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଜିଲ୍ଲା ଓକିଲ ସଂଘର ମାତୃଦତ୍ତ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଜିଲ୍ଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥିଙ୍କ ସହିତ ଜଜ୍ ଫ୍ୟାମିଲି କୋର୍ଟ ରଶ୍ମିତା ଦଳାଇ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍, ଜଗତସିଂହପୁର ହରପ୍ରସାଦ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍, କୁଜଙ୍ଗ ଦିପ୍ତି ପ୍ରକାଶ ବ୍ରହ୍ମା ପୋକ୍ସୋ କୋର୍ଟ ବିଚାରପତି ଗାର୍ଗୀ ପଟ୍ଟନାୟକ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନିଳିମା ପଣ୍ଡା, ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ୍, ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ଦୀନେଶ୍ ରାୟ, ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ସଭାପତି ସୁବାଷ ଭୂଷଣ ମହାପାତ୍ର, କୁଜଙ୍ଗ ବାର୍ ଆସୋସିଏସନ୍ ସଭାପତି ଆଇନଜୀବୀ ଏଏନ୍‌ଡି ଯାଦବ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜେତା ମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ମହାନ୍ତି, ଗୋରାଚାନ୍ଦ୍ କାନୁନଗୋ, ଭଜହରି କର, ପିତାମ୍ବର ପଣ୍ଡା, ରବିନ୍ଦ୍ର କୁମାର ସ୍ୱାଇଁ, ସୁବ୍ରତ ଶତପଥୀ, ଦୋଳଗୋବିନ୍ଦ ଦାଶ, ରାଜକିଶୋର ବେହେରା, ନାରାୟଣ ମହାନ୍ତି, ଦୀପକ୍ ପଶାୟତ, ଶରତ କୁମାର ମିଶ୍ର, ସୁଶାନ୍ତ ପଟ୍ଟନାୟକ, ଅମୃତ ଦାସ, ଦେବେନ୍ଦ୍ର ନାଥ ସ୍ୱାଇଁ, ଓଜସ୍ୱିତି ମହାନ୍ତି, ଶାରଦା ପ୍ରସାଦ ଦାସ, ଚନ୍ଦ୍ର ଶେଖର ନାୟକଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ। ଅମ୍ପାୟର ଭାବେ ମିଳନ୍ କୁମାର ଓଝା, ଫେଲୁ ବେହେରା ଓ ମନୋଜ ବେହେରା ଖେଳ ପରିଚାଳନା କରିଥିଲେ। ପର୍ଶୁରାମ ରାଉତ, ନରେଶ ଦାସ, ଜ୍ୟୋତି ରଞ୍ଜନ ପୃଷ୍ଟି ଧାରାବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ସରୋଜ କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଅଲେଖ ବାରିକ୍, ପ୍ରକାଶ ରାୟ, ଦିବ୍ୟେନ୍ଦୁ ଖଟୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ଣ୍ଣାମେଣ୍ଟ ପ୍ରାରମ୍ଭରେ ଜିଲ୍ଲା ଓକିଲ ସଂଘର ସିନିୟର୍ ଓ ଜୁନିୟର୍ ଟିମ୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମହିଳା ବିଚାରପତି ଓ ମହିଳା ଆଇନଜୀବୀମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ଖେଳ ଅନୁଷ୍ଠିତ ହୋଇଥିଲା।

● ମୁକ୍ତମଞ୍ଚ ଡ୍ରାମା ପ୍ରତିଯୋଗିତା ଉଦ୍‌ଯାପିତ
ଭଅଁରକୋଲା ନଅଟି ପୁରସ୍କାର ସହ ଚାମ୍ପିଅନ

କୁଜଙ୍ଗ,୧୪।୨(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅନ୍ତର୍ଗତ ତାଳପଡା ପଞ୍ଚାୟତ କନ୍ଦମୂଳ ମକର ମେଳାପଡ଼ିଆ ଠାରେ ୬୦ତମ ମକର ମେଳା ଓ ଡ୍ରାମା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ମକର ମେଳା ସଭାପତି ଅଜୟ କୁମାର ସାହୁଙ୍କ ସଭାପତିତ୍ୱ ମୁଖ୍ୟଅତିଥି ରୂପେ କୁଜଙ୍ଗ ବ୍ଲକ ଜୋନ ୨ର ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ସମ୍ମାନିତ ଅତିଥି ଭାବେ ତାଳପଡ଼ା ସରପଞ୍ଚ ଦମୟନ୍ତୀ ଲେଙ୍କା, ସାଇଲୋ ନାଏବ ସରପଞ୍ଚ ଝରଣା ଦାସ, ସନ୍ତୋଷ ସାହୁ, ମକର ମେଳା ସମ୍ପାଦକ ବାଲୁକେଶ୍ୱର ସାହୁ, କୋଷାଧ୍ୟକ୍ଷ ମନୋଜ କୁମାର ସାହୁ ଉପସ୍ଥିତ ଥିଲେ। ଡ୍ରାମା ପ୍ରତିଯୋଗିତା ମୂଲ୍ୟାଙ୍କନ ପାଇଁ ପ୍ରଫେସର ଉଦୟ ଭାନୁ ଦାସ, ପ୍ରଫେସର ଆଶିଷ ଦାସ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବୁଢ଼ୀ ଜାଗୁଳାଇ ଡ୍ରାମାଟିକ କ୍ଲବ୍ ଭଅଁରକୋଲା ମୋଟ ୯ଟି ବ୍ୟକ୍ତିଗତ ପୁରସ୍କାର ସହ ଚଳିତ ବର୍ଷ ପାଇଁ ଚାମ୍ପିଅନ ହୋଇ ଶ୍ରେଷ୍ଠ ଦଳ ଭାବରେ ଟ୍ରଫି ସହ ୨୫ ହଜାର ନଗଦ ଅର୍ଥ ରାଶି ପୁରସ୍କାର ପାଇଛି। ଏହି ନଅ ପୁରସ୍କାର ମଧ୍ୟରେ ଶ୍ରେଷ୍ଠ ହାସ୍ୟଯୁକ୍ତ ଖଳନାୟକ ଚରିତ୍ର ସରୋଜ ତ୍ରିପାଠୀ, ଶ୍ରେଷ୍ଠ ଚରିତ୍ର ଅଭିନେତା ବିକ୍ରମ ମହାପାତ୍ର, ଶ୍ରେଷ୍ଠ ପାଶ୍ୱର୍ ନାୟକ ସୀତାଂଶୁ ଶେଖର ସ୍ୱାଇଁ, ଶ୍ରେଷ୍ଠ ବିଚାରକ ପୁରସ୍କାର ପ୍ରଭାତ ଦାସ, ଶ୍ରେଷ୍ଠ ନୃତ୍ୟ ନିର୍ଦ୍ଦେଶକ କୁମାର ମଣ୍ଟୁ, ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ଆଲୋକ କୁମାର, ଶ୍ରେଷ୍ଠ ଖଳନାୟିକା ଲିଜା ପଟ୍ଟନାୟକ, ଶ୍ରେଷ୍ଠ ନାୟିକା ବି. ମଧୁସ୍ମିତା, ଶ୍ରେଷ୍ଠ ନିର୍ଦ୍ଦେଶନା ବିକ୍ରମ ମହାପାତ୍ର ପ୍ରମୁଖ ବ୍ୟକ୍ତିଗତ ପୁରସ୍କାର ଗ୍ରହଣ କରିଥିବା ବେଳେ ଚନ୍ଦ୍ରଶେଖର ଡ୍ରାମା ଟିମ୍ ଖୁଣ୍ଟଳ ରନର୍ସ ଅପ୍ ପୁରସ୍କାର ଗ୍ରହଣ କରିଥିଲେ। ଶ୍ରେଷ୍ଠ ଶୃଙ୍ଖଳିତ ଦଳ ମା’ କାଳୀ ୟୁଥ ଡ୍ରାମାଟିକ କ୍ଲବ, ନପଙ୍ଗ ପୁରସ୍କାର ଲାଭ କରିଥିଲେ। ଭଅଁରକୋଲା ଏହି ସଫଳତା ଓ ବ୍ୟାପକ ପ୍ରସ୍ତୁତିରେ ମୈତ୍ରୀ ଯୁବ ପରିଷଦର ସଭାପତି ପିପାସ ଚନ୍ଦ୍ର ଜେନା, ସମ୍ପାଦକ ସନ୍ତୋଷ ମହାନ୍ତି, ଉପ ସଭାପତି ନରେଶ ମହାନ୍ତି, ସହ ସମ୍ପାଦକ ଶ୍ରୀବତ୍ସ ଜେନା, କୋଷାଧ୍ୟକ୍ଷ ସମୀର ଜେନା, ସରୋଜ ମହାପାତ୍ର, କୁମର ସ୍ୱାଇଁ, ରଞ୍ଜନ ସ୍ୱାଇଁ, ସତ୍ୟବଚନ ସ୍ୱାଇଁ, ସଂଗ୍ରାମ ଜେନା, ଜନ୍ମେଜୟ ଭୋଳ ଏହି ପୁରସ୍କାର ଗ୍ରହଣରେ ଉପସ୍ଥିତ ଥିଲେ। ଏହି ଅବସର ରେ ଯୁବରାଜ କ୍ଲବ ତାଳପଡାର ଡ୍ରାମା ପ୍ରତିଯୋଗିତାରେ ଭାଗ ନେଇଥିବା ଜୁନି କୁନି କଳାକାରମାନଙ୍କୁ ଟ୍ରଫି ଓ ମାନପତ୍ର ଦିଆଯାଇଥିଲା।



ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ କାମ ନିମ୍ନମାନର ଅଭିଯୋଗ

କାମ ନ ସରୁଣୁ ରାସ୍ତା ଫାଟି ଆଁ

ବାଲେଶ୍ୱର, ୧୪।୨(ସମିସ)

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣଧୀନ ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ। କାର୍ଯ୍ୟ ନ ସରୁଣୁ ବିଭିନ୍ନ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବାର ଦେଖିବାକୁ ମିଳିଛି। ଏମିତି ଏକ ଘଟଣା ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅଧୀନସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଜନ-୧ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣଧୀନ ସଲଟ ରୋଡ଼ ଠାରୁ ଇଞ୍ଚୁଡ଼ି ରାସ୍ତାରେ ଦେଖିବାକୁ ମିଳିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଫାଟି ଆଁ କରିଥିବା ବେଳେ ଠିକାଦାର ଏବଂ ଯନ୍ତ୍ରୀଙ୍କ ସଲାସୁତୁରା ଯୋଗୁଁ କାର୍ଯ୍ୟ ନିମ୍ନମାନର ହେଉଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି।



ଗ୍ରାମାଞ୍ଚଳରେ ଗମନାଗମନର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ସରକାରୀ ରାଜକୋଷରୁ ଖର୍ଚ୍ଚ କରୁଛନ୍ତି। ହେଲେ ସରକାରୀ ନିୟମ କାନୁନର ଧଜିଆ ଉଡ଼ାଇ କାର୍ଯ୍ୟର ସଠିକ ତଦାରଖ ନ କରି ସ୍ଥାଣୁ ପାଲଟିଛନ୍ତି ଅଧିକାରୀ। ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ତୁଣ୍ଡରା ପଞ୍ଚାୟତ କନକଟା ଛକ ସଲଟ ରୋଡ଼ ଠାରୁ ଇଞ୍ଚୁଡ଼ି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୫ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ୫ କିମି ରାସ୍ତାରୁ ୩ କିମି ୭୫୦ ମିଟର କଂକ୍ରିଟ ରାସ୍ତା ଏବଂ ୧. ୨୫୦ ମିଟର ପିଚୁ ରାସ୍ତା ହେବାକୁ ଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭ କୋଟି ୯୭ ଲକ୍ଷ ଟଙ୍କା ଅନୁମୋଦନ ହୋଇ ଟେଣ୍ଡର ହୋଇଥିଲା। ଏହି କାର୍ଯ୍ୟକୁ ତୁଣ୍ଡରା ଗ୍ରାମର ନଳିନୀକାନ୍ତ ବାରିକ ଟେଣ୍ଡର ନେଇ ଠିକାଦାର ଭାବେ ଗତ ୨୦୨୫ ମସିହା ଜୁଲାଇ ମାସରୁ କାର୍ଯ୍ୟ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ନିର୍ମାଣ କାର୍ଯ୍ୟ ଜାରି ରହିଛି। ସେପଟେ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀ ସଠିକ ଭାବରେ ତଦାରଖ କରୁନଥିବାରୁ ଠିକାଦାର ନିମ୍ନମାନର କାର୍ଯ୍ୟ ଜାରି ରଖିଛନ୍ତି। ଯାହା ଫଳରେ ରାସ୍ତା ନିର୍ମାଣ କାର୍ଯ୍ୟ ସରିନଥିବା ବେଳେ ଏକାଧିକ ସ୍ଥାନରେ ରାସ୍ତାରେ ଫାଟ ସୃଷ୍ଟି ହୋଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଠିକାଦାରଙ୍କ ମନମାନି ଯୋଗୁଁ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଉପେନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, କାର୍ଯ୍ୟ ସଠିକ ଭାବରେ ତଦାରଖ କରାଯାଉଛି, କାର୍ଯ୍ୟ ମଧ ଠିକ ଅଛି, କେଉଁଠି ରାସ୍ତା ଫାଟିଛି ମୁଁ ଦେଖିନାହିଁ ବୋଲି କହି ସଫେଇ ଦେଇଛନ୍ତି। ରାସ୍ତା ନିର୍ମାଣ ନ ସରୁଣୁ ଅନେକ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଏବଂ ଏସଡ଼ିଓ ଜାଣି ନଥିବା କହିବା କାର୍ଯ୍ୟର ସ୍ୱଚ୍ଛତା ଉପରେ ବିରାଟ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି।

ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର



ବାଲେଶ୍ୱର,୧୪।୨(ସମିସ): ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ନିର୍ଦ୍ଦେଶିତ ଛାତ୍ରୀ ଆତ୍ମସୁରକ୍ଷା ଶିବିର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ରତ୍ନାକର ସିଂହ ସମେତ କଲେଜର ବରିଷ୍ଠ ଅଧ୍ୟାପକ ମନୋଜ କୁମାର ନାୟକ, ଅଜୟ କୁମାର ମହାକୁଡ଼, ବିଶ୍ୱଜିତ ପ୍ରଧାନ, ସନ୍ତୋଷ ପଣ୍ଡାଙ୍କ ଗହଣରେ ଶିବିରକୁ ଉଦଘାଟନ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଛାତ୍ରୀମାନେ ଆତସୁରକ୍ଷାର ଏକାନ୍ତ ଆବଶ୍ୟକତା ରହିଛି ବୋଲି ଡ.ସିଂହ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶିବିରର ସଂଯୋଜିକା ବାଣିଜ୍ୟ ବିଭାଗ ଅଧ୍ୟାପିକା ଶ୍ରୀନିତା ଘୋଷ, ଗୃହ ବିଜ୍ଞାନ ଅଧ୍ୟାପିକା ନମିତା ଦତ୍ତ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ତନୁଶ୍ରୀ ପୋଥାଳ ଓ କନିଷ୍ଠ କିରାଣୀ କୁନ୍ତଳା ଖିଲାରଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ମୁଖ୍ୟ ପ୍ରଶିକ୍ଷକ ଭାବରେ ବବିତା ସେଠୀ ସତାବନ ଛାତ୍ରୀମାନଙ୍କୁ ଗୋଟିଏ ଶ୍ରେଣୀରେ ଆଠଦିନ ଧରି ବିଭିନ୍ନ କୌଶଳମାନ ଶିକ୍ଷା ଦେଇଥିଲେ।

ମାଣିଖମ୍ବ ଶିଶୁ ବିଦ୍ୟାମନ୍ଦିରରେ ପୁସ୍ତକ ପଠନ ଅଭିଯାନ

ବାଲେଶ୍ୱର,୧୪।୨(ସମିସ): ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ମୋବାଇଲ୍ ଛାଡ଼ି ବହି ଧରିବା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୯୯୦ ମସିହାରୁ ଆରମ୍ଭ ହୋଇଥିବା ଲୋକନାଥ ପାଠାଗାର ଓ ଶିଶୁ କିଶୋର ପତ୍ରିକା ବାଇଚଢ଼େଇ ପରିବାର ପକ୍ଷରୁ ଏହି ଭ୍ରାମ୍ୟମାଣ କାର୍ଯ୍ୟକ୍ରମ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ପ୍ରମୁଖ ମନୋରଞ୍ଜନ ପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଅଭିଯାନ କାର୍ଯ୍ୟକ୍ରମର ମୁଖ୍ୟ ପୃଷ୍ଠପୋଷକ ସଂଗ୍ରାହକ ବିକାଶ କୁମାର ଶତପଥୀ ପିଲାମାନଙ୍କୁ ସ୍ମାର୍ଟ ମୋବାଇଲ୍ ର ଅପକାରିତା ସମ୍ପର୍କରେ ବୁଝାଇବା ସହିତ ଅବସର ସମୟରେ ପାଠ୍ୟପୁସ୍ତକ ସହିତ କିଛି ଭଲ ବହି ପଢ଼ିବା ପାଇଁ ସୁପରାମର୍ଶ ଦେଇଥିଲେ। ବାଇଚଢେଇ ପରିବାରର ଅନ୍ୟତମ ସଦସ୍ୟ ଡ. ସାରଙ୍ଗଧର ତ୍ରିପାଠୀ ପିଲାମାନଙ୍କୁ ପୁସ୍ତକ ଆମର ପରମବନ୍ଧୁ ମୋବାଇଲ୍ ନୁହେଁ ଏଣୁ ଛାତ୍ର ଜୀବନରେ ବହିକୁ ସାଥୀ କରି ବାଟ ଚାଲିଲେ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହୋଇପାରିବ ବୋଲି ମାର୍ଗଦର୍ଶନ କରାଇବା ସହିତ ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ନିଶୁଳ୍କ ଭାବେ ପାଠାଗାରର ମନଛୁଆଁ କାହାଣୀ, କବିତା, ମହାପୁରୁଷଙ୍କ ଜୀବନୀ ଆଦି ପଢ଼ିବା ପାଇଁ ଦେଇଥିଲେ। ଏଥିରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଅମିତା ମାଇତି, ସନାତନ ବାରିକ ଓ ଶୈକ୍ଷିକ ପ୍ରମୁଖ ଗୀତାରାଣୀ ପରିଡ଼ାଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ସଂଗ୍ରାହକ ଶ୍ରୀ ଶତପଥୀ ସଂଗ୍ରହାଳୟର ଦୁର୍ଲଭ ତାଳପତ୍ର ପୋଥୀ, ଦେଶ ବିଦେଶର ଡାକ ଟିକଟ, ବିରଳ ମୁଦ୍ରା ଓ ସାଇତି ରଖିଥିବା ପୁରାତନ ସାମଗ୍ରୀମାନ ପିଲାମାନଙ୍କୁ ଦେଖାଇ ନିଜ ପୁରାତନ ସଂସ୍କୃତିର ଇତିହାସ ବଖାଣିବା ସହିତ ସଂସ୍କୃତି ସମ୍ପନ୍ନ ହେବା ପାଇଁ ପରାମର୍ଶ ଦେଇଥିଲେ।



ଅଲ୍ ଓଡ଼ିଶା ସିନିୟର ଏବଂ ଜୁନିୟର ରାଙ୍କିଙ୍ଗ୍ ବ୍ୟାଡ୍ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଲେଶ୍ୱର,୧୪।୨(ସମିସ): ୟୋନେକ୍ସ ସନରାଇଜ ଓଏସବିଏ ଅଲ୍ ଓଡ଼ିଶା ସିନିୟର ଏବଂ ଜୁନିଅର (୧୯ ବର୍ଷରୁ କମ୍) ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ, ଆଇଟିଆଇରେ ରାଜ୍ୟ ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟଟି ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ସହ ମିଳିତ ଭାବରେ ଆୟୋଜିତ ହେଉଛି। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୫ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ସମସ୍ତ ଜିଲ୍ଲାରୁ ୨୫୦ ରୁ ଅଧିକ ଖେଳାଳି (ପୁରୁଷ ଓ ମହିଳା ଏବଂ ବାଳକ ଓ ବାଳିକା) ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ବରିଷ୍ଠ ଖେଳାଳିଙ୍କ ସହିତ ୧୯ ବର୍ଷରୁ କମ୍ ଜୁନିୟର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଅର୍ଜନ କରିଥିବା ରାଙ୍କ ପଏଣ୍ଟ ଖେଳାଳିମାନେ ପୂର୍ବ ଜୋନ୍ ଜାତୀୟ ଚାମ୍ପିଅନସିପ୍ ଚୟନ କରିବାରେ ସାହାଯ୍ୟ କରିବେ। ଏହି ଇଭେଣ୍ଟକୁ ସୁଗମ ପରିଚାଳନା ପାଇଁ ଓଡ଼ିଶା ରାଜ୍ୟ ସଂଘ ୨୬ ଜଣ ଜାତୀୟ ଏବଂ ରାଜ୍ୟ ଅମ୍ପାୟାରଙ୍କୁ ନିଯୁକ୍ତ କରିଛି ଶ୍ରୀମତୀ ରୀତା ଦାସ, ଲକ୍ଷ୍ମୀପତି ନନ୍ଦ ଏବଂ ସରୋଜଙ୍କ ନେତୃତ୍ୱରେ। ଉଦଘାଟନୀ ଉତ୍ସବରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ସୁଧାକର ନାୟକ ମୁଖ୍ୟଅତିଥି, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ୟୁକୋ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ସୁଦୀପ ଡାକୁଆ, ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତାରକାନ୍ତ, ଆଲାସୋର ସାମୁଦ୍ରିକ ପରିଚାଳନା ନିର୍ଦ୍ଦେଶକ ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଜୟନରାଜନ୍ ଦାସ, ଜଗମୋହନ ଜେନା ଏବଂ ଜିତେନ ଲେଙ୍କା, ଆସୋସିଏସନ ସଚିବ ମନୋରଂଜନ ପଣ୍ଡା, ଆସୋସିଏସନ ସଂଯୋଜକ ଉଦଘାଟନୀ ସମାରୋହରେ ଗୌରୀ ଶଙ୍କର ବିଶି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ ଦିଗରେ ଆସୋସିଏସନ ସଦସ୍ୟ ସରୋଜ, ଆୟୁଷ୍ମାନ, ବିଷ୍ଣୁ, ସାଇ, ରାଜୀବ, ସୁଜୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଓୟୁଜେ ପକ୍ଷରୁ ପୁଲୱାମା ସହିଦ ଦିବସ

ବାଲେଶ୍ୱର, ୧୪।୨ (ସମିସ) : ଓଡ଼ିଶା ସାମ୍ବାଦିକ ୟୁନିଅନ୍ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ପୁଲୱାମା ସହିଦ ଦିବସ ପାଳିତ ହୋଇଯାଇଛି। ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ବୀର ସହିଦଙ୍କ ପ୍ରତି ସାମୁହିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସହିଦ ପାର୍କ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାମ୍ବାଦିକ ୟୁନିଅନର ସଭାପତି ଗଙ୍ଗାଧର ରାଉତ ଅଧ୍ୟକ୍ଷତା କରିଥଲେ। ଶ୍ରୀ ରାଉତ କହିଲେ ଯେ, ୨୦୧୯ ମସିହା ଆଜିର ଦିନରେ ସୀମାନ୍ତରେ ଦେଶ ମାତୃକାକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ସିଆରପିଏଫ ଯବାନ ମାନଙ୍କୁ ଯେଭଳି ସନ୍ତ୍ରାସବାଦୀମାନେ ବିସ୍ଫୋରଣରେ ଉଡ଼ାଇ ଦେଲେ ତାହା ଥିଲା ଅତ୍ୟନ୍ତ ନିନ୍ଦନୀୟ ଓ ବର୍ବୋରୋଚିତ। ମୁଖ୍ୟଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଆମ ଦେଶର ବୀର ଯବାନଙ୍କ ବୀରତ୍ୱ ସାହସ ଓ ଦେଶପ୍ରେମ୍ ଅବିସ୍ମରଣୀୟ ବୋଲି କହିଥିଲେ। ୟୁନିଅନର ଟାଉନ ସଭାପତି ହାଇଦର ଖାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ଗାଥାଣ, ମହେଶ୍ୱର ପ୍ରଧାନ ଉଦବୋଧନ ଦେଇଥିଲେ। ଅଜିମ୍ ବାଲେଶ୍ୱରୀ ସହିଦଙ୍କ ଉଦ୍ଦେଶ୍ୟରେ ସାଏରି ଗାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ସୋମନାଥ ସାହୁ, ଚିତ୍ତରଞ୍ଜନ ନାୟକ, ଅରୂପ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ ପ୍ରତିଯୋଗିତା



ବାଲେଶ୍ୱର,୧୪।୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ପ୍ରତିଯୋଗିତା ସମାପ୍ତ ହୋଇଯାଇଛି। ପୂର୍ବ ଭାରତର ସାତଟି ରାଜ୍ୟରୁ ଆସିଥିବା ୨୭ଟି ବିଶ୍ୱବିଦ୍ୟାଳୟ ଦଳ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିଲେ। ସମାପନୀ ଓ ପୁରସ୍କାର ବିତରଣୀ ଉତ୍ସବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଧ୍ୱଜାବତରଣୀ ଅବସରରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧିକୃତ ପର୍ଯ୍ୟବେକ୍ଷକ ଡ଼କ୍ଟର ନରେଶ କୁମାର ଉପସ୍ଥିତ ରହିଥିଲେ। ସେ ପ୍ରତିଯୋଗିତାର ସୁଚିନ୍ତିତ ପରିକଳ୍ପନା ଓ ସୁଚାରୁ ପରିଚାଳନା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ଉପସ୍ଥିତ ରହି କ୍ରୀଡ଼ାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଏହି ଗୌରବମୟ ଆୟୋଜନରେ ସହଯୋଗ ଓ ସଫଳ କରିଥିବା ହେତୁ ଦଳର କୋଚ୍, ମ୍ୟାନେଜର, ରେଫେରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆସନ୍ତା ସମଗ୍ର ଭାରତ ଅନ୍ତ-ବିଭାଗୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ପ୍ରତିଯୋଗିତା, ଯାହା ମୁମ୍ବାଇସ୍ଥିତ ଏସ୍ଏନ୍ଡିଟି ମହିଳା ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ, ସେଥିରେ ଅଂଶଗ୍ରହଣ ପାଇଁ ପ୍ରଥମ ସ୍ଥାନ (ବିଜେତା) ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା, ଦ୍ୱିତୀୟ ସ୍ଥାନ(ପ୍ରଥମ ଉପବିଜେତା) କିଟ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଏବଂ ତୃତୀୟ ସ୍ଥାନ (ଦ୍ୱିତୀୟ ଉପବିଜେତା) ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ, ଛତିଶଗଡ଼, ଚତୁର୍ଥ ସ୍ଥାନ ସହୀଦ ମହେନ୍ଦ୍ର କର୍ମା ବିଶ୍ୱବିଦ୍ୟାଳୟ, ବସ୍ତର, ଛତିଶଗଡ଼ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ସମଗ୍ର ପ୍ରତିଯୋଗିତା କ୍ରୀଡ଼ା ପରିଷଦର ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋୟୀଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ସମ୍ପନ୍ନ ହୋଇଥିଲା।

ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ବାଲେଶ୍ୱର,୧୪।୨ (ସମିସ): ସଦର ବ୍ଲକ ଆଇସିଡିଏସ କାର୍ଯ୍ୟାଳୟ ତତପରୁ ଅଙ୍ଗନବାଡି କର୍ମୀ ମାନଙ୍କ ତିନିଦିନିଆ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୋଷଣ ଠାରୁ ପାଠପଢ଼ା ପର୍ଯ୍ୟନ୍ତ ବିଷୟରେ ତାଲିମ ଦିଆଯାଥିଲା। ଏହି ତାଲିମ ଶିବିରରେ ୪୦ ଜଣ ଅଙ୍ଗନବାଡି କର୍ମୀ ଅଂଶଗ୍ରହଣ କରିଥିଲେ। ସିଡିପିଓ ମଧୁସ୍ମିତା ମହାନ୍ତି ଓ ସମସ୍ତ ସୁପରଭାଜରମାନେ ଏହି ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ନରହରିପୁର ଗ୍ରାମୀଣ କ୍ରିକେଟ୍ ଫେଷ୍ଟିଭାଲ ପ୍ରସ୍ତୁତି ବୈଠକ

ରେମୁଣା,୧୪।୨(ସମିସ): ରେମୁଣା ଏନ୍ଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡ ନରହରିପୁର ଠାରେ ହେବାକୁ ଥିବା ନରହରିପୁର ଗ୍ରାମୀଣ କ୍ରିକେଟ ଫେଷ୍ଟିଭାଲର ଏକ ପ୍ରସ୍ତୁତି ବୈଠକ ହରେକୃଷ୍ଣ ଉଚ୍ଚ ବିଦ୍ୟାଳୟ ନରହରିପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମନାଥପୁର ସ୍ପୋର୍ଟିଂ, କ୍ଷୀରୋଚରା ନାଇଟ୍ ରାଇଡର, ନରହରିପୁର ସୁପର କିଙ୍ଗ, ଆରମଳା ପଞ୍ଚାୟତ, ସୁତେଇ ବଡଗାଁ ସ୍ପୋର୍ଟିଂ, ବିରୁଆ ପଞ୍ଚାୟତର ୬ ଟିମର ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ। ୧୮/୨/୨୬ ରୁ ୧/୩/୨୬ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବେ ରେମୁଣା ଏନଏସି ଅଧ୍ୟକ୍ଷା ତନୁଜା ଗିରି ଖେଳାଳି ମାନଙ୍କୁ ଶାନ୍ତି ଶୃଙ୍ଖଳାର ସହ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ୮ ନମ୍ବର ୱାର୍ଡ କାଉନସିଲର କୁନ୍ତଳା ତରେଇ ଖେଳର ଯେଉଁ ନିୟମ ଅଛି ତାହା ମାନିବାକୁ ଟିମର ସଦସ୍ୟଙ୍କୁ କହିଥିଲେ। ସଭାପତି ରାମ ନାରାୟଣ ବେହେରା, ଉପସଭାପତି ଅନିରୁଦ୍ଧ ଲେଙ୍କା, ସମ୍ପାଦକ ସଞ୍ଜୟ ଗୋପାଳ ବେହେରା, ସହ ସମ୍ପାଦକ ରବିନାରାୟଣ ପତି, ଯୁଗ୍ମ ସମ୍ପାଦକ ଗୌରଗୋପାଳ ସାହୁ, କାର୍ତ୍ତିକ ଦାସ, ଚୈତନ୍ୟ ମାଝୀ ରତିକାନ୍ତ ଦାସ, ସନ୍ଦୀପ ରାଉତ ଆଲୋଚନା କରିଥିଲେ। ରବୀନ୍ଦ୍ର ମାଝୀ ଧନ୍ୟବାଦ ପ୍ରଦାନ କରିଥିଲେ।



ନକଲି ସୁନାରେ ଋଣ ଠକେଇ, ଅଭିଯୁକ୍ତ ଗିରଫ

ବାଲେଶ୍ୱର, ୧୪।୨ (ସମିସ): ନକଲି ସୁନା ବନ୍ଧକ ଦେଇ ବ୍ୟାଙ୍କରୁ ଋଣ ନେଇ ଠକେଇ ଘଟଣାର ବାଲେଶ୍ୱର ଟାଉନ ଥାନା ପୁଲିସ ପର୍ଦ୍ଦାଫାସ କରିଛି। ଅଭିଯୁକ୍ତ ଗ୍ରାହକ ଟାଉନ ଥାନା ଅର୍ନ୍ତଗତ ରାଣୀପାଟଣା ଅଞ୍ଚଳର ବିଶ୍ୱଜିତ କର ନକଲି ସୁନା ଦେଇ ବ୍ୟାଙ୍କରୁ ମୋଟା ଅଙ୍କର ଋଣ ନେଇ ଫେରାର ଥିଲା। ୨୦୨୪ ମସିହାରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ବାଲେଶ୍ୱର ଶାଖା ବ୍ୟାଙ୍କରୁ ୮୭.୩ ଗ୍ରାମ ଓଜନର ନକଲି ସୁନା ଚୁଡ଼ି ଓ ଚେନ ଦେଇ ୪ଲକ୍ଷ ୪୮ହଜାର ଟଙ୍କା ଋଣ ନେଇ ଅଭିଯୁକ୍ତ ଫେରାର ଥିଲା। ଦୀର୍ଘ ଦିନ ଧରି ବ୍ୟାଙ୍କ ଋଣ ନ ସୁଝିବାରୁ ଏବଂ ବ୍ୟାଙ୍କ ଅଡିଟ ସମୟରେ ଘଟଣା ସାମ୍ନାକୁ ଆସିଥିଲା। ଏ ନେଇ ବ୍ୟାଙ୍କ ବରିଷ୍ଠ ଶାଖା ପରିଚାଳକ ଟାଉନ ଥାନାରେ ୩୦.୦୧.୨୦୨୬ ତାରିଖରେ ଲିଖିତ ଅଭିଯୋଗ କରିଥିଲେ।



ବାଲେଶ୍ୱର ଟାଉନ୍ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତ ବିଶ୍ୱଜିତ କରଙ୍କୁ ଗିରଫ କରିଥିଲା। ପୁଲିସର ପଚରାଉଚରା ସମୟରେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲା। ତଦନ୍ତ ପ୍ରକ୍ରିୟାରେ ୮୭.୩ ଗ୍ରାମ ଓଜନର ନକଲି ସୁନା ମଧ ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୩୨/୨୬ ମୂଳେ ମାମଲା ରହିଛି। ଗିରଫ ଅଭିଯୁକ୍ତ ବିଶ୍ୱଜିତକୁ କୋର୍ଟଚାଲାଣ କରାଯାଇଛି। ଅନ୍ୟମାନଙ୍କ ସମ୍ପୃକ୍ତି ସମ୍ପର୍କରେ ତଦନ୍ତ ଜାରି ରହିଥିବା ସିଟି ଡିଏସପି ନିର୍ମଳା ଗୋଛାୟତ ସୂଚନା ଦେଇଛନ୍ତି।

'ବାଲେଶ୍ୱର ଜିଲ୍ଲାରେ କମୁଛି ଶିକ୍ଷାର ଗୁଣବତ୍ତା'

ସଚେତନ ନାଗରିକଙ୍କ ଆଲୋଚନାଚକ୍ର

ବାଲେଶ୍ୱର,୧୪।୨(ସମିସ)



ଶିକ୍ଷାର ଏକ ଅଗ୍ରଣୀ ଜିଲ୍ଲା ଏବଂ ଶିକ୍ଷା କଥା ଆସିଲେ ବାଲେଶ୍ୱର ନାମ ଆସେ। ମାତ୍ର ଦିନକୁ ଦିନ ଶିକ୍ଷାର ଗୁଣବତ୍ତାକୁ ଅନୁଶୀଳନ କଲେ ବାଲେଶ୍ୱର ତାର ପୂର୍ବ ଗୌରବକୁ ହରାଇଛି। ସପ୍ତମ ପଢ଼ୁଥିବା ପିଲାମାନେ ପ୍ରଥମ ଦ୍ୱିତୀୟ ପାଠ ଲେଖି ପଢ଼ି ନପାରିବାର ଉଦାହରଣ ଜଳ ଜଳ ହୋଇ ଦିଶୁଛି। ଯାହା ଉଦବେଗର କାରଣ ହୋଇଛି ଏବଂ ଏହାକୁ ଦୃଷ୍ଟିରେ ରଖି କିଛି ସଚେତନ ନାଗରିକ ରଘୁନାଥ ଲେଙ୍କାଙ୍କ ଆବାହକତ୍ୱରେ 'ସ୍ରଷ୍ଟା' ନାଟ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଭାଗନେଇ ଶିକ୍ଷା ଅବନୀତିର କାରଣ ଏବଂ ନିରାକରଣ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ବିଶେଷକରି ଅତ୍ୟନ୍ତ କଷ୍ଟ ସାଧ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଶିକ୍ଷକ ହୋଇ ମୋଟା ଅଙ୍କରେ ଦରମା ଏବଂ ଏକ ଶିକ୍ଷା ବର୍ଷରେ ଅନେକ ଛୁଟି ପାଉଥିଲେ ମଧ ଶ୍ରଦ୍ଧା ଏବଂ ଉତ୍ତରଦାୟିତ୍ୱ କମ୍ ଥିବା କାରଣରୁ ପ୍ରାଇଭେଟ ସ୍କୁଲ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସହ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଅନେକ ପଛରେ। ଡ୍ରେସ, ସାଇକେଲ, ମିଡ୍-ଡେ ମିଲ, ଖେଳ ଉପକରଣ, ବହି କିଣା ପ୍ରଭୃତି ସାଙ୍ଗକୁ ସ୍କୁଲ ବିଲଡିଂ ପାଇଁ ଲକ୍ଷ ଲକ୍ଷ ଟଙ୍କା ସରକାର ତହବିଲରୁ ଖର୍ଚ୍ଚ ହେଉଥିଲେ ସୁଦ୍ଧା ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ନ ହେବା ବୁଦ୍ଧିଜୀବୀ ମାନଙ୍କୁ ବ୍ୟଥିତ କରିଛି। ଏକ ସଂଗଠନ "ଶିକ୍ଷା ସୁରକ୍ଷା ମଞ୍ଚ' ମାଧ୍ୟମରେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲାପାଳ ଏବଂ ସରକାରଙ୍କୁ ଆନୁପାତିକ ଭିତିରି ଶିକ୍ଷକ ନିଯୁକ୍ତି, ସହରାଞ୍ଚଳରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ଗ୍ରାମାଞ୍ଚଳରେ ଆବଶ୍ୟକତା ଠାରୁ କମ ଶିକ୍ଷକ ତାରତମ୍ୟକୁ କମ କରିବା ସକାଶେ ନିୟମକୁ କଡାକଡି କରାଇବା। ଦ୍ୱିତୀୟରେ ଅନ୍ୟ ସରକାରୀ ଚାକିରୀରେ ବଦଳି ନିୟମ ପରି ଶିକ୍ଷକଙ୍କ ଏକ ନିର୍ଦ୍ଦିଷ୍ଟ ସମୟ ପରେ ବଦଳିର ବ୍ୟବସ୍ଥା କରାଇ ଅଧିକ ନମ୍ବର ରଖି ସରକାରଙ୍କ ସର୍ତ୍ତାବଳୀରେ ଦୁର୍ଗମ ଅଂଚଳରେ ଚାକିରୀ ପାଇଥିବା ଶିକ୍ଷକଟି ଭଲ ସ୍କୁଲରେ ସୁଯୋଗ ପାଇ ନିଜର ପାରଦର୍ଶିତା ଦେଖାଇବା ସହ ବିଦ୍ୟାର୍ଥୀଟି ଭଲ ଶିକ୍ଷକଟିର ଶିକ୍ଷା ପାଇପାରନ୍ତା। ଉକ୍ତ ଆଲୋଚନାଚକ୍ରରେ ଗୌରାଙ୍ଗ ପାଣିଗ୍ରାହୀ, ସନ୍ତୋଷ ସାହୁ, ଶମ୍ଭୁ ସିଂ, ଗୋପାଳ ଜେନା, ପ୍ରତିମା ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସେକ ଅଜଗର ଅଲ୍ଲୀ, ମିନତୀ ସେଠୀ, ଜ୍ୟୋତି ବାରିକ, ସତ୍ୟନ୍ଦ୍ର ଦାସ, ତୁଷାର ତପସୀ, ଯଦୁନାଥ ସେଠୀ, ଜିତେନ୍ଦ୍ର ପ୍ରହରାଜ, କମଳା କାନ୍ତ ବେହେରା, କାନ୍ତିଲାଲ ନାୟକ, ଇକବଲ ଖାଁ, ଶ୍ରୀକୃଷ୍ଣ ନାୟକ, ଜ୍ୟୋସ୍ନା ସେନାପତି, ହୃଷିକେଶ ସାହୁ, ଅନ୍ତର୍ଯ୍ୟାମୀ ପ୍ରଧାନ, ସାହେବା ଅକ୍ଷତର, ଫିରୋଜ ଖାଁ, ଅବଦୁଲ ଇଜରାଇଲ, ଆଶ୍ରିତା ତରାଇ, ସଂହିତା ରକ୍ଷିତ, ଉପେନ୍ଦ୍ର ପାତ୍ର, ସରଜୁଦ୍ଦିନ ଖାଁ, ଗଣେଶ୍ୱର ରାଉତ, ପ୍ରସନ୍ନ ପାତ୍ର, ମନୋଜ ନାୟକ, ପ୍ରଶାନ୍ତ ପାଢ଼ୀ, ଶଙ୍ଖ ମାରାଣ୍ଡି, ଅଞ୍ଜଳି ବେହେରା, ଶେଖ ହସେନ ଅଂଶ ଗ୍ରହଣ କରିଥିଲେ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାଜଘାଟ, ୧୪।୨ (ସମିସ): ବସ୍ତା ବ୍ଲକ୍ ଭେଲୋରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଐକ୍ୟମ' ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ସ୍ୱପ୍ନା ମୁର୍ମୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧକ୍ଷା ମୁର୍ମୁ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସଂଘର୍ଷର ମୁକାବିଲାରେ ହିଁ ସଫଳତା ମିଳେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସମିତି ସଭ୍ୟ ଅନାଦି ଦାସ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦୁର୍ଗାରାଣୀ ଜେନା, ସନ୍ତୋଷ କୁମାର ଦାସ ମହାପାତ୍ର, ପରିଚାଳନା କମିଟି ସଭାପତି ଅଞ୍ଜନ କୁମାର ଦାସ, ପିଟିଏ ମହିଳା ସଭାନେତ୍ରୀ ରଶ୍ମିତା ଦେ, ଏସ୍‌ଏଫ୍‌ଟି କମିଟି ସଦସ୍ୟା କବିତା କରଣ, ରତ୍ନାବତୀ ଦାସ ପ୍ରମୁଖ ଉପସ୍ଥିତ ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଉପରେ ବକ୍ତବ୍ୟ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମଞ୍ଜୁଷା ମିଶ୍ର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ମୋନାଲିସା ବେହେରା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ଶିକ୍ଷକ ଛତିଶ ଚନ୍ଦ୍ର ଧଳ, କର୍ମୁ ଟୁଡୁ, ଅଞ୍ଜନ କୁମାର ଜେନା, ବିପିନ ବିହାରୀ ଦାସ, ଶିକ୍ଷୟିତ୍ରୀ ସ୍ୱାତୀରାଣୀ ପ୍ରଧାନ, ମଧୁସ୍ମିତା ବିଶ୍ୱାଳ, ଗୀତାଞ୍ଜଳି କର, ରାମାନନ୍ଦ ରାମ, କାହ୍ନୁ ଚରଣ ଜେନା, ଦୀପକ ଗିରି ଓ ଗଣେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ମାନସ କୁମାର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

ମା' ହେଲା ୧୬ ବର୍ଷୀୟ ନାବାଳିକା

ଡାକ୍ତରଖାନାରେ ଶିଶୁ ଜନ୍ମ, ଅଭିଯୁକ୍ତ ସ୍ୱାମୀ କୋର୍ଟଚାଲାଣ

ନୀଳଗିରି, ୧୪।୨ (ସମିସ)

ବରହମପୁର ଥାନା ଅଧୀନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ୧୬ ବର୍ଷୀୟ ନାବାଳିକା କନ୍ୟା ସନ୍ତାନକୁ ଜନ୍ମଦେଇଛନ୍ତି। ସବୁ ଜାଣିଶୁଣି ଦୀର୍ଘଦିନ ହେବ ଚୁପ ବସିଥିଲେ ଆଶା କର୍ମୀ। ଡାକ୍ତରଖାନାରେ ପିଲା ଜନ୍ମ ହେବା ପରେ ସାମ୍ନାକୁ ଆସିଲା ସତ।

ଉକ୍ତ ନାବାଳିକା ଝିଅ ଜଣଙ୍କୁ ନୀଳଗିରି ଅଞ୍ଚଳର ଜଣେ ପୁଅ ଭଲପାଇ ବିବାହ କରିଥିଲେ। ଝିଅ ଜଣକ ନାବାଳିକା ହୋଇଥିବା ବେଳେ ଗର୍ଭବତୀ ହୋଇଥିଲେ। ଗର୍ଭବତୀ ହେବା ବାବଦରେ ସ୍ଥାନୀୟ ଆଶା କର୍ମୀ ସୁକାନ୍ତି ସିଂଙ୍କୁ ଅବଗତ କରିଥିଲେ। ଆଶା କର୍ମୀ ଏ ବାବଦରେ ଉପରିସ୍ଥ ଅଧିକାରୀ କିମ୍ବା ପୁଲିସକୁ ଅବଗତ କରିବା ପରିବର୍ତ୍ତେ ସେମାନଙ୍କୁ ୮ମାସ ଧରି ସରକାରୀ ଖାଦ୍ୟ ଓ ଟୀକା ପ୍ରଦାନ କରୁଥିଲେ। ଯେତେବେଳେ ରାଜ୍ୟ ସରକାର ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି, ସେତେବେଳେ ଖୋଦ ସରକାରୀ ଚାକିରି କରୁଥିବା କର୍ମଚାରୀମାନେ ଏହାକୁ ଅଣଦେଖା କରି ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦେଉଛନ୍ତି। ଯାହାକୁ ନେଇ ନୀଳଗିରିରେ ବେଶ ଚର୍ଚ୍ଚା ଜୋର ଧରିଛି। ପିଲାଟି ନୀଳଗିରି ଡାକ୍ତରଖାନାରେ ଜନ୍ମ ହେବା ପରେ ଆଧାର କାର୍ଡ଼ରୁ ନାବାଳିକା ଝିଅର ବୟସ ଜଣାପଡିବା ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ପୁଲିସକୁ ଅବଗତ କରିଥିଲେ। ଏ ନେଇ ଆଶା କର୍ମୀଙ୍କୁ ପଚାରିବାରୁ ଦେହ ଅସୁସ୍ଥ ରହିଛି କିଛି କହିପାରିବିନି ବୋଲି ପ୍ରତିକ୍ରିୟା ରଖିଥିଲେ। ଏ ନେଇ ନୀଳଗିରି ସିଡିପିଓ ଗୀତାଞ୍ଜଳି ମହାପାତ୍ରଙ୍କୁ ପଚାରିବାରୁ ଉକ୍ତ ଆଶା କର୍ମୀ ଆମକୁ କୌଣସି ଅବଗତି କରାଇନାହାନ୍ତି। ତଦନ୍ତହୋଇ ଭୁଲଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏ ନେଇ ବରହମପୁର ପୁଲିସ ଏକ ମାମଲା ରୁଜୁ କରିବା ସହ ନାବାଳିକାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲଣ କରିଥିବା ଜଣାପଡିଛି।

୮ ମାସ ହେବ ମିଳୁଥିଲା ସରକାରୀ ଖାଦ୍ୟ ଓ ଟୀକା

ଉପରିସ୍ଥ ଅଧିକାରୀ ଓ ପୁଲିସକୁ ଜଣାଇନଥିଲେ ଆଶା କର୍ମୀ

କଳା ଦିବସ ପାଳିତ

ନୀଳଗିରି, ୧୪।୨ (ସମିସ): ଶନିବାର ନୀଳଗିରି ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ



ଅନୁଷ୍ଠାନ ପକ୍ଷରୁ ଡିଭାଇନ ଟ୍ୟୁଟୋରିଆଲ ପ୍ରାଙ୍ଗଣରେ ସାତ ବର୍ଷ ପୂର୍ବରୁ ପୁଲୱାମା ଆକ୍ରମଣରେ ଜୀବନ ହାରି ଥିବା ୪୦ ଜଣ ଯବାନ ମାନଙ୍କ ଆତ୍ମାର ସଦଗତି ନିମନ୍ତେ ଆଜି କଳା ଦିବସ ପାଳନ କରାଯାଇଛି। ଏହି ଦିବସରେ ସଭାପତିତ୍ୱ କରି ଥିଲେ ଡିଭାଇନ ଟ୍ୟୁଟୋରିଆଲର ପ୍ରତିଷ୍ଠାତା ସୁଶାନ୍ତ କୁମାର ମହାପାତ୍ର। ଏହି କାର୍ଯ୍ୟକ୍ରମରେ୧୦୦ ଗୋଟି ଦୀପ ପ୍ରଜ୍ୱଳନ କରିବା ସହିତ ଜାତୀୟ ସଂଗୀତ ଓ ନୀରବ ପାର୍ଥନା ମଧ କରାଯାଇଥିଲା। ଶିକ୍ଷାନୁଷ୍ଠାର ଛାତ୍ରଛାତ୍ରୀ ଦେବବିତା ଶତପଥୀ, ପୁଷ୍ପଲତା ବେହେରା, ବୃତିରଞ୍ଜନ ମହାପାତ୍ର, ଅଙ୍କିତା ଧୀର, ପରେଶ ପୁହାଣ ଆଦି ନିଜର ଏହି ଦିବସ ପାଳନ କରିବାର ମହତ୍ୱ ବିଷୟରେ ନିଜର ମତ ପ୍ରକାଶ କରି ଥିଲେ। ପରିଶେଷରେ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ ମହାପାତ୍ର ନିଜର ଆଭିମୁଖ୍ୟ ରଖିଥିଲେ।

ବାବା କପ୍ ସିଜନ-୬ ଖେଳାଳି ନିଲାମ



ଭୋଗରାଇ, ୧୪।୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ଜଗନ୍ନାଥପୁର ପଞ୍ଚାୟତର ପଥରେଶ୍ୱର ଖେଳ ପଡ଼ିଆରେ ବିଗତ ବର୍ଷ ଭଳି ଚଳିତ ବର୍ଷ ବାବା ଚନ୍ଦନେଶ୍ୱର ପ୍ରିମିୟମ ଲିଗ୍ ଟୁର୍ଣ୍ଣାମେଣ୍ଟରେ ବାବା କପ -୨୦୨୬ ସିଜନ -୬ ଅନୁଷ୍ଠିତ ହେବ। ଏଥିରେ କପ୍ ସହିତ ଚାମ୍ପିଅନ ଦଳକୁ ୫୦ହଜାର, ରନର୍ସଅପ ଦଳକୁ ୪୦ହଜାର ଓ ତୃତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୧୦ହଜାର କରି ପୁରସ୍କାର ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ଏହା ଆସନ୍ତା ୨୭ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୪ତାରିଖ ଯାଏଁ ଚାଲିବ। ସେଥିପାଇଁ ଶନିବାର ଉକ୍ତ ପଡିଆରେ ଏଆଇଜି ଡେମନ, ଏସ ଜେ ସୁପରକିଙ୍ଗସ, ତମନ୍ନା ଏକାଦଶ, ଏସ ଏମ ଓ୍ୱାରିଅସ, ଦେବାଂଶି ଏକାଦଶ, ସମରିଶ ଏକାଦଶ ଫୁଲବଣୀ ଦଳ ତରଫରୁ ଖେଳାଳୀ ବିକାକିଣା (ନିଲାମ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତି ଦଳ ୧୦ହଜାର ଭିତରେ ଖେଳାଳି ବିକାକିଣା ପାଇଁ ନିୟମ ଥିବା ସ୍ଥଳେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ନାମୀଦାମୀ ଖେଳାଳି ମାନେ ଉପସ୍ଥିତ ହୋଇ ନିଲାମ ପ୍ରକ୍ରିୟାରେ ଭାଗ ନେଇଥିଲେ। ମାନସ ପ୍ରଧାନ, ଜିତୁ ସାମଲ, ଚିତ୍ତରଞ୍ଜନ ମହାନ୍ତି, ଅଟଳ ବିହାରୀ ପାତ୍ର, ଦିଗବିଜୟ ପ୍ରଧାନ, ବିବେକାନନ୍ଦ, ଅନଦା ସାମଲ ପ୍ରମୁଖ ବିଭିନ୍ନ ଦଳ ତରଫରୁ ଖେଳାଳୀ ବିକାକିଣାରେ ସାମିଲ ହୋଇଥିଲେ। ଖେଳାଳି ଚୟନ ପ୍ରକ୍ରିୟାଠାରୁ ଆରମ୍ଭ କରି ଏହି ପ୍ରିମିୟମ ଲିଗର ପ୍ରତିଟି ମ୍ୟାଚ ଜ୍ୟୋତିଙ୍କ ତତ୍ତ୍ୱାବଧାନରେ ସିଧା ପ୍ରସାରଣ ହେବା ସହିତ ଦର୍ଶକ ଗ୍ୟାଲେରୀରେ ବସି ଦେଖିବାର ସୁବିଧା ରହିଛି ବୋଲି ଆୟୋଜକ ମାନେ ପ୍ରକାଶ କରିଛନ୍ତି।

କାର୍, ଅଟୋ ସହ ଗଞ୍ଜେଇ ଜବତ, ୩ ଗିରଫ

ସୋର, ୧୪।୨ (ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ କରି କାର ଏବଂ ଅଟୋ ସହ ଗଞ୍ଜେଇ ଜବତ କରିବା ସହିତ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଯାଇଥିବା ଜଣାପଡିଛି। ବାଲେଶ୍ୱର ଜିଲ୍ଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ସହ ଅଧିକ୍ଷକ ସ୍ୱପ୍ନରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ନୀଳଗିରି ରେଞ୍ଜ ଅବକାରୀ ଆଇଆଇସି କେଶବ ଦାସ, ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଆଇଆଇସି ହରିହର ସିଂ, ସୋର ଆଦର୍ଶ ଅବକାରୀ ଥାନା ଅଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏବଂ ଭବେଶ ଦାସଙ୍କୁ ନେଇ ଏକ ଟିମ୍ ଅନନ୍ତପୁର ବଜାରରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ କାରଟି ସୋରରୁ ଗୁଡ଼ ଅଭିମୁଖେ ଯାଉଥିବା ବେଳେ ଏଥିରେ ଗଞ୍ଜେଇ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଏହି ଟିମ ଗାଡିକୁ ଅଟକାଇ ଥିଲେ। ଏହି ସମୟରେ ଦୟାନିଧିପୁର ଗ୍ରାମର ସନାତନ ନାୟକ କାର ଅଟକାଇ ଦୌଡ଼ି ପଳେଇ ଯାଇଥବା ବେଳେ ତାଙ୍କ ସ୍ତ୍ରୀ ମଧୁସ୍ମିତା ନାୟକଙ୍କୁ ଅଟକ ରଖି ଗାଡି ଯାଞ୍ଚ କରିଥିଲେ। ଯାଞ୍ଚ ପରେ କାରରୁ ୨୫ କିଲୋ ଗଞ୍ଜେଇ ଜବତ କରିବା ସହିତ ମଧୁସ୍ମିତାଙ୍କୁ ଗିରଫ କରିଥିଲେ। ସେହିପରି ଏହି ଟିମ୍ ଟେଣ୍ଡେଇ ଛକରେ ଚଢ଼ଉ କରି ଅଇଁରୀ ଛକରୁ ଟେଣ୍ଡେଇ ଅଭିମୁଖେ ଆସୁଥିବା ଓଡି ୦୧ ବିଡି ୯୮୯୭ ବିଶିଷ୍ଟ ଯାତ୍ରୀବାହୀ ଅଟୋକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ୧୨ କିଲୋ ଗଞ୍ଜେଇ ଜବତ କରିବା ସହିତ ରାମଚନ୍ଦ୍ରପୁର ଗ୍ରାମର ଦୟାନିଧି ଜେନା ଏବଂ ଦୟାନିଧିପୁର ଗ୍ରାମର ମିନତୀ ନାୟକଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ବାଲେଶ୍ୱର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ ବାଲେଶ୍ୱର କୋର୍ଟକୁ ଚାଲାଣ କରାଯାଇଛି।ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, ଲମ୍ବୋଦର ମହନ୍ତ, ଅନିକ କୁମାର ସାଠୁଆ, କ୍ଷିରୋଦ ବେହେରା, କନେଷ୍ଟବଳ ଶଶୀକାନ୍ତ ସାହୁ, ସୁନାରାମ ସୋରେନ, ନୁହାନ ମୁର୍ମୁ, କାଜଲ ପ୍ରିୟଦର୍ଶିନୀ, ମିନତୀ ପରିଡାଙ୍କ ସମେତ ଜଳେଶ୍ୱର ରେଞ୍ଜ ଅବକାରୀ ବିଭାଗ, ନୀଳଗିରି ରେଞ୍ଜ ଅବକାରୀ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ।

ଲଙ୍ଗଳେଶ୍ୱରରେ ଆଦିବାସୀ ଅଧିକାର ସମ୍ମିଳନୀ

ବାଲିଆପାଳ, ୧୪।୨ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର କାଳିଝାଟି ପଡିଆରେ ଆଜି ଏକ ବିଶାଳ ଆଦିବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆଦିବାସୀ ସମ୍ପ୍ରଦାୟର ଅସ୍ତିତ୍ୱ, ପରିଚୟ ଓ ଅଧିକାର ସୁରକ୍ଷା ପାଇଁ ଜୋରଦାର ଆଲୋଚନା ହୋଇଥିଲା। ବକ୍ତାମାନେ ଉଲ୍ଲେଖକରିଥିଲେ ଯେ ଆଦିବାସୀମାନଙ୍କର ଜୀବନ ପ୍ରଣାଳୀ, ସଂସ୍କୃତି, ପରମ୍ପରା, ପର୍ବପର୍ବାଣି ଓ ଆସ୍ଥା ବ୍ୟବସ୍ଥା ଭାରତର ଅନ୍ୟ ଧର୍ମ ଓ ସଂସ୍କୃତିଠାରୁ ପୃଥକ। ଏହି କାରଣରୁ ଆଦିବାସୀ ମାନଙ୍କୁ ଅଲଗା ଧର୍ମ ଭାବେ ସରକାରୀ ସ୍ତରରେ ସ୍ୱୀକୃତି ଦେବାକୁ ମଞ୍ଚରୁ ଦାବି ଉଠିଥିଲା। ବକ୍ତାମାନେ କହିଥିଲେ, ପରିଚୟର ସୁରକ୍ଷା ହେଉଛି ଅଧିକାରର ମୂଳ, ଏବଂ ସ୍ୱତନ୍ତ୍ର ଧର୍ମ ସ୍ୱୀକୃତି ମିଳିଲେ ଆଦିବାସୀମାନଙ୍କ ସାମାଜିକ



ଓ ସାଂସ୍କୃତିକ ଅଧିକାର ଅଧିକ ସୁରକ୍ଷିତ ହେବ। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ଥାନା ଅଧିକାରୀ ଶ୍ରୀ ସାଲଖାନ ମୁର୍ମୁ ଓ ଅନ୍ୟତମ ଅତିଥି ଭାବେ ପୂର୍ବତନ ସେନା କର୍ମଚାରୀ ପିତାମ୍ବର ମୁର୍ମୁ ଉପସ୍ଥିତ ଥିଲେ। ବୀର ସିଦ୍ଧୁ କାହ୍ନୁ ସଂଗଠନର ଜିଲ୍ଲା ସହ ସମ୍ପାଦକ ପ୍ରିୟନାଥ ମୁର୍ମୁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ବାସନ୍ତୀ କିସ୍କୁ, ଜିଲ୍ଲା ସଭାପତି ବୈଦ୍ୟନାଥ ମୁର୍ମୁ, ଜିଲ୍ଲା ସଂଗଠକ ବାବୁଲି ମାଝୀ, ବାଦଲ ମୁର୍ମୁ, ଗଣେଶ ହେମ୍ବ୍ରମ, କଟି ମାରାଣ୍ଡି, ରତ୍ନାକର ମୁର୍ମୁ, ସୁନାରାମ ମାରାଣ୍ଡି ଓ ମଧୁସୂଦନ ହେମ୍ବ୍ରମ ପ୍ରମୁଖ ନେତୃବୃନ୍ଦ ଆଦିବାସୀ ଅଧିକାର ପାଇଁ ମତ ପ୍ରକାଶ କରିଥିଲେ। ପ୍ରାୟ ୫୦୦ରୁ ଅଧିକ ଆଦିବାସୀ ଭାଇଭଉଣୀଙ୍କ ସକ୍ରିୟ ଉପସ୍ଥିତି ସମ୍ମିଳନୀକୁ ଆନ୍ଦୋଳନମୟ ରୂପ ଦେଇଥିଲା।

ଦୁଆରଶୁଣି ଘାଟିରେ ଅଘଟଣ, ପାହାଡ଼ ଉପରୁ ଖସିଲା ବିଶାଳ ପଥର

ବାଇକ୍ ଚୂରମାର; ଦୁଇ ସଙ୍ଗୁ ଆହତ

ବାରିପଦା, ୧୪।୨(ସମିସ): ପାହାଡ଼ ଉପରୁ ଖସିଲା ବିଶାଳ ପଥର। ପଥର ଧକ୍କାରେ ବାଇକ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିବାବେଳେ ଦୁଇଜଣ ସଙ୍ଗୁ ଆହତ ହୋଇଛନ୍ତି। ମୟୁରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥର ଦୁଆରଶୁଣି ଘାଟିରେ ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟ ପାଇଁ ବଡ଼ବଡ଼ ମେସିନରେ ପାହାଡ ଫଟାଇ ପଥର ଓ ମାଟି କାର୍ଯ୍ୟ ଚାଲୁ ରହିଥିବାବେଳେ ଏକ ବଡ଼ ପଥର ପାହାଡ ଉପରୁ ଖସିପଡ଼ିଥିଲା। ଏହି ରାସ୍ତାରେ ଦୈନିକ ହଜାର ହଜାର ଗାଡି ମଟର ଚଳାଚଳ ହେଉଥିବାବେଳେ ପଥରଟି ଏକ ବାଇକକୁ ଧକ୍କା ଦେଇଥିଲା।



ଫଳରେ ବାଇକଟି ସମ୍ପୂର୍ଣ୍ଣ ଚୁରମାର ହୋଇ ଯାଇଥିବାବେଳେ ଦୁଇ ଆରୋହୀ ସଙ୍ଗୁ ଅଳ୍ପକେ ବର୍ତ୍ତିଛନ୍ତି। ସେମାନେ ହେଲେ ମହାରାଷ୍ଟ୍ରର ଚମ୍ପା ଜଗନ୍ନାଥ ବଡ଼ଗେ (୪୪) ଓ ଭଗବାନ ରଙ୍ଗରାଓ ସାବନ୍ତି (୫୫)। ଉଭୟଙ୍କୁ ପ୍ରଥମେ ବାଙ୍ଗିରିପୋଷି ଡାକ୍ତରଖାନା ଓ ପରେ ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାଙ୍ଗିରିପୋଷି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପଥର ଖଣ୍ଡକୁ କ୍ରେନ ଯୋଗେ ହଟାଇବା ପରେ ଚଳପ୍ରଚଳ ସ୍ୱାଭାବିକ ହୋଇଛି।

୧୭୭ ଲିଟର ଚୋରା ମଦ ଜବତ, ୭ ଗିରଫ

ଭୋଗରାଇ, ୧୪।୨ (ସମିସ): ମହାଶିବରାତ୍ରିକୁ ଆଖିଆଗରେ ରଖି ବାଲେଶ୍ୱର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶଶୀକାନ୍ତ ଦଉଙ୍କ ନିର୍ଦ୍ଦେଶ କ୍ରମେ ଜଳେଶ୍ୱର ଓ ଭୋଗରାଇ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ଜାଗାରେ ଚଢ଼ଉ କରାଯାଇ ୧୭୭ ଲିଟର ଚୋରା ମଦ ସହିତ ୭ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ଭୋଗରାଇ ଗ୍ରାମରେ



ବାପି ଦାସଙ୍କ ସ୍ତ୍ରୀ ଅଞ୍ଜଳି ଦାସଙ୍କ ପାଖରୁ ୨୭ ଲିଟର, ସେହି ଗ୍ରାମର ସ୍ୱର୍ଗତ ମିଥୁନ ଭୂୟାଁଙ୍କ ସ୍ତ୍ରୀ ଯମୁନା ଭୂୟାଁ ପାଖରୁ ୨୬ ଲିଟର, ସେହି ଗ୍ରାମର ଗଣେଶ ଚନ୍ଦ୍ର ମାଝୀଙ୍କ ସ୍ତ୍ରୀ ସୁଷମା ମାଝୀ ପାଖରୁ ୨୪ ଲିଟର ସେହି ଗ୍ରାମର ଗୋବିନ୍ଦ ଘଡାଇଙ୍କ ସ୍ତ୍ରୀ ଅଞ୍ଜଳୀ ଘଡାଇ ପାଖରୁ ୧୯ ଲିଟର, ସେହି ଗ୍ରାମର ବିପିନ ବେହେରାଙ୍କ ସ୍ତ୍ରୀ ଜାନକୀ ବେହେରା ପାଖରୁ ୨୨ ଲିଟର, ବାରବାଟିଆ ପଞ୍ଚାୟତର ସେହି ଗ୍ରାମର ସନ୍ତୋଷ ସିଂ ପୁଅ ଗଙ୍ଗାଧର ସିଂ ପାଖରୁ ୩୦ ଲିଟର, ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂଙ୍କ ସ୍ତ୍ରୀ ଗୀତା ସିଂ ପାଖରୁ ୨୯ ଲିଟର ଚୋରା ମଦ ଜବତ କରିଛି ଅବକାରୀ ବିଭାଗ। ଏହି ଚଢ଼ଉରେ ଜଳେଶ୍ୱର ଅବକାରୀ ଥାନା ଆଇଆଇସି ଦେବେନ୍ଦ୍ର ବେହେରା, ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, ତପସ୍ୱିନୀ ବୈଠା କନଷ୍ଟେବଳ ବ୍ରହ୍ମଜିତ ଦାସ ବାସୁଦେବ କାମିଲା ଅନିଲ ପଣ୍ଡାଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ।

ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

ଜଳେଶ୍ୱର, ୧୪। ୨ (ସମିସ): ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ୭ଦିନ ବ୍ୟାପୀ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିରର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟର ଅଧକ୍ଷ ସଂଗ୍ରାମ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଯୋଗଦେଇ ବର୍ତ୍ତମାନ ସମୟରେ ଛାତ୍ରୀ ମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିକ୍ଷାର ଉପାଦେୟତା ବିଷୟରେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧାପକ ସତ୍ୟମୟ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଅଧାପକ ଚନ୍ଦ୍ରଶେଖର ଗିରି ପ୍ରମୁଖ ଯୋଗଦେଇ ଛାତ୍ରୀମାନେ ସାହସିନୀ ହେବା ପାଇଁ ପ୍ରେରଣା ଦେଇଥିଲେ। ଶିବିରର



ସଂଯୋଜିକା ଅଧାପିକା ରାଜଶ୍ରୀ ଜେନା ସାତ ଦିନର ବିବରଣୀ ଓ ଅନୁଭବ ବ୍ୟକ୍ତ କରିଥିଲେ। ଉକ୍ତ ଶିବିରର ପ୍ରଶିକ୍ଷିକା ଆମ୍ରପଲ୍ଲୀ ପ୍ରଧାନ ତାଙ୍କର ଶିକ୍ଷା ଦେବାର ଅଭିଜ୍ଞତା ଓ ବିଭିନ୍ନ କୌଶଳ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରଥିଲେ। ଅଧାପିକା ଦିବ୍ୟାଭାରତୀ ଦାସ ଅତିଥି ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଅଧଅପିକା ସାଇସ୍ମିତା ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

ଚାନ୍ଦଗୋଛି ମଠରେ କୁମ୍ଭ ମେଳା

ଖଇରା,୧୪।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ଚାନ୍ଦଗୋଛି ମଠରେ କୁମ୍ଭମେଳା ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ଗୁରୁବାର ସଂଧ୍ୟାରେ ଅଧିବାସ ସହ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଦିନ ଦିବସ ବ୍ୟାପି ନାମ ସଙ୍କୀର୍ତ୍ତନ ଓ ଯଜ୍ଞ କର୍ମ ଆୟୋଜନ କରାଯାଇଥିଲା। ଅନ୍ୟୁନ ୧୨ହଜାର ଶ୍ରଦ୍ଧାଳୁ ଗୋପେଶ୍ୱର ମହାଦେବ ଓ



ଗିରିଧାରୀ ଲାଲଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ସଂଧ୍ୟାରେ ମଠ ସଞ୍ଚାଳକ ଇଷ୍ଟବନ୍ଧୁ ବିଶ୍ୱରୂପ ପରମହଂସଦେବଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଖନ୍ତାପଡାର ପର୍ଯ୍ୟଟକ ମହାରାଜ, ଭଦ୍ରକର ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଆଧ୍ୟାତ୍ମିକତାରେ ପ୍ରକୃତ ଆତ୍ମସନ୍ତୋଷ ମିଳିଥାଏ ବୋଲି କହିଥିଲେ। ଆଶ୍ରମର ଅନ୍ତେବାସୀ ହରି ଗୋପାଳ ଠାକୁର, ଶ୍ୟାମସୁନ୍ଦର ଦାସ, ବୃନ୍ଦାବନ ଦାସ, ତୁଳସୀ ଦାସଙ୍କ ସମେତ ଚାନ୍ଦଗୋଛି ଓ ଝାଟିଆ ଗ୍ରାମବାସୀ ମେଳା ପରିଚାଳନାରେ ସହଯୋଗ କରିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ମାନସ ଦାସ, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଶ୍ୟାମସୁନ୍ଦରପୁର ସମିତି ସଭ୍ୟ ରବିନ୍ଦ୍ର ମହାନ୍ତି ପ୍ରମୁଖ ମେଳା ପରିଦର୍ଶନ କରିଥିଲେ।

ବାବା ବାଲୁଙ୍କେଶ୍ୱର ବାରିଙ୍ଗିଆ ମହୋତ୍ସବ ଉଦ୍‌ଯାପିତ

ଦର୍ଶକଙ୍କ ମନ ମୋହିଲେ ଏସ୍ ଜିତୁ ଓ ରଶ୍ମିତା

ଖଇରା,୧୪।୨ (ସମିସ)

ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଡା ପଞ୍ଚାୟତ ଅଧୀନ ବାରିଙ୍ଗିଆଠାରେ ୬ଦିନ ଧରି ଚାଲିଥିବା ବାବା ବାଲୁଙ୍କେଶ୍ୱର ବାରିଙ୍ଗିଆ ମହୋତ୍ସବ ଶନିବାର ସନ୍ଧ୍ୟାରେ ମନଛୁଆଁ ନୃତ୍ୟସଙ୍ଗୀତ ର ତାଳେ ତାଳେ ଉଦଯାପିତ ହୋଇ ଯାଇଛି। ପ୍ରାରମ୍ଭରେ ସ୍ଥାନୀୟ କଳାକାର ଓ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପ୍ରେରିତ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଖଇରା ସିମୁଳିଆରେ ମହୋତ୍ସବ ମଣିଷ ଭାବେ ପରିଚିତ ଶଶିକୁମାର ସାହୁ ମୁଖ୍ୟଅତିଥି, ଖଇରା ସାମ୍ବାଦିକ ସଂଘର ସଭାପତି ଉତ୍କଳବନ୍ଧୁ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ



ଦେଇଥିଲେ। ମହୋତ୍ସବ କମିଟିର ସଭାପତି ବିଭୁତି ଭୂଷଣ ମାହାନା, ବାଲୁଙ୍କେଶ୍ୱର ଟ୍ରଷ୍ଟ ଅଧକ୍ଷ ଶରତ କୁମାର ଜେନା ଓ ସମ୍ପାଦିକା ମିତା ସେଠୀ, ବରିଷ୍ଠ କର୍ମକର୍ତ୍ତା ଡମ୍ବରୁଧର ଦାସ ଓ ଉତ୍ତମ ଗିରି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଆରପି ଶୁଭଲକ୍ଷ୍ମୀ ବାରିକ, ଗାୟିକା ମନସ୍ୱିନୀ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅନାମ ଚରଣ ପଣ୍ଡା ଓ ସଞ୍ଜୟ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସାମ୍ବାଦିକ ଗୟାଧର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଏସ ଜିତୁ ଓ ରଶ୍ମିତାଙ୍କ ସୁମଧୁର ସଙ୍ଗିତ ଦର୍ଶକଙ୍କ ମନ ଛୁଇଁଥିଲା। କମିଟିର ସମସ୍ତ ସଦସ୍ୟ ୬ଦିନିଆ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ଦ୍ୟୁତିକୃଷ୍ଣ ସ୍ମାରକୀ ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ

ରାଜଘାଟ, ୧୪।୨ (ସମିସ): ବସ୍ତା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ଯୁବକଂଗ୍ରେସର ଉପସଭାପତି ମୁଳିଦାର ଉଦୀୟମାନ ଯୁବକ ସ୍ୱର୍ଗତ ଦ୍ୟୁତି କୃଷ୍ଣ ଦାସ ମହାପାତ୍ର ସ୍ମାରକୀ ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ମୁଳିଦା ଗାଁର ଯୁବକ ମାନଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ବିଭିନ୍ନ ଟିମ୍ ଏଥିରେ ଅଂଶ ଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ସୁଧାଂଶୁ ଶେଖର ଜେନା, ଅବସରପ୍ରାପ୍ତ ଶିକ୍ଷକ ଅଶୋକ ଦାସ ମହାପାତ୍ର, ଯୁବ ନେତା ସୁଶାନ୍ତ ପରିଡ଼ା, ବ୍ରଜେନ୍ଦ ଗିରି ଯୋଗ ଦେଇ ଉଦଘାଟନ କରିଥିଲେ। ଦ୍ୟୁତିକୃଷ୍ଣ (ପିଙ୍କୁ) ସ୍ମୃତି ସମ୍ମାନ ରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିବାରୁ ଆୟୋଜକ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ଲୁଟିନେଲେ ୧୦ଲକ୍ଷ ଟଙ୍କା ଓ ଅଳଙ୍କାର

ଖଇରା,୧୪।୨ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ସାରଡାଙ୍ଗ ପଞ୍ଚାୟତ ଅଧୀନ ଆମ୍ବଗଡିଆ ଗ୍ରାମର ବଂଶୀଧର ମାଝୀଙ୍କ ଘରୁ ଶୁକ୍ରବାର ରାତିରେ ବଡ ଧରଣର ଚୋରି ହୋଇ ଯାଇଥିବା ନେଇ ଅଭିଯୋଗ ହୋଇଛି। ବଂଶୀଧର ଏବେ କଟକ ବଡମେଡିକାଲରେ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଭଲମନ୍ଦ ବୁଝିବାକୁ ତାଙ୍କ ଝିଅ ପାଖରେ ରହିଛନ୍ତି। ଏବେ ଘରେ ତାଲା ପଡିଥିବା ବେଳେ ଏହି ସୁଯୋଗର ଚୋର ମାନେ ଶୁକ୍ରବାର ରାତିରେ ଘରତାଲା ଭାଙ୍ଗି ନଗଦ ୧୦ଲକ୍ଷ ଟଙ୍କା ସହିତ ସମସ୍ତ ଅଳଙ୍କାର ଲୁଟି ନେଇଥିବା ଝିଅ ଆରତୀ ମାଝୀ ଖଇରା ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗର ୮ଘଣ୍ଟା ପରେ ଖଇରା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତବେ ଏଭଳି ବିଳମ୍ବକୁ ନେଇ ଆମ୍ବଗଡିଆବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।



ନିବେଶ ଆଳରେ ୮୧ ଲକ୍ଷ ଠକେଇ

ଭୋପାଳରୁ ମ୍ୟୁଲ୍ ଆକାଉଣ୍ଟଧାରୀ ଗିରଫ

ଭୁବନେଶ୍ୱର, ୧୪।୨ (ସମିସ): ନିବେଶ ଆଳରେ ବରିଷ୍ଠ ନାଗରିକଙ୍କୁ ଠକେଇ ଘଟଣାରେ ଭୋପାଳରୁ ମ୍ୟୁଲ୍ ଆକାଉଣ୍ଟଧାରୀକୁ ଗିରଫ କରିଛି ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭୋପାଳ ଅରେରା ଥାନା ବଲ୍ଲଭ ନଗରର ଆକାଶ କୌଶିକ (୨୫)।

୧୦ ରାଜ୍ୟରୁ ଠକିଛନ୍ତି ଟଙ୍କା

ପୁଲିସ ସୂଚନାନୁସାରେ, କିଛିମାସ ପୂର୍ବେ ଜଣେ ଅଜଣା ବ୍ୟକ୍ତି ନୂଆପଲ୍ଲୀ ଏକାମ୍ର ଭିଲ୍ଲା ଛକ ଅଞ୍ଚଳର ନିରଞ୍ଜନ ବୋଇତାଇଙ୍କୁ ଏକ ହ୍ୱାଟ୍ସଆପ ଗ୍ରୁପରେ ସାମିଲ କରି ଦେଇଥିଲା। ସେଠାରେ ଗ୍ରୁପ୍ ଆଡମିନ୍ ନିଜକୁ ସେୟାର ମାର୍କେଟ ବିଶେଷଜ୍ଞ ବୋଲି ପରିଚୟ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲା। ନିରଞ୍ଜନ ସାଇବର ଠକଙ୍କ ଚାଲ୍ ବୁଝି ନ ପାରି ସେ କହିବା ଅନୁସାରେ ମାଭରିକ୍ କ୍ୟାପ୍ ନାମକ ଆପ୍ ଇନଷ୍ଟଲ୍ କରିଥିଲେ। ସେହି ଆପ୍ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ୮୧ ଲକ୍ଷ ୩୦ ହଜାର ଟଙ୍କା ସେୟାର ମାର୍କେଟରେ ନିବେଶ କରିଥିଲେ। ଏମିତି କିଛିଦିନ ଯିବା ପରେ ନିବେଶ ଟଙ୍କା ବ୍ୟାଙ୍କ୍ ଆକାଉଣ୍ଟକୁ ଫେରାଇ ଆଣିବା ପାଇଁ ସାଇବର ଠକଙ୍କୁ କହିଥିଲେ। ହେଲେ ସେମାନେ ଆଜିକାଲି କହି ଦିନ ଗଡ଼ାଇବା ସହ ଶେଷରେ ମାଭରିକ୍ କ୍ୟାପ୍ ଆପ୍ଲିକେସନ ବ୍ଲକ କରି ଦେଇଥିଲେ। ଏନେଇ ନିରଞ୍ଜନ ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା।



ନିରଞ୍ଜନଙ୍କ ଠାରୁ ବ୍ୟାଙ୍କ୍ ନେଣଦେଣର ତଥ୍ୟ, ହ୍ୱାଟ୍ସଆପ ଚାଟ୍ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଥିଲା। ମୋଟ ୮୧ ଲକ୍ଷ ଟଙ୍କା ଠକେଇ ହୋଇଥିବା ବେଳେ ସେଥିରୁ ୧୩ ଲକ୍ଷ ଟଙ୍କା ଏଏସ୍ ଟ୍ରେଡର୍ସ ନାମକ ଏକ କମ୍ପାନୀର ବ୍ୟାଙ୍କ୍ ଆକାଉଣ୍ଟକୁ ଯାଇଥିବା ପୁଲିସ ଜାଣିବାକୁ ପାଇଥିଲା। ଆକାଶ କୌଶିକ ଓ ସୁଜିତ୍ ରାଇକ୍ୱାରର ମାଲିକାନାରେ ଥିବା ଜାଣିବା ପରେ ଖୋଳତାଡ଼ କରିଥିଲା। ଆକାଶ ଘର ଭୋପାଳରେ ହୋଇଥିବା ଜାଣି ସାଇବର ଥାନା ପୁଲିସ ସେଠାରେ ଡେରା ପକାଇଥିଲା। ସ୍ଥାନୀୟ ଅରେରା ଥାନା ସହାୟତାରେ ବଲ୍ଲଭ ନଗରରୁ ଆକାଶକୁ ଗିରଫ କରିଥିଲା।

ଆକାଶ ଠାରୁ ଆଇଫୋନ ସମେତ ୨ଟି ମୋବାଇଲ, ଆଧାର କାର୍ଡ ଓ ପ୍ୟାନ କାର୍ଡ ଜବତ କରିଥିଲା। ଆକାଶ ଓ ସୁଜିତ ମାଲିକାନାରେ ଥିବା ଏଏସ୍ ଟ୍ରେଡର୍ସର ବ୍ୟାଙ୍କ୍ ଆକାଉଣ୍ଟଟି ଅନ୍ୟ ସାଇବର ଠକେଇ ମାମଲାରେ ସମ୍ପୃକ୍ତ ଥିବା ତଦନ୍ତ ବେଳେ ଜଣାପଡ଼ିଛି। ଦିଲ୍ଲୀ, ତାମିଲନାଡୁ, ହରିୟାଣା, ବିହାର, କର୍ଣ୍ଣାଟକ, ଗୁଜରାଟ, ରାଜସ୍ଥାନ, କେରଳ, ମହାରାଷ୍ଟ୍ର ଓ ତେଲେଙ୍ଗାନାରେ ହୋଇଥିବା ୨୮ଟି ସାଇବର ଠକେଇ ମାମଲାରେ ଏହି ବ୍ୟାଙ୍କ ଆକାଉଣ୍ଟର ସମ୍ପୃକ୍ତି ଥିବା କଥା ସାମ୍ନାକୁ ଆସିଛି। ସମୀର ଖାନ୍ ନାମକ ଜଣେ ଏଜେଣ୍ଟ ଆକାଶ ଓ ସୁଜିତ ଠାରୁ ବ୍ୟକ୍ତିଗତ ପରିଚୟପତ୍ର ନେଇ ଏଏସ୍ ଟ୍ରେଡର୍ସ ନାମରେ ଏକ କମ୍ପାନୀ ଓ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିଥିଲା। ଉକ୍ତ ଆକାଉଣ୍ଟ ମାଧ୍ୟମରେ ସାଇବର ଠକେଇ ଟଙ୍କା ଗ୍ରହଣ କରୁଥିବା ବେଳେ ଆକାଶ ଓ ସୁଜିତ କମିସନ ପାଉଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।

ଓପିଜିସି ଟେଣ୍ଡର ଆଳରେ ୧୯ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ

ଭୁବନେଶ୍ୱର, ୧୪।୨ (ସମିସ): ଓପିଜିସି ଟେଣ୍ଡର ଆଳରେ ୧୯ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ଓପିଜିସି କ୍ୟାମ୍ପସରେ ରହୁଥିବା ବଲାଙ୍ଗୀର ମଲାପଡ଼ାର ଓଁକାର ପଟ୍ଟନାୟକ (୪୪)। ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ଓଁକାରର ଭାଇ ଜ୍ୟୋତିରଞ୍ଜନ ପଟ୍ଟନାୟକ ଫେରାର ରହିଛି। ପୁଲିସ ସୂଚନା ମୁତାବକ, ଓଁକାର ଓ ଜ୍ୟୋତିରଞ୍ଜନ ୨୦୨୩ ମସିହାରେ ଟଙ୍କପାଣି ରୋଡ ଗତିକୃଷ୍ଣ ଲଗୁନ୍ ଆପାର୍ଟମେଣ୍ଟରେ ରହୁଥିବା ଅସୀମ ଦାସଙ୍କ ପାଖକୁ ଆସିଥିଲେ। ଓପିଜିସି ଟେଣ୍ଡର କାମରେ ନିବେଶ କରିଲେ ଭଲ ଲାଭ ମିଳିବ ବୋଲି ପ୍ରବର୍ତ୍ତାଇଥିଲେ। ଅସୀମ, ତାଙ୍କ ଭାଇ ଅମ୍ଲାନ ଓ ସମ୍ପର୍କୀୟ ମିଶି ଓଁକାର ଓ ଜ୍ୟୋତିରଞ୍ଜନଙ୍କୁ ୧୮ ଲକ୍ଷ ୯୦ ହଜାର ଟଙ୍କା ଦେଇଥିଲେ। ଟଙ୍କା ଫେରସ୍ତ ମାଗିବାରୁ ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ଅସୀମଙ୍କ ପତ୍ନୀ ଜୟଦର୍ଶିନୀ ବୈଠାରୁ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର ଆପୋଲୋ ହସ୍ପିଟାଲ ନିକଟରେ ଚଢ଼ଉ କରି ଓଁକାରକୁ ଗିରଫ କରିଛି। ଅଭିଯୁକ୍ତମାନେ ସମାନ କଥା କହି ଅନେକ ଲୋକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ତଦନ୍ତ ବେଳେ ଜଣାପଡ଼ିଛି।



ଆଉ ଜଣେ ଭାଇ ଫେରାର

ଚାକିରି ଦେବା ଆଳରେ ଠକେଇ; ମହିଳା ସ୍ୱେଚ୍ଛାସେବୀ ଗିରଫ



ଭୁବନେଶ୍ୱର, ୧୪।୨(ସମିସ): ଲୋକ ସମ୍ପର୍କ ବିଭାଗରେ ପୁଅକୁ ଲୋକ ସମ୍ପର୍କ ଅଧିକାରୀ ଭାବେ ଚାକିରି କରାଇଦେବାକୁ କହି ଅବସରପ୍ରାପ୍ତ ଶିକ୍ଷକଙ୍କ ଠାରୁ ୨୨ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗରେ ଗିରଫ ହେଲେ ସ୍ୱେଚ୍ଛାସେବୀ ସୁରେଶ୍ୱରୀ ସାଗରିକା ଜେନା। ତାଙ୍କ ଘର କେନ୍ଦୁଝର ଜିଲ୍ଲା ନନ୍ଦୀପଦା ଥାନା ଅଞ୍ଚଳରେ ହୋଇଥିବା ବେଳେ ବର୍ତ୍ତମାନ ସେ ଖଣ୍ଡଗିରି ଥାନା ଅନ୍ତର୍ଗତ କିଷ୍ଣା ପ୍ଲାଜାର ଫ୍ଲାଟ ନଂ ୪୦୨ରେ ରହୁଥିବା ଜଣାପଡ଼ିଛି। ଏନେଇ ନୃସିହ ଚରଣ ପଣ୍ଡା ନାମକ ଜଣେ ଅବସରପ୍ରାପ୍ତ ଶିକ୍ଷକ ଖଣ୍ଡଗିରି ଥାନାରେ ୨୦୨୫ ମସିହା ଜୁଲାଇ ୧୦ ତାରିଖରେ ଅଭିଯୋଗ କରିଥିଲେ। ପୁଲିସ ସୂଚନା ମୁତାବକ, ୨୦୨୨ ମସିହାରେ ଓପିଏସ୍‌ସି ପକ୍ଷରୁ ଏସଂକ୍ରାନ୍ତ ନିଯୁକ୍ତି ପ୍ରକାଶ ପାଇଥିଲା। ଚାକିରି କରାଇଦେବାକୁ କହି ସୁରେଶ୍ୱରୀ ୨ଟି ପର୍ଯ୍ୟରେ ୨୧ ଲକ୍ଷ ୩୦ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ପୁଅ ପରୀକ୍ଷାରେ କୃତକାର୍ଯ୍ୟ ନ ହେବାରୁ ସେ ଏନେଇ ସୁରେଶ୍ୱରୀଙ୍କୁ କହିବା ସହ ଦେଇଥିବା ଟଙ୍କାକୁ ଫେରସ୍ତ କରିବାକୁ ଦାବି କରିଥିଲେ। ହେଲେ ସୁରେଶ୍ୱରୀ ଶିକ୍ଷକଙ୍କୁ ଟଙ୍କା ଫେରସ୍ତ କରି ନ ଥିଲେ। କିମ୍ବା ତାଙ୍କ ସହ ଯୋଗାଯୋଗ ରକ୍ଷା କରି ନ ଥିଲେ। ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସମାଜସେବୀଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି।

● ରାଜଧାନୀରେ ସିନ୍ଧି ଚୋରଙ୍କ ଆତଙ୍କ

ବରମୁଣ୍ଡା ପରେ ରଣସିଂହପୁରରେ ମାତିଲେ

ଭୁବନେଶ୍ୱର, ୧୪।୨ (ସମିସ): ରାଜଧାନୀରେ ପୁଣି ଆତଙ୍କ ଖେଳାଇଛନ୍ତି ସିନ୍ଧି ଚୋର। ନିକଟରେ ବରମୁଣ୍ଡାରୁ ସୁନାଗହଣା ଲୁଟିଥିବା ବେଳେ ଏବେ ରଣସିଂହପୁରରେ କଳାକନା ବୁଲାଇଛନ୍ତି। ଏନେଇ ମାନବେନ୍ଦ୍ର ନାରାୟଣ ବିଷୋୟୀ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମାନବେନ୍ଦ୍ର ଓ ତାଙ୍କ ପରିବାର ରଣସିଂହପୁର ସ୍ଥିତ ପ୍ଲଟ୍ ନଂ ୨୦୪/୮୯୮ ରେ ରୁହନ୍ତି। ଗତ ୮ ତାରିଖରେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ସପରିବାର ପୁରୀ ଯାଇଥିଲେ। ଏହାର ସୁଯୋଗ ନେଇ ଘରେ ପଶି ଆଲମାରି ଭାଙ୍ଗି ଦେଇଥିଲା ଲୁଟେରା। ସେଥିରେ ଥିବା ଗୋଟିଏ ସୁନା ହାର, ୨ଟି ସୁନା ଚେନ, ଗୋଟିଏ ସୁନା ମଙ୍ଗଳସୂତ୍ର, ସୁନା କାନଫୁଲ ୫ ହଳ, ୩ଟି ସୁନା ମୁଦି, ପିଲାଙ୍କ ସୁନା ଚେନ, ଲକେଟ୍ ଓ ୨୦ ହଜାର ଟଙ୍କା ଚୋରି କରି ନେଇଥିଲା। ପରଦିନ ସକାଳୁ ଘରକୁ ଫେରିବା ବେଳକୁ ତାଲା ଭଙ୍ଗା ହୋଇଥିଲା। ଘରର ଆସବାବପତ୍ର ଖେଳେଇ ହୋଇ ପଡ଼ିଥିଲା। ଆଉ ଆଲମାରି ଦେଖିବା ବେଳକୁ ସବୁ ସୁନାଗହଣା ଚୋରି ହୋଇ ଯାଇଥିଲା। ଚୋର ଆସିବାର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ଜଣେ ଦୁର୍ବୃତ୍ତ ଆସି ଘର ଭିତରୁ ସୁନାଗହଣା ଚୋରି କରି ନେଉଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ମାନବେନ୍ଦ୍ର ଏନେଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୮୧ ଗ୍ରାମ ଓଜନର ବା ୧୨ ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

ତାଲା ଭାଙ୍ଗି ସରକାରୀ କ୍ୱାର୍ଟର୍ସରୁ ଚୋରି; ଦୁଇ ଗିରଫ

ଭୁବନେଶ୍ୱର, ୧୪।୨(ସମିସ): ତାଲା ଭାଙ୍ଗି ସରକାରୀ କ୍ୱାର୍ଟର୍ସରୁ ଚୋରି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବଡ଼ଗଡ଼ ଶବର ସାହି ବସ୍ତିରେ ରହୁଥିବା ବଟକୃଷ୍ଣ ସ୍ୱାଇଁ (୩୨) ଓ ୟୁନିଟ୍ ୨ ଅଞ୍ଚଳରେ ରହୁଥିବା ବାଦଲ ବେହେରା (୨୫)। ଘଟଣାରେ ସମ୍ପୃକ୍ତ ପପୁନି ଓ ଟିମ ଫେରାର ରହିଛନ୍ତି।

ପୁଲିସ ସୂଚନା ଅନୁସାରେ, ଗତ ଗୁରୁବାର ସକାଳେ ୟୁନିଟ୍ ୨ ଅଞ୍ଚଳର ସରକାରୀ କ୍ୱାର୍ଟର୍ସରେ ରହୁଥିବା ଓକାକର କର୍ମଚାରୀ ଏନ୍ ତୁଳସୀ ରେଡ୍ଡୀ ଘରେ ତାଲା ପକାଇ ଅଫିସ୍ ଯାଇଥିଲେ। ସେହି ସମୟରେ ବଟକୃଷ୍ଣ, ବାଦଲ, ପପୁନି ଓ ଟିମା ମିଶି ତାଙ୍କ କବାଟ ତାଲା ଭାଙ୍ଗି ଘରେ ପଶିଥିଲେ। ଆଲମାରିରେ ଥିବା ୩ ହଳ ସୁନା କାନଫୁଲ, ଗୋଟିଏ ସୁନା ଲକେଟ୍, ଗୋଟିଏ ଆଇଫୋନ ଓ ୪ ଲକ୍ଷ ଟଙ୍କା ଚୋରି କରି ନେଇଥିଲେ। ତୁଳସୀ ଘରକୁ ଫେରିବା ବେଳକୁ ଆସବାବପତ୍ର ଏଣେତେଣେ ପଡ଼ିଥିବା ବେଳେ ଆଲମାରି ଭଙ୍ଗା ହୋଇଥିବା ଦେଖିଥିଲେ। ଆଲମାରି ଭିତରେ ଥିବା ସୁନାଗହଣା ଓ ନଗଦ ୪ ଲକ୍ଷ ଟଙ୍କା ଚୋରି ହୋଇଥିବା ଜାଣି କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ପୁଲିସ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ପ୍ରଥମେ ବାଦଲକୁ ଉଠାଇ ଆଣିଥିଲା। ତା' ଠାରୁ ସୂଚନା ପାଇ ବଟକୃଷ୍ଣଙ୍କୁ ଗିରଫ କରିଥିଲା। ଦୁଇ ଜଣଙ୍କ ଠାରୁ ୮୨ ହଜାର ୮୦୦ ଟଙ୍କା, ସ୍କ୍ରୁ ଡ୍ରାଇଭର, କଟର୍ ମେସିନ୍ ଜବତ କରିଥିଲା। ପୂର୍ବରୁ ବାଦଲ ନାମରେ କ୍ୟାପିଟାଲ ଥାନାରେ ଓ ବଟକୃଷ୍ଣ ନାମରେ ଖାରବେଳ ନଗର ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

ଦୋକାନ ଡ୍ର'ରୁ ଟଙ୍କା ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୧୪।୨ (ସମିସ): ଦୋକାନ ଡ୍ର'ରୁ ଟଙ୍କା ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେଦାରପଲ୍ଲୀ ବସ୍ତିର ବସନ୍ତ ନାୟକ ଓରଫ୍ ବାସୁ (୨୭)।

ପୁଲିସ ସୂଚନାନୁଯାୟୀ, ବାପୁଜୀ ନଗରର ତେଜରାତି ଦୋକାନ କରିଥିବା ଶ୍ୱେତ ବସନ୍ତ ପଣ୍ଡା ଗତକାଲି ସକାଳେ ଦୋକାନ ଖୋଲିଥିଲେ। ଦିନ ପ୍ରାୟ ୧୧ଟା ବେଳକୁ ସେ ପାଣି ପିଇବା ପାଇଁ ଦୋକାନ ଭିତରକୁ ଯାଇଥିବା ବେଳେ ବାସୁ ଖୋଲାଥିବା ଡ୍ର'ରୁ ୧୦ ହଜାର ଟଙ୍କା ଚୋରିକରି ନେଇଥିଲା। ବାସୁ ହିଁ ଟଙ୍କା ଚୋରି କରିଥିବା ଜାଣି ଦୋକାନର ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରିଥିଲେ। ଏନେଇ ଶ୍ରୀ ପଣ୍ଡା କ୍ୟାପିଟାଲ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର ବାସୁଙ୍କୁ ଗିରଫ କରିବା ସହ ତା' ଠାରୁ ୩୨୭୦ ଟଙ୍କା ଜବତ କରିଥିଲା। ଅବଶିଷ୍ଟ ଟଙ୍କା ଖର୍ଚ୍ଚ ସେ କରିଦେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ବାସୁ ନାମରେ ପୂର୍ବରୁ ଶ୍ରୀ ଲିଙ୍ଗରାଜ ଓ କ୍ୟାପିଟାଲ୍ ଥାନାରେ ଡକାୟତି, ଘର ଭଙ୍ଗା ଓ ଚୋରି ସମ୍ପର୍କିତ ୫ ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

ରାଜଧାନୀରେ ପୁଣି ଛାତିଥରା ଦୁର୍ଘଟଣା

ଡାଲା ଅଟୋକୁ ଧକ୍କାଦେଲା ଟ୍ରାଭେଲର୍

ଭୁବନେଶ୍ୱର, ୧୪।୨(ସମିସ): ରାଜଧାନୀରେ ପୁଣି ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଶନିବାର ଏକ ବ୍ୟାଟେରୀ ଚାଳିତ ଡାଲା ଅଟୋକୁ ସାମ୍ନାରୁ ଟ୍ରାଭେଲର ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ବଡ଼ଗଡ଼ ବ୍ରିଟ୍ କଲୋନୀ ମୁଖ୍ୟରାସ୍ତାରେ ଶନିବାର ସକାଳ ସମୟରେ ଏହି ଦୁର୍ଘଟଣା

ହୋମ୍‌ଗାର୍ଡଙ୍କ ସମେତ ୪ ଆହତ

ଘଟିଛି। ଏଥିରେ ଜଣେ ହୋମଗାର୍ଡଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଯାହା ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହି ଦୁର୍ଘଟଣା କେତେ ଯେ ଭୟଙ୍କର ଥିଲା ତାହା ଭିଡିଓରୁ ସ୍ପଷ୍ଟ ଦେଖିବାକୁ ମିଳିଛି। ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରି ବଡ଼ଗଡ଼ ଥାନାକୁ ନେଇଛି। ଅଟୋଟି ଭାଙ୍ଗିରୁଜି ଚେପା ହୋଇଯାଇଥିବା ବେଳେ ଟ୍ରାଭେଲର ସାମ୍ନାପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ଡ୍ରାଇଭର ଜଣକ ମଦ୍ୟପାନ କରି ଦୁର୍ଘଟଣା ଘଟାଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ନିରଞ୍ଜନ ବେହେରା। ତାଙ୍କୁ ପୁଲିସ ଟିମ୍ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ଅଟୋ ଚାଳକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ହୋମଗାର୍ଡ ଚା ପିଉଥିବାବେଳେ ଦୁର୍ଘଟଣା ହୋଇଥିଲା। ସେ ରାସ୍ତାରେ ଠିଆ ହୋଇ ଚା' ପିଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁ ଭୁବନେଶ୍ୱର ଟ୍ରାଫିକ ଥାନା-୨ରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିପଦ ଥିବା ଜଣାପଡ଼ିଛି।

ଦ୍ରୁତଗତିରେ ମାଡ଼ିଆସିଲା ଟ୍ରାଭେଲର। ଡାଲା



ଅଟୋରେ ପାଉଁରୁଟି ସମେତ ଅନ୍ୟାନ୍ୟ ସ୍ନାକ୍ସ ସାମଗ୍ରୀ ଥିଲା। ସକାଳ ପ୍ରାୟ ୮ଟା ୩୨ ବେଳେ ଡ୍ରାଇଭର ଉକ୍ତ ଅଟୋକୁ ଚାରିଛକ ପାଖରୁ ବରଗଡ଼ ବ୍ରିଟ୍ କଲୋନୀ ରାସ୍ତା ଦେଇ କଳ୍ପନା ଅଭିମୁଖେ ନେଉଥିଲେ। ଟ୍ରାଭେଲରେ କୌଣସି ଯାତ୍ରୀ ନ ଥିଲେ। ଡ୍ରାଇଭର ଗାଡ଼ିକୁ କଳ୍ପନା ପଟରୁ ଚାରିଛକ ଆଡ଼କୁ ନେଉଥିଲେ। ମା ସୁରାଦେଇ ଭେରାଇଟି ଷ୍ଟୋର ଏବଂ ଟିଫିନ ସେଣ୍ଟର ପାଖରେ ଟ୍ରାଭେଲରଟି ଅଟୋକୁ ଶକ୍ତ ଧକ୍କା ଦେଇଥିଲା। ଟ୍ରାଭେଲରର ବେଗ ଏତେ ତୀବ୍ର ଥିଲା ଯେ ଧକ୍କା ଖାଇ ଅଟୋଟି ପଛକୁ ଠେଲି ହୋଇ ଗଡ଼ି ପଡ଼ିଥିଲା। ଅଟୋ ଡାଲା ବାଜି ହୋମଗାର୍ଡ ଏବଂ ଅନ୍ୟମାନେ ଆହତ ହୋଇଥିଲେ। ଦୁର୍ଘଟଣାସ୍ଥଳରେ ପାଉଁରୁଟି ଆଦି ବିଛାଇ ହୋଇ ପଡ଼ିବା ସହ କାଚ ଭାଙ୍ଗି ରାସ୍ତାରେ ପଡ଼ିଥିଲା। ଟ୍ରାଭେଲର ଡ୍ରାଇଭର ନିଶାସକ୍ତ ଥିଲେ, ମୁଁ ଅଳ୍ପକେ ବର୍ତ୍ତିଗଲି ବୋଲି ପ୍ରତ୍ୟକ୍ଷଦର୍ଶୀ ଭଗବାନ ବେହେରା କହିଛନ୍ତି। ଚା ପିଉଥିବା ବେଳେ ଏହି ଦୁର୍ଘଟଣା ଘଟିଲା। ଟ୍ରାଭେଲର ଡ୍ରାଇଭର ପ୍ରବଳ ମଦ୍ୟପାନ କରିଥିଲେ। ଦୁର୍ଘଟଣାସ୍ଥଳରୁ ସାମାନ୍ୟ ଦୂରରେ ଛିଡା ହୋଇଥିବାରୁ ମୁଁ ଅଳ୍ପକେ ବର୍ତ୍ତିଯାଇଥିଲି। ଚା ଦୋକାନୀ ହେମନ୍ତ କୁମାର ସାହୁଙ୍କ କିଛି ସାମଗ୍ରୀ ମଧ୍ୟ ନଷ୍ଟ ହୋଇଥିବା ଭଗବାନ କହିଛନ୍ତି।

ଶିବରାତ୍ରି କଟକଣା

ମନ୍ଦିର ପରିସରକୁ ପ୍ଲାଷ୍ଟିକ୍ ମନା

ଭୁବନେଶ୍ୱର, ୧୪।୨(ସମିସ): ମହାଶିବରାତ୍ରି ପାଇଁ ଗାଁରୁ ସହର ସବୁଠି ଉତ୍ସବ ମୁଖର। ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ମନ୍ଦିର ପରିସରକୁ କେହି ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍‌ରେ ଭୋଗ ଓ ପୂଜା ସାମଗ୍ରୀ, ପ୍ରସାଦସେବନ ତଥା ଖାଦ୍ୟ ସାମଗ୍ରୀ ନେବାକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ଲାଗି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ପରିବେଶ ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଏବଂ ପରବର୍ତ୍ତୀ ସଂଶୋଧିତ ନିୟମ ଆଧାରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ ହୋଇଛି। ପ୍ଲାଷ୍ଟିକ୍, ପଲିଥିନ୍ ପରି ଅଳିଆ ଆବର୍ଜନା ଯୋଗୁଁ ହେଉଥିବା ପ୍ରଦୂଷଣ ହ୍ରାସ ଏବଂ ଜନସାଧାରଣଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ଏସ୍‌ପିସିବି ପକ୍ଷରୁ କୁହାଯାଇଛି। ଏଥିସହ ଭକ୍ତ, ପୂଜା ସାମଗ୍ରୀ ବିକ୍ରୟ ବ୍ୟବସାୟୀ, ମନ୍ଦିର ପରିଚାଳନା କମିଟି ପାଇଁ ମଧ୍ୟ ନିର୍ଦ୍ଦେଶାବଳୀ ଜାରି ହୋଇଛି। ମନ୍ଦିରକୁ ପୂଜାପ୍ରସାଦ ନେବା ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ବ୍ୟବହାର କରିପାରିବେ। ବ୍ୟବସାୟୀମାନେ ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରେ ପଲିଥିନ୍, ପ୍ଲାଷ୍ଟିକ୍‌ରେ ସାମଗ୍ରୀ ବିକ୍ରୟ କରିବେ ନାହିଁ। ତା' ବଦଳରେ ପତ୍ର, ବାଉଁଶ ଟୋକେଇରେ ପୂଜା ସାମଗ୍ରୀ ଓ ପ୍ରସାଦ କ୍ରୟ ବିକ୍ରୟ କରିବାକୁ ପରାମର୍ଶ ଦିଆଯାଇଛି। ସ୍ୱଚ୍ଛ ପରିବେଶ ରଖିବା ଦିଗରେ ମନ୍ଦିର ପ୍ରଶାସନର ପ୍ରମୁଖ ଭୂମିକା ରହିଛି। ତେଣୁ ମନ୍ଦିର ପ୍ରଶାସନ ପକ୍ଷରୁ ପୂଜା ସାମଗ୍ରୀ ବିକ୍ରି କରିବାକୁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ଉପଲବ୍ଧ କରାଇବେ। ଶୁଖିଲା ଅଳିଆ ଓ ଓଦା ଅଳିଆ ସଂଗ୍ରହ ପାଇଁ ପୃଥକ ରଙ୍ଗିନ ଡଷ୍ଟବିନ୍ ଉପଲବ୍ଧ କରାଇବେ। ପୌରପାଳିକାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଳିଆ ସଂଗ୍ରହକାରୀଙ୍କୁ ମନ୍ଦିରର ସମସ୍ତ ଅଳିଆ ହସ୍ତାନ୍ତର କରିବେ। ପ୍ରସାଦ ତଥା ଖାଦ୍ୟ ପରିବେଷଣ ପାଇଁ ଏକକ ବ୍ୟବହୃତ ପ୍ଲାଷ୍ଟିକ/ଥର୍ମକୋଲ୍ କଟ୍‌ଲେରି ଯଥା କପ୍, ପ୍ଲେଟ୍, ପ୍ଲାଷ୍ଟିକ୍ ଷ୍ଟ୍ର, ଛୁରି, କଣ୍ଟା ଚାମଚ ଓ ୧୨୦ ମାଇକ୍ରୋନ୍‌ରୁ କମ୍ ପ୍ଲାଷ୍ଟିକ୍ କ୍ୟାରି ବ୍ୟାଗ୍ ବ୍ୟବହାର ନକରିବାକୁ ମନ୍ଦିର, ଏହାର ନିକଟବର୍ତ୍ତୀ ହୋଟେଲ, ରେଷ୍ଟୋରାଁ ଓ ସ୍ଥାନୀୟ ବିକ୍ରେତାମାନଙ୍କୁ ନିର୍ଦ୍ଦେଶ ଦେବାକୁ ମନ୍ଦିର ପ୍ରଶାସନକୁ କୁହାଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ଜୈବ ବିଘଟନଯୋଗ୍ୟ କଟ୍‌ଲେରି ଯଥା ପତ୍ର ପ୍ଲେଟ୍, କାଠ ଚାମଚ, କାଗଜ ଷ୍ଟ୍ର, କାଗଜ ପ୍ଲେଟ୍, ଧାତୁ ପ୍ଲେଟ୍ କିମ୍ବା କମ୍ପୋଷ୍ଟେବଲ୍ ପ୍ଲାଷ୍ଟିକ୍‌ରେ ତିଆରି କଟ୍‌ଲେରି ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ କରାଇବେ। ମନ୍ଦିର ପରିସରରେ ଥିବା ପୋଖରୀ କିମ୍ବା ଜଳାଶୟରେ ଭକ୍ତଙ୍କ ଦ୍ୱାରା ନୈବେଦ୍ୟ ବିସର୍ଜନ ନିମନ୍ତେ ଏକ ଆବଦ୍ଧ ଅଞ୍ଚଳ ଚିହ୍ନଟ କରିବେ। ଏହାଦ୍ୱାରା ବିସର୍ଜନ ସାମଗ୍ରୀଗୁଡ଼ିକୁ ପରବର୍ତ୍ତୀ ସମୟରେ ସହଜରେ ନିଷ୍କାସନ କରାଯାଇପାରିବ। ପୂଜା ପରବର୍ତ୍ତୀ ବଳକା ଅଳିଆଗୁଡ଼ିକୁ ଉପଯୁକ୍ତ ଡବା ଓ ପୋଖରୀର ଆବଦ୍ଧ ଅଞ୍ଚଳରେ ବିସର୍ଜନ କରିବାକୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ମନ୍ଦିର ପରିସରକୁ ସ୍ୱଚ୍ଛ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ମୁକ୍ତ ରଖିବା ଦିଗରେ ସମସ୍ତଙ୍କ ସହଯୋଗ ଏକାନ୍ତ ଲୋଡ଼ା ବୋଲି ଏସ୍‌ପିସିବିର ଜଣେ ଅଧିକାରୀ କହିଛନ୍ତି।

ଶ୍ରୀଲିଙ୍ଗରାଜ ମନ୍ଦିର ସୁରକ୍ଷା କଡ଼ାକଡ଼ି

ମହାଶିବରାତ୍ରି ପାଇଁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୁଲିସ ଫୋର୍ସ ସହ ଶୃଙ୍ଖଳିତ ଦର୍ଶନ ପାଇଁ ବରିଷ୍ଠ ଅଧିକାରୀଙ୍କୁ ବ୍ରିଫିଂ କରାଯାଇଛି। କେଉଁ ଅଧିକାରୀ କେଉଁଠି ଓ କଣ ଦାୟିତ୍ୱରେ ରହିବେ ସେ ନେଇ ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର ଡ଼ିସିପି ଜଗମୋହନ ମୀନା ଉପସ୍ଥିତ ରହି କେମିତି କାର୍ଯ୍ୟ ପରିଚାଳନା ହେବ ବୁଝାଇଛନ୍ତି। ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ମହା ଶିବରାତ୍ରୀରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନାକୁ ଗୁରୁତ୍ୱ ଦିଆଯାଇଛି। ଶୃଙ୍ଖଳିତ ଟ୍ରାଫିକ୍ ପରିଚାଳନା ଲାଗି କଟକଣା ଜାରି କରାଯାଇଛି। ଗାଡ଼ି ରଖିବା ଲାଗି ମୋଟ ୧୨ଟି ପାର୍କି ସ୍ଥାନ ଚିହ୍ନଟ କରାଯାଇଛି। ଅନୁରୂପ ଭାବେ ସୁରକ୍ଷା ଲାଗି ପର୍ଯ୍ୟାପ୍ତ ପରିମାଣର ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୪୧ପ୍ଲାଟୁନ ଫୋର୍ସ, ୨୫୦ ଅଧିକାରୀ ଓ ଏସ୍ୟୁ ଦଳକୁ ନିୟୋଜିତ କରାଯାଇଛି। ମନ୍ଦିରକୁ ପୂରା ସିସିଟିଭିରେ ଛାଉଣି କରାଯାଇଛି। ସିସିଟିଭି ମନିଟରିଂ ଲାଗି କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପୋଲିସ ଅଧିକାରୀ ମାନେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ କରେଇବା ସହ ଭଲ ବ୍ୟବହାର କରିବେ ସେଥିପ୍ରତି ନଜର ରଖିବା ପାଇଁ ଅଧିକାରଙ୍କୁ ପରାମର୍ଶ ଦେଇଛନ୍ତି। କେଉଁ ଭଳି ଭାବେ ଭିଡ ନିୟନ୍ତ୍ରଣ କରିବେ ଓ କିଛି ଅଘଟଣ ଘଟିବା ପୂର୍ବରୁ ନଜର ରଖିବା ପାଇଁ ଡ଼ିସିପି କହିଛନ୍ତି। ସେବାୟତ ମାନଙ୍କ ପରିବାର ଭିଆଇପି ଗେଟରେ ପ୍ରବେଶ କରି ଦର୍ଶନ କରିବେ। ସୁରକ୍ଷାରେ ୪୧ ପ୍ଲାଟୁନ ପୋଲିସ୍ ଫୋର୍ସ, ୩ ଜଣ ଡିସିପି, ଅତିରିକ୍ତ ସିପି ଓ ଅତିରିକ୍ତ ଡିସିପି ୪ ଜଣ, ଏସିପି ୧୬, ଇନ୍ସପେକ୍ଟର ୩୩, ଏସଆଇ ଓ ଏଏସଆଇ ୧୧୯ ସହ ସାଧା ପୋଷାକରେ ମଧ୍ୟ ପୁଲିସ ଅଫିସର ମୁତୟନ ରହିବେ। ସେପଟେ ନକଲି ପାସ ପ୍ରତି ସାବଧାନ ଚେତାଇ ଛନ୍ତି। ଲୋକେ ମନେ କାହାର କଥାରେ ପଡ଼ି ନକଲି ପାସ ଆଣାନ୍ତୁ ନାହିଁ କି ଠକେଇ ଶିକାର ହୁଅନ୍ତୁ ନାହିଁ ବୋଲି କହିଛନ୍ତି ପୋଲିସ କମିସନର। ବିଭିନ୍ନ ଲୋକ ଏବେ ସୋସିଆଲ ମିଡିଆର କିଛି ବ୍ୟକ୍ତି ନକଲି ପାସ୍ ଦେଉଛନ୍ତି ବୋଲି କିଛି ସେବାୟତ ପୁଲିସ୍ କମିସନରଙ୍କ ପାଖେ ଅଭିଯୋଗ କରିଥିଲେ। ଏନେଇ ସିପି କହିଛନ୍ତି ଯେ ଯଦି କିଛିନକଲି ପାସ୍ ମିଳେ ତାହା ହେଲେ ସେମାନଙ୍କ ପ୍ରତି ଆକ୍ସନ ନିଆଯିବ।

ଶ୍ରୀଲିଙ୍ଗରାଜ ମନ୍ଦିରକୁ ରେଡ୍ ଜୋନ୍ ଘୋଷଣା

ଶ୍ରୀ ଲିଙ୍ଗରାଜ ମନ୍ଦିର ଅଞ୍ଚଳକୁ ବିସିଏଏସ୍ ଦ୍ୱାରା ରେଡ୍ ଜୋନ୍ ଭାବରେ ଘୋଷଣା କରାଯାଇଛି। ଭୁବନେଶ୍ୱର ୟୁପିଡ଼ି ଅଧୀନରେ 'ମହାଶିବରାତ୍ରୀ' ପର୍ବ ପାଳନ କରିବା ପାଇଁ ରବିବାର ଶ୍ରୀଲିଙ୍ଗରାଜ ମନ୍ଦିରରେ ଭକ୍ତମାନଙ୍କର ଏକ ବଡ଼ ସମାଗମ ହେବାର ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିର୍ଦ୍ଦିଷ୍ଟ ଅଞ୍ଚଳରେ ଡ୍ରୋନ୍ କିମ୍ବା ଯେକୌଣସି ମାନବ ବିହୀନ ବାୟୁ ଉପକରଣ ଉଡ଼ାଣକୁ ରୋକିବା ପାଇଁ ସକ୍ଷମ ଅଧିକାରୀଙ୍କ ପୂର୍ବ ଅନୁମତି ବିନା କଡ଼ା ନିଷେଧ କରାଯାଇଛି। ଏହି ପରାମର୍ଶର ଯେକୌଣସି ଉଲ୍ଲଂଘନ ଆଇନର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ରୌପ୍ୟନଗରୀରେ ଶୈବପୀଠ ଚଳଚଞ୍ଚଳ

କଟକ, ୧୪।୨(ସମିସ): ସର୍ବତ୍ର ଶୁଭିବ ଓଁ ନମଃ ଶିବାୟ। ଶିବଙ୍କ ଧ୍ୱନିରେ ପ୍ରକମ୍ପିତ ହେବ ସାରା ସହର। ମହାଶିବରାତ୍ରି ଉପଲକ୍ଷେ ସହରର ବିଭିନ୍ନ ଶୈବପୀଠରେ ପ୍ରବଳ ଭକ୍ତ ସମାଗମ ହବ। ସାଜସଜ୍ଜାରେ ଚମକିବ ସମସ୍ତ ଦେବାଳୟ। ଜାଗର ବା ମହାଶିରାତ୍ରି ଉପଲକ୍ଷେ ଭୋର ସମୟରୁ

■ ଧବଳେଶ୍ୱରରେ ରାତି ୧ଟା, ପରମହଂସରେ ଭୋର୪ଟା ୩୦, ଗଡ଼ଗଡ଼େଶ୍ୱରରେ ରାତି ୧ଟା, ଅମରେଶ୍ୱରରେ ଭୋର ୫ଟାରେ ଉଠିବ ମହାଦୀପ

ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବେ। ଏଥିପାଇଁ କଟକ ଜିଲ୍ଲାରେ ଥିବା ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ଆଜି ସୁଦ୍ଧା ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ରଙ୍ଗବେରଙ୍ଗର ଆଲୋକମାଳାରେ କଟକର ଶୈବପୀଠଗୁଡ଼ିକ ଝଲସୁଛି।

କଟକର ଧବଳେଶ୍ୱର ପୀଠରେ ରାତି୧ଟା, ପରମହଂସରେ ଭୋର ୪ଟା୩୦, ଗଡ଼ଗଡ଼େଶ୍ୱର ରାତି୧ଟା, ଅମରେଶ୍ୱରରେ ଭୋର ୫ଟା, ଅଷ୍ଟଶମ୍ଭୁ ରାତି ୧୨ଟା, ଚହଟେଶ୍ୱରରେ ରାତି ୨ଟା୨୫, କଟକେଶ୍ୱରରେ ରାତି ୧୧ଟା୪୫, ସ୍ୱପ୍ନେଶ୍ୱରରେ ରାତି ୧୧ଟା ୩୦, ରାମେଶ୍ୱରରେ ରାତି ୧୨ଟା୩୦, ବେଲେଶ୍ୱରରେ ଭୋର ୪ଟା, କାମେଶ୍ୱରରେ ରାତି୧୨ଟା୩୦, କେଦାରେଶ୍ୱରରେ ରାତି ୧୨ଟା୩୦, ସିଦ୍ଧେଶ୍ୱରରେ ରାତି ୧୧ଟା୩୦ ଏବଂ ଗତେଶ୍ୱରରେ ୧୨ଟା ୧୫ରେ ମହାଦୀପ ଉଠିବାକୁ ସମୟ ଧାର୍ଯ୍ୟ କରାଯାଇଛି। ଅନ୍ୟପଟେ ଚାନ୍ଦିନୀଚୌକସ୍ଥିତ ଅଷ୍ଟଶମ୍ଭୁ ମହାଦେବଙ୍କ ଶିବରାତ୍ରି ଉପଲକ୍ଷେ ପ୍ରାୟ ଦେଢ଼ କୁଇଣ୍ଟାଲର ପିତ୍ତଳ ମହାଦୀପ ଆଜି ସନ୍ଧ୍ୟାରେ କଟକଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି। ଏହି ମହାଦୀପକୁ ଚାନ୍ଦିନୀଚୌକ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀମାନେ ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ଚଣ୍ଡୀ ମନ୍ଦିରରୁ ବାହାରି ସମଗ୍ର ଅଞ୍ଚଳ ପରିକ୍ରମା କରି ଅଷ୍ଟଶମ୍ଭୁ ମନ୍ଦିରରେ ସ୍ଥାପନ କରାଯାଇଥିଲା। ରବିବାର ପବିତ୍ର ଶିବରାତ୍ରି ଅବସରରେ ଦେଢ଼ କୁଇଣ୍ଟାଲ ଘିଅରେ ଏହି ପ୍ରଦୀପକୁ ପ୍ରଜ୍ୱଳନ କରାଯିବ। ଏହି ଶୋଭାଯାତ୍ରା କାର୍ଯ୍ୟକ୍ରମରେ ମନ୍ଦିରର ମୁଖ୍ୟ ପୂଜକ ବିଜୟକୁମାର ପଣ୍ଡାଙ୍କ ସମେତ ସାହିରେ ବରିଷ୍ଠ ମୁରବୀ ଏବଂ ଯୁବକମାନେ ଅଂଶଗ୍ରହଣ କରିଥିଲେ।

କେତେକ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ କମିସନରେଟ୍ ପୁଲିସ ପକ୍ଷରୁ ସହରରେ ଥିବା ବିଭିନ୍ନ ଶୈବପୀଠରେ ୧୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏହାସହ କନ୍ଦରପୁର ଥାନା ଅନ୍ତର୍ଗତ ପରମହଂସନାଥ ମନ୍ଦିରରେ ୬ ପ୍ଲାଟୁନ ପୁଲିସ ଫୋର୍ସ ସମେତ ୧୦ ଜଣ ମହିଳା କନଷ୍ଟେବଲ ସୁରକ୍ଷା ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି। ଗଡ଼ଗଡ଼େଶ୍ୱର ମନ୍ଦିରରେ ରାତି ୪ଟାରୁ ଦ୍ୱାର ଫିଟାଯାଇ ଠାକୁରଙ୍କ ନୀତିକାନ୍ତି କରାଯିବ। ଏହାପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବେ। ପାଞ୍ଚପ୍ରହର ରୁଦ୍ରାଭିଷେକ କରାଯିବ ଏବଂ ଅନ୍ନଭୋଗ ଲାଗି କରାଯାଇ ସନ୍ଧ୍ୟାରେ ମହାଆଳତୀ କରାଯିବ। ପରେ ହରିହର ଭେଟ ସହ ଅନ୍ୟାନ୍ୟ ନୀତି କରାଯାଇ ମହାଦୀପ ଉଠିବ। ଗଡ଼ଗଡ଼େଶ୍ୱର ମହାଦେବ ମ୍ୟାନେଜିଂ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ଦିରର ପୂଜକ ବିଶ୍ୱରଞ୍ଜନ ପଣ୍ଡା କହିଛନ୍ତି। ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିର ସର୍ବପ୍ରାଚୀନ ବୋଲି କୁହାଯାଏ। ଏହି ମନ୍ଦିରରେ ମୁଖ୍ୟତଃ ଜାଗରରେ ଶିବଲିଙ୍ଗରେ ଶୋଭା ପାଇଥାଏ ୧କିଗ୍ରା ୬ଶହ ଗ୍ରାମ୍ ଚାନ୍ଦିର ମୁକୁଟ। ଜାଗର ଅବସରରେ ରବିବାର ୪ଟାରୁ ପହୁଡ଼ ଖୋଲି ମଙ୍ଗଳଆଳି ପରେ ସର୍ବସାଧାରଣ ଦର୍ଶନ ରାତି ୧୦ଟା ପର୍ଯ୍ୟନ୍ତ କରିବାର ବ୍ୟବସ୍ଥା କରାଯାଇଛି। ଏହାପରେ ପୁର୍ନଃ ପହଡ଼ ରାତି ୧୨ଟାରେ କରାଯିବ, ଠାକୁରଙ୍କ ମହାସ୍ନାନ ନୀତି ପରେ ଗଙ୍ଗାସ୍ନାନ, ବଡ଼ସିଂହାର ବେଶ ଓ ହରିହର ଭେଟ ହୋଇ ଭୋଗ ଲାଗି କରାଯିବ। ପରେ ଆଳତି କରାଯାଇ ମହାଦୀପ ମନ୍ଦିର ଉପରକୁ ଉଠିବ। ଏହାସହ ମନ୍ଦିର ପରିଚାଳନା କମିଟି ଓ ସେବାୟତଙ୍କ ମିଳିତକ୍ରମେ ସମସ୍ତ ବ୍ୟବସ୍ଥା କରାଯିବା ସହ ଜାଗର ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ଦର ପୂଜାକ ସ୍ୱରୂପ ଦାସ ସୂଚନା ଦେଇଛନ୍ତି। କଟକ ଜିଲ୍ଲାର ସର୍ବପୁରାତନ ଶୈବପୀଠ ପରମହଂସନାଥ ମନ୍ଦିରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ଭକ୍ତଙ୍କ ଭିଡ଼କୁ ନଜରରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାତି ୩ଟାରୁ ଠାକୁରଙ୍କ ପହୁଡ଼ ଖୋଲା ଯିବ ପରେ ମାର୍ଜଣା କରାଯାଇ ସମସ୍ତ ନୀତିକାନ୍ତି କରାଯିବ। ପରେ ବିଭିନ୍ନ ନୀତିକାନ୍ତି କରାଯାଇ ମହାଦୀପ ଉଠିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ବିଡ଼ାନାସୀ ଚହଟାଘାଟ ନିକଟରେ ଥିବା ଚହଟେଶ୍ୱର ମନ୍ଦିରରେ ରାତି ୪ଟାରୁ ପହୁଡ଼ ଖୋଲା ଯାଇ ତିକାନ୍ତି କରାଯିବ। ମଧ୍ୟାହ୍ନରେ ଠାକୁରଙ୍କୁ ଭୋଗ ଲାଗି କରାଯାଇ ବିଭିନ୍ନ ନୀତି କରାଯିବ। ପରେ ସନ୍ଧ୍ୟାରେ ଚାରି ପ୍ରହର ପୂଜା ସହ ଅନ୍ୟାନ୍ୟ ନୀତି କରାଯାଇ ହରିହର ଭେଟ କରାଯିବ। ରାତି ୨ଟାରେ ୨୫ରେ ମହାଦୀପ ଉଠିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

ମହାଶିବରାତ୍ରୀରେ ସବୁଜ ସଂକଳ୍ପ



ଭୁବନେଶ୍ୱର, ୧୪।୨ (ସମିସ):ପବିତ୍ର ମହାଶିବରାତ୍ରୀ ପାଇଁ ଏକାମ୍ରକ୍ଷେତ୍ର ହୋଇଉଠିଛି ଉତ୍ସବ ମୁଖର। ଏହି ପରିପ୍ରେକ୍ଷୀରେ ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷଷ୍ଠ ଶ୍ରେଣୀର ଛାତ୍ର ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗତୂଳୀରେ ଏକ ସବୁଜ ସଂକଳ୍ପର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି।

ଗାଁ ଜୀବନଶୈଳୀ ସବୁବେଳେ ସରଳ



ଗାଁ ଚାରିପାଖରେ ଘେରି ରହିଛି ନଦୀ। ରାତି ପାହିଲେ ପକ୍ଷୀଙ୍କ କାକଳି, ଗ୍ରାମ ଦେବତୀଙ୍କ ପାଖେ ପୂଜାର୍ଚ୍ଚନା ଓ ସଞ୍ଜ ନଇଁଲେ ମନ୍ଦିରରେ ମେଳା ସାଙ୍ଗକୁ ଆଧାତ୍ମିକ ଆଲୋଚନା। ଠିକ୍ ଏମିତି ହିଁ ସୁନ୍ଦର ଦେଖାଯାଏ ମୋ ଗାଁ। ଆଖପାଖର ମନଲୋଭା ପରିବେଶ ଭିତରେ ଭାଇ, ବନ୍ଧୁ, କୁଟୁମ୍ବଙ୍କ ମେଳରେ ପୁରା ସ୍ୱପ୍ନ ପରି ଲାଗେ ସବୁକିଛି।

ନିଜ ଶବ୍ଦର ଗହଣାରେ ଏମିତି କିଛି ସଜେଇ ଦେଇଥିଲେ ସେ ନିଜ ଗାଁକୁ। ଏ ହେଉଛନ୍ତି ସରୋଜ କମାର ରାଉତ। କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ବଡକୂଳ ହେଉଛି ତାଙ୍କ ଗାଁ। ସମୟରଚକ୍ର ଓ କର୍ମମୟ ଜୀବନ ତାଙ୍କୁ ଆଣି ରାଜଧାନୀ ଭୁବନେଶ୍ୱରରେ ପହଁଚାଇଛି। ହେଲେ ଗାଁର ମୋହ ତାଙ୍କଠୁ କେବେ ଅଲଗା ହୋଇନି। ସମୟ ସମୟରେ ସବୁ ସ୍ମୃତି ତାଜା କରିବାକୁ ଗାଁ ଦାଣ୍ଡକୁ ଫେରିଯାନ୍ତି। ଦୀର୍ଘ ୨୮ ବର୍ଷରୁ ଅଧିକ ସମୟ ହେବ ସେ ଭୁବନେଶ୍ୱରରେ ରହୁଛନ୍ତି। ତାଙ୍କର ବର୍ତ୍ତମାନ ଠିକଣା ଲିଙ୍ଗିପୁର ଅଞ୍ଚଳରେ ଏବଂ ସେ ଜଣେ ଟେରାକୋଟା ଆର୍ଟିଷ୍ଟ ମଧ୍ୟ। ନିଜ ଜନ୍ମମାଟି ବା ଗାଁ ବିଷୟରେ ସେ କୁହନ୍ତି, ସହର ସବୁବେଳେ ଚଳଚଞ୍ଚଳ ହେଲେ ଗାଁ ଏବଂ ସେଠାକାର ଲୋକ ବହୁ ସରଳ ଜୀବନଯାପନ କରନ୍ତି। କାରଣ ସେମାନେ ଏକ ନିର୍ଦ୍ଦିଷ୍ଟ ମାପକାଠିରେ ଚାଲନ୍ତି। ସେଠି କେବଳ ମୋ ପରିବାର ରୁହେନି ବରଂ ପ୍ରତ୍ୟେକ ଲୋକ ମୋ ନିଜ ଆପଣାର ଅଟନ୍ତି। ଧୀରେ ଧୀରେ ଗାଁକୁ ସହରୀକରଣ ମାଡ଼ିଆସୁଛି। ସାମାଜିକ ଗଣମାଧ୍ୟମର ପ୍ରଭାବ, ଆଧୁନିକିକରଣ ପାଇଁ ଗାଁ ସଭ୍ୟତାରେ ପରିବର୍ତ୍ତନ ଆସୁଛି। ହେଲେ ଆଜିବି ମୋ ପାଇଁ ମୋ ଗାଁ ସରସ ଓ ସୁନ୍ଦର। ଦିନ ଥିଲା ଗାଁର ଥିବା ଦୂର ଚାଷ ଜମିକୁ ଯିବାକୁ ବଳଦ ପିଠିରେ ବସି ନଦୀ ପାର ହେଉଥିଲୁ। ସାଙ୍ଗସାଥୀଙ୍କ ମେଳରେ ଜାଲ ନେଇ ମାଛ ଧରୁଥିଲୁ, ସେଠି ଚାଷ ବି କରିଛୁ ଆଉ ପରେ ଡଙ୍ଗାରେ ଅମଳ ପରେ ଧାନ ନେଇ ଘରକୁ ଫେରିଛୁ। ଆଜି ସେସବୁ କାହାଣୀ ପରି ଅନୁଭବ ହେଉଛି, ଯାହା କେବଳ ମନେ ପକେଇ ହେଉଛି ସତ କିନ୍ତୁ ସେ ସମୟକୁ ଆଉ ଫେରି ହେଉନି। ସହରରେ ବଞ୍ଚିବାର ଶୈଳୀ ବଦଳି ବଦଳି ଯାଉଛି ହେଲେ, ମଣିଷ ମଣିଷ ମଧ୍ୟରେ ସୁଖ ଦୁଃଖର ସମୟ କମି ଚାଲିଛି। ଏଠି କାହା ପାଇଁ କାହା ପାଖରେ ସମୟ ନାହିଁ। ଅନ୍ୟପଟେ ଗାଁରେ ସନ୍ଧ୍ୟାରେ ମେଳ ହୋଇ ଗପସପ, ସୁଖ ଦୁଃଖ କେତେ କ'ଣ ବାଣ୍ଟି ହୁଏ। ସେତେବେଳେ ଦାଣ୍ଡରେ ବସି ଆଇ ମା କାହାଣୀ ଶୁଣି ବଡ ହେଉଛୁ। ସାହି ପଡ଼ିଶାରେ କାହାର ବାହାଘର ହେଲେ ଡଗଡମାଳିରେ କାନ୍ଦିବା ଥିଲା। ଏବେ କିନ୍ତୁ ସେସବୁ ଦେଖିବାକୁ ମିଳୁନି।

ଆଇଆଇଏମ୍‌ଟି ଓ ଗେଲ୍ (ଇଣ୍ଡିଆ) ପକ୍ଷରୁ 'ତୈଳ ଓ ଗ୍ୟାସ୍ ସଂରକ୍ଷଣ' ସଚେତନତା

ଭୁବନେଶ୍ୱର, ୧୪।୨(ସମିସ): ଆଇଆଇଏମ୍‌ଟି ଭୁବନେଶ୍ୱର ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ସହଯୋଗରେ ଆୟୋଜିତ ଏହି ସମାରୋହରେ 'ଶିଳ୍ପ ଏବଂ ଘରୋଇ ବ୍ୟବସ୍ଥା ପାଇଁ ନବୀକରଣୀୟ ଶକ୍ତି ସଂରକ୍ଷଣ ରଣନୀତି' ଶୀର୍ଷକ ଏକ ଆଲୋଚନାଚକ୍ର ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଇଆଇଏମ୍‌ଟିର ଆସୋସିଏଟ୍ ଡିନ୍ ପ୍ରଫେସର ସ୍ମୃତିରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇଆଇଏମ୍‌ଟିର ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ପଟ୍ଟନାୟକ ଏହି ସମାରୋହରେ ଅଧ୍ୟକ୍ଷତା କରିଥିବାବେଳେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଜୟଦେବ କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ଉପ-ମହାପ୍ରବନ୍ଧକ ଇଞ୍ଜିନିୟର ନିଗମାନନ୍ଦ ମିଶ୍ର, ମୁଖ୍ୟବକ୍ତା ଭାବେ ଭାରତୀୟ ସେନା ଆର୍ମି ହେଡକ୍ୱାର୍ଟର୍ସ ଇଞ୍ଜିନିୟର୍ସ ବ୍ରାଞ୍ଚର ନିର୍ଦ୍ଦେଶକ ଇଞ୍ଜିନିୟର ରାଧାମୋହନ ରାଉତ ଯୋଗ ଦେଇଥିଲେ।

ଓଡ଼ିଶା ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର, ୧୪।୨(ସମିସ): ଓଡ଼ିଶା ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ ରେଡକ୍ରସ ଭବନ ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ଅମଲା ସଂଘର ରାଜ୍ୟ ସଭାପତି ଜ୍ଞାନ ରଞ୍ଜନ ଦାସ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ମୁଖ୍ୟ ପୃଷ୍ଠପୋଷକ ପ୍ରସନ୍ନ କୁମାର ତ୍ରିପାଠୀ, ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ, ଅଧ୍ୟକ୍ଷ ହୃଦୟ ବିହାରୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ର ସହିତ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ସଂଗଠନ ସମ୍ପାଦକ ଅରୁଣ କୁମାର ବଳୀଆରସିଂହ, ସଂଯୋଜନା କମିଟି ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡା ସହିତ ରାଜ୍ୟ ସଂଘର ସମସ୍ତ ଜିଲ୍ଲାର ପ୍ରତିନିଧି ବୈଠକରେ ଯୋଗଦାନ କରିଥିଲେ। ଉକ୍ତ ବୈଠକରେ ସଂଘ ପକ୍ଷରୁ ୩ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା।

ବିଜେବି କଲେଜ ଏକ୍ସଟ୍ରାମୁରାଲ କମିଟିର ପୁରସ୍କାର ବିତରଣ ଉତ୍ସବ



ଭୁବନେଶ୍ୱର, ୧୪।୨(ସମିସ): ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ଏକ୍ସଟ୍ରାମୁରାଲ କମିଟି ପକ୍ଷରୁ ବାର୍ଷିକ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଝୁମକି ରଥ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗିତା ମନୋଭାବ ରଖି ନେତୃତ୍ୱ ନେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। କମିଟିର ସଂଯୋଜିକା ତଥା ଆସୋସିଏଟ ପ୍ରଫେସର ଡ଼ ମଧୁବ୍ରତା ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରତିଭା ଅନ୍ୱେଷଣ ପାଇଁ ପ୍ରତିଯୋଗିତାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଡ. ମଧୁସ୍ମିତା ଜେନା ଓ ଅନସୂୟା ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ନୃତତ୍ତ୍ୱ ବିଭାଗର ଛାତ୍ରୀ ଆନନ୍ଦିତା ମିଶ୍ର ଅଲରାଉଣ୍ଡର ଟ୍ରଫି ବିଜେତା ହୋଇଛନ୍ତି। ମହାବିଦ୍ୟାଳୟର ଛାତ୍ର ସଂଗିତଜ୍ଞ ସତ୍ୟବ୍ରତ ଜେନା ପ୍ରାରମ୍ଭିକ ସଙ୍ଗୀତ ଗାଇଥିବାବେଳେ ଛାତ୍ରୀ ଅଭୀପ୍ସା ପତି ଓଡିଶୀ ନୃତ୍ୟ ଓ ବହୁ ଛାତ୍ରଛାତ୍ରୀ ସାନ୍ତାଳୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଡ଼ ଜ୍ୟୋତିପ୍ରକାଶ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

ଯୁବା ବାସ୍କେଟବଲ୍ ଓପନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଭୁବନେଶ୍ୱର, ୧୪।୨ (ସମିସ): ସନସାଇନ ଯୁବା ସଂଗଠନ ଆନୁକୂଲ୍ୟରେ ୧୫ତମ ଯୁବା ବାସ୍କେଟବଲ୍ ଓପନ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସହିଦନଗରସ୍ଥିତ ଇଙ୍ଗା ଗ୍ରାଉଣ୍ଡରେ ୪ ଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୫ଟି ରାଜ୍ୟର ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ପୁରୀ, କଟକର ସିବିଏ ଓ ଛତିଶଗଡ଼ର ରିଜଲର୍ସ ଦଳ ବିଜୟ ଲାଭ କରିଛନ୍ତି। ଗୋଲଖ ମହାପାତ୍ର, ଜଗନ୍ନାଥ ପ୍ରଧାନ, ସହିଦ ନଗର ଦୁର୍ଗାପୂଜା କମିଟିର ଉପଦେଷ୍ଟା ସୁଧୀର ଶତପଥି, ଦିଲୀପ ଦାସ, ସଭାପତି ବିଶ୍ୱପ୍ରସାଦ ମହାନ୍ତି, ସମ୍ପାଦକ ହରିଶ ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଉପଦେଷ୍ଟା ସରୋଜ ପାତ୍ର, ଆୟୋଜକ ସଂଘ ସଭାପତି ବିଶ୍ୱଜିତ ମହାନ୍ତି, ସଂଯୋଜକ ପ୍ରଶାନ୍ତ ବେହେରା, ସିଦ୍ଧାର୍ଥ ଦାସ, ମିଥୁନ ବିଶୋୟୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୩୧ ହଜାର ଓ ରନର୍ସଅପ୍ ହୋଇଥିବା ଦଳକୁ ୨୧ ହଜାର ଏବଂ ୩ୟ ସ୍ଥାନରେ ରହିଥିବା ଦଳ ୧୧ ହଜାର ଟଙ୍କା ପୁରସ୍କାର ପାଇବେ।

ରାଜ୍ୟସ୍ତରୀୟ 'ଓଡିଆ ଅସ୍ମିତା ଶିବିର' ଉଦ୍‌ଯାପିତ



ଭୁବନେଶ୍ୱର, ୧୪।୨(ସମିସ): ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ 'ଓଡିଆ ଅସ୍ମିତା ଶିବିର-୨୦୨୬'ର ଉଦ୍‌ଯାପନୀ ସମାରୋହ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ଡ. ସରିତା ପଟେଲ ଯୋଗଦେଇ ରାଜ୍ୟର ୨୧ଟି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀଙ୍କୁ ନେଇ ଆୟୋଜିତ ଏହି ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଚକ୍ରଧର ବେହେରା, ବରିଷ୍ଠ ଅଧ୍ୟାପକ ଦୀନବନ୍ଧୁ ମହାନ୍ତି, ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଓଡିଆ ଅସ୍ମିତା ଓ ଯୁବ ସ୍ୱେଚ୍ଛାସେବୀଙ୍କ ସାମାଜିକ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ସମ୍ବାଦ ପୁସ୍ତିକା 'ଅସ୍ମିତା' ଲୋକାର୍ପଣ ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଜାତୀୟ ସେବା ଯୋଜନା ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

'ସିନେମା ସହ ସାହିତ୍ୟର ସମ୍ପୃକ୍ତି: ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ' ଶୀର୍ଷକ ଆଲୋଚନା



ଭୁବନେଶ୍ୱର, ୧୪।୨(ସମିସ): ଶନିବାର ନୀଳକଇଁ ପକ୍ଷରୁ ରେଡକ୍ରସ ଭବନରେ 'ସିନେମା ସହ ସାହିତ୍ୟର ସମ୍ପୃକ୍ତି;ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ' ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ରକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଛନ୍ତି। ଏହି ଆଲୋଚନାରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତା, ବିଶିଷ୍ଟ ସଂଳାପକାର ଡ. ରଜନୀ ରଞ୍ଜନ, ସିନେ ସମୀକ୍ଷକ ତଥା ନିର୍ଦ୍ଦେଶକ ଡ. ସୂର୍ଯ୍ୟ ଦେଓ, ନାଟ୍ୟକାର ତଥା ଚିତ୍ରନାଟ୍ୟ ନିର୍ଦ୍ଦେଶକ ପ୍ରଣବ ଦାସ, ଗାଳ୍ପିକ, ନାଟ୍ୟକାର ତଥା ସମାଲୋଚକ ଜାକିର ଖାନ୍ ଯୋଗଦେଇ ଦୀର୍ଘ ଦଶନ୍ଧି ଧରି ସାହିତ୍ୟର ଉପାଦାନ ସିନେମାରେ ଅଭିନୟ ମାଧ୍ୟମରେ ଜୀବନ୍ତ ହେଇଛନ୍ତି ଏବଂ ସୃଜନର ରାସ୍ତାରେ ଆଗେଇ ଚାଲିଛନ୍ତି ତାହା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଲେଖିକା ତଥା ସାମ୍ବାଦିକା ସୈରେନ୍ଦ୍ରୀ ସାହୁଙ୍କୁ 'ନୀଳକଇଁ ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯିବା ସହ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ ଉତ୍ସବରେ ୨୦ ଜଣ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିବା ବେଳେ ସ୍ନେହା ଦାସ ଲେଙ୍କା ଓ ବେଦ ପ୍ରକାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ କୁନି କଳାକାର ଫିଓନା ଦାସଙ୍କ ରାମାୟଣ ଆଧାରିତ ନୃତ୍ୟଭିନୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ନୀଳକଇଁର ସମ୍ପାଦିକା ସସ୍ମିତା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରମୋଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

'ମୂଲ୍ୟ ଆଧାରିତ ନ୍ୟାୟ-ଆଇନ୍‌ର ଆତ୍ମା' ଶୀର୍ଷକ ରାଷ୍ଟ୍ରୀୟ ଅଭିଯାନ



ଭୁବନେଶ୍ୱର, ୧୪।୨(ସମିସ): ଜୁରିଷ୍ଟ ୱିଙ୍ଗ, ରାଜଯୋଗ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେସନ୍, ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା 'ମୂଲ୍ୟ ଆଧାରିତ ନ୍ୟାୟ - ଆଇନର ଆତ୍ମା' ଶୀର୍ଷକ ରାଷ୍ଟ୍ରୀୟ ଅଭିଯାନର ଅଂଶ ବିଶେଷ ଏକ ପ୍ରାଦେଶିକସ୍ତରୀୟ କାର୍ଯ୍ୟକ୍ରମ ଆଠନମ୍ବର ସେବାକେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ଆଠନମ୍ବର ସେବାକେନ୍ଦ୍ର ଠାରେ ଆୟୋଜିତ ହୋଇ ଯାଇଛି। ରାଜଯୋଗୀ ଡା. ବି.କେ ନଥମଲ, ଜାତୀୟ କୋଡ଼ିନେଟର, ଜୁରିଷ୍ଟ ୱିଙ୍ଗ, (ଆରଇଆରଏଫ୍), କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ମାନ୍ୟବର ନ୍ୟାୟମୂର୍ତ୍ତୀ ବି.ଡି ରାଠୀ, ପୂର୍ବତନ ବିଚାରପତି, ଏମ.ପି ହାଇକୋର୍ଟ, ଇନ୍ଦୋର ଏବଂ ଉପାଧ୍ୟକ୍ଷ, ଜୁରିଷ୍ଟ ୱିଙ୍ଗ(ଆରଇଆରଏଫ୍) ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ନ୍ୟାୟରେ ନୈତିକମୂଲ୍ୟର ଗୁରୁତ୍ୱ ଉପରେ ଉଚ୍ଚକୋଟୀର ବିଚାର ଉପସ୍ଥାପନ କରିଥିଲେ। ବିଶେଷ ଅତିଥି ଭାବରେ ମାନ୍ୟବର ନ୍ୟାୟମୂର୍ତ୍ତୀ ଭି. ନରସିଂହ, ବିଚାରପତି, ଓଡ଼ିଶା ହାଇକୋର୍ଟ, କଟକ ନିଜର ମତ ଦେଇଥିଲା ବେଳେ ମାଉଣ୍ଟଆବୁସ୍ଥିତ ଜୁରିଷ୍ଟ ୱିଙ୍ଗ ଜାତୀୟ କୋର୍ଡିନେଟର ଲତା ଅଗ୍ରୱାଲ, ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନର ସଭାପତି ମନୋଜ କୁମାର ମିଶ୍ର, ଅଲ ଓଡ଼ିଶା ଲୟର୍ସ ଆସୋସିଏସନର କାର୍ଯ୍ୟକାରୀ ସଚିବ ସଞ୍ଜୟ କୁମାର ଦାଶ ଯୋଗ ଦେଇଥିଲେ। ଶେଷରେ ରାଜଯୋଗିନୀ ଲୀନା ଦିଦି, ଭୁବନେଶ୍ୱର ସବ୍‌ଜୋନ ଇନଚାର୍ଜଙ୍କ ଆଶିର୍ବଚନ ପ୍ରଦାଦ କରିଥିଲେ। ମାନନୀୟ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍, ଭୁବନେଶ୍ୱର ପ୍ରଶାନ୍ତ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଉଦ୍ୟାନ ପ୍ରକଳ୍ପ ଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ

ଜିଲ୍ଲାପାଳଙ୍କ ପରିଦର୍ଶନ ପରେ ବି କାର୍ଯ୍ୟ ମନ୍ଥର

ନିଶ୍ଚିନ୍ତକୋଇଲି,୧୪।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଇଶାଣୀବରହମପୁର ପଞ୍ଚାୟତ ଖେଣ୍ଟାଳୋ ଗ୍ରାମରେ ଓରମାସ ଅନୁଦାନରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆଦିଶକ୍ତି ଗ୍ରାମୀଣ ବୈଷୟିକ ଉଦ୍ୟାନ ପ୍ରକଳ୍ପ ପାଇଁ ଏକ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। କାର୍ଯ୍ୟାଦେଶ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ରହିଥିବା ବେଳେ ସ୍ଥାନୀୟ ଗ୍ରାମର କେତେକ ରାଜନୈତିକ କର୍ମୀ ଏହି କାର୍ଯ୍ୟକୁ କରୁଛନ୍ତି। ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ସରକାରୀ ନୀତି ନିୟମର ଉର୍ଦ୍ଧ୍ୱରେ କରାଯାଉଥିବା ନେଇ ଅଭିଯୋଗ ହେବା ପରେ ଖୋଦ୍ ଜିଲ୍ଲାପାଳ ଉକ୍ତ କାର୍ଯ୍ୟକୁ ପରିଦର୍ଶନରେ ଆସିଥିଲେ। ପରେ



ନିର୍ମାଣ କାର୍ଯ୍ୟ ସଠିକ୍ ଭାବେ କରିବା ସହିତ ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲ୍ଲାପାଳ ପରିଦର୍ଶନ ପରେ କାର୍ଯ୍ୟ କରୁଥିବା ଠିକାଦାର ଓ ଯନ୍ତ୍ରୀ ଏଥିରୁ ନ ସୁଧୁରି ପୂର୍ବ ଭଳି କାର୍ଯ୍ୟରେ ଅନୀୟମିତତା କରୁଥିବା ଅଭିଯୋଗ ହେଉଛି।

ଘଟଣାରୁ ପ୍ରକାଶ, ଖେଣ୍ଟାଳ ଗ୍ରାମରେ ମିଶନଶକ୍ତି ମହିଳାଙ୍କର ପ୍ରଗତି ପାଇଁ ଆଦିଶକ୍ତି ଗ୍ରାମୀଣ ବୈଷୟିକ ଉଦ୍ୟାନ ନିମନ୍ତେ ବନ୍ଦ ହୋଇଯାଇଥିବା ବଳରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ପାଇଁ ସ୍ଥାନ ଧାର୍ଯ୍ୟ ହୋଇଥିଲା। ଏଠାରେ ଏକ ଗୃହ ନିର୍ମାଣ ନିମନ୍ତେ ୧୦ ଲକ୍ଷ ଟଙ୍କା ଅନୁଦାନ ମଧ୍ୟ ଯୋଗାଇ ଦିଆଯାଇଥିଲା। ହେଲେ ଏହି ଗୃହ ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଇଥିବା ବେଳେ କାନ୍ଥ ଗଢ଼ା ଯିବାରେ ସ୍କୁଲ ଘର ଭଙ୍ଗାଯାଇ ସେଥିରୁ ବାହାରିଥିବା ପୁରୁଣା ଇଟାଗୁଡ଼ିକୁ ଲଗାଯାଇଥିବା ଅଭିଯୋଗ ହୋଇଥିଲା। ଏହାଛଡ଼ା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷରେ ବହୁ ବିଳମ୍ବ ହୋଇଥିଲା। ବର୍ତ୍ତମାନ ଉକ୍ତ ଗୃହର କାନ୍ଥ ପଲସ୍ତରା କାର୍ଯ୍ୟ ଚାଲିଥିଲେ ମଧ୍ୟ ତାହା ସଠିକ୍ ଭାବେ କରାଯାଉ ନଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ହେଉଥିବା ସମୟରେ ବିଭାଗୀୟ ପକ୍ଷରୁ ସଠିକ୍ ତଦାରଖ କରାଯାଉ ନଥିବାରୁ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରୁଥିବା ଦେଖାଯାଇଛି। ଏ ସଂକ୍ରାନ୍ତରେ ନିଶ୍ଚିନ୍ତକୋଇଲି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କର କହିଥିଲେ, ଏବେ କାମ ଠିକ୍‌ଠାକ୍ ଚାଲିଛି। ପୂର୍ବରୁ ଯେଉଁ ପୁରୁଣା ଇଟା ବ୍ୟବହୃତ ହୋଇଥିଲା ତାହା ବିଲ୍‌ରୁ ହିସାବ କରି କଟାଯାଇଛି।

କଟକ ସଦର ବ୍ଲକ କାର୍ଯ୍ୟାଳୟକୁ ସ୍ଥାନାନ୍ତର ଦାବି



କନ୍ଦରପୁର,୧୪।୨(ସମିସ): କଟକ ମହାନଗର ନିଗମ (ସିଏମସି) ତଥା ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ପରିସରରେ ଥିବା କଟକ ସଦର ପଞ୍ଚାୟତସମିତି କାର୍ଯ୍ୟାଳୟକୁ ଆବଶ୍ୟକତା ଦୃଷ୍ଟିରୁ ସଦର ନିର୍ବାଚନମଣ୍ଡଳୀର ଏକ ମଧ୍ୟବର୍ତ୍ତୀ ସ୍ଥାନକୁ ସ୍ଥାନାନ୍ତରିତ କରିବାକୁ ଦାବି ହୋଇଛି। ସଦର ନିର୍ବାଚନମଣ୍ଡଳୀର ଲୋକମାନେ ଦୀର୍ଘ ୨୦-୨୫ କିମି ଦୂର କଟକ ନୂଆବଜାରଠାରେ ଥିବା ଏହି ବ୍ଲକକୁ ବିଭିନ୍ନ ଜରୁରୀ କାର୍ଯ୍ୟ ପାଇଁ ଆସି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଜନସାଧାରଣଙ୍କ ସୁବିଧା ପାଇଁ ନୂଆବଜାରଠାରେ ଥିବା ବ୍ଲକ କାର୍ଯ୍ୟାଳୟକୁ ସଦର ନିର୍ବାଚନମଣ୍ଡଳୀର ଏକ ମଧ୍ୟବର୍ତ୍ତୀ ସ୍ଥାନକୁ ସ୍ଥାନାନ୍ତର କରିବାକୁ ସାମାଜିକ ସଂଗଠନ 'ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ'ର ସଭାପତି ଶିକ୍ଷାବିତ ପ୍ରଫେସର ମନୋଜ ନାୟକ ଦାବି କରିଛନ୍ତି।

ଗ୍ରାମ୍ୟ ରାସ୍ତା ଶୋଚନୀୟ



ନିଶ୍ଚିନ୍ତକୋଇଲି, ୧୪।୨ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହାକୁ ମରାମତି କରିବା କିମ୍ବା ଏହା ଉପରେ ପୁନର୍ବାର ଢଳେଇ ରାସ୍ତା ନିର୍ମାଣ କରିବା ନେଇ ସ୍ଥାନୀୟ ଲୋକ ବାରମ୍ବାର ବ୍ଲକ ପ୍ରଶାସନ ଓ ପଞ୍ଚାୟତକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଉ ନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି। ଉକ୍ତ ରାସ୍ତାର କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରେ ଫାଟି ଆଁ କରିବା ଓ ଢଳେଇ ଉଠିଯାଇ ସ୍ଥାନେ ସ୍ଥାନେ ଖାଲ ଖମା ସୃଷ୍ଟି ହୋଇଛି। ଏବେ ଉକ୍ତ ରାସ୍ତାରେ ଯାତାୟାତ ପାଇଁ ଲୋକମାନେ ହୀନସ୍ତା ହେଉଛନ୍ତି। ପ୍ରତ୍ୟେକ ଦିନ ସ୍ଥାନୀୟ ସ୍କୁଲକଲେଜ ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି ଶିଶୁ ଓ ସାଧାରଣ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇ ଯାତାୟାତରେ ସମସ୍ୟା ଉପୁଜୁଥିବା ବେଳେ ଜରୁରିକାଳୀନ ପରିସ୍ଥିତିରେ ଏହି ଗ୍ରାମକୁ ଦମକଳ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯାଇଆସିପାରୁନାହିଁ। ଲୋକେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇ ନପାରି ଅକାଳରେ ମୃତ୍ୟୁମୁଖରେ ପଡୁଥିବାର ଅଭିଯୋଗ ହୋଇଛି। ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ସ୍ଥାନୀୟଲୋକେ ବାରମ୍ବାର କଟକ ସଦର ବିଧାୟକଙ୍କ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି ସେ କର୍ଣ୍ଣପାତ କରୁ ନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି। ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

କଂଗ୍ରେସ ଆଇନ ସେଲ୍ ରାଜ୍ୟ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

କଟକ,୧୪।୨(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆଇନ ସେଲର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବରିଷ୍ଠ ଆଇନଜୀବୀ ତଥା ହାଇକୋର୍ଟର ପୂର୍ବତନ ରେଜିଷ୍ଟ୍ରାର ରତିକାନ୍ତ ମହାପାତ୍ରଙ୍କୁ ଆଇନଜୀବୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ଆଇନଜୀବୀ ଶକ୍ତିଧର ଦାସଙ୍କ ଅଧ୍ୟକ୍ଷତାରେ ଗାନ୍ଧୀ ଭବନଠାରେ ଅନୁଷ୍ଠିତ ସଭାରେ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ବିୟୋଗ ଓ କାରଗିଲ ସହିଦ ଦିବସ ପାଇଁ ଏକ ନିରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ସମ୍ବର୍ଦ୍ଧନା



ସଭାରେ ଆଇନଜୀବୀ ପତିତପାବନ ପଣ୍ଡା, ମହମ୍ମଦ ଆରିଫଉଦ୍ଦିନ ଖାନ୍, ଗଙ୍ଗାଧର ସାମଲ, ଆଲୋକ ନନ୍ଦ, ଗଣେଶ ପ୍ରସାଦ ମହାନ୍ତି, ଦେବାଶିଷ ପାଣିଗ୍ରାହୀ, ବିଦ୍ୟାଧର ମାନସିଂହ, ରାଜେନ୍ଦ୍ର ଦାସ, ପ୍ରଣୟ ଦାସ, ଦୁର୍ଗାପ୍ରସାଦ ସ୍ୱାଇଁ, ରେହାନା ଖାତୁନ, ଜୟନ୍ତୀ ନାୟକ, ରାଜୀବ ମହାପାତ୍ର, ନିଶିକାନ୍ତ ମିଶ୍ର, ରମେଶଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

୨୭ରୁ ନରଣପୁର କପ୍ ଦିବାରାତ୍ର ଫୁଟ୍‌ବଲ

ବାରଙ୍ଗ,୧୪।୨(ସମିସ): ବାରଙ୍ଗ ବ୍ଲକ ନରଣପୁର ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆସନ୍ତା ୨୭, ୨୮ ଓ ମାର୍ଚ୍ଚ ୧ ତାରିଖ ତିନିଦିନ ଧରି ୧୨ତମ ଦିବାକର ସ୍ୱାଇଁ ମେମୋରିଆଲ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଅଞ୍ଚଳର ବଛାବଛା ୧୬ଟି ଫୁଟବଲ କ୍ଲବ ଅଂଶଗ୍ରହଣ କରିବେ। ଖେଳ ପ୍ରତିଦିନ ଅପରାହ୍ନ ୪ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଖେଳାଯିବ। ରବିବାର ଦୁଇଟି ସେମିଫାଇନାଲ ଓ ଗୋଟିଏ ଫାଇନାଲ ମ୍ୟାଚ ଖେଳାଯିବ। କ୍ଲବର ଭେଟେରାନ ଖେଳାଳି ଓ କଟକ ସହରର ଭେଟେରାନ



ଖେଳାଳିଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କ୍ଲବର ଉପଦେଷ୍ଟା ଭରତ ସ୍ୱାଇଁ ସୂଚନା ଦେଇଛନ୍ତି। କ୍ଲବର ଅଧ୍ୟକ୍ଷ ସୁରେନ୍ଦ୍ର ବିଶ୍ୱାଳ, ସଭାପତି ଅକ୍ଷୟ ବିଶ୍ୱାଳ, ସମ୍ପାଦକ ସଞ୍ଜୟ ସ୍ୱାଇଁ, କୋଷାଧ୍ୟକ୍ଷ ଦିନେଶ ରଞ୍ଜନ ରାଉତ, ଗ୍ରାମ ସଭାପତି ରଞ୍ଜନ ସାହୁ, ଗାଁ ମୁରବୀ ଧୀରେନ୍ଦ୍ର ବିଶ୍ୱାଳ, ପ୍ରଭାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

କୁଆଖାଇ ନଦୀପଠା ଜଙ୍ଗଲରେ ନିଆଁ

ଫୁଲନଖରା,୧୪।୨(ସମିସ): କଟକ ସଦର ଥାନା ଅନ୍ତର୍ଗତ ପୁରୁଣା କାଚରାମାଳ ନିକଟସ୍ଥ କୁଆଖାଇ ନଦୀପଠାରେ ଫୁଲନଖରା ବନଖଣ୍ଡ ତରଫରୁ ପ୍ରାୟ ୧୦ ଏକର ପରିମିତ ଏକ ଘଞ୍ଚ ଜଙ୍ଗଲ ସୃଷ୍ଟି



କରାଯାଇଥିଲା। ରାଜ୍ୟରେ ଧୀରେଧୀରେ ଗ୍ରୀଷ୍ମ ପ୍ରବାହ ହେବାରୁ ଜଙ୍ଗଲ ଭିତରେ ବେଣାବୁଦା, ଘାସ, ପତ୍ର ଆଦି ଶୁଖିକରି ପଡ଼ି ରହିଥିଲା। ଖରାବେଳ ସମୟରେ ଜଙ୍ଗଲ ଭିତରେ ହଠାତ୍ ନିଆଁ ଲଗି ଯାଇଥିବା ସ୍ଥାନୀୟ ଲୋକମାନେ ଦେଖିଥିଲେ। ଫଳରେ ବହୁ ସଂଖ୍ୟାରେ କଣ୍ଟା ଗଛ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଜନସାଧାରଣ ସଦର ପୁଲିସ୍ ଓ ଫୁଲନଖରା ବନଖଣ୍ଡ ଅଧିକାରୀଙ୍କୁ ଜଣାଇବା ସହ କିଏ ଏଭଳି କାଣ୍ଡ ଘଟାଇଛି ତାହାର ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଛନ୍ତି।

ମାଗଣା ଚକ୍ଷୁ ଚିକିତ୍ସା ଶିବିର

ନିଶ୍ଚିନ୍ତକୋଇଲି, ୧୪।୨ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ କଦମ୍ବବିହାରୀ କମ୍ୟୁନିଟି ସେଣ୍ଟରରେ ଅଚ୍ୟୁତ ସେବା ସଦନ



ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଅଚ୍ୟୁତ ସେବା ସଦନର ସଭାପତି ଦେବେନ୍ଦ୍ରନାଥ ବସ୍ତିଆଙ୍କ ତତ୍ତ୍ୱାବଧାନ ତଥା କେୟାର ନେତ୍ରମ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୭୨ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ଅଚ୍ୟୁତ ସେବା ସଦନର କର୍ମକର୍ତ୍ତା ପ୍ରବୀର ରାଉତ, କିଶୋର ବସ୍ତିଆ, ପ୍ରଦୀପ୍ତ ବାରିକ, ମନୋରଂଜନ ଲେଙ୍କା, ପରମାନନ୍ଦ ରାଉତ, ଆଦିତ୍ୟ ଭୂୟାଁ, ମନୋରଂଜନ ସ୍ୱାଇଁ, ଆଲୋକ ଭୂୟାଁ, ସୁଧୀର ଭୂୟାଁ ପରିଚାଳନା କରିଥିଲେ।

କୁଣ୍ଡପଡ଼ିଆରେ ମାଗେପରବ

ଟାଙ୍ଗୀ,୧୪।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ କୁଣ୍ଡପଡ଼ିଆ ଦୁଇ ନମ୍ବର ୱାର୍ଡରେ ଆଦିବାସୀଙ୍କ ମାଗେପରବ କାର୍ଯ୍ୟକ୍ରମ



ଉଦଘାଟିତ ହୋଇଯାଇଛି। ୱାର୍ଡସଭ୍ୟ କୃଷ୍ଣଚନ୍ଦ୍ର ଚାତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତି, ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ନାଏବ ସରପଞ୍ଚ ଜେମା ସର୍ଦ୍ଦାର, ୱାର୍ଡସଭ୍ୟ ବିଳାସୀ ଜେରାଇ ଓ ଯୁବ ସଂଗଠକ ଅମିତ୍ ସିଙ୍କୁ ଯୋଗଦେଇଥିଲେ। ଆଦିବାସୀ ମହିଳା ଓ ପୁରୁଷଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ ହୋଇଥିଲା। ବିଜୟଲାଗୁରୀ, ଲାଲା ଚାତାର, ଗୋବିନ୍ଦ ଚାତାର, ଅସିତ ସିଂକୁ ଓ ମୁରଲୀଧର ମଲ୍ଲିକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

ଗ୍ରୀନ୍‌ଭାଲି ମଡେଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



କଟକ,୧୪।୨(ସମିସ): କଟକ ସଦର ବ୍ଲକ ଫକୀରପଡାଠାରେ ଥିବା ଗ୍ରୀନଭାଲି ପବ୍ଲିକ ସ୍କୁଲର ୧୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଇଂରାଜୀ ବିଶେଷଜ୍ଞ ବୈଦ୍ୟନାଥ ରାଉତ, ମୁଖ୍ୟବକ୍ତା ଭାବେ କଟକ ସଦରର ପଞ୍ଚାୟତସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସମ୍ମାନିତ ଅତିଥି ଭାବେ ନିମେଇଶାପୁର ପଞ୍ଚାୟତର ସରପଞ୍ଚ ଜ୍ୟୋସ୍ନାରାଣୀ ରାଉତରାୟ, ସିଆରସିସି ତଥା ଓଷ୍ଟାର ପୂର୍ବତନ ଜିଲ୍ଲା ସଭାପତି ଜ୍ୟୋତି ସାହୁ, ସ୍କୁଲର ପ୍ରତିଷ୍ଠାତା ଅଧ୍ୟକ୍ଷ ପଣ୍ଡିତ ଶ୍ରୀରାମଚନ୍ଦ୍ର ପ୍ରଧାନୀ ଦେବଶର୍ମା, ସମ୍ପାଦକ ଇଂ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଜୟନ୍ତ ଦାସ, ଉପାଧ୍ୟକ୍ଷା ସଙ୍ଘମିତ୍ରା ବିଶ୍ୱାଳ, ଅବିନାଶ ରାଉତ, ଶ୍ରୀଧର ଚନ୍ଦ୍ରଶେଖର କର, ସସ୍ମିତା ପତି, ପୁଷ୍ପଶ୍ରୀ ବେହେରା, ଜ୍ୟୋତି ସାହୁ, ତସ୍ମିନ ଫିର୍ଦୋଷ, ସସ୍ମିତା ପାଢ଼ୀ ସହଯୋଗ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ଶିକ୍ଷକ ଅବିନାଶ ସାଧୁ ଧନ୍ୟବାଦ ଦେଇଥିଲେ।

ରଘୁନାଥଜୀଉ ମହୋତ୍ସବ ଉଦ୍‌ଯାପିତ



ଟାଙ୍ଗୀ,୧୪।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ୍ ଶାଳଗାଁ ପଞ୍ଚାୟତ ଭୟରପୁର ଗ୍ରାମସ୍ଥ ମହାପ୍ରଭୁ ଶ୍ରୀରାମ ମନ୍ଦିର ଓ ଶ୍ରୀବିଗ୍ରହଙ୍କ ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ରଘୁନାଥଜୀଉ କ୍ଲବ୍ ଆନୁକୂଲ୍ୟରେ ରଘୁନାଥଜୀଉ ମହୋତ୍ସବ-୨୦୨୬ ଉଦଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଯଜ୍ଞ ସମାପ୍ତ ସହ ସନ୍ଧ୍ୟାରେ ପୂର୍ଣ୍ଣାହୁତି କରାଯାଇଥିଲା। କୁନି କଳାକାର ନୃତ୍ୟ ପରିବେଷଣ କରିଥିଲେ। ଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବିଜେପି ନେତା ଅରିନ୍ଦମ ରାୟ, ହିମାଂଶୁ ମହାନ୍ତି ଓ କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ଯୋଗଦାନ କରିଥିଲେ। କ୍ଲବ୍ ସଭାପତି ରତିରଞ୍ଜନ ସାହୁ, ସମ୍ପାଦକ ଜ୍ୟୋତିପ୍ରକାଶ ସାହୁ ଓ କୋଷାଧ୍ୟକ୍ଷ ଇଶାନ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ବୁଣାକାରଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, ୧୪।୨ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ପଞ୍ଚାୟତ ହରିନବାସାହିର ବରିଷ୍ଠ ବୁଣାକାର ନିଶାମଣି ପାତ୍ର(୯୨)ଙ୍କ ପରଲୋକ ହୋଇଛି। ଦୀର୍ଘ ଦିନ ହେବ ସେ ଶଯ୍ୟାଶାୟୀ ଥିଲେ। ହସ୍ତତନ୍ତ ଶିଳ୍ପରେ ତାଙ୍କର ବେଶ୍ ପାରଦର୍ଶିତା



ଥିଲା। ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ଅର୍ଜୁନୀ ପାତ୍ରଙ୍କ ସମେତ ବହୁ ଜନପ୍ରତିନିଧି ଓ ନେତୃବୃନ୍ଦ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଛି। ପୁତ୍ର ଭରତ ପାତ୍ର ମୁଖାଗ୍ନି ଦେଇଥିଲେ।

ଅଲେଖ ସାଧୁ ବାଞ୍ଛାନିଧି ବାବାଙ୍କ ସ୍ମୃତିସଭା ପ୍ରସ୍ତୁତି

ଟାଙ୍ଗୀ,୧୪।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ଅଲେଖ ଟୁଙ୍ଗିର ବାବା ସ୍ୱର୍ଗତଃ ବାଞ୍ଛାନିଧି ଦାସଙ୍କ ସ୍ମୃତିଚାରଣ ସଭା ଓ ମହିମା ମହୋତ୍ସବ ଆସନ୍ତା ୧୭ ଓ ୧୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ୧୭ ତାରିଖ ମଙ୍ଗଳବାର ପ୍ରାତଃ ସାଢେ ୪ଟରେ ଅଖଣ୍ଡ ଘୃତବତି ପ୍ରଜ୍ୱଳନ ଓ ବ୍ରହ୍ମଧୁନୀ ସ୍ଥାପନ ସହ ସନ୍ଧ୍ୟାରେ ସ୍ମୃତିଚାରଣ ସଭା ଏବଂ ବୁଧବାର ପୂର୍ଣ୍ଣାହୁତି ଓ ସାଧୁଭିକ୍ଷା କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ କୋଣରୁ ଅଲେଖ ସାଧୁ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ମହିମା ଧର୍ମ ସମାଜର ସଭାପତି ବାବା ଶୁକଦେବ ଦାସ ସୂଚନା ଦେଇଛନ୍ତି। ପ୍ରକାଶଥାଉକି ଉଭୟ କଟକ ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଭ୍ରମଣକରି ମହିମା ଧର୍ମର ପ୍ରଚାରକ ସାଜିଥିବା ବାଞ୍ଛା ବାବା ଗତମାସ ୧୯ ତାରିଖରେ ଗଙ୍ଗୀସ୍ଥିତ ଅଲେଖ ଟୁଙ୍ଗିରେ ଇହଲୀଳା ତ୍ୟାଗ କରିଥିଲେ।

ଖାଉଟି ସାମଗ୍ରୀ ଡିଲର ସଂଘର ରାଜ୍ୟସ୍ତରୀୟ ବୈଠକ

କେନ୍ଦ୍ରର ବକେୟା ପାଉଣା ତୁରନ୍ତ ପ୍ରଦାନ ଦାବି

ଫୁଲନଖରା,୧୪।୨(ସମିସ): କଟକ ମହାନଗର ନିଗମ-୫ ୯ ନଂ ୱାର୍ଡ ଅନ୍ତର୍ଗତ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ଓଡ଼ିଶା ଫେୟାର ପ୍ରାଇସ୍ ସପ୍ ଡିଲର୍ସ ସଂଘର ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ନଗେନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଭାପତି ଓ ସଂପାଦକମାନେ ଯୋଗ ଦେଇଥିଲେ। ଖୁଚୁରା ଡିଲର୍ସମାନେ ସରକାର ପ୍ରଦତ୍ତ ଖାଦ୍ୟ ସାମଗ୍ରୀଗୁଡିକୁ ହିତାଧିକାରୀଙ୍କୁ ସୁବଣ୍ଟନରେ ସହାୟକ ହୋଇଥାନ୍ତି। କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ ଖାଦ୍ୟ ସାମଗ୍ରୀ ସୁବଣ୍ଟନ କରିଥିବା ବେଳେ ପ୍ରାୟ ୯ ମାସର ବକେୟା କମିସନ ପାଇବାରୁ ବଞ୍ଚିତ ହୋଇଛନ୍ତି। ସଂଘର ରାଜ୍ୟ ସଂପାଦକ ସୟଦ୍ ଏକ୍ରାମ



ହୁସେନ୍‌ଙ୍କ କହିବାନୁଯାୟୀ, କରୋନା ବେଳେ ରାଜ୍ୟ ସରକାରଙ୍କ କମିସନ୍ ପାଇଥିବା ବେଳେ ତତ୍କାଳୀନ କେନ୍ଦ୍ର ସରକାରଙ୍କ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଥିଲେ; କିନ୍ତୁ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ଚାଲୁଥିବା ବେଳେ ଏଥିପ୍ରତି କେହି ଦୃଷ୍ଟି ନଦେବା ଖାଉଟି ଡିଲର୍ସଙ୍କ ପ୍ରତି ଏକ ଅବିଚାର ବୋଲି ମଧ୍ୟ ପ୍ରକାଶ କରିଥିଲେ। ଓଡ଼ିଶାରେ ଡିଲରମାନେ ଖାଦ୍ୟ ସାମଗ୍ରୀ ବଣ୍ଟନ ବାବଦରେ କ୍ୱିଣ୍ଟାଲ ପ୍ରତି ୧୦୪ଟଙ୍କା ପାଉଥିବା ବେଳେ ପଡୋଶୀ ରାଜ୍ୟରେ ୨ଶହରୁ ଉର୍ଦ୍ଧ୍ୱ ଟଙ୍କା କମିସନ ପାଉଛନ୍ତି। ଅନ୍ୟ ରାଜ୍ୟରେ ସନନ୍ଦ ନବୀକରଣ ୩ବର୍ଷ ରହିଥିବା ବେଳେ ଓଡ଼ିଶାରେ ମାତ୍ର ୬ମାସ ରହିଥିବାରୁ ଡିଲରମାନେ ଅନିଶ୍ଚିନ୍ତତାରେ ରହୁଛନ୍ତି। ସରକାର କମିସନ୍ ରାଶି ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବକେୟା କମିସନ୍ ପ୍ରଦାନ କରିବା ପାଇଁ ବିଭିନ୍ନ ଜିଲ୍ଲାରୁ ଆସିଥିବା ଜିଲ୍ଲା ପ୍ରତିନିଧିମାନେ ମତ ବ୍ୟକ୍ତ କରିଥିଲେ। ନିଷ୍ପତ୍ତିକ୍ରମେ ସରକାର ଯଦି ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ ରାଜ୍ୟର ଖାଉଟି ସାମଗ୍ରୀ ବଣ୍ଟନ ଡିଲରମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମତ ବ୍ୟକ୍ତ କରିଥିଲେ। ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ସାହୁ, କଟକ ମହାନଗର ସଂଘ ସଭାପତି ତାପସ ମହାନ୍ତି, ନୂତନ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିବା ଉପସଭାପତି ଦୁର୍ଗାଶଙ୍କର ପରିଡା, ଶୁଭେନ୍ଦୁ ମହାନ୍ତି, ରବିନ୍ଦ୍ର ଜେନା, ଉପେନ୍ଦ୍ର ବେହେରା, ସୁଜାତା ପରିଡା, ଶାନ୍ତିଲତା ମହାନ୍ତି, ଅଜୟ ଦାସ, ଗୌତମ ରାଉତ, ବସନ୍ତ ବିଶ୍ୱାଳ, ମିହିର ଭୂୟାଁ ଓ ଦୀପ୍ତିରଂଜନ ସାହୁ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ। କଟକ ଜିଲ୍ଲା ସଭାପତି ପ୍ରଦୀପ ଦାସ, ସଂପାଦକ ଉପେନ୍ଦ୍ର ବେହେରା ଓ ଅନ୍ୟାନ୍ୟ ଜିଲ୍ଲା କର୍ମକର୍ତ୍ତା ପରିଚାଳନା କରିଥିଲେ।

ପୁଲ୍‌ୱାମା ସହିଦଙ୍କ ପାଇଁ ଶୋଭାଯାତ୍ରା



ତିଗିରିଆ,୧୪।୨(ସମିସ): ଶନିବାର ବିଳମ୍ବିତ ସଂଧ୍ୟାରେ ତିଗିରିଆ ନିଜିଗଡ ରାଜବାଟିଠାରେ ପୁଲ୍‌ୱାମା ସହିଦଙ୍କ ପାଇଁ ତିଗିରିଆ ଯୁବକ ସଂଗଠନ ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ଗୋହିରୀଦ୍ୱାର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ସଂଗଠନର କର୍ମକର୍ତ୍ତା ଶ୍ରୀଧର ପଣ୍ଡା, ଶୁଭାଶିଷ ମିଶ୍ର, ତାରାପ୍ରସାଦ ପଟ୍ଟନାୟକ, ଅଭିଷେକ ପଟ୍ଟନାୟକ, କିଶନ ପଟ୍ଟନାୟକ, ସୌମ୍ୟରଞ୍ଜନ ଦାସ, ସାଗର ମହାନ୍ତି, ଆଶିଷ ମହାନ୍ତି, ଅଙ୍କିତ ମହାନ୍ତି, ସୌମ୍ୟରଂଜନ ସାହୁ, ସରୋଜ ଜେନା ପ୍ରମୁଖ ସାମିଲ ହୋଇଥିଲେ ।

ମଦ ବୋଝେଇ କାର୍ ଜବତ; ଜଣେ ଗିରଫ



ଆଠଗଡ଼,୧୪।୨(ସମିସ): ଶନିବାର ସନ୍ଧ୍ୟାରେ ଆଠଗଡ଼ ଚାନ୍ଦବାଲି ଛକଠାରୁ ନାଟକୀୟ ଢଙ୍ଗରେ ଗୋଟିଏ ମଦ ବୋଝେଇ କାର ଜବତ କରିଛି ଆଠଗଡ଼ ଅବକାରୀ ବିଭାଗ। ସନ୍ଧ୍ୟା ସମୟରେ ବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ଗୋଟିଏ ସୌଖିନ କାରରେ ଦେଶୀ ରନ୍ଧା ମଦ ବୋଝେଇ ହୋଇ ଶଙ୍କରପୁର ପଟରୁ ଆଠଗଡ଼ ଆଡ଼କୁ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଚାନ୍ଦବାଲି ଛକଠାରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ସାଦା ପୋଷାକରେ ରହି ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଗାଡ଼ି ନ ରହି ଓଲଟା ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଦେଖିବାକୁ ମିଳିଥିଲା । ତେବେ ସ୍ଥାନୀୟ ଲୋକଙ୍କ ସହଯୋଗରେ ମଦ ବୋଝେଇ କାର (ନଂ ଓଡି -୦୫-ବିଏକ୍ସ-୭୪୦୫)କୁ ଜବତ କରିବା ସହ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ହେମମାଳପୁରର ସୌମ୍ୟକାନ୍ତ ଜେନା (୨୫)କୁ ଗିରଫ କରାଯାଇଛି । ଗାଡ଼ି ଭିତରୁ ୫୦୦ ଲିଟରରୁ ଉର୍ଦ୍ଧ୍ୱ ଚୋରା ଦେଶୀ ରନ୍ଧା ମଦ ଜବତ ହୋଇଥିବା ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି ।

ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଭଦ୍ରେଶ୍ୱର,୧୪।୨(ସମିସ): ମାହାଙ୍ଗା ବ୍ଲକ ହଳଦିଆସ୍ଥିତ ଦୁର୍ଗାଚରଣ ନାୟକ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମହିଳା ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହଲ୍ଲାଦ ଜେନା ଯୋଗଦାନ କରି ଆଜିର ଅପରାଧ ପ୍ରବଣ ସମାଜରେ ମହିଳାଙ୍କ କ୍ଷେତ୍ରରେ ଆତ୍ମସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଶିବିରର ସଂଯୋଜକ ଅଧ୍ୟାପକ ବିଶ୍ୱନାଥ ସେଠୀ ସ୍ୱାଗତ ଭାଷଣ କରିଥିଲେ। ପ୍ରଶିକ୍ଷିକା ରୂପେ ରୋଜାଲିନ ମହାରଣା ଯୋଗଦାନ କରି ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଅଧ୍ୟାପକ ମନୋଜ ପଣ୍ଡା, ଅଭୟ ଦାସ, ସଞ୍ଜୀୟ ଜେନା, ସତ୍ୟବ୍ରତ ରଥ, ଅଧ୍ୟାପିକା ଅମ୍ବିକାବାଳା ରାଉତ, ପ୍ରେମଲତା ରାଉତ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ବିପଦଭଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

ମାତୃପିତୃ ପୂଜନ ଦିବସ



କଟକ,୧୪।୨(ସମିସ): ଜୟଜଗନ୍ନାଥ ସେବା ସମିତି ଟ୍ରଷ୍ଟ ଆନୁକୂଲ୍ୟରେ ମାଛୁଆ ବଜାର ମା' ସରସ୍ୱତୀ ଶିକ୍ଷା ମନ୍ଦିର ମିଳିତ ସହଯୋଗରେ ମଙ୍ଗଳାବାଗସ୍ଥିତ ମୋହନ ମଣ୍ଡପଠାରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଆଧୁନିକ ଯୁବପିଢ଼ି ମଧ୍ୟରେ ସଚେତନ କରିବା ଏବଂ ପିତାମାତାଙ୍କ ପ୍ରତି ପିଲାଙ୍କ ବଢୁଥିବା ଦୂରତାର ବ୍ୟବଧାନ କମାଇବା ପାଇଁ ସମିତି ପକ୍ଷରୁ ଏହି ପ୍ରୟାସ କରାଯାଇଥିଲା। ଟ୍ରଷ୍ଟର ସମସ୍ତ ସଦସ୍ୟ ନିଜ ବାପା ମା' ଓ ଗୁରୁଜନମାନଙ୍କ ପୂଜାର୍ଚ୍ଚନା କରିଥିଲେ। ବିଦ୍ୟାଳୟ ତରଫରୁ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମସ୍ତ ଶିକ୍ଷକ ଏବଂ ପ୍ରଧାନଶିକ୍ଷକ ମନୋଜ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ଦ୍ୱାରା ଏଭଳି କାର୍ଯ୍ୟକ୍ରମ ସୁସ୍ଥ ସମାଜ ପାଇଁ ଏକ ମାର୍ଗଦର୍ଶକ ବୋଲି ସମ୍ପାଦକ ଶଶାଙ୍କ ଶେଖର ଦାଶ ଓ ସଭାପତି ମନୋଜ ପଣ୍ଡା ପ୍ରକାଶ କରିଛନ୍ତି।

'ପ୍ରବୋଧନ' ତାଲିମ ଶିବିର ଉଦ୍‌ଯାପିତ

ତିଗିରିଆ,୧୪।୨(ସମିସ)



ପ୍ରାଥମିକସ୍ତରରେ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ପାଇଁ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମ "ପ୍ରବୋଧନ' ଶନିବାର ତିଗିରିଆ ବ୍ଲକରେ ଉଦଯାପିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଅମର ମହାରଣାଙ୍କ ନିର୍ଦ୍ଦେଶକ୍ରମେ ନୂଆପାଟଣାସ୍ଥିତ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଏହି ତାଲିମ୍ କାର୍ଯ୍ୟକ୍ରମରେ ବ୍ଲକ୍ ସାଧନ କେନ୍ଦ୍ର ସଂଯୋଜକ ମାଧବଚନ୍ଦ୍ର ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଖଟୁଅଙ୍କ ଅଧ୍ୟକ୍ଷତା ଏବଂ ସମ୍ବଳ ଶିକ୍ଷକ ଜ୍ଞାନଦୋୟମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ତାଲିମ ଶିବିରକୁ ସମ୍ବଳ ଶିକ୍ଷକ ଭାବେ ଶ୍ରୀ ମିଶ୍ରଙ୍କ ସମେତ, ସନାତନ ବର ଏବଂ ମହେଶ୍ୱର ସେଠୀ ପରଚାଳନା କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ, ବିଶ୍ୱରଞ୍ଜନ ଜେନା, ଅଶୋକ କୁମାର ଦାସ, ଉମାଶଙ୍କର ରାଉତ, ପ୍ରଶାନ୍ତ କୁମାର ଘଡାଇ ଏବଂ ନିଶାକର ଖଟୁଆ ପ୍ରମୁଖ ସହଯୋଗ କରିଥିଲେ।

ବଡମ୍ବା : ବଡମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବଡ଼ମ୍ବା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଶନିବାର "ପ୍ରବୋଧନ' ତାଲିମ ସମାପନ ହୋଇଯାଇଛି। ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ତତ୍ତ୍ୱାବଧାନରେ ଏବଂ ମଣ୍ଡଳ ସହ ଶିକ୍ଷାଧିକାରୀ ଶିବପ୍ରସାଦ ବ୍ରହ୍ମାଙ୍କ ସଂଯୋଜନାରେ ସମ୍ବଳ ଶିକ୍ଷକ ଭାବେ ଗୋବିନ୍ଦଚନ୍ଦ୍ର ଗୋଛି, ରାଜେଶ କୁମାର ମହାପାତ୍ର, ରମେଶଚନ୍ଦ୍ର ନାୟକ ଓ ବଳଭଦ୍ର ଜେନା ତାଲିମ ପ୍ରଦାନ କରିଥିଲେ। ଆସନ୍ତା ୧୬ରୁ ଅନନ୍ତ ମାଝୀ ଉଚ୍ଚ ବିଦ୍ୟାଳୟରେ ୩ୟ ପର୍ଯ୍ୟାୟ ତାଲିମ ଶିବିର ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା।

ନିଶ୍ଚିନ୍ତକୋଇଲି : ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ଗଣପତି ଭବନରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ପ୍ରବୋଧନ ତାଲିମ ଶିବିର ୫ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଧଳପଡ଼ା ସିଆରସିସି ନରେନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ ଏହି ଶିବିରକୁ ବିଆରସିସି ସୁଶୀଲ ଚକ୍ରବର୍ତ୍ତୀ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ ବେହେରା, ଜାକିର ହୁସେନ, ପ୍ରଧାନଶିକ୍ଷକ କାଦମ୍ବିନୀ ମଲିକ ଯୋଗ ଦେଇଥିଲେ। ୭ ଟି କ୍ଲଷ୍ଟରର ୮୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇଥିବା ନୂତନ ପାଠ୍ୟ ପୁସ୍ତକର ସଂଚାଳନ ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ ପ୍ରଶିକ୍ଷକ ନିମାଇଁ ଚରଣ ସାହୁଙ୍କ ସଂଯୋଜନାରେ ପ୍ରଶିକ୍ଷକ ଭାବେ ଜଗବନ୍ଧୁ ବେହେରା, ହରପ୍ରସାଦ ଷଡ଼ଙ୍ଗୀ, ଝରଣା ମଲିକ, ଇତିଶ୍ରୀ ବେହେରା ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ସିଆରସିସି ବୈକୁଣ୍ଠନାଥ ସାହୁ, ମହାମେଘବାହାନ ସ୍ୱାଇଁ, ରାଜକିଶୋର ନାୟକ, ସେକ୍ ମହମ୍ମଦ ୱାଜିଦ୍, ସୁଶାନ୍ତ ପଣ୍ଡା ଓ ପୀତାମ୍ବର ବେହେରା ପରିଚାଳନା କରିଥିଲେ।

ମୁରବୀ କ୍ଷୀରୋଦ ସେଠୀଙ୍କ ଶ୍ରାଦ୍ଧବାର୍ଷିକୀ

କଟକ,୧୪।୨(ସମିସ): ବିଡାନାସୀ ଥାନା ଅଧୀନ ଦେଉଳସାହି ନିବାସୀ ଗ୍ରାମ ମୁରବି, ମିଷ୍ଟଭାଷୀ କ୍ଷୀରୋଦ ଚନ୍ଦ୍ର ସେଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା ପାଳିତ ହୋଇଯାଇଛି। ଆଇନଜୀବୀ ସମେନ୍ଦ୍ର ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀରେ ଅତିଥି ବରିଷ୍ଠ ଆଇନଜୀବୀ ଧ୍ରୁବଚରଣ ରାଉତ, ବାଦଲଚରଣ ରାୟ, ମୁକ୍ତିକାନ୍ତ ଦାସ, ସମାଜସେବୀ ସୁକାନ୍ତ ସେଠୀ, ଆଇନଜୀବୀ ଶୁଭ୍ରାଶୁ ଶେଖର ମହାନ୍ତି, ଶିଶିର ନାୟକ, ଦେବାଶିଷ ପାଣିଗ୍ରାହୀ, ଅମିତାଭ ପଟ୍ଟନାୟକ, ପ୍ରଦୀପ ମହାନ୍ତି, ବିକ୍ରମକେଶରୀ ସିଂହ, ଜଗନ୍ନାଥ ମହାନ୍ତି, ଗଦାଧର ସାହୁ, ମାନସ ବେହେରା, ଅବିନାଶ ରାଉତରାୟ, ସତ୍ୟନାରାୟଣ ସେଠୀ, ଜିତେନ୍ଦ୍ର ସେଠୀ, ରଞ୍ଜନ ସେଠୀ, ଦୀପକ ସେଠୀ, ପଣ୍ଡଣ ସେଠୀ, ମିଥୁନ୍ ସେଠୀଙ୍କ ସମେତ ବହୁ ବ୍ୟକ୍ତି ବିଶେଷ କ୍ଷୀରୋଦ ସେଠୀଙ୍କ ଆତ୍ମାର ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

ବ୍ୟବସାୟୀଙ୍କ ବିୟୋଗରେ ଶୋକସଭା

ସାଲେପୁର,୧୪।୨(ସମିସ): ସାଲେପୁର ବଜାରର ଲୋକପ୍ରିୟ ଫଳ ବ୍ୟବସାୟୀ ସନାତନ ଭୂୟାଁ ଚିରଦିନ ପାଇଁ ଲୋକଙ୍କ ପାଖରେ ଅମର ହୋଇ ରହିବେ। ତାଙ୍କର ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ସାଲେପୁର ସେଣ୍ଟ୍ରାଲ ମାର୍କେଟ୍ କମିଟିର ବ୍ୟବସାୟୀମାନେ ଏକ ଶୋକସଭାରେ ଏହି ମତ ବ୍ୟକ୍ତ କରିଛନ୍ତି। ବିଜେଡି ନେତା ବିରଞ୍ଚିନାରାୟଣ କରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ବିକଳାନନ୍ଦ କର ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପ୍ରଶାନ୍ତ କର ସ୍ୱର୍ଗତ ସନାତନ ଭୂୟାଁଙ୍କ ତ୍ୟାଗପୂତ ଜୀବନ ସଂପର୍କରେ ଆଲୋଚନା କରିଥିଲେ। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରବିନ୍ଦ୍ରନାଥ କର, ସେଣ୍ଟ୍ରାଲ ମାର୍କେଟ୍ ସଭାପତି ନବକିଶୋର ମଲ୍ଲ, ମାର୍କେଟ୍ କମିଟି ସଂପାଦକ ସୌମ୍ୟଗଂଜନ ମଲ୍ଲ, ପୂର୍ବତନ ଶିକ୍ଷକ ଡଃ ଗୌତମ ମହାରଣା, ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ଅକ୍ଷୟ ଦାଶ, ସଂପାଦକ ହୃଷୀକେଶ ମଲ୍ଲିକ, ସାମ୍ବାଦିକ ଶାରଦା ପଣ୍ଡା, ଚିତ୍ତରଞ୍ଜନ ଶତପଥୀ, ପୂର୍ବତନ ପ୍ରଧାନଶିକ୍ଷକ ଗୋପବନ୍ଧୁ ଭୂୟାଁ, ବ୍ୟବସାୟୀ ଧ୍ରୁବଚରଣ ମୁଦୁଲି, ମାନସ ସାହୁ, ଇନ୍ଦ୍ରଧ୍ୱଜ କର, ଉପେନ୍ଦ୍ର ନାରାୟଣ ଦାଶ ଶୋକ ପ୍ରକାଶ କରିଥିଲେ।

ଗୋବିନ୍ଦପୁର କଲେଜର ପୁରସ୍କାର ବିତରଣ ଉତ୍ସବ

କଣ୍ଠାପଡ଼ା,୧୪।୨(ସମିସ): କଣ୍ଠାପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କୈଳାସଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନିଆଳି ବିଧାୟକ ଛବି ମଲ୍ଲିକ ମୁଖ୍ୟଅତିଥି, ପିଜି କାଉନସିଲ ଅଧ୍ୟକ୍ଷ ଡଃ ଗଗନବିହାରୀ ବେଉରା ଓ ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଅମୀୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂତନ ସ୍ମାର୍ଟ ଶ୍ରେଣୀ କକ୍ଷ ଓ ଆଧୁନିକ ବିଜ୍ଞାନ ପ୍ରୟୋଗଶାଳାକୁ ବିଧାୟକ ଉଦଘାଟନ କରିବା ସହିତ କଲେଜ ପରିସରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଆମ୍ବା ଅଧ୍ୟକ୍ଷ ପ୍ରଦୀପ୍ତ ପାତ୍ର, ଗୋବିନ୍ଦପୁର ବିଜେପି ମଣ୍ଡଳ ସଭାପତି ଲଲାଟେନ୍ଦୁ ପାତ୍ର, ଉପସଭାପତି ସଞ୍ଜୟ ନାୟକ, ରଞ୍ଜନ ଦାସ, ସାଂସଦଙ୍କ ପ୍ରତିନିଧି ସଂଗ୍ରାମ ପଟ୍ଟନାୟକ, ଲଲାଟେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଖେଳକୁଦ ବିଭାଗର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ଜାଗର ଉପଲକ୍ଷେ ଭଜନ ମୁକ୍ତିଲାଭ



ଫୁଲନଖରା,୧୪।୨(ସମିସ): ନଖରାସ୍ଥିତ ଲକ୍ଷେଶ୍ୱର ମହାଦେବ ମନ୍ଦିର ପରିସରରେ ପବିତ୍ର ମହାଶିବରାତ୍ରୀ ଉପଲକ୍ଷେ ନୂତନ ଭାବରେ ଜନ୍ମ ଲାଭ କରିଥିବା 'ଲକ୍ଷେଶ୍ୱର ମ୍ୟୁଜିକ୍' ଦ୍ୱାରା ପ୍ରସ୍ତୁତ ଭକ୍ତିଭାବଭରା ୪ଟି ଭଜନ ମୁକ୍ତିଲାଭ କରିଛି। ଗୀତିକାର ସ୍ୱାଧୀନଚେତା ମହାନ୍ତିଙ୍କ ରଚିତ ଭଜନ ଗୁଡ଼ିକୁ ସଂଗୀତରେ ସଜେଇଛନ୍ତି ସଂଗୀତ ନିର୍ଦ୍ଦେଶକ ବିଜୟ କୁମାର ଦାସ। ଶୈବ ଭଜନ 'ହେ ମହେଶ୍ୱର ଜଗତ ଈଶ୍ୱର'ରେ ବିଜୟ ଦାସ କଣ୍ଠଦାନ କରିଥିବା ବେଳେ ଜଗନ୍ନାଥ ଭଜନ 'ଜୀବନ ମୋହର' ଏବଂ ଅନ୍ୟ ଦୁଇଟି ଗୀତରେ ସୁନାମଧନ୍ୟ କଣ୍ଠଶିଳ୍ପୀ ସୌରଭ ନାୟକ କଣ୍ଠଦାନ କରିଛନ୍ତି। ସାମ୍ବାଦିକ କାନନ ବିହାରୀ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଲକ୍ଷେଶ୍ୱର ମହିଳା କଲେଜ୍‌ର ଅଧ୍ୟକ୍ଷା ଯଶୋଧାର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା, ସଂପାଦକ ସୁରେନ୍ଦ୍ର ମହାପାତ୍ର, ଇଂ ରଣଜିତ୍ ମହାନ୍ତି, ପ୍ରତାପନଗରୀ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବରେ ସଂଗୀତ ଗୁଡ଼ିକୁ ଲୋକାର୍ପିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ କବି ନାରାୟଣ ଜେନା, ଯୁବ ସମାଜସେବୀ ଆଲୋକ ମହାନ୍ତି, ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ, ଅଧ୍ୟାପିକା ଅନସୂୟା ଆ.ର୍ଯ୍ୟ, ପ୍ରତାପ ରାଉତରାୟ, ମୁକ୍ତିକାନ୍ତ ମହାପାତ୍ର, କୀର୍ତ୍ତିରଞ୍ଜନ ପଟ୍ଟନାୟକ, ରାଜେଶ ସ୍ୱାଇଁ, ନିହାର ରଞ୍ଜନ ପଣ୍ଡା, ବାଉରୀବନ୍ଧୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ଦାସ, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ପ୍ରମୋଦ ଓଝା ଧନ୍ୟବାଦ ଦେଇଥିଲେ।

ମୁନ୍‌ସୀ ମେଳଣ ଶତବାର୍ଷିକ ଉତ୍ସବ ପ୍ରସ୍ତୁତି



ସାଲେପୁର,୧୪।୨(ସମିସ): ଚଳିତ ବର୍ଷ ସାଲେପୁର ମୁନ୍‌ସୀ ମେଳଣ ଏକଶତ ବର୍ଷରେ ପଦାର୍ପଣ କରୁଥିବାରୁ ଏହାକୁ ଅଧିକ ଜାକଜମକରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସାଲେପୁର କେଶବ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଡିଏସ୍‌ପି. ବିରଞ୍ଚିନାରାୟଣ ପତି ଏହି ବୈଠକରେ ଯୋଗଦେଇ ପରମ୍ପରା ନାମରେ କିଛି ବେଆଇନ୍ କାମ ନକରିବାକୁ ପରାମର୍ଶ ଦେଇଥିଲେ। ସାଲେପୁର ଆଇଆଇସି. ମହେଶ୍ୱର ବେହେରାଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଲେପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ରବିନ୍ଦ୍ରନାଥ କର, ପୂର୍ବତନ ପ୍ରଧାନଶିକ୍ଷକ ଜଗନ୍ନାଥ ବସ୍ତିଆ, ଆଡ୍‌ଭୋକେଟ୍ ବିଜୟ କେତନ ନାୟକ, ରବିନ୍ଦ୍ରନାଥ ପଣ୍ଡା, ସଂଗଠକ ତଥା ସମାଜସେବୀ ହରିବନ୍ଧୁ ଶତପଥୀ, ସାମ୍ବାଦିକ ଅକ୍ଷୟ ଦାଶ, ହେମନ୍ତ ଭୂୟାଁ, ତାରାକାନ୍ତ ଭୂୟାଁ, ଶିଶିର ଦାଶ, ପ୍ରତ୍ୟୁଷ ମହାନ୍ତି, ସୁଜିତ ଭୂୟାଁ, ସାଲେପୁର ଥାନା ପୁଲିସ ଏସ୍‌ଆଇ. ଶ୍ରଦ୍ଧାଞ୍ଜଳି ସେନାପତି, ନୀଳମାଧବ ପଣ୍ଡା, ପୂର୍ବତନ ସରପଞ୍ଚ ରମେଶ ନାୟକ, ଦେବେନ୍ଦ୍ରନାଥ କର, କୃଷ୍ଣଚନ୍ଦ୍ର ଜେନା, ଚିତ୍ତରଂଜନ ଶତପଥୀ, ସତ୍ୟ କର, ନଳିନୀ ଜେନା, ବଳରାମ ଭୂୟାଁ, ବିଚିତ୍ରାନନ୍ଦ ଦାଶ, ଅଲେଖଚନ୍ଦ୍ର ପରିଡ଼ା, ମହେଶ୍ୱର ମଲ୍ଲିକ, ବିଜ୍ଞାନ ଭୂୟାଁ, ବାରିଗୋଲ ସରପଞ୍ଚ ଶିବୁ ବେହେରାଙ୍କ ସମେତ ବିମାନ କମିଟିର ସଭ୍ୟ ଏବଂ ବହୁ ନାଗରିକ ତଥା ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

ସାଲେପୁର କପ୍ ଫୁଟ୍‌ବଲ

କେନ୍ଦ୍ରାପଡ଼ାର ଚାନ୍ଦ କ୍ଲବ୍ ଚାମ୍ପିଅନ

ସାଲେପୁର,୧୪।୨(ସମିସ): ସାଲେପୁର ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ଓ ୟଙ୍ଗ ଉତ୍କଳ କଟକ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ୍ ଦେଇ ନପାରିବାରୁ ଟାଇବ୍ରେକର ଜରିଆରେ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ୪-୩ ଗୋଲରେ ୟଙ୍ଗ ଉତ୍କଳ କଟକକୁ ହରାଇ ଚାମ୍ପିଅନ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଉଦ୍‌ଘାଟକ ରୂପେ ବିଶିଷ୍ଟ ସମାଜସେବୀ ଗୋଲଖଚନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ। ରେଫରୀ ଅବଦୁଲ ମାର୍ଟିନ୍, ସଂଜିତ୍ ଦାଶ, ଜୀବନଜ୍ୟୋତି, ରସାନନ୍ଦ ସାମଲ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ କେନ୍ଦ୍ରାପଡ଼ାର ରାହୁଲ ସାମଲ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ୟଙ୍ଗ ଉତ୍କଳର ଲୋହାର ବିନ୍ଧାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ାର ବେଷ୍ଟ ଗୋଲକିପର ନାଗା ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବେଷ୍ଟ ଡିଫେଣ୍ଡର ବାପୁନି ବିନ୍ଧାଣୀ କଟକ, ଫାଓ ଟିମ୍‌କୁ ପ୍ରଦାନ କରାଯାଇଥିଲା। ସାଲେପୁର ସ୍ପୋର୍ଟସ ଏକାଡେମୀର ସଭାପତି ପ୍ରଦୀପ୍ତ କର, ସଂପାଦକ କିରଣ ଭୂୟାଁ, ଉପାଧ୍ୟକ୍ଷ ମିହିର ଜେନା, ଉପଦେଷ୍ଟା ଅକ୍ଷୟ ଦାଶ, ପ୍ରସନ୍ନ ମଲ୍ଲ, ସୁରେଶଚନ୍ଦ୍ର ବେହେରା, ମାନସ ସାହୁ, ସେକ୍ ଗିନି, ପରବେଶ ଅଲ୍ଲୀ, ଇଂ ବିଭୂତିଭୂଷଣ ପାତ୍ର, ଅଶୋକ ସେଠୀ, ଆର. ଆପ୍ପାରାଓଙ୍କ ସମେତ ବହୁ କ୍ରୀଡ଼ା ସଂଗଠକ ଉପସ୍ଥିତ ଥିଲେ।



ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ଶୋକ

କଟକ,୧୪।୨(ସମିସ)



ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି କାହ୍ନୁଚରଣ ଲେଙ୍କାଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ୧୯୭୧, ୭୪, ୮୦ ଓ ୧୯୯୫ରେ ସେ ଚୌଦ୍ୱାର ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୮୮ରୁ ୧୯୯୪ ଯାଏ ସେ ରାଜ୍ୟସଭା ସାଂସଦ ଭାବରେ କାର୍ଯ୍ୟ କରିଥିଲେ। କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଓ କୃଷିମନ୍ତ୍ରୀ ଭାବରେ ନିଜ ରାଜ୍ୟ ଓ ଦେଶ ପ୍ରତି ତାଙ୍କର ବଳିଷ୍ଠ ଅବଦାନ ଥିଲା। ଅଖିଳ ଭାରତୀୟ କଂଗ୍ରେସ କମିଟି ଓବିସି ବିଭାଗର ପୂର୍ବତନ ଅଧ୍ୟକ୍ଷ ଭାବରେ ସେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ସେ ଠାକୁର ଅନୁକୂଳଚନ୍ଦ୍ରଙ୍କର ରିତ୍ୱିକ୍ ଭାବରେ କାର୍ଯ୍ୟ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ଆଡଭୋକେଟ୍ ବୈଦ୍ୟନାଥ ନାୟକ, କଂଗ୍ରେସ ନେତା ଡଃ ସନ୍ତୋଷ ବଳ, ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକ, ତ୍ରିଲୋଚନ ମହାନ୍ତି, ନିରଞ୍ଜନ ସାହୁ, ଅମୂଲ୍ୟ ସାହୁ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ।

ଅନ୍ୟପକ୍ଷରେ, କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) କଟକ ଜିଲ୍ଲା କମିଟି ତରଫରୁ ଶୋକ ବ୍ୟକ୍ତ କରିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛି। ଚୌଦ୍ୱାରରେ ଓଟିଏମର ଶ୍ରମିକଙ୍କ ପ୍ରତି ତାଙ୍କର ପ୍ରତିବଦ୍ଧତା ପାଇଁ ସେ ସ୍ମରଣୀୟ ରହିବେ ବୋଲି ସିପିଆଇ(ଏମ) କଟକ ଜିଲ୍ଲା କମିଟି ସମ୍ପାଦକ ବଦ୍ରିନାରାୟଣ ଦାଶ ପ୍ରକାଶ କରିଛନ୍ତି। ସେହିପରି ବରିଷ୍ଠ ନେତା ରାମଚନ୍ଦ୍ର ଗୋଛାୟତ, ଦୁର୍ଗାଶଙ୍କର ଦାସ, ମଧୁସୂଦନ ସେନାପତି, ଯୁଗଳ କିଶୋର ବେହେରା, ରାଜେଶ ସ୍ୱାଇଁ, ସଦର ବ୍ଲକ୍ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ପଣ୍ଡା, ନିହାର ରଞ୍ଜନ ନନ୍ଦ, କଟକ ନଗର ସାଧାରଣ ସମ୍ପାଦକ ନିର୍ମଳ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ଉପସଭାପତି ମାନସ ପ୍ରଧାନ, ରଞ୍ଜନ ସେନାପତି, ରଜନୀ ବସ୍ତିଆ, ଜିଲ୍ଲା ସାଧାରଣ ସଂପାଦକ ଉଗ୍ରସେନ ଭୂୟାଁ, ମିହିର ଦାସ, ମହମ୍ମଦ କାସିମ୍, ଅନୀଲ ଦାସ, ଆଲୋକ ଜେନା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। କଟକ ମହାନଗର ନାଗରିକ ମହାସଭା ସଭାପତି ଡାକ୍ତର ରବିରଞ୍ଜନ ସାହୁ ପରିବାରକୁ ସମବେଦନା ଜଣାଇ କହିଛନ୍ତି ଯେ ଓଡ଼ିଶା ଜଣେ ଅଭିଜ୍ଞ ତଥା ନିଷ୍ପାପର ରାଜନେତାଙ୍କୁ ହରାଇଲା।

ସତ୍ୟବାଦୀ କଳା ମନ୍ଦିରର ବାର୍ଷିକ ଉତ୍ସବ



ତିଗିରିଆ,୧୪।୨(ସମିସ): କଳା ଓ ସଙ୍ଗୀତ ମୃତବ୍ୟକ୍ତିର ଦେହରେ ପ୍ରାଣ ସଞ୍ଚାର କରିପାରେ। କଳା ଓ ପ୍ରକୃତି ବିନା ମନୁଷ୍ୟ ବଞ୍ଚିବା ଏକ କଷ୍ଟକର ବ୍ୟାପାର ବୋଲି କଳାକାର ନିର୍ମାଣ କରିବାରେ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଥିବା ତିଗିରିଆ ବ୍ଲକ ନୂଆପାଟଣାର ସଙ୍ଗୀତ ଶିକ୍ଷା ଅନୁଷ୍ଠାନ 'ସତ୍ୟବାଦୀ କଳାମନ୍ଦିର'ର ୩୨ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମନପ୍ରାଣକୁ ସଦାସର୍ବଦା ପ୍ରଫୁଲ୍ଲିତ ରଖିବାକୁ ଆଜିର ସମୟରେ ପ୍ରତ୍ୟେକ ବ୍ୟକ୍ତି କଳା ପ୍ରତି ପ୍ରୀତି ରଖିବା ନିତାନ୍ତ ଜରୁରୀ ବୋଲି କହିଛନ୍ତି। ଶନିବାର ସଂଧ୍ୟାରେ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ପଞ୍ଚାୟତସମିତି ଅଧ୍ୟକ୍ଷ ଭାଗୀରଥି ନନ୍ଦଙ୍କ ସଭାପତିତ୍ୱ ତଥା ସମ୍ପାଦକ ପ୍ରକାଶ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା, ମୁଖ୍ୟବକ୍ତା ଭାବେ ମାଣିଆବନ୍ଧ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ପରିଡା, ସମ୍ମାନିତ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ ପାତ୍ର, ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସ, କଣ୍ଠଶିଳ୍ପୀ ଆଲୋକ କୁଣ୍ଡୁ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ତିଗିରିଆ ଥାନାଧିକାରୀ ପ୍ରିୟଦର୍ଶିନୀ ଇପ୍ସିତା, ସାମ୍ବାଦିକ ରାଜକିଶୋର ବେହେରା, ସଙ୍ଗୀତ ଗୁରୁ ପ୍ରଫୁଲ୍ଲ କୁମାର ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସୁନାମଧନ୍ୟ ବାଦ୍ଧକାର ଅର୍ଜୁନ ପାଳ, ବୁଣାକାର ଦୀନବନ୍ଧୁ ବେହେରା, ବୁଣାକାର ଚିନ୍ତାମଣି ଦାସ, ବାନ୍ଧ କାରିଗର ଶ୍ରୀବତ୍ସ କଟୁଆଳ, ସବ୍ୟସାଚୀ ପାତ୍ରଙ୍କୁ ଖଣ୍ଡୁଆ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥିମାନଙ୍କ ପକ୍ଷରୁ ଅନୁଷ୍ଠାନର ଛାତ୍ର ଇନ୍ଦ୍ରଜିତ ଚାନ୍ଦ, ଛାତ୍ରୀ ସୁପ୍ରଭା ରାଉତଙ୍କୁ ସଙ୍ଗୀତ ଭାସ୍କର ଓ ଛାତ୍ରୀ ଶତାବ୍ଦୀ ସ୍ୱାଇଁଙ୍କୁ ସଙ୍ଗୀତ ବିଶାରଦ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀ ସମୃଦ୍ଧି ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମକୁ ସତ୍ୟବାଦୀ କଳାମନ୍ଦିର ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ଭାଗୀରଥି ବେହେରା, ଉପସଭାପତି ପ୍ରଦୀପ କୁମାର ବର୍ଦ୍ଧନ, ସହ ସମ୍ପାଦକ ଛବିଳ ବେହେରା, ଆଇନଜୀବୀ ସଞ୍ଜୟ କୁମାର କର ତଥା ଅନୁଷ୍ଠାନର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା

ସିଡିପିଓଙ୍କୁ ଅଭିଯୋଗ କଲେ ଅଭିଭାବକ

ପାତ୍ରପୁର,୧୪।୨(ସମିସ)



ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁଙ୍କୁ ନିୟମିତ ଖାଇବାକୁ ମିଳୁନଥିବା ନେଇ ଅଭିଭାବକ ମାନେ କେନ୍ଦ୍ରରେ ତାଲା ପକାଇବା ସହ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତ ସୁନାରୀବାଡ଼ ଅଙ୍ଗନବାଡ଼ି କେନ୍ଦ୍ରରେ ଏଭଳି ସମସ୍ୟା କିଛି ଦିନ ହେଲା ଲାଗିଥିବା ବେଳେ ପାତ୍ରପୁର ସିଡିପିଓଙ୍କୁ ଦେଖା କରି ସ୍ଥାୟୀ ସମାଧାନ ଚାହିଁଛନ୍ତି ଗ୍ରାମବାସୀ। ଅଭିଭାବକ ମାନଙ୍କ କହିବା ଅନୁସାରେ ସୁନାରିବାଡ ଅଙ୍ଗନବାଡ଼ି କେନ୍ଦ୍ରରେ ବହୁ ଦିନ ଧରି କୁନି କୁନି ପିଲା ମାନଙ୍କୁ ସଠିକ ଭାବରେ ଖାଦ୍ୟ ପ୍ରଦାନ କରାଯାଉ ନାହିଁ। ଏଥି ସହିତ କିଶୋରୀ ବାଳିକା ମାନଙ୍କୁ ସଠିକ ସମୟରେ ପୃଷ୍ଟିକର ଖାଦ୍ୟ ମଧ ବଣ୍ଟନ କରୁନଥିବା ଯୋଗୁଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ ମଧ ଅଙ୍ଗନବାଡ଼ି କର୍ମୀ ଏଥି ପ୍ରତି ଦୃଷ୍ଟି ଦେଇନଥିଲେ। ଫଳରେ ଗୁରୁବାର ଦିନ ଅଭିଭାବକ ଓ ଗ୍ରାମବାସୀ ଏକତ୍ରିତ ହୋଇ ସୁନାରିବାଡ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପଚରାଉଚରା କରିଥିଲେ। ସେଠାରେ ଉପସ୍ଥିତ ପାଚିକା ତଥା ସହାୟିକା ସନ୍ତୋଷ ଜନକ ଉତ୍ତର ଦେଇ ନଥିଲେ। ଶୁକ୍ରବାର ସକାଳ ସମୟରେ ପୁଣି ଅଭିଭାବକ ମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସି ପିଲାମାନଙ୍କୁ ରନ୍ଧା ଖାଦ୍ୟ ଓ ଅଣ୍ଡା ସଠିକ୍ ଭାବରେ କାହିଁକି ପ୍ରଦାନ କରାଯାଉ ନାହିଁ ବୋଲି ଅଙ୍ଗନବାଡ଼ି କର୍ମୀଙ୍କ ସହିତ ଆଲୋଚନା କରୁଥିବା ସମୟରେ ସେଠାରେ ଉପସ୍ଥିତ ଥିବା ସହାୟିକା ଓ ଅଭିଭାବକ ମାନଙ୍କ ମଧ୍ୟରେ କଥା କଟାକଟି ଓ ଧସ୍ତାଧସ୍ତି ହୋଇଥିଲା। ସହାୟିକାଙ୍କ ଚିତ୍କାର ଓ ଓହାଲ୍ଲା ଶୁଣି ଅଭିଭାବକ ଓ ଗ୍ରାମବାସୀ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇ ସେଠାରୁ ସିଧାସଳଖ ପାତ୍ରପୁର ସିଡ଼ିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ କିଛି ଅଭିଭାବକଙ୍କୁ ସିଡ଼ିପିଓ ତାଙ୍କ କାର୍ଯ୍ୟାଳୟ ଭିତରକୁ ଡାକି ପଚରାଉଚରା କରିବା ସହିତ ଆପଣଙ୍କ ସମସ୍ୟା ସମାଧାନ କରାଯିବ କହି ଗୋଟିଏ ଧଳା କାଗଜରେ ଅଭିଭାବକ ମାନଙ୍କ ଦସ୍ତଖତ କିମ୍ବା ଟିପ ଦେବାକୁ କହିଥିଲେ। ନିରିହ ମହିଳା ମାନେ କିଛି ଜାଣି ନପାରି ଧଳା କାଗଜରେ ଦସ୍ତଖତ କରି ପଦାକୁ ଆସିଥିଲେ। ଏହି ବିଷୟକୁ ନେଇ ସିଡ଼ିପିଓଙ୍କ ସହିତ ଯୋଗାଯୋଗ କରି ଅଭିଭାବକ ମାନଙ୍କ ଠାରୁ କାହିଁକି ଧଳା କାଗଜରେ ଦସ୍ତଖତ ନେଇଛନ୍ତି ବୋଲି ପଚାରିବାରୁ ସେମାନଙ୍କ ଅଭିଯୋଗ ଲେଖିବା ପାଇଁ ବୋଲି କହି ଦସ୍ତଖତ ଧଳା କାଗଜକୁ ଚିରିଦେଲେ। ଏହି ବିଷୟରେ ଗ୍ରାମବାସୀ ଓ ସିଡ଼ିପିଓଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ମଧ ହୋଇଥିଲା। ପରେ ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ସିଡ଼ିପିଓଙ୍କୁ ପ୍ରଦାନ କରିଥିଲେ। ଅଭିଯୋଗ ପ୍ରଦାନ ପରେ ସିଡିପିଓ ଉପସ୍ଥିତ ମହିଳା ମାନଙ୍କ ଦସ୍ତଖତ ତଦାରଖ କରି ଅଭିଯୋଗ ସ୍ୱୀକାର କରିଥିଲେ। ଅଭିଯୋଗ ଆଧାରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ପକ୍ଷରେ ଅଭିଯୋଗ କରିବା ପାଇଁ ଆସିଥିବା ଅଭିଭାବକ ମାନଙ୍କ ପାଖରେ ସିଡ଼ିପିଓ ନମିତା ପଣ୍ଡା କାହିଁକି ଧଳା କାଗଜରେ ଦସ୍ତଖତ କରିବାକୁ ବାଧ କରିଥିଲେ। ଏଠାରେ ଘଟିଥିବା ଏପରି ଘଟଣାକୁ ନେଇ ଅନେକ ସନ୍ଦେହ ସୃଷ୍ଟି କରୁଛି।

ପଞ୍ଚୁ ଦଣ୍ଡ ମିଳନ ପାଇଁ ପ୍ରସ୍ତୁତି ବୈଠକ



ଧରାକୋଟ,୧୪।୨(ସମିସ): ଧରାକୋଟ ଗ୍ରାମରେ ଆସନ୍ତା ଏପ୍ରିଲ ୭ ତାରିଖରେ ପଞ୍ଚୁ ଦଣ୍ଡ ମିଳନ ନେଇ ଏକ ପ୍ରସ୍ତୁତି ବୈଠକ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବତନ ସରପଞ୍ଚ ଦିଲିପ୍ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇ ଥିବାବେଳେ ଏଥିରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ପଞ୍ଚୁ ଦଣ୍ଡର ସୁପରିଚାଳନା ପଞ୍ଚ ଠାକୁରାଣୀଙ୍କ ମହାମେଳଣ, ଶାନ୍ତି ଶୃଙ୍ଖଳା, ପ୍ରସାଦ ସେବନ, ପାଣି ଦଣ୍ଡର ପରିଚାଳନା ଉପରେ ଆଲୋଚନା କରିଥିଲେ। ଏହି ପଞ୍ଚୁ ଦଣ୍ଡ କାର୍ଯ୍ୟକ୍ରମ ପାଇଁ ଦିଲ୍ଲୀପ କୁମାର ସ୍ୱାଇଁଙ୍କୁ ସଭାପତି ଏବଂ ଉପ ସଭାପତି ଭାବେ ପଦ୍ମନାଭ ବାରିକ, ପ୍ରଫୁଲ୍ଲ ପାଣିଗ୍ରାହୀଙ୍କୁ ଚୟନ କରାଯାଇଥିବା ବେଳେ ସମ୍ପାଦକ ଭାବେ ବିଷ୍ଣୁ କେଶରୀ ଆଚାର୍ଯ୍ୟ, ଉପ ସମ୍ପାଦକ ଭାବେ ସୋମନାଥ ମହାନ୍ତି, କୋଷାଧ୍ୟକ୍ଷ ଭାବେ ଗୋଲକ ବିହାରୀ ସାହୁ, ଉପ କୋଷାଧ୍ୟକ୍ଷ ଭାବେ ସୁରେନ୍ଦ୍ର ନାୟକଙ୍କୁ ମନୋନୀତ କରାଯିବା ସହ ପ୍ରତି ସାହିରୁ ସଭ୍ୟ ଚୟନ କରାଯାଇ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଦୀର୍ଘ ଚାଳିଶି ବର୍ଷ ପରେ ଧରାକୋଟ ଗଡ଼ରେ ପଞ୍ଚୁ ଦଣ୍ଡ ଅନୁଷ୍ଠିତ ହେଉଥିବାରୁ ଗ୍ରାମବାସୀଙ୍କ ମନରେ ଉତ୍ସାହ ଦେଖାଦେଇଛି।

କାମରେ ଆସୁନି ଶୌଚାଳୟ, ଲୋକଙ୍କ ଅସନ୍ତୋଷ

ବୁଗୁଡ଼ା,୧୪।୨(ସମିସ): ବୁଗୁଡ଼ା ସହର ଅନ୍ତର୍ଗତ ମଦନ ମୋହନ ଛକସ୍ଥିତ ଶୌଚାଳୟଟି ଗତ ମାସ ଠାରୁ ଲୋକଙ୍କ କାମରେ ଆସୁନଥିବା ଜଣାଯାଇଛି। ଶୌଚାଳୟର ପାଣି ପମ୍ପଟି ଖରାପ ହୋଇଯାଇଥିବାରୁ ଜଳର ଅଭାବ ହେଉଛି। ଫଳରେ ଶୌଚାଳୟ ଲୋକଙ୍କ କାମରେ ଆସୁନି। ଲୋକେ ଶୌଚାଳୟକୁ ଆସି ନିରାଶରେ ଫେରିବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପାଣି ପମ୍ପଟିକୁ ସଜାଡ଼ି ଶୌଚାଳୟରେ ଜଳର ସୁବିଧା କରାଇ ଶୌଚାଳୟଟିକୁ କାର୍ଯ୍ୟକ୍ଷମ ଏନ୍‌ଏସି କର୍ତ୍ତୃପକ୍ଷ କାଳକ୍ଷେପଣ ନୀତି ଆପଣାଇଥିବାରୁ ଲୋକେ ହଇରାଣ ହେଉଛନ୍ତି। ଲୋକେ ବାଧ ହୋଇ ଏଣେତେଣେ ପାଚେରୀକଡେ ପରିସ୍ରା କରୁଥିବାରୁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହେଉଛି। ଏଣୁ ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଶୌଚାଳୟଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ରାଜବଂଶ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଧରାକୋଟ ଚାମ୍ପିଅନ



ଶେରଗଡ଼,୧୪।୨(ସମିସ): ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ରାଜବଂଶ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାର ୮ଟି ଦଳ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଆସିକା ପାନାସୋନିକ ଏବଂ ଧରାକୋଟ ୟଙ୍ଗ କ୍ରିକେଟ କ୍ଲବ ମଧ୍ୟରେ ଉଦ୍‌ଯାପନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକାକୁ ହରାଇ ଧରାକୋଟ ଚାମ୍ପିଅନ ହୋଇଥିଲା। ଆସିକା ଦଳ ଟସ ଜିତି ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୦୮ ୱିକେଟ ହରାଇ ୨୨୫ ରନ ସଂଗ୍ରହ କରିଥିଲେ। ୨୨୬ ରନର ବିଜୟ ଲକ୍ଷ୍ୟ ନେଇ ଧରାକୋଟ ୟଙ୍ଗ କ୍ରିକେଟ କ୍ଲବ ପଡିଆକୁ ଓହ୍ଲାଇଥିଲା। ଧରାକୋଟ ପକ୍ଷରୁ ସନ୍ତୋଷ ପାତ୍ରଙ୍କ ୧୨୬, ଚିନୁଙ୍କ ୯୬ ରନ ସହାୟତାରେ କୌଣସି ୱିକେଟ ନ ହରାଇ ୧୫.୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଆସିକା ଲୋକସଭା କଂଗ୍ରେସ ପ୍ରାର୍ଥୀ ଦେବକାନ୍ତ ଶର୍ମା, ଓଡିଶା ପ୍ରଦେଶ କିଷାନ କଂଗ୍ରେସ ଉପସଭାପତି ଶିବରାମ ପ୍ରଧାନ, ଶେରଗଡ ବ୍ଲକ କଂଗ୍ରେସ ସଭାପତି କୁନା ବିଷୋୟୀ, ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରକାଶ ବିଷୋୟୀ ଯୋଗଦେଇ ବିଜୟୀ ଏବଂ ପରାଜିତ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଆଜି ଅନ୍ତିମ ଦିବସରେ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ଧରାକୋଟ ୟଙ୍ଗ କ୍ରିକେଟ କ୍ଲବର ଓପନର ସନ୍ତୋଷ ପାତ୍ର ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ଧରାକୋଟ ୟଙ୍ଗ କ୍ରିକେଟ କ୍ଲବର ଚିନୁଙ୍କୁ ପୁରସ୍କୃତ କରାଯାଇଥିଲା।

ହରଗୌରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଛତ୍ରପୁର,୧୪।୨(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ହରଗୌରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ବାର୍ଷିକୀ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ

ଅନୁଷ୍ଠିତ ଉତ୍ସବରେ ଟାଙ୍ଗଣାପଲ୍ଲୀ ପଞ୍ଚାୟତର ସରପଞ୍ଚ ବି. ସୁଦାମ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ପଞ୍ଚାୟତ ପାଣ୍ଠିରୁ ଆର୍ଥିକ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇ ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପୂର୍ବତନ ବିଧାୟକ ସ୍ୱର୍ଗତ ରାମଚନ୍ଦ୍ର ସେଠୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟବକ୍ତା ରୂପେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ଶିକ୍ଷକ ନେତା କାମରାଜୁ ମହାରଣା ବିଦ୍ୟାଳୟ ପ୍ରତିଷ୍ଠା ବିବରଣୀ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ କୋରା ମହାରଣା, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଗଦାଧର ରାଉଳ, ସମିତି ସଭ୍ୟା ମୀନାକୁମାରୀ ସାହୁ, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା କୁମାରୀ ଦେବୀ, ପ୍ରକାଶଚନ୍ଦ୍ର ପାଣିଗ୍ରାହୀ, ନୀଳକଣ୍ଠେଶ୍ୱର ବିଦ୍ୟପୀଠ ଏନସିସି ଫାଷ୍ଟ ଅଫିସର ସୁଧାକର ବୋଳି, ମାୟା ସାହୁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଧର୍ମେନ୍ଦ୍ର ପ୍ରଧାନ ଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ। ଅତିଥି ମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାସିନୀ ସାହୁ, ଶୁଭ୍ରଚଳା ବକ୍ସି, ସାଗରିକା ପାଢ଼ୀ, ଜି. ବିଜୟାଲକ୍ଷ୍ମୀ, ନମିତା ଆଚାର୍ଯ୍ୟ, ସୁଧୀର ସେଠି, ପଦ୍ମଚରଣ ଦାସ, ବିନୋଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଉଦ୍‌ଘାଟିତ

ଆସିକା,୧୪।୨(ସମିସ): ପ୍ରଜପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ପ୍ରଦର୍ଶନୀ ପଡ଼ିଆରେ ତ୍ରିଦିବସୀୟ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଉଦ୍‌ଘାଟିତ ହୋଇଯାଇଛି। ମେଳାର ଉଦ୍‌ଘାଟନୀ ସମାରୋହରେ ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରି ସମସ୍ତ ଜ୍ୟୋତିର୍ଲିଙ୍ଗଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଆସ୍କା ଚିନି କାରାଖାନାର ମ୍ୟାନେଜିଂ ଡାଇରେକ୍ଟର ଡଃ ସୁଶାନ୍ତ କୁମାର ପଣ୍ଡା, ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା ଓ ଚିନ୍ମୟ ମିଶନ ଆସ୍କାର ସାଙ୍ଗଠନିକ ସଭାପତି ଲକ୍ଷ୍ମୀନାରାୟଣ ଗୁପ୍ତା, କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ପ୍ରଭାତୀ ଉପସ୍ଥିତ ସଭାକୁ ଜ୍ୟୋତିର୍ଲିଙ୍ଗ ଦର୍ଶନ କରି ଗୁଣର ସାଗର ଶିବ ପିତାଙ୍କ ଠାରୁ ଗୁଣରୂପୀ ଖଜଣାରେ ଭରପୁର ହେବା ଆମ ଜୀବନର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଉପସ୍ଥିତ ସମସ୍ତ ଅତିଥି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଏକ ବିରଳ ପରିକଳ୍ପନା ଏବଂ ଚିନ୍ତାମୁକ୍ତ ଜୀବନଶୈଳୀ ପାଇଁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ସମୟର ଆବଶ୍ୟକତା ବୋଲି ପ୍ରକାଶ କରିଥିଲେ।

ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ

ବେଲଗୁଣ୍ଠା,୧୪।୨(ସମିସ): ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ପଞ୍ଚାୟତର ବୋରୀ ପିଏମ୍ ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧକ୍ଷ ଡଃ ଦିଲ୍ଲୀପ୍ କୁମାର ଖୁଣ୍ଟିଆ, ସମ୍ମାନିତ ଅତିଥି ରୂପେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ମାନସ ରଞ୍ଜନ ଡାକୁଆ, ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ସୁଧୀର କୁମାର ଜେନା, ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ଡାକୁଆ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର,କବି ପ୍ରଶାନ୍ତ ମହାନ୍ତି, ଲୋହରାଖଣ୍ଡି ସାହିତ୍ୟ ସଂସଦ ସମ୍ପାଦକ ଚିନ୍ମୟ ବେବର୍ତ୍ତା, ଗାଙ୍ଗପୁର ନାଏବ ସରପଞ୍ଚ ଦ୍ୱିତୀକୃଷ୍ଣ ବିଷୋୟୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗନ୍ନାଥ ପାଣି, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାର ଚନ୍ଦ୍ର ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିଷ୍ଣୁ ପ୍ରସାଦ ପଣ୍ଡା ଏବଂ ଶିଶିର କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାଢୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିକ୍ଷକ ଲକ୍ଷ୍ମୀଧର ଗୌଡ଼, ଅଶୋକ କୁମାର ବେହେରା, ପ୍ରମୋଦ କୁମାର ସାହୁ, ମନୋରଞ୍ଜନ ବିଷୋୟୀ, ଭୀଷ୍ମ ପ୍ରଧାନ, ଅଭୟ ପୃଷ୍ଟି, ଗୌତମ ପାତ୍ର, ଲୁଚିତ କୁମାର ବିଷୋୟୀ, ସୁନିତା ଦାଶ, ଲିପି ପ୍ରଧାନ, ନଙ୍ଗାରାମ ହାଁସଦା, ଶୁଭଶ୍ରୀ ପଣ୍ଡାଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ଶିକ୍ଷକ ଲକ୍ଷ୍ମୀଧର ଗୌଡ଼ ଧନ୍ୟବାଦ ଜ୍ଞାପନ କରିଥିଲେ।

ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ



ଧରାକୋଟ,୧୪।୨(ସମିସ): ଧରାକୋଟ ଅଗ୍ନିଶମ ବାହିନୀ ତରଫରୁ ସାବା ଆଶ୍ରମ ବିଦ୍ୟାଳୟରେ ନିଆଁଲିଭା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ଆଗ୍ନିକ ଆଶୁତୋଷ ଦଳାଇ, ଦୁଷ୍ମନ୍ତ ପ୍ରଧାନ, ଯୁଧିଷ୍ଠିର ମାଝୀ ପ୍ରମୁଖ ଶିକ୍ଷକ, ଛାତ୍ରଛାତ୍ରୀଙ୍କୁ ପାଞ୍ଚ ପ୍ରକାରର ନିଆଁ ଲିଭା କୌଶଳ ପ୍ରଦର୍ଶନ କରିଥିଲେ। ଡବ୍ଲୁଇଓ ଅନନ୍ୟା ପଣ୍ଡା, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବାଡ଼ତ୍ୟା, ପ୍ରଭାସିସ ପରମାଣିକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

କୃତୀ ଛାତ୍ରୀଙ୍କୁ ମିଳୁନି ସହାୟତା ରାଶି

ପାତ୍ରପୁର,୧୪।୨(ସମିସ): ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ସଫଳତାର ପ୍ରଥମ ପାହାଚ ହେଉଛି ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିବା। ପ୍ରତ୍ୟେକ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନେ ଏହି ପରୀକ୍ଷା ନିମନ୍ତେ ମନୋନୀତ ହୋଇଥାନ୍ତି। କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ରାଶି ମଧ ପ୍ରଦାନ କରାଯାଇଥାଏ। ହେଲେ ପରୀକ୍ଷାରେ କୃତିତ୍ୱ ହାସଲ କରିବାର ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ସୁଦ୍ଧା ସହାୟତା ରାଶି ପାଇନଥିବା ଅଭିଯୋଗ ହୋଇଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ସୀମାନ୍ତ ପାତ୍ରପୁର ବ୍ଲକ। ପାତ୍ରପୁର ବ୍ଲକ ବାଦପୁର ଗ୍ରାମର ଲିଙ୍ଗରାଜ ପଣ୍ଡାଙ୍କ ଝିଅ ଶ୍ରଦ୍ଧାଞ୍ଜଳି ପଣ୍ଡା ୨୦୨୩ ଅକ୍ଟୋବର ମାସରେ ବୃତ୍ତି ପରୀକ୍ଷା ଦେଇଥିବା ବେଳେ କୃତିତ୍ୱ ହାସଲ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ସରକାରୀ ସହାୟତା ପାଇନଥିବା ଅଭିଯୋଗ ହୋଇଛି। ଏମିତିକି ଶ୍ରଦ୍ଧାଞ୍ଜଳୀଙ୍କ ବାପା ଲିଙ୍ଗରାଜ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ୨୦ରୁ ଊର୍ଦ୍ଧ୍ୱ ଥର ଯାଇ ଘଟଣା ସମ୍ପର୍କରେ ବୁଝିବାକୁ ଚେଷ୍ଟା କରିଥିଲେ। ହେଲେ ବିଭିନ୍ନ ଆଳ ଦେଖାଇ ସେଠାକାର କର୍ମଚାରୀ ତାଙ୍କୁ ଫେରାଉଥିବା ସେ ଅଭିଯୋଗ କରିଛନ୍ତି। ଦୁଇ ବର୍ଷ ବିତିଥିଲେ ମଧ କେଉଁ କାରଣରୁ ସହାୟତା ପ୍ରଦାନ କରାଯାଇନଥିବା ଜାଣିବା ପାଇଁ ସ୍ଥାନୀୟ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ପୃଷ୍ଟିଙ୍କ ସହ ଯୋଗାଯୋଗ କରିବାରୁ ଯୋଗାଯୋଗ ସମ୍ଭବ ହୋଇ ପାରିନଥିଲା। ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଉପାନ୍ତ ଆଜି ବି ଅବହେଳିତ ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କେବଳ ଶ୍ରଦ୍ଧାଞ୍ଜଳିଙ୍କୁ ବୃତ୍ତି ଟଙ୍କା ମିଳିନି ନା ଏମିତି ଅନେକ ଛାତ୍ରଛାତ୍ରୀ ପାଇ ନାହାନ୍ତି ତାହା ତଦନ୍ତ ହେଲେ ଜଣାପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି।

ଘାଟିପାରି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁକୁଡ଼ାଖଣ୍ଡି,୧୪।୨(ସମିସ): କୁକୁଡ଼ାଖଣ୍ଡି ବ୍ଲକ ବାଲିପଡ଼ା ସ୍ଥିତ ଘାଟିପାରି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତି କୁମାରୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ କୁକୁଡ଼ାଖଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ଓ ଶିକ୍ଷାର ସମନ୍ୱୟର ଗୁରୁତ୍ୱ ବିଷୟରେ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଗଞ୍ଜାମ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅକ୍ଷୟ କୁମାର ପଟ୍ଟନାୟକ (ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ), ଡ. ସୂର୍ଯ୍ୟ ନାରାୟଣ ଦାଶ (ଅବସରପ୍ରାପ୍ତ ଅଧ୍ୟକ୍ଷ, ମହୁରୀ କାଳୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ), ଗୋକୁଳକୃଷ୍ଣ ପଣ୍ଡା (ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ) ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ଶଙ୍କର ନାରାୟଣ ବେଜ, ଗୋଷ୍ଠୀ ଶିକ୍ଷାଧିକାରୀ ଦିଗପହଣ୍ଡି ଛାତ୍ରଛାତ୍ରୀଙ୍କୁ ନୀତିଗତ ଶିକ୍ଷା ଓ ସଂସ୍କାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ କୁକୁଡ଼ାଖଣ୍ଡି ବ୍ଲକ ଭାରପ୍ରାପ୍ତ ଅଧକ୍ଷା ବିଷ୍ଣୁପ୍ରିୟା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଶିବାନୀ ସେଠୀ, ସରପଞ୍ଚ, ବାଲିପଡ଼ା ଝିଲି ସେଠୀ, ସମିତି ସଭ୍ୟା ପ୍ରତିମା ମଲ୍ଲିକ, ଡ. ପ୍ରସନ୍ନ କୁମାର ବିଷୋୟୀ, ବସନ୍ତ କୁମାର ସେଠୀ, ଆଲୁମିନି ସଭାପତି ନିରଞ୍ଜନ ମହାନ୍ତି, ସମାଜସେବୀ ଲଳିତ ମୋହନ ବିଷୋୟୀ ଓ ପୂର୍ବତନ ଛାତ୍ର ସଞ୍ଜୟ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

ମଜୁରି ବୃଦ୍ଧି ଦାବିରେ ଶ୍ରମିକଙ୍କ ଆନ୍ଦୋଳନ

ଛତ୍ରପୁର,୧୪।୨(ସମିସ)



ଶ୍ରମିକଙ୍କ ଦୈନିକ ମଜୁରୀ ଟଙ୍କା ବୃଦ୍ଧି କରିବା, ଓଭର ଡ୍ୟୁଟି ବନ୍ଦ କରିବା, ଶୌଚାଳୟର ବ୍ୟବସ୍ଥା କରିବା ଏବଂ ସ୍ଥାନୀୟ ଶ୍ରମିକଙ୍କୁ ଅଧିକ ଗୁରୁତ୍ୱ ଦେବା ସମେତ ବିଭିନ୍ନ ଦାବି ନେଇ ଚମାଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଥିବା ଛତୁ ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ଶ୍ରମିକ ମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହା ସହିତ ଫ୍ୟାକ୍ଟ୍ରିକୁ ଯାତାୟତ ରାସ୍ତାକୁ ମଧ ଅବରୋଧ କରି ସେମାନଙ୍କ ହକ ନିମନ୍ତେ ଧାରଣା ବସିଥିଲେ। ତେବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ହସ୍ତକ୍ଷେପ ପରେ ସେମାନଙ୍କ ବିବାଦ ତୁଟିଥିଲା। ସୂଚନାଯୋଗ୍ୟ ଗତ ୧୧ ତାରିଖ ଠାରୁ ଛତୁ ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ଥିବା ଗୋବିନ୍ଦପୁର ଗ୍ରାମର ମହିଳା ଓ ପୁରଷ ଶ୍ରମିକ ମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସୂଚନା ପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପହଞ୍ଚି ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଗୁଡିକ ପଚାରି

ବିଧାୟକଙ୍କ ଉପସ୍ଥିତରେ ତୁଟିଲା ବିବାଦ

ବୁଝିଥିଲେ। ପରେ ଗ୍ରାମସ୍ଥିତ କମ୍ୟୁନିଟି ହଲରେ ବିଧାୟକ ଶ୍ରୀ ନାୟକଙ୍କ ଉପସ୍ଥିତିରେ ଲକ୍ଷ୍ମୀପୁର ସରପଞ୍ଚଙ୍କ ସ୍ୱାମୀ ମାଗୁଣି ବିଷୋୟୀ, ସମିତିସଭ୍ୟ ଏନ. ରମେଶ ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ଆନ୍ଦୋଳନରତ ଶ୍ରମିକ, ଗ୍ରାମ ପରିଚାଳନା କମିଟି, ଭଦ୍ର ବ୍ୟକ୍ତି, ଫ୍ୟାକ୍ଟ୍ରି ମାଲିକ ଏବଂ ଗ୍ରାମର ବହୁ ଜନସାଧାରଣ ଏକତ୍ରିତ ବସି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରମିକ ମାନେ ସେମାନଙ୍କ ଦାବି ଗୁଡିକ ଉପସ୍ଥାପନା କରିଥିଲେ। ଅନ୍ୟ ରାଜ୍ୟର ଶ୍ରମିକ ମାନଙ୍କୁ ଫ୍ୟାକ୍ଟ୍ରି ମାଲିକ ଅଧିକ ଟଙ୍କା ଦେବା ସହିତ ସେମାନଙ୍କୁ ଗୁରୁତ୍ୱ ଦେଉଥିବା ବେଳେ ସ୍ଥାନୀୟ ଶ୍ରମିକ ମାନଙ୍କୁ ଅଣ ଦେଖା କରୁଛନ୍ତି ବୋଲି ମଧ ବୈଠକରେ କୁହାଯାଇଥିଲା। ଶେଷରେ ଶ୍ରମିକଙ୍କ ଦୈନିକ ମଜୁରୀ ୫୦ ଟଙ୍କା ବୃଦ୍ଧି ସହ ଅନ୍ୟାନ୍ୟ ଦାବି ଗୁଡିକ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ମାନେ ଆନ୍ଦୋଳନରୁ ହଟିଥିଲେ। ସୁରକ୍ଷାକୁ ଦୃଷ୍ଟି ରଖି ଚମାଖଣ୍ଡି ଥାନାର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

ଚୂଡ଼ାନ୍ତ ହେଲା ଗଞ୍ଜାମର ୫ ନୂଆ ମ୍ୟୁନିସିପାଲିଟି ରୂପରେଖ

- ● ୩୬ ୱାର୍ଡ ବିଶିଷ୍ଟ ହେବ ଛତ୍ରପୁର ମ୍ୟୁନିସିପାଲିଟି
- ● ୨୬ ୱାର୍ଡକୁ ନେଇ କବିସୂର୍ଯ୍ୟନଗର ମ୍ୟୁନିସିପାଲିଟି
- ● ୧୬ ୱାର୍ଡରୁ ୨୭କୁ ବୃଦ୍ଧି ପାଇଲା ଭଞ୍ଜନଗର
- ● ୧୯ରୁ ୨୧ ୱାର୍ଡ ହେଲା ପୋଲସରା
- ● ଆସିକାରେ ୨୩ ଟି ୱାର୍ଡ, ବଢ଼ିଲା ପରିସୀମା

ବ୍ରହ୍ମପୁର/ଛତ୍ରପୁର/କବିସୂର୍ଯ୍ୟନଗର/ପୋଲସରା/ଆସିକା,୧୪।୨(ସମିସ): ଗଞ୍ଜାମ ଜିଲ୍ଲାରେ ନୂତନ ଭାବେ ୫ଟି ମ୍ୟୁନିସିପାଲିଟି ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଗଠିତ ହୋଇଛି। ଏହାର ସୀମା ପୁନଃନିର୍ଦ୍ଧାରଣ ଓ ସଂରକ୍ଷଣ, ଆପତ୍ତି ଅଭିଯୋଗ ଆଦି କାର୍ଯ୍ୟ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଯାଇଛି। ଏହିକ୍ରମରେ ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା, ଭଞ୍ଜନଗର ଓ ଆସିକା ଓ ନୂତନ ଏନ୍ଏସି ପାତ୍ରପୁର ଓ ଜଗନ୍ନାଥପ୍ରସାଦରେ ଗାଇଡ୍ଲାଇନ୍ ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ ପାଇଥିବା ଗଞ୍ଜାମ ଜିଲ୍ଲାପାଳ କହିଛନ୍ତି। ଏଠାରେ ୱାର୍ଡ ପୁନଃଗଠନ ହେବା ସହ କେଉଁ ୱାର୍ଡରେ କ'ଣ ସଂରକ୍ଷଣ ରହିବ ସେ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଲୋକଙ୍କୁ ୧୦ଦିନ ସମୟ ମଧ ଦିଆଯାଇଛି। ସେମାନେ ଏହି ଦିନ ମଧ୍ୟରେ ଆପତ୍ତି ଅଭିଯୋଗ ଜଣାଇପାରିବେ ବୋଲି ଜିଲ୍ଲାପାଳ ଭି କିର୍ତ୍ତିଭାସନ କହିଛନ୍ତି।

ଛତ୍ରପୁର ଏନ୍ଏସି ୧୪ଟି ୱାର୍ଡ ନେଇ ଗଠିତ ହୋଇଥିଲାବେଳେ ସମ୍ପ୍ରତି ୩୬ ଟି ୱାର୍ଡକୁ ନେଇ ନୂଆ ମ୍ୟୁନିସିପାଲିଟି ହେବ। ସେହିଭଳି କବିସୂର୍ଯ୍ୟନଗରରେ ୧୩ୱାର୍ଡ ରହିଥିବାବେଳେ ୨୬କୁ ସମ୍ପ୍ରସାରିତ ହୋଇଛି। ଅନୁରୂପ ଭାବେ ଭଞ୍ଜନଗର ମଧ ୧୬ଟି ୱାର୍ଡରୁ ୨୭ଟି ୱାର୍ଡକୁ ବୃଦ୍ଧିପାଇଛି। ପୋଲସରା ଏନ୍ଏସି ପୂର୍ବରୁ ୧୯ଟି ୱାର୍ଡ ଥିବା ବେଳେ ବର୍ତ୍ତମାନ ଆଉ ୨ଟି ନୂଆ ୱାର୍ଡ ଯୋଡ଼ିହୋଇଛି। ସେହିଭଳି ୨୩ ୱାର୍ଡ ବିଶିଷ୍ଟ ହୋଇଛି ଆସିକା ମ୍ୟୁନିସିପାଲିଟି। ନୂତନ ଭାବେ ଗଠିତ ହେବାକୁ ଛତ୍ରପୁର ମ୍ୟୁନିସିପାଲିଟିରେ ୧, ୩, ୪, ୫, ୮ ଓ ୨୪, ୨୭, ୩୦, ୩୨, ୩୪ ଓ ୩୬ ନମ୍ବର ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷିତ ଥିବାବେଳେ ୨, ୬ ଓ ୯ ଏସ୍ସି ମହିଳାଙ୍କ ଉଦ୍ଦେଶ୍ୟରେ ସଂରକ୍ଷିତ ରଖାଯାଇଛି। ସେହିପରି ୨୩, ୨୬ ଓ ୩୫ ଏସ୍ସି ଭାଇଭଉଣୀଙ୍କ ଲାଗି ସଂରକ୍ଷିତ ରହିଛି। ୨୦ନମ୍ବର ୱାର୍ଡ ଏସ୍ଟି ମହିଳାଙ୍କ ଲାଗି ସଂରକ୍ଷିତ ରହିଥିବା ବେଳେ ୧୦, ୧୯, ୨୧,୨୨, ୨୫ ଓ ୩୧ ଅଣସରକ୍ଷିତ ରହିଛି।

କବିସୂର୍ଯ୍ୟନଗର ମୁନିସିପାଲ୍ଟିରେ ମଧ ୱାର୍ଡ ନଂ ୧୦।ରୁ ୱାର୍ଡ ୬ପର୍ଯ୍ୟନ୍ତ ତତପରେ ୮ରୁ ୧୦ ଓ ୧୫ନଂ ୱାଡର୍ ଅଣସଂରକ୍ଷିତ ରହିଛି। ସେହିଭଳି ୱାର୍ଡ ନଂ ୭, ୧୩, ଏସ୍ସି ଭାଇ ଭଉଣୀଙ୍କ ଲାଗି ସଂରକ୍ଷିତ ଥିବା ବେଳେ ୨୬ ଓ ୧୯ ନଂ ୱାଡର୍ ଏସ୍ସି ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ସେହିଭଳି ୧୨, ୧୪, ୧୫ ଓ ୨୦ରୁ ୨୫ନଂ ୱାଡର୍ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ଅନୁରୂପ ଭାବେ ୧୮ ନଂ ୱାର୍ଡ ଏସ୍ଟି ମହିଳଙ୍କ ଲାଗି ସଂରକ୍ଷିତ ରହିଥିବା ପ୍ରକାଶିତ ବିଜ୍ଞପ୍ତିରୁ ସୂଚନା ମିଳିଛି।

ଅନୁରୂପ ଭାବେ ଭଞ୍ଜନଗର ମ୍ୟୁନିସିପାଲିଟିରେ ମଧ ୧, ୨, ୬, ୭, ୮, ୧୨,୧୩, ୧୪ ନମ୍ବର ୱାର୍ଡ ଅଣସଂରକ୍ଷିତ ରହିଛି। ୩, ୪, ୧୬-୨୧ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷିତ ହୋଇଛି। ୫, ୯, ୧୧ ୱାର୍ଡ ଏସ୍ସି ଭାଇଭଉଣୀଙ୍କ ଲାଗି ସଂରକ୍ଷିତ ଥିବା ବେଳେ ୧୫,୨୬ ୱାର୍ଡ ଏସ୍ସି ମହିଳା ଓ ୨୭ନମ୍ବର ୱାର୍ଡ ଏସ୍ଟି ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି।

ପୋଲସରା ମ୍ୟୁନିସିପାଲିଟିରେ ବେଲଗାଁ ପଞ୍ଚାୟତର ୬ଟି ୱାର୍ଡ ସାମିଲ ହୋଇଛି। ୱାର୍ଡ ପୁନଃଗଠନରେ ସେଭଳି କୌଣସି ପରିବର୍ତ୍ତନ ହୋଇନଥିଲେ ମଧ ଆଗାମୀ ନିର୍ବାଚନ ପାଇଁ ସିଟ ସଙ୍ରକ୍ଷଣ କରାଯାଇଛି। ଏଠାକାର ୧, ୧୦, ୧୧, ୧୨, ୧୩, ୧୪, ୧୮, ୨୦ ଓ ୨୧ ନମ୍ବର ୱାର୍ଡ ସାଧାରଣ ବର୍ଗଙ୍କ ପାଇଁ ଥିବାବେଳେ ୨, ୪, ୫, ୭,୯,୧୫, ୧୭ ଓ ୧୯ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ୱାର୍ଡନମ୍ବର ୩ ଓ ୧୬ ଏସ୍ସି ମହିଳା, ୱାର୍ଡ ନମ୍ବର ୮ ଏସସି ଏବଂ ଏକମାତ୍ର ସିଟ ୱାର୍ଡ ନମ୍ବର ୬ ଏସ୍ଟି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି।

ସେହିଭଳି ୨୩ଟି ୱାର୍ଡ ବିଶିଷ୍ଟ ହେବ ଆସିକା ମ୍ୟୁନିସିପାଲିଟି। ଏଠାକାର ୧,୨, ୬,୮, ୧୫, ୧୬, ୧୯,୨୦ ଓ ୨୨ନଂ ୱାଡର୍ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ୩,୪, ୯,୧୧, ୧୭,୧୮, ୨୧ ଓ ୨୩ନଂ ୱାଡର୍ ଅଣସଂରକ୍ଷିତ ରହିଛି। ଅନୁରୂପ ଭାବେ ୫ ଓ ୧୪ନଂ ୱାର୍ଡ ଏସ୍ସି ଭାଇଭଉଣୀଙ୍କ ଲାଗି ସଂରକ୍ଷିତ ଥିବା ବେଳେ ୧୦, ୧୨, ଏସ୍ସି ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି। ୧୩ନଂ ୱାର୍ଡ ଏସ୍ଟି ମହିଳାଙ୍କ ଲାଗି ସଂରକ୍ଷଣ ରଖାଯାଇଥିବା ସୂଚନା ମିଳିଛି। ଅପରପକ୍ଷେ ଛତ୍ରପୁର ମୁନସିପାଲ୍ଟିରେ ସମ୍ପ୍ରତି ନୂତନ ଭାବେ ଅନେକ ପଞ୍ଚାୟତ ସାମିଲ ହୋଇ ଏହାର ଜନସଂଖ୍ୟା ୬୦୬୩୨ ରହିଛି। ସେହିଭଳି ଆସିକାରେ ୩୦୪୧୬, ଭଞ୍ଜନଗରରେ ୩୯.୭୮୪, କବିସୂର୍ଯ୍ୟନଗରରେ ୨୫୮୮୦, ପୋଲସରାରେ ୨୬୬୭୬ ରହିଥିବା ଜଣାପଡ଼ିଛି। ଆଗାମୀ ଦିନରେ ହେବାକୁ ଥିବା ଜନଗଣନା ପରେ ଏହାର ପୂର୍ଣ୍ଣାଙ୍ଗ ସଂଖ୍ୟା ସ୍ପଷ୍ଟ ହେବ।

ନୂଆ ରୂପରେ ଉପାନ୍ତର ଦୁଇ ନୂତନ ଏନ୍ଏସି

- ■ ୧୫ୱାର୍ଡ ବିଶିଷ୍ଟ ହେବ ପାତ୍ରପୁର, ପାଶ୍ୱର୍ବର୍ତ୍ତୀ ଗାଁ ସାମିଲ
- ■ ଜଗନ୍ନାପ୍ରସାଦରେ ୧୨ଟି ୱାର୍ଡ, ୫ଟି ଅଣସଂରକ୍ଷିତ

ବ୍ରହ୍ମପୁର/ପାତ୍ରପୁର/ଜଗନ୍ନାଥପ୍ରସାଦ,୧୪।୨(ସମିସ): ନୂତନ ଭାବେ ଗଠିତ ହୋଇଥିବା ଗଞ୍ଜାମର ଦୁଇଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ପାତ୍ରପୁର ଓ ଜଗନ୍ନାଥପ୍ରସାଦ ନୂଆ ରୂପ ପାଇବ। ଗ୍ରାମାଞ୍ଚଳରୁ ସହରାଞ୍ଚଳରେ ପରିବର୍ତ୍ତନ ହେବ। ଏଥିପାଇଁ ପ୍ରଶାସନିକ ସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ଦୁଇ ଏନ୍ଏସି ଗଠନ ନେଇ ପ୍ରାଥମିକ ପର୍ଯ୍ୟାୟରେ ସୀମା ନିର୍ଦ୍ଧାରଣ, ୱାର୍ଡ ଗଠନ ଓ ଆପତ୍ତି ଅଭିଯୋଗ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତିରୁ ଜଣାଯାଇଛି ଯେ, ୧୫ୱାଡର୍ ବିଶିଷ୍ଟ ହେବ ପାତ୍ରପୁର ଏନଏସି। ପାତ୍ରପୁର ସମେତ ଏଥିରେ ସପଙ୍ଗ, ଶ୍ରୀରାମପୁର, ସରଧାପୁର, ତମ୍ପାପୁର, ମୁକୁନ୍ଦପୁର, ବମକେଇ, ମୁଣ୍ଡକେରୀ, ସାମନ୍ତିଆପଲ୍ଲୀ ଛକ ଆଦି ସ୍ଥାନ ପାଇଛି। ଏଠାକାର ୧, ୩, ୫, ୧୧ ଓ ୧୨ ନଂ ୱାଡର୍ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ୨ନମ୍ବର ୱାର୍ଡ ଏସ୍ଟି ମହିଳା, ୧୦ ଓ ୧୫ନଂ ୱାର୍ଡ ଏସ୍ସି ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ୪ ଓ ୧୪ନଂ ୱାଡର୍ରେ ଏସ୍ସି ଲାଗି ସଂରକ୍ଷିତ ରହିଥିବା ବେଳେ ୬ରୁ ୮ ଓ ୧୧, ୧୨ ଅଣସଂରକ୍ଷିତ ରହିଛି। ଅନୁରୂପ ଭାବେ ଜଗନ୍ନାଥପ୍ରସାଦ ଏନଏସିରେ ୧, ୨, ୯, ୧୦, ୧୧ ନଂ ୱାର୍ଡ ଅଣସଂରକ୍ଷିତ ରହିଥିବା ବେଳେ ୫-୭ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷିତ ହୋଇଛି। ୩ ଓ ୮ ନଂ ୱାର୍ଡ ଏସ୍ସି ମହିଳା, ୧୨ନଂ ୱାର୍ଡ ଏସ୍ଟି ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ଅନ୍ୟଏକ ସୂଚନା ପ୍ରକାରେ ପାତ୍ରପୁରର ଜନସଂଖ୍ୟା ୧୧୬୭୬ ରହିଥିବା ବେଳେ ଜଗନ୍ନାଥପ୍ରସାଦରେ ୧୧ହଜାର ଜନସଂଖ୍ୟା ଥିବା ଜଣାଯାଇଛି। ଆଗାମୀ ଦିନରେ ହେବାକୁ ଥିବା ଜନଗଣନା ପରେ ଏହାର ପୂର୍ଣ୍ଣାଙ୍ଗ ସଂଖ୍ୟା ସ୍ପଷ୍ଟ ହେବ। ତେବେ ଏହି ବିଜ୍ଞପ୍ତି ପରେ ଆପତ୍ତି ଅଭିଯୋଗ ଲାଗି ପ୍ରଶାସନ ପକ୍ଷରୁ ସମୟ ଦିଆଯାଇଛି। ତତ୍ପରେ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ନିଷ୍ପତ୍ତି ହେବ ବୋଲି ଜଣାପଡ଼ିଛି।

ମାଟ୍ରିକ ପରୀକ୍ଷା ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ

୨୧୭ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ୪୫ ହଜାର ବିଦ୍ୟାର୍ଥୀ



ବ୍ରହ୍ମପୁର, ୧୪।୨ (ସମିସ): ସ୍ଥାନୀୟ ସରକାରୀ ପଲିଟେଚନିକ ପ୍ରେକ୍ଷାଳୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବାର୍ଷିକ ମାଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଅଜୟ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ(ଏଡିଇଓ) ଡ. ପ୍ରଭାତୀ କୁମାରୀ ମହାପାତ୍ର ଓ ଏସ. ଧନଞ୍ଜୟଙ୍କ ସମେତ ଜିଲ୍ଲାର ୨୧୭ଟି ପରୀକ୍ଷା କେନ୍ଦ୍ରର କେନ୍ଦ୍ର ଅଧୀକ୍ଷକ ଯୋଗ ଦେଇଥିଲେ। ଚଳିତବର୍ଷ ହେବାକୁ ଥିବା ମାଟ୍ରିକ ପରୀକ୍ଷାକୁ କିଭଳି ସୁଚାରୁ ଭାବେ ପରିଚାଳନା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏଡ଼ିଇଓ ଡ. ମହାପାତ୍ର ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନା କରିଥିଲେ। ଚଳିତ ମାସ ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବାକୁ ଥିବା ଉକ୍ତ ପରୀକ୍ଷାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ମୋଟ ୪୫ହଜାର ୨୧୯ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ସେଥିମଧ୍ୟରୁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପାଇଁ ୪୪ ହଜାର ୩୯୨ଜଣ, ଏସ ଓ ଏସ୍ସି ପାଇଁ ୭୧୪ ଓ ମାଧ୍ୟମ ପାଇଁ ୮୫ଜଣ ଫର୍ମପୂରଣ କରିଛନ୍ତି। ପରୀକ୍ଷା ନିମନ୍ତେ ଜିଲ୍ଲାରେ ୧୬ଟି ନୋଡାଲ କେନ୍ଦ୍ରରୁ ୫୧ଟି ଟିମ ଯୋଗେ ୨୧୭ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନ ପତ୍ର ନେବା ଆଣିବା ବ୍ୟବସ୍ଥା କରାଯାଇଛି। ପରୀକ୍ଷାର୍ଥୀ ସକାଳ ୭ ଘଣ୍ଟା ୩୦ମିନଟ ଠାରୁ ୮ ଘଣ୍ଟା ୩୦ମିନଟ ମଧ୍ୟରେ କେନ୍ଦ୍ର ମଧ୍ୟକୁ ପ୍ରବେଶ କରିବେ। କୌଣସି କାରଣରୁ ଯଦି ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ରୁହନ୍ତି, ତେବେ ଏନେଇ ପରୀକ୍ଷା କେନ୍ଦ୍ରର କେନ୍ଦ୍ର ଅଧୀକ୍ଷକ ଉକ୍ତ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଅବଗତ କରିବାକୁ କୁହାଯାଇଥିଲା।

ପ୍ରଧାନଶିକ୍ଷକମାନେ ଉନୁପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସହ ଯୋଗାଯୋଗ କରିବେ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ସରକାରୀ ପଲିଟେକ୍ନିକ ଅଧ୍ୟକ୍ଷା ତନୁଜା ଦାଶ ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଫାଲଗୁଣି ସାହାୟ ନାୟକ ଉପସ୍ଥିତ ରହି ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ୟାରିଅର କାଉନସେଲିଂରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କହିବା ସହିତ ଡିପ୍ଲୋମା ଓ ଆଇଟିଆଇ ପାଠ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଗୋବିନ୍ଦ ପାଢ଼ୀ, ସୁଧାଂଶୁ ମୁଦୁଲିଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ।

'ଟିମ୍ କ୍ଲିନ୍ ସିଟି' ପକ୍ଷରୁ ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ବ୍ରହ୍ମପୁର,୧୪।୨(ସମିସ): ୨୦୧୯ ମସିହା ଆଜିର ଦିନରେ ଭାରତ ସିଆରପିଏଫର ୪୦ଜଣ ଜବାନଙ୍କୁ ହରାଇଥିଲା। ଆତଙ୍କବାଦୀ ସଂଗଠନ ଜୈଶ ଏ ମହମ୍ମଦ ନାମକ ସଙ୍ଗଠନର ଆକ୍ରମଣରେ ସେମାନେ ସହିଦ ହୋଇଥିଲେ। ଯାହା ଭାରତ ପାଇଁ ଶକ୍ତ ଧକ୍କା ଥିଲା। ଅବଶ୍ୟ ଏହି ଆକ୍ରମଣ ଘଟଣାର ମାତ୍ର ଦୁଇ ସପ୍ତାହ ମଧ୍ୟରେ ଭାରତ ପକ୍ଷରୁ ମଧ ପାଲଟା ଆକ୍ରମଣ କରାଯାଇ ଆତଙ୍କବାଦୀ ସଙ୍ଗଠନର ଆଡ୍ଡାକୁ ଧ୍ୱସ୍ତବିଧ୍ୱସ୍ତ କରାଯାଇଥିଲା। ଏହି ଘଟଣାକୁ ଇତି ମଧ୍ୟରେ ବିତି ଯାଇଛି ଦୀର୍ଘ ୭ବର୍ଷ। ଫେବୃଆରୀ ୧୪ତାରିଖକୁ ବିଶ୍ୱବ୍ୟାପୀ 'ଭାଲେଣ୍ଟାଇନ ଡେ' ଭାବେ ପାଳନ କରାଯାଉଥିବା ବେଳେ ଭାରତରେ ଶହୀଦଙ୍କୁ ସମ୍ମାନ ଜଣାଇ ଏହି ଦିନକୁ ଅଧିକାଂଶ ସ୍ଥାନରେ 'କଳା ଦିବସ' ଭାବେ ପାଳନ କରାଯାଉଛି। ଏହି ଅବସରରେ ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବ୍ରହ୍ମପୁରର ଟିମ କ୍ଲିନ ସିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ କଳା ଦିବାସ ପାଳିତ ହୋଇଯାଇଛି। ସ୍ଥାନୀୟ ଏମ୍କେସିଜି ମେଡିକାଲର ମୁଖ୍ୟଫାଟକ ନିକଟରେ ଟିମର ସମସ୍ତ ସଦସ୍ୟଙ୍କ ସମେତ ବିଭିନ୍ନ ସଙ୍ଗଠନ, ସାମ୍ବାଦିକ ଓ ସହରବାସୀ ସାମିଲ ହୋଇଥିଲେ। ପରେ କ୍ୟାଣ୍ଡେଲ ଜାଳି ଦୁଇ ମିନିଟି ନିରବ ପ୍ରାର୍ଥନା କରି ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସ୍ମୃତିଚାରଣ କରାଯାଇଥିଲା। ପରେ ଉପସ୍ଥିତି ସମସ୍ତ ସଦସ୍ୟ କ୍ୟାଣ୍ଡେଲ ଶୋଭାଯାତ୍ରା କରି ମେଡିକାଲ ଭିତରେ କିଛିବାଟ ପରିକ୍ରମା କରିଥିଲେ। ସହିଦ ଜବାନ ଅମର ରହେ ଓ ଆତଙ୍କବାଦୀ ହାମଲାରେ ପାକିସ୍ତାନର ହାତ ଥିବା ଦର୍ଶାଇ ପାକିସ୍ତାନ ହାଏ ହାଏ ନାରାରେ ସମସ୍ତେ ସ୍ଲୋଗାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ପ୍ରତିନିଧି ତଥା ଟିମ କ୍ଲିନ ସିଟି ସଦସ୍ୟ ଅଶୋକ କୁମାର ଶୁକ୍ଳା, ଶକ୍ତିଧର ରାଜଗୁରୁ, ରାଜେଶ କୁମାର ସାହୁ, ସୂର୍ଯ୍ୟନାରାୟଣ ଚୌଧୁରୀ, ପ୍ରମୋଦ କୁମାର ଦଳେଇ, ସୁବାଷ ମାଝୀ, ଅଭୟ ରଥ, ମନୋଜ ପାଣିଗ୍ରାହୀ, ପ୍ରଦୀପ କୁମାର ସାହୁ, ସନ୍ତୋଷିନୀ ବେହେରା, ସନ୍ତୋଷ ସାହୁ, ସୀମାଞ୍ଚଳ ଶତପଥୀ, ସୁରେଶ ଚନ୍ଦ୍ର ପାଢୀ, ପ୍ରଶାନ୍ତ କୁମାର ରଥ, ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ, ସୁଦୀପ କୁମାର ସାହୁ, ଗୋପାଳ ରେଡ୍ଡୀ, ମୃତ୍ୟୁଞ୍ଜୟ ସାହୁ, କପିଳ ପାଢୀ, ଚନ୍ଦନ ସାହୁ, ଅମର ଦାଶ ଓ ସୁବ୍ରମଣ୍ୟମ ସ୍ୱାମୀ ପ୍ରମୁଖ ଉପସ୍ଥିତ ରହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

■ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ବ୍ରହ୍ମପୁରର ଶ୍ରୀକାନ୍ତ



ବ୍ରହ୍ମପୁର,୧୪।୨(ସମିସ): ବ୍ରହ୍ମପୁର ପ୍ରେମନଗର ନିବାସୀ ଭି. ଶ୍ରୀକାନ୍ତ ସର୍ବଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ଚୟନ ହୋଇଛନ୍ତି। ଆସନ୍ତା ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ନୂଆଁଦିଲ୍ଲୀର ଥାୟାଗ୍ରାଜ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ୨୦୨୫-୨୦୨୬ ସର୍ବଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିବା ପାଇଁ ଦିଲ୍ଲୀ ଗସ୍ତ କରିଛନ୍ତି। ଶ୍ରୀକାନ୍ତ ପୂର୍ବରୁ ଚେନ୍ନାଇ, କେରଳ, ଦିଲ୍ଲୀ, ରାଜସ୍ଥାନ ବ୍ରହ୍ମପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି ୧୦ରୁ ଊର୍ଦ୍ଧ୍ୱ ସ୍ୱର୍ଣ୍ଣ ପଦକ ଏବଂ ଏକାଧିକ ରୌପ୍ୟ ପଦକ ହାସଲ କରିଛନ୍ତି। ଆଗକୁ ଆହୁରି ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି ଶ୍ରୀକାନ୍ତ।

ଏମ୍କେସିଜି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଟେଣ୍ଡାଣ୍ଟଙ୍କ ଧାରଣା



ବ୍ରହ୍ମପୁର,୧୪।୨(ସମିସ): ଏମ୍କେସିଜି ମେଡିକାଲର ବିଭିନ୍ନ ବିଭାଗରେ ଏକ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ଆଟେଣ୍ଡାଣ୍ଟ ଶନିବାର ସକାଳେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଘରୋଇ ଠିକା ସଂସ୍ଥା ପକ୍ଷରୁ କର୍ମଚାରୀଙ୍କୁ ସଠିକ ସମୟରେ ଦରମା ପ୍ରଦାନ କରାଯାଉ ନ ଥିବା ନେଇ କର୍ମଚାରୀମାନେ ଧାରଣା ଦେଇଥିଲେ। ବର୍ତ୍ତମାନ ଏମ୍କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରାୟ ୩୨୫ଜଣ ଆଟେଣ୍ଡ଼ାଣ୍ଟ ବିଭିନ୍ନ ବିଭାଗ ସମେତ କାର୍ଯ୍ୟାଳୟରେ କାର୍ଯ୍ୟରତ ରହିଛନ୍ତି।

ସେଥି ମଧ୍ୟରୁ ପ୍ରାୟ ୩୦ଜଣ ଲିଭ ରିଜର୍ଭ ଭାବେ କାର୍ଯ୍ୟ କରୁଥିବା ବେଳେ ସଂସ୍ଥା ପକ୍ଷରୁ ସେମାନଙ୍କ ଇପିଏଫ୍ ଓ ଇଏସଆଇ ପ୍ରଦାନ କରାଯାଉ ନଥିବା ଅଭିଯୋଗ କରିଛନ୍ତି। ଏଭଳି ବିଭିନ୍ନ ଦାବି ନେଇ ଶତାଧିକ କର୍ମଚାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଭିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏକ ଘଣ୍ଟା ଧରି କର୍ମଚାରୀମାନେ ବିକ୍ଷୋଭ କରିଥିବା ବେଳେ ମେଡିକାଲର ଅଧିକାରୀ ଆସି ବୁଝାସୁଝା ପରେ ଆଟେଣ୍ଡାଣ୍ଟମାନେ କାର୍ଯ୍ୟରେ ଯୋଗ ଦେଇଥିଲେ।

ମହାଶିବରାତ୍ରୀ ପାଇଁ ନୀଳକଣ୍ଠେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା



ବ୍ରହ୍ମପୁର,୧୪।୨(ସମିସ): ମହାଶିବରାତ୍ରୀ ଉପଲକ୍ଷେ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା କାର୍ଯ୍ୟସୂଚୀ ସମ୍ପର୍କିତ ପରିଚାଳନା କମିଟି ପକ୍ଷରୁ ସ୍ଥିର କରାଯାଇଛି। ପ୍ରାତଃ ୩ଘଣ୍ଟା ୩୦ମିନିଟ୍ ସମୟରେ ଦ୍ୱାର ଖୋଲା, ମଙ୍ଗଳ ଆଳତୀ ଓ ରୁଦ୍ରାଭିଷେକ ହେବା ପରେ ପ୍ରାତଃ ୪ଘଣ୍ଟା ୩୦ମିନିଟ୍ ଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ ବୋଲି କମିଟିର ଜଗଦୀଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସନ୍ଧ୍ୟା ୬ଘଣ୍ଟା ୨୦ମିନିଟ୍ ଠାରୁ ଅହରାତ୍ର ୧୨ଘଣ୍ଟା ୩୦ମିନିଟ୍ ପର୍ଯ୍ୟନ୍ତ ଭକ୍ତମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯିବ। ମଧ୍ୟରାତ୍ର ୧୨ଘଣ୍ଟା ୪୦ମିନିଟ୍ ଠାରୁ ଶୃଙ୍ଗାର ବେଶ, ରୁଦ୍ରାଭିଷେକ ସହ ଆଳତି ଅନୁଷ୍ଠିତ ହେବ। ରାତ୍ର ୧ ଘଣ୍ଟା ୨୦ମିନିଟ୍ ସମୟରେ ମହାଦୀପ ପ୍ରଜ୍ୱଳନ ସହ ବେଢ଼ା ପରିକ୍ରମା କରାଯିବ। ଆଞ୍ଚଳିକ ସର୍ବସାଧାରଣଙ୍କ ଅନୁରୋଧ କ୍ରମେ ମହାପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପଥରରେ ନିର୍ମାଣ ନିମନ୍ତେ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମକୁ ପଣ୍ଡିତ ଅଶୋକ କୁମାର ପାଢ଼ୀ ଏବଂ ମନ୍ଦିର ପୂଜାରୀବୃନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ଓ ଟ୍ରଷ୍ଟ ପକ୍ଷରୁ ସ୍ଥିର କରାଯାଇଛି।

ଆଜି ମହାଶିବରାତ୍ରୀ

କେତକୀ ଫୁଲ ଦର ଆକାଶଛୁଆଁ

ବ୍ରହ୍ମପୁର,୧୪।୨(ସମିସ): ରବିବାର ପବିତ୍ର ମହାଶିବରାତ୍ରୀ ଅବସରରେ ସମଗ୍ର ଓଡ଼ିଶାର ଶିବ ମନ୍ଦିର ଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ବ୍ରହ୍ମପୁରର ବିଭିନ୍ନ ଶୈବପୀଠ, ବିଶେଷ କରି ସହରର ନୀଳକଣ୍ଠେଶ୍ୱର

ଶୈବ ପୀଠରେ ଜମିବ ଶ୍ରଦ୍ଧାଳୁଙ୍କ ଭିଡ଼

ମନ୍ଦିର, ହରିଡ଼ାଖଣ୍ଡି ବାଲୁଙ୍କେଶ୍ୱର, କମାପଲ୍ଲୀ ବୈଦ୍ୟନାଥଶ୍ୱର ଓ ଗୋପାଳପୁର ଧବଳେଶ୍ୱର ମନ୍ଦିରରେ ପ୍ରଭାତଠାରୁ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେବ। ଭକ୍ତମାନେ ଉପବାସ ରଖି କ୍ଷୀର, ବେଲପତ୍ର ଓ କେତକୀ ଫୁଲ ନେଇ ଶିବଙ୍କୁ ଜଳାଭିଷେକ କରିବେ। ଏ ଅବସରରେ କେତକୀ ଫୁଲର ଦର ଆକାଶଛୁଆଁ ହୋଇପଡ଼ିଛି। ସାଧାରଣତଃ ପ୍ରତିବର୍ଷ ୩୦୦ଶହ ଟଙ୍କାରୁ ଆରମ୍ଭ କରି ୬୦୦ଟଙ୍କା ଥିବା ବେଳେ ଚଳିତ ବର୍ଷ




୫୦୦ଶହରୁ ୧୧ଶହ ଟଙ୍କାରେ ଏହି ଫୁଲ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ ଏହାଠାରୁ ଅଧିକ ଦର ମଧ ନେଉଥିବା ଅଭିଯୋଗ ମିଳିଛି। ଅଚାନକ ଚାହିଦା ବୃଦ୍ଧି ଓ ଯଥେଷ୍ଟ ଯୋଗାଣ ନ ଥିବାରୁ ଏହି ଦରବୃଦ୍ଧି ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। ଭକ୍ତମାନଙ୍କ କହିବା ଅନୁସାରେ, ପବିତ୍ର ଦିନରେ ପୂଜା ପାଇଁ କେତକୀ ଫୁଲ ଆବଶ୍ୟକ ହେବାରୁ ବେଶି ଦର ଦେଇ କିଣିବାକୁ ବାଧ୍ୟ ହେଉଛନ୍ତି। ତେବେ କେତେକ ସ୍ଥାନରେ ପ୍ରଶାସନ ପକ୍ଷରୁ ଦର ନିୟନ୍ତ୍ରଣ ଓ ସୁଚାରୁ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଶିବରାତ୍ରି ଅବସରରେ ସହର ବିଭିନ୍ନ ଶୈବ ପୀଠରେ ରାତିଭରି ଜାଗରଣ, ଭଜନ-କୀର୍ତନ ଓ ବିଶେଷ ପୂଜାର ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି । ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ସହ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ପୁଲିସ ଓ ସେବାଦାତାମାନେ ନିୟୋଜିତ ହେବ। ପବିତ୍ର ଶିବରାତ୍ରି ଅବସରରେ ଭକ୍ତିମୟ ପରିବେଶ ସୃଷ୍ଟି ହେବାକୁ ଯାଉଥିବା ବେଳେ, କେତକୀ ଫୁଲର ବୃଦ୍ଧିଶୀଳ ଦର ସାଧାରଣ ଲୋକଙ୍କ ଚିନ୍ତାର କାରଣ ହୋଇପଡ଼ିଛି।

ଅଗ୍ନିକାଣ୍ଡରେ ୨ ଗୋରୁ ଜୀବନ୍ତ ଦଗ୍ଧ

ଭଣ୍ଡାରିପୋଖରୀ,୧୪।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ପାଟୁଳି ଗ୍ରାମରେ ଗତ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ଗୋରୁ ଜୀବନ୍ତ ଦଗ୍ଧ ହୋଇଥିବା ଜଣାଯାଇଛି। ରାତି ପ୍ରାୟ ୧୧ଟା ସମୟରେ ଗ୍ରାମର ପ୍ରଫୁଲ୍ଲ କୁମାର ସାମଲ ଓ ପ୍ରଦୀପ ସାମଲଙ୍କ ଘରେ ରୋଷେଇ ଚୁଲିରୁ ନିଆଁ ଲାଗିଥିଲା। ବାସଗୃହ ସଂଲଗ୍ନ ଗୁହାଳ ପ୍ରଥମେ ଜଳିଥିଲା। ଗୁହାଳରେ ଥିବା ଗୋଟିଏ ବାଛୁରୀ ଓ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ୩ଟି ଗାଈ ଆହତ ହୋଇ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏଥିସହ ୪ ବଖରା ଘର, ଧାନ, ଚାଉଳ ଆଦି ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ପାଇ ଭଣ୍ଡାରିପୋଖରୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଅନୁଧ୍ୟାନ କରିଛନ୍ତି। ମାତ୍ର ବିପନ୍ନଙ୍କୁ ସରକାରୀ ସହାୟତା ମିଳି ନ ଥିବା ଜଣାଯାଇଛି।

ପୀରବାବା ହଜରତ ମୁଲ୍ଲା ମହମ୍ମଦ ସାଦୁଦ୍ଦିନ ଅହେମ୍ମଦଙ୍କ ବାର୍ଷିକ ଉତ୍ସବ



ଧାମନଗର,୧୪।୨(ସମିସ): ପୀରବାବା ହଜରତ ମୁଲ୍ଲା ମହମ୍ମଦ ସାଦୁଦ୍ଦିନ ଅହେମ୍ମଦଙ୍କ ବାର୍ଷିକ ଉର୍ଷ ଉତ୍ସବ ମହାଆଡ଼ମ୍ବରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଧାମନଗର ଏନ୍‌ଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡ ମୁଲଣାସାହି ଗ୍ରାମରେ ପୀରବାବାଙ୍କ ଆସ୍ଥାନକୁ ଧାମନଗର ଖାନକା ସରିଫ ମଉଲ୍ଲୀ ଆଲହାଜ ସୟଦ ହବିବ ରଜା ହବିବି ଯୋଗଦେଇ ଗୋଲାପ ଜଳ ଓ ଚନ୍ଦନରେ (ସ୍ନାନ) ପରେ କୋରାନ ପାଠ (ଫାତେହା) କରିଥିଲେ। ଉର୍ଷ ଆଲିଆ ସାଦିଆ କମିଟି ସଭାପତି ତଥା ମଉଲ୍ଲୀ ଆଲହାଜ ଡ. ମହମ୍ମଦ ସାଦିକ୍ ଉପସ୍ଥିତ ଥିଲେ। ବିଭିନ୍ନ ସାହିବସ୍ତିରୁ ଚାଦର ଶୋଭାଯାତ୍ରା ବାହାରି ବାବାଙ୍କୁ ଚାଦର ଚଢ଼ାଇ ସର୍ବସାଧାରଣରେ ଦର୍ଶନ ଆରମ୍ଭ ହୋଇଥିଲା। ଅପରାହ୍ଣ ୪ଟା ୩୦ରେ ମଉଲ୍ଲୀ ବାବା ସୟଦ ହବିବ ରଜା ହବିବି (କୁଲ୍ ସରିଫ)ରେ ଯୋଗଦେଇ ସମୂହ ନମାଜ ପାଠ କରାଯାଇଥିଲା। ଏହି ଉପଲକ୍ଷେ ସ୍ଥାନୀୟ ଅଞ୍ଚଳ ଆଲୋକମାଳାରେ ସୁସଜ୍ଜିତ ହୋଇଥିବାବେଳେ ଫୁଲର ଏକ ତୋରଣ ଲୋକମାନଙ୍କୁ ଆକୃଷ୍ଟ କରିଥିଲା। ଏହି ଅବସରରେ ରାତି ୮ଟାରେ ସର୍ବଭାରତୀୟ ନାତିଆ ମୁଷାୟେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟରୁ ଆସିଥିବା ମୌଲାନା, ଓଲମା, ସାୟର ଏବଂ କବି ଯୋଗଦେଇ ପୀରବାବାଙ୍କ ନୀତି ଆଦର୍ଶ ସମ୍ପର୍କରେ ସୂଚନା ଦେଇ ଧାର୍ମିକ ଭାଷଣ ପ୍ରଦାନ କରିଥିଲେ। ଏହି ଉର୍ଷ ଉତ୍ସବରେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ସହ ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଆସ୍ଥାନରେ ପହଞ୍ଚି ପୀରବାବାଙ୍କ ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଉର୍ଷ କମିଟିର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସ ମୁତୟନ ହୋଇଥିଲେ। ସମ୍ପାଦକ ଏମ୍‌ଡି ଅବୁକସର ଧନ୍ୟବାଦ ଅର୍ପଣ କରିଥିଲେ।

ବରିଷ୍ଠ ନାଗରିକଙ୍କ ପାଇଁ ଆଧ୍ୟାତ୍ମିକ ସମାବେଶ



ଭଦ୍ରକ,୧୪।୨(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଦ୍ରକ, ଆନୁକୂଲ୍ୟରେ ବରିଷ୍ଠ ନାଗରିକମାନଙ୍କର ଗୁଣାତ୍ମକ ଜୀବନଶୈଳୀ ଓ ଆନନ୍ଦମୟ ଜୀବନଯାପନ ପାଇଁ ଏକ ସୁନ୍ଦର ପ୍ରେରଣାଦାୟୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି ଯୋଗଦେଇଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀଙ୍କ ପ୍ରେରଣା ତଥା ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଭଦ୍ରକର ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତା ମାଝୀ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ସଂଘ କାର୍ଯ୍ୟକାରୀ ସଭାପତି ପଦ୍ମନ୍ କୁମାର ରାୟ, ସମ୍ପାଦକ କୈଳାଶ ମହାପାତ୍ର, ଶିକ୍ଷାବିତ୍ ମହେନ୍ଦ୍ର ପ୍ରସାଦ ନାୟକ, ଅଧ୍ୟାପିକା ବ୍ରହ୍ମାକୁମାରୀ ପ୍ରତିଭା, ବ୍ରହ୍ମାକୁମାରୀ ମଧୁସ୍ମିତା, ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ମନ ସ୍ଥିର ଏବଂ ଆଧ୍ୟାତ୍ମିକ ଶକ୍ତି ସମ୍ପନ୍ନ ହେଲେ ଶରୀର ନିରୋଗ ଓ ଦୀର୍ଘାୟୁ ହୋଇପାରିବ ବୋଲି ମତବ୍ୟକ୍ତ କରାଯାଇଥିଲା। ପ୍ରାରମ୍ଭରେ ବ୍ରହ୍ମାକୁମାରୀ ମିଠି ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ବ୍ରହ୍ମାକୁମାର ଡ. ରବୀନ୍ଦ୍ର କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି ଜାଗର; ଚଳଚଞ୍ଚଳ ଆଖଣ୍ଡଳମଣିଙ୍କ ପୀଠ

ରାତି ୧ଟାରେ ସୁନାବେଶ, ଭୋର୍ ୪ଟା ୩୦ରେ ମହାଦୀପ

ଭଦ୍ରକ/ଆରଡ଼ି,୧୪।୨(ସମିସ)

ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ପାଇଁ ଉତ୍ସବମୁଖର ଆରଡ଼ି ପୀଠ। ରବିବାର ଜାଗର ଯାତ୍ରା ଦିନତମାମ ମନ୍ଦିରରେ ଅନୁଷ୍ଠିତ ହେବା ସହ ସନ୍ଧ୍ୟାରୁ ରାତି ୧୨ଟା ଯାଏ ଚାରି ପ୍ରହର ରୁଦ୍ରାଭିଷେକ ଓ ଘର୍ଷଣ ଲାଗି, ରାତି ୧ଟାରେ ସୁନାବେଶ ଓ ଭୋର୍ ୪ଟା ୩୦ରେ ମନ୍ଦିର ଚୂଡ଼ାକୁ ଉଠିବ ମହାଦୀପ। ଏଥିପାଇଁ ପୂରା ପ୍ରସ୍ତୁତ ମନ୍ଦିର ପରିସର।





- ଏକବାର ନୀତିରେ ମନ୍ଦିର ଚୂଡ଼ାରେ ଲାଗି ହେଲା ନୂଆ ନେତ
- ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା
- ଜଳପଥ ଓ ସ୍ଥଳପଥରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ଶନିବାର ଏକବାର ନୀତି ପାଇଁ ଭୋର୍ ୪ଟା ୩୦ରେ ମନ୍ଦିର ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତି ସମ୍ପନ୍ନ ହେବା ପରେ ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ କରାଯାଇ ମଣିବାବାଙ୍କୁ ଦିଗମ୍ବର ବେଶରେ ପହିଲି ବାଲ୍ୟଭୋଗ ଲାଗି କରାଯାଇଥିଲା। ସକାଳ ୫ଟାରୁ ଅପରାହ୍ଣ ୧ଟା ଯାଏଁ ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତମାନେ ସାହଣମେଳା ଦର୍ଶନ କରିଥିଲେ। ଅପରାହ୍ଣ ୪ଟା ସୁଦ୍ଧା ମଣିବାବାଙ୍କର ସମସ୍ତ ସକାଳ ଧୂପ ସରିବା ପରେ ଗର୍ଭଗୃହ ମାର୍ଜନା କରାଯାଇ ନୂଆ ଚାନ୍ଦୁଆ ଲାଗି କରାଯାଉଥିବାବେଳେ ମନ୍ଦିର ଚୂଡ଼ାରେ ନୂଆ ନେତ ଲାଗି କରାଯାଇଥିଲା। ପରେ ମଣିବାବାଙ୍କର ବଡ଼ସିଂହାର ବେଶ ସହ ସନ୍ଧ୍ୟାରେ ଏକବାର ଅନ୍ନଭୋଗ ନୀତି ଲାଗି କରାଯାଇଥିଲା। ଅନ୍ୟପଟେ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ଆଗମନକୁ ନେଇ ପୂର୍ବାଞ୍ଚଳ ଡିଆଇଜି ପିନାକୀ ମିଶ୍ର ସ୍ଥିତିର ସମୀକ୍ଷା କରିଥିବାବେଳେ ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ ପ୍ରମୁଖ ସମସ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ଗ୍ରାମାଞ୍ଚଳ ଶିଳ୍ପସଂସ୍ଥାକୁ ଟାଟା ପାୱାର ପକ୍ଷରୁ ସମ୍ବର୍ଦ୍ଧନା



ଭଦ୍ରକ,୧୪।୨(ସମିସ): ଭଦ୍ରକ ଜିଲ୍ଲା ଅସୁରାଳି ଅଞ୍ଚଳରେ ଅବସ୍ଥିତ "ଏ ବି ଇଲେକ୍ଟ୍ରିକାଲ' ନାମକ ଟ୍ରାନ୍ସଫର୍ମର ନିର୍ମାଣ କାରଖାନା ଗ୍ରାମାଞ୍ଚଳ ଶିଳ୍ପ ମାନଚିତ୍ରରେ ଏକ ବିଶେଷ ସ୍ଥାନ ସୃଷ୍ଟି କରିଛି। ୧୯୯୦ ମସିହାରେ ବିଶିଷ୍ଟ ସମାଜସେବୀ ତଥା ଶିଳ୍ପପତି ହେମେନ୍ଦ୍ର ସାହୁଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି କାରଖାନା ଦୀର୍ଘ ୩୫ ବର୍ଷ ଧରି ଓଡ଼ିଶାର ଟ୍ରାନ୍ସଫର୍ମର ଚାହିଦା ପୂରଣ କରି ଆସୁଛି। ଏହି ସଫଳତା ତଥା ସଚ୍ଚୋଟତାକୁ ସ୍ୱୀକାର କରି ଟାଟା ପାୱାର ପକ୍ଷରୁ କମ୍ପାନୀର ବର୍ତ୍ତମାନର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ ସାହୁଙ୍କୁ ସମ୍ବର୍ଦ୍ଧନା ଜଣାଯାଇଛି। ଏହି ସମ୍ବର୍ଦ୍ଧନା ସଭା ଅବସରରେ ଗଜାନନ କାଲେ (ଟାଟା ପାୱାର ଓଡ଼ିଶା ଚିଫ୍), ସୁନିଲ ଶର୍ମା (ଟାଟା ପାୱାର ଆଜ୍‌ମେର, ରାଜସ୍ଥାନ ସିଇଓ), ପ୍ରଦୀପ ମହାନ୍ତି (ଟାଟା ପାୱାର ଚିଫ୍ ପ୍ରୋଜେକ୍ଟ), ଜୟଦୀପ ରାୟ (ଟାଟା ପାୱାର ଚିଫ୍ କମର୍ସ) ଏବଂ ବିପିନ ଚୌହାନ (ଟାଟା ପାୱାର ଚିଫ୍ କଣ୍ଟ୍ରାକ୍ଟ) ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ସନ୍ତୋଷ ସାହୁଙ୍କୁ ସମ୍ବର୍ଦ୍ଧନା ଜଣାଇ ଗ୍ରାମାଞ୍ଚଳରେ ଏପରି ଶିଳ୍ପ ପ୍ରତିଷ୍ଠାନର ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ସେମାନେ କହିଥିଲେ ଯେ ଏହି କାରଖାନା କେବଳ ଟ୍ରାନ୍ସଫର୍ମର ଉତ୍ପାଦନରେ ନୁହେଁ, ବରଂ ସ୍ଥାନୀୟ ଯୁବକମାନଙ୍କୁ ଚାକିରି ଦେଇ ଆର୍ଥିକ ଉନ୍ନତିରେ ମଧ୍ୟ ମୁଖ୍ୟ ଭୂମିକା ନେଉଛି। ଭଦ୍ରକ ଜିଲ୍ଲାର ଏହି ଗ୍ରାମାଞ୍ଚଳ ଶିଳ୍ପ ପ୍ରତିଷ୍ଠାନ ଆଗାମୀ ଦିନରେ ରାଜ୍ୟ ଶିଳ୍ପ ଉନ୍ନତିରେ ଆହୁରି ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ କରାଯାଇଛି। ଏ ଉତ୍ସବକୁ ମୁଖ୍ୟତଃ ଟାଟାର ବରିଷ୍ଠ ଅଧିକାରୀ ବିପିନ ଚୌହାନ ଓ ତାଙ୍କର ସହଯୋଗୀ ଯନ୍ତ୍ରୀ ଉମେଶ ପ୍ରସାଦ ସାହୁ ଓ ଅନ୍ୟମାନେ ଆୟୋଜନ କରିଥିଲେ।

ବ୍ରାହ୍ମଣପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଦ୍ରକ,୧୪।୨(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଧୂଷୁରୀ ପଞ୍ଚାୟତ ଅଧୀନ ବ୍ରାହ୍ମଣପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱ ଓ ସଞ୍ଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଅକ୍ଷୟ ହୋତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାନ୍ତି, ଶିବ ପ୍ରସାଦ ନାୟକ, ସୁରେନ୍ଦ୍ର ରାଉତ, ଦୁର୍ଯ୍ୟୋଧନ ତରାଇ, ମନୋରଞ୍ଜନ ବିଶ୍ୱାଳ, ଶିକ୍ଷକ ପ୍ରଶାନ୍ତ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁଭଶ୍ରୀ ନାୟକ, ଧୂଷୁରୀ ସାଧନ କେନ୍ଦ୍ର ସଂଯୋଜକ ଅଭୟ ସୂତାର, ବିକାଶ ନାୟକ, ତୃପ୍ତି ରଞ୍ଜନ ବିଶ୍ୱାଳ, ସଞ୍ଜୟ ବିନ୍ଧାଣି, ନନ୍ଦ କିଶୋର ଦଳେଇ ଏବଂ ବିଭିନ୍ନ ବିଦ୍ୟାଳୟର ବହୁ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ।



ସହକାରୀ ଶିକ୍ଷକ ସତ୍ୟବ୍ରତ ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଲିଲିମା ପଣ୍ଡା, ସୁଶ୍ରୀ ଭାଗ୍ୟଲକ୍ଷ୍ମୀ ନନ୍ଦ, ରେବତୀ ଦାସ, ବିଦ୍ୟାଳୟର ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ବାର୍ଷିକ ଉତ୍ସବ ଏକ ସାଧାରଣ କାର୍ଯ୍ୟକ୍ରମ ନୁହଁ, ଏହା ଛାତ୍ରଛାତ୍ରୀଙ୍କୁ ନୀତି, ଆଦର୍ଶ ଓ ଶିକ୍ଷାର ମୂଲ୍ୟବୋଧ ସ୍ମରଣ କରାଇବାର ଏକ ପବିତ୍ର ମଞ୍ଚ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ।

୧୪ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଦେବେ ୨୨୫୯ ଛାତ୍ରଛାତ୍ରୀ

ବନ୍ତ/ଆଗରପଡ଼ା,୧୪।୨(ସମିସ): ବନ୍ତ ବ୍ଲକ୍‌ର ୧୪ କେନ୍ଦ୍ରରେ ୨୨୫୯ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବାର ସୂଚନା ମିଳିଛି। ପରୀକ୍ଷାର ସୁପରିଚାଳନା ପାଇଁ ବ୍ଲକ୍‌ରେ ୨ଟି ନୋଡାଲ ସେଣ୍ଟର କରାଯାଇଥିବା ବେଳେ ବନ୍ତ ଉଚ୍ଚ ବିଦ୍ୟାଳୟ ଅଧୀନରେ ୮ଟି ପରୀକ୍ଷା କେନ୍ଦ୍ରରେ ୧୩୦୫ ଜଣ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆଗରପଡ଼ା ଅଧୀନରେ ୬ଟି ପରୀକ୍ଷା କେନ୍ଦ୍ରରେ ୯୫୪ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବାକୁ ସ୍ଥିର କରାଯାଇଛି। ସେଥିମଧ୍ୟରୁ କେନ୍ଦୁଆପଦା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ନୋଡାଲ ପରୀକ୍ଷା କେନ୍ଦ୍ରରେ ୧୮୬, ଜିପିପିଏସ୍ ହାଇସ୍କୁଲ ଏରେଣ୍ଡେଇ ଗୋବିନ୍ଦପୁରରେ ୧୬୩, ସରକାରୀ ଜେୟୁଭିପି ସେଣ୍ଡତୀରାରେ ୧୪୪, ଆନନ୍ଦରାମ ପାଟୋଡ଼ିଆ ଉଚ୍ଚ ବିଦ୍ୟାଳୟ ଦୋଳପଦୀରେ ୧୪୩, ନିଳୋକ ଉଚ୍ଚ ବିଦ୍ୟାଳୟରେ ୧୧୪, ନେହେରୁ ଉଚ୍ଚ ବିଦ୍ୟାପୀଠ ଗଣିଜାଙ୍ଗରେ ୧୩୭, ବନ୍ତ ଉଚ୍ଚ ବିଦ୍ୟାଳୟରେ ୧୪୮, ଟିଲୋ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୨୧୫, ପୁରୁଷୋତ୍ତମ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାମନ୍ଦିର ସରମରାରେ ୧୭୭, କାଦବରାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୩୫, ସିନ୍ଧୁକେଶ୍ୱର ଉଚ୍ଚ ବିଦ୍ୟାଳୟ ଅଣିଜୋରେ ୧୩୭, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆଗରପଡ଼ାରେ ୧୯୫, କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଅଡାଳପଙ୍କରେ ୧୨୪ ଓ କେସିଭିଏମ୍ ଆଗରପଡ଼ାରେ ୧୬୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ।

କପି ଜଗିବ ସିସି କ୍ୟାମେରା

ସେହିପରି ବନ୍ତ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩୪, ନେହେରୁ ଉଚ୍ଚ ବିଦ୍ୟାପୀଠ ଗଣିଜାଙ୍ଗରେ ୨୧ ଓ ସିନ୍ଧୁକେଶ୍ୱର ଉଚ୍ଚ ବିଦ୍ୟାଳୟ ଅଣିଜୋରେ ୨୬ ଜଣ ଛାତ୍ରଛାତ୍ରୀ ମଧ୍ୟମା ପରୀକ୍ଷା ଦେବେ। ଚଳିତ ବର୍ଷ ପରୀକ୍ଷାରେ କପି ରୋକିବା ସହ ସ୍ୱଚ୍ଛତା ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରମାନଙ୍କରେ ସିସି କ୍ୟାମେରା ଲଗାଯାଇଥିବା ଜଣାଯାଇଛି।

ପ୍ରଧାନଶିକ୍ଷକ ରମେଶ ବିଶ୍ୱାଳ ସମ୍ମାନିତ



ଭଣ୍ଡାରିପୋଖରୀ,୧୪।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ମହୁରା ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ ଭଦ୍ରକ ରୋଟାରୀ କ୍ଲବ୍ ଦ୍ୱାରା କୃତୀ ଶିକ୍ଷକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ରୋଟାରୀ କ୍ଲବ୍ ପରିସରରେ ସଭାପତି ଅଧ୍ୟାପକ ନାସିର ବକ୍ସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବରେ ସହକାରୀ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୨୫ ବର୍ଷ ପାଇଁ ଅନ୍ୟମାନଙ୍କ ସମେତ ପ୍ରଧାନଶିକ୍ଷକ ଶ୍ରୀ ବିଶ୍ୱାଳଙ୍କୁ ସମ୍ମାନିତ କରିଥିଲେ। ଏଥିରେ ରୋଟାରୀ କ୍ଲବ୍ ସମ୍ପାଦକ ଭାସ୍କର ଚନ୍ଦ୍ର ପାଢ଼ୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ତୃତୀୟ ସାଳନ୍ଦୀ ସାହିତ୍ୟ ସଙ୍ଗମ ଉଦ୍‌ଘାଟିତ

ପାଳୁଅ ଲଡୁକୁ ଜିଆଇ ମାନ୍ୟତା ଦାବି ଉଠିଲା

ଭଦ୍ରକ,୧୪।୨(ସମିସ)



ପ୍ରକାଶନ ସଂସ୍ଥା ଟାଇମ୍ ପାସ୍ ପକ୍ଷରୁ ଭଦ୍ରକଠାରେ ବିଗତ ୩ବର୍ଷ ଧରି ଅନୁଷ୍ଠିତ ଉତ୍ତର-ପୂର୍ବ ଓଡ଼ିଶାର ସର୍ବବୃହତ୍ ସାହିତ୍ୟ ଉତ୍ସବ "ସାଳନ୍ଦୀ ସାହିତ୍ୟ ସଙ୍ଗମ'ର ତୃତୀୟ ସଂସ୍କରଣ ଶନିବାର ଭଦ୍ରକ ବାଇପାସସ୍ଥିତ "ସଙ୍ଗମ କନ୍‌ଭେନ୍ସନ୍'ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଭଦ୍ରକ ଜିଲ୍ଲାପଳ ଦିଲ୍ଲୀପ ରାଉତରାଏ ଉଦ୍‌ଘାଟକ ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ବିଶିଷ୍ଟ କଥାଶିଳ୍ପୀ ଅଜୟ ସ୍ୱାଇଁ, ସଙ୍ଗମର ସଭାପତି ପବିତ୍ର ପାଣିଗ୍ରାହୀ, ନିର୍ଦ୍ଦେଶକ ସରୋଜ ବଳ ଓ ସଂଯୋଜକ ବିଜୟ ମଲ୍ଲ ଉପସ୍ଥିତ ଥିଲେ। ପାଳୁଅ ଲଡୁକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦାବି ଉପରେ ଜିଲ୍ଲା ପ୍ରଶାସନ ତରଫରୁ ଆଉ ପାଦେ ଆଗକୁ ଯିବାକୁ ଟାଇମ୍ ପାସ୍ ପ୍ରକାଶିତ ପବିତ୍ର ପାଣିଗ୍ରାହୀଙ୍କ ପ୍ରସ୍ତୁତ ଏକ କ୍ଷୁଦ୍ର ପୁସ୍ତିକା ଉନ୍ମୋଚନ ହେବା ସହ ଉପସ୍ଥିତ ଅତିଥିମାନଙ୍କୁ ପାଳୁଅ ଲଡୁ ଓ ପୁସ୍ତିକା ବଣ୍ଟନ କରାଯାଇଥିଲା। ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ଏଭଳି କାର୍ଯ୍ୟକ୍ରମର ଆୟୋଜକମାନଙ୍କୁ ଧନ୍ୟବାଦ ଦେଇଥିଲେ। ସ୍ତମ୍ଭକାର ତଥା କାର୍ଯ୍ୟକ୍ରମର ପରିଚାଳନା ସମ୍ପାଦକ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ରଚିତ "ଯାହା କେହି କହନ୍ତିନି' ଶୀର୍ଷକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ନିର୍ଦ୍ଦେଶକ ସରୋଜ ବଳ ଏହି କାର୍ଯ୍ୟକ୍ରମ ବିଷୟରେ ସଂକ୍ଷେପରେ ସୂଚନା ଦେବା ସହିତ ଭଦ୍ରକରୁ ହଜିଯାଉଥିବା ମାଟିଘୋଡ଼ା ପରମ୍ପରାକୁ ଆଗକୁ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳଙ୍କ ସହିତ ମଞ୍ଚରେ ଏକ ସୃଜନ ଆଳାପ କରିଥିଲେ ମିହିର କୁମାର ସାହୁ।

ବିଶିଷ୍ଟ ନାଟ୍ୟକାର ଲାଲା ବୀରେନ ରାୟଙ୍କୁ ବଂଶୀବଲ୍ଲଭ ଗୋସ୍ୱାମୀ ନାଟକ ପୁରସ୍କାର ଓ ଅନୁବାଦକ ପ୍ରଦୀପ ରାୟଙ୍କୁ ଲକ୍ଷ୍ମୀ ନାରାୟଣ ମହାନ୍ତି ଅନୁବାଦ ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ଉତ୍ତରୀୟ, ସମ୍ମାନଫଳକ ସହିତ ୧୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିଭଳି ବିଶିଷ୍ଟ ଚିତ୍ରଶିଳ୍ପୀ ଚୂଡ଼ାମଣି ଦାସ, ସମାଜସେବୀ ଅଜୟ ନାୟକ, ପକ୍ଷୀଘର ପ୍ରକାଶନୀର ପ୍ରତିଷ୍ଠାତା ବନୋଜ ତ୍ରିପାଠୀ ଓ କଥାକାର ସୁରେଶ ନାୟକଙ୍କୁ ସାହିତ୍ୟ ସଖା ସମ୍ମାନ ପ୍ରଦାନ କରାଯାଇଛି। ବିଗତ ବର୍ଷର ପ୍ରବନ୍ଧ ପୁରସ୍କାର ସ୍ୱରୂପ ଅର୍ଥରାଶି ଓ ଉପଢୌକନ ସାହିତ୍ୟିକ ବିବୁଧ ରଞ୍ଜନଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବାହ୍ଣରେ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ନିର୍ଦ୍ଦେଶିତ ଚୁଇଁ ଚଳଚ୍ଚିତ୍ର "ଘୁଙ୍ଗୁର' ଏବଂ ଅର୍ଜୁନ ସାମନ୍ତରାୟଙ୍କ ନିର୍ଦ୍ଦେଶିତ "ବୁଢ଼ୀ ମାଆର ହାତ' ପ୍ରଦର୍ଶିତ ହୋଇଥିଲା। ଅପରାହ୍ଣରେ ସ୍ତମ୍ଭକାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସଞ୍ଚାଳନାରେ "ପାଠ୍ୟପୁସ୍ତକରେ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ରରେ କବି ତଥା ଅଧ୍ୟାପକ କିଶୋର ପାଣିଗ୍ରାହୀ, ପ୍ରଶାସନିକ ଅଧିକାରୀ ସମରେନ୍ଦ୍ର ଭୂତିଆ ଓ କଳିଙ୍ଗ ଆଇଏସ୍‌ର ନିର୍ଦ୍ଦେଶକ ଦୀପକ ରାଉତ ଆଲୋଚନା କରିଥିଲେ। ପ୍ରବୀଣ କୁମାର କବିଙ୍କ ସଞ୍ଚାଳନାରେ ଆୟୋଜିତ "କବିତା ଉଚ୍ଚାରଣ' କାର୍ଯ୍ୟକ୍ରମରେ କବିତାପାଠ କରିଥିଲେ ଅତିଥି କବି ସ୍ୱର୍ଣ୍ଣପ୍ରଭା ରଥ, ବିସ୍ମୟ ବିହାରୀ ସାହୁ, ନିରଞ୍ଜନ ବାରିକ, ଅମୂଲ୍ୟ ସେନାପତି, ସୁବ୍ରତ ମିଶ୍ର, ରୀତାଞ୍ଜଳି ମହାରଣା ଓ ଉମାକାନ୍ତ ରାଉତ। ସନ୍ଧ୍ୟାରେ ବିଶ୍ୱଜିତ୍ ପଣ୍ଡାଙ୍କ ନିର୍ଦ୍ଦେଶିତ ଜାକିର ଖାଁଙ୍କ ଚଳଚ୍ଚିତ୍ର "କାନ୍ଦମାଷ୍ଟ୍ରେ'ର ପ୍ରିମିୟର୍ ଶୋ'ରେ ଅଭିନେତା ଓ ଅଭିନେତ୍ରୀମାନେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବିଚିତ୍ରାନନ୍ଦ ଜେନା, ସଂଗ୍ରାମ କେଶରୀ ସେନାପତି, ପ୍ରୀତିପଦ୍ମା ଦାସ, ତିଳୋତ୍ତମା ବଳ, ସମାସ ବଳ, ଅଂଶୁମାନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

ବାବାମଣି ଡିଗ୍ରୀ ମହାବିଦ୍ୟାଳୟରେ 'ପ୍ରକୃତି ଓ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର

ଭଦ୍ରକ/ଧାମନଗର,୧୪।୨(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ପାଳସାହିସ୍ଥିତ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ସାହିତ୍ୟ ସଂସଦ ଦ୍ୱାରା "ପ୍ରକୃତି ଓ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ପୌରୋହିତ୍ୟରେ ଏବଂ ଦର୍ଶନ ବିଭାଗର ମୁଖ୍ୟ ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଂଯୋଜନାରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ରିସୋର୍ସ ପର୍ସନ ଭାବରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଯୋଗଦେଇ "ପ୍ରକୃତି ଓ ସାହିତ୍ୟ' କିପରି ମାନବ ଜୀବନର ମଙ୍ଗଳ ପାଇଁ ଅପରିହାର୍ଯ୍ୟ ଏବଂ ଏହାର ସୁରକ୍ଷା ନିମିତ୍ତ ଜ୍ଞାନର ସୌନ୍ଦର୍ଯ୍ୟ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟ ସଂସଦ ପକ୍ଷରୁ ଇଂରାଜୀ ବିଭାଗୀୟ ମୁଖ୍ୟ ଅଧ୍ୟାପକ କେଶବକର ପଣ୍ଡା ଅତିଥି ପରିଚୟ ପ୍ରଦାନ ସହିତ ପାଠଚକ୍ର ବିଷୟଭିତ୍ତିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାହିତ୍ୟ ସଂସଦର ଅନ୍ୟ ଦୁଇ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ନାୟକ, ବିଜୟ ଦାଶ ଓଡ଼ିଆ ଓ ସଂସ୍କୃତ ଭାଷାରେ "ପ୍ରକୃତି ଓ ସାହିତ୍ୟ' ବିଷୟରେ ଆଲୋଚନା କରି ବିଷୟଭିତ୍ତିକ ଉପଯୁକ୍ତ ଟିପ୍ପଣି ରଖିଥିଲେ। ଏହି ଆଲୋଚନାଚକ୍ରରେ ବାବାମଣି ମହାବିଦ୍ୟାଳୟ ଏବଂ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସମେତ ସାହିତ୍ୟ ସଂସଦର ଓଡ଼ିଆ, ଇଂରାଜୀ, ସଂସ୍କୃତ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ରିସୋର୍ସ ପର୍ସନ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ରାଉତ ଧନ୍ୟବାଦ ଅର୍ପଣ କରିବା ସହିତ ମହାବିଦ୍ୟାଳୟ ପକ୍ଷରୁ ମୁଖ୍ୟ ରିସୋର୍ସ ପର୍ସନ ପ୍ରଫେସର ଶ୍ରୀ ମହାପାତ୍ରଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ମହାବିଦ୍ୟାଳୟ ପକ୍ଷରୁ ବାବା ଆଖଣ୍ଡଳମଣିଙ୍କ ପୂଜା କରାଯିବା ସହିତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।



ଯାଜପୁର ରୋଡ୍ - ଧାମରା ରେଳ ପ୍ରକଳ୍ପ

ବନ୍ଦ, ଆନ୍ଦୋଳନ ପାଇଁ ସଂଗ୍ରାମ ସମିତିର ନିଷ୍ପତ୍ତି

ଯାଜପୁର, ୧୪।୨(ସମିସ)

ଯାଜପୁର ରୋଡ୍ - ଧାମରା ରେଳ ପ୍ରକଳ୍ପକୁ ୨୦୨୫ ନଭେମ୍ବର ୧୯ରେ ରେଳବାଇ ବୋର୍ଡ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲେ ହେଁ ୨୦୨୬-୨୭ କେନ୍ଦ୍ର ବଜେଟରେ ଏଥିପାଇଁ ବ୍ୟୟବରାଦ କରାଯାଇନଥିବାରୁ ସଂଗ୍ରାମ ସମିତି ଉଦ୍‌ବେଗ ପ୍ରକାଶ କରିଛି। ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଏହି ପ୍ରତାରଣା ବିରୋଧରେ ବ୍ୟାପକ ପ୍ରଚାର ଅଭିଯାନ ସଙ୍ଗଠିତ କରାଯିବା ସହ ମାର୍ଚ୍ଚ ମାସର ମଧ୍ୟ ଭାଗରେ ବନ୍ଦ ଆନ୍ଦୋଳନ ସଂଗଠିତ କରିବା ପାଇଁ ଯାଜପୁର ରୋଡ୍ - ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଆଜି ଯାଜପୁର ଟାଉନର ଶାନ୍ତି ମଣ୍ଡପରେ ଆବାହକ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂଗ୍ରାମ ସମିତିର ବୈଠକରେ ଏହି ନିଷ୍ପତ୍ତି ନିଆଯିବା ସହ କେନ୍ଦ୍ର ସରକାରଙ୍କ ବଜେଟ୍ ନୀତିର ତୀବ୍ର ସମାଲୋଚନା କରାଯାଇଛି। ପ୍ରଥମେ ରେଳବଜେଟର ସ୍ୱତନ୍ତ୍ରତାକୁ ବିପନ୍ନ କରାଯିବା ପରେ ଏବେ ବଜେଟରେ କେଉଁ ପ୍ରକଳ୍ପ ପାଇଁ କେତେ ବ୍ୟୟବରାଦ କରାଗଲା, ତାହା ଏକ ଗୋପନ କର୍ମସୂଚୀ ପାଲଟି ଯାଇଛି। ୨୦୨୬- ୨୭ ବଜେଟରେ ଓଡ଼ିଶାର ରେଳ ପ୍ରକଳ୍ପଗୁଡ଼ିକ ପାଇଁ ୧୦, ୯୨୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ବଜେଟ ଉପସ୍ଥାପନର ପରଦିନ ରେଳମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ଏହାଦ୍ୱାରା ରେଳ ବଜେଟକୁ ରେଳମନ୍ତ୍ରୀଙ୍କ 'ଲ୍ୟାଡ- ଫଣ୍ଡ' ବା ତାଙ୍କ ହସ୍ତ ମୁଦି ମାହାଲରେ ଥିବା ଉନ୍ନୟନ ପାଣ୍ଠିରେ ରୂପାନ୍ତରିତ କରାଯାଇଛି। ସାମଗ୍ରୀକ ଭାବେ ଦେଶର ବିତ୍ତୀୟ ପରିଚାଳନା ଓ ସଂସଦୀୟ ଗଣତନ୍ତ୍ର ପ୍ରତି ଏହା ଉପହାସ ବୋଲି ସଂଗ୍ରାମ ସମିତି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ୨୦୨୬ ଫେବୃଆରୀ ୨୮ ମଧ୍ୟରେ ଯାଜପୁର ରୋଡ୍-ଧାମରା ରେଳପଥ ପାଇଁ ବ୍ୟୟବରାଦ ପରିମାଣ ସ୍ପଷ୍ଟ କରିବା ସହ ଏହି ପ୍ରକଳ୍ପର ନିର୍ମାଣ ଦିଗରେ ପ୍ରାଥମିକ ପଦକ୍ଷେପ ଗ୍ରହଣ କରିବାକୁ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି।


ମାର୍ଚ୍ଚରେ ପ୍ରଚାର ଅଭିଯାନ

ସଂଗ୍ରାମ ସମିତିର ଏହି ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ପରିବହନ ସଚିବଙ୍କ ସମେତ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଲୋକସଭା ଏବଂ ରାଜ୍ୟସଭା ସାଂସଦମାନଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ହୋଲି ପର୍ବ ପରେ ପ୍ରସ୍ତାବିତ ଷ୍ଟେସନ ଗୁଡ଼ିକ ଅଞ୍ଚଳରେ ସାଧାରଣ ସଭା କରିବା ଓ ମାର୍ଚ୍ଚ ମଧ୍ୟଭାଗରେ ବନ୍ଦ ଆନ୍ଦୋଳନ କରାଯିବାର ପ୍ରସ୍ତାବ ରଖାଯାଇଛି। ଏହି ପ୍ରସ୍ତାବର କାର୍ଯ୍ୟକାରୀତା ପାଇଁ ତିନୋଟି ଜିଲ୍ଲାର ଲୋକପ୍ରତିନିଧି ଓ ରାଜନୈତିକ ନେତୃବୃନ୍ଦଙ୍କ ସହ ସଂଗ୍ରାମ ସମିତି ଆଲୋଚନା କରିବାକୁ ସ୍ଥିର କରାଯାଇଛି। ବୈଠକରେ ସଂଗ୍ରାମ ସମିତିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ସଦସ୍ୟା ମମିତା ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ନାୟକଙ୍କ ସମେତ ଦେବେନ୍ଦ୍ର ପଣ୍ଡା, ମଳୟ ପଣ୍ଡା, ଦିବ୍ୟସିଂହ ନାୟକ, ପ୍ରଫୁଲ୍ଲ କୁମାର ନାୟକ, ଦିଲ୍ଲୀପ ଦଳେଇ, ସୁରେନ୍ଦ୍ର ରାୟ, ହରିଶ୍ଚନ୍ଦ୍ର ପଣ୍ଡା, ସୁବାସ ଧଳ, ପ୍ରଫୁଲ୍ଲ ପାଢ଼ୀ, ବିକାଶ ନାଥ, ଅସୀମ କର, ରବୀନ୍ଦ୍ର ପାଢ଼ି, ମନୋଜ ଦାସ ଓ ଗଣେଶ ପ୍ରସାଦ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପ୍ରକାଶ ପାଇଲା ରୂପରେଖ

ଚଣ୍ଡିଖୋଲ ଏନ୍‌ଏସିରେ ରହିବ ୧୨ଟି ୱାର୍ଡ

ଯାଜପୁର, ୧୪।୨(ସମିସ): ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଏନ୍‌ଏସି ନୂଆ କରି ଗଠନ ହେବ। ଏଥିପାଇଁ ଏହାର ରୂପରେଖ ଗଠନ କରୁଛି ଜିଲ୍ଲା ପ୍ରଶାସନ। ଏହି ନୂତନ ଏନ୍‌ଏସିରେ ମୋଟ ୧୨ଟି ୱାର୍ଡ ରହିବାକୁ ପ୍ରସ୍ତାବ ରଖାଯାଇଛି। ୧ନଂ. ୱାର୍ଡରେ ରାଣିବାନ୍ଧି, ଖଣ୍ଡିଆବନ୍ଧି, ୨ନଂ ୱାର୍ଡରେ ଅକବରାବାଦ, ଭୁଷଣ୍ଡପୁର, ୩ ନଂ. ୱାର୍ଡରେ ଦର୍ପଣୀଗଡ଼ (ଅଂଶ), ୪ ନଂ ୱାର୍ଡରେ ଦର୍ପଣୀଗଡ଼ (ଅଂଶ), ୫ ନଂ ୱାର୍ଡରେ ଦର୍ପଣୀଗଡ଼ (ଅଂଶ), ଶାସନ ପୁରୁଷୋତ୍ତମପୁର(ଅଂଶ), ୬ ନଂ. ୱାର୍ଡରେ ଦେଉଳକର, କଞ୍ଜିଆ, ୭ ନଂ. ୱାର୍ଡରେ ବଡଚଣା, ବଡ଼ଚଣା ବଜାର, ଶାସନ ପୁରୁଷୋତ୍ତମପୁର(ଅଂଶ), ୮ ନଂ.ୱାର୍ଡରେ ରାମଚନ୍ଦ୍ରପୁର, ଦେବତାସାହି, ଶାସନସୀମା(ଅଂଶ), ୯ ନଂ. ୱାର୍ଡରେ ଶାସନସୀମା(ଅଂଶ), ଧାନମଣ୍ଡଳ, ସୁଙ୍ଗୁଡା (ଅଂଶ), ୧୦ ନଂ. ୱାର୍ଡରେ ସୁଙ୍ଗୁଡା (ଅଂଶ), ୧୧ ନଂ ୱାର୍ଡରେ ଖୋସାଲିପୁର, ସୁଙ୍ଗୁଡା(ଅଂଶ), ୧୨ ନଂ ୱାର୍ଡରେ ନିଶିମଳା, ବେଦପୁର, ନାରଣପୁର ଗାଁ ଗୁଡିକ ରହିବ। ୧, ୨, ୩, ୬, ୮ ଓ ୧୨ ୱାର୍ଡ ଅଣସଂରକ୍ଷିତ ରହିବ। ୪, ୯, ୧୦, ୧୧ ନଂ ୱାର୍ଡ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ସେହିପରି ୫ ନଂ ୱାର୍ଡ ତଫସିଲ ଭୁକ୍ତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିବାକୁ ଥିବା ବେଳେ ୭ ନଂ. ୱାର୍ଡଟି ତଫସିଲ ଭୁକ୍ତ ଜାତି ମହିଳାଙ୍କ ସଂରକ୍ଷିତ ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ରୁ ଜଣାପଡ଼ିଛି। ଏ ନେଇ କାହାରି କୌଣସି ଆପତ୍ତି ଓ ଅଭିଯୋଗ ଥିଲେ ବିଜ୍ଞପ୍ତି ପ୍ରକାଶର ୧୦ ଦିନ ମଧ୍ୟରେ ସେମାନଙ୍କ ଅଭିଯୋଗ ଜିଲ୍ଲା ପ୍ରଶାସନ ନିକଟରେ ଦାଖଲ କରିବାକୁ ସୂଚନା ଦିଆଯାଇଛି।



ଏଣ୍ଡଲବାରେ ବୋମାମାଡ଼ ଅଭିଯୋଗ

କବାଟବନ୍ଧ, ୧୪।୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ବୋମା ମାଡ଼ ହୋଇଥିବା ଜଣାପଡ଼ିଛି। ଏଣ୍ଡଲବା ପଞ୍ଚାୟତ ଅଧୀନ ମାଳ ଗ୍ରାମରେ ଏହି ଘଟଣା ଘଟିଥିବା ସୂଚନା ମିଳିଛି। ଶନିବାର ସନ୍ଧ୍ୟା ପ୍ରାୟ ୬ ଟା ୩୦ ବେଳେ ଏହି ଘଟଣା ଘଟିଥିବା ବେଳେ ଏହା ପାରିବାରିକ କଳହକୁ କେନ୍ଦ୍ର କରି ଘଟିଥିବା ଅନୁମାନ କରାଯାଉଛି। ଗ୍ରାମର ଗୋବିନ୍ଦ ବେହେରା ଏବଂ କାଳିଆ ବେହେରା ଦୁଇ ଭାଇଙ୍କ ସହିତ ରବି ମଲ୍ଲିକଙ୍କ ପରିବାର ମଧ୍ୟରେ ଲାଗିଥିବା ବିବାଦରୁ ହୋଇଥିବା ଆକ୍ରମଣ ରେ ଉଭୟ ପରିବାରର ୮ ଜଣ ଆହତ ହୋଇ ଧର୍ମଶାଳା ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବେଳେ ଜଣେ ଗୁରୁତର ହୋଇ କଟକ ସ୍ଥାନାନ୍ତରିତ ହେବାର ସୂଚନା ରହିଛି। ରବୀନ୍ଦ୍ର ମଲ୍ଲିକଙ୍କ ସମେତ ତାଙ୍କ ସ୍ତ୍ରୀ ମାଳତି ଏବଂ ଝିଅ ପ୍ରିୟଙ୍କା, ସହିତ ଲତିକା, ସଂଘମିତ୍ରା ଏବଂ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି। ରବି ମଲ୍ଲିକଙ୍କ ପରିବାର ପକ୍ଷରୁ ଏହାକୁ ବୋମା ମାଡ଼ ଅଭିଯୋଗ ହେଉଥିବା ବେଳେ ଗୋବିନ୍ଦ ବେହେରା ପରିବାର ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

ମୁଖ୍ୟ ସାଇବର ଠକ ସମେତ ଦୁଇ ଗିରଫ

ଧର୍ମଶାଳା, ୧୪।୨(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ତରଞ୍ଜିଆ ପଞ୍ଚାୟତ ପୋବଳ ଗ୍ରାମର ମୁଖ୍ୟ ସାଇବର ଠକକୁ କଟକ ସାଇବର ପୁଲିସ ଗତକାଲି କୁଆଖିଆ ଅଞ୍ଚଳରୁ ଗିରଫ କରିବା ସହ ତାର ଜଣେ ସମ୍ପର୍କୀୟକୁ ଘରୁ ଉଠାଇ ନେଇଛି। ଗତକାଲି ବିଳମ୍ବିତ ରାତିରେ କଟକ ସାଇବର ପୁଲିସ ଏବଂ ଧର୍ମଶାଳା ପୁଲିସ ମିଳିତ ଭାବେ ମୁଖ୍ୟ ଅଭିଯୁକ୍ତ ସରୋଜ ଜେନା ଘର ଉପରେ ଚଢ଼ଉ କରିଥିଲେ। ହେଲେ ସେଠାରେ ସରୋଜକୁ ନପାଇ ବିଭିନ୍ନ ସ୍ଥାନରେ ରେଡ କରିବା ପରେ ତାକୁ କୁଆଖିଆ ଅଞ୍ଚଳରୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପରେ ଏହି ଘଟଣାରେ ସାଇବର ପୁଲିସ ତାର ସମ୍ପର୍କୀୟ ପୋବଳ ଗ୍ରାମର ଅଜୟ ଜେନାକୁ ଉଠାଇନେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ କଟକରେ ରହୁଥିବା ଜଣେ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀଙ୍କୁ ନଗ୍ନ ଭିଡିଓ ଜାଲରେ ଫସାଇ ସରୋଜ ୮୮ଲକ୍ଷ ଟଙ୍କା ଲୁଟି ନେଇଥିଲା। ଏହି ଘଟଣାର ତଦନ୍ତ କରି କଟକ ସାଇବର ପୁଲିସ ଜାନୁଆରୀ ୨୦ତାରିଖରେ ସରୋଜର ଘର ଉପରେ ଚଢ଼ଉ କରିଥିବା ବେଳେ ସେ ଖସିଯିବାରେ ସକ୍ଷମ ହୋଇଥିଲା। ସାଇବର ପୁଲିସ ସେହି ସମୟରେ ଏହି ଘଟଣାରେ ସମ୍ପୃକ୍ତ ପୋବଳ ଗ୍ରାମର ୩ ଜଣଙ୍କୁ ଗିରଫ କରିବା ସହିତ କିଛି ସୁନା ଅଳଙ୍କାର ଓ ନଗଦ ଟଙ୍କା ଜବତ କରିଥିଲା। ଏହିଘଟଣାରେ ସାଇବର ପୁଲିସ ତଦନ୍ତ ଜାରିରଖିଥିବା ବେଳେ ଗତକାଲି ତାକୁ ଗିରଫ କରିଥିବା ଜଣାଯାଇଛି।

ଅବକାରୀ ବିଭାଗ ମିଳିତ ଚଢ଼ଉ; ୨ ଗିରଫ

ଧର୍ମଶାଳା, ୧୪।୨(ସମିସ): ଧର୍ମଶାଳା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ବେଆଇନ ଭାବେ ମଦ ବେପାର କରୁଥିବା ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଜଣେ ଅଭିଯୁକ୍ତକୁ ନୋଟିସ୍ ଦେଇ ଛଡ଼ା ଯାଇଛି। ଶୁକ୍ରବାର ଧର୍ମଶାଳା ଅବକାରୀ ଥାନା ଅଧୀନ କାଏମା ଏବଂ ଜାରକା ଅଞ୍ଚଳରେ କଟକ ଅବକାରୀ ଫ୍ଲାଇଂ ସ୍କ୍ୱାର୍ଡ, ଯାଜପୁର ମୋବାଇଲ୍ ୟୁନିଟ୍ ଓ ରସୁଲପୁର ଏବଂ ଧର୍ମଶାଳା ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇଥିଲା। ଚଢାଉ ସମୟରେ ୩୫ ଲିଟରରୁ ଉର୍ଦ୍ଧ୍ୱ ଦେଶୀ ମଦ (ଆସ୍କା ପଟି), ୩୦ ଲିଟର ମହୁଲି ଏବଂ ୧୪୪୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। କାଏମା ଅଞ୍ଚଳର ସୁନାକର ମଲିକ ଏବଂ ଜାରକା ଅଞ୍ଚଳର ମହେଶ୍ୱର ଗେ‡ୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ଇନ୍ଦ୍ରମଣି ବେହେରାଙ୍କୁ ନୋଟିସ୍ ଦେଇ ଛଡ଼ା ଯାଇଥିବା ସୂଚନା ମିଳିଛି। ଅବକାରୀ ବିଭାଗ କଟକର ଡେପୁଟି ସୁପରିଟେଣ୍ଡ ଇନ୍ସପେକ୍ଟର ରୋସନ୍ ହାଲଦା, ଏସଆଇ ଅମିତ୍ ବିଶ୍ୱାଳ, ଇନ୍ସପେକ୍ଟର ନାରାୟଣ ବେହେରା, ଏସ ଆଇ ଶୁଭଶ୍ରୀ ଚକ୍ରଙ୍କ ସହ ଅନ୍ୟ କର୍ମଚାରୀମାନେ ଚଢ଼ଉରେ ସାମିଲ ହୋଇଥିଲେ।

ସାଂସଦଙ୍କ ମାତୃବିୟୋଗ

ମଧୁବନ, ୧୪।୨(ସମିସ): ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କ ମାଆ ସରସ୍ୱତୀ ଦେବୀ(୯୦)ଙ୍କ ଗତକାଲି ମଧ୍ୟାହ୍ନରେ ଭୁବେଶ୍ୱରରେ ସ୍ଥିତ ଘରୋଇ ମେଡିକାଲ୍‌ରେ ପରଲୋକ ହୋଇଥିଲା। ତାଙ୍କର ମରଶରୀରକୁ ଏକ ଶୋଭଯାତ୍ରାରେ ଅଣାଯାଇ ସାଂସଦଙ୍କ ପୈତୃକ ବାସଭବନ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ପଠା ଶ୍ମଶାନରେ ଶେଷକୃତ ସମ୍ପନ୍ନ କରାଯାଇଛି। ଅନ୍ତେଷ୍ଟି କ୍ରିୟା ଶୋଭାଯାତ୍ରାରେ ବଡ ପୁଅ ଯଶୋବନ୍ତ ନାରାୟଣ ବେହେରା, ଯାଜପୁର ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, କୋରେଇ ବିଧାୟକ ଆକାଶ ଦାସ ନାୟକ, ଉମେଶ ଜେନା, ଗୌତମ ରାୟ ଓ ଜଗନ୍ନାଥ ସାମଲ, କାହ୍ନୁଚରଣ ଦାଶ, ପ୍ରଫୁଲ୍ଲ କୁମାର ଗିରି, ଅନିଲ ରାଉତ, ତପନ ନନ୍ଦ, ଲକ୍ଷ୍ମୀଧର ପତି, ଫନିନ୍ଦ୍ର ମିଶ୍ର, ମିଥୁନ କଣ୍ଠ, କାଳନ୍ଦୀ ଚରଣ କଣ୍ଠ, ପଦ୍ମଲୋଚନ ନାୟକ, ଅକ୍ଷୟ କୁମାର ମିଶ୍ର, ଅବିନାଶ ବେହେରା, ଅଶୋକ ସାହୁ, ପ୍ରଦୀପ ଦାସ, ଦେବକାନ୍ତ ନାୟକ, ରଞ୍ଜନ କୁମାର ଦେଓ ପ୍ରମୁଖ ଯୋଗଦେଇଥିଲେ। ବଡ଼ପୁଅ ଯଶୋବନ୍ତ ମୁଖାଗ୍ନି ଦେଇଥିଲେ।

ଯଖପୁରା ଥାନାରେ ନୂତନ ଆଇଆଇସି



ଯଖପୁରା, ୧୪।୨(ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଦୃଷ୍ଟିରେ ରଖିଲେ ଯଖପୁରା ଥାନାର ଗୁରୁତ୍ୱ ରହିଛି। ଥାନାରେ ପ୍ରାୟ ଆଠ ଦଶ ମାସ ଧରି ସ୍ଥାୟୀ ଥାନା ଅଧିକାରୀ ନଥିଲେ। ଫଳରେ ଅନେକ ସମସ୍ୟା ହେଉଥିଲା। ସାଧାରଣ ଲୋକ ଥାନା ସେବାରୁ ବଞ୍ଚିତ ହୋଇଥିଲେ। ତେବେ ଯଖପୁରା ଥାନାରେ ନୂତନ ଅଧିକାରୀ ଭାବେ ଟମକା ଥାନାର କାର୍ଯ୍ୟରତ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ ଯୋଗ ଦେଇଛନ୍ତି। ଯଖପୁରା ଥାନାରେ ଅନେକ ସମସ୍ୟା ରହିଛି। ଥାନା ଅଧିକାରିଣୀଙ୍କ ପାଇଁ ଅନେକ ଚ୍ୟାଲେଞ୍ଜ ରହିବ। ବାଲି, ମୋରମ ମାଫିଆ ଠାରୁ ଆରମ୍ଭ କରି ନିଶା ଗ୍ରସ୍ତ ବ୍ୟକ୍ତିଙ୍କୁ ଆୟତ୍ତ କରିବା ତାଙ୍କ ପାଇଁ ଚାଲେଞ୍ଜ ରହିବ। ଥାନା ଅଧିକାରୀଙ୍କ ଠାରୁ ସାଧାରଣ ଲୋକଙ୍କ ଅନେକ ଆଶା ଭରସା ଆଶା ରଖିଛନ୍ତି।

ସ୍ୱପ୍ନେଶ୍ୱରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ



ବରୁଆଁ, ୧୪।୨(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତ ସ୍ୱପ୍ନେଶ୍ୱର ପୁର ଗ୍ରାମର ଆରାଧ ବାବା ସ୍ୱପ୍ନେଶ୍ୱର ମହାଦେବଙ୍କ ୧୬ତମ ବିଶ୍ୱଶାନ୍ତି ମହାଯଜ୍ଞରେ ଗତ ଶୁକ୍ରବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଯଜ୍ଞର ଚତୁର୍ଥ ଦିବସରେ ଭକ୍ତିମୟ ପରିବେଶରେ ଆନନ୍ଦ ଉଲ୍ଲାସର ସହ ସମ୍ପନ୍ନ ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନସନ୍ଧ୍ୟାରେ ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ସୋହିନୀ ମିଶ୍ର, ଶିବ ନନା ଓ ହରିପୁରର କୀର୍ତ୍ତନ ପରିବେଷଣ କରାଯାଇଥିଲା। ଯଜ୍ଞର ପୂର୍ଣ୍ଣାହୁତି ଦିନ ଶତାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମରେ ବ୍ରାହ୍ମଣ ପଣ୍ଡିତମାନଙ୍କ ମନ୍ତ୍ରଧ୍ୱନି ସହ ଶଙ୍ଖ ଓ ହରିବୋଲ ହୁଳହୁଳି ଶବ୍ଦରେ ଆଖ ପାଖ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଶେଷରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଏହି ବିଶ୍ୱଶାନ୍ତି ମହାଯଜ୍ଞକୁ କମିଟିର କର୍ମକର୍ତ୍ତା ରମେଶ ପତି, ଇନ୍ଦ୍ରମଣି ପତି, ଗଣେଶ ଚନ୍ଦ୍ର ପତି, ସୀତାରାମ ପତି, ମନୋରଞ୍ଜନ ପତି, ରବୀନ୍ଦ୍ର ପତି, ହୃଦାନନ୍ଦ ପତି, ସଞ୍ଜୟ ପତି, ସୌମ୍ୟରଞ୍ଜନ ପତି, ଅମିୟ ପତି, କେଦାର ନାଥ ପତି, ବୁବୁ ପତି, ସନ୍ତୋଷ ପତି, ଶ୍ରୀଧର ପତି, ନରହରି ପତି, ଶ୍ରୀକାନ୍ତ ପତି ପ୍ରମୁଖ ପରିଚାଳନା କରିଥିଲେ।

ଚାକିରିରୁ ନେଲେ ସ୍ୱେଚ୍ଛାକୃତ ଅବସର

ଗାଁକୁ ଫେରିଲେ ଅପରେସନ ସିନ୍ଦୁର ଫାଇଟର



କୁଆଖିଆ, ୧୪।୨(ସମିସ): ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଗାଁକୁ ଫେରିଲେ ଅପରେସନ ସିନ୍ଦୁର ଫାଇଟର ଆଲୋକ କୁମାର ରାଉତ। ରସୁଲପୁର ବ୍ଲକ ଡିଅକୁରାଂଶ ଗ୍ରାମର ଯବାନ ଆଲୋକ କୁମାର ରାଉତ ୨୦୦୨ ମସିହାରେ ଭାରତୀୟ ସେନାରେ ଯୋଗଦେଇଥିଲେ। ପଞ୍ଜାବ ରେଜିମେଣ୍ଟରେ ଚାକିରି ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ଜାମ୍ମୁକାଶ୍ମୀର, ସିଆଚିନ ଭଳି ସୀମାନ୍ତରେ ରହି ଭାରତ ମାତାର ସେବା କରିଥିଲେ। ୨୪ବର୍ଷରୁ ଉର୍ଦ୍ଧ୍ୱ କାଳ ଦେଶ ପାଇଁ ନିଜ ଜୀବନକୁ ବାଜି ଲଗାଇ କାମ କରିଥିବା ବେଳେ ଏବେ ମା' ମାଟି ପାଇଁ କାମ କରିବାକୁ ଇଚ୍ଛା ପ୍ରକାଶ କରି ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ଅବସର ନେଇ ଫେରିବା ପରେ ଆଜି ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୁଆଖିଆ ଠାରେ ପହଞ୍ଚିବା ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ପାଛୋଟି ନିଆଯାଇ ଗାଁ ପରିକ୍ରମା କରାଯାଇଥିଲା। ଅପରେସନ ସିନ୍ଦୁରରେ ସାମିଲ ହୋଇ ଶତ୍ରୁ ପକ୍ଷକୁ କଡ଼ା ଜବାବ ଦେଇ ଦେଶ ପାଇଁ ଗୌରବ ଆଣିବା ତାଙ୍କର ସବୁଠାରୁ ବଡ଼ ଉପଲବ୍ଧି ବୋଲି କହିଛନ୍ତି ଆଲୋକ। ଅବଶିଷ୍ଟ ସମୟ ଆଗାମୀ ଯୁବପିଢ଼ିଙ୍କ ମଧ୍ୟରେ ଦେଶ ପ୍ରେମ ଜାଗ୍ରତ କରିବା ସହ ସେନାରେ ଯୋଗଦେବା ପାଇଁ ସେମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଲକ୍ଷ ରଖିଥିବା କହିଛନ୍ତି ଆଲୋକ।

ଆତ୍ମରକ୍ଷା ତାଲିମ ଶିବିର

ମଧୁବନ, ୧୪।୨(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ କଳଣସ୍ଥିତ ମଧୁପୁର ମହାବିଦ୍ୟାଳୟରେ ୯ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ଉଦ୍‌ଯାପନୀ ଉତ୍ସବରେ ସଭାପତି ଭାବେ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଦୀପ କୁମାର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟାପିକା ଡ. ପ୍ରଭାସିନୀ ମଲ୍ଲ ଯୋଗଦେଇ ବାଳିକା ମାନଙ୍କୁ ଆତ୍ମରକ୍ଷା ତାଲିମ ଶିକ୍ଷା ନେଇ ବିଭିନ୍ନ କୌଶଳ ଦ୍ୱାରା କିପରି ଶତ୍ରୁ କବଳରୁ ନିଜକୁ ସୁରକ୍ଷିତ ରଖିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଶିବିରରେ ପ୍ରଶିକ୍ଷିକା ଭାବେ ଭାଗ୍ୟଶ୍ରୀ ପ୍ରଧାନ ରାଜଶ୍ରୀ ରାଉତ ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଅଧ୍ୟାପକ ମନୋଜ ମହାନ୍ତି ଓ ଅଧ୍ୟାପିକା ବର୍ଷା ମହାନ୍ତି ଶିବିରକୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଡ. ମଲ୍ଲ ତାଲିମ ନେଉଥିବା ଛାତ୍ରୀଙ୍କୁ ପ୍ରଶିକ୍ଷଣ ଶିବିରରେ ମାନପତ୍ର ପ୍ରଦାନ କରିଥିଲେ।

ମହିଳା ଅନୁକୂଳ ପଞ୍ଚାୟତ ପାଇଁ ପ୍ରଶିକ୍ଷଣ

ଦଶରଥପୁର, ୧୪।୨(ସମିସ): ଦଶରଥପୁର ବ୍ଲକ ବିରଜାପୁର ପଞ୍ଚାୟତ ପ୍ରଶାସନ ପକ୍ଷରୁ ମହିଳା ଅନୁକୂଳ ପଞ୍ଚାୟତ ନିମନ୍ତେ ପଞ୍ଚାୟତର ମହିଳାମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନିରାକାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ପିସିଆଇ ରାଜ୍ୟ ପ୍ରକଳ୍ପ ପ୍ରବନ୍ଧିକା ଯୋଛନା ସାମଲ, ଜିଲ୍ଲା ପ୍ରମୁଖ ରଶ୍ମିତା ପ୍ରଧାନ, ଦଶରଥପୁର ଜୀବିକା ମିଶନର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ଭଦ୍ର, ଜେଣ୍ଡର ସିଆରପି ସମିତାରାଣୀ ପଣ୍ଡା, ପିଇଓ ଅଶୋକ ଭଦ୍ର, ଏମବିକେ ସ୍ୱାଗତିକା ସାମଲ ଯୋଗ ଦେଇ ଉପସ୍ଥିତ ମହିଳାଙ୍କୁ ଲିଙ୍ଗଗତ ବୈଷମ୍ୟତା, ଘରୋଇ ହିଂସା ଓ ତାହାର ନିରାକରଣ, ସରକାରୀ ଯୋଜନା ଏବଂ ଆଇନ ଉପରେ ସଚେତନ କରିଥିଲେ। ଏହି ଅବସରରେ ମହିଳାଙ୍କ ଶ୍ରମ ଲାଘବ, ଶୁଦ୍ଧ ପାନୀୟଜଳ ପାଇଁ ସୋଲାର ପମ୍ପ ବ୍ୟବହାର, ଗର୍ଭବତୀ ଏବଂ ୨ବର୍ଷ ଶିଶୁଙ୍କ ମାଆମାନଙ୍କ ପାଇଁ ମମତା ଗୃହ, ରକ୍ତହୀନତା ଶିକାର ମହିଳାଙ୍କ ଚିକିତ୍ସା, ପୁଷ୍ଟିକର ଖାଦ୍ୟ ଯୋଗାଣ ସମେତ ଗୋଷ୍ଠୀ ପାଇଖାନା ଯୋଜନା ପାଇଁ ଜିପିଡିପି ଯୋଜନାରେ ଅର୍ଥ ଅନୁମୋଦନ ପୂର୍ବକ ପଞ୍ଚାୟତକୁ ମହିଳା ଏବଂ ଶିଶୁ ଅନୁକୂଳ ରୂପରେଖ ଦେବାକୁ ବ୍ୟବସ୍ଥା କରାଯାଇଥିବା ନେଇ ପିଇଓ ଅଶୋକ ଭଦ୍ର ସୂଚନା ଦେଇଥିଲେ। ଶିବିରରେ ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ସିଆରପି, ଅଙ୍ଗନବାଡି କର୍ମୀ, ସହାୟିକା ଓ ବହୁ ସଂଖ୍ୟାରେ ମହିଳାମାନେ ଯୋଗ ଦେଇଥିଲେ। ଶେଷରେ ବ୍ଲକ ଜୀବିକା ମିଶନ ଅଧିକାରୀ ହିମାଂଶୁ ଶେଖର ଭଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଯାଜପୁର ମଣ୍ଡଳସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

ଯାଜପୁର, ୧୪।୨(ସମିସ): ଯାଜପୁର ମଣ୍ଡଳସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଗରିଆପୁର ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ମଣ୍ଡଳ ସହ ଶିକ୍ଷା ଅଧିକାରୀ ନିର୍ମଳ କୁମାର ଜେନା ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ନାୟକ, ସହ ଶିକ୍ଷାଧିକାରୀ ବରଦା ଭୂଷଣ ମହାପାତ୍ର ଓ ମନୋଜ କୁମାର ଜେନା ମଞ୍ଚ ପରିଚାଳନା କରିବା ସହିତ ନିଜର ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ୧୭ଟି କ୍ଲଷ୍ଟରର ସମସ୍ତ ସିଆରସିସି ସହଯୋଗ କରି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ମୋଟ ୫୪ଜଣ ଶିକ୍ଷକ, ଶିକ୍ଷୟତ୍ରୀ ଓ ୬ ଜଣ ପ୍ରଶିକ୍ଷକ ଯୋଗ ଦେଇ ସୁନ୍ଦର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଉଦ୍‌ଯାପନୀ ଉତ୍ସବ ଦିବସରେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ ଓ ଅଧ୍ୟାପିକା ଇତିଶ୍ରୀ ବିଶ୍ୱାଳ ଏହି କର୍ମଶାଳାକୁ ପରିଦର୍ଶନ କରି ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ବିଭିନ୍ନ ଶିକ୍ଷଣ ସାମଗ୍ରୀର ଶ୍ରେଣୀ ପ୍ରକୋଷ୍ଠରେ କିପରି ବ୍ୟବହାର ହୋଇପାରିବ ପଚାରି ବୁଝିଥିଲେ ଓ ନିଜର ମୂଲ୍ୟବାନ ମତାମତ ରଖିଥିଲେ। ବ୍ଲକ ଶିକ୍ଷାଧିକାରୀ ଦେବିଲାଲ ମଲ୍ଲିକ ସମସ୍ତ କ୍ଲଷ୍ଟରମାନଙ୍କୁ ନେଇ ହୋଇଥିବା ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀରେ ପ୍ରଥମ, ଦ୍ୱିତୀୟ, ଓ ତୃତୀୟ ସ୍ଥାନ ଅଧିକାର କରିଥିବା କ୍ଲଷ୍ଟରକୁ ପୁରସ୍କୃତ କରିଥିଲେ। ବ୍ଲକ ସହ ଶିକ୍ଷାଧିକାରୀ ମନୋଜ କୁମାର ଜେନା ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

ତୀର୍ଥଯାତ୍ରାରେ କାଇପଦର ଗଲେ ସଂଖ୍ୟାଲଘୁ ଲୋକେ

ଧର୍ମଶାଳା, ୧୪।୨(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ତୀର୍ଥଯାତ୍ରାରେ କାଇପଦର ଯାଇଛନ୍ତି। ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୪ ଗୋଟି ପଞ୍ଚାୟତର ଶ୍ରଦ୍ଧାଳୁମାନେ ପୁରୀକୁ ତୀର୍ଥଯାତ୍ରାରେ ଯାଇ ଫେରିଥିବା ବେଳେ ଆଜି ଠାରୁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ୬ଶହରୁ ଉର୍ଦ୍ଧ୍ୱ ସଂଖ୍ୟାଲଘୁ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଖୋର୍ଦ୍ଧା ଜିଲ୍ଲା ସ୍ଥିତ କାଇପଦରକୁ ତୀର୍ଥଯାତ୍ରାରେ ଯାଇଛନ୍ତି। ଆଜି ଚହଟା, ଚୋରମୁହାଁ, କାଏମା, ଶ୍ରୀବନ୍ତପୁର, ଭବାନୀପୁର, ଜାରକା ଓ କୁମାରୀସ୍ଥିତ ପଞ୍ଚାୟତରୁ ୬ ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ୧୨ ଗୋଟି ବସ୍ ଓ ୨ ଗୋଟି ଟ୍ରାଭେଲର ଯୋଗେ କାଇପଦର ଯାଇ ଫେରିଛନ୍ତି। ଆଜି ସକାଳୁ ତୀର୍ଥଯାତ୍ରାରେ ଯାଉଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଚୋରମୁହାଁସ୍ଥିତ ମଜାର ପଡ଼ିଆରେ ଏକତ୍ରିତ ହୋଇ ବସ୍‌ଯୋଗେ କାଇପଦର ଅଭିମୁଖେ ଯାଇଥିଲେ। ଏହି ଅବସରରେ ଧର୍ମଶାଳା ଥାନା ଅଧିକାରୀ ରମାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ହଲାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେପି ସଂଗଠକ ରାଜେଶ କୁମାର ପାଳ, ଦେବରାଜ ମିଶ୍ର, ବିଜେପି ଜାରକା ମଣ୍ଡଳ ସଭାପତି ଦେବଦତ୍ତ ପଣ୍ଡା, ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ବିଜେପି ନେତ୍ରୀ ସବନମ ପରୱିନ, ବିଜେପି ନେତା ମୁନା ଖାଁ, ନିର୍ମଳ ପ୍ରଧାନ, ମଦନ ମୋହନ ନାୟକ, ଲୋନାଥ ମହାନ୍ତି, ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ଚୋରମୁହାଁ ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ଅନୁପ ସାମଲ, ସେକ ସନାଉଲ୍ଲା, ସେକ ରାଜା, ମହସିନ ରାଜା, ସେକ ଅନିଶ, ରୁକସାନା ବିବି, ସେକ ଗୁଫରାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ବ୍ଲକ୍ ସମ୍ମୁଖ ମୁଖ୍ୟ ରାସ୍ତା ସମସ୍ୟା

ଜିଲ୍ଲାପାଳଙ୍କୁ ଭେଟିବ ସଚେତନ ନାଗରିକ ମଞ୍ଚ

କୁଆଖିଆ, ୧୪।୨(ସମିସ)

୧୬ ନଂ ଜାତୀୟ ରାଜପଥରୁ ରସୁଲପୁର ବ୍ଲକ କାର୍ଯ୍ୟାଳୟକୁ ଲମ୍ବିଥିବା ରାସ୍ତାଟି ଦୀର୍ଘଦିନ ହେଲା ମରାମତି ହେଉନାହିଁ। ବ୍ଲକ କାର୍ଯ୍ୟାଳୟକୁ ପ୍ରତିଦିନ ଶହଶହ ସଂଖ୍ୟାରେ ଲୋକ ନିଜର କାମ ପାଇଁ ଆସୁଛନ୍ତି। ନେତା, ମନ୍ତ୍ରୀ, ପ୍ରଶାସକ ସମସ୍ତେ ଆସୁଛନ୍ତି। ନିୟମିତ ବ୍ୟବଧାନରେ ବ୍ଲକ କାର୍ଯ୍ୟାଳୟରେ ହେଉଥିବା ଅଭିଯୋଗ ଶୁଣାଣି ଶିବିରକୁ ଜିଲାପାଳ ଆସୁଛନ୍ତି। କିନ୍ତୁ ବ୍ଲକ କାର୍ଯ୍ୟାଳୟକୁ ଥିବା ମୁଖ୍ୟ ରାସ୍ତା ବର୍ଷ ବର୍ଷ ଧରି ମରାମତି କାହିଁକି ହେଉନାହିଁ ଏକଥା କାହା ନଜରରେ ପଡୁନାହିଁ। ଏବିଷୟରେ ଗଣ ମାଧ୍ୟମରେ ଅନେକଥର ଖବର ପ୍ରକାଶ ମଧ୍ୟ ହୋଇଛି। ଏହି ରାସ୍ତା ମରାମତି ଦାବୀରେ ରସୁଲପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସ୍ୱାଧିନତା ସଂଗ୍ରାମୀ ପରମାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତି ପାଖରେ ଗତ ଜାନୁଆରୀ ୨୮ ତାରିଖ ଠାରୁ ଧାରଣା ଦିଆଯାଇଛି। ଧାରଣ ୩ ସପ୍ତାହରେ ପହଞ୍ଚିଥିଲେ ବି ବିଡିଓ କିମ୍ବା ଅନ୍ୟ କେହି ପ୍ରଶାସନିକ ଅଧିକାରୀ ତାଙ୍କ ସହିତ କୌଣସି ଆଲୋଚନା କରିନାହାନ୍ତି ବୋଲି ସେମାନେ କହିଛନ୍ତି। ଏସମ୍ପର୍କରେ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶ କୁହନ୍ତି ଯେ ରାସ୍ତାଟିରେ କିଛି ବ୍ୟକ୍ତିଗତ ଜମି ରହିଛି, ସେଥିପାଇଁ ରାସ୍ତା ମରାମତିରେ ସମସ୍ୟା ସୃଷ୍ଟି ହେଉଛି। କିନ୍ତୁ ଏଠି ପ୍ରଶ୍ନ ହେଉଛି ଦୀର୍ଘ୭୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ବ୍ଲକକୁ ଯିବା ପାଇଁ ରାସ୍ତା ମରାମତି ପାଇଁ କାହିଁକି ଉଦ୍ୟମ କରିନାହିଁ। ଜମି ଅଧିଗ୍ରହଣ ସମସ୍ୟା ଥାଇ ମଧ୍ୟ ଅନ୍ୟ ପ୍ରକଳ୍ପକୁ ଅଗ୍ରାଧ?କାର ମିଳୁଥିବା ବେଳେ ଖୋଦ ବ୍ଲକ କାର୍ଯ୍ୟାଳୟ ରାସ୍ତା ପ୍ରତି ବ୍ଲକ ପ୍ରଶାସନର କାହିଁକି ଆନ୍ତରିକତା ନାହିଁ ତାହା ବଡ ପ୍ରଶ୍ନ ସୃଷ୍ଟି ହୋଇଛି। ଆସନ୍ତା ୧୬ ତାରିଖ ଦିନ ବ୍ଲକ ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ହେବ। ତେଣୁ ଜିଲାପାଳ ଆସିଲେ ଏ ସମ୍ପର୍କରେ ସଚେତନ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ଏବଂ ଏହା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।



ଶ୍ରୀକ୍ଷେତ୍ର ସିଟି

୧୪/୨/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧୦,୩୮,୮୩୧/- ସୁନା:୦୩.୮୦୦ ଗ୍ରାମ୍ ରୁପା: ୭୨.୮୦୦ ଗ୍ରାମ୍



ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା

ମହାପ୍ରଭୁଙ୍କୁ ଦର୍ଶନ କଲେ ୫ ଜିଲ୍ଲାର ୫୦୦ ଶ୍ରଦ୍ଧାଳୁ

ପୁରୀ,୧୪।୨(ସମିସ): ଆରମ୍ଭ ହୋଇଛି ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା। ପ୍ରଥମ ପର୍ଯ୍ୟାୟରେ ୫ ଜିଲ୍ଲାର ୫୦୦ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁରଠାରେ ଶୁକ୍ରବାର ଯୋଜନାର ଶୁଭାରମ୍ଭ କରିବା ପରେ ନବରଙ୍ଗପୁର ଜିଲ୍ଲା ସହ ଗଞ୍ଜାମ, ଭଦ୍ରକ, ମୟୂରଭଞ୍ଜ, ସମ୍ବଲପୁର ଜିଲ୍ଲାର ଶ୍ରଦ୍ଧାଳୁମାନେ ପୁରୀରେ ପହଞ୍ଚିଥିଲେ। ଏହି ଜିଲ୍ଲାମାନଙ୍କରୁ ୫୦୦ ତୀର୍ଥଯାତ୍ରୀ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହଣୀ ସ୍ଥାନ ବୃନ୍ଦାବତୀ ନିବାସରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ପାରମ୍ପରିକ ବାଦ୍ୟ, ହୁଳହୁଳି, ଚନ୍ଦନ ଟିପା ଦେଇ ସ୍ୱାଗତ କରାଯାଇଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ସରୋଜ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଶ୍ରୀମନ୍ଦିର ଡେପୁଟି ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଓଏସ୍‌ଆର୍‌ଟିସିର ଜିଲ୍ଲା ପରିଚାଳକ ରଶ୍ମି ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ରେଡ୍‌କ୍ରସ ସ୍ୱେଚ୍ଛାସେବୀ ପ୍ରମୁଖ ତୀର୍ଥଯାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଶନିବାର ପ୍ରତ୍ୟୁଷରୁ ଗଞ୍ଜାମ ଓ ଭଦ୍ରକର ଶ୍ରଦ୍ଧାଳୁ ଏବଂ ପରେ ନବରଙ୍ଗପୁର, ସମ୍ବଲପୁର ଓ ମୟୂରଭଞ୍ଜର ଶ୍ରଦ୍ଧାଳୁମାନଙ୍କୁ ଶ୍ରୀମନ୍ଦିରକୁ ନିଆଯାଇ ମହାପ୍ରଭୁଙ୍କ ଦର୍ଶନ କରାଯାଇଥିଲା। ବିଦାୟ ସମୟରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ମହାପ୍ରଭୁଙ୍କ ଶୁଖିଲା ଭୋଗ ପ୍ରଦାନ କରାଯାଇଥିଲା।

ମହାପ୍ରଭୁଙ୍କ ଦର୍ଶନ କରି ଅତ୍ୟନ୍ତ ଖୁସି ବୋଲି କହିଛନ୍ତି ଗଞ୍ଜାମ ଦିଗପହଣ୍ଡିର ବି. ସାବିତ୍ରୀ, ଡି. ସେତମ, ରମ୍ଭାର ନାରାୟଣ ବେହେରା, ଭଞ୍ଜନଗରର ପି. ଲକ୍ଷ୍ମୀ ପାତ୍ର, ବେଲଗୁଣ୍ଠାର ରବି ସାହୁ, ମୟୂରଭଞ୍ଜ ଚିତ୍ରଡ଼ାର ତିଳୋତ୍ତମା ଖମାରୀ, ଗଡ଼ିଗାଁର ଶକୁନ୍ତଳା ମହାନ୍ତ, କରଡପଟାର ବୈଜୟନ୍ତୀ ନାୟକ, ଭଦ୍ରକ ଖପରପଦାର ସୁଦାମ ଚରଣ ସାହୁ, ଆନନ୍ଦପୁରର ଦାମୋଦର ବେହେରା, ଭଣ୍ଡାରୀପୋଖରୀର କୃଷ୍ଣ ଚନ୍ଦ୍ର ସେନାପତି, ଇଛାପୁରର ପର୍ଶୁରାମ ଜେନା, ଗଞ୍ଜାମର ପ୍ରମିଳା ରାଉତ, ପି. ଦମୟନ୍ତୀ ରେଡ୍ଡୀ, ପଦ୍ମାବତୀ ପତି ପ୍ରମୁଖ। ଏ ପରିଣତ ବୟସରେ ଠାକୁରଙ୍କୁ ଦେଖି ଯେଉଁ ଆନନ୍ଦ ଓ ଶାନ୍ତି ପାଇଲୁ ତାହା ଅବର୍ଣ୍ଣନୀୟ ବୋଲି କୋହ ଭିଜା କଣ୍ଠରେ କହି ସରକାର ଓ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।



ମହାଶିବରାତ୍ରୀ ଉପଲକ୍ଷେ ୫ ଫୁଟ୍‌ର କାନ୍‌ଭାସ୍‌ରେ ୮ ମିନିଟ୍ ମଧ୍ୟରେ ଦେବ ଦେବ ମହାଦେବଙ୍କ ଓଲଟା ପେଣ୍ଟିଂ କରିଛନ୍ତି ଚିତ୍ରଶିଳ୍ପୀ ଆୟୁଷ୍ ମହାପାତ୍ର।

ଷ୍ଟେସନରୁ ୧୪ କେଜି ଗଞ୍ଜେଇ ଜବତ, ୧ ଗିରଫ

ପୁରୀ,୧୪।୨(ସମିସ): ପୁରୀ ରେଳ ଷ୍ଟେସନରୁ ଶନିବାର ୧୪ କେଜି ୧୦୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି। ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ଆର୍‌ପିଏଫ୍ ଏବଂ ଜିଆର୍‌ପି ଷ୍ଟାଫ୍ ଷ୍ଟେସନ ଭିତରେ ଯାଞ୍ଚ କରୁଥିଲେ। ଟିଟିଇ ଅଫିସ ନିକଟରେ ଜଣେ ବ୍ୟକ୍ତି ଏକ ବ୍ୟାଗ୍‌ରେ ଗଞ୍ଜେଇ ଭର୍ତ୍ତି କରି ଯାଉଥିବାବେଳେ ତାକୁ କାବୁ କରିଥିଲେ। ପରିଚୟ ପଚାରିବାରେ ସେ ବିହାର ବୈଶାଳୀ ଜିଲ୍ଲାର ଅଭିଷେକ ରାଜ ବୋଲି ଜଣାପଡ଼ିଥିଲା। ଅଭିଯୁକ୍ତ ଅଭିଷେକ ପୁରୀ ଗାନ୍ଧୀଧାମ ଟ୍ରେନ୍‌ର ଏସି କୋଚ୍‌ରେ ଜଣେ ବେଡ୍‌ରୋଲ କର୍ମଚାରୀ ବୋଲି ଜଣାପଡ଼ିଥିଲା। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତକୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ଜିଆର୍‌ପି ଥାନାଧିକାରୀ ଏସ୍.କେ. ବାହିନିପତି ସୂଚନା ଦେଇଛନ୍ତି।

ରୋଗୀଙ୍କୁ ଫଳ ବଣ୍ଟନ କରି ଭାଲେଣ୍ଟାଇନ୍ ଦିବସ ପାଳନ

ପୁରୀ,୧୪।୨(ସମିସ): ହିନ୍ଦୁ ସଂସ୍କୃତି ଓ ପରମ୍ପରାରୁ ଦୂରେଇ ଯାଇ ଆଜିର ଅନେକ ମଣିଷ ଫେବୃଆରୀ ୧୪କୁ ପ୍ରେମ ଦିବସ ଭାବେ ପାଳନ କରୁଛନ୍ତି। କିନ୍ତୁ ଓଡ଼ିଶା ଯୁବ ଚେତନା ସଂଗଠନ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ଓ ମହିଳା ବିଭାଗରେ ଫଳ ବଣ୍ଟନ କରି ପାଳନ କରିଛି ଭାଲେଣ୍ଟାଇନ ଦିବସ। ରୋଗୀ ମୁହଁରେ ହସ ଫୁଟାଇ, ସେମାନଙ୍କୁ ସାମୟିକ ଯନ୍ତ୍ରଣାମୁକ୍ତ କରିବା ଏକ ପ୍ରେମ ବୋଲି କହିଛନ୍ତି ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର। ଏହି କାର୍ଯ୍ୟକ୍ରମକୁ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ ଉଦ୍‌ଘାଟନ କରିଥିବାବେଳେ ଭିତରଛ ହରେକୃଷ୍ଣ ମହାପାତ୍ର, ସୁଲୋଚନା ମିଶ୍ର, ଘରେଘରେ ଭାଗବତର ପରିଚାଳିକା ସୁନନ୍ଦା ପଟ୍ଟନାୟକ, ମିଶନ ଓଡ଼ିଶାର ଦେବରାଜ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ପୁରୀ ସଦର ମୁଖ୍ୟ ଚିକିତ୍ସାଳୟର ଯୁବ ଡାକ୍ତର, ନର୍ସିଂ ଷ୍ଟାଫ୍ ଓ କର୍ମଚାରୀ ଏଥିରେ ସହଯୋଗ କରିଥିବାରୁ ସଂଗଠନ ପକ୍ଷରୁ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅକ୍ଷୟ ଶତପଥୀଙ୍କୁ ଧନ୍ୟବାଦ ଦିଆଯାଇଛି।

ଆଜି ଜାଗର

ଝଲସୁଛି ଶ୍ରୀଲୋକନାଥ ମନ୍ଦିର





ପୁରୀ, ୧୪।୨ (ସମିସ): ରବିବାର ମହାଶିବରାତ୍ରୀ। ବିଭିନ୍ନ ଶୈବପୀଠରେ ରାତି ଉଜାଗର ରହି ଜାଗର ଜାଳିବେ ଶ୍ରଦ୍ଧାଳୁ। ଏଥିପାଇଁ ପୁରୀ ଜିଲ୍ଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ବିଶେଷକରି ପୁରୀ ସହରରେ ଥିବା ପଞ୍ଚମହାଦେବ (ଶ୍ରୀଲୋକନାଥ, ଯମେଶ୍ୱର, କପାଳମୋଚନ, ନୀଳକଣ୍ଠେଶ୍ୱର ଓ ମାର୍କଣ୍ଡେଶ୍ୱର)ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହେବ। ଏହାକୁ ନଜରରେ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲ୍ଲାର ବାବା ବାଲିକପିଳେଶ୍ୱର, ଶଙ୍କରେଶ୍ୱର, ଓଁକାରେଶ୍ୱର, ଆଖଣ୍ଡଳେଶ୍ୱର, ବେଲେଶ୍ୱର, ଆଖଣ୍ଡଳମଣି, ଯୋଡ଼ାଲିଙ୍ଗ ପ୍ରଭୃତି ଶୈବପୀଠରେ ମଧ ବେଶ୍ ଧୂମ୍‌ଧାମରେ ମହାଶିବରାତ୍ରୀ ପାଳନ କରାଯିବ। ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ପୀଠ ମଧ ପ୍ରସ୍ତୁତ ହୋଇଯାଇଛି। ଏଠାରେ ଲକ୍ଷାଧିକ ଶ୍ରଦ୍ଧାଳୁ ସମାଗମ ହେବା ସହ ରାତି ଉଜାଗର ରହି ଦୀପ ଜାଳିବେ। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଶେଷ ହୋଇଛି। ସେବାୟତ ଓ ପ୍ରଶାସନର ସମନ୍ୱୟ ବୈଠକରେ ପ୍ରସ୍ତୁତ ହୋଇଛି ଜାଗର ଯାତ୍ରାର ରୂପରେଖ। ଦ୍ୱାରଫିଟାଠାରୁ ଆରମ୍ଭ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ସବୁ କିପରି ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବ ତାହା ଉପରେ ଫୋକସ୍ ରଖାଯାଇଛି। ତେବେ ଲୋକନାଥ ମନ୍ଦିରକୁ ଫୁଲରେ ସଜାଇ ଦିଆଯାଇଛି। ମୁଖ୍ୟ ମନ୍ଦିରଠାରୁ ଆରମ୍ଭ କରି ପ୍ରବେଶ ପଥ ତୋରଣ ବେଶ୍ ଆକର୍ଷଣୀୟ ଦେଖାଯାଉଛି। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ଦେଇ ଭକ୍ତ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିବାର ବ୍ୟବସ୍ଥା ହୋଇଛି। ଚଳିତବର୍ଷ ୪୫୦୦ ସ୍ୱତନ୍ତ୍ର ଦର୍ଶନ ଟିକଟ୍ କରାଯାଇଛି। ଖଣ୍ଡିଏ ଟିକଟ୍‌ର ମୂଲ୍ୟ ୧୦୦ ଟଙ୍କା ରହିଛି ବୋଲି ମ୍ୟାନେଜର ଅପଚ୍ଛ ପରିଡ଼ା ସୂଚନା ଦେଇଛନ୍ତି।

ଶ୍ରୀଲୋକନାଥ ପୀଠରେ ଶୃଙ୍ଖଳିତ ଜାଗର ଯାତ୍ରା ପାଇଁ ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ନୀତି ନିର୍ଘଣ୍ଟ କରାଯାଇଛି। ପୂର୍ବରାତି ସାଢ଼େ ୧୨ଟାରେ ଦ୍ୱାରଫିଟି ୧ଟାରୁ ଭୋର୍ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟପୂଜା ଇତ୍ୟାଦି ନୀତି ସମ୍ପନ୍ନ ହେବ। ଭୋର୍ ୪ଟାରୁ ରବିବାର ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ କରିବେ। ରାତି ୧୦ଟାରୁ ୨ଟା ମଧ୍ୟରେ ଅନ୍ୟାନ୍ୟ ନୀତି ହେବ। ରାତି ୨ଟାରୁ ୩ଟା ମଧ୍ୟରେ ହରିହର ପୂଜା ଭୋଗ, ଚତୁର୍ଦ୍ଦଶୀ ଭୋଗ, ବଡ଼ସିଂହାର ବେଶ ସରି ମହାଦୀପ ଉଠିବ। ତେବେ ଶ୍ରୀଲୋକନାଥ ଦେବଙ୍କ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତିଭୋଗ ସମାପନ କରି ରାତି ସାଢ଼େ ୧୧ଟାରେ ଲୋକନାଥ ମନ୍ଦିରରେ ପହଞ୍ଚିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ମହାଶିବରାତ୍ରୀ ଉପଲକ୍ଷେ ଶ୍ରୀଲୋକନାଥ ମନ୍ଦିରକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସନ୍ଧ୍ୟା ପରଠାରୁ ରାତିତମାମ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଜଣେ ଆଡିସ୍‌ନାଲ ଏସ୍‌ପି, ୬ ଜଣ ଡିଏସ୍‌ପି, ୧୬ ଜଣ ଇନ୍ସପେକ୍ଟର, ୬୫ ଏସ୍‌ଆଇ ଓ ଏଏସ୍‌ଆଇ, ୨୪ ଜଣ ହାବିଲ୍‌ଦାର, ୮୮ ଜଣ କନଷ୍ଟେବଲ, ୧୬ ଜଣ ଟ୍ରାଫିକ୍ କନେଷ୍ଟବଲ, ୧୬୮ ଜଣ ହୋମ୍‌ଗାର୍ଡଙ୍କ ସମେତ ମୋଟ ୩୨ ସେକ୍ସନ ଫୋର୍ସ ମୁତୟନ ରହିବେ। ସେହିପରି ମନ୍ଦିର ଆଡ଼କୁ ଗାଡ଼ି ଚଳାଚଳ ଉପରେ ମଧ କଟକଣା ଜାରି କରାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାର ବାଲିକପିଳେଶ୍ୱର ମନ୍ଦିରରେ ମଧ ଭକ୍ତଙ୍କ ପ୍ରବଳ ଭିଡ଼ ସମ୍ଭାବନା ରହିଛି। ଏଠାରେ ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଜଣେ ଜଣେ ଅତିରିକ୍ତ ଏସ୍‌ପି, ଜଣେ ଡିଏସ୍‌ପି, ୭ ଜଣ ଇନ୍ସପେକ୍ଟରଙ୍କ ସମେତ ୫ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ।

ଜିଲ୍ଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ

ହୋପ ଇଜ୍ ଲାଇଫ୍‌ର ଷଷ୍ଠ ବାର୍ଷିକୋତ୍ସବ

ସମର୍ପଣ ଭାବ ନ ରହିଲେ ସେବାକୁ ପୂର୍ଣ୍ଣତା ମିଳେ ନାହିଁ



ପୁରୀ, ୧୪।୨ (ସମିସ): ସଂସ୍କୃତି ଭବନଠାରେ ସାମାଜିକ ଅନୁଷ୍ଠାନ 'ହୋପ୍ ଇଜ୍ ଲାଇଫ୍ ଚାରିଟେବୁଲ ଟ୍ରଷ୍ଟ'ର ଷଷ୍ଠ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଶ୍ୱ ଓଡ଼ିଆ ପରିବାର ଅଧ୍ୟକ୍ଷ ସଜ୍ଜନ ଶର୍ମା, ବିଶିଷ୍ଟ ଚିନ୍ତକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ବରିଷ୍ଠ ସ୍ତମ୍ଭକାର ଦେବେନ୍ଦ୍ର ପୃଷ୍ଟି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଏବଂ ଇ-୨୪ ହସ୍ପିଟାଲର ନିର୍ଦ୍ଦେଶକ ଇଂ. ରାଜେଶ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେବାରେ ଆନନ୍ଦ ଥାଏ ଓ ସେବା ସବୁବେଳେ ସମର୍ପିତ ଓ ସମର୍ପଣ ଭାବ ନ ରହିଲେ ସେବାକୁ ପୂର୍ଣ୍ଣତା ମିଳେ ନାହିଁ। ସେବା ମନରେ ଥାଏ ଆଉ ହୃଦୟରେ ଥାଏ। ସେବା କରିବାର ଆଗ୍ରହ ଥିଲେ ବାଟ ଆପେ ଆପେ ଦେଖାଯିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

ଅନୁଷ୍ଠାନର ସଭାପତି ସୁରେଶ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅମରେନ୍ଦ୍ର ପାଇକରାୟ ଅତିଥି ପରିଚୟ ପ୍ରଦାନ ଏବଂ ସମ୍ପାଦକ ଗଦାଧର ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରତିଭାଧାରୀ ବ୍ୟକ୍ତି ଏବଂ ସାମାଜିକ ସଂଗଠନମାନଙ୍କୁ ସମ୍ମାନିତ କରାଯାଇଥିଲା। ଐତିହ୍ୟ ଗ୍ରାମ ରଘୁରାଜପୁରର 'ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ' ପକ୍ଷରୁ ଗୁରୁ ଲକ୍ଷ୍ମଣ ମହାରଣାଙ୍କ ନିର୍ଦ୍ଦେଶନାରେ କଳାକାରମାନେ ମଙ୍ଗଳାଚରଣ, ଗୁରୁବନ୍ଦନା ଓ ବନ୍ଧ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ପରିଚାଳିତ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ନେଇ ପିତୃମାତୃ ପୂଜନ ସଦସ୍ୟ ସଦସ୍ୟାଙ୍କ ଦ୍ୱାରା କରାଯାଇଥିଲା। ସାମାଜିକ ସଂଗଠନ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଉଦ୍‌ଯାପିତ

ପୁରୀ,୧୪।୨(ସମିସ): ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସଫଳ କରିବାର ଏକ ସୁନ୍ଦର ପଦକ୍ଷେପ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା। ଶୁକ୍ରବାର ସନ୍ଧ୍ୟାରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ୫ ଦିନିଆ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳାର ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଲକ୍ଷ୍ୟ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ଆର୍ଥିକ ବିକାଶରେ ସାମିଲ୍ କରିବା ବୋଲି ଶ୍ରୀ ବେହେରା କହିଛନ୍ତି। ଏହି ମେଳା ଆମ କଳାକାର ଓ ଶିଳ୍ପୀମାନଙ୍କ ଦକ୍ଷତା ଓ ପ୍ରତିଭାକୁ ପ୍ରଦର୍ଶିତ କରୁଛି। ସେମାନଙ୍କ ଉତ୍ପାଦକୁ ପ୍ରଦର୍ଶନ ଓ ବିକ୍ରି ଦ୍ୱାରା ଶିଳ୍ପୀମାନେ ଆର୍ଥିକ ଦୃଷ୍ଟିରୁ ଉପକୃତ ହେବା ସହ କଳାର ପରିଚୟ ମିଳିପାରୁଛି ବୋଲି ଶ୍ରୀ ବେହେରା କହିଥିଲେ। ଜିଲ୍ଲା ପାଇଁ ତାଲିମ ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମେଳାରେ ପ୍ରାୟ ୧ କୋଟି ଟଙ୍କାର ବ୍ୟବସାୟ ହୋଇଛି ବୋଲି ଶ୍ରୀ ପୃଷ୍ଟି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଭିଓ ଡା. ଶରତ କୁମାର ବେହେରା, ଜିଏମ୍ ଡିଆଇସି ମାନସ କୁମାର ବାରିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ର ମୋହନ ଚାନ୍ଦ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ ଅତିଥିମାନେ ମହାପ୍ରଭୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ମେଳାରେ ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମେଳା, ହସ୍ତଶିଳ୍ପ ମେଳା, ବୁକ୍ କାଫେ ଇତ୍ୟାଦିର ୧୯୪ଟି ଷ୍ଟଲ୍ ବ୍ୟବସ୍ଥା ହୋଇଥିଲା। ସ୍ୱୟଂ ସହାୟକ



ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇ ନିଜର ପରିଶ୍ରମ ଓ ନିଷ୍ଠା ଯୋଗୁଁ ଆଜି ମା'ମାନେ ଉନ୍ନତି ପଥରେ ଚାଲିଛନ୍ତି। ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ ପାଇଁ ଗ୍ରାମାଞ୍ଚଳରେ ଉତ୍ପାଦିତ ସାମଗ୍ରୀର ପ୍ରୋତ୍ସାହନ, ପ୍ରଦର୍ଶନ ଓ ବିକ୍ରି ପାଇଁ ଏହି ମେଳାରେ ବ୍ୟବସ୍ଥା କରାଯାଇଥିଲା। ଆମ ପାଠଶାଳା ମାଧ୍ୟମରେ କୃଷି ଓ ଆନୁଷଙ୍ଗିକ କୃଷିର ବିକାଶ ଗୋଷ୍ଠୀର ଉତ୍ପାଦ ସହ ବିଭିନ୍ନ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନ ଓ ବିକ୍ରୟ କରିଥିଲେ। ସଂସ୍କୃତି ବିଭାଗ ପକ୍ଷରୁ ବୁକ୍ କାଫେ, ତଥ୍ୟଭିତ୍ତିକ ପ୍ରଦର୍ଶନୀ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଓର୍‌ମାସର ଡେପୁଟି ସିଇଓ ନିଗମ ଦାସ ଓ ଅନ୍ୟ ଅଧିକାରୀ କର୍ମଚାରୀମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ପ୍ରତିଭା ପ୍ରୋତ୍ସାହନ ଉତ୍ସବ

ଜମାରାଶି ସୁଧରେ ବିଦ୍ୟାର୍ଥୀଙ୍କୁ ପ୍ରତିଭା ପୁରସ୍କାର ପ୍ରଦାନ



ପୁରୀ, ୧୪।୨ (ସମିସ): ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଇଜ୍ ମେମୋରିଆଲ ଟ୍ରଷ୍ଟର ପ୍ରତିଭା ପ୍ରୋତ୍ସାହନ ଉତ୍ସବ ରଘୁନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭବମ୍ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କର ଶିକ୍ଷାର ବିକାଶ ପାଇଁ ପ୍ରତିଭା ପ୍ରୋତ୍ସାହନ ଉତ୍ସବର ଭୂୟସୀ ପ୍ରଶଂସା କରିଥିଲେ। ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ବରିଷ୍ଠ ପୁଲିସ ଅଧିକାରୀ ଡ. ସତ୍ୟଜିତ୍ ମହାନ୍ତି, ରେଡିଏସନ୍ ଅଙ୍କୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡ. ସୁରେନ୍ଦ୍ରନାଥ ସେନାପତି, ଓଡ଼ିଶା ହାଇକୋର୍ଟର ଅତିରିକ୍ତ ରେଜିଷ୍ଟ୍ରାର ତ୍ରିଲୋଚନ ଗୁରୁ, ଝାଡ଼ଖଣ୍ଡର ପ୍ରାକ୍ତନ ଡାଇରେକ୍ଟର ଜେନେରାଲ ଗୌରୀଶଙ୍କର ରଥ ଯୋଗଦେଇଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଇଜ୍ ମେମୋରିଆଲ ଟ୍ରଷ୍ଟର ସଂଗୃହିତ ଅର୍ଥରାଶି ୪୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁଧରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ, ଗରିବ ମେଧା ଛାତ୍ରଛାତ୍ରୀ, ସର୍ବଶ୍ରେଷ୍ଠ ବିଦ୍ୟାର୍ଥୀ କନେଶ୍ୱର ବଡ଼ମୁଣ୍ଡି (ବିଶ୍ୱମ୍ଭର ଶ୍ରୀ), ଦିବ୍ୟାଂଶୁ ବାହିନିପତି (ଛାତ୍ରରତ୍ନ), ସ୍ନେହା ସାହୁ (କନ୍ୟାରତ୍ନ), ଅର୍ପିତା ପ୍ରିୟଦର୍ଶିନୀ (ସୁକନ୍ୟା), ଅସ୍ମିଆରାଧା (ବିଜ୍ଞାନଶ୍ରୀ) ଇତ୍ୟାଦି ସ୍ୱତନ୍ତ୍ର ପୁରସ୍କାର ବରେଣ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଧ୍ରୁବ ଚରଣ କର ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଟ୍ରଷ୍ଟର ସମ୍ପାଦକ ତଥା ପ୍ରଧାନଶିକ୍ଷକଙ୍କ ତରଫରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ଦାଶଙ୍କ ନେତୃତ୍ୱରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ପଲ୍ଲବି ସତରୂପାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମସ୍ତ ସଭ୍ୟସଭ୍ୟା ଯୋଗ ଦେଇଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ଆଇପିଏସ୍‌ର ଗବେଷଣା ଶୀର୍ଷକ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

ପୁରୀ,୧୪।୨(ସମିସ): ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି (ଆଇପିଏସ୍) ପକ୍ଷରୁ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ 'କନ୍‌ଫରେନ୍ସ ହଲ୍' ଆନୁକୂଲ୍ୟରେ 'ଆଡ୍‌ଭାନ୍ସ ରିସର୍ଚ୍ଚ ଇନ୍ ମେଡିକାଲ୍ ଟେକ୍ନୋଲୋଜି' ବିଷୟରେ ଜାତୀୟ ସମ୍ମିଳନୀରେ ଭାରତ ଓ ଓଡ଼ିଶାର ଏଲୋପାଥି, ଆୟୁର୍ବେଦ, ହୋମିଓପାଥି, ଦନ୍ତ, ଫାର୍ମାସୀ, ଯୋଗ ବିଭାଗର ଛାତ୍ରଛାତ୍ରୀ, ଶିକ୍ଷକ, ଚିକିତ୍ସକ, ବୈଜ୍ଞାନିକ, ବିଶେଷଜ୍ଞ ବକ୍ତାମାନେ ଯୋଗଦେଇ ସେମାନଙ୍କ ଗବେଷଣା ସନ୍ଦର୍ଭ ଏବଂ ଅନୁଭୂତିମାନ ସାମ୍ପ୍ରତିକ ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା ସହିତ ଓଡ଼ିଶା ସ୍ୱାସ୍ଥ୍ୟ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମିଳନୀରେ କଲେଜ ଅଧ୍ୟକ୍ଷ ପ୍ରଫେସର ବିପିନ ବିହାରୀ ଖୁଣ୍ଟିଆ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ରୂପେ ବିହାର କୃଷି ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବରିଷ୍ଠ ପ୍ରୋକ୍ଟୋଲୋଜିଷ୍ଟ ଗବେଷକ, ପ୍ରଫେସର ଏମିରିଟସ୍ ଡା. ଚତୁର୍ଭୁଜ ଭୂୟାଁ, ସମ୍ମାନିତ ଅତିଥି ରୂପେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ମେଡିକାଲ୍ ନିର୍ଦ୍ଦେଶକ ପ୍ର. ପ୍ରଦୀପ କୁମାର ପଣ୍ଡା, ମଧ୍ୟପ୍ରଦେଶ ଭୋପାଳସ୍ଥିତ ସରକାରୀ ଅଟୋନୋମସ୍ ଆୟୁର୍ବେଦ କଲେଜ, ଭେଷଜ ବିଜ୍ଞାନୀ ପ୍ର. ଡା. ରାଜକିଶୋର ପତି, ଇନ୍ଦୋରସ୍ଥିତ ଅଟୋନୋମସ୍ ସରକାରୀ ଆୟୁର୍ବେଦ କଲେଜ, ଗଳା, ନାକ, କାନ ବିଭାଗ ଅଧ୍ୟକ୍ଷ ପ୍ର. ଡା. ସୁବ୍ରତ କୁମାର ନାୟକ, କୋଲକାତାସ୍ଥିତ ଇମାମି କମ୍ପାନୀ ବରଷ୍ଠ ପରିଚାଳକ ଗବେଷକ ଡା. ଅକ୍ଷୟ କୁମାର ଖିଲାର, କ୍ୟାପିଟାଲ୍ ହସ୍ପିଟାଲ୍ ବିଶେଷଜ୍ଞ ଡା. ଦୀନକୃଷ୍ଣ ଦାସ, ଉତ୍ତରପ୍ରଦେଶ ଆଜମଗଡ଼ସ୍ଥିତ ସଂଘୀୟ ଆୟୁର୍ବେଦ ଅନୁଷ୍ଠାନ



ନିର୍ଦ୍ଦେଶକ ପ୍ର. ଶାନ୍ତନୁ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀର ସମ୍ବର୍ଦ୍ଧନା ପୁରସ୍କୃତ ପର୍ବରେ ପ୍ର. ରାଜକିଶୋର ପତିଙ୍କୁ ଭେଷଜ ଗବେଷଣା ଏଫ୍‌ଆର୍‌ଏମ୍‌ଏସ୍ ଫେଲୋସିପ୍, ଇନ୍ଦୋର ପ୍ର. ସୁବ୍ରତ କୁମାର ନାୟକଙ୍କୁ ଶାଲାକ୍ୟ ରତ୍ନ ସମ୍ମାନ, ଡା. ଅକ୍ଷୟ କୁମାର ଖିଲାରଙ୍କୁ ଭେଷଜ ଗବେଷଣା ଏଫ୍‌ଆର୍‌ଏମ୍‌ଏସ୍ ଫେଲୋସିପ୍, ଡା. ପ୍ରମୋଦ ନନ୍ଦଙ୍କୁ ସେବା ରତ୍ନ, ସମାଜସେବୀ ବିଦ୍ୟୁଲତା ଆଚାର୍ଯ୍ୟଙ୍କୁ ସେବାରତ୍ନ, ସତ୍ୟ ଦାଶଙ୍କୁ ନାରଦ ରତ୍ନ ଏବଂ ଶୈଳେନ୍ଦ୍ର ଆଚାର୍ଯ୍ୟଙ୍କୁ ନାରଦ ରତ୍ନ ଉପାଧି ଫେଲୋସିପ୍ ଦିଆଯାଇଥିଲା। ପ୍ରଫେସର ରଞ୍ଜନ କୁମାର କାଷ୍ଟ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି ଜାଗର; ଚଳଚଞ୍ଚଳ ଶୈବପୀଠ

ଖୋର୍ଦ୍ଧା,୧୪।୨(ସମିସ)



ରାତି ୧୧ରେ ଉଠିବ ଧବଳେଶ୍ୱରଙ୍କ ମହାଦୀପ

ରବିବାର ପବିତ୍ର ଶିବରାତ୍ରୀ ତଥା ଜାଗର ଯାତ୍ରା। ଦେବ ଦେବ ମହାଦେବଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ସମସ୍ତ ରୀତିନୀତି ଅନୁସାରେ ଏହି ପର୍ବକୁ ପାଳନ କଲେ କୋଟି ପୂଣ୍ୟର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ନେଇ ପ୍ରତ୍ୟେକ ହନ୍ଦୁ ଧର୍ମାବଲମ୍ବୀ ଶ୍ରଦ୍ଧାଳୁ ଜାଗର ଓଷା କରିଥାନ୍ତି। ଖୋର୍ଦ୍ଧା ସହର ଏବଂ ଏହାର ଉପକଣ୍ଠରେ ଥିବା ପ୍ରତ୍ୟେକ ଶୈବପୀଠ ଶିବରାତ୍ରୀ ନିମନ୍ତେ ସାଜସଜା ହୋଇଛି। ସହରର ପ୍ରତ୍ୟେକ ଶୈବପୀଠରେ ପଙ୍କୋଧର ଏକାଦଶୀ (ଶୁକ୍ରବାର)ଠାରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଶୈବପୀଠଗୁଡ଼ିକୁ ସାଜସଜା କରାଯିବା ସହିତ କେତେକ ପୀଠରେ ଆକର୍ଷଣୀୟ ତୋରଣମାନ କରାଯାଉଛି।

ଜାଗର ଯାତ୍ରା ପାଇଁ ଖୋର୍ଦ୍ଧା ଗୁରୁଜଙ୍ଗ ଗ୍ରାମରେ ଥିବା ଧବଳେଶ୍ୱରଙ୍କ ପୀଠରେ ୧୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଧବଳେଶ୍ୱର ପୀଠରେ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ମଧ ଏହି ପୀଠରେ ମହାଶିବରାତ୍ରି ମହାସମାରୋହରେ ପାଳିତ ହେବ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତି ବୈଠକ ଟ୍ରଷ୍ଟି ବଦ୍ରି ନାରାୟଣ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରବିବାର ମହାଶିବରାତ୍ରି ପର୍ବ ସୁଚାରୁରୂପେ ପାଳନ ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଭୋର ୩ଟାରୁ ଠାକୁରଙ୍କ ରୀତିନୀତି ଆରମ୍ଭ ହେବ। ରୀତିନୀତି ପରେ ୪ଟାରୁ ଶ୍ରଦ୍ଧାଳୁଙ୍କ ପାଇଁ ପୂଜା ଏବଂ ଦର୍ଶନ ଚାଲିବ। ମଧାହ୍ନରେ ସ୍ୱଳ୍ପ ସମୟ ପାଇଁ ଦର୍ଶନ ବନ୍ଦ ରହି ପୁଣି ଚାଲିବ। ରାତି ୮ଟା ପର୍ଯ୍ୟନ୍ତ ପୂଜା ଦର୍ଶନ ଚାଲିବ। ପରେ ମହାଦୀପ ଉଠିବା ଏବଂ ହରିହର ଭେଟ ପାଇଁ ପ୍ରସ୍ତୁତି ଆରମ୍ଭ ହେବ। ଗମ୍ଭିରା ସଫା କରିବା ସହ ପ୍ରଭୁଙ୍କୁ ନୂତନ ବସ୍ତ୍ର, କେତକୀ ଫୁଲରେ ସୁସଜ୍ଜିତ କରାଯାଇ ସାଢେ ୧୦ଟାରେ ଠାକୁରଙ୍କ ବେଢା ପରିକ୍ରମା କରାଯିବା ପରେ ହରିହର ଭେଟ କରାଯିବ। ହରିହର ଭେଟ ପରେ ୧୧ ଟାରେ ମହାଦୀପ ଉଠିବ ବୋଲି ଟ୍ରଷ୍ଟି ପକ୍ଷରୁ ସଭ୍ୟ ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ମଳୟେଶ ପ୍ରଧାନ, ବସନ୍ତ କୁମାର ମହାପାତ୍ର, ସେବାୟତ ସଂଘର ସଭାପତି ତ୍ରିନାଥ ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ଏଥିନିମନ୍ତେ ମନ୍ଦିରର ସମସ୍ତ ସେବାୟତଙ୍କ ସହଯୋଗ କାମନା କରାଯାଇଛି। ସମସ୍ତ ଶ୍ରଦ୍ଧାଳୁ ଶାନ୍ତି ଶୃଙ୍ଖଳାରେ ପ୍ରଭୁ ଧବଳେଶ୍ୱରଙ୍କ ପୂଜା ଏବଂ ଦର୍ଶନ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।ମନ୍ଦିର ବେଢ଼ାରେ ଏବଂ ବାହାର ପୁଷ୍କରଣୀ ଚତୁଃପାର୍ଶ୍ୱରେ ଜାଗର ଦୀପ ଜାଳିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ଧବଳେଶ୍ୱର ଦେବଙ୍କ ମହାଶିବରାତ୍ରି ପର୍ବ ପାଳନ ପାଇଁ ପୁଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ପୌର ପ୍ରଶାସନ ସହ ଆଲୋଚନା କରି ସେମାନଙ୍କ ସହଯୋଗ ଟ୍ରଷ୍ଟି ପକ୍ଷରୁ କାମନା କରିଛନ୍ତି।

ସେହିପରି ଜିଲ୍ଲାପ୍ରଶାସନ ପକ୍ଷରୁ କେବଳ ଧବଳେଶ୍ୱର, ଗୋଡା ଲୋକନାଥଦେବ, ବାଙ୍କୋଇ ଶୈବପୀଠ ଏବଂ ବାଘମାରୀସ୍ଥିତ ଅତ୍ରୀ ହଟକେଶ୍ୱରଙ୍କ ମନ୍ଦିରରେ କିପରି ଭକ୍ତମାନେ ସୁରୁଖୁରରେ ଜାଗର ପାଳନ କରିବା ତାହା ଉପରେ ପଦକ୍ଷେପ ନିଆଯାଇଥିବାବେଳେ ଅନ୍ୟ ମନ୍ଦିରଗୁଡିକ ଏଥିରୁ ବାଦ ପଡିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସାମନ୍ତରାପୁରରେ ଥିବା ସିଦ୍ଧେଶ୍ୱର ଶୈବପୀଠ, ସ୍ୱପ୍ନେଶ୍ୱର ଶୈବ ପୀଠ, ପଲ୍ଲାସ୍ଥିତ ଲୋକେଶ୍ୱରପୁର ମହାଦେବ, ରାଧାବଲ୍ଲଭ ସାହିସ୍ଥିତ ଶୈବପୀଠ, ଉପରସାହି ଶୈବ ପୀଠ, ମୁକୁନ୍ଦପ୍ରସାଦ ଶୈବପୀଠ, ବାଜପୁରସ୍ଥିତ ବାଲୁଙ୍କେଶ୍ୱର ଦେବ ପୀଠ, ଅଣ୍ଡାସ୍ଥିତ ଶାଳେଶ୍ୱର ଦେବ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହେବାକୁ ଥିବାବେଳେ ଜିଲ୍ଲା ପ୍ରଶସାନ ପକ୍ଷରୁ କୌଣସି ପ୍ରସ୍ତୁତ କାର୍ଯ୍ୟ ହୋଇନଥିଲେ ମଧ ଜାଗର ପାଇଁ ଏହି ପୀଠ ଗୁଡିକ ଚଳଚଂଚଳ ହୋଇଉଠିଛି। ଶିବରାତ୍ରୀ ପାଇଁ ସହର ଏବଂ ଗ୍ରାମାଂଚଳ ର ବିଭିନ୍ନ ଛକରେ ଅସ୍ଥାୟୀ ପୂଜା ପସରା ମଧ ଖୋଲିଥିବା ଦେଖିବାକୁ ମିଳିଛି। ଫଳମୂଳ ଭୋଗ ସାମଗ୍ରୀ ସହିତ ବିଭିନ୍ନ ଆକୃତିର ମାଟି ଦୀପ ଘିଅ ସଳିତା ଧରି କିଛି ବ୍ୟବସାୟୀ ଶୈବ ପୀଠ ନିକଟରେ ପସରା ମେଲାଇଛନ୍ତି। ସେହିପରି ବଜାରରେ ଆଜି କିଆ ଫୁଲ ୨୫୦ରୁ ୩୦୦ଟଙ୍କା ବିକ୍ରୀ ହେଉଥିବାବେଳେ ପଳାସ ଫୁଲ ଠୋଲା ୨୦ରୁ ୩୦ ଟଙ୍କାରେ ବିକ୍ରି ହେଉଛି। ତେବେ ଗୁରୁଜଙ୍ଗସ୍ଥିତ ଧବଳେଶ୍ୱରଙ୍କ ପୀଠ, ଗୋଡାଲୋକନାଥଙ୍କ ପୀଠ, ବାଙ୍କୋଇ ଶୈବପୀଠ, ବାଘମାରୀସ୍ଥିତ ଅତ୍ରୀ ହଟକେଶ୍ୱରଙ୍କ ପୀଠରେ ଜିଲ୍ଲାପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୁଲିସ ସୂତ୍ରରୁ ଜଣାଯାଇଛି।

ଶ୍ରଦ୍ଧାଳୁଙ୍କ ଅପେକ୍ଷାରେ ଶୈବକ୍ଷେତ୍ର

ବାଲୁଗାଁ, ୧୪।୨(ସମିସ): ବାଲୁଗାଁ ଅଞ୍ଚଳର ସୁପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ରବିବାର ଜାଗର ଯାତ୍ରା ଆଡମ୍ବର ସହକାରେ ପାଳନ ନିମନ୍ତେ ପ୍ରଶାସନ ତରଫରୁ ସେବାୟତ ମାନଙ୍କୁ ନେଇ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ରାତ୍ର ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାକୁ ଥିବା ବେଳେ ରାତ୍ର ୯ଘଟିକା ସମୟରେ ମହାଦେବଙ୍କ ବେଢା ପରିକ୍ରମା ପରେ ଶେଷ ପ୍ରହରରେ ମହାଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି। ପୀଠ ମାନଙ୍କରେ ପ୍ରବଳ ଜନସମାଗମ ହେବାକୁ ଥିବାରୁ ଶାନ୍ତିଶୃଙ୍ଖଳା ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ସେହିଭଳି ଇଞ୍ଜନପୁରସ୍ଥିତ ଗବପଦର ବିଜେ ରାମେଶ୍ୱର ଦେବଙ୍କ ପୀଠ, ଶିଙ୍ଗେଶ୍ୱରସ୍ଥିତ ଶିଙ୍ଗୀନାଥ ଦେବ, ଧୂଆଁଳ ସ୍ଥିତ ଧବଳେଶ୍ୱର ପୀଠ, ମଠପୁର ସ୍ଥିତ କଳିଯୁଗେଶ୍ୱର ଦେବଙ୍କ ପୀଠ, ନାତୁଣୀ ସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ବାଣପୁର ଗାଲୁଆସ୍ଥିତ ଗୁପ୍ତେଶ୍ୱର ଦେବଙ୍କ, ଗତିଶ୍ୱର ଦେବ, କପିଳେଶ୍ୱର ଦେବ, ବାଲୁଙ୍କେଶ୍ୱର ଦେବ, ଭେଟିନାଥ ଦେବ ଓ ଦକ୍ଷେଶ୍ୱର ଦେବ ଆଦି ଶୈବପୀଠ ଗୁଡିକରେ ଜାଗର ଯାତ୍ରା ଆଡମ୍ବର ସହ ପାଳନ ହୋଇଥିବାରୁ ମନ୍ଦିର ଗୁଡ଼ିକୁ ସୁସଜ୍ଜିତ ହୋଇଥିବା ସହ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

କଂଗ୍ରେସ ବ୍ଲକ ସଭାପତି ହେଲେ ମହମ୍ମଦ ମୋହିଉଦ୍ଦିନ

ବେଗୁନିଆ,୧୪।୨(ସମିସ): ବେଗୁନିଆ ବ୍ଲକର କଂଗ୍ରେସ ଦଳର ସଭାପତି ଭାବେ ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦ(ସିଲୁ ଭାଇ) ଦାୟିତ୍ୱ ଗ୍ରହଣ କରିଛନ୍ତି। କଂଗ୍ରେସ ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରୁ ସଜାଡି ଆଗକୁ ନେବା ପାଇଁ ଯୁବ ନେତୃତ୍ୱଙ୍କୁ ଦାୟିତ୍ୱ



ଦେଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି। ସଂଖ୍ୟା ଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରି ଦକ୍ଷତାର ପ୍ରମାଣ ଦେଖାଉ ଥିବାରୁ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ନିକଟରେ ସେ ପ୍ରିୟଭାଜନ ହୋଇ ପାରିଛନ୍ତି।

ବ୍ରାଉନ୍‌ସୁଗର ଜବତ, ୩ ଗିରଫ

ଖୋର୍ଦ୍ଧା,୧୪।୨(ସମିସ): ସହର ଉପକଣ୍ଠ ପୁରୁସାହି ପାର୍କ ଠାରେ ଆଦର୍ଶ ଥାନା ପୁଲିସ ଚଢଉ କରି ୩ ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫମାନେ



ସ୍ଥାନୀୟ ଗାନ୍ଧିପଡିଆର ଅଭିଜିତ ନାୟକ (୨୧), ପୁରୁସାହିର ଧର୍ମଦତ ପ୍ରଧାନ (୧୯) ଏବଂ ସ୍ୱପ୍ନେଶ୍ୱର ସାହିର ବଳଭଦ୍ର ପରିଡା (୧୯)। ସେମାନଙ୍କଠାରୁ ପୁଲିସ ୧୫ଗ୍ରାମ ବ୍ରାଉନସୁଗର, ୨ଟି ବାଇକ୍ ଓ ୩ଟି ମୋବାଇଲ ଫୋନ୍ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ଦେଢ଼ଲକ୍ଷ ହେବ ବୋଲି ପୁଲିସ ସୂଚନା ଦେଇଛି। ଏ ନେଇ ପୁଲିସ ୮୧/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୁରୁସାହି ପାର୍କ ନିକଟରେ ବ୍ରାଉନସୁଗର ବେପାର ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ଆଦର୍ଶ ଥାନା ପୁଲିସ ର ଏକ ଟିମ୍ ଏସଆଇ ବସନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଚଢଉ କରିଥିଲେ। ପୁଲିସ କୁ ଦେଖି ଅଭିଯୁକ୍ତମାନେ ଖସିବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ ସେମାନଙ୍କୁ କାବୁ କରି ଯାଂଚ କରିବାରେ ବ୍ରାଉନସୁଗର ଜବତ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

ସମାଜସେବୀଙ୍କ ପରଲୋକ

ଚିଲିକା,୧୪।୨(ସମିସ): ବାଣପୁର ବ୍ଲକ ଅନ୍ତର୍ଗତ ସୁନାଖଳା ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା କର୍କଟ ରୋଗୀଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରୁଥିବା ଭାଗିରଥି ଚାରିଟେବଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱର୍ଗତ ହୃଦାନନ୍ଦ ନରେନ୍ଦ୍ରଙ୍କ ମଧ୍ୟମ ପୁତ୍ର ସମାଜସେବୀ ସୁକାନ୍ତ କୁମାର ନରେନ୍ଦ୍ରଙ୍କ



ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। କିଛି ଦିନ ଧରି ସେ କିଡନୀ ଜନିତ ରୋଗରେ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ତଥା ଟ୍ରଷ୍ଟର ସମ୍ପାଦକ ବ୍ରହ୍ମାନନ୍ଦ ନରେନ୍ଦ୍ର ମୁଖାଗ୍ନି ଦେଇଥିଲେ। ଅନ୍ୟତମ ପୁତ୍ର ଶିବାନନ୍ଦ, ପୁତ୍ରବଧୂ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ସ୍ୱର୍ଗତ ବସନ୍ତ ନାୟକଙ୍କ ସେ ହେଉଛନ୍ତି ଶାଳକ ଏବଂ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଭଉଣୀ ପ୍ରିୟଦର୍ଶିନୀଙ୍କ ଶଶୁର। ତାଙ୍କ ବିୟୋଗରେ ରାଜ୍ୟସଭା ସଦସ୍ୟ ମାନସ ରଂଜନ ମଙ୍ଗରାଜ, ଆଇନଜୀବୀ ଦିଲ୍ଲିପ କୁମାର ପଟ୍ଟନାୟକ, ଭାଗିରଥୀ ଚାରୀଟେବୁଲ୍ ଟ୍ରଷ୍ଟର ଉପସଭାପତି ଶୁଭେନ୍ଦୁ କୁମାର ରାଉତରାୟ, ସହ-ସମ୍ପାଦକ ମନୋଜ ମୋହନ ବରାଳ, ସାମ୍ବାଦିକ ଭିକାରୀ ଚରଣ ପ୍ରଧାନ, ଦିଲ୍ଲୀପ କୁମାର ଶତପଥୀ ଓ ପ୍ରଦ୍ୟୁମ୍ନ ରଞ୍ଜନ ସୁଆର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରର ଦୀକ୍ଷାନ୍ତ ଉତ୍ସବ



ବେଗୁନିଆ,୧୪।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ସରସ୍ୱତୀ ଶିଶୁ ମନ୍ଦିରରେ ଦୁଇ ଦିନ ଧରି ଚାଲିଥିବା ଅଷ୍ଟାଦଶ ଦୀକ୍ଷାନ୍ତ ଉତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଭୁବନେଶ୍ୱର ଦୂର ସଂଚାର ବିଭାଗର ଉପଖଣ୍ଡ ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଓ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନେ ଉତ୍ତମ ଶିକ୍ଷା ଲାଭ କରି ଦେଶ ଓ ଜାତିର ଟେକ ରଖିବା ପାଇଁ ମତ ପ୍ରକାଶ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନ ରଞ୍ଜନ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୱତ ପରିଷଦ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ ଉତ୍ସବରେ ବେଗୁନିଆ ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ ଅମୂଲ୍ୟ କୁମାର ବାହିନୀପତି ମୁଖ୍ୟଅତିଥି, ଓଡ଼ିଶା ହାଇକୋର୍ଟ ବରିଷ୍ଠ ଆଇନଜୀବୀ ଡ. ବାମଦେବ ବରାଳ ବିଶିଷ୍ଟ ଅତିଥି, ଶିକ୍ଷା ବିକାଶ ସମିତିର ଖୋର୍ଦ୍ଧା ଜିଲ୍ଲା ସଙ୍କୁଳ ପ୍ରମୁଖ ଡ଼ଃ ନଳିନୀ କାନ୍ତ ପଣ୍ଡା ବିଶିଷ୍ଟ ଅତିଥି ଓ ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ନୀରଦ ଚନ୍ଦ୍ର ଆର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୱତ୍ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା ମମତା ରାଣୀ ସାହୁ, ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର ଓ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ସହଯୋଗ କରିଥିଲେ।

ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

ଖୋର୍ଦ୍ଧା,୧୪।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁସନ୍ଧାନ ଭିତ୍ତିକ ଶିକ୍ଷଣ ଓ ସଂସ୍କୃତି ଆଧାରିତ ଶିକ୍ଷାଦାନ ପ୍ରକ୍ରିୟା ବିଷୟବସ୍ତୁ ଉପରେ ଏହି ଆଲୋଚନାଚକ୍ରରେ ସମଗ୍ର ଜିଲ୍ଲାରୁ ୮୦ଜଣ ଶିକ୍ଷକ ଯୋଗଦେଇ ଥିଲେ। ୨୦ଜଣ ଶିକ୍ଷକ ସେମାନଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ।

ଆଲୋଚନାଚକ୍ରର ଉଦଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ . ପ୍ରଜ୍ଞା ପାରମିତା ଜେନା ଯୋଗଦେଇ ଶିକ୍ଷାକମାନେ କିପରି ପିଲାମାନଙ୍କ ମନରେ ଅନିସନ୍ଧିତ୍ସୁ ମନୋବୃତ୍ତିର ବିକାଶ ହୋଇପାରିବ ତାହା କହିଥିଲେ। ଏଥିରେ ଢେଙ୍କାନାଳ ଡ଼ି.ଆଇ.ଇ ଟିର ପୂର୍ବତନ ଅଧ୍ୟକ୍ଷ ଡ. ସୁସନ୍ଧ୍ୟା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉଭୟ ଦିବସ ରେ ୨୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ସେମାନେ ବିଦ୍ୟାଳୟରେ କରିଥିବା ଅଭିନବ କାର୍ଯ୍ୟଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ।

ଦୁଇ ଦିନରେ ଭିନ୍ନ ଭିନ୍ନ ଅଧିବେଶନ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଶ୍ରବଣ ବାଗ, ନଳିନୀ ଦେବୀ ବି. ଇଡ଼ି କଲେଜର ଅଧ୍ୟାପିକା ଡ଼ ରୂପମ ପ୍ରିୟା , ରାଜଧାନୀ ମହାବିଦ୍ୟାଳୟର ଅଧ୍ୟାପିକା ଡ. ସୁଚଉସମିତ ବଳ , ଏସ.ସି .ଇ ଆର.ଟି ର ସହ ନିର୍ଦ୍ଦେଶକ ଡ. ପ୍ରସନ୍ନ କୁମାର ସାହୁ ଓ ଲିପିକା ସାହୁ, ଅନୁଗୁଳ ବି. ଇଡ଼ି କଲେଜ ର ଅଧ୍ୟାପିକା ଡ. ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ଼. ତାପସ କୁମାର ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ ଅନୁଷ୍ଠାନର ପ୍ରଶିକ୍ଷକ ମୋନାଲିସ ପଣ୍ଡା, ମୌସୁମୀ ମହାନ୍ତି, ଦୀପ୍ତିପ୍ରଭା ଦାସ, ରଶ୍ମୀରେଖା ସ୍ୱାଇଁ, ବୀଣାପାଣି ପାଢୀ, ଆଏଶା ତନବୀର, ମହେଶ କୁମାର ବେହେରା, ମଞ୍ଜୁଲତା ହାସଦା, ଅକ୍ଷୟ କୁମାର ମହାନ୍ତି। ଶେଷରେ ପ୍ରଶିକ୍ଷକ ଶିକ୍ଷା ଶିଅଳ ଧନ୍ୟବାଦ ଅର୍ପଣ କରିଥିଲେ।

କାଡ଼ା କେନାଲ ନିର୍ମାଣ ଦାବିକଲେ ଚାଷୀ

ଭୂଷଣ୍ଡପୁର,୧୪।୨(ସମିସ): ଲେଣ୍ଡୋ ପଞ୍ଚାୟତ ଅଧିନସ୍ଥ ଭଗବତୀପଡାସ୍ଥିତ ସାନ ସାମନ୍ତରାପୁର ଅଞ୍ଚଳରେ ରହିଛି ୩୫ ହେକ୍ଟର ଚାଷ ଜମି। ଯେଉଁ ଜମିରେ ବିଗତ ଦିନରେ ଧାନ ଚାଷ ଉଠିଯିବା ପରେ ଅନ୍ୟାନ୍ୟ ସବୁଜ ପନିପରିବା ଚାଷ ହେଉଥିଲା। ହେଲେ କିଛିବର୍ଷଧରି ବିଭିନ୍ନ କାରଣରୁ ଜଳ ସେଚନ ଅସୁବିଧା କାରଣରୁ ଫସଲ ଉତ୍ପାଦନରେ ବାଧକ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଚାଷୀଙ୍କ ଅଭିଯୋଗ ପରେ ଗତବର୍ଷ ମଲାଗୁଣି ନଦୀ ସଂଲଗ୍ନ ତାଳପଡା ମେନ କେନାଲରୁ ବିଭାଗ ପକ୍ଷରୁ ଜମିରେ ଜଳସେଚନର ସୁବିଧା ନିମନ୍ତେ ୨୫ହେକ୍ଟର ଜମିରେ ଏହି କାଡା ନାଳ ନିର୍ମାଣ କରାଯାଇଥିଲା। ଏହା ନିର୍ମାଣ ପରେ ଉପରୋକ୍ତ ଜମି ଗୁଡିକ ନିମନ୍ତେ ସିନା ଜଳ ସେଚିତ ହୋଇପାରିଲା। ହେଲେ ଏଥିରୁ ଅବଶିଷ୍ଟ ପ୍ରାୟ ୧୦ହେକ୍ଟରରୁ ଉର୍ଦ୍ଧ ଜମି



ବଂଚିତ ହୋଇଗଲା। ଫଳରେ ଜଳ ସେଚନ ଅଭାବରୁ ଧାନ ଫସଲ ଉଠିଯିବା ପରେ ଜମି ଗୁଡିକ ଏବେ ପଡିଆ ପଡିଛି। ଯଦି ଅବଶିଷ୍ଟ ଜମି ଗୁଡିକରେ କାଡା ନାଳ ନିର୍ମାଣ ହୋଇ ପାରନ୍ତା ତେବେ ସ୍ଥାନୀୟ ଚାଷୀକୁଳ ଉପକୃତ ହୋଇପାରନ୍ତେ ବୋଲି ଚାଷୀ ରୂପାକର ଖୁଣ୍ଟିଆ, କାଳିଆ ରାଉତରାୟ ଅଭିଯୋଗ କରିଛନ୍ତି। ଏହି ଜମି ଉପରେ ଚାଷବାସ କରି ନିର୍ଭର କରି ଚଳି ଆସୁଥିବା ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଲଛମନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଚମ୍ପତି, କସ୍ତୁରୀ ବିଶ୍ୱାଳ ପ୍ରମୁଖ ଚାଷୀ ନିବେଦନ କରିଛନ୍ତି।

୧୨ଟି ୱାର୍ଡକୁ ନେଇ ଗଠିତ ହେଲା ଟାଙ୍ଗୀ ଏନ୍‌ଏସି

ଟାଙ୍ଗୀ,୧୪।୨(ସମିସ): ରାଜ୍ୟରେ ଘୋଷଣା ହୋଇଥିବା ୨୮ ଏନଏସି ଓ ୭ ପୌରପାଳିକାରେ ନିର୍ବାଚନ ପାଇଁ ପ୍ରଶାସନିକ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ସୀମା ନିର୍ଧାରଣ ଓ ସଂରକ୍ଷଣ ପ୍ରକ୍ରିୟାର ତାଲିକା ପ୍ରକାଶ ପାଇଛି। ଟାଙ୍ଗୀ ଏନଏସି ୧୨ଟି ୱାର୍ଡକୁ ନେଇ ଗଠନ କରାଯାଇଛି। ଏଥିମଧ୍ରୁ ୬ଟି ୱାର୍ଡ ଯଥା ୩, ୫, ୬, ୮, ୯, ୧୨ ନମ୍ବର ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି। ୩ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳା , ୫ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି ମହିଳା ଓ ୬,୮,୯ ଓ ୧୨ ନମ୍ବର ୱାର୍ଡ ସାଧାରଣ ବର୍ଗ ମହିଳାଙ୍କ ପାଇଁ ରହିଛି। ସେହିପରି ୱାର୍ଡ ନଂ ୨,୪,୭,୧୦,୧୧ ସାଧାରଣ ବର୍ଗ (ଅଣ ସଂରକ୍ଷଣ) କରାଯାଇଛି। ୧ ନଂ ୱାର୍ଡଟି ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରଖାଯାଇଛି।ସୀମା ନିର୍ଧାରଣ ଓ ସଂରକ୍ଷଣ ସମ୍ପର୍କରେ ଜନସାଧାରଣଙ୍କ ତରଫରୁ ପ୍ରସ୍ତାବ ଓ ଆପତି ଗ୍ରହଣ ଫେବୃଆରୀ ୨୧ ତାରିଖ ମଧରେ ଜିଲା ପ୍ରଶାସନ ନିକଟରେ ଜଣାଇବା ପାଇଁ ସୂଚନା ଦିଆଯାଇଛି। ନିର୍ଦ୍ଧାରିତ ତାରିଖ ପରେ କୌଣସି ପ୍ରସ୍ତାବ ଓ ଆପତି ଶୁଣାଯିବ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏ ସଂପର୍କିତ ଚିଠି ଜିଲାପାଳଙ୍କ କାର୍ଯ୍ୟାଳୟ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରଙ୍କ କାର୍ଯ୍ୟାଳୟ, ପୌର ବିଭାଗ ନିର୍ଦ୍ଦେଶକ ଓ ନଗର ଉନ୍ନୟନ ବିଭାଗକୁ ଅବଗତ କରାଯାଇଛି।

ବିଦ୍ୟାଳୟରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ



ଟାଙ୍ଗୀ,୧୪।୨(ସମିସ) : ନୟାଗଡ଼ ଜିଲ୍ଲା କନ୍ଧନୟାଗଡ ସ୍ଥିତ କଳିଙ୍ଗ ଭାରତୀ ବିଦ୍ୟାନିକେତନ ଠାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ମାତୃ ପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ପିତା ମାତାଙ୍କ ସହିତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ପୂର୍ଣ୍ଣଚନ୍ଦ୍ର ନାୟକ, ବନଜା ପଟ୍ଟନାୟକ, ଏସ୍. କେ ପଟ୍ଟନାୟକ, ଭାଗିରଥି ମହାପାତ୍ର, ଭଗବାନ ଗୁରୁ ଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଦୀପକ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ନୀଳାମ୍ବୁ ମହୋତ୍ସବ ଉଦ୍‌ଯାପିତ

ଟାଙ୍ଗୀ,୧୪।୨(ସମିସ): ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଚାନ୍ଦପୁର ଦଶଦୋଳ ପଡିଆରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ନୀଳାମ୍ବୁ ମହୋତ୍ସବ ଉଦଯାପିତ ହୋଇଯାଇଛି। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ଇଂଜିନିୟର ଶିଶିର ନାୟକ, ଚଳଚିତ୍ର ଅଭିନେତା କେଦାର ମିଶ୍ର, ଅଭିନେତା ଅକ୍ଷୟ ବସ୍ତିଆ, ଚଳଚିତ୍ର ପ୍ରଯୋଜକ ନୀଳମଣୀ



ସାହୁ, ନୟାଗଡ ଜିଲ୍ଲା ବିଜେପି ସଭାପତି ତାପସ ରଂଜନ ମାର୍ଥା, ଶିଳ୍ପୋଦ୍ୟୋଗୀ ଅଜିତ କୁମାର ମହାପାତ୍ର, ସଂପାଦକ ମନୋଜ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ଚିଲିକା ବିଧାୟକଙ୍କ ସୁପୁତ୍ର ସମାଜସେବୀ ବିଭୁଦ ଭୂଷଣ ହରିଚନ୍ଦନ, ଯୁବ ଶିଳ୍ପୋଦ୍ୟୋଗୀ ଅଶ୍ୱିନୀ କୁମାର ପାତ୍ର, ବିପିନ ବିହାରୀ ନାୟକ, ଫାର୍ମାସୀ ଅଫିସର ଶକ୍ତିନାଥ ତରାଇ,ରାମଚଣ୍ଡୀ ନୋଡାଲ ହାଇସ୍କୁଲ ଚେୟାରମ୍ୟାନ ବଦ୍ରିନାରାୟଣ ଚୌଧୁରୀ, ଚଳଚିତ୍ର ଅଭିନେତା କେଦାର ମିଶ୍ର, ଅକ୍ଷୟ ବସ୍ତିଆ,ଚଳଚିତ୍ର ପ୍ରଯୋଜକ ନୀଳମଣି ସାହୁ,ମଞ୍ଚ ସଂଯୋଜକ ତଥା ସଂଗୀତ ନିର୍ଦ୍ଦେଶକ ସତ୍ୟନାରାୟଣ ମହାପାତ୍ର ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା। ଉଦଘୋଷକ ଭାବେ ଅଧ୍ୟାପକ ସତ୍ୟନାରାୟଣ ମହାନ୍ତି କାର୍ଯ୍ୟ ସଂପାଦନ କରିଥିଲେ।

ଆଜି ଲଳିତା ପାଟପୁରରେ ସ୍ୱାସ୍ଥ୍ୟ ଶିବିର

ନିରାକାରପୁର,୧୪।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଲେଣ୍ଡୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲଳିତା ପାଟପୁର ଗ୍ରାମରେ ବୃନ୍ଦାବନ ଚନ୍ଦ୍ର ଦେବ ମାଗଣା ସ୍ୱାସ୍ଥ୍ୟ ସେବା ପ୍ରତ୍ୟେକ ମାସ ୨ୟ ରବିବାର ଓ ୪ର୍ଥ ରବିବାର ଦିନ ଏହି ସେବା ଯୋଗାଇ ଦିଆଯିବ ବୋଲି ଗ୍ରାମବାସୀ ନିଶ୍ଚିତ କରିଛନ୍ତି। ଅଭିଜ୍ଞ ଡାକ୍ତରମାନେ ଆସି ପହଞ୍ଚିବେ ଏବଂ ଦିବା ୩ଘଟିକା ପର୍ଯ୍ୟନ୍ତ ଶିବିର ଚାଲୁ ରହିବ। ବରିଷ୍ଠ ଡାକ୍ତର ବି.ଏନ. ତ୍ରିପାଠୀଙ୍କ ସହିତ ଅନ୍ୟାନ୍ୟ ବିଭାଗର ଡାକ୍ତରମାନେ ଯୋଗ ଦେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ସେହି ଗ୍ରାମର ଦୁଃଖିଶ୍ୟାମ ମହାପାତ୍ର ଏହାକୁ ସଫଳ ରୂପାୟନ ଦେବା ନିମିତ୍ତ ଦାୟିତ୍ୱ ନେଇଛନ୍ତି।

ଗୋଟିଏ ରାତିରେ ୮ ମନ୍ଦିରରୁ ଚୋରି

ବାଲୁଗାଁ,୧୪।୨(ସମିସ)

ବାଲୁଗାଁ ଏନଏସି ଅଧୀନ ୫ଟି ସ୍ଥାନରେ ଅବସ୍ଥିତ ୮ଟି ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତ୍ରରେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟେରା ମାନେ ସିରିଜ ଲୁଟ କରି ଲକ୍ଷାଧିକ ଟଙ୍କାର ସୁନା ରୂପା ଅଳଙ୍କାର ସମେତ ମନ୍ଦିର ଦାନ ହୁଣ୍ଡି ବାକ୍ସ ଭାଙ୍ଗି ଦାତା ଦେଇଥିବା ଦାନ ଅର୍ଥ ଲୁଟି ନେଇଛନ୍ତି ଲୁଟେରା। ବିଳମ୍ବିତ ରାତ୍ରରେ ସାନ୍ତରାପୁର ସାହିସ୍ଥିତ ଗୋଟିଏ ପରିସରରେ ଅବସ୍ଥାପିତ ଶ୍ରୀ ଦଧିବାମନ ଦେବ, ବୀରହନୁମାନ ଦେବ, ଶ୍ରୀ ଗୁପ୍ତେଶ୍ୱର ଦେବ ଓ ମା' ଲକ୍ଷ୍ମୀ



ଠାକୁରାଣୀଙ୍କ ମନ୍ଦରର କବାଟ ତାଲା ଭାଙ୍ଗି ଭିତରେ ପଶି ଦେବଦେବୀଙ୍କ ଲକ୍ଷାଧିକ ଟଙ୍କାର ସୁନା ରୂପା ଅଳଙ୍କାର ସମେତ ମନ୍ଦିରର ଦାନ ହୁଣ୍ଡି ବାକ୍ସ ଭାଙ୍ଗି ଦାନ ଟଙ୍କା ସବୁ ଲୁଟି ନେଇଛନ୍ତି। ଅନୁରୂପ ଭାବେ ବାଲୁଗାଁ ବଜାରର ଏନଏସି ଅଡିଟୋରିୟମ ହଲ ନିକଟସ୍ଥ ମା' କାଳୀଜାଈ ମନ୍ଦିର, ଚିଲିକା ରୋଡ଼ ପାୱାର୍ ଗାନ୍ଧି ନଗର ସ୍ଥିତ ଗିରିଦୁର୍ଗା ମନ୍ଦିର, ବିଦ୍ୟାଧରପୁର ସାହି ସ୍ଥିତ ମା ଖିଲାମୁଣ୍ଡା ଦେବୀ ମନ୍ଦିର, ସରଳାପଦର ଛକ ନିକଟସ୍ଥ ମା' ଉତ୍ତରାୟଣୀ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତ୍ରରେ କେହି ଦୁର୍ବୃତ୍ତ ମନ୍ଦିରର କବାଟ ତାଲା ଲକ୍ଷାଧିକ ଟଙ୍କାର ସୁନା ରୂପା ଅଳଙ୍କାର ସହ ଦାନ ହୁଣ୍ଡି ବାକ୍ସକୁ ଭାଙ୍ଗି ଦାନ ଟଙ୍କା ଲୁଟି ନେଇଛନ୍ତି। ଶନିବାର ସକାଳୁ ସମସ୍ତ ମନ୍ଦିରର ପୂଜକ ମାନେ ଆସି ଦେଖିଲା ବେଳକୁ ମନ୍ଦିରର କବାଟ ତାଲା ଭଙ୍ଗା ଯାଇ ଥିବା ସହ ଦାନ ବାକ୍ସ ଭଙ୍ଗା ଯାଇଥିବାର ଦେଖିବାକୁ ପାଇ ଚୋରି ସମ୍ପର୍କରେ ଜାଣିବାକୁ ପାଇ ଗ୍ରାମବାସୀଙ୍କୁ ଜଣାଇ ଥିବା ବେଳେ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବାଲୁଗାଁ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ଓ ଥାନା ଅଧିକାରୀ ଜୟପ୍ରକାଶ ପରିଡା ପୁଲିସ ଟିମ୍ ସହ ଶନିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମର ସହାୟତାରେ ତଦନ୍ତ ଜାରି ରଖିଥିବା ବେଳେ ଚୋରି ଯାଇଥିବା ସ୍ଥାନର ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଅପରାହ୍ନରେ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛନ୍ତି, ଯଥାଶୀଘ୍ର ଲୁଟେରା ମାନେ ଧରାପଡିବେ ବୋଲି ପୁଲିସ କହିଛି।

୨୦୦ ବର୍ଷର ବାବା ଚିତ୍ରେଶ୍ୱରଙ୍କ ପୀଠ

ମହାଶିବରାତ୍ରୀ ପାଇଁ ଚାଲିଛି ପ୍ରସ୍ତୁତି



ମୋରଡ଼ା, ୧୪।୨(ସମିସ): ହିନ୍ଦୁ ଧାର୍ମିକ ଶାସ୍ତ୍ର ଅନୁସାରେ ଫାଲଗୁନ ମାସର କୃଷ୍ଣପକ୍ଷର ଚତୁର୍ଦ୍ଦଶୀ ତିଥିରେ ମହାଶିବରାତ୍ରି ପର୍ବ ପାଳିତ ହୁଏ। ଏହି ଦିନକୁ ଶିବ ଓ ଶକ୍ତିର ମିଳନ ଭାବେ ବିବେଚନା କରାଯାଉଥିବାବେଳେ ଏହି ଦିନ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ବିବାହ ହୋଇଥିଲା। ଲୋକଙ୍କ ବିଶ୍ୱାସ ଯେ ମହାଶିବରାତ୍ରି ଦିନ ଭଗବାନ ଶିବଙ୍କ ଉପବାସ ଓ ପୂଜା କରିବା ଦ୍ୱାରା ଜୀବନର ସମସ୍ତ ଦୁଃଖ ଓ କଷ୍ଟ ଦୂର ହେବା ସହିତ ଜୀବନରେ ସୁଖ, ସମୃଦ୍ଧି ଓ ଶାନ୍ତି ଆସିଥାଏ। ଏ ପରିପ୍ରେକ୍ଷୀରେ ମୋରଡ଼ା ବ୍ଲକର ଚିତ୍ରଡାରେ ଥିବା ଦୁଇଶହ ବର୍ଷର ପୁରାତନ ଶୈବ ପୀଠ ବାବା ଚିତ୍ରେଶ୍ୱରଙ୍କ ମନ୍ଦିରରେ ଚଳିତ ବର୍ଷ ମହାଶିବରାତ୍ରି ଧୂମଧାମରେ ପାଳନ ନିମନ୍ତେ ପ୍ରସ୍ତୁତି ଚାଲିଛି। ମନ୍ଦିରର ପୂଜକ ବିଶ୍ୱମ୍ଭର ପତିଙ୍କ ସୂଚନା ମୁତାବକ ଚଳିତବର୍ଷ ୧୫ ତାରିଖ ରବିବାର ରାତ୍ରି ୩:୩୦ରୁ ରୁଦ୍ରାଭିଷେକ ଆରମ୍ଭ ହେବାକୁ ଥିବାବେଳେ ପରେ ମଙ୍ଗଳ ଆଳତି ଓ ଘର୍ଷଣ କାର୍ଯ୍ୟକ୍ରମ ପ୍ରଥମେ ଆରମ୍ଭ ହୋଇ ଭକ୍ତମାନେ ପୁଷ୍ପାଞ୍ଜଳି ପ୍ରଦାନ କରିବେ। ୧୬ ତାରିଖ ସୋମବାର ଦିନ ବ୍ରତଧାରୀଙ୍କ ପୂଜାର୍ଚ୍ଚନା ସକାଳ ୬ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୪:୩୦ ପର୍ଯ୍ୟନ୍ତ ଚାଲିବ। ଇତିମଧ୍ୟରେ ମହାଦେବଙ୍କ ନିକଟରେ ମଧ୍ୟାହ୍ନରେ ମିଶ୍ରି ପଣା, ସନ୍ଧ୍ୟା ଆଳତି ସମୟରେ ଛେନା ଦହି ପଣା, ରାତ୍ରି ସମୟରେ ମହା ଉପଚାର ସହିତ ବିଭିନ୍ନ ପ୍ରକାର ର ଲଡୁ ଭୋଗ ଲାଗିବ ଶେଷରେ ମହାଦୀପ ଭୋର ୫:୧୫ମିନିଟ ସମୟରେ ଉଠିବା ପରେ ୧୦୮ ପ୍ରଦୀପ ଦାନ ସହିତ ଚୁଡା ଘଷା ଭୋଗ ସମର୍ପଣ କରାଯିବ। ମହାରୁଦ୍ର ଯଜ୍ଞରେ ପୂର୍ଣ୍ଣ ଆହୁତି ପଡ଼ିବ ବୋଲି ମନ୍ଦିର ପୂଜକ ବିଶ୍ୱମ୍ଭର ପତି ପ୍ରକାଶ କରିଛନ୍ତି। ମାନସିକଧାରୀଙ୍କ ପାଇଁ ଅହୋରାତ୍ର ଜପଯଜ୍ଞ କରିବାର ସ୍ୱତନ୍ତ୍ର ବ୍ୟବସ୍ଥା ମନ୍ଦିର କମିଟି ତରଫରୁ ଆୟୋଜନ କରାଯାଇଛି।

ଚଳଚଞ୍ଚଳ ଖିଚିଂ ଶୈବ ପୀଠ



ଖିଚିଂ, ୧୪।୨(ସମିସ): ରାତି ପାହିଲେ ପାଳନ ହେବ ଭଗବାନ ଶିବଙ୍କ ମହାଶିବରାତ୍ରି। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଉତ୍ତର ଓଡ଼ିଶାର ପ୍ରମୁଖ ଆଧାତ୍ମିକ କ୍ଷେତ୍ର ଖିଜିଙ୍ଗକୋଟ ବା ଆଧୁନିକ ଖିଚିଂ। ଏହି ଭୂଖଣ୍ଡରେ ବିଭିନ୍ନ ଧର୍ମଧାରା ପରିପ୍ରକାଶ ହୋଇଥିଲେ ସୁଦ୍ଧା ଭଞ୍ଜ ରାଜାମାନେ ଖିଜିଙ୍ଗେଶ୍ୱରୀ (କିଚକେଶ୍ୱରୀ) ଭାବେ ଚାମୁଣ୍ଡାଙ୍କୁ ଏହି ପୀଠରେ ସେମାନଙ୍କର ଅଧିଷ୍ଠାତ୍ରୀ ଦେବୀ ଭାବେ ପୂଜାର୍ଚ୍ଚନା କରୁଥିଲେ। ଏଥିସହିତ ବହୁ ଶତାବ୍ଦୀ ଧରି ଖିଚିଂ ଅଷ୍ଟାୟତନ ଶୈବ କ୍ଷେତ୍ରର ମାନ୍ୟତାପ୍ରାପ୍ତ ହୋଇଥିବାବେଳେ ଭଞ୍ଜ ରାଜାମାନେ ଶିବଙ୍କ ପରମ ଭକ୍ତ ଥିବାରୁ ନିଜକୁ ପରମ ମାହେଶ୍ୱର ଆଖ୍ୟା ପ୍ରଦାନ କରିଥିବାର ପ୍ରଭୂତ ପ୍ରାମାଣିକ ତଥ୍ୟ ରହିଛି। ଭଞ୍ଜ ରାଜାମାନଙ୍କ ପୃଷ୍ଠପୋଷାକତା ଲାଭ କରି ବିଂଶଶତାବ୍ଦୀର ତୃତୀୟ ଦଶନ୍ଧୀଠାରୁ ଏଯାବତ ଏହି ପୀଠରେ ଉଭୟ ମା' କିଚକେଶ୍ୱରୀଙ୍କ ସମେତ ଚନ୍ଦ୍ରଶେଖର ଓ ମୃତ୍ୟୁଞ୍ଜୟ ମହାଦେବ ଯଥା ରୀତିନୀତିରେ ପୂଜା ହୋଇଆସୁଛନ୍ତି। ସେହି କ୍ରମରେ ଏହି ପୂଣ୍ୟପୀଠରେ ବର୍ଷର ବିଭିନ୍ନ ସମୟରେ ନାନାଦି ପର୍ବ ପାଳନ କରାଯାଏ। ସେହି ପର୍ବଗୁଡ଼ିକ ମଧ୍ୟରୁ ଚଳିତ ଫାଲଗୁନ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ରବିବାର ଦିନ ପାଳିତ ହେବାକୁ ଥିବା ମହାଶିବରାତ୍ରି ବ୍ରତକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ମନ୍ଦିର ପ୍ରଶାସନ, ପୁଲିସ୍ ପ୍ରଶାସନ, ସ୍ଥାନୀୟ ମେଳା କମିଟି, ଆରଡବ୍ଲ୍ୟୁଏସଏସ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ରାତି ଗୋଟାଏ ସମୟରେ ମନ୍ଦିର ଚୂଡାରେ ମହାଦୀପ ପ୍ରଜ୍ୱଳନ ହେବାର ସିଦ୍ଧାନ୍ତ ନିଆଯାଇଛି।

ଝିଙ୍କେଶ୍ୱରଙ୍କ ପୀଠ ଚଳଚଞ୍ଚଳ

କପ୍ତିପଦା, ୧୪।୨(ସମିସ): ଉତ୍ତର ଓଡ଼ିଶାର ପ୍ରମୁଖ ଶୈବପୀଠର ମାନ୍ୟତା ପାଇଥିବା ଝିଙ୍କେଶ୍ୱର ପୀଠ ଚଳଚଞ୍ଚଳ। ଏକବାର ରାତ୍ରି ୧ ଘଟିକାରେ ଦ୍ୱାରଫିଟା ନୀତି ସମ୍ପନ୍ନ ହୋଇ ୩ ଘଟିକାରେ ନୀତିପୂଜା ଓ ମଙ୍ଗଳ ଆଳତୀ ପରେ ଦର୍ଶନ, ୩ ଘଟିକା ୪୫ ମିନିଟଠାରୁ ସାଧାରଣ ପୂଜା ଅନୁଷ୍ଠିତ ହେବ। ଭୋର ୫ଘଟିକା ୩୦ମିନିଟରେ ମହାଦୀପ ଉଠିବ ବୋଲି ମନ୍ଦିରର ମୁଖ୍ୟ ପୂଜକ ଚନ୍ଦ୍ରଶେଖର ମିଶ୍ର ପ୍ରକାଶ କରିଛନ୍ତି। କପ୍ତିପଦା ତହସିଲଦାର ଆଶିଷ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚୂଡାନ୍ତ କାର୍ଯ୍ୟ ଶେଷ ହୋଇଛି। ମନ୍ଦିର କମିଟି ସଭାପତି ହରିଶ୍ଚନ୍ଦ୍ର ସାଏ, ସମ୍ପାଦକ ରାମନାଥ ପାଣିଗ୍ରାହୀ ଓ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା, ବିଭିନ୍ନ ବିଭାଗରେ ଅଧିକାରୀଙ୍କ ସହଯୋଗରେ ଅଗ୍ନିଶମ ବାହିନୀର ଏକ ଟିମ, ଉପଖଣ୍ଡ ପୁଲିସ ଅଧିକାରୀଙ୍କ ନିର୍ଦ୍ଦେରେ ୨ଜଣ ଇନ୍ସପେକ୍ଟର, ୪ଜଣ ଏସଆଇ ଓ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିବେ। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ରାଜ୍ୟର କୋଣ ଅନୁକୋଣରୁ ଭକ୍ତମାନେ ଏହି ଶିବରାତ୍ରିରେ ଆସି ପ୍ରଭୁଙ୍କ ଦର୍ଶନ କରିଥାଆନ୍ତି। ବାବା ଝିଙ୍କେଶ୍ୱରଙ୍କ ଅନେକ କିମ୍ବଦନ୍ତୀ ଶୁଣିବାକୁ ମିଳେ। ପୁରାଣ ଲଙ୍କାକାଣ୍ଡ ଅଧ୍ୟାୟରେ ବାବାଙ୍କର ମହିମା ବିଷୟରେ ଉଲ୍ଲେଖ ରହିଛି। ଅପୁତ୍ରିକ ମାନସିକ କରି ପୁତ୍ର ପ୍ରାପ୍ତି ହେଉଥିବାରୁ ଝିଙ୍କେଶ୍ୱରଙ୍କୁ ପୁତ୍ର ଦାତା ଭାବେ ବିଶ୍ୱାସ କରାଯାଏ। ୧୮୩୦ରେ କପ୍ତିପଦା ରାଣୀ ଲାବଣ୍ୟ ମଞ୍ଜରୀ ଦେବୀ ଏହି ମନ୍ଦିର ପ୍ରତିଷ୍ଠା କରିବା ସହିତ ମନ୍ଦିରର ନୀତି ଓ ଚଳନି ପାଇଁ ବହୁ ଜମିଦାନ କରିଥିଲେ। ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଉଦଳା ପୂର୍ତ୍ତବିଭାଗ ୧୯ ନମ୍ବର ରାଜ୍ୟ ରାଜପଥ ଝୀଙ୍କପଦାଠାରେ ପଡେ ଝିଙ୍କେଶ୍ୱର ଶୈବ ପୀଠ। ପୀଠର ଉତ୍ତର ଦିଗରେ କଳ କଳ ନାଦରେ ବୋହି ଯାଇଛି କାଳନଦୀ। ଏହି ମନ୍ଦିରର ଉଚ୍ଚତା ୪୦ ଫୁଟ ଥିବାବେଳେ ମନ୍ଦିର ପରିସରରେ ମା'ପାର୍ବତୀଙ୍କ ମନ୍ଦିର, ରାଧାକୃଷ୍ଣ ମନ୍ଦିର ରହିଛି।

ବାବା ଭୂତେଶ୍ୱରଙ୍କ ପୀଠରେ ବ୍ୟାପକ ପ୍ରସ୍ତୁତି



ବଡସାହି, ୧୪।୨(ସମିସ): ବଡସାହି ବ୍ଲକ ଅଧୀନ ମାଣତ୍ରୀ ପଞ୍ଚାୟତ ବଦଳିଗାଁସ୍ଥ ଶିବପୁରୀ ବାବା ଭୂତେଶ୍ୱର ମହାଦେବଙ୍କ ପୀଠରେ ମହାଶିବରାତ୍ରି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ଓ ପ୍ରଶାସନ ପକ୍ଷରୁ ଦଣ୍ଡବତେଙ୍କ ସମେତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦୀପ ଜାଳିବା ସହିତ ପୂଜା ଓ ଦର୍ଶନ କିପରି ଶାନ୍ତିଶୃଙ୍ଖଳା ସହିତ ହେବ ସେଥିପାଇଁ ସିଦ୍ଧାନ୍ତ ହୋଇଛି। ଭକ୍ତମାନେ କିପରି ମନ୍ଦିର ପରିସରରେ ବିନା କୌଣସି ଅସୁବିଧାରେ ଦୀପ ଜାଳିବେ ସେଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ ଶିବଙ୍କ ସ୍ତବ, ସ୍ତୁତି, ତାଣ୍ଡବ ଉପରେ ଆଧାରିତ ଭଜନ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରବିବାର ଭୋର ୩.୪୫ଟାରେ ଦିଅଁଙ୍କ ପହଡ଼ଭଙ୍ଗା। ପରେ ବିଶ୍ୱଶାନ୍ତି ନିମିତ୍ତ ଅଖଣ୍ଡ ଦୀପ ପ୍ରଜ୍ୱଳନ ସହିତ ୪.୧୫ରେ ବାବା ଭୂତେଶ୍ୱରଙ୍କ ଜ୍ୟୋତି ପରିକ୍ରମା ଅନୁଷ୍ଠିତ ହେବ। ସେହିପରି ୪ଟା ୩୦ମି.ରେ ବାଲ ଭୋଗଲାଗି ଓ ସାଧାରଣ ଦର୍ଶନ ଓ ସାଧାରଣ ପୂଜା ୫ଟାରୁ ଦିନତମାମ ଚାଲୁ ରହିବ। ରାତ୍ର ୯.୩୦ରେ ଜଳାଭିଷେକ, କ୍ଷୀରାଭିଷେକ, ଷୋଡ଼ଶ ଉପଚାର ପୂଜା, ରାତ୍ର ୨.୩୦ଟାରେ ବାବା ଭୂତେଶ୍ୱରଙ୍କ ଯଜ୍ଞ ଆରମ୍ଭ ହେବ। ରାତ୍ର ୩ଟା ଶ୍ୱେତଫଳ ଲାଗି ଓ ବିଶେଷ ଗୁପ୍ତ ଉପାସନା ବିହିତ ପୂଜା, ୩.୩୦ରେ ଭସ୍ମାଭିଷେକ ଓ ଆରତୀ, ଶୃଙ୍ଗାଳବେଶ ସଜାଣି, ୩.୪୫ରୁ ୪.୧୫ ପର୍ଯ୍ୟନ୍ତ ନଗର କୀର୍ତ୍ତନ ସାଙ୍ଗକୁ ଭୋର ୪.୧୫ଟା ପରେ ମହାଦୀପ ଉଠିବ। ସୋମବାର ଭୋର ୫ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମହାଦେବଙ୍କ ଦର୍ଶନ ଚାଲୁ ରହିବ ବୋଲି ଜଣାଯାଇଛି।



ଶିବରାତ୍ରୀ ପାଇଁ ଝଲସୁଛି ଉତ୍ତର ଓଡିଶାର ପ୍ରସିଦ୍ଧ ମାଣତ୍ରୀ ବାବା କଖାରୁଆ ବୈଦ୍ୟନାଥ ପୀଠ

ମହାଶିବରାତ୍ରୀ ଅବସରରେ ଘଟ ଉତ୍ତୋଳନ



ବାରିପଦା, ୧୪।୨(ସମିସ): ସ୍ଥାନୀୟ ତକତପୁରସ୍ଥ ବାବା ପାତାଳେଶ୍ୱର ମନ୍ଦିରରେ ୩୯ତମ ମହାଶିବରାତ୍ରି ପାଳନ ଅବସରରେ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ନରେ ନିକଟସ୍ଥ ଜଳାଶୟ ନିକଟରେ ପୂଜାବିଧି ପରେ ୨୫ ଜଣ ମା' ଭଉଣୀମାନେ କଳସ ଯାତ୍ରାରେ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି କଳସ ଯାତ୍ରାରେ ମନ୍ଦିର ପରିଚାଳନା କମିଟି ସଭାପତି ସୋମନାଥ ସିଂହ, ଉପସଭାପତି ଡଃ ନିରୋଜ କୁମାର ପୋଥାଳ ଓ ସୁଜିତ କୁମାର ସାହୁ, କାର୍ଯ୍ୟାଳୟ ସମ୍ପାଦକ ଗଦାଧର ଭଦ୍ର, କୋଷାଧ୍ୟକ୍ଷ ସୁମିତା ପ୍ରସାଦ, ସହକୋଷାଧ୍ୟକ୍ଷ ଅମ୍ବିକା ମହାନ୍ତ, ମହିଳା ସମ୍ପାଦକ ଛବିରାଣୀ ଧଳ, ସଦସ୍ୟ ଡଃ ଅସୀମ ଚକ୍ରବର୍ତ୍ତୀ, ଚିତ୍ତରଞ୍ଜନ ସ୍ୱାଇଁ, ହିମାଂଶୁ ପ୍ରହରାଜ ତଥା ବାରିପଦା ମହାବିଦ୍ୟାଳୟର ରେଡ କ୍ରସ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ ଓ ଆସନ୍ତାକାଲି ମନ୍ଦିର ପରିସରରେ ଜିଲ୍ଲା ତଥା ରାଜ୍ୟ ବାହାରୁ ଶତାଧିକ ମା ଝିଅ ମାନେ ପରିବାର ପାଇଁ ଶୁଭ ମନାସି ଜାଗର ଦୀପ ଜାଳିବେ ବୋଲି ପୂଜକ ଶ୍ରୀନିବାସ ପ୍ରସାଦ ଜଣାଇଛନ୍ତି ଓ ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଗଣିତ ଦୌଡ଼, ଝୋଟି, ମ୍ୟୁଜିକ ଚେୟାର, ନୃତ୍ୟ ଓ ମା ମାଉସୀଙ୍କ ଶଙ୍ଖଫୁଙ୍କା ଆଦି ପ୍ରତିଯୋଗିତା କରାଯାଇ ଆସନ୍ତା କାଲି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅତିଥିଙ୍କ ହାତରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ବଳରାମ ନାଥ ଜଣାଇଛନ୍ତି।

ବାଗୁଲି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଡ଼ସାହି, ୧୪।୨(ସମିସ): ସ୍ଥାନୀୟ ବାଗୁଲି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଉପଖଣ୍ଡର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ ଜେନା, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ସ୍ମୃତିଲିପି ସାହୁ, ବିଶିଷ୍ଟ ପରିବେଶବିତ୍ ପ୍ରଭାତ ଜେନା, ସମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାସନ୍ତୀ ସିଂ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀ ଓ ଉପଦେଷ୍ଟା ଦେବେନ୍ଦ୍ର ପଣ୍ଡା, କୋଚିଲାଖୁଣ୍ଟା ପଞ୍ଚାୟତ ସରପଞ୍ଚ ତଅପୋଇ ସିଂ, ସମିତି ସଭ୍ୟ ରାମଚନ୍ଦ୍ର ନାଏକ, କୋଚିଲାଖୁଣ୍ଟା କ୍ଲଷ୍ଟରର ସିଆରସିସି ଶ୍ରୀମତୀ ମିନତୀ ପଣ୍ଡା ଓ ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଶ୍ରୀମତୀ ଜାନକୀ କୁଅଁର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ଓ ବିଦ୍ୟାଳୟ କ୍ୟାବିନେଟ୍‌ର ଛାତ୍ରୀ ଇନ୍ଦୁ ନାଏକ ଓ ସ୍ମୃତିରେଖା ନାଏକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଶ୍ରେଷ୍ଠ ଛାତ୍ରୀ ଭାବେ ଇନ୍ଦୁ ନାଏକ ଓ ଶ୍ରେଷ୍ଠ ଶିକ୍ଷକ ଭାବେ ଲୁଗୁ ସିଂ, ଜୟନ୍ତ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ୬୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜୟନ୍ତ ଜେନା ମଞ୍ଚ ପରିଚାଳନା କରିଥିବାବେଳେ ସୁଶାନ୍ତ ମହାନ୍ତି, ନାରାୟଣ ନାୟକ, ରଞ୍ଜିତା ଜେନା, ଲିଲିମା ମଣ୍ଡଳ, ରାଜଶ୍ରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମେଟ୍ରନ ସୁଜାତା ସେଠୀ ଓ ରୋଷେୟା ବାସନ୍ତୀ ନାଏକ, ପାନମଣି ହେମ୍ବ୍ରମ, ପୂର୍ଣ୍ଣଚନ୍ଦ୍ର ନାଏକ ଓ ଗିରିଶ ଚନ୍ଦ୍ର ନାଏକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ମୃତ୍ୟୁଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଦୁଆରଶୁଣି ଘାଟିରେ ଅଘଟଣ, ପାହାଡ଼ ଉପରୁ ଖସିଲା ବିଶାଳ ପଥର

ବାଇକ୍ ଚୁରମାର; ଦୁଇ ସନ୍ଥ ଆହତ



ବାରିପଦା, ୧୪।୨(ସମିସ): ପାହାଡ଼ ଉପରୁ ଖସିଲା ବିଶାଳ ପଥର। ପଥର ଧକ୍କାରେ ବାଇକ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିବାବେଳେ ଦୁଇଜଣ ସନ୍ଥ ଆହତ ହୋଇଛନ୍ତି। ମୟୁରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥର ଦୁଆରଶୁଣି ଘାଟିରେ ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟ ପାଇଁ ବଡ଼ବଡ଼ ମେସିନରେ ପାହାଡ ଫଟାଇ ପଥର ଓ ମାଟି କାର୍ଯ୍ୟ ଚାଲୁ ରହିଥିବାବେଳେ ଏକ ବଡ଼ ପଥର ପାହାଡ ଉପରୁ ଖସିପଡ଼ିଥିଲା। ଏହି ରାସ୍ତାରେ ଦୈନିକ ହଜାର ହଜାର ଗାଡି ମଟର ଚଳାଚଳ ହେଉଥିବାବେଳେ ପଥରଟି ଏକ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକଟି ସମ୍ପୂର୍ଣ୍ଣ ଚୁରମାର ହୋଇ ଯାଇଥିବାବେଳେ ଦୁଇ ଆରୋହୀ ସନ୍ଥ ଅଳ୍ପକେ ବର୍ତ୍ତିଛନ୍ତି। ସେମାନେ ହେଲେ ମହାରାଷ୍ଟ୍ରର ଚମ୍ପା ଜଗନ୍ନାଥ ବଡ଼ଗେ (୪୪) ଓ ଭଗବାନ ରଙ୍ଗରାଓ ସାବନ୍ତି (୫୫)। ଉଭୟଙ୍କୁ ପ୍ରଥମେ ବାଙ୍ଗିରିପୋଷି ଡାକ୍ତରଖାନା ଓ ପରେ ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାଙ୍ଗିରିପୋଷି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପଥର ଖଣ୍ଡକୁ କ୍ରେନ ଯୋଗେ ହଟାଇବା ପରେ ଚଳପ୍ରଚଳ ସ୍ୱାଭାବିକ ହୋଇଛି।

କାର୍ ସହ ବାଇକ୍ ଧକ୍କା, ୨ ଗୁରୁତର

ମହୁଲଡିହା, ୧୪।୨(ସମିସ): ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା-ଶରତ ରାସ୍ତାର ଘାଉଗଡ଼ିଆଠାରେ କାର ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। କରଞ୍ଜିଆ ଥାନା ଅନ୍ତର୍ଗତ କେନ୍ଦୁମୁଣ୍ଡି ଗ୍ରାମର ବୀରସିଂ ଚାମ୍ପିଆ (୫୫), ବାଲିଭୋଲ ଗ୍ରାମର କୈଶନ ପୂର୍ତ୍ତି (୩୨) ବାଇକରେ ଶରତ ଯାଉଥିଲେ। ଘାଉଗଡ଼ିଆ ବାଙ୍କ ନିକଟରେ ବିପରୀତ ଦିଗରୁ ଆସୁଥିବା ହୁଣ୍ଡାଇ କାର ସହିତ ବାଇକ ଧକ୍କା ହେବା ଫଳରେ ବାଇକ ସହିତ ରାସ୍ତା ତଳକୁ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଏକ ଘରୋଇ କାର୍‌ରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। କୈଶନଙ୍କ ଡାହାଣ ଗୋଡ ଭାଙ୍ଗିବା ସହିତ ଛାତିରେ ଆଘାତ ଲାଗିଛି। ବୀରସିଂର ମୁଣ୍ଡରେ ଆଘାତ ଲାଗିଥିବାରୁ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ଭଞ୍ଜସେନା ପକ୍ଷରୁ ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ବାରିପଦା, ୧୪।୨(ସମିସ): ଶନିବାର ପୁଲୱାମା କଳା ଦିବସ ଅବସରରେ ଭଞ୍ଜସେନା ପକ୍ଷରୁ ବୀର ସହିଦଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଦେଶର ସୁରକ୍ଷା ପାଇଁ ସେମାନଙ୍କ ଜୀବନ ବଳିଦାନ, ଅତୁଳନୀୟ ସାହସ, ଦେଶପ୍ରେମ ସଦା ସର୍ବଦା ସମସ୍ତଙ୍କ ହୃଦୟରେ ଅମର ରହିବ। ଏହି ଦୁଃଖଦ ଦିନରେ ସହିଦ ପରିବାରଙ୍କ ସହ ଭଞ୍ଜସେନା ସଦସ୍ୟ ଏକତା ପ୍ରକାଶ କରି ଭଗବାନଙ୍କ ନିକଟରେ ତାଙ୍କ ଆତ୍ମାର ଶାନ୍ତି କାମନା କରିଛନ୍ତି। ଭଞ୍ଜସେନା ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲଙ୍କର ନେତୃତ୍ୱରେ ବାରିପଦା କଲେଜ ସମ୍ମୁଖରେ ସଂଗଠନର ଯୁବ ଛାତ୍ର ସଂଗଠକଙ୍କ ସହିତ କଲେଜ ଛାତ୍ରଛାତ୍ରୀ କ୍ୟାଣ୍ଡେଲ ଜାଳି ବୀର ସହିଦ୍‌ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଆବାହକ ରାକେଶ ବେହେରା, ଦେବାଶିଷ ଦାସ, ଦିବ୍ୟଜିତ ରାଉତ, ମିଳନ ମହାନ୍ତି, ବାପୁନ ସେନାପତି, ଶ୍?ତେ ଦାସ, ସଞ୍ଜୟ ବେହେରା ପ୍ରମୁଖ ସାମିଲ ହୋଇଥିଲେ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଜଣାଇଛନ୍ତି।

ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

କୁଆମରା, ୧୪।୨(ସମିସ): ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ ଶୀଳଘାଟି ପଞ୍ଚାୟତ ନବକିଶୋରପୁର ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତ ଦେହକୁ ଆଜି ସନ୍ଧ୍ୟାରେ ପୁଲିସ ଜବତ କରିଛି। ମୃତକ ହେଉଛନ୍ତି ସଲମା ହାଁସଦା (୪୫)। ସଲମା ମାନସିକ ରୋଗୀ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତାଙ୍କ ସ୍ୱାମୀ ପାରାଲ ଗ୍ରାମରେ ରହୁଥିବାବେଳେ ସେ ଏକ ଚାଳି କରି ଜଙ୍ଗଲ ପାଖରେ ଏକୁଟିଆ ରହୁଥିଲେ। ପୁଲିସ ଖବର ପାଇ ସଲମାଙ୍କୁ ଖୁଣ୍ଟା ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ଅପମୃତ୍ୟୁ ମାମଲା ରୁଜୁ ହେବ ବୋଲି ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି।

ଆୟୁଷ ଡାକ୍ତର ସଂଘ ପକ୍ଷରୁ କୃତଜ୍ଞତା

ବାରିପଦା, ୧୪।୨(ସମିସ): ୨୦୦୭ଠାରୁ ରାଷ୍ଟ୍ରୀୟ ମିଶନ ଅଧୀନରେ କାର୍ଯ୍ୟରତ ଆୟୁଷ ଡାକ୍ତରଙ୍କ ଦୀର୍ଘବର୍ଷର ଦାବିକୁ ସରକାର ପୂରଣ କରିଛନ୍ତି। ବରିଷ୍ଠତା ଭିତ୍ତିରେ ଆୟୁଷ ଡାକ୍ତରଙ୍କ ମାସିକ ଦରମା ୨୦ରୁ ୪୦ ହଜାର ଟଙ୍କା ବୃଦ୍ଧି କରିଛନ୍ତି। ମୟୂରଭଞ୍ଜ ଆୟୁଷ ଡାକ୍ତର ସଂଘର ସଭାପତି ଡା. ନୟନ କୁମାର କର, ସମ୍ପାଦକ ଡା. ମୁକେଶ ମିଶ୍ର. ଡା. ଚିନ୍ମୟ କୁମାର ନାୟକଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଇଛନ୍ତି।



ଭଞ୍ଜପୁରରେ ଯୋଗେଶ୍ୱର ଶିବ ମୁନିଙ୍କ ସ୍ମୃତି ସ୍ମାରକୀ ଦିବସ

ବାରିପଦା, ୧୪।୨(ସମିସ)



ଭଞ୍ଜପୁରସ୍ଥ ଶିବମୁନି କେନ୍ଦ୍ର ଯୋଗାଶ୍ରମରେ ଅଖିଳ ଭୂ-ମଣ୍ଡଳୀୟ ସର୍ବଶିରୋମଣି ମୁନି କଲ୍ୟାଣ ପରିଷଦ ମୁନି ଋଷି ସମାଜ ଆନୁକୂଲ୍ୟରେ ଯୋଗ ଅନ୍ତର୍ମୁଖୀ ଜୀବନ୍ମୁକ୍ତି ମାର୍ଗର ପ୍ରଣେତା ବିଶ୍ୱ ବରେଣ୍ୟ ସଦ୍‌ଗୁରୁ ଯୋଗେଶ୍ୱର ଶିବ ମୁନିଙ୍କ ୬୫ତମ ସ୍ମୃତି ସ୍ମାରକୀ ଶ୍ରଦ୍ଧାଞ୍ଜଳି ଦିବସ ସହିତ ଅଖିଳ ଭୂ-ମଣ୍ଡଳୀୟ ସର୍ବଶିରୋମଣି ମୁନି କଲ୍ୟାଣ ପରିଷଦ ମୁନି ଋଷି ସମାଜର ୩୭ତମ ପ୍ରଚାର ଦିବସ ପାଳନ ହୋଇଯାଇଛି। ମହାସଚିବ ଯୋଗାଚାର୍ଯ୍ୟ ଅଜୟ ମୁନିଙ୍କ ଆହ୍ୱାନ୍‌ରେ ଅଧ୍ୟକ୍ଷ ପରଂସ୍ୱରୂପ ଯୋଗାଚାର୍ଯ୍ୟ ସୁରେଶ ମୁନିଙ୍କ ପୌରୋହିତ୍ୟରେ ଜ୍ଞାନଯଜ୍ଞ ସତସଙ୍ଗ ସମାରୋହ ପ୍ରାରମ୍ଭରେ ମୁନି ମାତା ବାସନ୍ତି ଦେବୀ ଓ ସର୍ବଶତାୟୁ ବୟସ୍କ ଯୋଗ ସାଧକ ସାଲଖାନ୍ ମୁନି ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଅବସରପ୍ରାପ୍ତ କର୍ମଚାରୀ ପ୍ରଭାକର ଜେନା, ଯୋଗୀ ସପନ ମୁନି ଯୋଗ ଦେଇଥିଲେ। ପରେ ଅଧ୍ୟକ୍ଷ ପରଂସରୂପ ଯୋଗାଚାର୍ଯ୍ୟ ସୁରେଶ ମୁନି ଗୈରିକ ଧ୍ୱଜା ଉତ୍ତୋଳନ କରିଥିଲେ। ଯୋଗୀ ନେପାଳ ମୁନି ସତ୍ୟ ଧ୍ୱଜା ଉତ୍ତୋଳନ ସଙ୍ଗୀତ ପରିବେଷଣ କରିଥିଲେ। ଉପସ୍ଥିତ ସଂସ୍ଥାର କର୍ମକର୍ତ୍ତା, ସଭ୍ୟସଭ୍ୟା, ମୁନି, ମୁନିମତି, ଯୋଗୀ, ଯୋଗାଚାର୍ଯ୍ୟ ଓ ଅତିଥିଗଣ ଧ୍ୱଜା ତଳେ ଧ୍ୟାନସ୍ଥ ପୂର୍ବକ ସଦ୍‌ଗୁରୁ ଶିବ ମୁନିଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ପୁଷ୍ପ ଅର୍ପଣ କରି ପ୍ରଣତି ଜଣାଇଥିଲେ। ସତସଙ୍ଗ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇ ଅନ୍ଧବିଶ୍ୱାସ, ଉଶୃଙ୍ଖଳିତ ସମାଜ କିପରି ଶୃଙ୍ଖଳିତ ହୋଇ ଶାନ୍ତି ଲାଭ ହୋଇପାରିବ, ସତ୍ୟ ଜ୍ଞାନ ଉପରେ ଗଭୀର ଆଲୋଚନା ହୋଇଥିଲା। ଏଥିରେ ସଂସ୍ଥାର ଯୋଗୀମତୀ ଦମୟନ୍ତି ଦେବୀ ମୁଖ୍ୟବକ୍ତା, ଯୋଗୀ ନେପାଳ ମୁନୀ, ଯୋଗୀ ରମାକାନ୍ତ ମୁନି ପ୍ରବଚନ ପ୍ରଦାନ କରିଥିଲେ। ସହସଚିବ ଯୋଗୀ ତ୍ରିଲୋଚନ ମୁନି, ସହ ସଚିବ ଯୋଗୀ ଗଙ୍ଗାଧର ମୁନି ବ୍ରହ୍ମ ଜ୍ଞାନତତ୍? ଆଲୋଚନା“କରିଥିଲେ। ଏହାପରେ ଯୋଗୀ ନେପାଳ ମୁନି ଅଧ୍ୟାତ୍ମିକ ଭଜନ ପରିବେଷଣ କରିଥିଲେ ଏବଂ ସହ“ମହାସଚିବ ଯୋଗୀ ଗଙ୍ଗାଧର ମୁନି ଧନ୍ୟବାଦ ଦେବାପରେ ଶ୍ରଦ୍ଧାଞ୍ଜଳୀ ଜ୍ଞାନ ଯଜ୍ଞ ସତସଙ୍ଗ ସମାରୋହ ଉଦ୍‌ଯାପନ ହୋଇଥିଲା। ଏଥିରେ ଶ୍ରୀ ଅତୁଲ ମୁନି, ରାମଚନ୍ଦ୍ର ମୁନି, ମୁନି କୁନା ଟୁଡୁ ଉଦଳା, ମୁନି ରତ୍ନାକର, ମୁନି କୁମାର ଚିନ୍ମୟ ଆୟୋଜନ ର ପ୍ରମୁଖ ଭୂମିକା ନେଇ ଆୟୋଜନ କରିଥିଲେ।

ବ୍ୟାଙ୍କ ଡକାୟତି ଘଟଣାରେ ପୁଣି ୨ କୋର୍ଟ ଚାଲାଣ

ଯୋଡ଼ା/ବଡ଼ବିଲ୍, ୧୪।୨(ସମିସ)



ଗତ ଜାନୁଆରୀ ୧୯ ତାରିଖ ବ୍ୟାଙ୍କ ଅଫ ମହାରାଷ୍ଟ୍ର ବଡ଼ବିଲ ଶାଖାରେ ହୋଇଥିବା ଡକାୟତି ଘଟଣାରେ ପୁଲିସ ପୁଣି ୨ ଜଣଙ୍କୁ ଗିରଫ କରିଛି। ଏକ ସ୍ୱତନ୍ତ୍ର ଟିମ ବିହାର ରାଜ୍ୟ ପାଟଣା ଅଞ୍ଚଳରୁ ଉଭୟଙ୍କୁ ଗିରଫ କରି ପରେଡ୍ କରାଇଛି। ଅଭିଯୁକ୍ତଦ୍ୱୟ ହେଲେ ବିହାର ରାଜ୍ୟ ବନାରସ ଜିଲ୍ଲା ଭଗବାନପୁର ଥାନା ଆସୋଇ

ଗିରଫ ସଂଖ୍ୟା ୬କୁ ବୃଦ୍ଧି

ଗ୍ରାମର ସନ୍ତୋଷ ପାଶୱାନ (୩୮) ଓ ପାଟଣା ଜିଲ୍ଲା ରାମକୃଷ୍ଣପୁର ନଗର ଭୂପତିପୁର ଗ୍ରାମର ନବୀନ ଯାଦବ। ସେମାନଙ୍କ ନିକଟରୁ ଗୋଟିଏ ସୁନାହାର, ଗୋଟିଏ ସୁନାମୁଦି ୨ଟି ସ୍ମାର୍ଟ ଫୋନ ଜବତ ହୋଇଛି। ସନ୍ତୋଷ ନାମରେ ବିହାର ରାଜ୍ୟର ବିଭିନ୍ନ ଥାନାରେ ଚୋରି, ଲୁଟ୍, ହତ୍ୟା, ଅପହରଣ ପରି ୮ଟି ସଂଗୀନ ମାମଲା ରହିଥିବା ବେଳେ ନବୀନ ନାମରେ ୨ଟି ଅପରାଧ ମାମଲା ରହିଛି। ଉଭୟଙ୍କୁ ବଡ଼ବିଲ ବାଟା ଛକଠାରୁ ବଙ୍ଗଳା ଛକ ପର୍ଯ୍ୟନ୍ତ ଚଲେଇବା ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଗିରଫଦାରୀ ପରେ ମାମଲାରେ ସମ୍ପୃକ୍ତ ମୋଟ ୬ ଜଣଙ୍କୁ ଏଯାଏ କୋର୍ଟ ଚାଲାଣ କରାଯାଇଥିବା ସୂଚନା ରହିଛି। ଗତ ଜାନୁଆରୀ ୨୪ ତାରିଖ ଝାଡ଼ଖଣ୍ଡ ରାଜ୍ୟ ଧାନବାଦରୁ କୁନାଲ ରାଜ ବର୍ମା ଓ ରାଜ କୁମାର ସିଂ(ରାଜା)କୁ ଓଡିଶା ଓ ଝାଡ଼ଖଣ୍ଡ ପୁଲିସର ମିଳିତ ଟିମ୍ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ୨୭୯.୭୭ ଗ୍ରାମ ସୁନା, ୨ଟି ସ୍କର୍ପିଓ ଗାଡି, ୪ଟି ସ୍ମାର୍ଟ ଫୋନ ଜବତ ହୋଇଥିଲା। ୨୭ ତାରିଖରେ ବ୍ୟାଙ୍କ ଲୁଟ ଘଟଣାର ମୁଖ୍ୟ ସହଯୋଗୀ ଅଭିରଞ୍ଜନ କୁମାରକୁ ଗିରଫ କରାଯିବା ସହ ଏକ ପଲ୍ସର ବାଇକ ଜବଦ ହୋଇଥିଲା। ସେହିପରି ଫେବୃଆରୀ ୧ ତାରିଖରେ ବ୍ୟାଙ୍କ ଡକାୟତି ଘଟଣାରେ ସମ୍ପୃକ୍ତ ସିପୁ କୁମାର ଟାଙ୍କୁରା ଜଙ୍ଗଲ ନିକଟରେ ପୁଲିସ ସହ ଗୁଳି ବିନିମୟ ହୋଇ ଏନକାଉଣ୍ଟରରେ ଆହତ ହେବା ପରେ ଗିରଫ ହୋଇଥିଲା।

ଦ୍ୱିତୀୟ ବୈତରଣୀ ସାହିତ୍ୟ ସମାରୋହ



ଆନନ୍ଦପୁର, ୧୪।୨ (ସମିସ): ଓଡ଼ିଶା ସାହିତ୍ୟ ଏକାଡ଼େମୀ ଆନୁକୂଲ୍ୟରେ ଦ୍ୱିତୀୟ ବୈତରଣୀ ସାହିତ୍ୟ ଉତ୍ସବ ପାଳିତ ହୋଇଯାଇଛି। ଫକୀରପୁରସ୍ଥିତ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ସଂସ୍କୃତି ଗବେଷକ ଅନୀଲ ଧିର, ମୁଖ୍ୟବକ୍ତା ରୂପେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ଡ଼ଃ ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିରୂପେ ବିଶିଷ୍ଟ ପ୍ରାବନ୍ଧିକ ରମାକାନ୍ତ ନାୟକ ଅନ୍ୟତମ ସମ୍ମାନିତ ଅତିଥି ତଥା ବିଶିଷ୍ଟ ପ୍ରାବନ୍ଧିକ ହଳଧର ପଣ୍ଡା, ସମାଜ ସଂସ୍କାରକ ସରୋଜ ସାହୁ, ସରକାରୀ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ଼ଃ କାର୍ତ୍ତିକେଶ୍ୱର ରାଉଳ ଯୋଗ ଦେଇଥିେ। ନିରୁପମା ବେହେରାଙ୍କୁ "ବୈତରଣୀ କବିତା ସମ୍ମାନ', ବୈତରଣୀ ପ୍ରବନ୍ଧ ସମ୍ମାନ ପାଇଁ ଡ଼ଃ ପ୍ରଭାତ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି। ଆୟୋଜକ ତ୍ରିଲୋଚନ ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ପ୍ରଥମ ଅଧିବେଶନରେ ଡ଼ଃ ବଳଦେବ ପତି ଅତିଥି ପରିଚୟ ଦେଇଥିବା ଓ ଦିଲ୍ଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। "ମୋ ସଂସ୍କୃତି' ପତ୍ରିକାର ଦ୍ୱିତୀୟ ସଂସ୍କରଣ, "ନେକ୍ସ୍ ଇଣ୍ଡିଆ ଜର୍ଣ୍ଣାଲ'ର ସପ୍ତମ ସଂସ୍କରଣ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ରାଜ୍ୟସ୍ତରୀୟ କବିତା ଉତ୍ସବରେ ଅତିଥିରୂପେ କବୟିତ୍ରୀ ନିରୁପମା ବେହେରା, ଫକୀରପୁର ସାହିତ୍ୟ ସଂସଦର ସମ୍ପାଦକ ଅନୀଲ ସାହୁ, ସମାଜ ସଂସ୍କାରକ ଡ଼ଃ ବଳଦେବ ପତି, କବୟିତ୍ରୀ ହାସ୍ୟମୟୀ ରାଜ୍, ଦୀପ୍ତି ଦେବଦର୍ଶିନୀ ସୂତାର ଯୋଗ ଦେଇଥିଲେ। ଯୁବ କବି ଡ଼ଃ ଅଶୋକ ପୁହାଣ ପ୍ରେମ କବିତା ଆବୃତ୍ତି କରିଥିଲେ। ଶତାଧିକ କବି କବୟିତ୍ରୀ ଯୋଗଦେଇଥିଲେ। "କବିତା ନାଟ୍ୟାୟନ' କାର୍ଯ୍ୟକ୍ରମରେ ବିଶିଷ୍ଟ ପାଲା ଗାୟକ ଗୟାଧର ନାଥ କବି ଦିଲ୍ଲୀପ କୁମାର ସାହୁଙ୍କ "ପରିଚିତ ଆକାଶର କବିତା' ପୁସ୍ତକକୁ ନାଟ୍ୟ ଆକାରରେ ପରିବେଷଣ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୫୦ରୁ ଉର୍ଦ୍ଧ୍ୱ କବିକବୟିତ୍ରୀ ଯୋଗ ଦେଇଥିଲେ।

ଜିଲ୍ଲାସ୍ତରୀୟ ବ୍ରାହ୍ମଣ ମହାସଭା; ମୁଖପତ୍ର ବ୍ରହ୍ମସନ୍ଦେଶ ଉନ୍ମୋଚିତ



ଘଟଗାଁ, ୧୪।୨ (ସମିସ): ଘଟଗାଁସ୍ଥିତ ଶ୍ରୀଶନିଦେବ ମନ୍ଦିରରେ କେନ୍ଦୁଝର ବ୍ରାହ୍ମଣ ମହାସଭାର ଜିଲ୍ଲାସ୍ତରୀୟ ଆଞ୍ଚଳିକ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ଘଟଗାଁ ସଙ୍ଘ ସଭାପତି ଦିଲୀପ ପ୍ରହରାଜଙ୍କ ସଭାପତିତ୍ୱରେ ସମ୍ପାଦକ ପ୍ରଳୟ ପ୍ରଭଞ୍ଜନ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଆବାହକ ମଦନ ପାଣିଙ୍କ ସଂଯୋଜନାରେ ରାଜ୍ୟ ସଭାପତି ଡ଼ ସଦାନନ୍ଦ ଦୀକ୍ଷିତ, ଜାତୀୟ ପ୍ରଚାର ସମିତିର ସଭାପତି ଡ଼ ଉପେନ୍ଦ୍ର ଶର୍ମା, ଭଦ୍ରକ ଉପଦେଷ୍ଟା ରାଜେନ୍ଦ୍ର କୁମାର ପାଢ଼ୀ, ବାଲେଶ୍ୱର ସଙ୍ଘ ସମ୍ପାଦକ ରମାକାନ୍ତ ଶତପଥୀ, କେନ୍ଦୁଝର ଜିଲ୍ଲା ଉପସଭାପତି ରଞ୍ଜନ ପାଢ଼ୀ, ସାଧାରଣ ସମ୍ପାଦକ ପ୍ରସନ କୁମାର ନନ୍ଦ, ଆନନ୍ଦପୁର ସଂଯୋଜକ ମଦନ ମିଶ୍ର, ଉପଦେଷ୍ଟା ମଧୁସୂଦନ ମିଶ୍ର, ଶରତ କୁମାର ମିଶ୍ର, ତ୍ରିଲୋଚନ ଦାଶ, ଶିବଶରଣ ମିଶ୍ର ସନାତନ ଧର୍ମର ସୁରକ୍ଷା ପାଇଁ ଜାଗରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖପତ୍ର ବ୍ରହ୍ମସନ୍ଦେଶକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଞ୍ଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦିଲୀପ ମିଶ୍ର ବୀରେନ୍ଦ୍ର ମିଶ୍ର, ଶଶିଭୂଷଣ ମହାପାତ୍ର ଚିତ୍ତରଞ୍ଜନ ମହାପାତ୍ର, ବିଜୟ ମିଶ. ବଳଭଦ୍ର କର, ବିଭୂତି ଦାଶ, ଯତୀନ ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଘଟଗାଁ ସଙ୍ଘର ଜଗବନ୍ଧୁ ସା, ସନ୍ତୋଷ ପତି ଭୀମସେନ କର, ଚିନ୍ତାମଣି ଦାଶ ଲକ୍ଷ୍ମୀକାନ୍ତ ତ୍ରିପାଠୀ ପରିଚାଳନା କରିଥିଲେ।

ଅର୍ଶଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିବନ୍ଧ, ୧୪।୨ (ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜ୍ଜୁନଚରଣ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ହେମଲତା ନାଏକ ମୁଖ୍ୟଅତିଥି, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଝୁମ୍ପୁରା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଜୟନ୍ତୀ କୁମାରୀ ମଲ୍ଲିକ, ଝୁମ୍ପୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ତଥା ମଳଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ସାହୁ, ସଂସଦ ପ୍ରତିନିଧି ପଞ୍ଚାନନ ସାହୁ, ଅର୍ଶଳା ପୂର୍ବତନ ସରପଞ୍ଚ ପ୍ରସନ୍ନ ନାଏକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକାର ବେହେରା, ଶୁଣ୍ଠିମରୁସୁଆଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଏବଂ ମୋ ସ୍କୁଲ ଅଭିଯାନ କମିଟିର ସଭାପତି, ସମ୍ପାଦକ, ସଭ୍ୟସଭ୍ୟାଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ସଂଗ୍ରାମୀ ସୁରେଶଚନ୍ଦ୍ର ପାଢ଼ୀଙ୍କୁ ଶ୍ରଦ୍ଧାଞ୍ଜଳି



ଆନନ୍ଦପୁର, ୧୪।୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ବାରିକସାହି ନିବାସୀ ତଥା ଆନନ୍ଦପୁର ମହାବିଦ୍ୟାଳୟର ସେବାନିବୃତ ଡେମୋନଷ୍ଟ୍ରେଟର ଏବଂ ଜରୁରିକାଳୀନ ପରିସ୍ଥିତି ସମୟରେ କାରାବରଣ କରିଥିବା ଲୋକତନ୍ତ୍ର ସେନାନୀ ସ୍ୱର୍ଗତ ସୁରେଶଚନ୍ଦ୍ର ପାଢ଼ୀଙ୍କ ଦ୍ୱାଦଶାହରେ ଏକ ସ୍ମୃତିଚାରଣ ସଭା ସାହିତ୍ୟିକ ଗଦାଧର ମିଶ୍ରଙ୍କ ସଭାପତିତ୍ୱ ଓ ଅଶୋକ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଆତ୍ମାର ସଦଗତି କାମନା ସହ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ପାଢ଼ୀଙ୍କ ବନ୍ଧୁ ବିନୋଦ ବିହାରୀ ଦାସ, ସୁବ୍ରତ ମିଶ୍ର, ଲକ୍ଷ୍ମୀଧର ମିଶ୍ର, ବିପିନବିହାରୀ ମିଶ୍ର, ଡ଼ ମୁରଲୀଧର ବେହେରା, ବସ୍ତ୍ୱଲାଞ୍ଜନ ଦାସ, ବୁଦ୍ଧିଜୀବୀ ପ୍ରାକ୍ତନ ପ୍ରଧାପକ ପ୍ରମୋଦ ରାଜ, ଆଇନଜୀବୀ ମହେନ୍ଦ୍ର ମହାପାତ୍ର, ଗୋପାଳ ବିହାରୀ ମଣ୍ଡଳ, ସ୍ୱତନ୍ତ୍ର ସେନାନୀ ରବିନ୍ଦ୍ର ପ୍ରସାଦ ଚାନ୍ଦ, ନଗେନ ପ୍ରସାଦ ଚାନ୍ଦ, ଅରୁଣ ମିଶ୍ର, ବରିଷ୍ଠ ନାଗରିକ ଉମାକାନ୍ତ ନାୟକ, ବାଞ୍ଛାନିଧି ସାହୁ, ରାମଚନ୍ଦ୍ର ଜେନା, ତୃପ୍ତିମୟୀ ସାମନ୍ତ, କନିଷ୍ଠ ଭ୍ରାତା ମହେଶ୍ୱର ପାଢ଼ୀ, ଙ୍କାଇଁ ପ୍ରମୁଖ ଦିବଂଗତ ଗୁଣାବଳୀ, ସଂଗ୍ରାମ, ତ୍ୟାଗ, ସତ୍ୟ ଓ ନିଷ୍ଠାପର ସେବା ଓ ସମର୍ପିତ ବ୍ୟକ୍ତିତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହ ଓ କ୍ଷୁଦ୍ର କବିତା ମାନ ଗାୟନ କରିଥିଲେ। ଜ୍ୟୋଷ୍ଠା କନ୍ୟା ଦୀପ୍ତିମୟୀ ପାଢୀ ଧନ୍ୟବାଦ ଦେଇଥିଲେ।

ଜଙ୍ଗଲ ଆଇନ ଉଲ୍ଲଙ୍ଘନ

ଠାକୁରାଣୀ ଲୌହଖଣିକୁ କାରଣ ଦର୍ଶାଅ ନୋଟିସ

କେନ୍ଦୁଝର,୧୪।୨(ସମିସ): ଜଙ୍ଗଲ ଆଇନ ଉଲ୍ଲଙ୍ଘନ ଅଭିଯୋଗରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଠାକୁରାଣୀ ଲୌହଖଣିର ଅକ୍ୟୁପାୟରଙ୍କୁ ନୋଟିସ କରିଛନ୍ତି। ଗତ ଜାନୁଆରୀ ୧୯ ତାରିଖରେ ଏସିଏଫ୍ ପ୍ରତୀକ ଇନ୍ଦଲକର, ବଡବିଲ ରେଞ୍ଜର ସଞ୍ଜୀବ କୁମାର ରାଉତ ଖଣି ଯାଞ୍ଚବେଳେ ବହୁ ଅନିୟମିତତା ଜଣାପଡ଼ିଥିଲା। ଠାକୁରାଣୀ-ନାଳଦା ରାସ୍ତା ଓ ନାଳଦା କିରିବୁର ରାସ୍ତାରେ ପାଣି ସିଞ୍ଚନ ହେଉ ନଥିବାରୁ ବ୍ୟାପକ ଧୂଳି ଉଡ଼ି ପରିବେଶ କ୍ଷତିଗ୍ରସ୍ତ ହେଉଛି। ଖଣିର ଗାଡି ପାର୍କି ସ୍ଥାନରେ ବ୍ୟାପକ ଧୂଳି ଉଡୁଛି। ଖଣିକୁ ଯାଇଥିବା ରାସ୍ତା ଠାକୁରାଣୀ ସଂରକ୍ଷିତ ଜଙ୍ଗଲ ଦେଇ ଯାଉଥିବାବେଳେ ଏହାର କିସମ ଅଣଜଙ୍ଗଲରେ ପରିବର୍ତ୍ତନ ହୋଇନାହିଁ। ଏହାସତ୍ତ୍ୱେ ଉକ୍ତ ରାସ୍ତାକୁ ବ୍ୟବହାର କରାଯାଉଥିବାରୁ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ରଖିଲାପହେଉଛି। ସେହିପରିଖଣିସଂସ୍ଥା ଦ୍ୱାରା ହୋଇଥିବା ବନୀକରଣ ସଠିକ୍ ଭାବରେ ରକ୍ଷଣାବେକ୍ଷଣ ହେଉ ନଥିବାରୁ ଅଧାରୁ ଅଧିକ ଗଛ ନଷ୍ଟ ହୋଇଯାଇଛି। ଗାଡ଼ି ଚଳାଚଳ ଯୋଗୁଁ ଆଖପାଖ ଗ୍ରାମରେ ଧୂଳି ଉଡ଼ି ବାୟୁ ପ୍ରଦୂଷଣ ହେଉଛି। ବ୍ୟାପକ ବାୟୁ ପ୍ରଦୂଷଣ ଯୋଗୁଁ ଲୋକମାନେ ଶ୍ୱାସଜନିତ ରୋଗରେ ପଡୁଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚଙ୍କ ଅଭିଯୋଗ ନୋଟିସରେ ଉଲ୍ଲେଖ ରହିଛି। ପ୍ରଦୂଷଣ ରୋକିବା ପାଇଁ ଗ୍ରାରଲାଣ୍ଡ ଡ୍ରେନ, ରିଟେନିଂ ୱାଲ, ଡମ୍ପୟାର୍ଡ ପରିଚାଳନା ଆଦି ଠିକ୍ ଭାବରେ କରାଯାଇନାହିଁ। ତୁରନ୍ତ ପ୍ରତିକାର ପଦକ୍ଷେପ ନେବାକୁ ନୋଟିସରେ ଉଲ୍ଲେଖ ରହିଛି। ଏହାର କପି ପିସିସିଏଫ(ନୋଡାଲ), ରାଉରକେଲା ଆରସିସିଏଫ୍, ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ଜେନରୋଲ ଅଫ୍ ଫରେଷ୍ଟ, କେନ୍ଦୁଝର ଜିଲ୍ଲାପାଳ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

ସ୍ତ୍ରୀକୁ ସନ୍ଦେହ କରି ହତ୍ୟାକଲା ସ୍ୱାମୀ

ଯୋଡ଼ା, ୧୪।୨(ସମିସ): କେନ୍ଦୁଝର ଜିଲ୍ଲା ବାମେବାରି ଥାନା ବ୍ରାହ୍ମଣୀଡିହା ଗ୍ରାମରେ ନିଜ ସ୍ତ୍ରୀକୁ ସନ୍ଦେହ କରି ହତ୍ୟା କରିଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛ। ଉକ୍ତ ଗ୍ରାମର ଗୋବିନ୍ଦ ମୁଣ୍ଡାଙ୍କ ସ୍ତ୍ରୀ ଅନ୍ୟ ପୁରୁଷ ସହ ସମ୍ପର୍କ ନେଇ ଅନେକ ସମୟରେ କଳହ ହୋଇଆସୁଥିଲା। ଶୁକ୍ରବାର ସନ୍ଧ୍ୟାରେ ଏହି ଘଟଣାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇ କଳହ ହୋଇଥିଲା। ଏଥିରେ ସ୍ୱାମୀ ଗୋବିନ୍ଦ ମୁଣ୍ଡା ଉତ୍କ୍ଷିପ୍ତ ହୋଇ ଏକ ଧାରୁଆ କୁରାଢ଼ିରେ ସ୍ତ୍ରୀ ରଜନୀ ମୁଣ୍ଡା (୨୮)ଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ରଜନୀଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଅଭିଯୁକ୍ତ ସ୍ୱାମୀ ଗୋବିନ୍ଦ ମୁଣ୍ଡାକୁ ଶନିବାର ଗିରଫ କରି ହତ୍ୟା ମାମଲାରେ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି।

ଟୁକୁଣା ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୪।୨ (ସମିସ): ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ମହାବିଦ୍ୟାଳୟ, ଟୁକୁଣାର ଶାସ୍ତ୍ରୀ (+୩) ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷା ଡଃ ଇନ୍ଦିରା ଶୁଭଦର୍ଶିନୀ ଚକ୍ର, ପ୍ରଫୁଲ୍ଲ ବେହେରା, ଡ଼ଃ ଗୋପୀନାଥ ପଣ୍ଡା, ସୁଦର୍ଶନ ସାହୁ, ଡଃ ଭୋଲେଶ୍ୱର ପ୍ରଧାନ ଓ ଯଦୁମଣି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପୀତବାସ ଦାସ, ହରିଆ ବେହେରା, ସୁନୀଲ ଯେନା, ଜ୍ୟୋତିରଂଜନ ଦାସ, ଅଙ୍କିତା ଉପାଧ୍ୟାୟ, ସ୍ୱପ୍ନାରାଣୀ ଦାସ, ସୁନୟନା ଶର୍ମା, ରକ୍ଷାକର ଦାସ, ମନ୍ମଥ ମିଶ୍ର, ସ୍ମୃତିରେଖା ମିଶ୍ର, ଲିମା ଯେନା, ଶ୍ରାବଣୀ ଜେନା, ଦମୟନ୍ତୀ ମିଶ୍ର, ଲିଜା ଦାସ, ଲକ୍ଷ୍ମୀପ୍ରିୟା ଦାସ, ସ୍ୱାତୀ ଦାସ, ସୋନାଲି ବେହେରା ସହଯୋଗ କରିଥିଲେ।

ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ



କେନ୍ଦୁଝର,୧୪।୨(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ଗତିକୃଷ୍ଣ ବାରିକ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅଧ୍ୟାପିକା ସ୍ନିଗ୍ଧା ମିଶ୍ର, ଅଧ୍ୟାପକ ନିରଞ୍ଜନ ସାହୁ, ସତ୍ୟବ୍ରତ ସାହୁ, ମାନିନୀ ସାହୁ, ମଧୁସ୍ମିତା ପ୍ରଧାନ, ପ୍ରଶିକ୍ଷିକା କୁମୁଦିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଜାତୀୟ ସଫ୍ଟବଲରେ ଗୋଲାବନ୍ଧର ତେଜିସ୍ୱା



ତେଲକୋଇ. ୧୪।୨(ସମିସ): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସ୍କୁଲ ଗେମ୍ସ ଫେଡେରେସନ ଦ୍ୱାରା ଅଫ ଇଣ୍ଡିଆ ଦ୍ୱାରା ଛତିଶଗଡ଼ର ବିଳାସପୁରଠାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା ୨୦୨୫-୨୬ ଅନ୍ତର୍ଗତ ୧୭ ବର୍ଷରୁ କମ ବାଳିକା ସଫ୍ଟବଲ ଖେଳରେ ତେଲକୋଇ ବ୍ଲକ ଛାମୁଣ୍ଡା ପଞ୍ଚାୟତ ଗୋଲାବନ୍ଧସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ମାଧମିକ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ତେଜିସ୍ୱା ବିଶ୍ୱାଳ ଅଂଶଗ୍ରହଣ କରି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ଗୋଲାବନ୍ଧ ଗ୍ରାମର ଦିଲୀପ ବିଶ୍ୱାଳ ଓ ନିରୁପମା ବିଶ୍ୱାଳଙ୍କ ସୁପୁତ୍ରୀ ତେଜିସ୍ୱା ବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ପ୍ରୋତ୍ସାହନ ଏବଂ କ୍ରୀଡ଼ା ଶିକ୍ଷକ ସୁଜିତ କୁମାର ରଣାଙ୍କ ପ୍ରଶିକ୍ଷଣରେ ଏହି ସଫଳତା ଅର୍ଜନ କରିଛନ୍ତି। ସେ ତେଲକୋଇ ବ୍ଲକ ଏବଂ ପରେ ଆନନ୍ଦପୁରରେ ଜିଲ୍ଲା, ପରେ ବାଲେଶ୍ୱରରେ ରାଜ୍ୟ ସ୍ତରରେ ସଫଳତା ଅର୍ଜନ କରି ସଫ୍ଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ତାଙ୍କୁ ବିଦ୍ୟାଳୟ ସ୍ତରରେ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

ଓଡ଼ିଶା ଫୁଟବଲ ଦଳର ମ୍ୟାନେଜର ଓ କୋଚ୍‌ଙ୍କୁ ସମ୍ବର୍ଦ୍ଧନା



ବଡ଼ବିଲ, ୧୪।୨(ସମିସ): ଚମ୍ପୁଆ ଅଞ୍ଚଳର ମୂଳ ନିବାସୀ ବଡ଼ବିଲଠାରେ ଶିକ୍ଷା, ଖେଳକୁଦ ଓ ପରେ ଚାକିରି ଜୀବନ ଆରମ୍ଭ କରିଥିବା ସଞ୍ଜୟ ନାଏକ ଚଳିତ ବର୍ଷ ଓଡ଼ିଶା ଫୁଟବଲ ଆସୋସିଏସନ୍ ତରଫରୁ ସନ୍ତୋଷ ଟ୍ରଫି ଖେଳିବାକୁ ଘୋଷଣା ହୋଇଥିବା ଫୁଟବଲ ଦଳର ମ୍ୟାନେଜର ଏବଂ କୋଚ ଭାବରେ ମନୋନୀତ ହୋଇଛନ୍ତି। ଏନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଆଜି ବଡ଼ବିଲର ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିକାଶମହଲ ସଭଗୃହରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଶ୍ରୀ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରୟାସ, ବଡ଼ବିଲ ପ୍ରେସ କ୍ଲବ୍, ସାହିତ୍ୟ ଘର ଓ ଆଦର୍ଶ ୱେଲଫେୟାର ଟ୍ରଷ୍ଟର କର୍ମକର୍ତ୍ତାଙ୍କ ତରଫରୁ ଆୟୋଜିତ ହୋଇଥିଲା।

ବିଭିନ୍ନ ସ୍ଥାନରେ ଆନୁଷ୍ଠାନିକ ପିତୃମାତୃ ପୂଜନ







ଆନନ୍ଦପୁର, ୧୪।୨ (ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିର ବୌଦ୍ଧିକ ମଣ୍ଡପଠାରେ ଶିଶୁମାନଙ୍କ ଦ୍ୱାରା ପିତୃମାତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ପାତ୍ର ଦୀପ ପ୍ରଜ୍ୱଳନ କରିଥିଲା ବେଳେ ସଭାପତି ଉଷାରାଣୀ ଜେନା, ଉପସଭାପତି ଜଗନ୍ନାଥ ସିଂ, ସଦସ୍ୟା ମୋହିନୀ ମହାନ୍ତ, ବିଦ୍ୟାଳୟର ପ୍ରଥମ ପ୍ରଧାନଆଚାର୍ଯ୍ୟ ବସନ୍ତ ସାହୁ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀ ହରେକୃଷ୍ଣ ପତି ଓ ଗୁରୁମା ବିଷ୍ଣୁପ୍ରିୟା ସାହୁ ସଞ୍ଚାଳନ କରିଥିଲେ। ୨୦୦ରୁ ଉର୍ଦ୍ଧ୍ୱ ପିତାମାତା ଉପସ୍ଥିତ ଥିଲା ବେଳେ ଗୁରୁମା ଅହଲ୍ୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀ ପଙ୍କଜ ମହାନ୍ତି, ଯୁଧିଷ୍ଠିର ମିଶ୍ର, ବିଶ୍ୱଜିତ ଖୁଣ୍ଟିଆ, ହେମନ୍ତ ସାହୁ, ବଳରାମ ସେନାପତି, ଗୁରୁମା କିରଣବାଳା ବେହୁରିଆ, ବୀଣା ପାଣିଗ୍ରାହୀ, ଅନୁପମା ସାହୁ, ମାନସ ମଞ୍ଜରୀ ସାହୁ, ସ୍ମୃତିରେଖା ଚାନ୍ଦ, ଜ୍ୟୋସ୍ନାରାଣୀ ପଣ୍ଡା ଓ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

ଯୋଡ଼ା: ଶ୍ରୀଯୋଗ ବେଦାନ୍ତ ସେବା ସମିତି ଯୋଡ଼ା ଶାଖା ପକ୍ଷରୁ ହଟିଙ୍ଗରେ ମାତୃ ପିତୃ ପୂଜନ ଦିବସ ପାଳନ କରାଯାଇଛି। ହିଲଟପ୍ ପ୍ରାଇମେରୀ ସ୍କୁଲ, ଯୋଡା ବସ୍ତି ସ୍କୁଲ, ତଲକ୍ ହଟିଙ୍ଗ, ହୀରାକୁଦ କଲୋନୀ ପ୍ରାଇମେରୀ ସ୍କୁଲ୍, ବନେଇକଳା ପ୍ରାଇମେରୀ ସ୍କୁଲ, ଯୋଡା ଇଷ୍ଟ ଏମ୍‌ଇଓୟୁପି ସ୍କୁଲ କୁନ୍ଦୁରୁ ନାଲ ପ୍ରାଇମେରୀ ସ୍କୁଲ, ହୁଡ଼ିସାହି କଲୋନୀ, ଯୋଡା ଲକ୍ଷ୍ମୀ ମନ୍ଦିର ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ସମିତି ସମ୍ପାଦକ ରଶ୍ମିରଞ୍ଜନ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। କୁରୁଡି ସରସ୍ୱତୀ ଶିଶୁ ମନ୍ଦିରରେ ମାତୃପିତୃ ପୂଜନ ଦିବସରେ ଛାତ୍ରୀଛାତ୍ରମାନେ ମାତାପିତାଙ୍କ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ।

ଚମ୍ପୁଆ: ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଯୋଗ ବେଦାନ୍ତ ସମିତିର କେନ୍ଦୁଝର ଜିଲ୍ଲା ପ୍ରଭାରୀ ଚନ୍ଦ୍ରାବତି ମହାନ୍ତ ଯୋଗ ଦେଇ ମାତୃ ପିତୃ ପୂଜନର ଆବଶ୍ୟକତା ଓ ଛାତ୍ର ଛାତ୍ରୀଙ୍କ ଉପରେ ଏହାର ପ୍ରଭାବ ବିଷୟରେ ଅବଗତ କରିଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କୁ ପିତାମାତା ଆଶୀର୍ବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ଗୁରୁଜୀ ଗୁରୁମାଆ, ମାତୃ ଭାରତୀ, କନ୍ୟା ଭାରତୀର ଛାତ୍ରୀମାନେ ସହଯୋଗ କରିଥିଲେ। ଏଥିରେ ୧୦୦ରୁ ଅଧିକ ଅଭିଭାବକ ଓ ଅଭିଭାବିକା ଯୋଗଦେଇଥିଲେ।